

ୟାମି-ଇମ୍ରାନ୍ 'ଫାଷ୍ଟ ଟାଇମ୍'
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-86 ◆FRIDAY ◆19 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୬ ◆ଶୁକ୍ରବାର ◆୧୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗାଁ ଧୋଇନେଲା ବାଦଲଫଟା ବର୍ଷା

## ୧୦ ନିଖୋଜ, ମସୁରୀରେ ଫସିଛନ୍ତି ୨୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

## ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ



■ **ନୂଆଦିଲ୍ଲୀ, ୧୮ ।୯ (ଏଜେନ୍ସି):** ଦେଶରୁ ମୌସୁମୀରେ ଲେଉଟାଣି ଆରମ୍ଭ ହୋଇଥିବା ବେଳେ ଉତ୍ତରାଖଣ୍ଡରେ ଦ୍ୱିତୀୟ ଦିନ ପାଇଁ ବାଦଲଫଟା ବର୍ଷା ହୋଇଛି । ଗତକାଲି ରାତିରେ ଚାମୋଲୀ ଜିଲ୍ଲାର ନନ୍ଦାନଗର ଘାଟିରେ ହୋଇଥିବା ବାଦଲଫଟା ବର୍ଷାରେ ଗୋଟିଏ ଗାଁ ଭାସିଯାଇଥିବା ବେଳେ ନିକଟବର୍ତ୍ତୀ କୁନ୍ତ୍ରି ଲଙ୍ଗାଫଲି ୱାର୍ଡରେ ୬ଟି କୋଠାଘର ଭୁଶୁଡ଼ି ପଡ଼ିଛି । ଏଥିରେ ୧୦ ଜଣ ଲୋକ ନିଖୋଜ ହୋଇଯାଇଛନ୍ତି । ଏପର୍ଯ୍ୟନ୍ତ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଛି । ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଓ ଜିଲ୍ଲାର ଅନ୍ୟ ଟିମ୍ ଗୁଡିକ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ତରଫରୁ ଆମ୍ବୁଲାନ୍ସ ଟିମ୍ ମଧ୍ୟ ପଠାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ ଡେରାଡୁନ ଓ ମସୁରୀକୁ ସଂଯୋଗ କରୁଥିବା ୩୫ କିମି ରାସ୍ତାରେ ଏକାଧିକ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି । ଫଳରେ ମସୁରୀରେ ୨୫୦୦ ପର୍ଯ୍ୟଟକ କ୍ରମାଗତ ତୃତୀୟ ଦିନ ପାଇଁ ଫସି ରହିଛନ୍ତି । ସେପଟେ ହିମାଚଳ ପ୍ରଦେଶରେ ମୌସୁମୀ ଜନିତ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୪୧୯ରେ ପହଞ୍ଚିଛି । ଉତ୍ତରାଖଣ୍ଡ ଓ ହିମାଚଳରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି । ସେହିପରି ଉତ୍ତରପ୍ରଦେଶରେ ୪୧ଟି ଜିଲ୍ଲାରେ ପୁଣି ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି । ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ମେ ୨୪ରେ କେରଳକୁ ଛୁଇଁ ଥିଲା । ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ସାରାଦେଶରେ ▶ପୃଷ୍ଠା-୭

# ପ୍ରଥମ ଦିନରୁ ବିଧାନସଭା ଗରମ

## ଅନାସ୍ଥା ଆଣିଲା କଂଗ୍ରେସ; ସମର୍ଥନ ଦେଲା ସିପିଏମ୍

■ **ଭୁବନେଶ୍ୱର, ୧୮ ।୯ (ସମିସ):** ଗୁରୁବାର ଆରମ୍ଭ ହୋଇଛି ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ । ପ୍ରଥମ ଦିନରୁ ହିଁ ବିଧାନସଭା ସରଗରମ ହୋଇଛି ଓ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଆଣିଛି ଅନାସ୍ଥା ପ୍ରସ୍ତାବ । ୧୫ ଜଣ ବିଧାୟକଙ୍କ ଦସ୍ତଖତ ଥିବା ଅନାସ୍ଥା ପ୍ରସ୍ତାବ ନୋଟିସକୁ କଂଗ୍ରେସ ବିଧାନସଭା

### ଗୃହରେ ଦିବଂଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି

### ଠିକ୍ ସମୟରେ ନିଆଯିବ ଠିକ୍ ନିଷ୍ପତ୍ତି: ବିଜେଡି

■ **ଭୁବନେଶ୍ୱର, ୧୮ ।୯ (ସମିସ):** ସରକାରଙ୍କ ବିରୋଧରେ କଂଗ୍ରେସର ଅନାସ୍ଥା ପ୍ରସଙ୍ଗରେ ବିଜେଡି ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବ ବୋଲି କହିଛନ୍ତି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ସେ କହିଛନ୍ତି ଯେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିବା ଶୁଣୁଛୁ । ଆଜି ଏ ସଂକ୍ରାନ୍ତରେ ସେମାନେ ନୋଟିସ ଦେଇଛନ୍ତି । ବାଚସ୍ପତି ତାହାକୁ ଗ୍ରହଣ କରିବେ କି ନାହିଁ ଏବଂ କେବେ ଏହା ଉପରେ ଆଲୋଚନା ହେବ ସେ ବିଷୟରେ ଆମେ ଅବଗତ ନାହୁଁ । ବାଚସ୍ପତି ଆଗ ଅନାସ୍ଥାକୁ ଗ୍ରହଣ କରନ୍ତୁ; ତା'ପରେ ଦଳ ଠିକ୍ ସମୟରେ ନିଷ୍ପତ୍ତି ନେବ । ଅନାସ୍ଥା ବିଷୟରେ ଏଯାଏ କୌଣସି ଆଲୋଚନା ହୋଇନାହିଁ ବୋଲି ପ୍ରସନ୍ନ କହିଛନ୍ତି ।

ସଚିବଙ୍କ ଜରିଆରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରଦାନ କରିଛି । ଏହି ଅନାସ୍ଥା ପ୍ରସ୍ତାବକୁ ସିପିଆଇ(ଏମ) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ସମର୍ଥନ କରିଛନ୍ତି । ଏହାସହିତ ସମର୍ଥନ ଦେବାକୁ କଂଗ୍ରେସ ମଧ୍ୟ ବିଜେଡିକୁ ଅନୁରୋଧ କରିଛି । ତେବେ ଅନାସ୍ଥା ସମ୍ପର୍କରେ ବାଚସ୍ପତି କିମ୍ବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇନାହିଁ । ଅନାସ୍ଥାର ବୈଧତା ନେଇ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ନଜର ରହିଛି । କଂଗ୍ରେସର ଏହି ନିଷ୍ପତ୍ତି ରାଜ୍ୟ ରାଜନୀତିକୁ ଉଷ୍ମ କରିଥିବା ବେଳେ ବଳକା ୬ ଦିନ ଗୃହ ସରଗରମ ରହିବ ବୋଲି ଆକଳନ କରିଛନ୍ତି ରାଜନୈତିକ ସମୀକ୍ଷକ ।

ଗୁରୁବାର ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକମାନେ ଅନାସ୍ଥା ପ୍ରସ୍ତାବ ନୋଟିସ ବିଧାନସଭା ସଚିବଙ୍କ ଜରିଆରେ ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ । ପରେ କଂଗ୍ରେସ ବିଧାୟକ ଦଳ ନେତାଙ୍କ ନେତୃତ୍ୱରେ ବରିଷ୍ଠ ବିଧାୟକ ତାରା ବାହିନୀପତି, ସି ଏସ ରାଜନ୍ ଏକ୍କା, ପବିତ୍ର ସାଉନ୍ତା ପ୍ରମୁଖ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ▶ପୃଷ୍ଠା-୭



### କ'ଣ ରହିଛି ନିୟମ

■ **ଭୁବନେଶ୍ୱର, ୧୮ ।୯ (ସମିସ):** କଂଗ୍ରେସ ବିଧାନସଭାରେ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି । ତେବେ ସଂସଦୀୟ କାର୍ଯ୍ୟପ୍ରଣାଳୀରେ ଅନୁଭବ ରଖୁଥିବା ବିଶେଷଜ୍ଞଙ୍କ ଅନୁଯାୟୀ ଗୃହର ଅଧ୍ୟକ୍ଷ ତଥା ବାଚସ୍ପତି ଅନାସ୍ଥା ଗୃହରେ ଆଗତ ହେବ ନା ଅଗ୍ରାହ୍ୟ ହେବ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ । ଯଦି ବାଚସ୍ପତି କୌଣସି କାରଣରୁ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦିଅନ୍ତି, ତାହେଲେ ପ୍ରକ୍ରିୟା ଆଗକୁ ବଢ଼ିବ ନାହିଁ । ନଚେତ୍ ଆସନ୍ତାକାଲି ବାଚସ୍ପତି ଅନାସ୍ଥା ପ୍ରସ୍ତାବ ସପକ୍ଷରେ କେତେଜଣଙ୍କର ସମର୍ଥନ ରହିଛି, ସେନେଇ ଗୃହରେ ▶ପୃଷ୍ଠା-୭

# ଭାରତ ଉପରୁ ଉଠିପାରେ ଟ୍ରମ୍ପ ଟାରିଫ୍

## ୨୫% ଜୋରିମାନା ବାବଦ ଅତିରିକ୍ତ ଶୁଳ୍କ ହଟିବ

■ **ନୂଆଦିଲ୍ଲୀ, ୧୮ ।୯ (ଏଜେନ୍ସି):** ଆମେରିକା ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥିବା ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ବା ଟାରିଫ୍ ଖୁବ୍ ଶୀଘ୍ର ହଟିବ । ଏହାଛଡା ପାରସ୍ପରିକ ଶୁଳ୍କ ୧୦ରୁ ୧୫% ପର୍ଯ୍ୟନ୍ତ ହ୍ରାସ ହେବ । ସମ୍ଭବତଃ ନଭେମ୍ବର ଶେଷ ବା ଡ଼ିସେମ୍ବର ପ୍ରଥମ ସପ୍ତାହରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କହିଛନ୍ତି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ଅଗ୍ରଗତି ନେଇ ମଧ୍ୟ ସଙ୍କେତ ପ୍ରଦାନ କରିବା ସହ ରୁଷରୁ ତେଲ କିଣାକୁ ନେଇ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଲାଗୁ କରିଥିବା ୨୫% ଅତିରିକ୍ତ ଟାରିଫ୍ ହଟାଇବା ସଂକ୍ରାନ୍ତ ଘୋଷଣା ଶୀଘ୍ର କରିପାରେ । କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ ଏହି ସୂଚନା ପ୍ରଦାନ କରିଛନ୍ତି ।

ସେ କହିଛନ୍ତି ଯେ ଆଗାମୀ ୮ରୁ ୧୦ ସପ୍ତାହ ମଧ୍ୟରେ ଆମେରିକା ଶୁଳ୍କ ସମସ୍ୟାର ସମାଧାନ ହୋଇଯିବ । ଏକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଆଲୋଚନା ଅଗ୍ରଗତିର ସଙ୍କେତ ମିଳିଛି । ଯାହା ପ୍ରାୟ ୫୦ ବିଲିୟନ ଡଲାର ମୂଲ୍ୟର ଭାରତୀୟ ରପ୍ତାନି ଉପରେ ଚାପ ହ୍ରାସ କରିବାକୁ ସମର୍ଥ ହେବ । ଆମେରିକା ପ୍ରଥମେ ଭାରତ ଉପରେ ୨୫% ପାରସ୍ପରିକ ଶୁଳ୍କ ଲାଗୁ କରିଥିଲା; କିନ୍ତୁ ରୁଷୀୟ ତେଲ କ୍ରୟ ପ୍ରସଙ୍ଗରେ ଦଣ୍ଡ ସ୍ୱରୂପ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛି । ଫଳରେ ଭାରତ ଉପରେ ମୋଟ ଶୁଳ୍କ ୫୦%କୁ ବୃଦ୍ଧି ପାଇଛି । ବିଭିନ୍ନ ଅନ୍ତର୍ନିହିତ ସମସ୍ୟାର ସମାଧାନ ପାଇଁ ଆମେରିକା ଏବଂ ଭାରତ ସରକାରଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ଚାଲିଛି ।

ଭାରତ ଉପରେ ଆମେରିକାର ୨୫% ପ୍ରତିଶୋଧମୂଳକ ଶୁଳ୍କ ଏବଂ ରୁଷରୁ ତେଲ କିଣିବା ପାଇଁ ଦଣ୍ଡ ସ୍ୱରୂପ ୨୫% ଶୁଳ୍କ ଯୋଗୁଁ ମୋଟ ଶୁଳ୍କ ୫୦%ରେ ପହଞ୍ଚିଛି ଏବଂ ଏହା ୮୫,୦୦୦ କୋଟି ଟଙ୍କା ମୂଲ୍ୟର ଭାରତର ରପ୍ତାନିକୁ ଗୁରୁତର ଭାବରେ ପ୍ରଭାବିତ କରିଛି । ମଙ୍ଗଳବାର ଭାରତର ମୁଖ୍ୟ ବାଣିଜ୍ୟ ଆଲୋଚନାକାରୀ ତଥା ବାଣିଜ୍ୟ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ ଆମେରିକାର ବାଣିଜ୍ୟ ପ୍ରତିନିଧି ବ୍ରେଣ୍ଡନ ଲିଞ୍ଚଙ୍କୁ ଭେଟିଥିଲେ । ଆମେରିକାର ପ୍ରତିନିଧିମଣ୍ଡଳ ଚଳିତମାସ ୧୬ରେ ଏକ ବାଣିଜ୍ୟ ▶ପୃଷ୍ଠା-୭

## ମୋଟର ଦୁର୍ଘଟଣା ବୀମା ଟଙ୍କା ହଡ଼ପ ପାଇଁ ଷଡ଼ଯନ୍ତ୍ର

# ୩୩ ମାମଲାର ତଦନ୍ତ କରିବ ସିବିଆଇ

■ **ଭୁବନେଶ୍ୱର, ୧୮ ।୯ (ସମିସ):** ରାଜ୍ୟରେ ଦିନକୁ ଦିନ ରାସ୍ତା ଦୁର୍ଘଟଣା ମାମଲା ବଢ଼ି ଚାଲିଛି । ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ସଡ଼କ ଦୁର୍ଘଟଣା ଘଟି ଅକାଳରେ ଲୋକଙ୍କ ଜୀବନ ଯାଉଛି । କେତେକ କ୍ଷେତ୍ରରେ ମୃତକଙ୍କ ଆତ୍ମୀୟଙ୍କୁ ରାଜ୍ୟ ସରକାର ଦୁର୍ଘଟଣା ସହାୟତା ରାଶି ଦେଉଥିବାବେଳେ ଆଉ କିଛି ବୀମାଭୁକ୍ତ ହୋଇଥିବା ଯାନ ଏବଂ ମୃତକଙ୍କ ପରିବାରକୁ କଂପାନୀ ପକ୍ଷରୁ ବୀମା ଅର୍ଥ ମିଳିଯାଉଛି । ଏଥିରୁ ଫାଇଦା ଉଠାଇବାକୁ ଯାଇ ଆଉ କିଛି ମୃତ୍ୟୁ ଘଟଣାକୁ ଦୁର୍ଘଟଣାର ରୂପ ଦିଆଯାଇ ବୀମା କଂପାନୀରୁ ଅର୍ଥ ହଡ଼ପ କରାଯାଉଥିବାର ଅଭିଯୋଗ ଉଠୁଛି । ଏକ ବୀମା କଂପାନୀର ଏମିତି କିଛି ଅଭିଯୋଗ ଉପରେ ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମାମଲା ସିବିଆଇ ତଦନ୍ତ ଚାଲୁ ରହିଥିବାବେଳେ ଏବେ ରାଜ୍ୟର ୩୦ଟି ଥାନାରେ ଥିବା ୩୩ଟି ଏମିତି ଦୁର୍ଘଟଣା ଦାବି ମାମଲାର ସିବିଆଇ ତଦନ୍ତ କରିବ । ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ଆଜି ମାମଲା ରୁଜୁ କରିଛି ।

### ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ

### ପୁଲିସ ସହ ସାଲିସ କରି ଟଙ୍କା ଲୁଟୁଛନ୍ତି ଦଲାଲ

ହାଇକୋର୍ଟରେ ଦାଖଲ ମାମଲାରେ କଂପାନୀ ପକ୍ଷରୁ କୁହାଯାଇଛି ଯେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ନ ହୋଇଥିଲେ ମଧ୍ୟ ଜାଲ୍ କାଗଜପତ୍ରରେ ଦୁର୍ଘଟଣା ହୋଇଥିବା ଦର୍ଶାଉଛନ୍ତି । ଏହି ଠକମାନଙ୍କୁ ସ୍ଥାନୀୟ ଥାନାର କିଛି କର୍ମଚାରୀ ସହଯୋଗ କରୁଛନ୍ତି । ଯାହାଫଳରେ ଦଲାଲମାନେ ଥାନାରୁ ମିଛ ଅଭିଯୋଗ ଆଧାରରେ ଏତଲା କରୁଛନ୍ତି । ଏହାଦ୍ୱାରା ସେମାନେ ଇନ୍‌ସ୍ୟୁରାନ୍ସ ଟଙ୍କାକୁ ହରିଲୁଟ୍ କରି ନେଉଛନ୍ତି । ପୁଲିସ ଜାଣିଶୁଣି ଦଲାଲ ସହ ହାତ କରି ମିଛ ଦୁର୍ଘଟଣା ମାମଲା ରୁଜୁ କରି ଇନ୍‌ସ୍ୟୁରାନ୍ସ ଟଙ୍କା ଲୁଟୁଛି ।

ପୂର୍ବରୁ ମିଛ ଦୁର୍ଘଟଣାଜନିତ ମାମଲା କରାଯାଇ କେନ୍ଦୁଝର ଜିଲ୍ଲାରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନିଆଯାଇଥିବା ଜଣାପଡିଥିଲା । ଇନ୍ସୁ୍ୟରାନ୍ସ ସଂସ୍ଥାର ନିଜସ୍ୱ ଟିମ୍ ଘଟଣାର ଯାଞ୍ଚ କରିବା ପରେ ଏନେଇ ହାଇକୋର୍ଟରେ ସିବିଆଇ ତଦନ୍ତ ପାଇଁ ୨୦୨୩ରେ ଆବେଦନ କରିଥିଲା । ଅଦାଲତ ଏହି ପିଟିସନ୍‌କୁ ଗୁରୁତର ସହ ନେଇ ଦସ୍ତାବିଜ୍ ଯାଞ୍ଚ କରିବା ପରେ ଏଭଳି ଜାଲିଆତି ହୋଇଥିବା ଜାଣାପଡ଼ିଥିଲା । ▶ପୃଷ୍ଠା-୭

# ନିଶ୍ଚେତକ ଦେବା ପରେ ଅସ୍ତ୍ରୋପଚାର ମେସିନ ଅଚଳ

## ଅଚେତ ଅବସ୍ଥାରେ ୭ ଘଣ୍ଟା ଶୋଇ ରହିଲେ ୨୭ ମହିଳା

■ **ବରଗଡ଼, ୧୮ ।୯ (ସମିସ):** ନିଶ୍ଚେତକ ଦେବା ପରେ ଅଚଳ ହୋଇଗଲା ଅସ୍ତ୍ରୋପଚାର ମେସିନ୍ । ଜଣେ କି ଦୁଇଜଣ ନୁହେଁ, ସମୁଦାୟ ୨୭ଜଣ ମହିଳା ସେମିତି ୭ ଘଣ୍ଟା ଧରି ବେଡ୍ ଉପରେ ଅଚେତ ଅବସ୍ଥାରେ ପଡ଼ି ରହିଲେ । ଏପଟେ ଭୟ, ଆଶଙ୍କା ମଧ୍ୟରେ ସେମାନଙ୍କ ପରିବା ରଲୋକ ଘାଣ୍ଟି ଚକଟି ହେଲେ । ବିଭିନ୍ନ ସମୟରେ ବିବାଦରେ ରହିଆସୁଥିବା ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆଜି ପୁଣି ଏମିତି ଏକ ସାଂଘାତିକ ଅଭିଯୋଗ ଆସିଛି । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଜିଲ୍ଲାର ସ୍ୱାସ୍ଥ୍ୟସେବା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି ।



ସୂଚନାନୁଯାୟୀ, ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପାଇଁ ଇଚ୍ଛୁକ ଥିବା ପ୍ରାୟ ୩୦ ମହିଳା ଆଶାଦିଦିମାନଙ୍କ ମାଧ୍ୟମରେ ଆଜି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ । ପୂର୍ବ ପ୍ରସ୍ତୁତି ଅନୁଯାୟୀ, ସବୁ କିଛି ଠିକଠାକ୍ ଚାଲିଥିଲା । ଡାକ୍ତର ମଧ୍ୟ ଠିକ୍ ସମୟରେ ପହଞ୍ଚି ଅସ୍ତ୍ରୋପଚାର ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ । ସମସ୍ତଙ୍କୁ ପ୍ରଥମେ ଆନେସ୍ଥିସିଆ ଦିଆଯିବା ପରେ ଜଣଜଣ କରି ଅସ୍ତ୍ରୋପଚାର ଆରମ୍ଭ କରାଯାଇଥିଲା । ମାତ୍ର, ୩ଜଣଙ୍କ ଅସ୍ତ୍ରୋପଚାର ସାରି ଚତୁର୍ଥ ବେଳକୁ ମେସିନ୍ ଅଚଳ ହୋଇଗଲା । ଏହା ଦେଖି ଅସ୍ତ୍ରୋପଚାର କରୁଥିବା ଡାକ୍ତରଜଣଙ୍କ ଘାବରେଇ ଯାଇଥିଲେ । ତରବରିଆ ଭାବେ ସେ ଅସ୍ତ୍ରୋପଚାର କକ୍ଷରୁ ବାହାରି ଚାଲିଯାଇଥିଲେ । ବାହାରେ ଅପେକ୍ଷା କରିଥିବା ମହିଳାଙ୍କ ସମ୍ପର୍କୀୟ କିଛି କହିବା ପୂର୍ବରୁ ଡାକ୍ତର ନିଜଆଡୁ କହିଥିଲେ ଯେ ମେସିନ ଅଚଳ ହୋଇଯାଇଛି ଏବଂ ଏବେ ଆଉ ଅସ୍ତ୍ରୋପଚାର ହୋଇପାରିବ ନାହିଁ । ଆପଣମାନେ ଆପଣଙ୍କ ସଂପର୍କୀୟଙ୍କୁ ଅନ୍ୟତ୍ର ନେଇଯାଆନ୍ତୁ, ନ ହେଲେ ଅନ୍ୟ ଦିନ ଆଣିବେ । ସେମାନେ ଭିତରକୁ ଯାଇ ଦେଖିବା ବେଳକୁ ୱାର୍ଡ ଭିତରେ ଗୋଟେଗୋଟେ ବେଡ୍‌ରେ ଦୁଇରୁ ତିନିଜଣ ମହିଳା ଅଚେତ ଅବସ୍ଥାରେ ଶୋଇ ରହିଥିଲେ । ମୋଟ ୨୭ଜଣ ମହିଳା ଅଚେତ ଅବସ୍ଥାରେ ପଡ଼ି ରହିଥିଲେ । ଏହା ଦେଖି ଅଭିଭାବକମାନଙ୍କ ▶ପୃଷ୍ଠା-୭

## କନେଷ୍ଟବଳ ଶୁଭମିତ୍ରା ହତ୍ୟା ଘଟଣା

# ସିପି ଅଫିସରେ ଥିଲା ମୃତଦେହ

■ **ଭୁବନେଶ୍ୱର, ୧୮ ।୯ (ସମିସ):** ମହିଳା କନେଷ୍ଟବଳ ଶୁଭମିତ୍ରା ହତ୍ୟା ଘଟଣାର ପର୍ଦ୍ଦାଫାସ ହେବା ପରେ ଗୋଟିଏ ପରେ ଗୋଟିଏ ତଥ୍ୟ ସାମ୍ନାକୁ ଆସୁଛି । ଗତକାଲି କେନ୍ଦୁଝର ଜିଲ୍ଲା ଘଟଗାଁ ଅଞ୍ଚଳରୁ ଶୁଭମିତ୍ରାଙ୍କ ଗଳିତ ଶବକୁ ପୁଲିସ୍ ମାଟିତଳୁ ଉଦ୍ଧାର କରିଥିଲା । ଆଜି ବ୍ୟବଚ୍ଛେଦ ପରେ ପୁରୀରେ ଅନ୍ତିମ ସଂସ୍କାର କରାଯାଇଛି । ତେବେ ଘଟଣାର ତଦନ୍ତ ବେଳେ ପୁଲିସକୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି । କମିଶନରେଟ୍ ପୁଲିସ କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟ କରୁଥିବା କନେଷ୍ଟବଳ ଦୀପକ ରାଉତ ଯୋଜନାବଦ୍ଧ ଭାବେ ୬ ତାରିଖ ଦିନ ଶୁଭମିତ୍ରାଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ନିଜ କାର୍ ଡିକିରେ ପୂରାଇ ଅଫିସ୍ ଆସିଥିଲା । କିଛି ନ ଜାଣିଲା ପରି



### ▶ ହତ୍ୟା ଅଭିଯୋଗ ଆଣିଲେ ପ୍ରଥମ ପତ୍ନୀଙ୍କ ପରିବାର
### ▶ ଖୋଲିଲା ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁ ଫାଇଲ୍
### ▶ କନେଷ୍ଟବଳ ଦୀପକ ନିଲମ୍ବିତ, ଜେଲ୍ ଗଲେ ୩

ଅଭିନୟ କରି ଅପରାହ୍ଣ ୩ଟାରୁ ୪ଟା ୧୫ମିନିଟ୍ ପର୍ଯ୍ୟନ୍ତ ପୁଲିସ ସେବା ଭବନ ପାର୍କିଂରେ କାର୍ ରଖି ଡ୍ୟୁଟି କରିଥିଲା । ଡ୍ୟୁଟି ସାରି ସେହି କାର୍ ନେଇ ଦୀପକ କେନ୍ଦୁଝର ଯାଇଥିଲା ଏବଂ ସେଠାରେ ପୂର୍ବ ଯୋଜନା ମୁତାବକ ଅନ୍ୟ ଦୁଇ ସହଯୋଗୀଙ୍କ ସହ ମିଶି ଶୁଭମିତ୍ରାଙ୍କୁ ମାଟିତଳେ ପୋତି ଦେଇଥିଲା । ବୀମା ଅର୍ଥ ହଡ଼ପ ପାଇଁ ଅଭିଯୁକ୍ତ କନେଷ୍ଟବଳ ଦୀପକ ଏଭଳି କାଣ୍ଡ ଭିଆଇଥିବା ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ଦୀପକର ପ୍ରଥମ ପତ୍ନୀଙ୍କ ପରିବାର ପକ୍ଷରୁ ଆଜି ସଙ୍ଗୀନ ଅଭିଯୋଗ ଅଣାଯାଇଛି । ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀ ରାଉତଙ୍କୁ ମଧ୍ୟ ବୀମା ଟଙ୍କା ହଡ଼ପ ପାଇଁ ଭିଣୋଇ ଦୀପକ ହତ୍ୟା କରିଛି ବୋଲି ଆଜି ଅପର୍ଣ୍ଣାଙ୍କ ସାନ ଭଉଣୀ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ପୁଲିସ ଅପର୍ଣ୍ଣାଙ୍କ 'ଦୁର୍ଘଟଣା ମୃତ୍ୟୁ' ମାମଲାକୁ ପୁଣି ଥରେ ତଦନ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ୩ବର୍ଷ ତଳୁ ଚପି ଯାଇଥିବା ଅପର୍ଣ୍ଣାଙ୍କ ମୃତ୍ୟୁର ଫାଇଲ୍ ପୁଣିଥରେ ଖୋଲିଛି । କମିସନରେଟ ପୁଲିସ ଓ କଟକ ଗ୍ରାମାଞ୍ଚଳ ପୁଲିସ ମିଳିତ ଭାବେ ତଦନ୍ତ ଆରମ୍ଭ କରିଛନ୍ତି ।

୨୦୧୮ ମସିହାରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ଦୀପକ ବିବାହ କରିଥିଲା । ୨୦୨୧ ଜୁଲାଇରେ ଅପର୍ଣ୍ଣା ଓଡ଼ାପଡ଼ା ତହସିଲ ଅଧୀନରେ ରାଜସ୍ୱ ନିରୀକ୍ଷକ ▶ପୃଷ୍ଠା-୭

## ଟ୍ରେନ୍ ଧକ୍କାରେ ଶୁଭମିତ୍ରାଙ୍କ ସମ୍ପର୍କୀୟ ମୃତ

■ **ଭୁବନେଶ୍ୱର/ନନ୍ଦନକାନନ, ୧୮ ।୯ (ସମିସ):** ଶୁଭମିତ୍ରାଙ୍କ ଅନ୍ତିମ ସଂସ୍କାର ସାରି ପୁରୀରୁ ଟ୍ରେନ୍‌ରେ ଫେରୁଥିବା ବେଳେ ପଟିଆ ଷ୍ଟେସନରେ ତାଙ୍କର ଜଣେ ସଂପର୍କୀୟଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ, ବୋଲଗଡ଼ ଅଞ୍ଚଳର ଅନ୍ନପୂର୍ଣ୍ଣା ପଟ୍ଟନାୟକ । ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ପଟ୍ଟନାୟକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

ପ୍ରଫୁଲ୍ଲ ଜଣେ ଟେଣ୍ଟହାଉସ୍ ବ୍ୟବସାୟୀ । ସେ କଟକରେ ରହନ୍ତି । ଭୁବନେଶ୍ୱର ପଟିଆରେ ବିଶ୍ୱକର୍ମା ପୂଜା ପାଇଁ ଟେଣ୍ଟ କାମ ଚାଲିଥିଲା । ଶୁଭମିତ୍ରାଙ୍କ ମୃତ୍ୟୁ ଖବର ପାଇ ଭାଙ୍ଗିପଡ଼ିଥିଲେ ଅନ୍ନପୂର୍ଣ୍ଣା ଏବଂ ପ୍ରଫୁଲ୍ଲ । ପୁରୀରେ ଶୁଭମିତ୍ରାଙ୍କ ମୃତଦେହ ସତ୍କାର ହେବା ଖବର ପାଇ ସେମାନେ ସକାଳୁ ପଟିଆ ଷ୍ଟେସନରୁ ଟ୍ରେନ୍‌ରେ ପୁରୀ ଯାଇଥିଲେ । ସେଠାରେ ଶୁଭମିତ୍ରାଙ୍କ ଶେଷକୃତ୍ୟ ସାରି ପୁରୀ-ତାଳଚେର ମେମୋ ଟ୍ରେନ୍‌ରେ ଭୁବନେଶ୍ୱର ଫେରିଥିଲେ । ସନ୍ଧ୍ୟାରେ ପଟିଆ ଷ୍ଟେସନରେ ଓହ୍ଲାଇବା ପରେ ଦୁହେଁ ଆରପଟ ପ୍ଲାଟଫର୍ମକୁ ଯିବା ପାଇଁ ଧାରଣା ପାର୍ ହେଉଥିବା ବେଳେ ଗୋଟିଏ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା ।







ଯାଜପୁର ସହରର ବିଭିନ୍ନ ମଣ୍ଡପରେ ଦେବଶିଳ୍ପୀଙ୍କ ପୂଜା

# ସାରର ଅଭାବୀ ବିକ୍ରି ▶ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଯାଜପୁର, ୧୮।୯ (ସମିସ)

ଅଲ୍ ଇଣ୍ଡିଆ କିଶାନ କ୍ଷେତ ମଜଦୁର ସଂଗଠନ (ଏଆଇକେକେଏମ୍) ଯାଜପୁର ଜିଲ୍ଲା କମିଟି ତରଫରୁ ଜିଲ୍ଲାପାଳଙ୍କୁ ସାରର ଅଭାବୀ ବିକ୍ରି, କଳାବଜାର ବନ୍ଦ କରିବା ଏବଂ ସାର ଓ କୀଟନାଶକ ଔଷଧକୁ ରିହାତି ଦରରେ ସମସ୍ତ ଚାଷୀଙ୍କୁ ଯୋଗାଇଦେବା ଦାବିରେ ଡେପୁଟେସନ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। କିଶାନ କ୍ଷେତ ମଜଦୁର ସଂଗଠନ ଏଆଇକେକେଏମ୍‌ର ଜିଲ୍ଲା ସଭାପତି କମ୍ରେଡ ଚୈତନ ସାହୁ, ସମ୍ପାଦକ କମ୍ରେଡ ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧିମାନେ ଯାଜପୁର ମେଡିକାଲ ଛକ ନିକଟରେ ଏକତ୍ରିତ ହୋଇଥିଲେ। ସେହିଠାରୁ ହାତରେ ସଂଗଠନର ବ୍ୟାନର ଧରି ଜିଲ୍ଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଉକ୍ତ ସଭାରେ ନାରାୟଣ ପରିଡ଼ା, ପ୍ରଫୁଲ୍ଲ ବେହେରା, ବିଶ୍ୱନାଥ ସାହୁ, କୀର୍ତ୍ତନ ମଲ୍ଲିକ, ବିଜୟ ସାମଲ, ରାଜକିଶୋର ନାଥ, ବିଷ୍ଣୁ ମଲ୍ଲିକ, ପବିତ୍ର ସାହୁ, ପ୍ରଫୁଲ୍ଲ ଦାସ, ଗାଲୋଖ ରଥ, ପ୍ରମୋଦ ମଲ୍ଲିକ ପ୍ରମୁଖ ବହୁ ଚାଷୀ ପ୍ରତିନିଧି ନିଜର ବକ୍ତବ୍ୟ ରଖିବା ସହିତ ଜିଲ୍ଲାପାଳଙ୍କ ସହିତ ଚାଷୀମାନଙ୍କ ତିନୋଟି ଜରୁରୀ ଦାବିନେଇ ଆଲୋଚନା କରିଥିଲେ।




## ଶିକ୍ଷାର ଘରୋଇକରଣର ପ୍ରତିବାଦ

**ଯାଜପୁର:** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକୁ ୧୩ ସେପ୍ଟେମ୍ବର ଦିନ ଜାରି କରାଯାଇଥିବା ନୋଟିସ୍‌କୁ ଏଆଇଡିଏସ୍‌ଓ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ତୀବ୍ର ନିନ୍ଦାକରି ପ୍ରତିବାଦ ସଭା ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି ନୋଟିସ୍ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକ ୪ ବର୍ଷିୟ ଆଇଟିଇପି (ଇଣ୍ଟିଗ୍ରେଡେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ପାଇଁ ଆବେଦନ କରୁଛନ୍ତି, ସେମାନେ ଚୁକ୍ତିଭିତ୍ତିକ ଅତିଥି ନିଯୁକ୍ତ କରିବେ। ଛାତ୍ରଛାତ୍ରୀଙ୍କ ପାଖରୁ ଆଦାୟ ହୋଇଥିବା କୋର୍ସ ଫି'ରୁ ହିଁ ସେମାନଙ୍କୁ ଦରମା ଦେବେ। ସେଥିପାଇଁ ଛାତ୍ରଛାତ୍ରୀ ପାଖରୁ ବାର୍ଷିକ ମୁଣ୍ଡପିଛା କୋର୍ସର ଫି' ୪୫ହଜାର ଟଙ୍କା ଆଦାୟ କରିବେ। ଉକ୍ତ ପ୍ରତିବାଦ ସଭାରେ ଏଆଇଡିଏସ୍‌ଓ ଯାଜପୁର ଜିଲ୍ଲା ସଭାନେତ୍ରୀ କମ୍ରେଡ ସଂଯୁକ୍ତା ସାହୁ କହିଛନ୍ତି ଯେ ଏହା ଦ୍ୱାରା ଶିକ୍ଷକ ଶିକ୍ଷାର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଛାତ୍ରଛାତ୍ରୀ ତୀବ୍ର ଆର୍ଥିକ ଶୋଷଣର ଶିକାର ହେବେ। ୪ ଦଫା ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସରକାରଙ୍କ ଏହି ଶିକ୍ଷାମାରଣ ନୀତିକୁ କମ୍ରେଡ ପ୍ରଭାତୀ ମଲ୍ଲିକ, କମ୍ରେଡ ମଧୁସୁଦନ ସେଠୀ, କମ୍ରେଡ ପଲ୍ଲୀ ମଲ୍ଲିକ ଦୃଢ଼ ନିନ୍ଦା କରିଥିଲେ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ



**ବ୍ୟାସନଗର, ୧୮।୯ (ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ବ୍ୟାସନଗର ସହରର ଫେରୋକ୍ରୋମ୍ ପ୍ଲାଣ୍ଟ ଓମ୍‌ସି ଲିମିଟେଡରେ ଦେବଶିଳ୍ପୀ ବାବା ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବାବା ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହେବା ସହିତ ପୂଜାପରେ କମିଟି ପକ୍ଷରୁ ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ସମୟରେ ଅଧିକ ଜନ ସମାଗମ ହୋଇଥଲା ଏବଂ ସମସ୍ତେ ଆନନ୍ଦର ସହିତ ବାବା ବିଶ୍ୱକର୍ମାଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ନୃସିଂହ ଭଗବାନ ଏବଂ ଅପରେସନ ସିନ୍ଦୂର ବାରୁଆଳି ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ପୂଜାଟି ଫେରୋକ୍ରୋମ ପ୍ଲାଣ୍ଟ ଓମସି ଲିମିଟେଡର ୟୁନିଟ ହେଡ୍ ରଶ୍ମିରଞ୍ଜନ ପରିଡ଼ାଙ୍କ ମାର୍ଗଦର୍ଶନରେ ହୋଇଥିଲା। ପୂଜା କମିଟି ମୁଖ୍ୟ ସମ୍ପାଦକ ସରୋଜ କୁମାର ଦାଶ, ପ୍ରଦୀପ କୁମାର ଦାଶ, ବିଭୁଦାନନ୍ଦ ବଳ, ମଜଦୂର ସଂଘ ସାଧାରଣ ସମ୍ପାଦକ ଜନ୍ମେଜୟ ରାଉତ ସମସ୍ତ ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯୁବ ଆଇନଜୀବୀଙ୍କ ଅକାଳ ବିୟୋଗ

**ଯାଜପୁର, ୧୮।୯ (ସମିସ):** ଯାଜପୁରର ଯୁବ ଆଇନ୍‌ଜୀବୀ ତଥା ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍‌ର ସହସମ୍ପାଦକ ସରୋଜ କୁମାର ସ୍ୱାଇଁ (୩୬)ଙ୍କ ପରଲୋକ ଘଟିଛି। କିଛିଦିନ ତଳେ ସରୋଜଙ୍କ କଟକରେ ଏକ ଅସ୍ତ୍ରୋପଚାର ହୋଇଥିବା ବେଳେ ଗତ ୩ ଦିନତଳେ ଯାଜପୁରର ବାଣପୁର ଗ୍ରାମକୁ ଫେରିଥିଲେ। ବୁଧବାର ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଓ ପଡୋଶୀମାନେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।



ଗୁରୁବାର ନିଜ ଗ୍ରାମ ବିଚିତ୍ରପୁର ପଞ୍ଚାୟତ ସମେତ ଯାଜପୁର ଜିଲ୍ଲା ଆଇନ୍‌ଜୀବୀ ମହଲରେ ଶୋକପ୍ରକାଶ ପାଇଛି। ତାଙ୍କ ଶବାଧାରକୁ ଏକ ପଟୁଆରରେ ବାରୁଣୀ ଶ୍ମଶାନ ପର୍ଯ୍ୟନ୍ତ ଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ୨ଟି ପୁଅ ଓ ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍ ପକ୍ଷରୁ ସଭାପତି ବରିଷ୍ଠ ଆଇନ୍‌ଜୀବୀ ପ୍ରତାପ ରାୟଙ୍କ ଆବାହକତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

# ମହିଳା ମହାବିଦ୍ୟାଳୟରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ




**ବ୍ୟାସନଗର, ୧୮।୯ (ସମିସ):** ବ୍ୟାସନଗର ଦଳାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ, ଜାତୀୟ ସେବା ସଂସ୍ଥା ଓ ସ୍କାଉଟ ଗାଇଡ ବିଭାଗ ପକ୍ଷରୁ ପରିବେଶ ସୁରକ୍ଷା ସମ୍ପର୍କିତ ସେଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷା ଲଳିତା ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁରରୋଡ ଆଦର୍ଶଥାନା ଅଧିକାରୀ ଆଶିଷ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ସମ୍ମାନିତ ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା, କୋରାଇ ଶିକ୍ଷାମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକ ଓ ବରିଷ୍ଠ ଅଧ୍ୟାପିକା ଡକ୍ଟର ହିରଣ୍ମୟୀ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନା ବକ୍ତବ୍ୟ ଦେଇଥିଲେ। ଅଧ୍ୟାପକ ସୁବାସଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ, ଅଧ୍ୟାପିକା ଆୟେଶା ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲା ବେଳେ ଯୁବରେଡ କ୍ରସର ଆବାହକ ଅଧ୍ୟାପକ ସୁରେନ୍ଦ୍ର କୁମାର ମଲ୍ଲିକ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ଦେଇଥିଲେ।

# ସମାଜସେବୀଙ୍କ ଜନ୍ମଦିବସ ପାଳିତ

**ଦଶରଥପୁର, ୧୮।୯ (ସମିସ):** ବରିଷ୍ଠ ବିଜେଡି ନେତା ତଥା ସମାଜସେବୀ କର୍ଣ୍ଣାଟ କେଶରୀ ଦାସଙ୍କ ୬୧ତମ ଜନ୍ମଦିବସ ପାଳିତ ହୋଇଯାଇଛି। ଦଶରଥପୁର ବ୍ଲକ ବିଜେଡି ପକ୍ଷରୁ ବ୍ଲକର ୨୦ଟି ପଞ୍ଚାୟତରେ ବିଜେଡିର କାର୍ଯ୍ୟକର୍ତ୍ତା ଏବଂ କର୍ମୀମାନଙ୍କ ପକ୍ଷରୁ ବିଭିନ୍ନ ମନ୍ଦିରରେ ଦୀପଦାନ ତଥା ପୂଜାର୍ଚ୍ଚନା ସହିତ ଏକାଧିକ ପଞ୍ଚାୟତରେ ଚାରାରୋପଣ କରାଯାଇଛି। ବ୍ଲକ ଅଧୀନ ଡାହାଣହତା ପଞ୍ଚାୟତ ଲକ୍ଷ୍ମୀନାରାୟଣ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଛି। ଯାଜପୁର ବିଧାୟିକା ସୁଜାତା ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, କାଞ୍ଚନବାଳା ପରିଡ଼ା, ରାଜଶ୍ରୀ ସାମଲ, ସସ୍ମିତା ଧଳ, ଏସ୍‌କେ ନାଦର, ହିମାଂଶୁ ନାୟକ, କୁଞ୍ଜବିହାରୀ ଦାସ, ଅଶୋକ ନାୟକ, ନିରାକାର ସାହୁ, ପ୍ରଦୀପ ଜେନା, ପୂର୍ବତନ ସରପଞ୍ଚ କନକଲତା ଦାସ, ମନୋଜ ରାଉତ, ପ୍ରଭାତ ନାୟକ, ଶିଶିର ଧଳ, ପୂର୍ବତନ ସମିତି ସଭ୍ୟ ମହେଶ୍ୱର ସାହୁ, ମାନସ ସାମଲ, ସୁରେଶ ପ୍ରଧାନ ଓ ଅମିତ ଦାସଙ୍କ ସମେତ ବହୁ ସଂଖ୍ୟାରେ ଯୁବ, ଛାତ୍ର ଓ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇ ମନ୍ଦିରରେ ଶ୍ରୀ ଦାସଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ।



# ଚୋରି ମାମଲାରେ ଦୁଇ ଦୁର୍ବୃତ୍ତ ଗିରଫ

**ଧର୍ମଶାଳା, ୧୮।୯ (ସମିସ):** ଓଡ଼ଙ୍ଗ ଗ୍ରାମରେ ଏକ ଦୋକାନରୁ ଚୋରି ଅଭିଯୋଗରେ ପୁଲିସ ୨ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଦୁର୍ବୃତ୍ତ ସମ୍ପର୍କରେ ଦୁଇ ଭାଇ ହୋଇଥିବା ଜଣାପଡ଼ିଛି। ସୂଚନାନୁସାରେ ଗତ ୧୧ ତାରିଖ ରାତିରେ ଓଡ଼ଙ୍ଗ ଛକରେ ଥିବା ସେହି ଗ୍ରାମର ଦୀପ୍ତିରଞ୍ଜନ ଦାସଙ୍କ ଦୋକାନର ଘରେ ପଶି ଦୁଇ ଭାଇ ନଗଦ ୫୦ ହଜାର ଟଙ୍କା ସମେତ ବହୁ ସାମଗ୍ରୀ ଚୋରି କରିନେଇଥିଲେ। ଏନେଇ ଦୋକାନ ମାଲିକ ଶ୍ରୀ ଦାସ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୫୭୧/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ତଦନ୍ତରେ ଏହି ଥାନା ପଦମପୁର ଅଞ୍ଚଳର ଦୁଇଭାଇ ରାହୁଲ ଖୁଁଟିଆ ଓ ସୁବ୍ରତ ଖୁଁଟିଆ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ପୁଲିସ ଉଭୟଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେ ମାନିବାସହ ଚୋରି ହୋଇଥିବା ସାମଗ୍ରୀ ଓ ୨୭ ହଜାର ଟଙ୍କା ତାଙ୍କ ନିକଟରୁ ପୁଲିସ ଜବତ କରିଛି। ପୁଲିସ ଆଜି ଉଭୟଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଥାନାଧିକାରୀ ରଞ୍ଜନ କୁମାର ମାଝୀ ସୁଚନା ଦେଇଛନ୍ତି।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବରୀ, ୧୮।୯ (ସମିସ):** ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମେଦୁଆକୂଳ ଗ୍ରାମର ସ୍ୱର୍ଗତ ଜୟରାମ ସାହୁଙ୍କ ପୁଅ ଭିକାରି ଚରଣ ସାହୁ ନାମକ ବ୍ୟକ୍ତି ଗତ ୬ଦିନ ତଳୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ସୂଚନା ପାଇ ନଥିଲେ। ଗୁରୁବାର ଅପରାହ୍ଣରେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଡାଲୁଅ ତଳି ପକାଇବାକୁ ଯାଇଥିବା ବେଳେ ମନ୍ଦାରି ଗ୍ରାମଦେଇ ଯାଇଥିବା ପେଜୁଆ ନାଳ ନିକଟରେ ଦୁର୍ଗନ୍ଧ ହେବାରୁ ପାଖକୁ ଯାଇ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବରୀ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ତଦନ୍ତ କରିବା ସହିତ ଶବ ଉଦ୍ଧାର କାର୍ଯ୍ୟଜାରି ରଖିଥିଲେ। ପରିବାର ଲୋକେ ପହଞ୍ଚି ଉକ୍ତ ମୃତଦେହ ନିଖୋଜ ଭିକାରି ସାହୁଙ୍କର ବୋଲି ଚିହ୍ନଟ କରିଛନ୍ତି। ମୃତ୍ୟୁର କାରଣ ଜଣାପଡ଼ିନାହିଁ।

# ପୂର୍ବତନ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା



**ବିଂଝାରପୁର, ୧୮।୯ (ସମିସ):** ବିଂଝାରପୁର ବ୍ଲକ ସୟଦପୁର ଅଞ୍ଚଳରେ ଭାରତର ପୂର୍ବତନ ମୁଖ୍ୟ ନ୍ୟାୟାଧୀଶ ଏବଂ ଷଷ୍ଠ ଉପରାଷ୍ଟ୍ରପତି ମହମ୍ମଦ ହିଦାୟତୁଲ୍ଲାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ସୟଦପୁର ପଞ୍ଚାୟତର ସରପଞ୍ଚ ସେକ୍ ମହମ୍ମଦ ସବିରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଂଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଏବଂ ଗୋଷ୍ଠୀ କେନ୍ଦ୍ର ଡାକ୍ତର ସନ୍ତୋଷ କୁମାର ଦାଶ, ଡାକ୍ତର ସକିଲ ରେହମାନ ଖାନ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦ ଅଂଶଗ୍ରହଣ କରିଥିଲେ। ସଭାରେ ଅତିଥିମାନେ ମହମ୍ମଦ ହିଦାୟତୁଲ୍ଲାଙ୍କ ଜୀବନୀ, ନ୍ୟାୟବ୍ୟବସ୍ଥା ଓ ରାଜନୈତିକ କ୍ଷେତ୍ରରେ ତାଙ୍କର ଅମୂଲ୍ୟ ସଫଳତା ଓ ଅବଦାନ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇଥିଲେ। ପରେ ଅତିଥିମାନେ ସ୍ଥାନୀୟ ଲୋକମାନଙ୍କ ସହିତ ମିଶି ବୃକ୍ଷରୋପଣ କାର୍ଯ୍ୟ ସମ୍ପନ୍ନ କରିଥିଲେ।

# ବ୍ୟାସନଗରରେ ମା' ବିରଜାଙ୍କ ଷୋଡ଼ଶ ଦିବସୀୟ ପୂଜା ଆରମ୍ଭ

ବ୍ୟାସନଗର, ୧୮।୯ (ସମିସ)



ବ୍ୟାସନଗର ପୌରପରିଷଦ ଅର୍ନ୍ତଗତ ବିରଜା ନଗରଠାରେ କଲ୍ୟାଣମୟୀ ମା' ବିରଜାଙ୍କ ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜା ଉତ୍ସବ ଗତ ରବିବାର ଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷକୁ ମିଶାଇ ୫ ଥର ପାଇଁ ମା' ବିରଜାଙ୍କ ଏହି ଷୋଡ଼ଶ ଦିନାତ୍ମକ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରବିବାର ସନ୍ଧ୍ୟାରେ କଳସ ଯାତ୍ରା କରାଯିବା ପରେ ବିଧି ଅନୁଯାୟୀ ବେଦଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ମା'ଙ୍କ ଉପଚାର ଏବଂ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଆସନ୍ତା ୨୯ ତାରିଖରେ ମହାଷ୍ଟମୀ ପୂଜା ଏବଂ ୩୦ ତାରିଖରେ ମହାନବମୀ ଏବଂ ସନ୍ଧି ପୂଜା ଏବଂ ଅକ୍ଟୋବର ୧ ତାରିଖରେ ଦଶହରା ଏବଂ ଅପରାଜିତା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାନେଇ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମା'ଙ୍କ ଏହି କାର୍ଯ୍ୟକ୍ରମରେ ମନ୍ଦିର ପୂଜକ କୈଳାସ ଚନ୍ଦ୍ର ଦାଶ, ଗଉରା ଦାଶ, ମାନସ ଦାଶ, ବିରଜା କମିଟିର ଉପଦେଷ୍ଟା ବିଜୟ କୁମାର ବରାଳ, ଚନ୍ଦ୍ରମଣି ସାମଲ, ନିରଞ୍ଜନ ବିଶ୍ୱାଳ, ନୀତି ସଂଯୋଜକ ବୀରକିଶୋର ସାହୁ, ସଭାପତି ନିତ୍ୟାନନ୍ଦ ମହାଳିକ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଶ୍ରୀକାନ୍ତ କୁମାର ପାଢ଼ୀ, ପ୍ରାଧ୍ୟାପକ କାମଦେବ ଦାସ, ସୁରେନ୍ଦ୍ର ନାୟକ, ରମେଶ ଚନ୍ଦ୍ର କାଣ୍ଡି, ଭାଗ୍ୟଧର ମହାରଣା, ପ୍ରକାଶ କୁମାର ସାହୁ, ଶ୍ରୀମନ୍ତ କୁମାର ସାହୁ, ବିମାନ ଆଏଚ, ଦିଲ୍ଲୀପ ମହାନ୍ତି, ଶ୍ରୀକାନ୍ତ ମହାକୁଡ଼, ଦିବ୍ୟାଂଶୁ ମହାନ୍ତି, ବିଷ୍ଣୁଚରଣ ପଟ୍ଟନାୟକ, ରଶ୍ମି ରଞ୍ଜନ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସମୟରେ ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଇଥିଲା।

### ନଡ଼ିଆ ତୋଳିବା ମହଙ୍ଗା ପଡ଼ିଲା

# ୩୩ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ





- ୩ ଘଣ୍ଟା ରାସ୍ତା ଅବରୋଧ
- ଉଦ୍ଧାରବେଳେ ତଳକୁ ଖସିପଡ଼ିଲା ଶବ, ଅଗ୍ନିଶମ ବାହିନୀଙ୍କୁ ପିଟିଲେ ଲୋକେ
- ମୃତଦେହକୁ ମିଳିଲାନି ଆମ୍ବୁଲାନ୍ସ, ସ୍କୁଟିରେ ବୋହି ଆଣିଲେ ସାମ୍ବାଦିକ

**ଖୋର୍ଦ୍ଧା, ୧୮।୯ (ସମିସ)**

ଗଛରେ ଛଡ଼ି ନଡ଼ିଆ ତୋଳିବା ମହଙ୍ଗା ପଡ଼ିଛି ଜଣେ ଯୁବକଙ୍କୁ। ଗଛ ଉପରେ ଚଢ଼ିଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଲିଗଲା ଯୁବକଙ୍କ ଜୀବନ। ମୃତକ ହେଲେ ଖଙ୍ଗୁରିଆ ଗ୍ରାମର ପଞ୍ଚାନନ ସାହିର ଆଲୋକ ପରିଡ଼ା ଓରଫ ଜଗୁ (୩୦)। ଘଟଣାକୁ କେନ୍ଦ୍ରକରି ଦୀର୍ଘ ୩ ଘଣ୍ଟା ଧରି ଜାତୀୟ ରାଜପଥ ଉପରେ ଶବ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକ କରାଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ୍ ହୋଇଥିଲା। କିନ୍ତୁ ଉଦ୍ଧାରବେଳେ ମୃତଦେହ ତଳେ ପଡ଼ିଯିବାରୁ ଉତ୍ୟକ୍ତ ଲୋକେ ଅଗ୍ନିଶମ କର୍ମଚାରୀଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିବା ଦେଖାଯାଇଛି।

ପ୍ରକାଶ ଥାଉକି, ବୋଲଗଡ଼ ନେଳିଆ ପୋଖରୀ ନିକଟ ତୃତୀୟାପଡ଼ା-୧ ଅଙ୍ଗନବାଡ଼ି କେନ୍ଦ୍ରଠାରେ ଥିବା ନଡ଼ିଆ ଗଛରୁ ନଡ଼ିଆ ତୋଳିବା ପାଇଁ ଯାଇଥିଲେ ଜଗୁ। କିନ୍ତୁ ଗୋଟିଏ ନଡ଼ିଆ ବାହୁଙ୍ଗା ଗଛ କଡ଼ରେ ଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଗଛ ଉପରେ ଜଗୁଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। କିନ୍ତୁ ମୃତଦେହ ଗଛ ଉପରେ ଲଟକି ରହିଥିଲା। ବୋଲଗଡ଼ ଅଗ୍ନିଶମ ବିଭାଗ ଜରୁରୀ ଫୋନ୍ କଲ୍ ପାଇ ଦୁଇଟି ଗାଡ଼ିରେ ୬ଜଣ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ୨ରୁ ୩ ଘଣ୍ଟା ପରିଶ୍ରମ କରି ମୃତଦେହକୁ ଉଦ୍ଧାର କରିବା ସମୟରେ ଅସାବଧାନତା କାରଣରୁ ଶବଟି ତଳେ ପଡ଼ିଯାଇଥିଲା। ଫଳରେ ଗଛତଳେ ରୁଣ୍ଡ ହୋଇଥିବା ସ୍ଥାନୀୟ ଗ୍ରାମବାସୀ ଉତ୍ୟକ୍ତ ହୋଇ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀମାନଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲେ। ମୃତଦେହକୁ ମେଡିକାଲକୁ ଆଣିବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ହେଁ ନ ଆସିବାରୁ ଶେଷରେ ସ୍କୁଟି ଯୋଗେ ଜଣେ ସାମ୍ବାଦିକ ବୋହିଆଣିଥିଲେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ। କିନ୍ତୁ ସେତେବେଳକୁ ଜଗୁଙ୍କର ମୃତ୍ୟୁ ହୋଇଯାଇଥିବାର ଡାକ୍ତର ଘୋଷଣା କରିଥିଲେ। ପରେ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ମୃତଦେହକୁ ନେଇ ବୋଲଗଡ଼ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖ ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେପଟେ ରାସ୍ତାରୋକ କାରଣରୁ ରାସ୍ତାର ଉଭୟ ପଟେ ଶହ ଶହ ଗାଡ଼ିମୋଟର ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ଅଟକି ରହିଥିଲା। ସେହି ସମୟରେ ପୁରୀ ସାଂସଦଙ୍କ ଗାଡ଼ିକୁ ଆନ୍ଦୋଳନକାରୀ ଛାଡ଼ି ନ ଥିବାରୁ ସାଂସଦ ଗାଡ଼ି ବୁଲାଇ ଚାଲିଯାଇଥିଲେ। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ଅନାଦୀ ସେଠୀ, ବିଡିଓ ସୁମନ ସୁଧା କୁଣ୍ଡୁ, ତହସିଲ୍‌ଦାର ବିଜୟ ସେଠୀ, ଅତିରିକ୍ତ ତହସିଲ୍‌ଦାର ଦୀପ୍ତିମୟୀ ଶର୍ମା, ବୋଲଗଡ଼ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ, ଜିଲ୍ଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ଶୁଭେନ୍ଦ୍ର କୁମାର ସାହୁ, ସରପଞ୍ଚ ଜଳଧର ମହାନ୍ତି, ପ୍ରଦୀପ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା ପରେ କୌଣସି ସମାଧାନ ବାହାରିପାରି ନ ଥିଲା। ପରେ ଥାନା ପରିସରରେ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ପ୍ରତିନିଧି ଦଳ ମିଳିତ ଭାବେ ଆଲୋଚନା ପରେ ତହସିଲ୍‌ଦାର ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରଙ୍କୁ ୨୦ ହଜାର ନଗଦ ଅର୍ଥ ରାଶି ପ୍ରଦାନ ସହ ବିଦ୍ୟୁତ୍ ବିଭାଗର ସହାୟତା ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା। ମୃତକଙ୍କ ଭାଇ ଦୀପକଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଅନ୍ୟପକ୍ଷରେ ସେପଟେ ଅଙ୍ଗନବାଡ଼ି କେନ୍ଦ୍ର ପରିସରରୁ କିଏ କାହିଁକି ନଡ଼ିଆ ତୋଳିବାକୁ କହିଥିଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ତାହାର ତଦନ୍ତ ଜାରି ରଖିଛି। ସେହିପରି ଅଙ୍ଗନବାଡ଼ି କେନ୍ଦ୍ର ଉପରେ ବିପଦପୂର୍ଣ୍ଣ ଭାବେ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାରକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ଅଙ୍ଗନବାଡ଼ି କେନ୍ଦ୍ର ଉପରେ ଯାଇଥିବା ହାଇଭୋଲ୍‌ଟେଜ୍ ବିଦ୍ୟୁତ୍ ତାରକୁ ଅପସାରଣ କରିବା ସହ କେବୁଲ ତାର କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

## ସ୍କନ୍ଦମାତା ବେଶରେ ମା’ ବନଦୁର୍ଗା



**ନିରାକାରପୁର, ୧୮।୯ (ସମିସ):** ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା’ ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ଶାରଦୀୟ ଷୋଳପୂଜାର ପଞ୍ଚମ ଦିବସରେ ସ୍କନ୍ଦମାତା ବେଶରେ ମା’ ଦର୍ଶନ ଦେଇଛନ୍ତି। ସକାଳୁ ମା’ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ପରେ ମା’ଙ୍କର ସହସ୍ର କୁମ୍ଭାଭିଷେକ କରାଯାଇଛି। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ଶ୍ରୀମହାପ୍ରସାଦ ମା’ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି।

## ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା



**ନିରାକାରପୁର, ୧୮।୯ (ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଓ ତା’ର ପାଖାପାଖି ଅଞ୍ଚଳରେ ବିଶ୍ୱକର୍ମା ପୂଜା ଧୁମ୍‌ଧାମରେ ପାଳିତ ହୋଇଯାଇଛି। ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିଶ୍ୱକର୍ମା ପୂଜାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାରେ କନିଷ୍ଠ ଯନ୍ତ୍ରୀ ରିତେଶ ସିଂ, କନିଷ୍ଠ ଯନ୍ତ୍ରୀ ଅନ୍ୱେଶ ମହାପାତ୍ର, ବିଭୂତିଭୂଷଣ ସାମନ୍ତରାୟ, ସତ୍ୟଜିତ୍ ପ୍ରଧାନ, ନବ କିଶୋର ବରାଡ଼, ଗୋପାଳକୃଷ୍ଣ ପ୍ରଧାନ, ସନ୍ତୋଷ ବିଶ୍ୱାଳ, ବିଜୟ ରାଉତ, ନିରଞ୍ଜନ ନାୟକ, ସନ୍ତୋଷ ମହାପାତ୍ର, ମନୋରଞ୍ଜନ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଝରିଆ ଗ୍ରାମର ଶତାୟୁ କୃଷକଙ୍କ ଦେହାନ୍ତ

**ଟାଙ୍ଗୀ, ୧୮।୯ (ସମିସ):** ଟାଙ୍ଗୀ ବ୍ଲକ ଅଧୀନସ୍ଥ ରାମଚନ୍ଦ୍ରପୁର (ଝରିଆ) ଗ୍ରାମର ଶତାୟୁ କୃଷକ ଉଦୟନାଥ ପ୍ରଧାନଙ୍କର ୧୦୬ ବର୍ଷ ବୟସରେ ଦେହାନ୍ତ ହୋଇଥିବା ଖବର ମିଳିଛି। ପୂର୍ବରୁ ତାଙ୍କ ଧର୍ମପତ୍ନୀ ଓ ବଡ଼ ପୁଅଙ୍କର ମୃତ୍ୟୁ ହୋଇଥିଲା। ଗାଁ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରାଯାଇଥିଲା। ସାନ ପୁଅ ଅଶ୍ୱନୀ ମୁଖାଗ୍ନି ଦେଇଥିଲେ। ସାରା ଗ୍ରାମରେ ତାଙ୍କ ବିୟୋଗରେ ଶୋକର ପରିବେଶ ସୃଷ୍ଟି ହୋଇଛି। ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଲେଇ, ବବ୍ରୁବାହନ ପଲେଇ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବ୍ରାଉନ୍‌ସୁଗର ଜବତ, ଦୁଇ ଗିରଫ

**ବେଗୁନିଆ, ୧୮।୯ (ସମିସ):** ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣିତିର ଗ୍ରାମରେ ଗୁରୁବାର ପୂର୍ବାହ୍ଣରେ ପୁଲିସ ଖବର ପାଇ ଅତର୍କିତ ଚଢ଼ଉ କରି ୮.୬୫ ମିଲିଗ୍ରାମ୍ ବ୍ରାଉନ୍‌ସୁଗର ଓ ବ୍ୟବହୃତ ବୁଲେଟ୍ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସୂଚନା ଅନୁଯାୟୀ, ରଣପୁର ଥାନା ଅନ୍ତର୍ଗତ କୋଟଗଡ଼ ଗ୍ରାମର ଦିନେଶ ଶାହା ଓ କାହ୍ନୋ ଦୋରାଙ୍କଠାରୁ ବ୍ରାଉନ୍‌ସୁଗର ଜବତ କରିଛି। ଏହି ବ୍ରାଉନ୍‌ସୁଗରର ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି।

### କୁହୁଡ଼ି ମାଛ ମାର୍କେଟ୍‌ରେ ଜମି ରହିଛି ଆବର୍ଜନା ପାଣି

## ଡେଙ୍ଗୁ ଓ ମେଲେରିଆ ବ୍ୟାପିବା ଆଶଙ୍କା

**ଟାଙ୍ଗୀ, ୧୮।୯ (ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡ଼ି ଗ୍ରାମ ପଞ୍ଚାୟତରେ ଥିବା କୁହୁଡ଼ି ବଜାର ମାଛ ମାର୍କେଟ୍‌ର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। କୁହୁଡ଼ି ମାଛ ମାର୍କେଟ୍‌ରେ ମାଛ ବିକି ସାରିବା ପରେ ମାଛ ପାଣିକୁ ସେଠାରେ ପକାଇବା ଫଳରେ ଦୁର୍ଗନ୍ଧ ବାହାରୁଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ବର୍ଷାପାଣି ସେଠାରେ ନିଷ୍କାସନ ହୋଇ ନ ପାରି ବଜାର ମଧ୍ୟରେ ଦୁର୍ଗନ୍ଧ ପାଣି ଯିବା ଫଳରେ ଲୋକଙ୍କ ଯିବାଆସିବାରେ ଅସୁବିଧା ଦେଖାଦେଇଛି। ସେଠାରେ ପଚା ଦୁର୍ଗନ୍ଧ ପାଣି ଜମି ରହି କେତେବେଳେ ଡେଙ୍ଗୁ ଓ ମେଲେରିଆରେ ଲୋକମାନେ ଆକ୍ରାନ୍ତ ହେବେ ତାହା ସ୍ପଷ୍ଟ ଜଣାପଡୁଛି। ସ୍ଥାନୀୟ ଜନପ୍ରତିନିଧି ତଥା ସ୍ଥାନୀୟ ଜନସାଧାରଣ ଏହି ମାଛ ବିକାଳିଙ୍କୁ ମାଛ ପାଣିକୁ ସେଠାରେ ନ ପକାଇବା ପାଇଁ ବାରମ୍ବାର ବାରଣ ସତ୍ତ୍ୱେ ସେମାନେ ବେଖାତିର୍ ମନୋଭାବ ଦେଖାଉଛନ୍ତି। କୁହୁଡ଼ି ବଜାରକୁ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବାକୁ ଆସନ୍ତି। ସେହି ରାସ୍ତାରେ ମହାବିଦ୍ୟାଳୟ, ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯିବାଆସିବା କରୁଛନ୍ତି। ବ୍ୟାଙ୍କ, ପୋଷ୍ଟ ଅଫିସ, ଡାକ୍ତରଖାନାକୁ ଲୋକେ ଯିବାଆସିବା କରନ୍ତି। ଯାହା ଫଳରେ ସେଠାରେ ଡେଙ୍ଗୁ ଓ ମେଲେରିଆ ବ୍ୟାପିବା ଆଶଙ୍କାରେ ଲୋକମାନେ ଭୟଭୀତ ଅଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି।



## ଶିକ୍ଷକ ଶିକ୍ଷାର ଘରୋଇକରଣକୁ ଏଆଇଡିଏସ୍‌ଓର ବିରୋଧ

**ଖୋର୍ଦ୍ଧା, ୧୮।୯ (ସମିସ):** ରାଜ୍ୟ ସରକାରଙ୍କ ଶିକ୍ଷକ ଶିକ୍ଷାର ଘରୋଇକରଣକୁ ବିରୋଧ କରି ଏଆଇଡିଏସ୍‌ଓ ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ଗତ ୧୩ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟମାନଙ୍କୁ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକ ୪ବର୍ଷିଆ ଆଇଟିଇପି (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ପାଇଁ ଆବେଦନ କରୁଛନ୍ତି ସେମାନେ ଚୁକ୍ତିଭିତ୍ତିକ ଅତିଥି ଅଧ୍ୟାପକ ନିଯୁକ୍ତି କରିବେ ଓ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ହେଉଥିବା କୋର୍ସ ଫି’ରୁ ହିଁ ସେମାନେ ଦରମା ଦେବେ। ସେଥିପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କଠାରୁ ବାର୍ଷିକ ମୁଣ୍ଡପିଛା ୪୫ହଜାର ଟଙ୍କା ଆଦାୟ କରାଯିବ। ଯାହା ଫଳରେ ଛାତ୍ରଛାତ୍ରୀମାନେ ତୀବ୍ର ଆର୍ଥିକ ଶୋଷଣର ଶିକାର ହେବେ। ଏଆଇଡିଏସ୍‌ଓ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ଏହାକୁ ତିବ୍ର ବିରୋଧ କରାଯାଇଛି। ତୁରନ୍ତ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କୋର୍ସ ଫି’ ଆଦାୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଓ ଶିକ୍ଷକ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଜରିଆରେ ଏକ ଦାବିପତ୍ର ଦିଆଯାଇଛି। ସମ୍ପାଦକ ଅବିନାଶ ପ୍ରଧାନଙ୍କ ସମେତ ସଭାପତି ଶ୍ରୀକାନ୍ତ ନାୟକ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରନେତା ରାକେଶ କାଣ୍ଡି, ସୂର୍ଯ୍ୟକାନ୍ତ ଜେନା, ଶ୍ରୀଦେବୀ ନାୟକ ପ୍ରମୁଖ ସାମିଲ ଥିଲେ।

## ସମିତିକୁ ଆସୁନି ପର୍ଯ୍ୟାପ୍ତ ସାର; ଚିନ୍ତାରେ ଚାଷୀ



**ନିରାକାରପୁର, ୧୮।୯ (ସମିସ):** ବର୍ତ୍ତମାନ ସମୟରେ ସାର ପାଇଁ ଚାଷୀ ହଟହଟା। ଏପଟେ ସରକାର କହୁଛନ୍ତି ସାର ପର୍ଯ୍ୟାପ୍ତ ପରିମାଣର ଅଛି, ସେପଟେ ୧୦ ଦିନରେ ଥରେ ସାର ଆସୁଛି। ପୁଣି ଆବଶ୍ୟକତାର ଏକଚତୁର୍ଥାଂଶ ଆସୁଛି। ସମିତି ପକ୍ଷରୁ କିପରି ସାର ବଣ୍ଟାଯିବ ତାହା ଏକ ପ୍ରଶ୍ନବାଚୀ ପାଲଟିଛି। ଜିଲ୍ଲାର ସମସ୍ତ ସମିତିର ଲାଇସେନ୍ସ ମଧ୍ୟ ଆଜିଯାଏଁ ନାହିଁ। ସେମାନେ କେବେ ଲାଇସେନ୍ସ କରିବେ, ପୁଣି ଲୋକଙ୍କୁ ସାର ଦେବେ। ଏଠି ଜିଲ୍ଲା ପ୍ରଶାସନ ମଧ୍ୟ ହାତ ଟେକିଦେଇ କହୁଛନ୍ତି ସାର ମହଜୁଦ ନାହିଁ। ରାକ୍ ଲାଗିଲେ ସମିତିକୁ ବଣ୍ଟାଯାଉଛି। ଏପଟେ ବଜାରରେ ମଧ୍ୟ ୟୁରିଆ ବସ୍ତାଏ ଦେଖିବା ସ୍ୱପ୍ନ ପାଲଟିଲାଣି। ଯଦି ସମିତିରେ ପଞ୍ଜିକୃତ ଚାଷୀଙ୍କ ପାଇଁ ସାର ନାହିଁ ତା’ହେଲେ କେମିତି ଓ କିପରି ସମିତି ବାହାର ଚାଷୀଙ୍କୁ ସାର ବଣ୍ଟାଯିବ? ସାର ଆସିବ ଆସିବ ଶୁଣି ଶୁଣି ୧୦ ଦିନ ବିତିଗଲା ପରେ ମଧ୍ୟ ସାର ସମିତିକୁ ଆସୁନି। ସରକାରଙ୍କ ଅପାରଗତା ଯୋଗୁଁ ସାରା ରାଜ୍ୟରେ ଏପରି ସାର ସଙ୍କଟ ଦେଖାଦେଇଛି ବୋଲି ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ସାର କିପରି ସଠିକ୍ ରୂପରେ ସମାନ ଭାଗରେ ବଣ୍ଟାଯାଇପାରିବ ସେଥିପାଇଁ ନିବନ୍ଧକ, ଓଡ଼ିଶା ସମବାୟ ସମିତି ସମୂହ ଜିଲ୍ଲା ଉପନିବନ୍ଧକମାନଙ୍କୁ କଠୋର ଆଦେଶ ଦେଇଛନ୍ତି। ସାର ଅଭାବ ଯୋଗୁଁ ଫସଲର କ୍ଷତିପୂରଣ ଦେବା ପାଇଁ ମଧ୍ୟ କେତେକ ବୁଦ୍ଧିଜୀବୀ ପ୍ରସ୍ତାବ ଦେଇଛନ୍ତି। ଯଥାଶୀଘ୍ର କିପରି ଅଧିକରୁ ଅଧିକ ସାର ଆଣି ସମିତି ଜରିଆରେ କମ୍ ଦରରେ ଚାଷୀମାନଙ୍କୁ ଦିଆଯାଇପାରିବ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚାଷୀମାନେ ଅନୁରୋଧ କରିଛନ୍ତି।

## ୧୩ ବୁଲେଟ୍ ଜବତ, ୪ ଜଣଙ୍କ ନାଁରେ ମାମଲା

**ବାଲୁଗାଁ, ୧୮।୯ (ସମିସ):** ବାଲୁଗାଁ ଥାନା ଅଞ୍ଚଳରେ ମୋଟର ଯାନ ଆଇନ ଉଲ୍ଲଂଘନ କରିବା ଅଭିଯୋଗରେ ପୁଲିସ ୧୩ଟି ବୁଲେଟ୍ ଗାଡ଼ି ଜବତ କରିବା ସହ ୪ ବାଇକ୍ ମାଲିକଙ୍କ ବିରୋଧରେ ମାମଲା ରୁଜୁ କରିଛି। ବାଲୁଗାଁ ଅଞ୍ଚଳରେ ବିକଟାଳ ଶବ୍ଦ ପ୍ରଦୂଷଣ କରି ବେପରୁଆ ଭାବେ ଗାଡ଼ି ଚଳାଚଳକୁ ରୋକିବାକୁ ଅଞ୍ଚଳର ବରିଷ୍ଠ ନାଗରିକମାନେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କୁ ଅନୁରୋଧ କରିଥିଲେ। ଏପରିସ୍ଥଳେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରି ରାତ୍ର ସମୟରେ ବାଲୁଗାଁର ଗାନ୍ଧୀ ଛକରେ ଗାଡ଼ି ଯାଞ୍ଚ କରିଥିଲେ। ଯାଞ୍ଚବେଳେ ବୁଲେଟ୍ ଗାଡ଼ିର ସାଇଲେନ୍ସର ବଦଳାଇ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ଲଗାଇ ଚଳାଉଥିବା ୧୩ଟି ବୁଲେଟ୍ ଜବତ କରିଥିବା ସହ ବିନା ହେଲ୍‌ମେଟ, ବାଇକ୍‌ରେ ୩ଜଣ ବସି, ମଦ୍ୟପାନ କରି ଗାଡ଼ି ଚଳାଇବା ଓ ଗାଡ଼ିର ଆବଶ୍ୟକ କାଗଜପତ୍ର ନ ଥିବା ଅଭିଯୋଗରେ ୪ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଆଗକୁ ଅଞ୍ଚଳରେ ଏପରି ଧରପଗଡ଼ କରାଯାଇ ମୋଟର ଯାନ ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଦଳେଇସାହି ସରପଞ୍ଚଙ୍କ ଅନସ୍ଥା ପ୍ରସ୍ତାବ ପ୍ରସଙ୍ଗ

## ଜିଲ୍ଲାପାଳଙ୍କୁ ଭେଟିଲେ ୱାର୍ଡ ମେମ୍ବର



**ଖୋର୍ଦ୍ଧା, ୧୮।୯ (ସମିସ):** ବୋଲଗଡ଼ ବ୍ଲକ ଦଳେଇସାହି ପଞ୍ଚାୟତ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ୧୨ଟି ୱାର୍ଡ ମେମ୍ବର ଅନସ୍ଥା ପ୍ରସ୍ତାବ ଆଣି ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସେପ୍ଟେମ୍ବର ୩ରେ ଅନସ୍ଥା ବିରୋଧରେ ଭୋଟିଂ ହୋଇଥିଲା। ଏହାକୁ ବିରୋଧ କରି ସରପଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୬ ତାରିଖରେ ଏହାର ଗଣତି ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ଉକ୍ତ ତାରିଖରେ ଗଣତି ହୋଇ ନ ଥିଲା। ଗୁରୁବାର ୧୪ ଜଣ ୱାର୍ଡମେମ୍ବର ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଗଣତି ଦାବିରେ ଦାବିପତ୍ର ଦେଇଛନ୍ତି। ଆସନ୍ତା ୨୪ ତାରିଖ ସୁଦ୍ଧା ଭୋଟ୍ ଗଣତି କରା ନ ଗଲେ ସମସ୍ତ ୱାର୍ଡ ମେମ୍ବର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବୁ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଏନେଇ ୩ ନମ୍ବର ୱାର୍ଡ ମେମ୍ବର ଜ୍ୟୋତ୍ସ୍ନାରାଣୀ ନାୟକ ଏବଂ ଶରତ କୁମାର ଦଳାଇ କୁହନ୍ତି, ଜିଲ୍ଲାପାଳଙ୍କ ନିକଟରେ ଏ ସଂକ୍ରାନ୍ତରେ ଦାବିପତ୍ର ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ କୁହନ୍ତି, ଅନାସ୍ଥା ବିରୋଧରେ ଭୋଟିଂ ସରିଛି। ଗଣତି ପୂର୍ବରୁ ଏ ସଂକ୍ରାନ୍ତରେ ହାଇକୋର୍ଟରେ ରିଟ୍ ପିଟିସନ କରାଯାଇଛି। ଫଳରେ ଗଣତି ସ୍ଥଗିତ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ କାଗଜପତ୍ର ଦିଆଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ।

## ‘ଆସ ସ୍କୁଲ ଯିବା’ ସଚେତନତା କାର୍ଯ୍ୟକ୍ରମ

**ବାଣପୁର, ୧୮।୯ (ସମିସ):** ରାଜ୍ୟ ସରକାରଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଶିକ୍ଷା ଅଧିକାର ଆଇନ୍ ୨୦୦୯ ଅନୁଯାୟୀ ସମସ୍ତ ପିଲାଙ୍କ ପାଠ ପଢ଼ିବାର ଅଧିକାର ରହିଛି। ଏହାର ସଫଳ ରୂପାୟଣ ନିମନ୍ତେ ଓସେପାର ନିର୍ଦ୍ଦେଶ କ୍ରମେ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସଚେତନତା ପଦଯାତ୍ରା ଓ ପଥପ୍ରାନ୍ତ ନାଟକ ସହ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ ଓ ବିଇଓ ସନାତନ ଜାଲି ଯୋଗଦେଇ ଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ଝରଣା ରାଣୀ ଓଝାଙ୍କ ସମେତ ସିଆର୍‌ସିସି, ବହୁ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇ ବିଭିନ୍ନ ସଚେତନତା ବାର୍ତ୍ତାର ପ୍ଲାକାର୍ଡ ଧରି ବିଦ୍ୟାଳୟରୁ ପଦଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ ଓ ଜମା ପାଠପଢ଼ି ନ ଥିବା ପିଲାଙ୍କୁ ସ୍କୁଲକୁ ଆଣି ନାମଲେଖାଇ ପାଠ ପଢ଼ାଇବା ପାଇଁ ଲୋକଙ୍କୁ ସଚେତନ କରାଇଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଜଟଣୀ, ୧୮।୯ (ସମିସ):** ଜଟଣୀ ପଞ୍ଚାୟତ ସମିତି ପରିସରରେ ଏକ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ, ଅଧ୍ୟକ୍ଷ ଜୟନ୍ତୀ ଛୋଟରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ଜଟଣୀ ପଞ୍ଚାୟତ ସମିତି ଓ ଜଟଣୀ ପୌର ପରିଷଦ ଅଧୀନରେ ଥିବା ୧୫ଟି ଗ୍ରାମ ପଞ୍ଚାୟତ ଏବଂ ୨୩ଟି ୱାର୍ଡର ଦିବ୍ୟାଙ୍ଗ ବ୍ୟକ୍ତିମାନେ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଥିଲା। ଶିବିରରେ ମୋଟ୍ ୨୮୪ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜୀକରଣ କରିଥିଲେ। ସେଥିରୁ ଶାରୀରିକ ଅକ୍ଷମ ପାଇଁ ୧୨୪ ଜଣ, ଦୃଷ୍ଟିହୀନ ପାଇଁ ୩୯ ଜଣ, ଶ୍ରବଣ ଓ ବାକ୍‌ଶକ୍ତି ବାଧିତରେ ୫୩ ଜଣ ଏବଂ ମାନସିକ ଅନଗ୍ରସର ପାଇଁ ୬୮ ଜଣ ପଞ୍ଜୀକରଣ କରିଥିଲେ। ଏହି ଶିବିରରେ ଡାକ୍ତରୀ ପରୀକ୍ଷଣ ପରେ ୧୭୨ଜଣ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଇତିଶ୍ରୀ ସାମଲ, ଜୁନିୟର ଆସିଷ୍ଟାଣ୍ଟ ସୁମନ କୁମାର ମଲ୍ଲିକ, ଦିଲ୍ଲୀପ ମହାପାତ୍ର, ବାସୁଦେବ ମହାରଣାଙ୍କ ସମେତ ବ୍ଲକ କର୍ମଚାରୀମାନେ ପରିଚାଳନା କରିଥିଲେ।

### ଆକାଶରୁ ଖସୁଛି ମୃତ୍ୟୁ

# ୧୧ ବର୍ଷରେ ବଜ୍ରପାତ ନେଲାଣି ୧୧୭ ଜୀବନ

**ଖୋର୍ଦ୍ଧା, ୧୮।୯ (ସମିସ)**



ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ସତ୍ତ୍ୱେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅନେକ ମଣିଷ ଓ ପଶୁପକ୍ଷୀଙ୍କ ମୃତ୍ୟୁ ହେଉଛି। ସେଥିମଧ୍ୟରୁ ବଜ୍ରପାତ ପ୍ରମୁଖ କାରଣ ପାଲଟିଛି। ପ୍ରକୃତିର ତାଣ୍ଡବ କେତେବେଳେ ଆସିବ ତାହା କହିବା ମୁସ୍କିଲ। କେତେବେଳେ ବଜ୍ରପାତ କାହା ଉପରେ ପଡ଼ିବ ତାକୁ ମଧ୍ୟ ଜାଣିବା କଷ୍ଟକର। ପ୍ରତିଶେଧକ ପାଇଁ କେବଳ ସଚେତନତାକୁ ବାଦ୍ ଦେଲେ ଆଉ କିଛି ଉପାୟ ମଧ୍ୟ ବୈଜ୍ଞାନିକମାନେ ଖୋଜି ପାଇ ନ ଥିବା କୁହାଯାଉଛି। କିନ୍ତୁ ସଚେତନତା ଅଭାବରୁ ୧୧ବର୍ଷ ମଧ୍ୟରେ ବଜ୍ରପାତରେ ୧୧୭ଟି ମୁଣ୍ଡ ଗଡ଼ିଲାଣି। କିଏ ପରିବାର ମୁଖିଆଙ୍କୁ ହରାଇ ବେସାହାରା ହୋଇପଡ଼ିଛି ତ ଆଉ କିଛି ପରିବାରର ଦୁଃଖ ନ କହିଲେ ଭଲ। ବଜ୍ରପାତ ମା’ କୋଳରୁ ଛୁଆକୁ ସବୁଦିନ ପାଇଁ ଛଡ଼ାଇ ନେଇଥିବାବେଳେ ବାପା, ମା’ଙ୍କୁ ହରାଇ ବହୁ ଶିଶୁ ଏବେ ଅସହାୟ ପ୍ରକାଶ କରୁଛନ୍ତି। ବଜ୍ରପାତରୁ ରକ୍ଷା ପାଇବାକୁ ସଚେତନତା ଏକମାତ୍ର ମାଧ୍ୟମ ପାଲଟିଥିବାବେଳେ ପ୍ରଶାସନିକ ଆନ୍ତରିକତା ଅଭାବରୁ ୨୦୧୫ରୁ ୨୦୨୫ ସେପ୍ଟେମ୍ବର ସୁଦ୍ଧା ୧୧୭ ଜୀବନ ବଜ୍ରପାତ ନେଇଥିବା ସରକାରୀ ତଥ୍ୟରୁ ଜଣାଯାଇଛି।

ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ବିଭାଗ ତଥ୍ୟ ମୁତାବକ, ଚଳିତ ବର୍ଷ ଆଜି ସୁଦ୍ଧା ବଜ୍ରପାତରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ୨୦୨୪ରେ ୮ଜଣଙ୍କ ଜବୀନ ବଜ୍ରପାତ ନେଇଥିବାବେଳେ ୨୦୨୩ରେ ୧୪ ଜଣ, ୨୦୨୨ରେ ୬ଜଣ, ୨୦୨୧ରେ ୯ଜଣ, ୨୦୨୦ରେ ୬ଜଣ, ୨୦୧୯ରେ ୭ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୧୮ରେ ୧୫ଜଣ, ୨୦୧୭ରେ ୧୮ ଜଣ, ୨୦୧୬ରେ ୨୦ ଜଣ, ୨୦୧୫ରେ ବଜ୍ରପାତରେ ୧୪ ଜଣଙ୍କ ମୂଲ୍ୟବାନ ଜୀବନ ଯାଇଛି। ବିଗତ ୧୧ବର୍ଷରେ ସମୁଦାୟ ୧୧୭ ଜଣଙ୍କ ଜୀବନ ବଜ୍ରପାତରେ ଯାଇଥିବାବେଳେ ବହୁ ଆହତ ହୋଇଥିବା ମଧ୍ୟ ଜଣାଯାଇଛି। ସେହିପରି ବହୁ ଗୃହପାଳିତ ପଶୁଙ୍କର ମଧ୍ୟ

### ସଚେତନତା ଅଭାବ

ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ବଜ୍ରପାତରୁ ରକ୍ଷା ନିମନ୍ତେ ଏଯାବତ୍ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଥିବା ପରିବେଶବତ୍‌ମାନେ ମତପ୍ରକାଶ କରିଛନ୍ତି। ପ୍ରଶାସନ ତରଫରୁ ସଚେତନତା ସୃଷ୍ଟି କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଉଛି। ମାତ୍ର କେତେଦୂର ଠିକଣାଭାବେ ତଳସ୍ତରରେ ଅଧିକାରୀମାନେ ସଚେତନତା ସୃଷ୍ଟି କରୁଛନ୍ତି ତାହା ବଜ୍ରପାତ ମୃତ୍ୟୁ ସଂଖ୍ୟାକୁ ଦେଖିଲେ ସ୍ପଷ୍ଟ ବାରି ହେଉଛି। ପ୍ରଶାସନ ତରଫରୁ ବଜ୍ରପାତରୁ ଘରକୁ ରକ୍ଷା କରିବାକୁ ବଜ୍ରପାତ ପ୍ରତିରୋଧକ କଣ୍ଡକ୍ଟର ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ଅଧିକାଂଶ ଘର ମାଲିକ ବଜ୍ରପାତ ପ୍ରତିଶେଧକ କଣ୍ଡକ୍ଟର କ’ଣ ଜାଣି ନ ଥିବା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ବଜ୍ରପାତରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଅର୍ଥ ଦେଇ ପ୍ରଶାସନ ନିରବ ସାଜିଥିବାବେଳେ ବଜ୍ରପାତଜନିତ ଅଘଟଣ ବେଳକୁ ବେଳ ବଢ଼ିବାରେ ଲାଗିଛି। ତେଣୁ ଏ ଦିଗରେ ପ୍ରଶାସନ ବ୍ୟାପକ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଥିବା ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ତାଳଗଛ ବଜ୍ରପାତଜନିତ ମୃତ୍ୟୁକୁ ରୋକିବାରେ ଅନେକାଂଶରେ ସହାୟକ ହେବ। ତେଣୁ ଏହାର ରୋପଣକୁ ଗୁରୁତ୍ୱ ଦେବାକୁ ପରିବେଶବିତ୍‌ମାନେ ମତ ଦେଉଛନ୍ତି।

# ମହିଳା ବିଜେଡି ପକ୍ଷରୁ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

ନୟାଗଡ଼,୧୮।୯ (ସମିସ)





ନୟାଗଡ଼ ଜିଲ୍ଲା ମହିଳା ବିଜେଡି ପକ୍ଷରୁ ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ହିଂସା ଓ ନିର୍ଯାତନା ପ୍ରତିବାଦରେ ଗୁରୁବାର ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜେଡି ମହିଳା ସଭାପତି ବିରଜା ଲକ୍ଷ୍ମୀ ସାହୁଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ବହୁ ମହିଳା ଜନପ୍ରତିନିଧି ସାମିଲ୍ ହୋଇଥିଲେ। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀଙ୍କ ଜରିଆରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

ପ୍ରକାଶ ଥାଉକି, ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର, ଆକ୍ରମଣ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାର ହିଂସା ବଢ଼ି ଚାଲିଛି। ବାଲେଶ୍ୱରର ଜଣେ କଲେଜ ଛାତ୍ରୀ ଆତ୍ମାହୁତି ଦେଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ଯ୍ୟଟନସ୍ଥଳ ଗୋପାଳପୁର ବେଳାଭୂମିରେ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଲଜ୍ଜା ଆଣିଥିଲା। ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏହି ଘଟଣା ଚର୍ଚ୍ଚାକୁ ଆସିଥିଲା। ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ବଢ଼ି ଚାଲିଥିବା ଅତ୍ୟାଚାର ଯୋଗୁଁ ମାନସିକ ଚାପର ବଶବର୍ତ୍ତୀ ହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ନ୍ୟାୟ ନ ମିଳିବା, କଠୋର କାର୍ଯ୍ୟାନୁଷ୍ଠାନ ଅଭାବରୁ ଅନେକ ମହିଳା, ପରିବାର ଭାଙ୍ଗିପଡ଼ି ଜୀବନ ହାରିବାକୁ ମଧ୍ୟ ପଛାଉ ନାହାନ୍ତି। ଗତ ୧୫ ମାସ ମଧ୍ୟରେ ସ୍କୁଲ ଓ ହଷ୍ଟେଲରେ ଯୌନ ନିର୍ଯାତନାର ଅନେକ ମାମଲା ସାମ୍ନାକୁ ଆସିଛି। ଝାରସୁଗୁଡ଼ାର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଏବଂ ମାଲକାନଗିରିରେ ଜଣେ ଆଦିବାସୀ ଝିଅ ପ୍ରସବ କରିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ସୂଚାଉଛି। କେନ୍ଦୁଝର ଜିଲ୍ଲାର ପଣ୍ଡାପଡ଼ା ପୁଲିସ ସୀମା ଅନ୍ତର୍ଗତ ତୋନ୍ତାଲପାଣି ଗ୍ରାମରେ ଜଣେ ୧୭ ବର୍ଷୀୟା ଆଦିବାସୀ ଝିଅଙ୍କୁ ଯୌନ ନିର୍ଯାତନା ପରେ ଗଛରେ ରଶି ଲଗାଇ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଓଡ଼ିଶାରେ ପ୍ରତିଦିନ ପ୍ରାୟ ୧୫ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହେଉଛି। ଏଭଳି ଅନେକ ସମ୍ବେଦନଶୀଳ ପ୍ରସଙ୍ଗରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ନୟାଗଡ଼ ଜିଲ୍ଲା ବିଜୁ ମହିଳା ଜନତା ଦଳ।

## ଗଡ଼ିଆସାହିକୁ 'ଲକ୍ଷ୍ମୀ' ବସ୍ ଚଳାଚଳ ବନ୍ଦ; ଲୋକେ ହନ୍ତସନ୍ତ

ଖଣ୍ଡପଡ଼ା,୧୮।୯ (ସମିସ): ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗଡ଼ିଆସାହି ପଞ୍ଚାୟତର ଏକାଧିକ ଗ୍ରାମକୁ ଲକ୍ଷ୍ମୀ ବସ୍ ଚଳାଚଳ ମାସ କେଇଟା ଚାଲିବା ପରେ ବନ୍ଦ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ଅନେକ ହଇରାଣ ହରକତ ହେଉଛନ୍ତି।

ମିଳିଥିବା ଅଭିଯୋଗ ଅନୁଯାୟୀ, ପୂର୍ବ ରାଜ୍ୟ ସରକାରଙ୍କ ଦ୍ୱାରା ଆଦିବାସୀ ଅଧ୍ୟୁଷିତ ତଥା ଅପହଞ୍ଚ ଅଞ୍ଚଳକୁ ଲକ୍ଷ୍ମୀ ବସ୍ ଚଳାଚଳ ବ୍ୟବସ୍ଥା କରାଯାଇଥିଲା। ତଦନୁଯାୟୀ ଖଣ୍ଡପଡ଼ାରୁ ଭାୟା ଖଳିସାହି ହୋଇ ଗୋଟିଏ ବସ୍ କୋସ୍କା ପଞ୍ଚାୟତ ପର୍ଯ୍ୟନ୍ତ ଚଳାଚଳ କରୁଛି। ତେବେ ସିଙ୍ଘାପଡ଼ା ପରେ ଉକ୍ତ ବସ୍‌ଟି ସିଧା ଗଡ଼ିଆସାହି ବଜାର ହୋଇ କିଆଝର ଚାଲିଯାଉଥିଲା। ଏହାଦ୍ୱାରା ପଥରଗଣ୍ଡ, ନଟବରପୁର ଶାସନ, ପିତାମହଲ, ମେଡିକାଲ ସାହିର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ହାତପାଆନ୍ତାରେ ଲକ୍ଷ୍ମୀ ବସ୍ ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ବାରମ୍ବାର ଅଭିଯୋଗ ପରେ ଗତବର୍ଷ ଡିସେମ୍ବର ମାସରେ ବସ୍ ସେବା ଆରମ୍ଭ ହୋଇଥିଲା। କିନ୍ତୁ ଗତ ୨ ମାସ ହେବ ବସ୍ ସେବା ବନ୍ଦ ହୋଇଥିବା ନେଇ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତେବେ ଗଡ଼ିଆସାହି ବଜାରରେ ଗଛ ଥିବା ଯୋଗୁଁ ବସ୍ ଯାଉ ନ ଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ଗତ ୪ ତାରିଖରେ ପଞ୍ଚାୟତ ସମିତି ବୈଠକରେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ବିଡିଓଙ୍କୁ ଦାବି ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସୁଫଳ ମିଳିପାରି ନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ପଞ୍ଚାୟତବାସୀ ଦାବି କରିଛନ୍ତି।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଭ୍ରମଣ ଶୁଭାରମ୍ଭ

ନୟାଗଡ଼,୧୮।୯ (ସମିସ): ଗୁରୁବାର ଅପରାହ୍ଣ ୪ଟାରେ ସରକାରଙ୍କ ତୀର୍ଥଯାତ୍ରା ଭ୍ରମଣ ଯୋଜନାରେ ନୟାଗଡ଼ ଜିଲ୍ଲାର ୧୧୯ ଜଣ ବରିଷ୍ଠ ନାଗରିକ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରା ପରିଭ୍ରମଣରେ ବାହାରିଛନ୍ତି। ଏହି ଅବସରରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ପୂର୍ବାହ୍ଣରେ ସମସ୍ତ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତ ଯାତ୍ରୀ ୪ଜଣ ଏସ୍‌କର୍ଟ ଅଧିକାରୀଙ୍କ ସହିତ ୩ଟି ବସ୍ ଯୋଗେ ବ୍ରହ୍ମପୁର ଯାତ୍ରା କରିଛନ୍ତି। ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିବେ। ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ପାଇଁ ସେମାନଙ୍କ ସମସ୍ତ ଖର୍ଚ୍ଚ ସହ ଯାତ୍ରା ସମୟରେ ତୀର୍ଥସ୍ଥାନରେ ରହିବା, ଯିବାଆସିବା ଓ ଚିକିତ୍ସା ସୁବିଧା ଏବଂ ଖାଦ୍ୟପେୟ ଇତ୍ୟାଦିର ସମସ୍ତ ସୁବନ୍ଦୋବସ୍ତ ସରକାରଙ୍କ ଦ୍ୱାରା କରାଯାଇଛି। ଆସନ୍ତା ୨୪ ତାରିଖରେ ତୀର୍ଥ ଭ୍ରମଣ ସାରି ସମସ୍ତ ତୀର୍ଥଯାତ୍ରୀ ଫେରିବାର କାର୍ଯ୍ୟକ୍ରମ ରହିଛି।



## ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଦଶପଲ୍ଲା,୧୮।୯ (ସମିସ): ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନସେବାବାହିନୀଫ୍ରେଣ୍ଡସକ୍ଲବ୍‌ଆନୁକୂଲ୍ୟରେବ୍ୟାପକବୃକ୍ଷରୋପଣକାର୍ଯ୍ୟକ୍ରମଅନୁଷ୍ଠିତ ହୋଇଯାଇଛି। ବହୁ ପ୍ରଜାତିର ଆମ୍ବ, ପଣସ, ଜାମୁକୋଳି, ଅମୃତଭଣ୍ଡା ଆଦି ଫଳ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କ୍ଲବ୍‌ର ଉପସଭାପତି ଯୁଗଳ ବେହେରା, ସମ୍ପାଦକ ଚିନ୍ମୟ ପ୍ରଧାନ, କ୍ଲବ୍‌ର ଅନ୍ୟ ସଦସ୍ୟମାନେ ଗ୍ରାମରେ ଚାରା ବଣ୍ଟନ କରିବା ସହ ଶତାଧିକ ମହିଳା ଏବଂ କ୍ଲବ୍‌ର ସଦସ୍ୟମାନେ ପରିବେଶ ସୁରକ୍ଷା ସଚେତନତା ପାଇଁ ଏକ ଶୋଭାଯାତ୍ରା କରିଥିଲେ। ପରିଶେଷରେ ଆୟୋଜିତ ସଭାରେ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା, ବୃକ୍ଷ ମାହାତ୍ମ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସମସ୍ତେ ଗୋଟିଏ ଗୋଟିଏ ଚାରା ରୋପଣ କରିବା ସହ ଜଙ୍ଗଲ ସୁରକ୍ଷା କରିବା ପାଇଁ ଶପଥ ନେଇଥିଲେ। ପରିଶେଷରେ ମହିଳାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ସମୀକ୍ଷା ବୈଠକ

ନୟାଗଡ଼,୧୮।୯ (ସମିସ): କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ (ସୃଜନ)ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ, ଡିପିଏମ୍‌ୟୁ ନିର୍ଦ୍ଦେଶକ ବିଦ୍ୟାଧର ନାୟକ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାପାଳ ସାଂସଦ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ହସ୍ତତନ୍ତ, ପ୍ରାଣୀ ଚିକିତ୍ସା ସମ୍ବନ୍ଧୀୟ ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବିଷୟରେ ସାଂସଦ ଶ୍ରୀ ପାଣିଗ୍ରାହୀ ସଭାଖଣ୍ଡ ଦଶପଲ୍ଲା ଉପରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଦଶପଲ୍ଲା ବିଧାନସଭା ଖଣ୍ଡ ମଧ୍ୟରେ ଆସୁଥିବା ୩ଟି ବ୍ଲକ୍ (ଗଣିଆ, ନୂଆଗାଁ, ଦଶପଲ୍ଲା)ରେ ଅତିକମ୍‌ରେ ୨୦ଜଣ (ବ୍ଲକ୍ ପିଛା) ଯୁବ ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏହା ସମ୍ଭବ ହୋଇପାରିଲେ ପ୍ରଧାନମନ୍ତ୍ରୀଙ୍କ "ଭୋକାଲ୍ ଫର୍ ଲୋକାଲ' ଉଦ୍ଦେଶ୍ୟ ସାକାର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ସରକାରଙ୍କ ସମସ୍ତ ଯୋଜନାକୁ ଲୋକାଭିମୁଖୀ କରିବା ଓ ନୂତନ ରୋଜଗାର ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପରିଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆକ୍ରମଣ ଘଟଣାରେ ୩ ଜଣଙ୍କୁ ୮ ମାସ ଜେଲ୍‌ଦଣ୍ଡ

ଭାପୁର,୧୮।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଗୁରୁବାର ଏକ ମାମଲା ଶୁଣାଣି କରି ୩ ଅଭିଯୁକ୍ତଙ୍କୁ ୮ ମାସ ଲେଖାଏଁ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ୨୦୦୭ ରେ ଫତେଗଡ଼ ଥାନା ବାସୁଦେବପୁର ଗ୍ରାମର କବିରାଜ ନାୟକଙ୍କୁ ସେହି ଗ୍ରାମର ପ୍ରହ୍ଲାଦ ନାୟକ, ପରବାସୀ ନାୟକ ଓ ଯମୁନା ନାୟକ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ଭାପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦୀପ୍ତିମୟୀ ସାହୁ ଯମୁନା, ପରବାସୀ ଓ ପ୍ରହ୍ଲାଦଙ୍କୁ ଦୋଷୀ ସାବ୍ୟସ୍ତ କରି ୮ ମାସ ଲେଖାଏଁ ଜେଲ୍ ଦଣ୍ଡାଦେଶ ଓ ୧୫୦୦ ଟଙ୍କା ଅର୍ଥ ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ଅର୍ଥ ଆଦାୟ ନ ହେଲେ ଅଧିକ ଦେଢ଼ ମାସ ଲେଖାଏଁ ଜେଲ୍ ଭୋଗିବେ। ଏହି ମାମଲାକୁ ସରକାରୀ କ୍ୟାଡର ଏପିପି ଅନୁରଞ୍ଜନା ବେହେରା, ଏପିପି କେଦାର ନାଥ ସାହୁ ଓ କୈଳାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟସ୍ତରରେ ନୟାଗଡ଼ ଏକାଡେମୀର ସୁନାମ



ନୟାଗଡ଼,୧୮।୯ (ସମିସ): ଗତ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ହାଇଦରାବାଦର ଗୋଛିୱାଲି ନିକଟସ୍ଥ ଜିଏମ୍‌ସି ବାଲା ଯୋଗି ଷ୍ଟାଡିୟମ୍‌ରେ ପ୍ରଥମ ଏସିଆନ ଓପନ୍ ଇଣ୍ଟରନ୍ୟାସନାଲ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତ ସମେତ ବାହାରୁ ୬ଟି ଦେଶରୁ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୪ଟି ଇଭେଣ୍ଟ ରଖାଯାଇଥିଲା। ଏହି ଇଭେଣ୍ଟ ମଧ୍ୟରୁ ଟାଏକ୍ୱୋଣ୍ଡୋ ସ୍କୁଲ ଅଫ୍ ନୟାଗଡ଼ ଏକାଡେମୀ ପକ୍ଷରୁ ଶ୍ୟାମସୁନ୍ଦର୍ ସିଂ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଶ୍ୟାମସୁନ୍ଦର୍ ସିଂ ସିନିଅର କି-କିରୋଗୀ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରି ନୟାଗଡ଼, ଓଡ଼ିଶା ତଥା ଆମ ଦେଶ ଭାରତ ପାଇଁ ଏକ ଗୌରବ ଅର୍ଜନ କରିଛନ୍ତି। ଏହି ସଫଳତା ପଛରେ କ୍ରୀଡ଼ାବିତ୍‌ଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ଅଭିଭାବକଙ୍କ ସହଯୋଗ ଓ ଆଶୀର୍ବାଦ ଅଛି ବୋଲି ଏକାଡେମୀ ମୁଖ୍ୟ ପ୍ରଶିକ୍ଷକ ଏମ୍. ରୀତିକ୍ ରଞ୍ଜନ ମହାପାତ୍ର ମତବ୍ୟକ୍ତ କରିଛନ୍ତି।

## ଓଡ଼ଗାଁ ସମବାୟ ସମିତିକୁ ଆସୁନି ସାର
## ତହସିଲଦାରଙ୍କୁ ଅଭିଯୋଗକଲେ ଚାଷୀ

ଓଡ଼ଗାଁ,୧୮।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ କୃଷି ସେବା ସମବାୟ ସମିତିକୁ ସାର ଆସୁ ନ ଥିବା ନେଇ ଚାଷୀମାନେ ଗୁରୁବାର ସ୍ଥାନୀୟ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ସମବାୟ ସମିତି ସମ୍ପାଦକଙ୍କୁ ସାର ସମ୍ପର୍କରେ ପଚାରିଲେ ସେ ଚାଷୀଙ୍କୁ ବିଭିନ୍ନ କଥା କହି ଏଡ଼ାଇ ଚାଲିଥିବା ଅଭିଯୋଗ କରିଛନ୍ତି। ବାହାରେ ସାର ଦର ଆକାଶଛୁଆଁ ହୋଇଥିବାବେଳେ ୩ଶହ ଟଙ୍କାର ସାର ୯ଶହ ଟଙ୍କାରେ କିଣିବା ପାଇଁ ଚାଷୀଙ୍କ ପକ୍ଷରେ ସମ୍ଭବପର ନୁହେଁ। ଆଗାମୀ ୨ ଦିନ ମଧ୍ୟରେ ଚାଷୀମାନଙ୍କୁ ସାର ଯୋଗାଇ ଦିଆ ନ ଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ପାଇ ତହସିଲ୍‌ଦାର ପ୍ରଥମେ ଓଡ଼ଗାଁ ସମବାୟ ସମିତି ସମ୍ପାଦକଙ୍କ ସହିତ କଥା ହେବା ପରେ ଓଡ଼ଗାଁ ବ୍ଲକ୍ କୃଷି ଅଧିକାରୀ ପ୍ରତିଭା ପ୍ରଧାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ଅଧିକାରୀ ସୂଚନା ପାଇବା ପରେ ସମବାୟ ସମିତିରେ ପହଞ୍ଚି ସଂଗ୍ରହ କରିଥିବା ତଥ୍ୟ ପ୍ରକାରେ ଓଡ଼ଗାଁ ସମବାୟ ସମିତି ଲାଇସେନ୍ସ ଅବଧି ଅଗଷ୍ଟ ମାସରେ ସରିଯାଇଛି। ଲାଇସେନ୍ସ ନବୀକରଣ ପାଇଁ ସମିତି ପକ୍ଷରୁ ଆବେଦନ କରାଯାଇଛି। କିନ୍ତୁ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କୃଷି ଅଧିକାରୀଙ୍କ ୱେବ୍‌ସାଇଟ୍‌ରେ ସୋ' କରିନାହିଁ। ଏଣୁ ପରବର୍ତ୍ତୀ ପ୍ରକ୍ରିୟା ବିଳମ୍ବ ହେଉଛି। ଲାଇସେନ୍ସ ନବୀକରଣ ସରିବା ପରେ ସମସ୍ତ ପ୍ରକାର ପ୍ରୋଫାଇଲ୍ ଅପ୍‌ଡେଟେସନ କାର୍ଯ୍ୟ ପରେ ସାର ମିଳିବ। ଏହି ପ୍ରକ୍ରିୟା ଶେଷ ହେବାକୁ ନିହାତି ଭାବେ ଅଳ୍ପ କିଛିଦିନ ଲାଗିବ ବୋଲି ଜଣାପଡ଼ିଛି। ଅନ୍ୟ ପକ୍ଷରେ ସାର ରଖିବା ପାଇଁ ସମିତିର ଗୋଦାମ ଗୃହ ନ ଥିବା ବେଳେ ନୂତନ ଗୋଦାମ ଗୃହ ନିର୍ମାଣାଧୀନ ରହିଛି। ଏଣୁ ସାର ପହଞ୍ଚିବା ପରେ ରଖିବା ନେଇ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି।

## ■ ପଦାରେ ପଡ଼ିଲାଣି ବିଜେପିର ଗୋଷ୍ଠୀ କନ୍ଦଳ
## କ୍ଷମତାକୁ ନେଇ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ

ଓଡ଼ଗାଁ,୧୮।୯ (ସମିସ): ନୟାଗଡ଼ ଜିଲ୍ଲାରେ କ୍ଷମତାକୁ ନେଇ ବିଜେପିର ଗୋଷ୍ଠୀ କନ୍ଦଳ ଏବେ ପଦାରେ ପଡ଼ିଲାଣି। ଏହାର ଜ୍ୱଳନ୍ତ ଚିତ୍ର ଗୁରୁବାର ଓଡ଼ଗାଁ ବ୍ଲକ୍ କୁରାଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଛି। ଖୋଦ୍ ସାଂସଦ ଓ ବିଧାୟିକା ପ୍ରାର୍ଥୀଙ୍କ ଉପସ୍ଥିତିରେ ବିଜେପିର ଦୁଇ ଗୋଷ୍ଠୀ ଠେଲାପେଲା ହେବା ସହ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନ ଅବସରରେ ଗତ ୧୭ ତାରିଖରେ ସାରା ଦେଶର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାଧ୍ୟମରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଚାଲିଥିଲା। ଏହାକୁ ନେଇ ଗୁରୁବାର ଅପରାହ୍ଣରେ ସେବା ସପ୍ତାହ ଅବସରରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ନୟାଗଡ଼ ବିଧାୟିକା ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କୁରାଳ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟକୁ ପ୍ରବେଶ କରିଥିଲେ। ଏହି ସମୟରେ ବିଜେପିର ଜଣେ ମଣ୍ଡଳ ସଦସ୍ୟ ଗହଳି ନିୟନ୍ତ୍ରଣ ଦାୟିତ୍ୱ ତୁଲାଉଥିଲେ।

### ଖୋଦ୍ ସାଂସଦଙ୍କ ସମ୍ମୁଖରେ ହେଲେ ଠେଲାପେଲା

ତେବେ ନିମନ୍ତ୍ରଣ କ୍ରମେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦାୟିତ୍ୱରେ ଥିବା ଜଣେ ସ୍ଥାନୀୟ କର୍ମକର୍ତ୍ତା ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟକୁ ପ୍ରବେଶ କରୁଥିବାବେଳେ ତାଙ୍କୁ ସେ ଅଟକାଇଥିଲେ। ଏହାକୁ ନେଇ ଉଭୟ କର୍ମକର୍ତ୍ତାଙ୍କ ମଧ୍ୟରେ ଉଚ୍ଚବାଚ ବଢ଼ିଥିବା ସହିତ ଠେଲାପେଲା ହୋଇଥିଲା। ଘଟଣାକୁ ପ୍ରସମିତ କରିବା ଉଦ୍ଦେଶ୍ୟରେ ସେଠାରେ ଜିଲ୍ଲା କର୍ମକର୍ତ୍ତା ସନ୍ତୋଷ ପ୍ରଧାନ ପହଞ୍ଚି ବୁଝାସୁଝା କରିବାବେଳେ ତାଙ୍କ ସହିତ ଯୁକ୍ତିତର୍କ ଓ ଠେଲାପେଲା ମଧ୍ୟ ହୋଇଥିଲା। ପରେ ସାଂସଦଙ୍କ ପିଏସ୍‌ଓ ଏବଂ ଅନ୍ୟ କେତେକ କର୍ମକର୍ତ୍ତାଙ୍କ ହସ୍ତକ୍ଷେପ ପରେ ଘଟଣା ଶାନ୍ତ ପଡ଼ିଥିଲା। ତେବେ ରାଜ୍ୟରେ ଗୋଟିଏ ବର୍ଷ ଅତିକ୍ରମ କରିଥିବା ବିଜେପିର ସରକାର ଶାସନ କରୁଥିବାବେଳେ କ୍ଷମତାକୁ ନେଇ ତଳସ୍ତରରେ ଦଳୀୟ କର୍ମକର୍ତ୍ତା ନିଜ ନିଜ ମଧ୍ୟରେ ଲଢ଼େଇ କରୁଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେବେ ଏମାନେ ନିଜ ନିଜ ଭିତରେ ଗୋଡ଼ ଟଣାଟଣି ହେଉଥିବାବେଳେ ସାଧାରଣ ଜନତାଙ୍କର କେଉଁ ପ୍ରକାରର ସେବା କରିବେ ତାକୁ ନେଇ ସାଧାରଣରେ ଆଲୋଚନା ଜୋର୍ ଧରିଛି।

## ୨୨ରେ ଓଡ଼ଗାଁରେ ମେଗା ସ୍ୱାସ୍ଥ୍ୟମେଳା

ଓଡ଼ଗାଁ,୧୮।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମର ଶୁଭାରମ୍ଭ ପରିପ୍ରେକ୍ଷୀରେ ଆସନ୍ତା ୨୨ ତାରିଖରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଶିବିରରେ ସମ୍ ଅଲ୍‌ଟିମେଟ୍ ହସ୍ପିଟାଲ ଭୁବନେଶ୍ୱର ଶଲ୍ୟ ବିଭାଗ ଡା. ସୋନାଲୀ ମହାନ୍ତି ଏବଂ ଗ୍ୟାଷ୍ଟ୍ରୋ ସାଇନ୍ସ ଓ ହେପାଟୋଲୋଜି ବିଭାଗର ବରିଷ୍ଠ ଡାକ୍ତର ଦେବକାନ୍ତ ମିଶ୍ର ଉପସ୍ଥିତ ରହିବାକୁ ସମ୍ମତି ଜଣାଇଛନ୍ତି। ଏଥିସହିତ ମେଡିସିନ, ପ୍ରସୂତି, ଚକ୍ଷୁ, ଦନ୍ତ ଏବଂ ଅନ୍ୟାନ୍ୟ ବିଭାଗର ଡାକ୍ତରମାନେ ଏଥିରେ ଯୋଗଦେଇ ବାଳିକାଙ୍କ ସହିତ ସବୁ ବର୍ଗର ମହିଳାମାନଙ୍କ ବିସ୍ତୃତ ଭାବେ ସ୍ୱାସ୍ଥ୍ୟ ଯାଞ୍ଚ କରି ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ନାମ ପଞ୍ଜୀକରଣ ପାଇଁ ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ସେଲକୁ ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ ଆନୁଷ୍ଠାନିକ ଭାବେ ୧୭ ତାରିଖରେ ଲୋକାର୍ପଣ କରିଥିଲେ। ତେବେ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମେଗା ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଆସିବାକୁ ଥିବା ମହିଳାମାନେ ଓଡ଼ଗାଁ ଡାକ୍ତରଖାନାକୁ ଆସି ଏବେଠାରୁ ଖୁବ୍‌ଶୀଘ୍ର ସେମାନଙ୍କ ନାମ ପଞ୍ଜୀକରଣ କରିବାକୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିଲାନ୍ ଦାସ କହିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଭାପୁର,୧୮।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ପଞ୍ଚାୟତ ବିଜୟନଗର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଉଦୟନାଥ ମହାନ୍ତିଙ୍କ ଧର୍ମପତ୍ନୀ ପ୍ରେମଲତା ମହାନ୍ତି(୮୬)ଙ୍କ ବୁଧବାର ଦିନ ୧୦ଟାରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରିବା ପାଇଁ ଘରକୁ ଆସିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ବିପିନ ବିହାରୀ ମହାନ୍ତି ଗୋଳାପୋଖରୀ ଆର୍‌ଆଇ ଅଫିସରେ ଅମିନ ଅଛନ୍ତି। ସାନପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ। ତାଙ୍କର ଚାରିପୁଅ ଓ ଗୋଟିଏ ଝିଅ ଅଛନ୍ତି। ଦ୍ୱାଇ ଦୈନିକ 'ସକାଳ' ଖବରକାଗଜର ଭାପୁର ବ୍ଲକ୍ ପ୍ରତିନିଧି ଅଛନ୍ତି।

## ବ୍ଲକ୍‌ସ୍ତରୀୟ 'ଉଲ୍ଲାସ' ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭାପୁର,୧୮।୯ (ସମିସ): ସମସ୍ତଙ୍କ ପାଇଁ ଶିକ୍ଷା ଯୋଜନା ସରକାର ଆରମ୍ଭ କରିଛନ୍ତି। ଶିକ୍ଷାରୁ ବଞ୍ଚିତ ହୋଇଥିବା ୧୫ ବର୍ଷରୁ ଊର୍ଦ୍ଧ୍ୱ ଯୁବକ ଯେଉଁମାନେ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଶିକ୍ଷାଦାନ କରି ସାକ୍ଷର କରିବା ପାଇଁ ସରକାର 'ଉଲ୍ଲାସ' ଯୋଜନା ଆରମ୍ଭ କରିଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବାଲୁଙ୍କେଶ୍ୱରଦେବ ହାଇସ୍କୁଲରେ ଏକଦିବସୀୟ ଉଲ୍ଲାସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ବ୍ଲକ୍ ଶିକ୍ଷା ଅଧିକାରୀ ମୋନାଲିସା ରଥ ଉଦ୍‌ଘାଟନ କରିଥିଲେ। ବ୍ଲକ୍‌ର ୧୦୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷଣ ନେଇଥିଲେ। ୧୦ ସାଧନ କର୍ମୀ ଓ ୬ ଜଣ ଟ୍ରେନରଙ୍କୁ ନେଇ ନୋଡାଲ ଅଫିସର ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର କର ଏହାକୁ ପରିଚାଳନା କରିଥିଲେ।

## ଜଳସେଚନ ପାଇଁ କେନାଲ ସଫାକଲେ ଚାଷୀ



ଶରଣକୁଳ,୧୮।୯ (ସମିସ): ଶରଣକୁଳ ନିକଟସ୍ଥ ବରସାହି ଗ୍ରାମ ପଞ୍ଚାୟତର ଚାଷୀମାନେ ନିଜ ନିଜର ଧାନ ଜମିକୁ ଜଳସେଚନ କରି ଫସଲ ବଞ୍ଚାଇବା ନିମନ୍ତେ ଉଚ୍ଛେଇ ନାଗଝର କେନାଲକୁ ସଫା କରିବା ପାଇଁ ଲାଗିପଡ଼ିଛନ୍ତି। ଯେଉଁ କାର୍ଯ୍ୟ ଜଳସେଚନ ବିଭାଗ କରିବା କଥା ତାହାକୁ ବରସାହି ଗ୍ରାମ ପଞ୍ଚାୟତର ଚାଷୀ ଭାଇମାନେ କରି ନିଜର ବର୍ଷସାରା ଖାଦ୍ୟ ପାଇଁ ଲାଗିପଡ଼ିଛନ୍ତି। ଜଳସେଚନ ବିଭାଗ ଅଧିକାରୀମାନେ ଏଥିରେ ମନଜ୍ଞାନ ଦେଉନାହାନ୍ତି କି କେନାଲ ସଫେଇ କାର୍ଯ୍ୟକ୍ରମ କରୁନାହାନ୍ତି। ସେଥିପାଇଁ ଆସୁଥିବା ଅର୍ଥକୁ ହରିଲୁଟ୍ କରିଚାଲିଥିବା ଚାଷୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ କୌଣସି ଯୋଗାଯୋଗ ସମ୍ଭବ ହୋଇପାରିଲା ନାହିଁ।

## 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ

ଗଣିଆ,୧୮।୯ (ସମିସ): ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ ଦିନ ୨୦୦ ଜଣ ମହିଳାଙ୍କର ସମସ୍ତ ରୋଗର ଚିକିତ୍ସା ସହିତ ସଚେତନତା ଅନୁଷ୍ଠିତ ହେବ। ୨୧ ତାରିଖରେ ସ୍ୱତନ୍ତ୍ର ଭାବେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସ୍ତ୍ରୀ ରୋଗ ବିଶେଷଜ୍ଞଠାରୁ ଆରମ୍ଭ କରି ଆଖି, ଦନ୍ତ ରୋଗ ଡାକ୍ତରମାନେ ଏହି ଶିବିରରେ ଉପସ୍ଥିତ ରହି ସେବା ଯୋଗାଇବେ। ଉତ୍ତମ ଚିକିତ୍ସା ସହିତ କିଭଳି ଖାଦ୍ୟ ଖାଇଲେ ନିରୋଗ ରହିପାରିବେ ସେ ସମ୍ପର୍କରେ ଶିବିରରେ ଥିବା ଡାକ୍ତର ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ।

## ପଦ୍ମାବତୀ ତଳମାରଡ଼ା ଗାଁ ସୀମା ବିବାଦ
## ସମାଧାନ ପାଇଁ ପ୍ରଶାସନିକ ଉଦ୍ୟମ ବିଫଳ

ଭାପୁର,୧୮।୯ (ସମିସ)




ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପଦ୍ମାବତୀ ପଞ୍ଚାୟତ ପଦ୍ମାବତୀ ଗ୍ରାମ ଓ ତଳମାରଡ଼ା ଗ୍ରାମ ମଧ୍ୟରେ ସୀମା ସରହଦକୁ ନେଇ ଲାଗିରହିଥିବା ବିବାଦର ଆପୋଷ ସମାଧାନ ପାଇଁ ପ୍ରଶାସନିକ ଉଦ୍ୟମ ବିଫଳ ହୋଇଛି। ତିନି ଦିନରେ ଦୁଇ ଦୁଇ ଥର ପ୍ରଶାସନିକ ଅଧିକାରୀମାନେ ଦୁଇ ଗ୍ରାମବାସୀମାନଙ୍କୁ ନେଇ ସମାଧାନ ପାଇଁ କରିଥିବା ଉଦ୍ୟମ ବିଫଳ ହୋଇଛି।

ଭାପୁର ବ୍ଲକ୍ ପଦ୍ମାବତୀ ପଞ୍ଚାୟତ ପଦ୍ମାବତୀ ଗ୍ରାମ ଓ ତଳମାରଡ଼ା ଗ୍ରାମ ମଧ୍ୟରେ ସୀମା ସରହଦକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଗତ ମଙ୍ଗଳବାର ଦୁଇ ଗାଁର ମୁଖ୍ୟ ବ୍ୟକ୍ତିମାନଙ୍କୁ ନେଇ ଭାପୁର ତହସିଲ୍ କାର୍ଯ୍ୟାଳୟରେ ତହସିଲ୍‌ଦାର, ଏସ୍‌ଡିପିଓ, ଫତେଗଡ଼ ଥାନା ଅଧିକାରୀଙ୍କୁ ନେଇ ସମାସ୍ୟା ସମାଧାନ ପାଇଁ ଏକ ବୈଠକ ଆୟୋଜିତ ହୋଇଥିଲା। ଏହା ବିଫଳ ହେବା ପରେ ମଙ୍ଗଳବାର ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ନେତୃତ୍ୱରେ ଭାପୁର ବ୍ଲକ୍ ସଭାଗୃହରେ ଦୁଇ ଗାଁର ୩୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀଙ୍କୁ ନେଇ ସୌହାର୍ଦ୍ଦପୂର୍ଣ୍ଣ ପରିବେଶରେ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଭାପୁର ତହସିଲ୍‌ଦାର ଅର୍ଜୁନ ପ୍ରଧାନ, ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ବିଡିଓ ଶାରଦା ପ୍ରସନ୍ନ ପଣ୍ଡା, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ଓ ସ୍ଥାନୀୟ ଆର୍‌ଆଇ ଉପସ୍ଥିତ ରହି ସମାସ୍ୟା ସମାଧାନ ପାଇଁ ଉଦ୍ୟମ କରିଥିଲେ। ଉଭୟ ଗ୍ରାମବାସୀ ସେମାନଙ୍କ ପକ୍ଷ ରଖିଥିଲେ। ତଳମାରଡ଼ା ଗ୍ରାମର ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ ବାରଣ କରିବା ଓ ପଦ୍ମାବତୀ ଗ୍ରାମର ଦୋକାନୀମାନେ ତଳମାରଡ଼ା ଗ୍ରାମବାସୀଙ୍କୁ କିରାନା ସାମଗ୍ରୀ ନ ଦେବା କଥାକୁ ଦୁଇ ଗ୍ରାମର ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀମାନେ ନାପସନ୍ଦ କରିଥିଲେ। ତଳମାରଡ଼ା ଗ୍ରାମବାସୀଙ୍କ ବିଭିନ୍ନ ଦାବି ଉପରେ ମୁଖ୍ୟତଃ ସମାଧାନ ନିର୍ଭର କରୁଥିବାରୁ ସେହିଗୁଡ଼ିକ ଆଲୋଚନା ହୋଇଥିଲା। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ସୀମା ସରହଦ ଚିହ୍ନଟ ପାଇଁ ଡିମାର୍କେସନ ଓ ଦୁଇଟି ସରକାରୀ ଅନୁଷ୍ଠାନରେ ସେମାନଙ୍କ ଗ୍ରାମର ନାମ ଉଲ୍ଲେଖ କରିବା। ପଦ୍ମାବତୀ ଗ୍ରାମକୁ ଲାଗି ରହିଥିବା ଉଚ୍ଚ ବିଦ୍ୟାଳୟ ଓ ଏହାର ଖେଳପଡ଼ିଆ, ପଞ୍ଚାୟତ କାର୍ଯ୍ୟାଳୟ ଓ ଡାକ୍ତରଖାନା ସମସ୍ତ ଅନୁଷ୍ଠାନ ତଳମାରଡ଼ା ସରହଦ ମଧ୍ୟରେ ନିର୍ମାଣ ହୋଇଥିବା ବୈଠକରେ ଉପସ୍ଥିତ ଆର୍‌ଆଇ ତଥ୍ୟ ରଖିଥିଲେ। ତେଣୁ ଆଉ ସୀମା ସରହଦ ପାଇଁ ମାପଚୁପ ଆବଶ୍ୟକ ନାହିଁ ବୋଲି ସମସ୍ତେ ହୃଦ୍‌ବୋଧ କରିଥିଲେ। ପଦ୍ମାବତୀ ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟ ଓ ଡାକ୍ତରଖାନାରେ ପଦ୍ମାବତୀ ଗ୍ରାମ ସହ ତଳମାରଡ଼ା ଗ୍ରାମର ନାମ ଉଲ୍ଲେଖ କରିବା ପାଇଁ ଦୁଇ ଗ୍ରାମବାସୀ ଓ ପ୍ରଶାସନ ରାଜି ହୋଇଥିଲେ। ଉଭୟ ଗ୍ରାମବାସୀ ଏ ନେଇ ସହମତି ପତ୍ର ପ୍ରଦାନ କରି ଆବେଦନ କଲେ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ପଦକ୍ଷେପ ନେବାକୁ ପ୍ରସ୍ତାବ ରଖିବେ। ଯେଉଁ ହାଇସ୍କୁଲ ଖେଳପଡ଼ିଆକୁ ନେଇ ବିବାଦ ସୃଷ୍ଟି ହୋଇଛି ସେଠାରେ ଦୁଇ ଗ୍ରାମର କେହି ବି କୌଣସି ବ୍ୟକ୍ତିଗତ କାର୍ଯ୍ୟ କରିବେ ନାହିଁ। ଖେଳପଡ଼ିଆଟିରେ ବିଦ୍ୟାଳୟର ସମସ୍ତ କାର୍ଯ୍ୟ, ସରକାରୀ କାର୍ଯ୍ୟ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ଉଭୟ ପକ୍ଷ ରାଜି ହୋଇଥିଲେ ହେଁ ଏଠାରେ ପଦ୍ମାବତୀ ଗ୍ରାମର ଦଶହରା ଭସାଣି କାର୍ଯ୍ୟକ୍ରମକୁ ତଳମାରଡ଼ା ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବାରୁ ଓ ସହମତି ହୋଇ ନ ପାରିବାରୁ ପ୍ରଶାସନିକ ସମାଧାନ ଉଦ୍ୟମ ବିଫଳ ହୋଇଥିଲା। ଏହି ବୈଠକ ବିଫଳ ହୋଇଥିଲେ ହେଁ ପ୍ରଶାସନିକ ଅଧିକାରୀମାନେ ତଳମାରଡ଼ା ଗ୍ରାମବାସୀଙ୍କୁ ସକାରାତ୍ମକ ଭାବେ ପୁନର୍ବାର ବିଚାର କରି ଅଞ୍ଚଳର ଶାନ୍ତି ସ୍ଥିରତା ପାଇଁ ପରବର୍ତ୍ତୀ ସମୟରେ ପୁନର୍ବାର ବୈଠକ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ମୟୂରଭଞ୍ଜ: ଆଶ୍ରମ ସ୍କୁଲରେ ୨୯୩ ନିୟମିତ ଓ ୩୬୯ ଚୁକ୍ତିଭିତ୍ତିକ ଶିକ୍ଷକ ପଦ ଖାଲି

### ଶିକ୍ଷକ ଅଭାବ ବଢ଼ାଉଛି ଚିନ୍ତା

# ବିପଦରେ ଆଦିବାସୀ ବିଦ୍ୟାର୍ଥୀଙ୍କ ଶିକ୍ଷା

ବାରିପଦା, ୧୮ ।୯ (ସମିସ)

ମୟୂରଭଞ୍ଜ ଜିଲ୍ଲାର ଏସଟି ଏସସି ଡେଭଲପମେଣ୍ଟ (ଏସଏସଡି) ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲଗୁଡ଼ିକ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସମୁଦାୟର ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ମୁଖ୍ୟ ଭୂମିକା ନିର୍ବାହ କରୁଛି। ମୟୂରଭଞ୍ଜ ଜିଲ୍ଲାରେ ୧୬୭ଟି ଆଶ୍ରମ ସ୍କୁଲ ଓ ୧୩ଟି ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ (ଇଏମଆରଏସ) ରେ ୫୦ ହଜାର ୨୭୯ ଜଣ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ଏଥିପାଇଁ ୧୩୨୬ଟି ଅନୁମୋଦିତ ଶିକ୍ଷକ ମଧ୍ୟରୁ ୨୯୩ଟି ଅର୍ଥାତ ୨୨% ଖାଲି ରହିଛି। ସେହିପରି ୩୬୯ଟି ଚୁକ୍ତିଭିତ୍ତିକ ପଦ ଖାଲିଥିବା ରହିବା ଯୋଗୁଁ ଶିକ୍ଷକଙ୍କ ଉପରେ ଅତ୍ୟଧିକ ଚାପ ପଡୁଛି। ଫଳରେ ଛାତ୍ର-ଶିକ୍ଷକ ଅନୁପାତ ୪୬-୫୦ (ପ୍ରତି ଶିକ୍ଷକଙ୍କ ଉପରେ) ପର୍ଯ୍ୟନ୍ତ ପହଞ୍ଚିଛି। ଯାହା ଶିକ୍ଷା ଅଧିକାର ଆଇନ (ଆରଟିଇ)ର ୩୦:୧ ଓ ୩୫:୧ ମାନଦଣ୍ଡଠାରୁ ବହୁ ଅଧିକ। ବିଶେଷଭାବେ ମାଟ୍ରିକ ସିଟି ଶିକ୍ଷକ ପଦବୀ ୨୦୬ଟି ଏବଂ ଓ ଏଲସିସିଏ/ସିସିଏ ୨୮୬ଟି ପଦ ଖାଲି ପଡ଼ିଛି। ଏହିସବୁ ପଦ ଖାଲିପଡ଼ିଥିବାରୁ ମୌଳିକ ଓ ଉଚ୍ଚଶିକ୍ଷାକୁ ପ୍ରଭାବିତ କରୁଛି। ଏହି ସଂକଟ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷଣୀୟ ଅନ୍ତର ବୃଦ୍ଧି କରୁଛି। କେବଳ ଅନ୍ତର ନୁହେଁ, ଡ୍ରପଆଉଟ ହାର ମଧ୍ୟ ବଢ଼ାଇବାର ଆଶଙ୍କା ସୃଷ୍ଟି କରୁଛି। ଜିଲ୍ଲାରେ ତୁରନ୍ତ ଶିକ୍ଷକ ନିଯୁକ୍ତି ନ ହେଲେ ସମସ୍ୟା ଆହୁରି ଗମ୍ଭୀର ହେବା ସହ ଆଦିବାସୀ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଜିଲ୍ଲା ମଙ୍ଗଳ ବିଭାଗର ତଥ୍ୟ ଅନୁଯାୟୀ, ଜିଲ୍ଲାର ୧୬୭ଟି ଆଶ୍ରମ/ଏସଏସଡି ବାଳିକା ସ୍କୁଲରେ ୪୭, ୬୨୯ ଜଣ ଛାତ୍ରଛାତ୍ରୀ ଓ ୧୩ଟି ଏକଲବ୍ୟ ମଡେଲ ସ୍କୁଲରେ ୨, ୬୫୦ ଜଣ ଅଧ୍ୟୟନ କରୁଛନ୍ତି। ମାତ୍ର ୧, ୦୩୩ ଜଣ ନିୟମିତ ଶିକ୍ଷକ ଓ ୧, ୫୮୧ ଜଣ ଚୁକ୍ତିଭିତ୍ତିକ କର୍ମଚାରୀ (ଶିକ୍ଷା ସହାୟକ ଓ ଏଲସିସିଏ/ସିସିଏ ସମେତ) ରହିଛନ୍ତି। ସର୍ବାଧିକ ଖାଲିପଦ ମାଟ୍ରିକ ସିଟି (୨୦୬), ଟିଜିଟି ଆର୍ଟସ (୧୬), ଶାରୀରିକ ଶିକ୍ଷା ଶିକ୍ଷକ (୧୬) ଓ ହିନ୍ଦୀ ଶିକ୍ଷକ (୧୦) ପଦରେ ରହିଛି। ଏହା ବ୍ୟତୀତ ୩୬୯ଟି ଚୁକ୍ତିଭିତ୍ତିକ ପଦ ମଧ୍ୟ ଖାଲି ରହିଛି; ଯେଉଁଥିରେ ଏଲସିସିଏ/ସିସିଏ (୨୮୬) ଓ ଶିକ୍ଷା ସହାୟକ (୩୪) ଅନ୍ତର୍ଭୁକ୍ତ। ବିଶେଷକରି, ବିଜ୍ଞାନ ଓ ଗଣିତ ଭଳି ବିଷୟରେ ଶିକ୍ଷକ ଅଭାବ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଓ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପଛରେ ପକାଇ ଦେଉଛି। ଜଣେ ଅଭିଭାବକଙ୍କ କହିବାନୁଯାୟୀ, ପିଲାମାନେ ସ୍କୁଲକୁ ଯାଉଛନ୍ତି; କିନ୍ତୁ ଶିକ୍ଷକ ନ ଥିବାରୁ ପଢ଼ା ଠିକ୍ ହେଉନାହିଁ। ସେହିପରି ଜଣେ ବରିଷ୍ଠ ଶିକ୍ଷକ କହିଛନ୍ତି, ଆମକୁ ୫୦୬୦ ଜଣ ଛାତ୍ରଙ୍କୁ ଏକାହାତରେ ପଢ଼ାଇବାକୁ ପଡୁଛି। ଅନୁପାତ ଚାପ ଯୋଗୁଁ ଗୁଣାତ୍ମକ ଶିକ୍ଷା ଦେବା ସମ୍ଭବ ହେଉନାହିଁ। ବିଶେଷକରି ବିଜ୍ଞାନ ଓ ଗଣିତ ବିଷୟରେ ପିଲାଙ୍କ ଡାଉଟ କ୍ଲିୟର ହୋଇପାରୁନାହିଁ। ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କୁ ପଚାରିବାରୁ ଖାଲି ପଦ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। କିଛି ନିଯୁକ୍ତି ପ୍ରକ୍ରିୟା ଚାଲିଛି। ଆଉ ଯାହା ହୋଇପାରିନି, ତାହାକୁ ପୂରଣ କରିବାକୁ ଜିଲ୍ଲାପାଳଙ୍କ ମାଧ୍ୟରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ସମାଧାନ ପାଇଁ ତୁରନ୍ତ ମାଟ୍ରିକ ସିଟି, ଟିଜିଟି ଓ ବିଜ୍ଞାନ ଶିକ୍ଷକ ପଦରେ ଖାଲିପଦ ପୂରଣ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ ଆରମ୍ଭ କରାଯିବା ଉଚିତ। ସେହିପରି ସ୍ଥାୟୀ ନିଯୁକ୍ତି ପୂର୍ବରୁ ଶିକ୍ଷା ସହାୟକ ଓ ଅନ୍ୟ କର୍ମଚାରୀଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତ କରାଯାଉ। ବର୍ତ୍ତମାନର ଶିକ୍ଷକଙ୍କୁ ଏକାଧିକ ବିଷୟ ପଢ଼ାଇବା ଓ ବହୁ ଛାତ୍ରଙ୍କୁ ସମ୍ଭାଳିବା ପାଇଁ ପ୍ରଶିକ୍ଷଣ ଦିଆଯାଉ। ସେହିପରି ଶିକ୍ଷାର ଗୁଣବତ୍ତା ଓ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ନିୟମିତ ମୂଲ୍ୟାଙ୍କନ କରାଯିବା ଉଚିତ ବୋଲି ବହୁ ଶିକ୍ଷାବିତ ମତପ୍ରକାଶ କରିଛନ୍ତି।




**ଛାତ୍ର-ଶିକ୍ଷକ ଅନୁପାତ ୫୦ରୁ ଅଧିକ; ଗୁଣାତ୍ମକ ଶିକ୍ଷା ଉପରେ ପ୍ରଶ୍ନବାଚୀ**

**ବିଜ୍ଞାନ ଓ ଗଣିତ ଶିକ୍ଷକ ଅଭାବ ସର୍ବାଧିକ**

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



**ବୈଶିଙ୍ଗା, ୧୮।୯ (ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ସମ୍ପର୍କିତ କାର୍ଯ୍ୟକ୍ରମ 'ସଖି' ଅନୁଷ୍ଠିତ ହୋଇଯାଇଛି। ଏସଏମ୍ଏଫ୍‌ଜି ଗ୍ରାମ୍ୟ ଶକ୍ତି ବ୍ୟାଙ୍କ ଓ ଯୁବ ବିକାଶ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ଉଦଘାଟନ କରିଥିଲେ। ଜିଲ୍ଲା କମ୍ୟୁନିଟି ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ମହାନ୍ତ ପ୍ରଶିକ୍ଷକ ଭାବରେ ଯୋଗଦେଇ ଛାତ୍ରଛାତ୍ରୀ, ମହିଳା କିଭଳି ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସରେ ସହଜରେ ଜମା ଖାତା ଖୋଲି ପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଛାତ୍ରଛାତ୍ରୀ, ମହିଳା କିଭଳି ବୀମା, ସଞ୍ଚୟ କ୍ଷେତ୍ରରେ ଠିକଭାବେ ଅର୍ଥ ବିନିଯୋଗ କରି ଯଥେଷ୍ଟ ଲାଭବାନ ହୋଇପାରିବେ ସେ ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀ କିଭଳି ସାଇବର ଠକେଇରୁ ନିଜକୁ ରକ୍ଷା ପାଇବେ ସେ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ୍, ବଂଶୀଧର ଗିରି, ତରଣୀକାନ୍ତ ମହାନ୍ତ, ହରେକୃଷ୍ଣ ମହାନ୍ତ, ଶୁଭାଶିଷ ପଣ୍ଡା ଓ ଶୁଭବନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ବୀମା, ସଞ୍ଚୟ ଓ ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶୁଭାଶିଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷକ ଶୁଭବନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ସ୍ତ୍ରୀକୁ ନିର୍ଯାତନା ସହ ମାରିଦେବାକୁ ଉଦ୍ୟମ ଘଟଣା

## ସ୍ୱାମୀକୁ ବର୍ଷେ ଜେଲ୍ ଓ ୧୦ ହଜାର ଜରିମାନା

**ମୋରଡା, ୧୮।୯ (ସମିସ):** ମୋରଡା ଜେଏମଏଫସି କୋର୍ଟର ବିଚାରପତି ଶ୍ରୁତି ପଟ୍ଟନାୟକ ଗୁରୁବାର ସ୍ତ୍ରୀକୁ ମାରପିଟ ଓ ନିର୍ଯାତନା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀକୁ ୧ ବର୍ଷ ଜେଲ ସହ ପୀଡିତାଙ୍କୁ ୧୦ ହଜାର ଟଙ୍କାର ପ୍ରଦାନ ଓ ଅନାଦାୟେ ଅଧିକ ୪ ମାସ ଜେଲ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ସୂଚନା ମୁତାବକ ମୋରଡ଼ା ଥାନା ଅଧୀନ ସିନ୍ଦୁରଯୋଡ଼ା ଗ୍ରାମର କାଜଲ ମାର୍ଣ୍ଡି ଉକ୍ତ ଗ୍ରାମର ସନାତନ ମାର୍ଣ୍ଡିଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସନାତନ ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ରଖିଥିଲେ। ଏହାକୁ କାଜଲ ବିରୋଧ କରିବାରୁ ସନାତନ ବିଭିନ୍ନ ସମୟରେ ମାରପିଟ କରିବା ସହିତ ନିର୍ଯାତନା ଦେଉଥିଲା। କିଛି ବର୍ଷ ପରେ ସନାତନ ଚକୁଲିଆ ଗ୍ରାମର ସୋମବାରୀ ନାମକ ଝିଅଙ୍କୁ ଦ୍ୱିତୀୟ ବିବାହ କରି ଘରକୁ ନେଇ ଆସିଥିଲା; ଯାହାକୁ କାଜଲ ବିରୋଧ କରିବାରୁ ସନାତନ ତାଙ୍କୁ ମାରପିଟ କରିଥିଲେ। ଏବାବଦରେ କାଜଲ ପୁଲିସକୁ ଜଣାଇଥିଲେ; କିନ୍ତୁ ଗ୍ରାମର କିଛି ଭଦ୍ର ଲୋକଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସମାଧାନ ହୋଇଥିଲା। ହେଲେ କିଛି ଦିନ ପରେ ସନାତନ ପୁଣି କାଜଲଙ୍କୁ ମାରିପଟ କରିବା ଆରମ୍ଭ କରିଥିଲା। ଫଳରେ ସନାତନଙ୍କ ଦ୍ୱିତୀୟ ପତ୍ନୀ ସୋମବାରୀଙ୍କ ସମ୍ପୃକ୍ତି ନେଇ କାଜଲ ସନ୍ଦେହ କରିଥିଲେ ଏବଂ ଦିନେ କାଜଲଙ୍କୁ ସନାତନ ମାଡ଼ ମାରୁଥିବା ସମୟରେ ଗ୍ରାମବାସୀ ଭୀମ ମୁର୍ମୁ, ଗୋବିନ୍ଦ ମୁର୍ମୁ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣା ବାବଦରେ ମୋରଡା ଥାନାରେ ଅଭିଯୋଗ କରିଥିଲେ ; ଯାହାକୁ ନେଇ ଥାନାରେ ୭୨/୦୭ରେ ଏକ ମାମଲା ରୁଜୁ ହୋଇଥିଲା।

## ରାଜୀବଗାନ୍ଧୀ ସେବା କେନ୍ଦ୍ରରୁ ଚୋରି

**ବହଳଦା, ୧୮।୯ (ସମିସ):** ତିରିଂ ବ୍ଲକ ଅନ୍ତର୍ଗତ ଗିଡିଲତା ଗ୍ରାମପଞ୍ଚାୟତ ସଂଲଗ୍ନ ପରିସରରେ ଥିବା ରାଜୀବଗାନ୍ଧୀ ସେବା କେନ୍ଦ୍ରରୁ ବୁଧବାର ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି। ଗିଡିଲତା ସରପଞ୍ଚ ଭାଦା ସୋରେଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ସକାଳେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଲା ବେଳକୁ ଭବନର ମୁଖ୍ୟ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଦେଖିଲା ବେଳକୁ ସେବାକେନ୍ଦ୍ରରେ ଥିବା ଦୁଇଟି କୋଠରୀର ତାଲା ମଧ୍ୟ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସରପଞ୍ଚ ଭଦା ସୋରେନ୍ ତିରିଂ ଥାନାକୁ ଖବର ଦେଇଥିଲେ। କେନ୍ଦ୍ରରୁ ବଡ ଏଲଇଡି ଟିଭି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ସାଇଣ୍ଟିଫିକ ଦଳ ସହ ସନ୍ଧାନୀ କୁକୁର ପହଞ୍ଚିବା ପରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଭବନରୁ ବାସ୍ତବରେ କେତେ କଣ ସାମଗ୍ରୀ ଚୋରି ହୋଇଛି ତାହା ଜଣାପଡ଼ିବ। ତେବେ ଖୁବ୍ ଶୀଘ୍ର ଏହି ଚୋରୀ ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ତିରିଂ ପୁଲିସ ସୂଚନା ପ୍ରଦାନ କରିଛନ୍ତି।

### ଶରତ ଅଞ୍ଚଳର ଶିକ୍ଷାନୁଷ୍ଠାନକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଗସ୍ତ

## ଶୀଘ୍ର ପୂରଣ ହେବ ଖାଲିଥିବା ଶିକ୍ଷକ ପଦ

**ଶରତ, ୧୮।୯ (ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଶରତ ଫୁଲମତୀ ହେମ୍ବ୍ରମ ବାଳିକା ବିଦ୍ୟାଳୟକୁ ଆଜି ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ବରିଷ୍ଠ ଅଧିକାରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପରିଦର୍ଶନରେ ଆସିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ପ୍ରଥମେ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଖାଲି ପଡ଼ିଥିବା ହିନ୍ଦୀ ଶିକ୍ଷକ ପଦବୀ ୩ ଦିନରେ ପୂରଣ ହେବାକୁ ନେଇ ଛାତ୍ରୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ଉକ୍ତ ବିଦ୍ୟାଳୟରେ ଖାଲି ପଡ଼ିଥିବା ଗଣିତ ଶିକ୍ଷକ ପଦବୀ ମଧ୍ୟ ୩ ଦିନ ମଧ୍ୟରେ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଶରତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଣ୍ଣଡ ଏକ୍କା, ଶିକ୍ଷକ ସ୍ୱାଧୀନ କୁମାର ବିଶ୍ୱାଳ, ଶିକ୍ଷକ ପ୍ରହ୍ଲାଦ ସାହୁ, ଶିକ୍ଷକ ସାକିଲା ମୁର୍ମୁ, ଶିକ୍ଷକ ବେଣୁଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ଗାମାଏ ରିମିଲ ଗୋଇପାଇ ଉପସ୍ଥିତ ରହି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟ ସମୂହର ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ୟା ଗୁଡ଼ିକ ମଧ୍ୟରେ ଶରତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ ଖେଳ ପଡ଼ିଆ ନ ଥିବା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ଧାନବିଲ ଦଳିଚକଟି ନଷ୍ଟ କଲେ ହାତୀପଲ



**ବୈଶିଙ୍ଗା, ୧୮।୯ (ସମିସ):** ବେତନଟୀ ରେଞ୍ଜ ଅଧୀନ ପୁଲଝରି ଜଙ୍ଗଲକୁ ୯ଟି ହାତୀ ଖସି ଆସିଥିବା ବେଳେ ଜନସାଧାରଣ ଭୟଭୀତ ଅବସ୍ଥାରେ ରହୁଛନ୍ତି। କିଛି ମାସ ବ୍ୟବଧାନ ପରେ ପୁଣି ୯ ଟିକିଆ ହାତୀପଲ ଗାଁରେ ପଶି ବ୍ୟାପକ ଧାନ ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଦିନରେ ଜଙ୍ଗଲରେ ରହୁଥିବାବେଳେ ସନ୍ଧ୍ୟା ହେଲେ ଧାନ ଫସଲରେ ପଶି କ୍ଷତି କରୁଛନ୍ତି। ଫଳରେ ବ୍ୟାପକ ଧାନ କିଆରି ନଷ୍ଟ ହୋଇଯାଇଛି। ପୁଲଝରି ଗ୍ରାମର ରାଧାମୋହନ ରାଉତଙ୍କ ଧାନ କିଆରୀକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ହାତୀପଲକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇ ରହି ଘରୁ ବାହାରୁନାହାନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## କେନ୍ଦୁଝର ରାଜସ୍ୱ କମିଶନର ସଚିବଙ୍କ ସମୀକ୍ଷା ବୈଠକ



**ବାରିପଦା, ୧୮।୯ (ସମିସ):** କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସଚିବ ନିହାରରଞ୍ଜନ ଦାଶ ଦୁଇ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ରାଜସ୍ୱ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଇଶ୍ୱରଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, କରଞ୍ଜିଆ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ଦାଶ ମୁଖ୍ୟତଃ ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଜମିଜମା ମାମଲା, ବିଭିନ୍ନ ସାର୍ଟିଫିକେଟ୍, ଭୂମିହୀନ ପଟ୍ଟା, ଜଙ୍ଗଲ ଜମି ପଟ୍ଟା, ମିଉଟେସନ, ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ, ଆବଶ୍ୟକ ସ୍ଥଳେ ଆର୍ଥିକ ସହାୟତା ପ୍ରଦାନ, ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସମାଧାନ ଉପରେ ସମୀକ୍ଷା କରିଥିଲେ। ଏହାବ୍ୟତୀତ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଥିବା ଟ୍ରାଇଙ୍ଗୁଲାର କମିଟି ବୈଠକରେ ଯୋଗଦେଇ ବୋର୍ଡ଼ ଅଫ ରେଭିନ୍ୟୁ, କଟକଙ୍କ ଅଡିଟ ରିପୋର୍ଟ ଉପରେ ସମୀକ୍ଷା କରିବା ସହିତ ଅଡିଟ ପାରାଗୁଡିକ କିପରି ସେଟେଲ ହୋଇ ଡ୍ରପ ହୋଇପାରିବ ସେ ନେଇ ଅଧିକାରୀଙ୍କ ସହିତ ବିଚାର ବିମର୍ଶ କରିଥିଲେ। ସମୀକ୍ଷା ପରେ ଶ୍ରୀ ଦାଶ ଅଧିକାରୀ ଓ କର୍ମଚାରୀଙ୍କୁ ଲୋକଙ୍କ ପ୍ରତିଟି ଅଭିଯୋଗ ଓ ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ତଥା ସକାରାତ୍ମକ ମନୋଭାବ ନେଇ ସମାଧାନ ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସରକାରୀ ଯୋଜନାରୁ ପ୍ରକୃତ ହିତାଧିକାରୀ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନଦେବାକୁ ସେ କହିଥିଲେ।

### ଆନ୍ତଃ ମହାବିଦ୍ୟାଳୟ ଲାଖବିନ୍ଧା ପ୍ରତିଯୋଗିତା

## ଏମ୍‌ପିସି କଲେଜ ଗ୍ରୁପ୍ ଚାମ୍ପିଅନ୍

**ଶୁକ୍ଳି/ରରୁଆଁ, ୧୮।୯ (ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ଚଳିତ ବର୍ଷ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଲାଖବିନ୍ଧା (ଆର୍ଚେରୀ) ଟୁର୍ଣ୍ଣାମେଣ୍ଟ ଚୈତନ୍ୟ ପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟ ଭଞ୍ଜକିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦଘାଟନୀ ସମାରୋହରେ ଅଧ୍ୟକ୍ଷ ଜ୍ୟୋତିଶଙ୍କର ମହାନ୍ତ ସଭାପତିତ୍ୱ କରିଥିଲେ। ରାଇରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋହର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ସିପି ଡ଼ିଗ୍ରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଶିକ୍ଷାବିତ ଅଭିମନ୍ୟୁ ମହାନ୍ତ ସ୍ୱତନ୍ତ୍ର ଅତିଥି ଏବଂ ଅବସରପ୍ରାପ୍ତ କ୍ରୀଡାଶିକ୍ଷକ ଯୋଗେନ୍ଦ୍ରନାଥ ମହାନ୍ତ, ଚୈତନ୍ୟ ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁବୋଧ ଚନ୍ଦ୍ର ବାରିକ, ରେଡ଼କ୍ରସ କାଉନସେଲର ଅଧ୍ୟାପକ ଶିରୋପାଣି ମହାନ୍ତ, ଯୁବନେତା ବିପିନ ବିହାରୀ ମହାନ୍ତ (ଲାଲି ଭାଇ) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ବିଶ୍ୱଜିତ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏମପିସି କଲେଜର ଖେଳଶିକ୍ଷକ ସତ୍ୟନାରାୟଣ ବାରିକ ଓ ସୀମାନ୍ତ ମହାବିଦ୍ୟାଳୟର ଖେଳ ଶିକ୍ଷକ ସଦାନନ୍ଦ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଖେଳଶିକ୍ଷକ ସୁଧାରଞ୍ଜନ ମହାକୁଡ଼, ତାପସ କୁମାର ମହାକୁଡ଼, ଶିଶିର କୁମାର ମହାନ୍ତ, କୃଷ୍ଣଚନ୍ଦ୍ର ପଲେଇ, ପ୍ରଦୀପ ଗୁମଳିଆ, ଧନେଶ୍ୱର ମୁର୍ମୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମହିଳା ବର୍ଗର ପ୍ରଥମ ସ୍ଥାନରେ ସୌଦାମିନୀ ହେମ୍ବ୍ରମ, ଦ୍ୱିତୀୟ ସ୍ଥାନରେ ତେଜସ୍ୱିନୀ ମହାନ୍ତ ଏବଂ ତୃତୀୟ ସ୍ଥାନରେ ରେଣୁକା ଟୁଡୁ ରହିଥିବା ବେଳେ ପୁରୁଷ ବର୍ଗରେ ସିଦ୍ଧିଲାଲ ମୁର୍ମୁ ପ୍ରଥମ, ବାଇଧର ସୋରେନ ଦ୍ୱିତୀୟ ଓ ନାରାୟଣ ମାଝୀ ତୃତୀୟ ସ୍ଥାନ ହାସଲ କରିଥିଲେ। ଏମପିସି ମହାବିଦ୍ୟାଳୟ ଗ୍ରୁପ ଚମ୍ପିଆନ ହୋଇଛନ୍ତି। ସୀମାନ୍ତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ରନର୍ସଅପ ହୋଇଛନ୍ତି। ଉଦଯାପନୀ ସଭାରେ ଅଧ୍ୟକ୍ଷ ସୁବୋଧ ଚନ୍ଦ୍ର ବାରିକ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



### କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରାଳୟ ନିର୍ଦ୍ଦେଶକଙ୍କ ମୟୂରଭଞ୍ଜ ଗସ୍ତ

## ଆଦି କର୍ମଯୋଗୀ ଅଭିଯାନ ସ୍ଥିତି ଅନୁଧ୍ୟାନ

ବାରିପଦା, ୧୮ ।୯ (ସମିସ)




କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶକ ଡ଼କ୍ଟର ବର୍ଣ୍ଣାଳୀ ଡେକା ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଆଦିକର୍ମଯୋଗୀ ଅଭିଯାନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକର ଆଦିବାସୀ ବହୁଳ ଗ୍ରାମ ପରିଦର୍ଶନ କରିଛନ୍ତି। ଆଦି କର୍ମଯୋଗୀ ଯୋଜନା ପ୍ରଧାନମନ୍ତ୍ରୀଙ୍କ ଏକ ଆକାଂକ୍ଷିତ କାର୍ଯ୍ୟକ୍ରମ; ଯେଉଁଥିରେ ଦେଶର ୧୧କୋଟି ଆଦିବାସୀ ବର୍ଗଙ୍କୁ ସଂଶ୍ଳିଷ୍ଟ କରାଯିବ ଏବଂ ୧ ଲକ୍ଷ ଆଦିବାସୀ ଅଧ୍ୟୁଷିତ ଗ୍ରାମ, ୩୦ଟି ରାଜ୍ୟ, ୫୦୦ ଜିଲ୍ଲା, ୩୦୦୦ ବ୍ଲକରେ ୨୦ ଲକ୍ଷ କର୍ମଯୋଗୀ ସୃଷ୍ଟି କରାଯିବ। ଆଦି କର୍ମଯୋଗୀ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଆଦିବାସୀ ଅଞ୍ଚଳରେ ସେବାରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଚେତନ, କର୍ତ୍ତବ୍ୟନିଷ୍ଠ ଓ ଲୋକାଭିମୁଖୀ କରିବା। ଏମାନେ ଆଦିବାସୀ ସମାଜର ସାହିତ୍ୟ, ସଂସ୍କୃତି, ପରମ୍ପରା, ଜୀବନଚର୍ଯ୍ୟା ଓ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଉପରେ ଗଭୀରତାର ସହ ଅନୁଧ୍ୟାନ କରି ଭିଜନ ୨୦୩୦ ପାଇଁ ସେହି ଅଞ୍ଚଳର ବିକାଶ ପାଇଁ ଗ୍ରାମବାସୀଙ୍କ ସହଭାଗିତାରେ କାର୍ଯ୍ୟ ଯୋଜନା (ଆକ୍ସନ ପ୍ଲାନ) ପ୍ରସ୍ତୁତ କରିବେ। ଏଥିସହିତ ସରକାରୀ ଯୋଜନା କିପରି ସୁଚାରୁ ରୂପେ କାର୍ଯ୍ୟକାରିତା ହୋଇ ଲୋକଙ୍କ ପାଖରେ ଶତ ପ୍ରତିଶତ ପହଞ୍ଚି ପାରିବ ତାହାର ସୁନିଶ୍ଚିତ କରାଇବା। ଏହାର ସଫଳ ରୂପାୟନ ପାଇଁ ତ୍ରିସ୍ତରୀୟ ଶ୍ରେଣୀରେ ବିଭକ୍ତ କରାଯାଇ ଆଦି କର୍ମଯୋଗୀ ଯେଉଁଥିରେ ସରକାରୀ ଅଧିକାରୀ, ଶିକ୍ଷକ, ଡାକ୍ତର ଏବଂ ତୃତୀୟରେ ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଅନ୍ତର୍ଭୁକ୍ତ ହୋଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ। ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକରେ ୧୩୬୩ ଆଦିବାସୀ ବହୁଳ ଗ୍ରାମ ରହିଛି। ଏଣୁ ଏହି ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥୀମାନେ ଏଥିପାଇଁ କାର୍ଯ୍ୟ କରିବେ। ତାଙ୍କର ଏହି ଗସ୍ତ କାଳରେ ସେ ଶୁକ୍ଳି ବ୍ଲକର ପଣ୍ଡାବିଲା ଓ ବାରିପଦା ବ୍ଲକର କୃଷ୍ଣଚନ୍ଦ୍ରପୁର ଗ୍ରାମ ପରିଦର୍ଶନ କରିଥିଲେ। ଏଥିସହିତ ବେତନଟୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ଆଦି ସହଯୋଗୀ ଓ ଆଦି ସାଥୀମାନଙ୍କ ପାଇଁ ଆୟୋଜିତ ଆଭିମୁଖୀକରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ସ୍ଥାନୀୟ ଯୁବ ପିଢ଼ି, ଶିକ୍ଷକ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡି କର୍ମୀଙ୍କ ସହିତ ଭାବ ବିନିମୟ କରିଥିଲେ। ସେହିପରି ସେବା, ସଂକଳ୍ପ ତଥା ସମର୍ପଣ ଭାବ ନେଇ କାର୍ଯ୍ୟ କରିବା ସହ ଏହାର ସମ୍ପୂର୍ଣ୍ଣ ସଫଳତା ନିମନ୍ତେ ପରାମର୍ଶ ଦେଇଥିଲେ। ଆଦି ସାଥୀ ଓ ଆଦି ସହଯୋଗୀ ସକ୍ରିୟ ଅଂଶଗ୍ରହଣ କରି ଗ୍ରାମର ବିକାଶ ପାଇଁ ଗ୍ରାମବାସୀଙ୍କ ସହଭାଗିତାରେ ଉପଯୁକ୍ତ କାର୍ଯ୍ୟ ଯୋଜନା (ଆକ୍ସନ ପ୍ଲାନ) ପ୍ରସ୍ତୁତ କରିବେ ବୋଲି ନିର୍ଦ୍ଦେଶକଙ୍କୁ ଦୃଢ ପ୍ରତିଶ୍ରୁତି ଦେଇଥିଲେ।

## ପୁଲିସ ଗାଡ଼ି-ବାଇକ୍ ଧକ୍କା; ୨ ଗୁରୁତର

ଆନନ୍ଦପୁର, ୧୮।୯ (ସମିସ): ଫକୀରପୁର ବାଲୁଙ୍କେଶ୍ୱର ମନ୍ଦିର ଛକ ନିକଟରେ ପୁଲିସ୍ ଗାଡ଼ି ଓ ବାଇକ ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇ ଆନନ୍ଦପୁର ପରେ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତରଦ୍ୱୟ ହେଲେ ଯାଜପୁର ଜିଲ୍ଲା କୋରେଇ ଥାନା ପାଟରଙ୍ଗା ଗାଁର ରବିନ୍ଦ୍ର ଦେହୁରୀ ଓ ଆନନ୍ଦପୁର ଚୋରଗଡିଆ ଅଞ୍ଚଳର ସନୁ ମହାକୁଡ। ଉଭୟ ପୂର୍ବରୁ ପରିଚିତ ଥିବାରୁ ରବିନ୍ଦ୍ରଙ୍କ ଜଣେ ବନ୍ଧୁଙ୍କ ଘର ନନ୍ଦିପଦା ଥାନା ଜଳସରପୁର ଗାଁକୁ ବାଇକ୍ ଯୋଗେ ଯାଇଥିଲେ। ବାଇକ୍ ଦୃତଗତିରେ ଚଳାଉଥିବାରୁ ଆନନ୍ଦପୁର ପୁଲିସ୍‌ର ପାଟ୍ରୋଲିଂ ଟିମ୍ ବାଇକ୍‌କୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ନିୟନ୍ତ୍ରଣ ହରାଇ ପୁଲିସ୍ ଗାଡ଼ିକୁ ଧକ୍କା ଦେଇଥିବା କୁହାଯାଇଛି।

## ଧଳାଜହର ସହ ଜଣେ ଗିରଫ



ହାଟଡ଼ିହୀ,୧୮।୯ (ସମିସ): ପୂର୍ବାହ୍ନ ସମୟରେ ନନ୍ଦିପଦା ଥାନା ମରେଇଗାଁ-ସଡ଼ା ରାସ୍ତାର ମରେଇଗାଁ କେନାଲ ନିକଟରୁ ଧଳାଜହର ନେଇ ଯାଉଥିବା ଜଣେ ଯୁବକକୁ ନନ୍ଦିପଦା ପୁଲିସ ଗିରଫ କରିଛି। ଉକ୍ତ ଯୁବକଠାରୁ ୯୬ଗ୍ରାମର ଧଳାଜହର ଜବତ ହୋଇଛି। ସମ୍ପୃକ୍ତ ଯୁବକ ହେଉଛି ରତନ ଦାସ (୩୭)। ଘର ଭଦ୍ରକ ଜିଲ୍ଲା ବନ୍ତ ଥାନା ଟିଲୋ ପଞ୍ଚାୟତ କଣ୍ଟାପଡ଼ା ଗ୍ରାମରେ। ଧଳାଜହର କାରବାର ଅଭିଯୋଗରେ ପୁଲିସ କେସ ନଂ ୨୭୮/୨୫ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକକୁ କୋର୍ଟ ଚାଲାଣ କରିଛି।

## ପୁଅ ଜନ୍ମଦିନରେ ରକ୍ତଦାନ କଲେ ବାପା



ବେଲବାହାଲି,୧୮।୯ (ସମିସ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରତ୍ୟେକ ଦିନ ରୋଗୀମାନଙ୍କର ବହୁ ମାତ୍ରାରେ ରକ୍ତ ଆବଶ୍ୟକ ପଡୁଥିବା ଦେଖିବାକୁ ମିଳୁଛି। ଏହି ରକ୍ତ ସମସ୍ୟାକୁ ଦୂର କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସେଚ୍ଛାସେବୀମାନେ ଜନ୍ମଦିନ ଏବଂ ବିବାହ ଉତ୍ସବରେ ରକ୍ତ ଦେବା ପାଇଁ ଆଗେଇ ଆସିଥାନ୍ତି। ସେହିପରି ଉପଖଣ୍ଡ ଚିକିତ୍ସାଳୟରେ ଆଜି ଜଣେ ରକ୍ତହୀନତା ରୋଗୀଙ୍କର ଜରୁରିକାଳୀନ ରକ୍ତର ଆବଶ୍ୟକ ଥିଲା। ଏହି ଖବରପାଇ କାର୍ଯ୍ୟରତ ଶିକ୍ଷକ ତାପସ କୁମାର ସା ଉପଖଣ୍ଡ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ପହଞ୍ଚି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ଜଣେ ରକ୍ତହୀନତା ରୋଗୀଙ୍କ ଜୀବନ ବଞ୍ଚାଇ ଉଦାହରଣ ସୃଷ୍ଟି କରିଛନ୍ତି। ତାପସ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଗୋବର୍ଦ୍ଧନପୁର ସରକାରୀ ବିଦ୍ୟାଳୟରେ ଶିକ୍ଷକତା କରି ଆସୁଛନ୍ତି। ଆଜି ତାଙ୍କ ପୁଅ ଅର୍ଣ୍ଣବଙ୍କ ଜନ୍ମଦିନ ଅବସରରେ ସେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା କହିଛନ୍ତି।

## ଦେଓଗାଁରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ଆନନ୍ଦପୁର/ବେଲବାହାଲି,୧୮।୯(ସମିସ): ଘସିପୁରା ବ୍ଲକ ଦେଓଗାଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଆୟୋଜିତ ହୋଇଯାଇଛି ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନ। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ସବୁ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ଇଏନ୍‌ଟି, ଚକ୍ଷୁ, ରକ୍ତଚାପ, ମଧୁମେହ, ରକ୍ତ ପରୀକ୍ଷା, ମୁଖଗହ୍ୱର, ସ୍ତନ ଏବଂ ଗ୍ରୀବା କର୍କଟ, ଗର୍ଭବତୀ ମହିଳାମାନଙ୍କ ପାଇଁ ପ୍ରସବ ପୂର୍ବବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ, ରକ୍ତହୀନତା ସ୍ତର ଯାଞ୍ଚ, ଟେଲିମାନସ ସେବା, ଯକ୍ଷ୍ମା ପରୀକ୍ଷା, ସିକିଲସେଲ, ଆନେମିଆ ଆଦି ରୋଗ ପାଇଁଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଦେଓଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଶିବିରରେ ସରପଞ୍ଚ ସତ୍ୟବ୍ରତ ଭୂୟାଁ, ଡାକ୍ତର ଅନଙ୍ଗ ମଞ୍ଜରି, ସଂଗ୍ରାମ କେଶରୀ ଦାସ, ସୌଭାଗ୍ୟ ରଞ୍ଜନ କର, ରାଜେନ୍ଦ୍ର ରାଉତ, ସ୍ୱାସ୍ଥ୍ୟସେବା କର୍ମଚାରୀ ଟିନାରାଣୀ ପାତ୍ର, ତ୍ରିଲୋଚନ ସାହୁ, ଶଶିକଳା ଜେନା, ଆଶିଷ ଜେନା, ପ୍ରଫୁଲ୍ଲ ଦାସ, ସତ୍ୟପ୍ରସାଦ ଜେନା, ଗୁରିଆ ମୁଖୀ ଉପସ୍ଥିତ ଥିଲେ।

## ଦୁଇ ଦନ୍ତା ହାତୀ ନେଇ ଲୋକେ ଛାନିଆ



ହାଟଡ଼ିହୀ, ୧୮।୯(ସମିସ): ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ମଠକପୁଣ୍ଡିସ୍ଥିତ ମାଆ ଦୁଆରଶୁଣୀଙ୍କ ମନ୍ଦିର ତଥା ଉଇ ଲଭ୍ ହାଟଡ଼ିହୀଠାରେ ଗତକାଲି ସନ୍ଧ୍ୟା ସମୟରେ ହଠାତ୍ ୨ଟି ଦନ୍ତାହାତୀଙ୍କୁ ଦେଖି ସ୍ଥାନୀୟ ଲୋକେ ଛାନିଆ ହୋଇଯାଇଥିଲେ। ହାତୀଦ୍ୱୟ ପଦାଡୋ ଏବଂ କପୁଣ୍ଡି ଗାଁ ମଧ୍ୟରେ ଥିବା ଧାନବିଲରେ ପଶି ମରେଇଗାଁ ଅଭିମୁଖେ ପଳାଇବାକୁ ବସିଥିବା ବେଳେ ଲୋକଙ୍କ ହୋ ହାଲ୍ଲାରୁ ଦନ୍ତାଦ୍ୱୟ ଛେନାପଦିମୁହାଁ ହୋଇଥିଲେ। ହଦଗଡ଼ ବନପାଳ ମଳୟ ସାହୁ, ଘସିପୁରା ବନପାଳ କେଦାର ପାତ୍ର, ନନ୍ଦିପଦା ଥାନାର ଏଏସଆଇ ସୁଷମା ସୁନ୍ଦରୀ ସେଠୀଙ୍କ ସହ ଉଭୟ ପୁଲିସ ଓ ବନବିଭାଗ କର୍ମଚାରୀ ହାତୀ ୨ଟିକୁ ବଡ଼ତୀରା, କାଠିଆସରା, ତରତରା, ଦୁଡୁଗାଁ, ଖଡ଼ିପାଳ ଦେଇ ଆନନ୍ଦପୁର ଜଙ୍ଗଲ ଅଭିମୁଖେ ଘଉଡ଼ାଇଥିଲେ। ହାତୀଦ୍ୱୟ କଟକ ଡିଭିଜନ ଦୈତାରୀ ଜଙ୍ଗଲରୁ ବାହାରି ଆଜକୁ ୧୦ ଦିନ ହେବ ଆନନ୍ଦପୁର, ଦେଓଗାଁ, ହଦଗଡ଼ ଆଦି ଅଞ୍ଚଳର ବିଭିନ୍ନ ଜଙ୍ଗଲ ଏବଂ ଗାଁକୁ ଗାଁ ଘୂରି ବୁଲୁଛନ୍ତି।

**ଆନନ୍ଦପୁର ଆର୍‌ଏମ୍‌ସିର ତାଳିପକା କାମ**

# ପୁରୁଣା ଛାତରେ ନୂଆ ଦୋକାନ ଘର

ଆନନ୍ଦପୁର,୧୮।୯ (ସମିସ)



ଆନନ୍ଦପୁର ଆରଏମ୍‌ସିର ବିଭିନ୍ନ ସ୍ଥାନରେ ତାଳିପକା କାମକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଖଡ଼େଶ୍ୱର ମନ୍ଦିର ନିକଟରେ ଥିବା ହାଟପିଣ୍ଡି ଅବସ୍ଥା ଶୋଚନୀୟ ହୋଇପଡ଼ିବାରୁ ଏହାର ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଥିଲେ; ହେଲେ ମରାମତି ବଦଳରେ ପୁରୁଣା ହାଟପିଣ୍ଡି ଛାତକୁ ବ୍ୟବହାର କରାଯାଇ ନୂତନ ଦୋକାନ ଘର ନିର୍ମାଣ କରାଯାଉଛି। ପ୍ରାୟ ୧୫ ବର୍ଷ ପୂର୍ବର ଦୁର୍ବଳ ଛାତରେ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି।

୨୦୦୯ରେ ତତ୍କାଳୀନ ଉପଜିଲ୍ଲାପାଳ ସୁରଥଚନ୍ଦ୍ର ମଲିକ ଓ ସ୍ଥାନୀୟ ଜନସାଧାରଣଙ୍କ ଉଦ୍ୟମରେ ଆନନ୍ଦପୁର ଆର୍‌ଏମ୍‌ସି ପକ୍ଷରୁ ଏଠାରେ ସୋମବାର ସାପ୍ତାହିକ ହାଟର ଶୁଭାରମ୍ଭ କରାଯାଇଥିଲା। ହାଟରେ ଜନସମାଗମ ହେଉଥିଲା ଏବଂ ଚାଷୀ ଓ ବ୍ୟବସାୟୀଙ୍କ ଗହଳି ଜମୁଥିଲା। ୨୦୧୦ରେ ୧୮ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ହାଟପିଣ୍ଡି ନିର୍ମାଣ କରାଯାଇଥିଲା। ଆରଏମ୍‌ସିର ପରିଚାଳନାଗତ ତ୍ରୁଟି ଯୋଗୁଁ କିଛିମାସ ପରେ ହାଟ ବନ୍ଦ ହୋଇଯାଇଥିଲା। ବ୍ୟାରେଜ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ପୁଣି ହାଟ ଆରମ୍ଭକରାଯିବ ବୋଲି ଆରଏମ୍‌ସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ୧୪ ବର୍ଷ ଯାଇଥିଲେ ବି ହାଟ ଆରମ୍ଭ ହୋଇପାରିନି। ହାଟ ବନ୍ଦ ହେବା ପରେ ପିଣ୍ଡିଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଥିଲା। ହାଟପିଣ୍ଡିର ଦୁରବସ୍ଥା ଯୋଗୁଁ ମରାମତି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ପିଣ୍ଡି ମରାମତି ବଦଳରେ ପୁରୁଣା ଛାତ ତଳେ ଛଅବଖରା ନୂଆ ଦୋକାନ ଘର ନିର୍ମାଣ କରାଯାଉଛି। କାମର କୌଣସି ଟେଣ୍ଡର ହୋଇ ନଥିବାରୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଆର୍‌ଏମ୍‌ସି ସମ୍ପାଦକ ଶକ୍ତିଧର କାଣ୍ଡିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆବେଦନକାରୀ ଠିକାଦାରଙ୍କୁ କାର୍ଯ୍ୟ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ; ରାସ୍ତା ଅବରୋଧ



ଆନନ୍ଦପୁର, ୧୮।୯ (ସମିସ): ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ କୋଲିମାଟି ଛକରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକମାନେ ୨୦ ନଂ ଜାତୀୟ ରାଜପଥ ଅବରୋଧ କରି କ୍ଷତିପୂରଣ ଓ ରାଜପଥରେ ଓଭରବ୍ରିଜ ନିର୍ମାଣ ଦାବି କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ଆନ୍ଦୋଳନ ହଟିଥିଲା। ଦୁର୍ଘଟଣାରେ କୁମୁଡ଼ ଗାଁର ସୁବର୍ଣ୍ଣ ନାୟକଙ୍କ ମୃତ୍ୟୁ ଘଟିଛି। କୋଲିମାଟି ସପ୍ତାହିକ ହାଟକୁ ଆସୁଥିବା ସମୟରେ ସୁବର୍ଣ୍ଣଙ୍କ ବାଇକର ପଛପଟୁ ଏକ ଟ୍ରକ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ କୋଲିମାଟି ଛକଠାରେ ଏକ ଓଭରବ୍ରିଜ ଦାବି କରିଛନ୍ତି। ରାସ୍ତାରୋକ ଯୋଗୁଁ ଉଭୟ ପାର୍ଶ୍ୱରେ ଅନେକ ଗାଡି ଅଟକି ରହିଥିଲା। ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୁଲିସ ଶବ ଜବତ କରି ଡାକ୍ତରଖାନା ପଠାଇ ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ପୁଲିସ ତଦନ୍ତ ଜାରି ରଖିଛି।

## ଶିଶୁ ସାହିତ୍ୟିକ ସୋମନାଥ ମାଝୀଙ୍କ ସ୍ମୃତିସଭା



ରାମଚନ୍ଦ୍ରପୁର,୧୮।୯(ସମିସ): ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ସୁନାମଧନ୍ୟ ସାରସ୍ୱତ ସାଧକ ଏବଂ ଅନ୍ୱେଷା ସାଂସଦର ପୂର୍ବତନ ଉପସଭାପତି ଆଦର୍ଶ ଶିକ୍ଷକ ସୋମନାଥ ମାଝୀଙ୍କ ଏକାଦଶାହ ଅବସରରେ ଅନ୍ୱେଷା ସାହିତ୍ୟ ସଂସଦର ସଭାଗୃହରେ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସମବେତ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମାଝୀଙ୍କ ସାରସ୍ୱତ ସାଧନା ଓଡ଼ିଆ ଶିଶୁ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିବା ସହ ତାଙ୍କ ସୃଷ୍ଟି ସମ୍ଭାର ସମାଜ ପାଇଁ ପଥପ୍ରଦର୍ଶକ ହେବ ବୋଲି କବି ହଳଧର ପଣ୍ଡା, ନରହରି ରାଉତ, ଗଣେଶ୍ୱର ସାହୁ, ଗୋପାଳଚନ୍ଦ୍ର ପରିଡା, ଶରତ ରାଉତ, ସୁରେନ୍ଦ୍ର ବେହେରା, ଶଙ୍କର୍ଷଣ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ସଂଧାରାଣୀ ପୃଷ୍ଟି, ମନୋଜ ପୃଷ୍ଟି, ଅନନ୍ତ ନାରାୟଣ ଦାସ, ବେଣୁଧର ପରିଡା, ଧର୍ମାଧି ସାହୁ, କାଳନ୍ଦୀ ପଟନାୟକ, ଶ୍ରୀକାନ୍ତ ସେନାପତି, ଦୈତାରୀ ବିଶ୍ୱାଳ, ପ୍ରଶାନ୍ତ ଚକ୍ର, ମନୋଜ ପରିଡା, ଶିଳ୍ପୀଶ୍ରୀ ପଟ୍ଟନାୟକ, ସ୍ୱୟଂଶ୍ରୀ ପରିଡା, ସୁଶାନ୍ତ ଦାସ ପ୍ରମୁଖ ଆଲୋଚନା କରିଥିଲେ। ସଂସଦର ସଂପାଦକ ଡ ସନତ ରଥ ପରିଚାଳନା କରିଥିଲେ।

## ନୂଆମାଳିଆରେ ଫୁଟ୍‌ବଲ ପ୍ରତିଯୋଗିତା



ରାମଚନ୍ଦ୍ରପୁର,୧୮।୯(ସମିସ): ଘସିପୁରା ବ୍ଲକ ଗଁପୁର ପଞ୍ଚାୟତ ନୂଆମାଳିଆ ମା'ମଙ୍ଗଳା କ୍ଲବ ପକ୍ଷରୁ ୧୬ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଗଁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁନାଥ ଜେନା, ସମାଜସେବୀ ଅନନ୍ତଚରଣ ଜେନା, ରାମଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୧୬ଟି ଗ୍ରାମାଞ୍ଚଳ ଫୁଟବଲ ଟିମକୁ ନେଇ ଏହି ତିନିଦିନିଆ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହେବ। ମା'ମଙ୍ଗଳା କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରୁଛନ୍ତି। ଶୁକ୍ରବାର ସେମିଫାଇନାଲ ମ୍ୟାଚ ସହ ମେଗା ଫାଇନାଲ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ରହିଛି।

## ଆଦି କର୍ମଯୋଗୀ ଅଭିଯାନର ବ୍ଲକ୍‌ସ୍ତରୀୟ ଓରିଏଣ୍ଟେସନ୍

କେନ୍ଦୁଝର/ଚମ୍ପୁଆ, ୧୮।୯(ସମିସ): କେନ୍ଦୁଝର ସଦର ବ୍ଲକରେ ବରିଷ୍ଠ ଅଧିକାରୀ, ପ୍ରଶିକ୍ଷକ ଏବଂ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣରେ ଆଦି କର୍ମଯୋଗୀ ଅଭିଯାନ-ପ୍ରତିକ୍ରିୟାଶୀଳ ଶାସନ କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବର୍ଣ୍ଣାଲି ଡେକା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଶିବଶଙ୍କର ମିଶ୍ର, ପିଏ, ଆଇଟିଡିଏ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବ୍ଲକ ଉନ୍ନୟନ ଅଧିକାରୀ ବିନୋଦ ପଣ୍ଡା, ଜିଲ୍ଲା ମାଷ୍ଟର ଟ୍ରେନର ଜୟନ୍ତ ସାମନ୍ତସିଂହାର ଏବଂ ବ୍ଲକ ମାଷ୍ଟର ଟ୍ରେନର ଶରତ କୁମାର ମଲିକ ଉପସ୍ଥିତ ଥିଲେ। ପାରସ୍ପରିକ ଅଧିବେଶନ, ଆଲୋଚନା ଏବଂ ଅଭିଜ୍ଞତା-ଆଦାନପ୍ରଦାନ ଏହି କାର୍ଯ୍ୟକ୍ରମକୁ ଆହୁରି ପ୍ରଭାବୀ କରିଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ସହଯୋଗୀ ପରିବେଶ ସୁନିଶ୍ଚିତ କରିଥିଲା। କେନ୍ଦୁଝର ଜିଲ୍ଲାରେ ସ୍ଥାୟୀ ଆଦିବାସୀ ସଶକ୍ତିକରଣ ପାଇଁ ଆଦି କର୍ମଯୋଗୀ ଅଭିଯାନର ମିଶନକୁ ଆଗକୁ ନେବା ପାଇଁ ସମସ୍ତ ଅଂଶୀଦାରଙ୍କ ଦୃଢ଼ ସଂକଳ୍ପ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



ସେହିପରି ଜନଜାତି ବ୍ୟାପାର ମନ୍ତ୍ରଣାଳୟ ତଥା ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ତୃଣମୂଳସ୍ତରୀୟ ଜନଜାତି ନେତୃତ୍ୱ କାର୍ଯ୍ୟକ୍ରମ ଆଦି କର୍ମଯୋଗୀ ଅଭିଯାନର ବ୍ଲକସ୍ତରୀୟ କର୍ମଶାଳା ଚମ୍ପୁଆ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀଙ୍କର ସାମୂହିକ ଓ ବ୍ୟକ୍ତିଗତ ବିକାଶକୁ ସୁଦୃଢ଼ କରିବା ଓ ସଶକ୍ତିକରଣ ଲକ୍ଷ୍ୟରେ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏବିଡିଓ ଚୁନୁ ହାଁସଦା, ତହସିଲଦାର ସଜତ୍ ମାର୍କେ, ଏସିଏଫ ତଥା ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ଏବିଇଓ ନରେନ୍ଦ୍ର ନାଏକ, ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସବ୍ୟସାଚୀ ନାଏକଙ୍କ ସମେତ କୃଷି ଅଧିକାରୀ, ଉଦ୍ୟାନ,ମଙ୍ଗଳ ଓ ସାମାଜିକ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ୨୨ଟି ପଞ୍ଚାୟତର ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ଏଡିଓ, ପିଇଓ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ। ଆଦିବାସୀ ବହୁଳ ଗାଁଗୁଡ଼ିକରେ କର୍ମଯୋଗୀ ରୂପେ ଉପସ୍ଥିତ ରହି ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମୁରବୀ ସ୍ଥାନୀୟ ନେତୃତ୍ୱ ସହ ଆଲୋଚନା କରି ବିକାଶ ଦୃଷ୍ଟିରୁ ଆବଶ୍ୟକ ହେଉଥିବା ଯୋଜନା ତିଆରି କରିବେ। ଆଦିବାସୀ ଗ୍ରାମଗୁଡିକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଡିଓ ଶ୍ରୀ ସାହୁ।

## ଫଳକ ଭଙ୍ଗା ନେଇ ଘସିପୁରା ଥାନାରେ ଏତଲା



ବେଲବାହାଲି,୧୮।୯(ସମିସ): ଘସିପୁରା ଥାନା ଟୋଲଙ୍କପଡ଼ା ଗ୍ରାମରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଆସିଥିବା ଅନୁଦାନରେ ନିର୍ମାଣ ହେଉଥିବା ପଶ୍ଚିମେଶ୍ୱର ମନ୍ଦିରର ଭୋଗ ମଣ୍ଡପ ନିର୍ମାଣ ଚାଲିଥିବା ବେଳେ ଏହାର ଫଳକକୁ କେହି ଦୁର୍ବୃତ୍ତ ଗତକାଲି ରାତିରେ ଭାଙ୍ଗି ଦେଇଥିବା ଅଭିଯୋଗରେ ଥାନାରେ ମାମଲା ରୁଜୁ ହୋଇଛି। ଏତଲାକାରୀ ସଞ୍ଜୟ ବାରିକ ଜଣାଇଛନ୍ତି ଯେ ଗ୍ରାମରେ ଥିବା ପଶ୍ଚିମେଶ୍ୱର ଠାକୁରଙ୍କ ମନ୍ଦିରର ଭୋଗ ମଣ୍ଡପ ନିର୍ମାଣ ପାଇଁ ଗ୍ରାମବାସୀ ତଥା ମନ୍ଦିର କମିଟିର ସଭ୍ୟଙ୍କ ଅନୁରୋଧକ୍ରମେ ଆନନ୍ଦପୁର ବିଡିଓ ସେଠାରେ ଭୋଗ ମଣ୍ଡପ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ନିର୍ମାଣ କାମ ଯୋଜନା ଅନୁଯାୟୀ ଭୋଗ ମଣ୍ଡପ କାମ ଆରମ୍ଭ ହେବା ପୂର୍ବରୁ ସେଠାରେ ୪ ଫୁଟ ଓସାର ଓ ୫ ଫୁଟ ଉଚ୍ଚର କାମ ବିଷୟରେ ସମସ୍ତ ସୂଚନା ଥିବା ଏକ ଫଳକ ସ୍ଥାନିତ କରାଯାଇଥିଲା। ଏହାକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବାରୁ ତାକୁ ଆଇନମତେ ଦଣ୍ଡବିଧାନ ପାଇଁ ଲିଖିତ ଅଭିଯୋଗରେ ଦର୍ଶାଯାଇଛି।

**ଶିକ୍ଷାନୁଷ୍ଠାନ ଆଗରେ ବଢ଼ି ଚାଲିଛି ଦୁର୍ଘଟଣା ଆଶଙ୍କା**

# ହୋଇପାରିଲାନି ସ୍ପିଡ୍‌ବ୍ରେକର ନିର୍ମାଣ



ଚମ୍ପୁଆ, ୧୮।୯ (ସମିସ)

ଚମ୍ପୁଆରୁ ବାସୁଦେବପୁର ରାସ୍ତା ଦିନକୁ ଦିନ ଟ୍ରାଫିକ ନିୟନ୍ତ୍ରଣ ବାହାରକୁ ଯାଉଥିବା ବେଳେ ଅନେକ ସମୟରେ ବାଇକ ଆରୋହୀଙ୍କର ଦ୍ରୁତ ଗତି ଓ ଭାରୀଯାନ ଚଳାଚଳ ଲାଗି ରହିଛି। ଫଳରେ ଏହି ରାସ୍ତା କଡ଼ରେ ରହିଥିବା ବିଦ୍ୟାଳୟଗୁଡିକର ଛାତ୍ରଛାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶେଷ ଭାବରେ ବିଦ୍ୟାଳୟ ଖୋଲିବା ଓ ଛୁଟି ହେବା ସମୟରେ ଯାନବାହନ ଦ୍ରୁତ ଚଳାଚଳ ପାଇଁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ପିଡ ବ୍ରେକର ନିର୍ମାଣ ପାଇଁ ମହତାବ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଚିଠି ନମ୍ବର ୧୧୯ ତା. ୦୩।୦୫।୨୦୨୫ରେ ଜିଲ୍ଲା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗକୁ ଅନୁରୋଧ କରାଯାଇଥିବା ବେଳେ ୨୨।୦।୨୦୨୫ ଚିଠି ନମ୍ବର ୫୧୨୧ରେ ଚମ୍ପୁଆ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗକୁ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ମାତ୍ର ଏହା ମଧ୍ୟରେ ୩ ମାସ ବିତିଯାଇଥିଲେ ମଧ ସ୍ପିଡ ବ୍ରେକ ନିର୍ମାଣ ହୋଇପାରିଲା ନାହିଁ। ଅନ୍ୟପକ୍ଷରେ ଚମ୍ପୁଆଠାରୁ ବାସୁଦେବପୁର ରାସ୍ତାକଡରେ ମହତାବ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଓଡିଶା ଷ୍ଟେଟ୍ ବ୍ରିଗେଡ୍, ଆକାଶଜ୍ୟୋତି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମେତ ଜଡିପଦା ଓ ବସାସାହିଠାରେ ବିଦ୍ୟାଳୟଗୁଡିକ ରହିଛି। ଏନେଇ ଚମ୍ପୁଆ ପୂର୍ତ୍ତ ଓ ଗୃହ ବିଭାଗ ଅଧିକାରୀ ବୁଧିଆ ମାରାଣ୍ଡିଙ୍କୁ ପଚାରିବାରୁ କହିଛନ୍ତି ଯେ ଏଜେନ୍ସିକୁ କୁହାଯାଇଛି ତାର ଲେବର ଆସିନାହାନ୍ତି। ରାସ୍ତା କାର୍ଯ୍ୟ ସରିଛି କମ ଦିନ ଭିତରେ ଧଳା ଦାଗ ଦେବାର ବ୍ୟବସ୍ଥା ରହିଛି। ଉକ୍ତ ସମୟରେ ସ୍ପିଡବ୍ରେକର କାମ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ, ସଡ଼କ ସୁରକ୍ଷା ପ୍ରତି ଅନେକ ସଚେତନତା ସୃଷ୍ଟି ସତ୍ତ୍ୱେ ଏହା ଦୈନନ୍ଦିନ ପଥଚାରୀଙ୍କ ପାଇଁ ବିପଦ ଭାବେ ରହିଆସିଛି। ଚମ୍ପୁଆ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଫଳରେ ଯାନବାହନ ସଂଖ୍ୟା ମଧ ଅହେତୁକ ଭାବେ ବୃଦ୍ଧି ପାଇଛି। ପୁଲିସ ପ୍ରଶାସନ ପକ୍ଷରୁ ଦ୍ରୁତ ଗତି ଉପରେ ଅଙ୍କୁଶ ଲଗାଯାଇ ପାରୁନଥିବାରୁ ଯାନବାହନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ବିଶେଷ ଭାବରେ ବିଦ୍ୟାଳୟ ଓ କାର୍ଯ୍ୟାଳୟ ନିକଟ ରାସ୍ତାରେ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସ୍ପିଡବ୍ରେକର ଆବଶ୍ୟକ ରହିଛି। ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ନଥିବା ଦେଖିବାକୁ ମିଳିଛି।

## ଚମ୍ପୁଆ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର



ଚମ୍ପୁଆ, ୧୮।୯ (ସମିସ): ଚମ୍ପୁଆ ବୀରଧନୁର୍ଜୟନାରାୟଣପୁରଠାରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟସେବା ଯୋଜନା ମହିଳା ଶାଖା ଦ୍ୱାରା ୭ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଉଦଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ, ପ୍ରୋଗ୍ରାମ ଅଫିସର ଦୀପକ କୁମାର କର, କ୍ରୀଡ଼ା ଶିକ୍ଷୟିତ୍ରୀ ଅନିତା ଜେନା, ଅଧାପିକା ଶୁଭାଶିଷ ମହାନ୍ତ, ଶଶିକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ଶ୍ରମିକ ନିରୋଧ ଅଭିଯାନ, ସ୍ୱଚ୍ଛ ଭାରତ, ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ ଶିବିର, ବୃକ୍ଷ ରୋପଣ, ନିଶା ନିବାରଣ, ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ, ବାଲ୍ୟବିବାହ ନିରୋଧ ଅଭିଯାନ ଆଦି ବିଭିନ୍ନ ବିଷୟ ଉପରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମର ମୁଖ୍ୟ ଗଙ୍ଗାଧର କର, ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଚମ୍ପୁଆ ଉପଖଣ୍ଡ ଚିକିତ୍ସା ଅଧୀକ୍ଷକ ଡ ଉମାକାନ୍ତ ସାହୁ, ଡ ଧର୍ମପଦ ଦାସମହାପାତ୍ର, ଆଇନଜୀବୀ ବିଷ୍ଣୁଚରଣ ରାଠୋର, ଚମ୍ପୁଆ ଅବକାରୀ ଅଧିକାରୀ ଏଚ. ଜଗା ରାଓ ପ୍ରମୁଖ ଯୋଗ ଦେଇଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଏସିଏଫ ଅକ୍ଷୟ ଛତ୍ରିଆ, ସମ୍ମାନିତ ଅତିଥି ଭାବେ ପବିତ୍ର ନାୟକ, ସରୋଜ ଆପଟ, ଧନୁର୍ଜୟ ବାରିକ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

■ ଅବକାରୀ ଚଢ଼ଉ

## ମଦ ଓ ପୋଚ ଜବତ, ୪ ଗିରଫ

କୋରାପୁଟ/ସେମିଳିଗୁଡା,୧୮।୯ (ସମିସ): ଅବକାରୀ ବିଭାଗ ଏବଂ ପୁଲିସ ଗୁରୁବାର ପୂର୍ବାହ୍ନରେ ସେମିଳିଗୁଡା ଥାନା ଅନ୍ତର୍ଗତ ଦୁଧାରି ଗ୍ରାମରେ ମିଳିତ ଭାବେ ଚଢ଼ଉ କରି ବିପୁଳ ପରିମାଣର ମଦ ଓ ପୋଚ ଜବତ କରିଥିବା ବେଳେ ଘଟଣାରେ ୪ ଜଣ ଗିରଫ ହୋଇଥିବା ସଦର ଅବକାରୀ ନୀରିକ୍ଷକ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି।



ଦୁଧାରି ଗ୍ରାମରେ ବେଆଇନ ଭାବେ ପ୍ରଚୁର ପରିମାଣର ଦେଶୀ ମଦ ପ୍ରସ୍ତୁତ ଓ ବିକ୍ରି ହେଉଥିବା ଅଭିଯୋଗ ପାଇ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀ ସେହି ଅଞ୍ଚଳରେ ଚଢ଼ଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ସଦର ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଡିଏଫଏସ ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଡିଆରୀ, ସବ୍ ଇନ୍ସପେକ୍ଟର ଜଗବନ୍ଧୁ ଜାନି, ରାଜୁ କୁମାର କ୍ଷିତି, ସେମିଳିଗୁଡା ଥାନା ସବ୍ ଇନ୍ସପେକ୍ଟର ସୁକଲ ମଣ୍ଡଳ ପ୍ରମୁଖଙ୍କୁ ନେଇ ଗଠିତ ଟିମ ଗୁରୁବାର ପୂର୍ବାହ୍ନରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ୨୯୨ ଲିଟର ଦେଶୀ ରନ୍ଧା ମଦ, ୯ ଲିଟର ବିୟର ଏବଂ ୨୬୦୦ ଲିଟର ପୋଚ ଜବତ କରିଥିଲେ। ଘଟଣାରେ ଅବକାରୀ ବିଭାଗ ଦୁଧାରୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ, ଘନଶ୍ୟାମ ଚୌଧୁରୀ ଓ ନିରଞ୍ଜନ ବିଶୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟ ଜଣେ ଗିରଫ ଅଭିଯୁକ୍ତଙ୍କୁ ସେମିଳିଗୁଡା ପୁଲିସ ନୋଟିସ ଦେଇ ଜାମିନରେ ଛାଡିଥିବା ଜଣା ପଡ଼ିଛି। ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହେଉ ଥିବାରୁ ଚୋରା ମଦ କାରବାର ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ଚଢଉ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀ ସୂଚନା ଦେଇଛନ୍ତି।

ଜିଲ୍ଲାପାଳଙ୍କୁ ପୌର ଉପାଧ୍ୟକ୍ଷାଙ୍କ ସାକ୍ଷାତ

# ଉନ୍ନତିମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ନେଇ ଆଲୋଚନା!

ଜୟପୁର, ୧୮।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ଉପାଧ୍ୟକ୍ଷା ଏବଂ ବିଜେଡି ସମର୍ଥକ ୮ ଜଣ କାଉନ୍ସିଲର କୋରାପୁଟ ଠାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରିବା ସହ ପୌରସଂସ୍ଥାର ବିଭିନ୍ନ ବିଷୟ ନେଇ ଆଲୋଚନ କରିଥିଲେ। ଏହି ଆଲୋଚନା ଏବଂ ସାକ୍ଷାତକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହିପରି ଉପାଧ୍ୟକ୍ଷା ବି.ସୁନିତାଙ୍କ ନେତୃତ୍ୱରେ ଅନ୍ୟାନ୍ୟ କାଉନସିଲର ମାନେ ଜୟପୁର ପୌରସଂସ୍ଥା ଦ୍ୱାରା ବିଭିନ୍ନ ଯୋଜନାରେ ନିର୍ମିତ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଥିବା ନେଇ ଉକ୍ତ ଦଳରେ ସାମିଲ ରହିଥିବା ଜଣେ କାଉନସିଲର ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏହିପରି ଜଗନ୍ନାଥ ସାଗର, ନୀଳକଣ୍ଠ ସାଗର, ବିଭିନ୍ନ ବଜାର ପିଣ୍ଡି, ରାସ୍ତାଘାଟ ନିର୍ମାଣରେ ବ୍ୟାପକ ଦୁର୍ନିତୀ ହୋଇଛି ଏବଂ ଏହାର ତଦନ୍ତ ଭିଜିଲାନ୍ସ ଦ୍ୱାରା କରିବା ନେଇ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହିମେଳି ଜୟପୁର ପୌରାଧ୍ୟକ୍ଷଙ୍କ ବିରୋଧରେ ହୋଇଥିବା ନେଇ ଏକ ପ୍ରକାର ଚର୍ଚ୍ଚା ହୋଇଛି। ଏହିପରି କାଉନସିଲର ମାନେ ଜିଲ୍ଲାପାଳଙ୍କୁ ଜୟପୁର ପୌରସଂସ୍ଥା କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ସହରର ଜଗନ୍ନାଥ ସାଗରର ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦରଖ କରିବାକୁ ଅନୁରୋଧ କରିଥିଲେ। ଏହିପରି ଆସନ୍ତା ୫ ଦିନ ମଧ୍ୟରେ ସେ ଜୟପୁର ପୌର କାର୍ଯ୍ୟାଳୟ ଗସ୍ତ କରିବା ସହ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟର ପରିଦର୍ଶନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଉପାଧ୍ୟକ୍ଷା



ଏବଂ କାଉନ୍ସିଲର ମାନେ ଜିଲ୍ଲାପାଳ ତଦାରଖ କରିବା ପରେ ଭିଜିଲାନ୍ସ ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ଏହିପରି ଜୟପୁର କାଉନ୍ସିଲ ଦୁଇ ଭାଗ ହୋଇଥିବା ବେଳେ ଆରୋପ ପ୍ରତ୍ୟାରୋପ ଯୋଗୁଁ ଆଗାମୀ ଦିନରେ ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସେହିପରି ଗତ ମଙ୍ଗଳବାର ପୌର କାଉନସିଲ ବୈଠକରେ ସହରର ଉନ୍ନତିକରଣ କାର୍ଯ୍ୟ ନିମ୍ନମାନର ଏବଂ ବିନା କାଉନସିଲରଙ୍କୁ ଜଣାଇ ସାର ସହରର ୱାର୍ଡ ଗୁଡିକରେ ନିର୍ମାଣ କରାଯାଇ ବ୍ୟାପକ ଦୁର୍ନୀତି କରାଯାଉଛି ବୋଲି ବୈଠକରେ ମୁଖ୍ୟତଃ ବିଜେଡି ସମର୍ଥିତ କାଉନସିଲର ମାନେ ଅଭିଯୋଗ କରିଥିଲେ। କିନ୍ତୁ ଅନାସ୍ଥା ପ୍ରସ୍ତାବ ନେଇ କୌଣସି ଆଲୋଚନା ହୋଇନଥିବା ନେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିବା ନେଇ କାଉନସିଲର ମାନେ ପ୍ରକାଶ କରିଛନ୍ତି। ଜିଲ୍ଲାପାଳଙ୍କୁ ସାକ୍ଷାତ ବେଳେ କାଉନସିଲର ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ଦେବାରାଜ ଚୌଧୁରୀ, ସିମାଞ୍ଚଳ ବିଷୋୟ ପାର୍ଥ ସାରଥୀ ମଲ୍ଲିକ, ଏନ. ଲକ୍ଷ୍ମୀନାରାୟଣ, ଅଜିତ ବେହେରା ଶଶିରେଖା ପରଜା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୌରସଂସ୍ଥାର ୨୦ ନମ୍ବର ୱାର୍ଡର କାଉନସିଲର ଶଶିରେଖା ପରଜା ତାଙ୍କ ୱାର୍ଡର ରହିଥିବା ସାମୂହିକ ଶୌଚାଳୟ ମରମତି କରାଯାଉନାହିଁ, ଭଗବତୀ ମନ୍ଦିର ପରିସରରେ ଶୌଚାଳୟ ନିର୍ମାଣ ପାଇଁ ବାରମ୍ବାର ଦାବି କରାଯାଇଥିଲେ ସୁଦ୍ଧା ଏହାର ନିର୍ମାଣ କରାଯାଉନାହିଁ। ଆସନ୍ତା ୨୧ ତାରିଖ ସୁଦ୍ଧା କାର୍ଯ୍ୟ ଆରମ୍ଭ ନହେଲେ ୨୨ ତାରିଖରୁ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ।

## ଅପପୁଷ୍ଟିମୁକ୍ତ ଗ୍ରାମପଞ୍ଚାୟତ ନେଇ ସଚେତନତା




ରାୟଗଡ଼ା,୧୮।୯ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅପପୁଷ୍ଟି ମୁକ୍ତ ଗ୍ରାମପଞ୍ଚାୟତ ନିମନ୍ତେ ସଚେତନତା ତାଲିମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଉତ୍ତମ ପୋଷଣର ଆବଶ୍ୟକତା ବିଷୟରେ କହିଥିଲେ। ଶିଶୁ ସୁସ୍ଥ ରହିବା ନିମନ୍ତେ ସନ୍ତୁଳିତ ପୋଷଣ ଆବଶ୍ୟକ କରେ। ସୁସ୍ଥ ଶିଶୁ ଶିକ୍ଷାରେ ଅଗ୍ରଗତି କରେ। ସୁସ୍ଥ ବ୍ୟକ୍ତି ଅଧିକ ପରିଶ୍ରମ କରିପାରନ୍ତି। ସୁସ୍ଥ ଗ୍ରାମ ପଞ୍ଚାୟତ ଗଠନରେ ପୋଷଣ ଏକ ଅବିଚ୍ଛେଦ ଅଙ୍ଗ ବୋଲି କହିଥିଲେ। ପି ଏ ଗୋପାଳ ପଣ୍ଡା, ବିଭାଗୀୟ ଅଧିକାରୀ ରାଜକିଶୋର ଦାସ, ଜିପିଡିଓ ସ୍ମୃତିରେଖା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁ ବିକାଶ ବିଭାଗର ସୁପରଭାଇଜର ଯଶୋଦା ବିଭାର ଓ ବରିଷ୍ଠ ଶିକ୍ଷକ ଉମାଶଙ୍କର ପଣ୍ଡା, ପୋଷଣ ସଂଯୋଜିକା ସରସ୍ୱତୀ ସିଂ ସମ୍ବଳ ବ୍ୟକ୍ତି ରୂପେ ତାଲିମ ପ୍ରଦାନ କରିଥିଲେ। ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଏମ୍‌ବିକେ, ସିଆରପି, ୱାର୍ଡ ସଭ୍ୟ, ସମିତି ସଭ୍ୟ ପ୍ରମୁଖ ଏହି ତାଲିମ ଶିବିରରେ ଯୋଗଦାନ କରିଥିଲେ। ବୈଷୟିକ ସଂଯୋଜକ ଯୋଗେନ୍ଦ୍ର ନାୟକ, ଶିକ୍ଷକ ନୀଳାଞ୍ଚଳ ମିଶ୍ର ଏହାର ପରିଚାଳନା କରିଥିଲେ।

## କଲ୍ୟାଣସିଂହପୁର ଗୌଡ଼ ସାହିରେ ଚୋରି

କଲ୍ୟାଣସିଂହପୁର,୧୮।୯ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦର ମହାକୁମାର ଗୌଡ଼ ସାହିର ଜଣଙ୍କ ଘରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗତକାଲି ୯ଟା ମଧ୍ୟରେ ସାହିର ବ୍ରଜସୁନ୍ଦର ନାୟକ ନିଜ କାର୍ଯ୍ୟରେ ରାୟଗଡା ଯାଇଥିଲେ। ରାତ୍ର ଦଶଟା ସମୟରେ ଫେରିଥିଲେ। ଘରକୁ ଫେରି ସେ ସୁନା ଚେନ ଓ କିଛି ଟଙ୍କା ଚୋରି ହୋଇଥିବା ଦେଖି ଥିଲେ। ଆଶ୍ଚର୍ଯ୍ୟର ବିଷୟ ଚାବି ଯେମିତିକି ସେମିତି ଅଛି, କିନ୍ତୁ ଆଲମାରୀରୁ ଟଙ୍କା ଓ ସୁନା ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ ଶ୍ରୀ ନାୟକ। ଥାନା ଅଧିକାରୀ ନୀଳକଣ୍ଠ ବେହେରା ତଦନ୍ତ ଆରମ୍ଭ କରି ଥିଲେ। ଜିଲ୍ଲାରୁ ସଂଧାନୀ କୁକୁର ଡକାଇ ତଦନ୍ତ କରିବା ପରେ ସାହିର ଜଣଙ୍କ ଘରେ କୁକୁର ପଶିଥିବା ବେଳେ ତାଙ୍କ ଘରେ କେହି ନଥିବାରୁ ଚାଲି ଆସିଥିଲେ ପୁଲିସ ଟିମ୍। ଉକ୍ତ ଘର ଲୋକ ଆସିଲେ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି ଥାନା ଅଧିକାରୀ ଶ୍ରୀ ବେହେରା।

## ଜୋର୍ ଧରିଲା ଟିକିରି ବ୍ଲକ୍ ମାନ୍ୟତା ଦାବି

ଟିକିରି,୧୮।୯ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକର ଟିକିରିକୁ ନୂଆ ବ୍ଲକ୍ କରିବା ପାଇଁ ବୁଧବାର ଦିନ ଟିକିରି ପଞ୍ଚାୟତ ଗୃହ ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଆଦିବାସୀ ବହୁଳ କାଶୀପୁର ବ୍ଲକର ୨୪ଟି ଗ୍ରାମ ପଞ୍ଚାୟତର ରହିଥିବା ବେଳେ ଏହାର ଜନସଂଖ୍ୟା ଲକ୍ଷେରୁ ଅଧିକ ରହିଛି। ବ୍ଲକର ଅଧିକାଂଶ ଗ୍ରାମପଞ୍ଚାୟତ ସଦର ମହକୁମା ଠାରୁ ୨୫ରୁ ୪୦ କିଲୋମିଟର ଦୂରରେ ରହିଛି। ବିଗତ ଦିନରେ ତତ୍କାଳୀନ ସରକାର ରାୟଗଡ଼ା ଜିଲ୍ଲା ପୁନର୍ଗଠନ ବେଳେ ଭୌଗଳିକ ଦୃଷ୍ଟି କୋଣ ଏବଂ ଲୋକଙ୍କ ସୁବିଧା ନିମନ୍ତେ କାଶୀପୁର ବ୍ଲକ୍‌କୁ ବିଭାଜନ କରି ଟିକିରିଠାରେ ନୂତନ ବ୍ଲକ୍ ପୁନର୍ଗଠନ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଥିଲା। ଟିକିରି ପଞ୍ଚାୟତ ସଦରଠାରେ ପୁଲିସ ଥାନା, ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ, ଲ୍ୟାମ୍ପ୍‌ସ, ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ ସହିତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟଳୟ, ଶିକ୍ଷାନୁଷ୍ଠାନ ଏବଂ ରେଳଷ୍ଟେସନର ସୁବିଧା ରହିଛି।



ତତ୍କାଳୀନ ସରକାର ବ୍ଲକ ଗଠନ ଦାବିକୁ ଗ୍ରହଣ କରି ୧୯୯୩ ମସିହାରେ ପୂର୍ବତନ ତହସିଲଦାର ତ୍ରିନାଥ ବାହାକଙ୍କ ତତ୍ତ୍ୱାବଧାନରେ ପ୍ରସ୍ତାବିତ ଟିକିରି ବ୍ଲକର ଏକ ନକ୍ସା ପ୍ରସ୍ତୁତ କରିଥିଲେ। ପ୍ରସ୍ତାବିତ ଟିକିରି ବ୍ଲକରେ କୋଡ଼ିପାରି ପଞ୍ଚାୟତ ଏବଂ ଗୋରଖପୁର ପଞ୍ଚାୟତର କିଛି ଅଂଶକୁ ମିଶାଇ ଡ଼ଙ୍ଗାସିଲ, କୁଚେଇପଦର, ପୋଡାପାଡ଼ି, ବାଙ୍କାମ୍ବ, ଶଙ୍କରଡ଼ା ପଞ୍ଚାୟତକୁ ମିଶାଇ ନୂତନ ବ୍ଲକ ଗଠନର ପ୍ରସ୍ତାବ ରହିଥିଲା। ବର୍ତ୍ତମାନ ଗ୍ରାମ ପଞ୍ଚାୟତ ପୁନର୍ଗଠନ ହେବା ପରେ ପଞ୍ଚାୟତ ସଂଖ୍ୟା ଏଗାରକୁ ବୃଦ୍ଧି ପାଇଛି। ସରକାର ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ ନୂତନ ବ୍ଲକ ଗଠନ ନେଇ ସ୍ଥିର କରି ଥିବାରୁ ଟିକିରି ଠାରେ ପ୍ରସ୍ତାବିତ ନୂତନ ବ୍ଲକ ପୁନର୍ଗଠନ ନେଇ ଦାବି ରହିଛି। ଏଣୁ ସରକାରଙ୍କ ପ୍ରସ୍ତାବିତ ନୂତନ ବ୍ଲକ ପ୍ରତିଷ୍ଠାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଟିକିରି ଠାରେ ଏକ ନୂତନ ବ୍ଲକ ପାଇଁ ଦାବି ହେଉଛି। ଏ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବାକୁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।

● ରାଜ୍ୟସ୍ତରୀୟ ସ୍କୁଲ ଗେମ୍ସ ତାଇକୋଣ୍ଡୋ

## ନବରଙ୍ଗପୁର ଖେଳାଳିଙ୍କ ଦୁଇଟି ପଦକ ହାସଲ



ନବରଙ୍ଗପୁର,୧୮।୯ (ସମିସ): କେନ୍ଦୁଝର ଠାରେ ଗତ ୧୦ ତାରିଖରୁ ୧୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ୬୯ତମ ରାଜ୍ୟସ୍ତରୀୟ ସ୍କୁଲ ଗେମ୍ସ ତାଇକୋଣ୍ଡୋ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲାର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏଥିରେ ଦୁଇଟି ପଦକ ହାସଲ କରିଛି ନବରଙ୍ଗପୁର ଦଳ। ପ୍ରଥମ ଦିନ ଉତ୍କଳ ବାଳିକା ଆଶ୍ରମ, ମାଝିଗୁଡାର ଛାତ୍ରୀ ପୂଜା ବନଜାରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଜବାଗୁଡା ସ୍କୁଲରେ ପଢୁଛନ୍ତି। ଦ୍ୱିତୀୟ ଦିନରେ ଆକାଶ ପଣ୍ଡା, ଉତ୍କଳ ବାଳକ ସିନ୍ଦିଗୁଡା ସ୍କୁଲର ଛାତ୍ର, ରୌପ୍ୟ ପଦକ ହାସଲ କରିଥିଲେ। ଦଳରେ ଅନ୍ୟ ଖେଳାଳି ମାନଙ୍କ ମଧ୍ୟରେ ହିମାଂଶୁ ପଟ୍ଟନାୟକ, ଶିବଶଙ୍କର କଲାର, ବାପି ବିଶ୍ୱାସ, ଶୁଭମ୍ ପୁରୀ, ସାଗର ଭତରା, ଡିମ୍ପଲ ପାତ୍ର, ସନା ମୁଣ୍ଡା, ପ୍ରିୟ କଟିମ ଓ ଅର୍ଚ୍ଚନା ବିଷୟୀ ଅଂଶଗ୍ରହଣ କରିଥିଲେ। ଦଳକୁ କୋଚ୍ ହରିଶ ବେହେରା ପ୍ରଶିକ୍ଷଣ ଦେଇଥିଲେ। ଯିଏ ଉତ୍କଳ ବାଳକ ଓ ବାଳିକା ଆଶ୍ରମର ପିଲାମାନଙ୍କୁ ତାଇକଣ୍ଡୋ, ପେଞ୍ଚାକ ସିଲାଟ, ବକ୍ସିଂ ସହିତ ବିଭିନ୍ନ ଖେଳରେ ପ୍ରସ୍ତୁତ କରୁଛନ୍ତି। ଏହାପରେ ସମସ୍ତ ଖେଳାଳି ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିବା ସମୟରେ ଜିଲ୍ଲାପାଳ ଡ. ମହେଶ୍ୱର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଏବଂ ଆଶ୍ରମର କର୍ମଚାରୀ ଓ ସମସ୍ତ ଅଧିକାରୀମାନେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୩ ବାଲି ବୋଝେଇ ହାଇୱା ଜବତ

ରାୟଗଡ଼ା,୧୮।୯ (ସମିସ): ବିନା ଟ୍ରାନ୍‌ଜିଟ୍ ପାସ ତଥା ଆବଶକୀୟ କାଗଜ ପତ୍ର ବିନା ବାଲି ଚାଲାଣ ବେଳେ ୩ଟି ହାଇୱା ଗାଡିକୁ ଜବତ କରିଛି ରାୟଗଡ଼ା ଟାଉନ ଥାନା ପୁଲିସ। ଏ ନେଇ ଗାଡିଗୁଡିକୁ ରାୟଗଡ଼ା ଟାଉନ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି। ସୂଚନା ପ୍ରକାରେ ରାୟଗଡ଼ା ତହସିଲ ଅନ୍ତର୍ଗତ ଏକ ବାଲିଘାଟରୁ ଚାନ୍ଦିଲି ଥାନା ଅନ୍ତର୍ଗତ ଥେରୁବାଲିକୁ ହାଇୱା ଗାଡି ଯୋଗେ ବାଲି ଚାଲାଣ ହେଉଥିବା ବେଳେ ଗତକାଲି ଟାଉନ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ବିଳମ୍ବିତ ରାତ୍ରରେ ପିତାମହଲ ଛକ ଠାରେ ସନ୍ଦେହ କରି ଉକ୍ତ ୩ଟି ବାଲି ଗାଡି ଅଟକାଇ ବାଲି ଚାଲାଣର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଗାଡି ଚାଳକ କୌଣସି କାଗଜ ପତ୍ର ଦେଖାଇ ପାରି ନ ଥିବାରୁ ଗାଡି ଗୁଡିକୁ ଥାନାରେ ଅଟକ ରଖାଯାଇଛି। ଏ ନେଇ ଆଜି ଗାଡି ମାଲିକ ମାନଙ୍କୁ ନୋଟିସ କରାଯାଇଛି ବୋଲି ରାୟଗଡ ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

## ଆଇନଜୀବୀ ସଂଘର ଦାବିପତ୍ର ପ୍ରଦାନ



ନବରଙ୍ଗପୁର,୧୮।୯ (ସମିସ): ନବରଙ୍ଗପୁର ଜିଲ୍ଲା ଓକିଲ ସଂଘ ତରଫରୁ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଓକିଲ ସଂଘ ଏବଂ ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ନବରଙ୍ଗପୁର ପୁରୁଣା ପୁରୁଣା ବାର ନିକଟସ୍ଥ ସବ୍ ରେଜିଷ୍ଟ୍ରର ଅଫିସକୁ ବାର ଏସୋସିଏସନ୍‌କୁ ହସ୍ତାନ୍ତର, କୌଣସି ରେଭେନ୍ୟୁ ଅଦାଲତ ଭଲ ଭାବରେ ନ ଚାଲିବା ଓ ସଠିକ୍ ସମୟରେ ସାର୍ଟିଫାଏଡ୍ କପି ନ ମିଳିବା, ଆଇନ ଶୃଙ୍ଖଳା ଏବଂ ଟ୍ରାଫିକ ନିୟନ୍ତ୍ରଣ. ନବରଙ୍ଗପୁର ମ୍ୟୁନିସିପାଲିଟି ଏରିଆ କିମ୍ବା ନବରଙ୍ଗପୁର ବ୍ଲକରେ ମେଡିକାଲ କଲେଜ ପ୍ରତିଷ୍ଠା, ନବରଙ୍ଗପୁରରେ ସେଟଲ୍‌ମେଣ୍ଟ ଅପେରସନ ପୁନର୍ବାର କରିବା, ସ୍ଥାନୀୟ ମେଡିକାଲ କଲେଜଠାରୁ ନବରଙ୍ଗପୁର ଜିଲ୍ଲା କୋର୍ଟକୁ ବସ୍ ଚଳାଚଳ ଏବଂ ସେହି ରୋଡକୁ କଚେରୀ ରୋଡ଼ ଘୋଷଣା କରିବା, ନବରଙ୍ଗପୁର ସହରର ରାସ୍ତା ବିପର୍ଯ୍ୟସ୍ତ ହେବା, ଜିଲ୍ଲା ଭିତ୍ତିକ ନିଯୁକ୍ତି ଏବଂ ସମସ୍ତ ରିଭେନ୍ୟୁ କୋର୍ଟରେ ଓକିଲମାନଙ୍କ ପାଇଁ ବସିବା ପାଇଁ ରୁମ ଯୋଗାଇବା ଏବଂ ପାଇଁ ପାନୀୟ ଜଳ ବ୍ୟବସ୍ଥା, ନବରଙ୍ଗପୁର ଇନ୍ଦ୍ରାବତୀ ପୋଲର ଶୋଚନୀୟ ଅବସ୍ଥା ଏବଂ ଜିଲ୍ଲାର ସମସ୍ୟାକୁ ନେଇ ଦାବିପତ୍ର ଜଣାଇବା ସହ ନବରଙ୍ଗପୁର ଜିଲ୍ଲାପାଳ ସହିତ ଆଲୋଚନା କରାଯାଇଛି। ଏହି ଅବସରରେ ଓକିଲ ସଂଘର ସଭାପତି ସିରାଜ ଉଦ୍ଦିନ ଅହମ୍ମଦ, ସମ୍ପାଦକ ତପନ ସିଙ୍ଗ, ଉପ ସଭାପତି ସଦାଶିବ ସାହୁ, କୋଷାଧ୍ୟକ୍ଷ ଶେକ ବାବା ଆଲିଶା, କାର୍ଯ୍ୟକାରୀ ସଦସ୍ୟ ଗଜେନ୍ଦ୍ର ଦାସ ଉପସ୍ଥିତ ରହିବା ସହ ସଙ୍ଘର ସଦସ୍ୟ ରଘୁନାଥ ପାଢ଼ୀ, ପ୍ରଦୀପ ସାହୁ, ପ୍ରଶାନ୍ତ ପଟନାୟକ, ମହେଶ୍ୱର ବେବର୍ତ୍ତା, ପୁରୁଷୋତ୍ତମ ସାମନ୍ତ, ସଞ୍ଜୟ ସୁନା, ସୀମାଞ୍ଚଳ ପାତ୍ର, ସନ୍ତୋଷ ନାୟକ, କେ ଚନ୍ଦ୍ର ଶେଖର ବାସୁ, ଶଶୀଗିରି ରାଓ, ଗଣବୀର ବିଷୋୟୀ ଓ ଜୟଦେବ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ମାଲକାନଗିରି,୧୮।୯ (ସମିସ): ମାଲକାନଗିରିରେ ଶ୍ରୀହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମାଲକାନଗିରି ଗାନ୍ଧୀନଗର ଗ୍ରାମରେ ବିଶ୍ୱକର୍ମା ପୂଜା ଉପଲକ୍ଷେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ସକାଳ ୯ ଘଟିକାରେ ତାମସା ନଦୀରୁ ୬ କଳସ ଶୋଭାଯାତ୍ରା ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଓ ହନୁମାନ ବିଗ୍ରହ ସ୍ଥାପନ ରୀତିନୀତି ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ଭାସ୍କର ବେହେରା, ପଦ୍ମ ପାଙ୍ଗୀ, ହରି ଗରଡା କାଳିଦାସ ସିରିଅ. ସୁକେସ ସୁନା, ନୀଳକଣ୍ଠ ଖରା, ଫିରୋଜ ପାଙ୍ଗି, ଅନିଲ୍ ବିଶ୍ୱାସ, ମୁରଲି ନାୟକ ପ୍ରମୁଖ ଗ୍ରାମର ଶତାଧିକ ବ୍ୟକ୍ତି ଯୋଗଦାନ କରିଥିଲେ। ପୂଜା ହୋମଯଜ୍ଞ ସହିତ ୧ ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ହୋଇଥିଲା।

ଗାଈ ମୃତ୍ୟୁକୁ ନେଇ ରାସ୍ତାରୋକ ଘଟଣା

# ଜିଲ୍ଲା ପ୍ରଶାସନର ତଦନ୍ତ ଆରମ୍ଭ

ରାଇଘର,୧୮।୯ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମାରେ ଗତକାଲି ଚିକିତ୍ସା ଅବହେଳାରୁ ମୁଖ୍ୟ ରାସ୍ତା ଉପରେ ଗାଈ ମୃତ୍ୟୁକୁ ନେଇ ଯେଉଁ ଉତ୍ତେଜନା ପରିସ୍ଥିତି ସହ ରାସ୍ତା ଅବରୋଧ ଘଟିଥିଲା, ଉକ୍ତ ଘଟଣା ନେଇ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଆଜି ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ମନୋରଞ୍ଜନ ନନ୍ଦ ଓ ଉମରକୋଟ ପ୍ରାଣୀ ଚିକିତ୍ସା ଅଧିକାରୀ ଆଶିଷ ମହାପାତ୍ର, ଦୁଇ ଅଧିକାରୀ ରାଇଘର ଠାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। କେଉଁ ପରିସ୍ଥିତିରେ ଗାଈ ଚିକିତ୍ସା ପାଇ ପାରିଲା ନାହିଁ, ଚିକିତ୍ସା ଅବହେଳା ଅଭିଯୋଗ ରିପୋର୍ଟ ତଥ୍ୟ ସଂଗ୍ରହ କରିଛନ୍ତି। ଘଟଣାକୁ ନେଇ ତଦନ୍ତ ପାଇଁ ଆସିଥିବା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ମନୋରଞ୍ଜନ ନନ୍ଦଙ୍କୁ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ସରପଞ୍ଚ ଲମ୍ବଧର ମାଝୀ, ବିଶ୍ୱହିନ୍ଦୁ ପରିଷଦ ସଭାପତି କିରଣ ପଟ୍ଟନାୟକ, ସାମ୍ବାଦିକ ସଂଘ ସଭାପତି ଭବାନି ନାୟକ, ବଜରଙ୍ଗ ଦଳ ସଭାପତି ବିକି ଶ୍ରୀବାସ୍ତବ, ଗୋ ସୁରକ୍ଷା ସଦସ୍ୟ ତଥା ଏକତା ସାମାଜିକ ସଂଗଠନ ସଭାପତି ମନୋହର ଦଣ୍ଡସେନା, ବିଜେପି ମଣ୍ଡଳ ସଭାପତି ସୁଶାନ୍ତ ସାମନ୍ତରାୟ, ପଲ୍ଲୀ ସଂସଦ କ୍ଲବ୍ ଉପସଭାପତି ଅଭିମନ୍ୟୁ ଡାକୁଆ, ବିଜେଡି ଜୋନ ସଭାପତି ସଞ୍ଜୟ ନାୟକ, ଭଗତ ସିଂହ କ୍ଲବ୍ ସଭାପତି ପ୍ରକାଶ ହାଲଦାର, ଗୋ ସୁରକ୍ଷା ସଦସ୍ୟ ଶୁକେଶ ମିଶ୍ରା, ଅମିୟ ମହାପାତ୍ର ପ୍ରମୁଖ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ସ୍ୱତନ୍ତ୍ର ଆଲୋଚନା କରିଥିଲେ। ରାଇଘର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଲମ୍ବା ଅଭିଯୋଗ ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କିଭଳି କାର୍ଯ୍ୟରେ ଅବହେଳା କରୁଛନ୍ତି ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ ଶୁଣିଥିଲେ। ଲୋକପ୍ରତିନିଧି ଓ ବିଭିନ୍ନ ସଂଗଠନ ପକ୍ଷରୁ ମିଳିତ ମଞ୍ଚ ପକ୍ଷରୁ ସଂପୃକ୍ତ ଅଧିକାରୀଙ୍କୁ ତୁରନ୍ତ ବଦଳି ଦାବି ନେଇ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଥିଲେ। ଗତକାଲିର ଘଟଣା ଅତି ସମ୍ବେଦନଶୀଳ ହୋଇଥିବା ବେଳେ ଗୋରୁଟି ଦୁଇ ଘଣ୍ଟା ଛଟପଟ ହୋଇ ମୃତ୍ୟୁବରଣ କରିବା ଘଟଣାରେ ସମ୍ପୃକ୍ତ ଅଧିକାରୀ ହିଁ ଦାୟୀ ବୋଲି ମିଳିତ ମଞ୍ଚ ଅଭିଯୋଗ କରିଛି। ପୂର୍ବରୁ ଅନେକ ଘଟଣାରେ ପଶୁ ପକ୍ଷୀ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଛନ୍ତି। ଚିକିତ୍ସା ଦେବା ବଦଳରେ ମୋବାଇଲ ବନ୍ଦ କରି ଏଠାରେ ପଶୁ ପକ୍ଷୀ ସହ ଖେଳ ଖେଳୁଛନ୍ତି। ରାଜ୍ୟ ସରକାର ଉକ୍ତ ଘଟଣା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



● ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ବଦଳି ଦାବି

● ଚିକିତ୍ସା ଅବହେଳାରୁ ଗାଈର ମୃତ୍ୟୁ ଘଟିଥିଲା

## ଅବ୍ୟବସ୍ଥାଘେରରେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ

ବନ୍ଧୁଗାଁ, ୧୮।୯ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଥିବା ଅଭିଯୋଗ ହୋଇଛି। ଆନ୍ଧ୍ର ପ୍ରଦେଶ ସୀମାନ୍ତ ଅଞ୍ଚଳକୁ ଲାଗି ବ୍ଲକର ପ୍ରାୟ ୧୨୮ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପ୍ରାୟ ୩୯୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହୁଛନ୍ତି। ଜିଲ୍ଲା ସଦରରୁ ୧୦୦ କିଲୋମିଟର ଦୂରରେ ବନ୍ଧୁଗାଁ ବ୍ଲକ ରହିଛି। ପ୍ରାୟ ଏକ ବର୍ଷ ହେବ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ କୁମାର ମିଶ୍ର ଅବସର ଗ୍ରହଣ କରିବା ପରେ ଆଉ ଆଜି ପର୍ଯ୍ୟନ୍ତ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାହାନ୍ତି। କିନ୍ତୁ କିଛି ମାସ ତଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ରହି ସମୟ ବାହାର କରି ଚଳାଇ ଆସୁଛନ୍ତି। ଏଥି ସହିତ ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ୩ ଜଣଙ୍କ ବଦଳରେ ବର୍ତ୍ତମାନ ମଦନ ପାଣି ରହୁଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀ ମରୁଡି ଦେଖାଯାଇଛି। ବରିଷ୍ଠ କିରାଣୀ ଆମଦ ଖୋସଲା ରହିଥିଲେ ମଧ୍ୟ ପ୍ରତି ସପ୍ତାହର ମଙ୍ଗଳବାର ଅଫିସକୁ ଆସିଥାନ୍ତି। ଅବଶିଷ୍ଟ ଦିନ ଗୁଡିକ ଦେଖାଦେଉ ନାହାନ୍ତି। ଯେଉଁ ଅବଶିଷ୍ଟ ଦିନ ଗୁଡିକରେ ବଡସରପଲ୍ଲୀ ସ୍କୁଲର ଶିକ୍ଷକ ବି ଶ୍ରୀନିବାସ ରେଡିଙ୍କୁ ଆଣି ଅଫିସର କାମ କରିବା ପାଇଁ ନିୟୋଜିତ କରାଯାଇଛି। ସେପଟେ ବଡସରପଲ୍ଲୀ ସ୍କୁଲରେ ୧ମ ରୁ ୮ ମ ଶ୍ରେଣୀର ପିଲାଙ୍କୁ ପାଠ ପଢାଇବା ପାଇଁ ଶିକ୍ଷକ ଅଭାବ ରହିଛି। ସେହି ସ୍କୁଲରୁ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସୁବୁଦ୍ଧି ଚଳିତ ମାସରୁ ମାତୃ ପ୍ରସବକାଳୀନ ଛୁଟିରେ ଯିବେ। ଏହାକୁ ନେଇ ସ୍ଥାନୀୟ ବ୍ଲକ ବିଜେଡି ସଭାପତି ବାଲା ନାଗ ଗଣମାଧ୍ୟମକୁ ଜଣାଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ପାଣିଙ୍କୁ ଫୋନ କରିବାରୁ ଅଫିସରେ ବହୁତ କାମ ଥିବାରୁ କମ୍ପ୍ୟୁଟର ଚଳାଇବା ପାଇଁ ଶିକ୍ଷକଙ୍କୁ ଅଣାଯାଇଛି। ଅଳ୍ପ ଦିନ ମଧ୍ୟରେ ଫେରାଇ ଦେବୁ ବୋଲି କହିଥିଲେ। ଅଫିସରେ ବରିଷ୍ଠ କିରାଣୀ ଦୀର୍ଘ ଦିନ ଧରି ବାହାରେ ରହିବା ,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଣେ ରହିବା ଯୋଗୁଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ଅତିଶୀଘ୍ର ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଧାନ ନ କଲେ ଆଗାମୀ ଦିନରେ ବ୍ଲକର ବୁଦ୍ଧିଜୀବୀ, ଅଭିଭାବକ, ସମସ୍ତ ରାଜନୈତିକ ଦଳ ନେତା କର୍ମୀ ତୀବ୍ର ବିରୋଧ କରିବେ ବୋଲି ଜଣାଇଛନ୍ତି।

## ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

ଟିକିରି,୧୮।୯ (ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରିର ବିଭିନ୍ନ ସ୍ଥାନରେ ଆଜି ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଟିକିରିର ସୋରିଷପଦ ନିକଟରେ ରହିଥିବା ଟାଟା ପାୱାରର ସବ୍‌ଷ୍ଟେସନଠାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ବାଲାଜି ପାଢି ରହିଥିବା ବେଳେ ବିଦ୍ୟୁତ ବିଭାଗ ବିଜୟ କୁମାର ବାରିକ୍, ସଞ୍ଜୀବ ହିକକା, ସଞ୍ଜିବ ମାଝୀ, ବଳରାମ ମାଝୀ, ସଦା ମାଝୀ,ସନିଆ ମାଝୀ, ତ୍ରିନାଥ ମାଝୀ, ନାଗେଶ ରାଓ ସନ୍ତୋଷ କୁମାର ଗୋଉଡ, ମୋନଜ ଗୌଡ଼ ଓ ଅନ୍ୟମାନେ ପୂଜାରେ ସହଯୋଗ କରିଥିଲେ। ସେହିପରି ଟିକିରି ମାଉସୀ ମା' ମନ୍ଦିରଠାରେ ଠିକାଦାର ସଂଘ ପକ୍ଷରୁ ପୂଜା ପାଳିତ ହୋଇଯାଇଛି।

### ବିଦେଶୀ ମଦ ବ୍ୟବସାୟୀଙ୍କ ମନମାନି

# ନିର୍ଦ୍ଧାରିତ ଦରଠାରୁ ଅଧିକ ମୂଲ୍ୟରେ ବିକ୍ରି

କୋରାପୁଟ,୧୮।୯(ସମିସ): କୋରାପୁଟ ଜିଲ୍ଲାରେ ଚୋରା ମଦ କାରବାର ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିବାବେଳେ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ମାଲିକ ମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଛି। ଅବକାରୀ ବିଭାଗର ନିୟମିତ ଚଢ଼ଉ ଓ ତାଗିଦ ସତ୍ତ୍ୱେ ମଦ ବ୍ୟବସାୟୀ ମାନେ ଅଦୃଶ୍ୟ ଶକ୍ତିର ପୃଷ୍ଠପୋଷକତାରେ ନିଜ ମନମାନୀ ଚଳାଇଛନ୍ତି। କେବଳ ଦୋକାନରେ ସେମାନେ ବିଦେଶୀ ମଦ ବିକ୍ରି ପାଇଁ ଲାଇସେନ୍ସ ପାଇଥିବାବେଳେ ପ୍ରାୟ ସମସ୍ତ ଭେଣ୍ଡର ସହର ଓ ଗ୍ରାମାଞ୍ଚଳରେ ନିଜେ ଗୋଟେ ଗୋଟେ ସବ୍‌ଡିଲର ରଖି ଚଢା ଦରରେ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବିକ୍ରି କରୁଛନ୍ତି। ଏପରିକି ଲାଇସେନ୍ସ ପ୍ରାପ୍ତ ଦୋକାନରେ ମଧ୍ୟ ଦୋକାନୀ ମାନେ ଗ୍ରାହକଙ୍କ ଠାରୁ ଜୋର ଜବରଦସ୍ତ ନିର୍ଦ୍ଧାରିତ ମୂଲ୍ୟରୁ ପ୍ରାୟ ୧୦-୧୫ ପ୍ରତିଶତ ଅଧିକ ଦର ଲଗାଉଛନ୍ତି। ମଦ କିଣି ପୈଠ ରାଶିର ବିଲ ମାଗିଲେ କୌଣସି ଦୋକାନୀ ଦେଉ ନଥିବାବେଳେ ସେମାନଙ୍କ କାରନାମା ଧରା ପଡ଼ିବା ଭୟରେ ଅନଲାଇନ୍ ପେମେଣ୍ଟ ନେବାକୁ ଅଗ୍ରାହ୍ୟ କରି କେବଳ ନଗଦ ଟଙ୍କା ମାଗୁଛନ୍ତି। ଏଭଳି ବେଆଇନ ଭାବେ ଚଢ଼ା ଦରରେ ବିଦେଶୀ ମଦ ବିକ୍ରି କରି ବାର୍ଷିକ ଆନୁମାନିକ ୨୫ କୋଟି ଟଙ୍କା ଗ୍ରାହକଙ୍କ ଠାରୁ ମଦ ଦୋକାନୀ ଲୁଟୁ ଥିବା ଅଭିଯୋଗ ହେଉଛି।




ସୂଚନା ଅନୁଯାୟୀ କୋରାପୁଟ ଜିଲ୍ଲାରେ ମୋଟ ୨୫ଟି ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଛି । ହେଲେ ସେଥିରୁ ଗୋଟିଏ ବର୍ତ୍ତମାନ ବନ୍ଦ ଥିବାବେଳେ ୨୪ଟି ଦୋକାନରେ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଓ ବିୟର ବିକ୍ରି ହେଉଛି। ୨୪ଟି ଦୋକାନ ମଧ୍ୟରୁ ଜୟପୁର, କୋରାପୁଟ, ସୁନାବେଡା ପୌରାଞ୍ଚଳରେ ୧୫, କୋଟପାଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଗୋଟିଏ ଏବଂ ବିଭିନ୍ନ ବ୍ଲକ ଅଞ୍ଚଳରେ ୮ ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଛି। ଜିଲ୍ଲାରେ ଦୈନିକ ୨୪ଟି ଦୋକାନରେ ପ୍ରାୟ ୭୦-୮୦ ଲକ୍ଷ୍ୟ ଟଙ୍କାର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ, ବିୟର ବିକ୍ରୀ ହେଉଥିବାବେଳେ ଦୋକାନୀ ମାନେ ସେଥିରେ ପ୍ରାୟ ୧୦-୧୫ ପ୍ରତିଶତ ଅଧିକ ଦର ଲଗାଇ ଅତିରିକ୍ତ ମାସିକ ୨ କୋଟିରୁ ଉକାଟ ଟଙ୍କା ଗ୍ରାହକଙ୍କ ଠାରୁ ଅସୁଲ କରୁଛନ୍ତି। ବିକ୍ରି ହେଉଥିବା ସମସ୍ତ ବିଦେଶୀ ମଦର ପରିମାଣ ସହ ଦର ତାଲିକା ଦୋକାନ ସମ୍ମୁଖରେ ଲେଖା ଯିବା ସରକାରୀ ନିୟମ ଥିଲେ ମଧ୍ୟ ତାହା ପାଳନ କରା ଯାଉନାହିଁ। ତେବେ ଏହି ଅତିରିକ୍ତ ଦର ଲଗାଇ ଆଦାୟ ହେଉଥିବା ଅର୍ଥ କିଏ ନେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେତେକ ଦୋକାନୀ ପରୋକ୍ଷରେ ସୂଚନା ଦେଇ ଉକ୍ତ ଟଙ୍କାରେ ସେମାନେ ନେତା, ସାମ୍ବାଦିକ ଓ ସରକାରୀ ବାବୁଙ୍କୁ ମ୍ୟାନେଜ୍ କରୁଥିବା କହିଛନ୍ତି। ହେଲେ ଏହି ଟଙ୍କା ଗ୍ରାହକ କାହିଁକି ଦେବେ, ତାକୁ ନେଇ ବିଭିନ୍ନ ସମୟରେ ମଦ ଦୋକାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଦେଖିବାକୁ ମିଳୁଛି। ତେଣୁ ଏହାପ୍ରତି ଅବକାରୀ ବିଭାଗ କଡ଼ା ଦୃଷ୍ଟି ଦେବାକୁ ଦାବି ହେଉଛି। କେବଳ ଅଧିକ ମୂଲ୍ୟ ନୁହେଁ, ମଦ ଦୋକାନୀ ସରକାରଙ୍କ ଅନ୍ୟ କେତେକ ସର୍ତ୍ତ ମଧ୍ୟ ମାନୁ ନଥିବା ଦେଖିବାକୁ ମିଳୁଛି। ୧୮ ବର୍ଷରୁ କମ୍ ବୟସ୍କ ବ୍ୟକ୍ତିଙ୍କୁ ମଦ ବିକ୍ରି କରାଯିବ ନାହିଁ ବୋଲି ଦୋକାନ ସମ୍ମୁଖରେ ଲେଖାଯାଇଛି, ହେଲେ ସେହି ଲେଖା କେବଳ ଲେଖା ଭିତରେ ସୀମିତ। ଯିଏ ଟଙ୍କା ଦେଲା, ଦୋକାନୀ ଆଉ କିଛି ଦେଖୁ ନାହାନ୍ତି ହାତକୁ ମଦ ବଢେଇ ଦେଉଛନ୍ତି। ତେବେ ଅବକାରୀ ବିଭାଗ ଓ ପୁଲିସ ଏସବୁ କ୍ଷେତ୍ରରେ ଆବଶ୍ୟକୀୟ ପଦକ୍ଷେପ ନ ନେଲେ ବିଦେଶୀ ମଦ ବ୍ୟବସାୟୀଙ୍କ ଯୋଗୁଁ ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀଙ୍କୁ ପଚାରିବାରୁ କିଛି ଅଭିଯୋଗ ଆସିବା ପରେ ସେ କୋରାପୁଟ ସହରର ଦୁଇଟି ଦୋକାନ ଉପରେ ୩ ଲକ୍ଷ ୪୦ ହଜାର ଟଙ୍କା କରିଥିଲେ। ଆସନ୍ତା ଦିନରେ ବିଭାଗ ଏ ଦିଗରେ ଅଧିକ କଠୋର କାର୍ଯ୍ୟାନୁଷ୍ଠାନ ନେବ ବୋଲି କୁହାଯାଇଛି।

● ଦୁଇଟି ସାର୍ଟିଫିକେଟ୍ ଦେଇ ଚାକିରି

## ଶିକ୍ଷୟିତ୍ରୀ ଚାକିରିରୁ ନିଲମ୍ବିତ



କୋଷାଗୁମୁଡା,୧୮।୯(ସମିସ): ମହାଙ୍ଗା ପଡିଲା ପଡିଲା ୨ଟି ବିଏଡ୍ ସାର୍ଟିଫିକେଟ ଦେଇ ଚାକିରି। ସରକାରୀ ଚାକିରି ଆଇନକୁ ଉଲ୍ଲଂଘନ କରିଥିବା ଦର୍ଶାଇ ନବରଙ୍ଗପୁର ଡିଇଓ ଛତ୍ରପତି ସାହୁ କୋଷାଗୁମୁଡ଼ା ବ୍ଲକ କକଡ଼ାଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଆଶାରାଣୀ କରଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ସେ କୋଷାଗୁମୁଡ଼ା ବିଇଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ରହିବେ। ଏଥିସହ ବିନା ଅନୁମତିରେ ହେଡ୍‌କ୍ୱାଟର ଛାଡି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁଯାୟୀ, ଶିକ୍ଷୟିତ୍ରୀ ଆଶାରାଣୀଙ୍କର ୨ଟି ବିଏଡ୍ ସାର୍ଟିଫିକେଟ ରହିଥିବା ଅଭିଯୋଗ ଥିଲା। ସାର୍ଟିଫିକେଟର ପ୍ରଦାନ ତାରିଖ ସମାନ କହିଥିଲେ ମଧ୍ୟ ଉଭୟ ସାର୍ଟିଫିକେଟର ରେଜିଷ୍ଟ୍ରେସନ ନମ୍ବର, କ୍ରମିକ ନମ୍ବର ଅଲଗା ଅଲଗା ରହିଛି। ପରୀକ୍ଷା ନିୟନ୍ତ୍ରଣ ଅଧିକାରୀଙ୍କ ଦସ୍ତଖତ ମଧ୍ୟ ଅଲଗା। ଯାହାକୁ ନେଇ ସାର୍ଟିଫିକେଟ୍ ୨ଟିର ସତ୍ୟତା ଉପରେ ପ୍ରଶ୍ନ ଉଠିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣକ ନକଲି ସାର୍ଟିଫିକେଟ ଦେଇ ଶିକ୍ଷକ ପଦବୀ ହାତେଇଥିବା ଅଭିଯୋଗ ଆସିଥିଲା। ଯାହାକୁ ନେଇ ଡିଇଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଆଶାରାଣୀଙ୍କ ସାର୍ଟିଫିକେଟର ଅସଲି ନା ନକଲି ତାହାର ସ୍ପଷ୍ଟୀକରଣ ମାଗିଛନ୍ତି। ଆଶାରାଣୀ କର ସ୍କୁଲରେ ଜଏନ କରିଥିବା ସମୟରେ ଦେଇଥିବା ବିଏଡ୍ ସାର୍ଟିଫିକେଟ ଓ ଡିଇଓଙ୍କ କାର୍ଯ୍ୟାଳୟରେ ଦେଇଥିବା ବିଏଡ୍ ସାର୍ଟିଫିକେଟରେ ଅଲଗା। ଯାହାକୁ ନେଇ ଡିଇଓ ଆଶାରାଣୀଙ୍କୁ ବୁଧବାର ଚିଠି ନମ୍ବର ୬୦୦୫ ଅନୁଯାୟୀ ଚାକିରିରୁ ନିଲମ୍ବିତ କରାଯାଇଛି। ଶିକ୍ଷୟିତ୍ରୀ ୨୦୧୨ରେ ଶିକ୍ଷା ସହାୟକଭାବେ ଚାକରି ପାଇଥିଲେ। ୨୦୧୩ ଜାନୁଆରୀରେ ଶିକ୍ଷା ସହାୟକ ଚାକିରିରୁ ଇସ୍ତଫା ଦେଇ କକଡ଼ାଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଟିଜିଟି (ପିସିଏମ୍) ଶିକ୍ଷକ ଚାକିରି ପାଇଥିଲେ। ସେବେଠାରୁ ବିଏଡ୍ ସାର୍ଟିଫିକେଟ୍ ନକଲି ଥିବା ଅଭିଯୋଗ ହେଉଥିଲା।

## ବିଶ୍ୱକର୍ମା ପୂଜାରେ ଅହମଦାବାଦ ବିମାନ କ୍ରାସ୍ ମେଢ



ସେମିଳିଗୁଡ଼ା,୧୮।୯ (ସମିସ) ସବୁ ବର୍ଷ ବିଶ୍ୱକର୍ମା ପୂଜାରେ ସେମିଳିଗୁଡା ସହରର ବୁଲୁ ମାଇସ୍ତ୍ରୀ ଚର୍ଚ୍ଚାରେ ଆସୁଛନ୍ତି। ଅହମଦାବାଦ ବିମାନ କ୍ରାସ୍ ଦୃଶ୍ୟ ଏଥର ପୂଜାରେ ବିଶେଷ ଆକର୍ଷଣ ପାଲଟିଛି। ନନ୍ଦପୁର ରୋଡରେ ମହାରଣା ଗ୍ଲାସ ହାଉସ ଠାରେ ବିଶ୍ୱକର୍ମା ପୂଜା ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷର ବଶ୍ୱକର୍ମା ମୂର୍ତ୍ତି ସହ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରାଯାଇଛି। ବୁଲୁ ସହ ତାଙ୍କ ସହଯୋଗୀ ମାନେ ୧୫ ଦିନ କଷ୍ଟ କରି ଏହି ଅଭିନବ ଥିମ୍‌କୁ ଆୟୋଜନ କରିଛନ୍ତି। ଏହି ଆକର୍ଷଣୀୟ ଆୟୋଜନ ଦେଖିବା ପାଇଁ ଲୋକଙ୍କୁ ପ୍ରବଳ ଗହଳି ଲାଗିଥିଲା। ଗତ କିଛି ବର୍ଷରୁ ବୁଲୁ ପୂଜା ସହ ଦେଶର ମୁଖ୍ୟ ଘଟଣାକୁ ସୁନ୍ଦର ଭାବେ ଉପସ୍ଥାପନ କରୁଆସୁଛନ୍ତି। ବୁଲୁ ସାଜସଜ୍ଜା ମାଧ୍ୟମରେ ସମଗ୍ର ଘଟଣାକୁ ବିଶ୍ଳେଷଣ କରିଥିଲେ। ପୂର୍ବରୁ କରୋନା ପରେ ପୁଲୱାମା ଆକ୍ରମଣ ଇତ୍ୟାଦି ଘଟଣା ଉପରେ ଆକର୍ଷଣୀୟ ମେଢ଼ କରାଯାଇଥିଲା। ସେଥିମଧ୍ୟରୁ ୨୦୨୩ ମସିହାରେ ଚନ୍ଦ୍ରାୟାନ୍-୩ ସାଜସଜ୍ଜା ବହୁତ ଲୋକପ୍ରିୟ ଏବଂ ପ୍ରଭାବିତ ହୋଇଥିଲା। ଗତ ବର୍ଷ, ଗୋ ସୁରକ୍ଷା, ପରିବେଶ ସୁରକ୍ଷା, ବୃକ୍ଷରୋପଣ, ମୋବାଇଲ୍ ଟାୱାର ଦ୍ୱାରା ହେଉଥିବା କ୍ଷତି ଇତ୍ୟାଦି ବିଷୟ ଉପରେ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହା ସହରର ଚର୍ଚ୍ଚାର ବିଷୟ ପାଲଟିଥିଲା। ବିଭିନ୍ନ ମେଢ଼ ଦେଶରେ ବି ଚର୍ଚ୍ଚାରେ ଆସିଛି। ମେଢ଼ କରିଥିବା ବୁଲୁ ମାଇସ୍ତ୍ରୀର ଏହି ସୁନ୍ଦର ଚିନ୍ତାଧାରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରବ -୨୦୨୩ ଅବସରରେ ପରବ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଚକିତ ବର୍ଷ ମହିଳା ଦିବସ ଅବସରରେ ନିଷ୍ଠା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି।

## ଉଦ୍ୟୋମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୮।୯(ସମିସ):



ନବରଙ୍ଗପୁର କଲେଜ ଠାରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସ୍ୱଦେଶୀ ଜାଗରଣ ମଞ୍ଚ ପୂର୍ବ କ୍ଷେତ୍ର ପ୍ରଭାରୀ ଙ୍କ ଅର୍ଦ୍ଧେନ୍ଦୁ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ, ଉଦ୍ୟମୀ ହେବା ପାଇଁ ଉତ୍ସାହିତ କରିବା ସହିତ ଭାରତକୁ ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବା ଭାଗୀଦାର ହେବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜକ ସୁବ୍ରତ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା ସଂଗୀତା ତ୍ରିପାଠୀ, ମହିଳା ଉଦ୍ୟମୀ ଝରଣା ଦାସ ମହାପାତ୍ର, ଡିଆଇ ସିଆଇପିଓ ସ୍ୱାତୀ ମିଶ୍ର, ମୁରଲୀ ଅଧିକାରୀ ସହ ସଂଯୋଜକ ପ୍ରଭଞ୍ଜନ ମିଶ୍ର, ଯୁବ ସଂଯୋଜକ ଦେବାଶିଷ ବିଷୋୟୀ , ପୂର୍ବପ୍ରାନ୍ତ ସଂଯୋଜକ ମନୋରଞ୍ଜନ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚର ଅନୁକୁଲ୍ୟରେ ହୋଇଥିଲା। ବିଦ୍ୟାଳୟ ମହାବିଦ୍ୟାଳୟକୁ ଯାଇ ଉଦ୍ୟାମୀ ହେବାପାଇଁ ଯୁବକ ଯୁବତୀ ମାନଙ୍କୁ ଉତ୍ସାହିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲା ସଂଯୋଜକ ସୁବ୍ରତ ମିଶ୍ର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ପକ୍ଷରୁ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା



ନନ୍ଦପୁର,୧୮।୯ (ସମିସ): ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ନନ୍ଦପୁର ସ୍ଥିତି ଏକ୍ସ ବୋର୍ଡ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର, କସନ୍ଧି, ଥୁବା, କୁରୁମାପୁଟ, ମାଝୀପୁଟ, ବାଡେଲ, ବିଲାପୁଟ, କ୍ଲଷ୍ଟର ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚକ୍ଷୁ ଡାକ୍ତର ପ୍ରଶାନ୍ତ କୁମାର ବେବର୍ତ୍ତା ଓ ଏମ କେ ଜେନା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ, ବିଆର୍‌ପି ରାମକୃଷ୍ଣ ପାଢ଼ି, ସିଆରସିସି ପ୍ରଶାନ୍ତ ଖଣ୍ଡ ପାଣି, ଭଗବାନ ମହାପାତ୍ର, ବିଦ୍ୟାଧର ପାଣିଗ୍ରାହୀ, ନିରଞ୍ଜନ ମହାନନ୍ଦିଆ, ଶାଶ୍ୱତ ବଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀ ଜିଲ୍ଲା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବରର୍ତ୍ତୀ ପରିଦର୍ଶନ ଆସି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ନକଲି ସାମ୍ବାଦିକଙ୍କ ଦୌରାତ୍ମ୍ୟ

କୋଷାଗୁମୁଡା,୧୮।୯(ସମିସ): କୋଷାଗୁମୁଡା ଅଞ୍ଚଳରେ ଦିନକୁ ଦିନ ନକଲି ସାମ୍ବାଦିକ ବିଭିନ୍ନ ଅନୁଷ୍ଠାନରେ ପଶି ବଟି, ଚାନ୍ଦା ମାଗୁଥିବା ଅଭିଯୋଗ ହେଉଛି। ଦଶହରା ପର୍ବକୁ ଆଖି ଆଗରେ ରଖି ବିଭିନ୍ନ ଖବରକାଗଜ ଓ ୱେବ, ୟୁଟୁବ ନିୟୁଜ୍‌ର ପରିଚୟପତ୍ର ଧରି କୋଷାଗୁମୁଡା ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନକୁ ଯାଇ ଚାନ୍ଦା ମାଗୁଥିବା ଅଭିଯୋଗ ହେଉଛି। ଗୁରୁବାର କୋଷାଗୁମୁଡା ସଦର ମହକୁମାର ମିଶନ ଶକ୍ତି କାଫେ ଠାରେ ଦୁଇ ଜଣ ଯୁବକ ସାମ୍ବାଦିକର ପରିଚୟ ଦେଇ ଟଙ୍କା ମାଗିଥିଲେ। ଟଙ୍କା ମାଗୁଥିବା ସମୟରେ କାଫେ ଚଳାଉଥିବା ବ୍ୟକ୍ତି କିଛି ପ୍ରଶ୍ନ ପଚାରିବା ସହ ମୋବାଇଲରେ ଭିଡିଓ ଉତ୍ତୋଳନ କରିବାରୁ ସେମାନେ ଚମ୍ପଟ ମାରିଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟରେ ନକଲି ସାମ୍ବାଦିକ ବିଭିନ୍ନ ତ୍ରୁଟି ଦର୍ଶାଇ ଚାନ୍ଦା ମାଗୁଥିବା ଜଣାପଡ଼ିଛି। ବର୍ତ୍ତମାନ କୋଷାଗୁମୁଡା ଅଞ୍ଚଳରେ ଅନେକ ନକଲି ସାମ୍ବାଦିକ ବୁଲୁଥିବାରୁ ପୁଲିସ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ମିନି ଟ୍ରକ୍ ସହ ଗୁଟ୍‌ଖା ଜବତ:୨ ଗିରଫ

ସେମିଳିଗୁଡା, ୧୮।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ପୁଲିସ ଏକ ମିନିଟ୍ରକ୍ ସହ ବିପୁଳ ପରିମାଣର ଗୁଟ୍‌ଖା, ଖଇନି ଓ ପାନ ମସଲା ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିବା ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ସେମିଳିଗୁଡା ଥାନାର ସବ ଇନ୍ସପେକ୍ଟର ପୂର୍ଣ୍ଣିମା ତିର୍କୀଙ୍କ ନେତୃତ୍ୱରେ ଏଏସଆଇ ବିରେନ୍ଦ୍ର ବାଣ୍ଡୁଆ, କନେଷ୍ଟବଳ ଭାରତୀ ସେଠୀ, ସଞ୍ଜୟ ନାୟକ, ରବୀନ୍ଦ୍ର ଗୁନେଇପାଡ଼ିଆ, ଘେନୁ ଦୁର୍ଲିଆଙ୍କୁ ନେଇ ଗଠିତ ଟିମ ଅପରାହ୍ନରେ ସେମିଳିଗୁଡା ନନ୍ଦପୁର ରାସ୍ତାରେ ପାଟ୍ରୋଲିଂ କରୁଥିଲା ବେଳେ ସହିଦ ଲକ୍ଷ୍ମଣ ନାୟକ ନଗର ଅଞ୍ଚଳରେ ଥିବା ଶିବ ଶଙ୍କର ପାତ୍ରଙ୍କ ଦୋକାନରେ ବେଆଇନ ଭାବେ ବିକ୍ରି କରିବାକୁ ବିଭିନ୍ନ କିସମର ଗୁଟକା, ଖଇନି ଇତ୍ୟାଦି ଏକ ଟ୍ରକ୍‌ରୁ ଓହ୍ଲାଉ ଥିବା ସୂଚନା ପାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀନୀ ଅନିତା କୁଜୁରଙ୍କୁ ଜଣାଇବା ସହ ତାଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଘରେ ଚଢଉ କରିଥିଲେ। ଚଢ଼ଉ ସମୟରେ ମିନି ଟ୍ରକରେ ଅଣା ଯାଇଥିବା ଲକ୍ଷାଧିକ ଟଙ୍କାର ବିଭିନ୍ନ କମ୍ପାନୀର ଗୁଟକା, ଖଇନି, ପାନ ମସଲା ଜବତ କରିଥିଲେ। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ କର୍ମଚାରୀ ତ୍ରିଲୋଚନ ବେନିଆଙ୍କ ଉପସ୍ଥିତିରେ ଜବତ ଦ୍ରବ୍ୟର ମାନ ପରୀକ୍ଷା କରା ଯାଇ ସେଗୁଡ଼ିକ ଅପମିଶ୍ରିତ ଏବଂ



ଜୀବନ ପ୍ରତି କ୍ଷତିକାରକ ବୋଲି ପ୍ରମାଣିତ କରାଯାଇଥିଲା। ଘଟଣାରେ ପୁଲିସ ସମସ୍ତ ସାମଗ୍ରୀ ଓ ମିନିଟ୍ରକ୍ ଜବତ କରିବା ସହ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ମାଲିକ ଶିବ ଶଙ୍କର ପାତ୍ର ଏବଂ ଡ୍ରାଇଭର ବରୁଣ ପ୍ରଧାନଙ୍କୁ ଗିରଫ କରି ନୋଟିସ ଦେଇ ଛାଡିଥିବା ଜଣାପଡ଼ିଛି। ସହରରେ ଅନେକ ସ୍ଥାନରେ ନକିଲି ଗୁଟକା, ଖଇନି, ପାନ ମସଲା ବିକ୍ରି ହେଉଥିବା ବେଳେ ପୁଲିସର ଏହି ପ୍ରକାର ଚଢ଼ଉକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଗଞ୍ଜେଇ ଜବତ, ମହିଳା ଫେରାର

କୋଷାଗୁମୁଡା,୧୮।୯(ସମିସ): କୋଷାଗୁମୁଡା ଥାନା ପୁଲିସ ବରଗାଁ ଗ୍ରାମର ହୀରାମଣି ହରିଜନ(୪୦)ଙ୍କୁ ଗଞ୍ଜେଇ ବିକ୍ରି କରୁଥିବା ବେଳେ ଗିରଫ କରିଛନ୍ତି। ତାଙ୍କଠାରୁ ୬ କିଲୋ ୩୫୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତ ମହିଳା ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ବର୍ତ୍ତମାନ ଥାନା କେସ ନମ୍ବର ୧୮୮/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ଅନୁସନ୍ଧାନ ଚାଲିଥିବା ତଦନ୍ତକାରୀ ଅଧିକାରୀ ତଥା କୋଷାଗୁମୁଡା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

## ଭାରତମାଳା କ୍ଷତିଗ୍ରସ୍ତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୧୮।୯(ସମିସ): ଭାରତ ମାଳା ଏକ୍ସପ୍ରେସ ହାଇୱେରେ ଜମି ହରାଇ ସମ୍ପୂର୍ଣ୍ଣ କ୍ଷତିପୂରଣ ପାଇ ନଥିବା ଅଭିଯୋଗ କରି କ୍ଷତିଗ୍ରସ୍ତ ବ୍ୟକ୍ତି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋରାପୁଟ ବ୍ଲକ ମହାଦେଇପୁଟ ପଞ୍ଚାୟତ ଅନ୍ତର୍ଗତ ଡଲିଆମ୍ବ ଗ୍ରାମର ବିଶ୍ୱନାଥ ଗାଦବାଙ୍କ ଅଭିଯୋଗ ମୁତାବକ ତାଙ୍କ ବାପା ବୁଦୁ ଗାଦବାଙ୍କ ନାମରେ ଥିବା ୨ ଏକର ଜମି ଭାରତ ମାଳା ପ୍ରକଳ୍ପରେ ଚାଲିଗଲା। କିନ୍ତୁ ଆମକୁ ମାତ୍ର ୧ ଏକର ୧୦ ସେଣ୍ଟ ଜମିର କ୍ଷତି ପୂରଣ ଅର୍ଥ ଦିଆ ଯାଇଥିଲା, ବଳକା ୯୦ ସେଣ୍ଟ ଜମିର କ୍ଷତି ପୂରଣ ରାଶି ଆଜି ପର୍ଯ୍ୟନ୍ତ ମିଳି ନାହିଁ। ଏ ସମ୍ପର୍କରେ ଅନେକ ଥର ଅଭିଯୋଗ କରିବା ପରେ ମଧ୍ୟ କେହି ଗୁରୁତ୍ୱ ଦେଉ ନାହାନ୍ତି। ଏହାପ୍ରତି ବିଚାର କରି ବଳକା ଜମିର କ୍ଷତି ପୂରଣ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

# ରାଜମିସ୍ତ୍ରୀଙ୍କୁ ନେଇ ବୈଠକ

ଜୟପୁର, ୧୮ । ୯(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରର ଏକ ହୋଟେସ ଠାରେ ୪୪ ବର୍ଷ ପୁରାତନ ସାଗର ସିମେଣ୍ଟ କମ୍ପାନୀ ପକ୍ଷରୁ ରାଜମିସ୍ତ୍ରୀ ଏବଂ ଠିକାଦାରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସ୍ଥିତ ରହିଥିବା ରାଜମିସ୍ତ୍ରୀ ଏବଂ ଠିକାଦାର ମାନଙ୍କ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା । ଏହି ଅବସରର ନିର୍ମାଣକାରୀ ଶ୍ରମିକ ଏବଂ ରାଜମିସ୍ତ୍ରୀ ସଂଘର ସଭାପତି ବାଲା ରାୟ ଏବଂ ଉପସଭାପତି ସଞ୍ଜିବ ଶଗରିଆ ଯୋଗଦେଇଥିଲେ । ଏଥିରେ ସମୁଦାୟ ୭୦ରୁ ଅଧିକ ରାଜମିସ୍ତ୍ରୀ ଏବଂ ଠିକାଦାର ଉପସ୍ଥିତ ରହିଥିଲେ । ପୁରସ୍କାର ଭାବେ ଏସି, ଟିଭି, ଫ୍ରିଜ, କୁଲର ଏବଂ ଇଣ୍ଡକ୍ସନ ଚୁଲା, ପଙ୍ଖା ପ୍ରଭୃତି ପ୍ରଦାନ କରାଯାଇଥିଲା । ଏଥିରେ କମ୍ପାନୀର ସାଧାରଣ ପ୍ରଶାସକ ବାଲା ଶଙ୍କର ନାରାୟଣନ, ଆଞ୍ଚଳିକ ବିକ୍ରି ମ୍ୟାନେଜର ଗୋପୀନାଥ ପାତ୍ର, ଜିଲ୍ଲାର ସି . ଏନଣ୍ଡ. ଏଫ ଭି. ଶ୍ରୀନିବାସ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ସାଗର ସିମେଣ୍ଟର କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରେ ବିକ୍ରୟ ପରିମାଣ ପ୍ରାୟ ୯ ହଜାର ମେଟ୍ରିକ୍ ଟନ୍ ରହିଥିବା ନେଇ ସୂଚନା ଦିଆଯାଇଥିଲା ।




## ସୋରିଷପଦରକୁ ନୂତନ ପଞ୍ଚାୟତ ଗଠନ ଦାବି



କୋରାପୁଟ,୧୮।୯(ସମିସ): କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ୍ ଅନ୍ତର୍ଗତ ହଳଦୀକୁଣ୍ଡ ପଞ୍ଚାୟତକୁ ବିଭାଜନ କରି ସୋରିଷପଦରକୁ ନୂତନ ପଞ୍ଚାୟତ କରିବା ଦାବି ନେଇ ପଞ୍ଚାୟତ ବାସିନ୍ଦା କୋରାପୁଟ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହଳଦୀ କୁଣ୍ଡ ପଞ୍ଚାୟତରେ ୧୭ଟି ରାଜସ୍ୱ ଗ୍ରାମ ଥିବାବେଳେ ୪୨ ପଡ଼ା ଗ୍ରାମ ରହିଛି। ଫଳରେ ପଞ୍ଚାୟତର ସମସ୍ତ ଗ୍ରାମରେ ସରକାରୀ ଯୋଜନା ପହଞ୍ଚାଇବାରେ ଅସୁବିଧା ସୃଷ୍ଟି ହେଉଛି। ପଞ୍ଚାୟତ ମୁଖ୍ୟାଳୟ ଠାରୁ ଗ୍ରାମଗୁଡିକ ୧୦ରୁ ୧୫ କିଲୋମିଟର ଦୂରରେ ଥିବାରୁ ଗ୍ରାମବାସୀ ମଧ୍ୟ ହଇରାଣ ହରକତ ହେଉଛନ୍ତି। ଚାଉଳ, ବାର୍ଦ୍ଧକ୍ୟ ଭତ୍ତା ଭଳି ବିଭିନ୍ନ ସରକାରୀ ଯୋଜନା ପାଇଁ ଘଞ୍ଚ ଜଙ୍ଗଲ ରାସ୍ତା ଦେଇ ପଞ୍ଚାୟତ ମୁଖ୍ୟାଳୟ ଯିବାକୁ ପଡୁଛି। ଫଳରେ ଜଙ୍ଗଲି ଜନ୍ତୁଙ୍କ ଯୋଗୁଁ ଜୀବନ ପ୍ରତି ବିପଦ ରହୁଛି। ତେଣୁ ହଳଦୀ କୁଣ୍ଡ ପଞ୍ଚାୟତକୁ ବିଭାଜନ କଲେ ପ୍ରଶାସନିକ ସୁବିଧା, ସରକାରୀ ଯୋଜନା ଓ ସାମାଜିକ ଉନ୍ନତି ସହଜ ହୋଇପାରିବ ବୋଲି ସେମାନେ କହିଛନ୍ତି। ପଞ୍ଚାୟତର ତାଲୁର, ଶିରି ବେଡ଼ା,ଘୋଡାଘାଟ, ଗୟଳ କୁଣ୍ଡ ,ପାରାଭାଡି,ଗାଜୁଲ ପଦର ପ୍ରମୁଖ ରାଜସ୍ୱ ଗ୍ରାମ ସହ ୧୨ଟି ପଡା ଗ୍ରାମରେ ୩୬୭୦ ଜନସଂଖ୍ୟା ରହିଛନ୍ତି। ପଞ୍ଚାୟତ ବିଭାଜନକୁ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ପାରିତ କରାଯାଇଛି। ତେଣୁ ଯଥାଶୀଘ୍ର ହଳଦୀ କୁଣ୍ଡ ପଞ୍ଚାୟତକୁ ବିଭାଜନ କରି ସୋରିଷ ପଦରକୁ ନୂତନ ପଞ୍ଚାୟତ ଭାବରେ ଗଠନ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ପୁଶାକ ଦୁରୁଆ, ତୁଳାରାମ ଦୁରୁଆ, ବାବୁରାମ ଦୁରୁଆ, ମଙ୍ଗଳା ଦୁରୁଆ, ଗୁରୁ ଦୁରୁଆ, ବୈଶାକୁ ଦୁରୁଆ, କାନ୍ଦୁରୁ ଦୁରୁଆ, ବାଦୁ ଦୁରୁଆ, ମାଙ୍ଗୁ ଦୁରୁଆ, ଗୁପ୍ତ ଦଶରୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

### ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା

# 'ଏକ୍ସ-ରେ' ମେସିନ୍ ବାରମ୍ବାର ଅଚଳ, ରୋଗୀ ହନ୍ତସନ୍ତ

ମାଥିଲି,୧୮ ।୯ (ସମିସ)




ରାଜ୍ୟ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଅନେକ ମେଡ଼ିକାଲରେ ଭିତ୍ତିଭୂମି ଅଭାବରୁ ନିରୀହ, ଗରିବ ରୋଗୀ ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଇ ଗରିବ ରୋଗୀ ଓ ପରିବାର ଲୋକଙ୍କୁ ଖର୍ଚ୍ଚାନ୍ତ କରାଉ ଥିବା ଅଭିଯୋଗ ହେଉଛି। ଅନେକ ମେଡିକାଲରେ ଅଲ୍ଟ୍ରାସାଉଣ୍ଡ ମେସିନ ଅଛି। କିନ୍ତୁ ଅନେକ ସମୟରେ ଅଚଳ ହୋଇଯିବା କାରଣରୁ ରୋଗୀମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆ ଯାଉଛି। ଅନେକ ମେଡ଼ିକାଲରେ ଏକ୍ସ-ରେ ମେସିନ ତ ଅଛି କିନ୍ତୁ ଅନେକ ସମୟରେ ଖରାପ ରହିଥିବା ଦେଖିବାକୁ ମିଳୁଛି। ଏକ୍ସ-ରେ ମେସିନ ଠିକ୍ ସମୟରେ ମରାମତି ହେଉ ନଥିବା କାରଣରୁ ରୋଗୀ ମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ। ମାଥିଲି ଠାରେ ଥିବା ଉପଖଣ୍ଡ ଚିକିତ୍ସାଳୟକୁ ଗତ ୨୦୧୯ ମସିହାରେ ମାଥିଲି ମେଡ଼ିକାଲକୁ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ମିଳିଛି। ମାଥିଲି ଉପଖଣ୍ଡ ଚିକିତ୍ସାଳୟ ଉପରେ ମାଥିଲି ବ୍ଲକର ୨୦ ପଞ୍ଚାୟତ, ପଡୋଶୀ ଖଇରପୁଟ ବ୍ଲକ୍‌ର ୧୧ଟି ପଞ୍ଚାୟତ ସହିତ ପଡୋଶୀ କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକର ତେନ୍ତୁଳିଗୁମ୍ମା ବ୍ଲକର ଲକ୍ଷାଧିକ ଜନସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ମୁତାବକ ଡାକ୍ତର ଅଭାବ ଥିବା ବେଳେ ଚିକିତ୍ସାଳୟରେ ଥିବା ଏକ୍ସ-ରେ ମେସିନ ମରାମତି ଅଭାବରୁ ବାରମ୍ବାର ଖରାପ ହେଉଛି। ଫଳରେ ନିରୀହ ଆଦିବାସୀ ଗରିବ ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ୍ସ-ରେ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି। ମରାମତି ଅଭାବରୁ ବାରମ୍ବାର ଏକ୍ସ-ରେ ମେସିନ ଖରାପ ହେଉଥିବା ଅଭିଯୋଗ ଆସିବା ପରେ ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ଡାକ୍ତର ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ଏକ୍ସ-ରେ ମେସିନ ମରାମତି ତାଙ୍କ ଦାୟିତ୍ୱ ନୁହେଁ, ତେଣୁ ସେ ଏ ସମ୍ପର୍କରେ କିଛି କହି ପାରିବେ ନାହିଁ ବୋଲି କହିଥିଲେ। ଚିକିତ୍ସାଳୟ ଅଧିକାରୀ ଯଦି ଏକ୍ସ-ରେ ମେସିନ ଖରାପ ହେଲେ ମରାମତି କରିବା ପାଇଁ ପ୍ରୟାସ ନ କରିବେ , ତେବେ ଦାୟିତ୍ୱ କାହାର ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଗୁରୁତର ସହ ନେଇ ତୁରନ୍ତ ମରାମତି କରିବା ପାଇଁ ୨ଟି ବ୍ଲକ ତଥା ପଡୋଶୀ କୋରାପୁଟ ଜିଲ୍ଲାର ତେନ୍ତୁଳି ଗୁମ୍ମା ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି।

■ ହାତୀସରା-ଧରମପୁର ବିଜୁ ସେତୁ ନିର୍ମାଣ ସରିଲା

## ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା



**ଜମିହରାଙ୍କୁ ଟଙ୍କା ମିଳୁନି**

**ନୂଆପଡ଼ା, ୧୮ ।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ ପଞ୍ଚାୟତର ହାତୀସରାରୁ ଧରମପୁରକୁ ସଂଯୋଗ କରୁଥିବା ରାସ୍ତା ଉପରେ ବିଜୁ ସେତୁ ନିର୍ମାଣ କାମ ଶେଷ ହେବାର ଆଜିକୁ ଦୁଇ ବର୍ଷରୁ ଅଧିକ ସମୟ ହେବ କ୍ଷତିଗ୍ରସ୍ତ ଚାଷୀଙ୍କୁ ଟଙ୍କା ମିଳିନଥିବାରୁ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ନିର୍ଭର ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି। ପ୍ରକାଶ ଯେ ଆଜିକୁ ଦୁଇ ବର୍ଷ ତଳେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏଠାରେ ଅନ୍ୟୁନ ଏକ କୋଟି କୋଟି ଟଙ୍କା ଖର୍ଚ୍ଚରେ ବିଜୁ ସେତୁ ନିର୍ମାଣ କରାଗଲା। ଏଥିରେ ଏହି ଦୁଇ ଗାଁର ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମି ଚାଲିଗଲା। ସେତେବେଳେ ସରକାର ଚାଷୀମାନଙ୍କୁ କ୍ଷତିପୂରଣ ଦେବେବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେସବୁ ଦିନ ଗଡ଼ାଇଚାଲିଲେ ସିନା ଦେଲେ ନାହିଁ। ଶେଷରେ ଚାଷୀମାନେ ଗୁରୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ଦୀର୍ଘ ସମୟ ପରେ ଅତିରିକ୍ତ ଜିଲ୍ଲାପାଳ ସୁଚାଷ ଚନ୍ଦ୍ର ରଇତ ଧାରଣାସ୍ଥଳକୁ ଆସି ବୁଝାସୁଝା କରିଥିଲେ। ଆସନ୍ତା ଚାରି ଦିନ ଭିତରେ ବିଚାର କରି ସମାଧାନର ରାସ୍ତା ବାହାର କରିବେବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।ଆନ୍ଦୋଳନକାରୀ ଚାଷୀଙ୍କ ମଧ୍ୟରେ ରଘୁ ବନଛୋର, ପ୍ରତାପ କଟା, ଜଗଦିଶ ବନନ୍ତଛୋର, ଗୋବର୍ଦ୍ଧନ ମାଝୀ, ଆଦିବାସୀ ନେତା ଭକ୍ତବନ୍ଧୁ ଧରୁଆ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପପୁ ଅହୀର ପ୍ରମୁଖ ସାମିଲ ଥିଲେ।

# ପୁଣି ବାହାର ରାଜ୍ୟମୁହାଁ ଦାଦନ ଶ୍ରମିକ

**ଧର୍ମଗଡ଼, ୧୮ ।୯ (ସମିସ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଶେଷ ହେବା ପରେ ଏବେ ବାହାର ରାଜ୍ୟକୁ ମୁହାଁ ହୋଇଛି ଦାଦନ ଶ୍ରମିକ। ଘରେ ତାଲା ପକାଇ ନିଜ ପେଟପାଟଣା ପାଇଁ ବାହାରି ପଡ଼ିଛି ପିଲା ଛୁଆ ଧରି।ବିଶେଷ ଭାବେ ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳ ପାଇଁ ଦାଦନ ସମସ୍ୟା କିଛି ନୂଆ ହୋଇ ରହି ନାହିଁ। ଦଣ୍ଡପାଟ ଅଞ୍ଚଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟରେ ଉନ୍ନୟନମୂଳକ କାର୍ଯ୍ୟ ଜାରୀ ରଖିଥିବା ସରକାରୀସ୍ତରରେ କୁହାଯାଉଥିଲେ ବି ଦାଦନ ରୋକିବା ସମ୍ଭବ ହେଉ ନାହିଁ। ଏକ ପ୍ରକାର ସରକାରୀ ବ୍ୟବସ୍ଥା ଫେଲ ମାରିଛି। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ବିକାଶ କରୁଥିବା ପ୍ରଚାର ପ୍ରସାର କରୁଥିବା ବେଳେ ବାସ୍ତବରେ କେତେ ଉନ୍ନୟନ କାର୍ଯ୍ୟ ହୋଇଛି ତାହାର ନଗ୍ନ ଉଦାହରଣ ଦଣ୍ଡପାଟ ଅଞ୍ଚଳ। ଧର୍ମଗଡ଼ ବ୍ଲକର ୯ଟି ପଞ୍ଚାୟତ ଓ କୋକସରା ବ୍ଲକର ୭ଟି ପଞ୍ଚାୟତକୁ ଦଣ୍ଡପାଟ ଅଞ୍ଚଳ କୁହାଯାଏ। ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜନବସତି ଏହି ଅଞ୍ଚଳ। କେବଳ ଆନୁମାନିକ ଶତକଡା ୪୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ, ୪୦ ପ୍ରତିଶତ ଦାଦନ, ୧୦ପ୍ରତିଶତ ଦିନ ମଜୁରୀଆ ୩ ପ୍ରତିଶତ ନାନା ଜୀବିକା ଓ ମାତ୍ର ୨ପ୍ରତିଶତ



**ନୂଆଁଖାଇ ସରିଲା**
**ସରକାରୀ ବ୍ୟବସ୍ଥା ଫେଲ**

ସରକାରୀ, ବେସରକାରୀରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି।୨୦୦୫-୦୬ ବର୍ଷରେ ଲଗାତାର ଭାବେ ଦଣ୍ଡପାଟ ଅଞ୍ଚଳରେ ୧୦୮ଜଣ ଦାଦନଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଖବର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହୋଇଥିଲା। ଯାହାକୁ ନେଇ ଦଣ୍ଡପାଟ ଅଞ୍ଚଳ ବେଶ ଚର୍ଚ୍ଚିତ ହୋଇ ଆସିଛି।୨୦୦୭-୦୮ ମସିହାରେ ଦାଦନ ମୃତ୍ୟୁ ଘଟଣାକୁ ଅତି ଗମ୍ଭିର ଭାବେ ତତକାଳୀନ ଉପଜିଲ୍ଲାପାଳ ଜଗନ୍ନାଥ ମହାନ୍ତି ଦଣ୍ଡପାଟ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ଭାବେ ସର୍ଭେକ୍ଷଣ କରିବାକୁ ବେହେରାସ୍ଥିତ ଏକ ବେସରକାରୀ ସଂସ୍ଥା କର୍ତ୍ତବ୍ୟକୁ ନିର୍ଦ୍ଦେଶ ଦେଇଥିଲେ।ସର୍ଭେ ଅନୁଯାୟୀ ସେତେବେଳେ ଅଞ୍ଚଳର ୧୧୬୫ପରିବାର ଦାଦନ ଶ୍ରମିକ ଭାବେ ବିଭିନ୍ନ ରାଜ୍ୟକୁ ଯାଇଥିଲେ।ଏଥି ମଧ୍ୟରେ ପୁରୁଷ୧୨୯୭ଜଣ, ମହିଳା୬୩୯ଜଣ, ଶିଶୁ-୩୪୫ଜଣ, ଥିବା ସର୍ଭେକ୍ଷଣରୁ ଜଣାପଡ଼ିଥିଲା।ତେବେ ସେତିକି ବେଳକୁ ୧୩୨ଜଣ ଦାଦନ ଶ୍ରମିକ ଦଲାଲଙ୍କ ନିର୍ଯାତନାର ଶିକାର ଓ ୧୭ ଦାଦନଙ୍କ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା ଏବଂ ଉପଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ଏବେ ତାର ଦଶାଗୁଣା ବଢ଼ିଥିବା ଅନୁମାନ କରାଯାଏ।ତେବେ ଦାଦନ ରୋକିବାକୁ ଅନେକ ଯୋଜନା ସହ ଲୋକଙ୍କୁ ଯୋଡିବାକୁ ସରକାର ପ୍ରୟାସ କରିଥିଲେ ହେଁ ରାଜନେତା ଓ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁଁ ସବୁ ଯୋଜନା ଫସର ଫାଟିଛି। ସରକାର ପରେ ସରକାର ବଦଳି ଚାଲିଛି ହେଲେ ଦଣ୍ଡପାଟ ଅଞ୍ଚଳର ଭାଗ୍ୟ ବଦଳି ପାରୁନି।ଆଶା କରାଯାଉଥିଲା ସରକାରଙ୍କ ମନରେଗା ଯୋଜନା ଦାଦନଙ୍କ ପାଇଁ ବରଦାନ ପାଲଟିବ -ହେଲେ ଠିକାଦାର ନିଯୁକ୍ତି, ଠିକ ସେ ମଜୁରୀପ୍ରାପ୍ତ ନ ମିଳିବା ଓ ବିଶେଷ ଭାବେ ପିସି କାରବାର ଯୋଗୁଁ ଯୋଜନା ବିଶ୍ୱାସ ହରାଇ ଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରନ୍ତି। ଦଣ୍ଡପାଟ ଅଞ୍ଚଳର ଭାଗ୍ୟ କେବେ ପରିବର୍ତ୍ତନ ହେବ ସମୟକୁ ସାପେକ୍ଷ।

ଗାଁକୁ ନିଶାମୁକ୍ତି ପାଇଁ ଅଣ୍ଟା ଭିଡ଼ିଲେ ମହିଳା

## ଦେଶୀ ମଦ କୋଠି ବନ୍ଦ ଦାବି



**ନୂଆପଡ଼ା, ୧୮ ।୯ (ସମିସ):** ନୂଆପଡ଼ା ଜିଲ୍ଲାରେ ଜିଲ୍ଲା ପୁଲିସ ପ୍ରଶାସନର ଅପରେସନ ପ୍ରହାର ପରେ ନିଶା ମୁକ୍ତି ପାଇଁ ବର୍ତମାନ ଗ୍ରାମବାସୀମାନେ ସ୍?ତଃ ଅଣ୍ଟା ଭିଡିଲେଣି। ଗୋଟିକ ପରେ ଗୋଟିଏ ଗାଁ ଲୋକେ ନିଶାମୁକ୍ତି ପାଇଁ ପ୍ରଚେଷ୍ଟା କରୁଛନ୍ତି। ଏହି କ୍ରମରେ ନୂଆପଡ଼ା ସଦର ବ୍ଲକ ବୁଢ଼ୀପାଲି ପଞ୍ଚାୟତର ଜେଞ୍ଜେରା ଏବଂ ଜଙ୍ଗୁଲା ଗାଁ ଲୋକେ ଦେଶୀ ମଦକୋଠୀ ବନ୍ଦ କରିବାକୁ ଅଭିଯାନ ଚଳାଇଛନ୍ତି। ବିଭିନ୍ନ ସମୟରେ ମଦ ବନ୍ଦ କରିବାକୁ ଦାବି କରିଆସୁଥିବାବେଳେ ସୁଫଳ ନମିଳିବାରୁ ଶେଷରେ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବି ଜଣାଇଛନ୍ତି। ନିର୍ଭର ପ୍ରତିଶ୍ରୁତି ମିଳିବାପରେ ଫେରିଯାଇଛନ୍ତି। ପ୍ରକାଶ ଯେ ଏହି ଦୁଇଗାଁରେ ଛତୁ ଫୁଟିଲାଭଳି ମଦ କୋଠୀ ଚାଲିଥିବା ହେତୁ ଗରିବ ଖଟିଖିଆ ଲୋକେ ସର୍ବସ୍?ାନ୍ତ ହେବାରେ ଲାଗିଛନ୍ତି। ଯୁବ ବର୍ଗ ପଥଭ୍ରଷ୍ଟ ହେବାକୁ ବସିଛନ୍ତି। ଏହାକୁ ନେଇ ଗାଁରେ ଏକ ସଭା କରି ସମ୍ପୃକ୍ତକୋଠୀ ମାଲିକମାନଙ୍କୁ ତାଗିଦ କରିଥିଲେ ମଧ ବନ୍ଦ ହେଲା ନାହିଁ। ଗାଁର ସାମାଜିକ କର୍ମୀ କାନ୍ତିବାଇ ସାହୁଙ୍କ ନେତୃତ୍ୱରେ ବହୁ ମହିଳା ଏକତ୍ରିତ ହୋଇ ନୂଆପଡ଼ା ଆସିଥିଲେ। ଏଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରି ନିଶାମୁକ୍ତି ପାଇଁ ଦାବି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ବିକ୍ଷୋଭ ସ୍ଥଳୀକୁ ଆସି ଦାବିପତ୍ର ଗ୍ରହଣ କରିବା ସହ ମଦ କୋଠୀ ବନ୍ଦ କରିବା ଦିଗରେ ପଦକ୍ଷେପ ନେବେବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଟିମରେ ଅନ୍ୟମାନଙ୍କ ମଧ୍ୟରେ ରେଖରାମ ସାହୁ, କବି ପଟେଲ, ରଞ୍ଜିତ ପଟେଲ, ଅମିତ ମାଝୀ, ଧନେଶ୍?ର କେଉଁଟ ପ୍ରମୁଖ ସାମିଲ ଥିଲେ।

## ଗଞ୍ଜେଇ ଜବତ, ବୃଦ୍ଧା କୋର୍ଟ ଚାଲାଣ

**ଜୟପାଟଣା, ୧୮ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଅବକାରୀ ବିଭାଗ ପକ୍ଷରୁ ଜୟପାଟଣା ବନ୍ଧପଡ଼ା ଏକ ଘରୁ ଗଞ୍ଜେଇ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଜଣେ ବୃଦ୍ଧାକୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସୂଚନା ଅନୁସାରେ ଜୟପାଟଣା ଟାଉନକୁ ଲାଗି ଥିବା ବନ୍ଧପଡ଼ାର ଏକ ଘରେ ବଗଞ୍ଜେଇ ବିକ୍ରି ହେଉଥିବା ଜାଣିବାକୁ ପାଇଥିଲା ଅବକାରୀ ବିଭାଗ।ଏ ନେଇ ଧର୍ମଗଡ଼ ରେଞ୍ଜ ଇନିସ୍ପେକ୍ଟର ସୁଧାଂଶୁ ମୁଣ୍ଡାଙ୍କ ନେତୃତ୍ୱରେ ଜୟପାଟଣା ଅବକାରୀ ଅଧିକାରୀ ନରେନ୍ଦ୍ର ମିଞ୍ଜଙ୍କ ସହ ଟିମ୍ ଉକ୍ତ ଘରେ ଚଢ଼ାଉ କରିଥିଲେ। ଚଢ଼ଉ ବେଳେ ୫କେଜି ଶୁଖିଲା ଗଞ୍ଜେଇ ଜବତ ବୃଦ୍ଧା କାଞ୍ଚନ ସେଠୀ(୬୮)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ

## ପ୍ରବୋଧ ରଥ ସଭାପତି, ପ୍ରମୋଦ ଖମାରୀ କାର୍ଯ୍ୟକାରୀ ସଭାପତି

**ଭବାନୀପାଟଣା, ୧୮ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଘୋରାଇ ବସ୍ ମାଲିକ ସଂଘ ନିର୍ବାଚନ ଶେଷ ହୋଇଛି। ଭବାନୀପାଟଣାସ୍ଥିତ ସଂଘ କାର୍ଯ୍ୟାଳୟରେ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ନିର୍ବାଚନରେ ଚତୁର୍ଥ ଥର ପାଇଁ କଳାହାଣ୍ଡି ସଭାପତି ଭାବେ ପ୍ରବୋଧ ରଥ ନିର୍ବାଚିତ ହୋଇଛନ୍ତି ହୋଇ ରେକର୍ଡ ସୃଷ୍ଟି କରିଛନ୍ତି।ସେହିପରି ଜଣେ ଭିଡ଼ ଭିତର ମଣିଷ ଭାବେ ପରିଚିତ ପ୍ରମୋଦ ଖମାରୀ କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଦୁଇ ପୁରୁଖା ସଙ୍ଗଠକଙ୍କ ସମେତ ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ପଣ୍ଡା, କୋଷାଧକ୍ଷ ମାନସ ରଞ୍ଜନ ଦାଶ, ଉପ ସଭାପତି ସନ୍ଦୀପ ଦାସ, ଧବଳେଶ୍ୱର ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ମୋହିତ ଦାସ, ବୀର କିଶୋର ପ୍ରହରାଜ ନିର୍ବାଚିତ



ହୋଇଛନ୍ତି। ଷ୍ଟାଣ୍ଡ ସମ୍ପାଦକ ଭାବେ ନରେଶ ପଟ୍ଟନାୟକ, ଅରୁଣ ରଥ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ କାଶୀନାଥ ହୋତା, ପ୍ରଦୀପ କୁମାର ଦାସ, ସତ୍ୟ ରଥ, ଜ୍ୟୋତି ପ୍ରକାଶ ରଥ, ଜାମିନୀ ମାଝୀ, ସନ୍ତୋଷ ମହାପାତ୍ର, ପ୍ରତୀକ ମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଥିଲେ। ଆଗାମୀ ୩ ବର୍ଷ ପାଇଁ ସଂଘ କାର୍ଯ୍ୟକାରୀ ହେବ। କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳର ଯାତ୍ରୀଙ୍କୁ ବସ୍ ସେବା ଯୋଗାଇବା ସହ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ସେବା ଯୋଗାଇ ଦିଆଯିବ ବୋଲି କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘର ସଭାପତି ପ୍ରବୋଧ ରଥ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଯାତ୍ରୀଙ୍କ ସେବାରେ ନିଜକୁ ବ୍ରତୀ ରଖିବ ବୋଲି କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି।

ବେହେରାଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ଶିକ୍ଷକ ଅଭାବ ନେଇ ଅଭିଭାବକ ଅସନ୍ତୁଷ୍ଟ



**ବେହେରା, ୧୮ ।୯ (ସମିସ):** ଧର୍ମଗଡ଼ ବ୍ଲକ ବେହେରାଗୁଡା ଗ୍ରାମରେ ଅସନ୍ତୋଷର ବାତାବରଣ ଦେଖିବାକୁ ମିଳିଥିଲା। ବେହେରାଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଅଶୋକ କୁମାର ବୋଡେକଙ୍କୁ ଗତ୧୧.୯.୨୦୨୫ ରିଖରେ ଅନ୍ୟତ୍ର ବଦଳି କରାଯାଇଛି।ବେହେରାଗୁଡା ବିଦ୍ୟାଳୟରେ ଦୀର୍ଘଦିନ ତାଲାବନ୍ଦ ଆନ୍ଦୋଳନ ପରେ ୩ଜଣ ଶିକ୍ଷକ ଯୋଗାଇ ଦେଇ ଆବଶ୍ୟକ ସମୟେ ଛାତ୍ରଛାତ୍ରୀ ଅନୁପାତରେ ଶିକ୍ଷକ ଦେବୁ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଭାଗ। କିନ୍ତୁ ଶିକ୍ଷକ ଦେବା ବଦଳରେ ନେବା ଆରମ୍ଭ କରିଛନ୍ତି। ରେସିଓ ଅନୁସାରେ ଯେଉଁଠି ୧୪ ଜଣ ଶିକ୍ଷକ ରହିବା ପରିବର୍ତ୍ତେ କେବଳ ୭ ଜଣ ଶିକ୍ଷକରେ ବିଦ୍ୟାଳୟର ଶିକ୍ଷାଦାନ କାର୍ଯ୍ୟ ଚାଲିଛି। ସେଥିରେ ପୁଣି ଦୁଇ ଜଣ ଶିକ୍ଷକ ବିଲଓ କାର୍ଯ୍ୟ କରନ୍ତି। ପ୍ରାପ୍ତସୂଚନା ଅନୁସାରେ ବର୍ତ୍ତମାନ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷରେ ଶିଶୁବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୧୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସରକାର ଯୋଜନା ପରେ ନୂତନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ଏହି ଯୋଜନା କାହା ପାଇଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଇଛି।

## ୪୫ ୟୁନିଟ୍ ରକ୍ତ ଶିବିର ସଂଗ୍ରହ



**ଜୁନାଗଡ଼, ୧୮ ।୯ (ସମିସ):** ଜୁନାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜେପି ପକ୍ଷରୁ ଜିଲ୍ଲା ଉପସଭାପତି ମୁକେଶ ଅଗ୍ରୱାଲ ଙ୍କ ସଂଯୋଜନାରେ ନଗର ସଭାପତି ବିକ୍ରାନ୍ତ ପଟ୍ଟନାୟକଙ୍କ ଆୟୋଜନରେ ରକ୍ତଦାନ ଶିବିର ହୋଇଥିଲା। ଜିଲ୍ଲା ସଭାପତି ଯୁଗଳ ପୋଡ଼ଙ୍କ ଉପସ୍ଥିତିରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଜିଲ୍ଲା ଉପସଭାପତି ଅଜୟ ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ସତ୍ୟନାରାୟଣ ବେହେରା, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ଦିବ୍ୟ ଦୀପ, ବରିଷ୍ଠ ନେତୃବୃନ୍ଦ, ସମସ୍ତ ମଣ୍ଡଳ ସଭାପତି ଗଣ, ମହିଳା ମୋର୍ଚ୍ଚା, ଦୁଇ ପରିଷଦ ଗଣ, ଦେବତୁଲ୍ୟ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ରହି ରକ୍ତଦାନ ଶିବିର ସମ୍ପାଦନା ହେଲା। ୪୫ ୟୁନିଟ୍ ରକ୍ତ ଶିବିର ସଂଗ୍ରହ ହୋଇଥିଲା।

## ବଢ଼ିଲା ଧାନ ବିକ୍ରି ପଞ୍ଜୀକରଣ

**୧୨୧୧୮୧ ଚାଷୀ ପଞ୍ଜିକୃତ**
**୬୬୪୪ ଅଧିକ ଚାଷୀଙ୍କ ପଞ୍ଜୀକରଣ**

**ଭବାନୀପାଟଣା, ୧୮ ।୯ (ସମିସ):** କଳାହାଣ୍ଡି ଜିଲ୍ଲାରେ ଖରିଫ ଚାଷ ପାଇଁ ଚାଷୀ ମନରେ ଏକ ପ୍ରକାର ବ୍ୟଗ୍ରତା ବୃଦ୍ଧି ପାଇଛି। ଇତିମଧ୍ୟରେ ୨୦୨୫-୨୬ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଶେଷ ହୋଇଛି। ଏଥିରେ ଗତ ବର୍ଷ ଖରିଫ ଠାରୁ ୬୬୪୪ ଚାଷୀ ଅଧିକ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ଗତ ୨୦୨୪/୨୫ ଖରିଫରେ ୧ଲକ୍ଷ ୧୪ ହଜାର ୫୩୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ ଲକ୍ଷ ୯୬ ହଜାର ୮୦୭.୮୩କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ତେବେ ଚଳିତ ଖରିଫରେ ଜିଲ୍ଲାର ୧ଲକ୍ଷ ୨୧ ହଜାର ୧୮୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ରାଜ୍ୟ ସରକାରଙ୍କ ଇନପୁଟ୍ ସହାୟତା ମିଶି ଚାଷୀ ଗତ ଖରିଫ ଓ ରବି ଋତୁରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପାଇଥିବାରୁ ଧାନ ବିକ୍ରି ପଞ୍ଜୀକରଣ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଛି। ସେହିପରି ଗତ ଖରିଫ ଓ ରବିରେ ଜିଲ୍ଲାରେ ଧାନ ଉତ୍ପାଦନ ଓ ଧାନକିଣା ପୂର୍ବ ବର୍ଷ ଅପେକ୍ଷା ମଧ ବଢ଼ିଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡ଼ିଛି।

## ସମାଜସେବୀ ଭୁବନ ବିହାରୀଙ୍କ ପରଲୋକ



**କର୍ଲାମୁଣ୍ଡା, ୧୮ ।୯ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବରିଷ୍ଠ ସମାଜସେବୀ ତଥା ବ୍ୟବସାୟୀ ଭୁବନ ବିହାରୀ ସିଂଙ୍କ ୬୮ ବର୍ଷବୟସରେ ଗୁରୁବାର ପରଲୋକ ଘଟିଛି ।ତାଙ୍କ ଦେହ ଅସୁସ୍ଥ ଥିବାରୁ ପରିବାର ଲୋକେ ଭୁବନେଶ୍ୱର ଏକ ହସ୍ପିଟାଲରେ ଚିକିତ୍ସା କରାଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଥିବା ଜଣାପଡ଼ିଛି। ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ସେ ବ୍ଲକ ସଦର ବିଭିନ୍ନ ଅନୁଷ୍ଠାନ ସହିତ ସାମିଲ ହୋଇ ସାମାଜିକ ବିକାଶ ପାଇଁ କାର୍ଯ୍ୟକରି ଆସୁଥିଲେ।

## ଆଦି କର୍ମଯୋଗୀ ଅଭିଯାନ



**ମ.ରାମପୁର, ୧୮ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ମିଶନଶକ୍ତି ସଭା ଗୃହରେ ଆଦି କର୍ମଯୋଗୀ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ପଧାନ, ଯୋଗ ଦେଇଥିବା ବେଳେ ଏଇଇ ବଳ ବିନ୍ଦର ସିଂହ ଯାଦବ, ଜିପିଡି ଓ କୁଳମଣି ସିଂ ରାୟ ଯୋଗଦେଇଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମସୁନ୍ଦର ନାଏକ ସଭା ସଂଯୋଜନା କରିଥିଲେ। ଆଦିବାସୀ ଗ୍ରାମ ଗୁଡ଼ିକ ର ସର୍ବାଙ୍ଗୀନ ବିକାଶ ଲାଗି ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ କରି ଆଦିବାସୀ ଙ୍କ ଜୀବନ ଜୀବିକାକୁ ସୁଦୃଢ଼ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତିସଭ୍ୟ, ସମସ୍ତ ବ୍ଲକସ୍ତରୀୟ କର୍ମଚାରୀ, ସେବାଜଗତ ଅନୁଷ୍ଠାନ, ବ୍ଲକସ୍ତରୀୟ ପ୍ରଶିକ୍ଷକ, ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।୧୯ଟି ପଞ୍ଚାୟତର ୧୧୪ଟି ଗ୍ରାମର କାର୍ଯ୍ୟ ଯୋଜନା, ଲକ୍ଷ୍ୟ ସହ ଧରତୀ ଅବା ଜନଜାତୀୟ ଉତ୍କର୍ଷ ଅଭିଯାନ ଗ୍ରାମରେ କାର୍ଯ୍ୟକ୍ରମ କରିବା ପାଇଁ ଟ୍ରେନିଂ ଦିଆଯାଇଥିଲା।

**ସ୍କୁଲ ଜମି ପାଇଁ ବିବାଦ**

## ତହସିଲ ଓ ଥାନା ଘେରିଲେ ଡୁମେରମୁଣ୍ଡା ଗ୍ରାମବାସୀ





**କଲମପୁର, ୧୮ ।୯ (ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ୩୦ରୁ ସରକାରୀ ବିଦ୍ୟାଳୟ ମାନଙ୍କରେ ଜମି ସମସ୍ୟା ଲାଗି ରହିଛି। ଏନେଇ ସକାଳରେ ଖବର ପ୍ରସାରଣ ପରେ କିଛି ବଦାନ୍ୟ ବ୍ୟକ୍ତି ବିଶେଷ ଇତି ମଧ୍ୟରେ କିଛି ବିଦ୍ୟାଳୟକୁ ଜମି ଦାନ କରିଛନ୍ତି। କିନ୍ତୁ ଅଧିକାଂଶ ବିଦ୍ୟାଳୟମାନଙ୍କର ଜମି ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଫଳରେ ଅନେକ ବିଦ୍ୟାଳୟମାନଙ୍କରେ ଶ୍ରେଣୀ ଗୃହର ଅଭାବ ଦେଖା ଦେଇଛି। ଆଜି ଏଭଳି ଏକ ବିବାଦୀୟ ପ୍ରସଙ୍ଗକୁ ନେଇ ଜନସାଧାରଣ ଘେରାଉ ଭଳି ପଦକ୍ଷେପ ଆପଣାଇବାକୁ ବାଧ୍ୟ ହୋଇଛନ୍ତି। ଡୁମେରମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଦୀର୍ଘ ବର୍ଷରୁ ସ୍ଥାପିତ। ଜନୈକ ବ୍ୟକ୍ତି ଏହି ବିଦ୍ୟାଳୟ ସ୍ଥାପନ ପାଇଁ ଜମି ହସ୍ତଲେଖା ମାଧ୍ୟମରେ ବିକ୍ରୟ କରିଥିଲେ। ସେହି ପ୍ରମାଣ ଏବେ ବି ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ନିକଟରେ ମହଜୁଦ ଅଛି। ଜମି ବିକ୍ରେତାଙ୍କ ମୃତ୍ୟୁ ପରେ ଉକ୍ତ ଜମି ବିଦ୍ୟାଳୟ ଖାତାକୁ ନ ଆସି ମୂଳଖାତାକୁ ଚାଲିଗଲା। ପୁରୁଣା କୋଠାକୁ ଭାଙ୍ଗି ବ୍ଲକ ପ୍ରଶାସନ ନୂତନ କୋଠା ନିର୍ମାଣ କରିବା ବେଳକୁ ବିକ୍ରେତାଙ୍କ ସମ୍ପର୍କିୟମାନେ ଜମି ନ ଛାଡ଼ିବାକୁ ଅଡି ବସିଛନ୍ତି। ଗ୍ରାମରେ ତୁହାକୁ ତୁହା ବୈଠକ ପରେ ବି କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଉଭୟ ପକ୍ଷ ପୁଲିସରେ ମଧ ଭିନ୍ନ ଭିନ୍ନ କାରଣ ଦର୍ଶାଇ ମାମଲା ଦାୟର କରିଛନ୍ତି। ସେହି ବିଦ୍ୟାଳୟ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ପ୍ରାୟ ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ନିମନ୍ତେ ଏକମାତ୍ର ଶ୍ରେଣୀ ଗୃହ ରହିଛି, ଯାହାକି ସେଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ବସିଛି। ଏଭଳି ପରିସ୍ଥିତି ଦୀର୍ଘ ମାସ ହେବ ଲାଗି ରହିଛି, ଫଳରେ ଶତାଧିକ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରି ତହସିଲ ଅଫିସକୁ ପହଞ୍ଚି ତହସିଲଦାରଙ୍କ ଠାରେ ଫେରାଦ ହୋଇଥିଲେ। ତହସିଲଦାର ସ୍ମରଣୀକା ତୁଳ ଆପୋଷ ମାଧ୍ୟମରେ ସମାଧାନ କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେବା ସହିତ ମୁଁ ଘଟଣାସ୍ଥଳ ଅନୁଧ୍ୟାନ ପାଇଁ ଯିବି ବୋଲି କହିଥିଲେ। ଏହାପରେ ଗ୍ରାମବାସୀ ଥାନାକୁ ଯାଇ ଏତଲା ଦାୟର କରିଥିଲେ। ଉଭୟ ପକ୍ଷ ଥାନା ସମ୍ମୁଖରେ ଉପସ୍ଥିତ ରହିଥିଲେ ମଧ୍ୟ ଥାନା ଅଧିକାରୀ ଅନୁପସ୍ଥିତ ଥିବାରୁ ପରବର୍ତ୍ତୀ ସମୟରେ ଆସିବାକୁ କହିଥିଲେ ଉପସ୍ଥିତ ଥାନା କର୍ମଚାରୀ। କୌଣସି ନିଷ୍କର୍ଷ ବାହାରି ନ ଥିବା ବେଳେ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

# ଏସିଡ୍ ଆକ୍ରମଣ ଉପରେ ଆଇନ୍ ଗତ ସଚେତନତା

**ଥୁଆମୂଲରାମପୁର, ୧୮ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଜେଏମ୍‌ଏଫ୍‌ସି ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଆଇନ୍‌ଗତ ସେବା ଏବଂ ଉଚିତ ନ୍ୟାୟ ଏବଂ ଆକ୍ରମଣକାରୀ ଅପରାଧୀଙ୍କୁ କିପରି ଆଇନଗତ ଦଣ୍ଡବିଧାନ ବ୍ୟବସ୍ଥା ରହିଛି ସେନେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ସମ୍ବନ୍ଧୀୟ କ୍ଷୁଦ୍ର ପଥପ୍ରାନ୍ତ ନାଟକ ନାଟକ ଅନୁଷ୍ଠିତ ହୋଇଥିଲା । ଥୁଆମୂଳରାମପୁର ମୁଖ୍ୟ ଛକ ମଣ୍ଡପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ଡ.ତାରିଣୀ ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ବରିଷ୍ଠ ଆଇନଜୀବୀ ଦେବଦତ୍ତ ଯୋଷୀ, ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ, ସ୍ଥାନୀୟ ମେଡିକାଲ ଡାକ୍ତର ଶକ୍ତି ସାଗର, ଏମ୍‌ଏମ୍‌ପିଏସ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତ୍ତିବାସ ନାଏକ, ଅଧ୍ୟାପକ ସରୋଜ କୁମାର ପାଟଯୋଷୀ, ବବ୍ରୁବାହାନ ବୁଦ୍ଧିଆ, ଥାନା ସବ୍ ଇନ୍ସପେକ୍ଟର ପ୍ରହଲ୍ଲାଦ ପାଣିଗ୍ରାହୀ, ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନଜୀବୀ ଦିଲ୍ଲୀପ କୁମାର ନାଏକ, ଆଇନଜୀବୀ ପ୍ରିୟଙ୍କା ମାଝୀ, କର୍ତ୍ତବ୍ୟ ସଂସ୍ଥାରୁ ସନ୍ତୋଷ ଦାଶ, ସୁଦର୍ଶନ ନାଏକ ଏବଂ ସୋନାଲି ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।ସ୍ଥାନୀୟ ଯୁକ୍ତ ଦୁଇ ଏବଂ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ୨୦୧୬, ଦଣ୍ଡ ଆଇନ ଏବଂ ପୀଡିତ କ୍ଷତିପୂରଣ ଯୋଜନା, ୨୦୧୭ ଇତ୍ୟାଦିର ପ୍ରାସଙ୍ଗିକ ବ୍ୟବସ୍ଥା' ବିଷୟ ଉପରେ ବରିଷ୍ଠ ଆଇନଜୀବୀ ଦେବଦତ୍ତ ଯୋଷୀ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ଏହା ଏକ ସଚେତନତା କାର୍ଯ୍ୟକ୍ରମର ଅଂଶ ଭାବରେ କର୍ତ୍ତବ୍ୟ ସଂସ୍ଥା ଦ୍ଵାରା ପ୍ରାୟୋଜିତ ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ମୂଳକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା । କଳାକାରଙ୍କ ଉତ୍କୃଷ୍ଟ ଅଭିନୟ ମଞ୍ଚାସୀନ ସମସ୍ତ ଅତିଥି ଏବଂ ସମସ୍ତ ଦର୍ଶକଙ୍କୁ ମନକୁ ବାନ୍ଧି ରଖିଥିଲା । ନାଟକରେ ଅଭିନୟ କରିଥିବା କଳାକାରଙ୍କୁ ପ୍ରଶଂସା କରାଯାଇଥିଲା ।ମଞ୍ଚ ପରିଚାଳନା କରିଥିଲେ ସ୍ଥାନୀୟ ହାଇସ୍କୁଲର ଶିକ୍ଷକ ହରି ନାରାୟଣ ବାଗ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଶେଷରେ ଜେଏମ୍‌ଏଫ୍‌ସିର ବରିଷ୍ଠ କିରାଣୀ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଜେଏମ୍‌ଏଫ୍‌ସିର କର୍ମଚାରୀ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ ।



ଠାକୁରପାଲିରେ ଗଣେଶ ମଣ୍ଡପ ନିମ୍ନମାନର କାମ

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ, ବିଡ଼ିଓ ଦେବେ ରିପୋର୍ଟ

**ନୂଆପଡ଼ା, ୧୮ ।୯ (ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଠାକୁରପାଲି ଗାଁରେ ଗଣେଶ ମଣ୍ଡପ ନିର୍ମାଣ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗର ଦୀର୍ଘ ଦିନ ପରେ ମଧ କୋମନା ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନକରିବା ପରେ ଗୁରୁବାର ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦେଖା କରି ଅଭିଯୋଗ କରିଥିଲେ । ଜିଲ୍ଲାପାଳ କୋମନା ବିଡିଓଙ୍କୁ ତୁରନ୍ତ ଗାଁକୁ ଯାଇ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ କରିବା ପରେ ଘଣ୍ଟାକ ମଧରେ ତଦନ୍ତ କରିଥିବା ଖବର ଚର୍ଚ୍ଚାର ବିଷୟ ହୋଇଛି ।ଗ୍ରାମବାସୀ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ବେଳେ ବର୍ତ୍ତମାନ କ୍ଷାନ୍ତ ରହିଛନ୍ତି । ପ୍ରକାଶ ଯେ ଗତ ସରକାରଙ୍କ ସମୟରେ ଆଇଡିଏଫ ପାଣ୍ଠିରୁ ୫ଲକ୍ଷ ଟଙ୍କାରେ ଗଣେଶ ମଣ୍ଡପ ନିର୍ମାଣ ପାଇଁ ଅନୁଦାନ ଦିଆଯାଇଥିଲା । ଏହାକୁ କୁଆଡେ ସରପଞ୍ଚଙ୍କ ପ୍ରତିନିଧି ଅର୍ଥାତ ତାଙ୍କ ସ୍ୱାମୀ କାମ କରାଉଥିଲେ । ହେଲେ ନିର୍ଦ୍ଧାରିତ ଏଷ୍ଟିମେଟକୁ ଉଲ୍ଲଂଘନ କରି ବିନା ପିଲାରରେ ମଣ୍ଡପ ତିଆରି କାମ ଚଳାଇଥିଲେ । ଏପରିକି ବିନା ଯନ୍ତ୍ରୀଙ୍କ ଉପସ୍ଥିତିରେ ଲକ୍ଷାଧିକ ଟଙ୍କାର କାମ ଚାଲୁଥିବାରୁ ଗ୍ରାମବାସୀ ନିମ୍ନମାନର ହେଉଥିବା ନେଇ 'ସକାଳ' ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରତିନିଧି ଗାଁକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ମଣ୍ଡପ ସହ ବିଦ୍ୟାଳୟ କାମ ନିମ୍ନ ମାନର ହେଉଥିବା ନେଇ ଗତ ଜୁଲାଇ ମାସ ୩୧ତାରିଖ ଦିନ ତଥ୍ୟ ଭିତ୍ତିକ ଖବର ପ୍ରକାଶ କରିଥିଲେ । ଅନ୍ୟପଟେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଜଣାଇଥିଲେ ।ସେତେବେଳେ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ କରିଥିଲେ । ହେଲେ ସେ ଦିନ ଗଡ଼ାଇଚାଲିଲେ । ଶେଷରେ ଗୁରୁବାର ଦିନ ଗ୍ରାମବାସୀ ନୂଆପଡ଼ା ଆସି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଦେଖା କରି ତଦନ୍ତ କରିବାକୁ ଗୁହାରୀ କରିଥିଲେ । ଜିଲ୍ଲାପାଳ ତୁରନ୍ତ କୋମନା ବିଡିଓ ସର୍ବେଶ୍ୱର ଜାଲଙ୍କୁ ଗାଁକୁ ଯାଇ ତଦନ୍ତ କରି ସନ୍ଧ୍ୟାସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କହିଥିଲେ ।ତେବେ ଅପରାହ୍ନ ୨ଟା ସମୟରେ କୋମନା ବିଡିଓ ଜାଲ, ଯନ୍ତ୍ରୀ ଗୁରୁପ୍ରସାଦ କିଷାନ ଗାଁରେ ପହଞ୍ଚି ମଣ୍ଡପ ସହ ବିଦ୍ୟାଳୟ ସ୍ଥିତି ଦେଖିଥିଲେ । ମଣ୍ଡପ କାମ ନିମ୍ନମାନର ହୋଇଥିବା ବେଳେ ବିନା ପିଲାରରେ ମଣ୍ଡପ ହୋଇଥିବାରୁ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି ବିଡିଓ ଉପଲବ୍ଧି କରିଥିଲେ ।ପରେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ନିର୍ମାଣାଧିନ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ମଧ ନିମ୍ନ ମାନର ହେଉଥିବାନେଇ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଥିଲେ । ବିଡିଓ ବିଦ୍ୟାଳୟ ପରିସରକୁ ଯାଇ ଦେଖିଥିଲେ । ଏହା ଉପରେ ଜିଲ୍ଲାପାଳଙ୍କୁ ସବିଶେଷ ରିପୋର୍ଟ ପ୍ରଦାନ କରିବେ ବୋଲି ଗ୍ରାମବାସୀଙ୍କୁ କହିଛନ୍ତି । ଜିଲ୍ଲାପାଳଙ୍କୁ ଭେଟିବା ପରେ ତୁରନ୍ତ ତଦନ୍ତ ହୋଇଥିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି । ତଦନ୍ତ ସମୟରେ ଗ୍ରାମବାସୀଙ୍କ ମଧରେ ସୁକଦେବ ସରାଫ, ବିଶିକେଶନ ଶବର, ସୋମନାଥ ଗଉଡ, ତିଲୋତମା ରଣା, ଶିବ ରଣା, ଲିଲେଶ ଶବର, ଅର୍ଜୁନ ଗଉଡ, ଚମନ ବାରିକ, ରାମେଶ୍ୱର ଦୁବେ, ହେମଦେବ ମାଝୀ, ମଣ୍ଟୁ ରଣା, ଗଣ୍ଡା ରାମ ସରାଫ, ଶଶିଭୂଷଣ ଶବର, ଅଶୋକ ଶର୍ମା, ଭଗବାନ ସରାଫ ପ୍ରମୁଖ ଉପସ୍ଥିତ ଥିଲେ ।



# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା



**ବୌଦ୍ଧ, ୧୮।୯ (ସମିସ):** ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ଭଗବାନ ବିଶ୍ୱକର୍ମାଙ୍କ ପୂଜାପାଇଁ ବୌଦ୍ଧ ସହରର ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟାଳୟ ଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି । କର୍ତ୍ତା ଭାବେ ଦିଲୀପ କୁମାର ରାଉତ ବସିଥିବାବେଳେ ଯଜ୍ଞ କର୍ମ ପଣ୍ଡିତ ବବୁଲୁ ପାଢ଼ୀ କରିଥିଲେ । ବିଦ୍ୟୁତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତବିଭାଗ, ଜଳସେଚନ ବିଭାଗ, ଉଠାଜଳସେଚନ ବିଭାଗ, ଘରୋଇ ବସ୍ ମାଲିକ ସଂଘ, ଟ୍ରକ ମାଲିକ ସଂଘ, ଅଟୋମାଲିକ ସଂଘ, ମା ଭୈରବୀ ପାଇପ ମିସ୍ତ୍ରୀ ସଂଘ, ଟ୍ୟାକ୍ସି ସଂଘ, ଦୁଇଚକିଆ ମେକାନିକ ସଂଘ ତରଫରୁ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଛି । ଏହାବ୍ୟତୀତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ମଧ ବିଶ୍ୱକର୍ମାଙ୍କ ପୂଜା ପାଳନ କରାଯାଇଛି । ପୂଜାମଣ୍ଡପ ଗୁଡ଼ିକ ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳାରେ ଝଲସି ଉଠୁଛି ।

# ରୁଙ୍ଗଟା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**କୋଇଡ଼ା, ୧୮।୯ (ସମିସ):** କୋଇଡ଼ା ମାଇନିଂ ସେକ୍ଟର ଅନ୍ତର୍ଗତ ଓରାଘାଟ ଖଣି ପକ୍ଷରୁ ମା' ପାଇଁ ଗଛଟିଏ ଓ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରୁଗୁଡ଼ି ପାର୍କି ପ୍ଲାଜା ନିକଟରେ ଫଳ ଚାରା ରୋପଣ କରାଯାଇଛି । ଆଇବିଏମ୍‌ଙ୍କ ନିର୍ଦ୍ଦେଶରେ ଏବଂ ଓରାଘାଟ ଲୌହ ଖଣିର ସମସ୍ତ କର୍ମଚାରୀଙ୍କ ସହଯୋଗରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଣିର ସମସ୍ତ ଭିଭାଗୀୟ ଓ ଠିକା ଶ୍ରମିକମାନଙ୍କ ଦ୍ୱାରା ସ୍ୱଚ୍ଛତା ଶପଥ ଗ୍ରହଣ କରାଯାଇଥିଲା । ଖଣି ପରିଚାଳକ ସୁଭାସ ଚନ୍ଦ୍ର ପ୍ରଧାନ ଶପଥ ପାଠ କରାଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ଖଣି ପରିଚାଳକଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା । ସିଏସ୍‌ଆର୍ ବିଭାଗର ମୁଖ୍ୟ ଡ. ଅଞ୍ଜନ କୁମାର ଲେଙ୍କା ଗଛ ଲଗାଇବାର ମହତ୍ୱ ଓ ସ୍ୱଚ୍ଛତା ହିଁ ସେବା ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପକ୍ଷରେ ନିକଟସ୍ଥ ବିଦ୍ୟାଳୟ ଗୁଡ଼ିକରେ ସ୍ୱଚ୍ଛତା ସମ୍ବନ୍ଧିତ ପ୍ରବନ୍ଧ, କୁଇଜ୍, ବକ୍ତୃତା, ଚିତ୍ରାଙ୍କନ ଆଦି କରାଯାଇ ଛାତ୍ରଛାତ୍ରୀଙ୍କ ମଧରେ ସଚେତନତା ସୃଷ୍ଟି କରାଯିବ । ଖଣିର ସମସ୍ତ ଅଞ୍ଚଳରେ ସଫେଇ କାର୍ଯ୍ୟକୁ ବ୍ୟାପକ କରାଯାଇ ହାଇଜେନିକ କିଟ୍ ବଣ୍ଟନ କରାଯିବ । କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ପୁରସ୍କାର ବିତରଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଓରାଘାଟ ଖଣି ପକ୍ଷରୁ ପ୍ରକାଶ କୁମାର, ରଞ୍ଜନ କୁମାର ପାଣି, ବିଦ୍ୟାଧର ସାହୁ, ସତ୍ୟଜିତ ମହାପାତ୍ର, ବିଶ୍ୱରଞ୍ଜନ ବେହେରା, ସମୀରଞ୍ଜନ ଦାସ, ଡି ଏସ୍ ଦିନକର, ବନମାଳୀ ମହାନ୍ତ, ରାମେଶ୍ୱର ପାଇକରାୟ, ବିଏନ ପଣ୍ଡା, ବିଶ୍ୱଜିତ ଚକ୍ରବର୍ତ୍ତୀ, ନିତ୍ୟାନନ୍ଦ ଭାସ୍କର, ବସନ୍ତ କୁମାର ମହାପାତ୍ର, ଲିଟୁନ କୁମାର ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



# ସାମ୍ବାଦିକଙ୍କ ପିତୃ ବିୟୋଗ

**ଚାରବାହାଲ, ୧୮ ।୯ (ସମିସ):** ସାମ୍ବାଦିକ ଭୋକରଧନ ଧଙ୍ଗଡ଼ା ମାଝୀଙ୍କ ପିତା ଯୁଧିଷ୍ଠିର ଧଙ୍ଗଡ଼ମାଝୀଙ୍କ ୬୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । କିଛି ଦିନ ଧରି ସେ ରୋଗରେ ପୀଡିତ ଥିଲେ । ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଧନେର ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡପୁଅ ଭୋକରଧନ ମୁଖାଗ୍ନି ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



**ବୌଦ୍ଧ, ୧୮।୯ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାମଗଡ଼ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହରଭଙ୍ଗା ବ୍ଲକର ୫୭ଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଏହି ବିଜ୍ଞାନ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ଅଙ୍କିତା ମାହାଣାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା ।, ଅଗ୍ରପୂଜ୍ୟ ଗଜାନନଙ୍କ ମନ୍ତ୍ରପାଠ କରି ଧୂପଦୀପ ଅର୍ପଣ କରାଯାଇଥିଲା । ସଂସ୍କୃତ ଶିକ୍ଷକ ଗିରିଜା ଶଙ୍କର ବାଘ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ, ବିଚାରପତି ଦେବବ୍ରତ ଦାସ ଓ ସଞ୍ଜୟ କୁମାର୍ ନାୟକ ମଞ୍ଚାସିନ ଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟ, ରାମଗଡ଼ର ବବିତା ଦେହୁରୀ ପ୍ରଥମ ସ୍ଥାନ, ସାଧୁଚରଣ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ତ୍ରୋଜାଲିନ ମିଶ୍ର ଦ୍ୱିତୀୟ ସ୍ଥାନ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବଳରାମ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ସୁନିତା ସେଠୀଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ।

# ଜାତୀୟ ଶ୍ରମିକ ଶିକ୍ଷା ଦିବସ




**ରାଉରକେଲା, ୧୮।୯ (ସମିସ):** ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଏବଂ ବିକାଶ ବୋର୍ଡ, ଶ୍ରମ ମନ୍ତ୍ରଣାଳୟ -ଭାରତ ସରକାର, ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୬୮ ତମ ଜାତୀୟ ଶ୍ରମିକ ଶିକ୍ଷା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରମିକ କଲ୍ୟାଣ କାର୍ଯ୍ୟାଳୟର ଡକ୍ଟର ସୁନୀଲ ତାର୍କି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବୋର୍ଡର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ବକ୍ତା ଏବଂ ହିନ୍ଦ ମଜଦୁର ଶ୍ରମିକ ସଭାର ଶ୍ରମିକ ନେତା ଦିଗମ୍ବର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୋର୍ଡର କାର୍ଯ୍ୟକ୍ରମ ଅଧିକାରୀ ସ୍ନେହ ରଞ୍ଜନ ଗୋଚ୍ଛାୟତ ସମସ୍ତଙ୍କୁ ସ୍ୱାଗତ ଅଭିଭାଷଣ ସହିତ ଶ୍ରମିକମାନଙ୍କର ବହୁବିଧ ଉନ୍ନତି ପାଇଁ ଶିକ୍ଷା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ସେ କହିଲେ ଯେ, ପରିବର୍ତ୍ତନଶୀଳ ସମାଜରେ ନିଜର କୌଶଳକୁ ବର୍ଦ୍ଧିତ କରିବାକୁ ପଡ଼ିବ । ଡକ୍ଟର ତାର୍କି ସରକାରଙ୍କ ଦ୍ୱାରା ଚାଲିଥିବା ପୋଷଣ ମାସ ଏବଂ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ, ସୁସ୍ଥ ଜୀବନ ଉପରେ ଆଲୋକପାତ କରିଥିଲେ । ଶ୍ରୀ ମହାପାତ୍ର ଶ୍ରମିକ କଲ୍ୟାଣକାରୀ ଯୋଜନା ଏବଂ ଏଥିରେ ନିଜ ନାମ ପଞ୍ଜୀକରଣ କରିବାକୁ ଉପଦେଶ ଦେଇଥିଲେ । ଶ୍ରୀ ମହାନ୍ତି କହିଲେ ଯେ, ଯେ ପର୍ଯ୍ୟନ୍ତ ମହିଳା ଶିକ୍ଷିତ ହେବେ ନାହିଁ ସେ ପର୍ଯ୍ୟନ୍ତ ସମାଜ ଆଗକୁ ବଢ଼ିବ ନାହିଁ ।

# ବାର୍ ଆସୋସିଏସନ ପଦାଧିକାରୀଙ୍କ ବୈଠକ



**କେସିଙ୍ଗା, ୧୮ ।୯ (ସମିସ):** କେସିଙ୍ଗା ଆସୋସିଏସନ ସଂଘ ପଦାଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇ ବୈଠକରେ ମୁଖ୍ୟତଃ ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲ୍ ଦ୍ୱାରା ଜାରି କରାଯାଇଥିବା ପତ୍ର ସଂଖ୍ୟା ୪୮୪୮, ତାରିଖ ୨୫.୦୮.୨୦୨୫, ଯାହାକି ଓଡ଼ିଶାର ସମସ୍ତ ବାର୍ ଆସୋସିଏସନ୍ ଗୁଡିକକୁ ଇମେଲ୍ ବା ୱାଟ୍‌ଅପ୍ ଜରିଆରେ ପଠାଯାଇଥିଲା । ଯାହାର ମୁଖ୍ୟ ବିଷୟବସ୍ତୁ ହେଲା ଯେଉଁ ଓକିଲମାନେ ଓକିଲାତି ବ୍ୟତୀତ ଯଦି ଅନ୍ୟ କିଛି ଅଫିସ୍ ଅଫ୍ ପ୍ରଫିଟ୍, ବ୍ୟବସାୟରେ ଲିପ୍ତ ରହନ୍ତି; ଉକ୍ତ ଓକିଲମାନେ ନିଜ ଓକିଲାତି ଲାଇସେନ୍ସ ଏକ ମାସ ମଧରେ ଫେରସ୍ତ କରିଦେବେ । ଉକ୍ତ ବିଷୟରେ ଆଲୋଚନା କରାଗଲା ଓ ଗଣମାଧ୍ୟମ ଜରିଆରେ କେସିଙ୍ଗା ବାର୍ ଆସୋସିଏସନ୍‌ର ସମସ୍ତ ସଭ୍ୟଙ୍କୁ ଯାଞ୍ଚ ଯାଉଛି । ଏହି ନିୟମ ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲ ଦ୍ୱାରା ଲାଗୁ କରାଯାଇ ଥିବା ସହିତ, ଲାଇସେନ୍ସ ଫେରସ୍ତ କରିବାର ପ୍ରକ୍ରିୟା ୧.୦୮.୨୦୨୫ତାରିଖରୁ ଆରମ୍ଭ ହେଇଛି । ଏହା ସହିତ କେସିଙ୍ଗା ସହର ଓ ଗ୍ରାମାଞ୍ଚଳରେ କିଛି ଅସାମାଜିକ ବ୍ୟକ୍ତି ଓକିଲ ମାନଙ୍କ ନକଲି ଦସ୍ତଖତ କରି ଆଫିଡେଭିଟ୍ କରାଇ ବିଭିନ୍ନ ବ୍ୟାଙ୍କ୍, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକରେ ବ୍ୟବହାର କରାଉଥିବା ବିଷୟରେ ଗମ୍ଭୀରତା ସହିତ ଆଲୋଚନା କରାଯାଇଛି । ସମ୍ପୃକ୍ତ ବ୍ୟକ୍ତି ସହିତ କାର୍ଯ୍ୟାଳୟର ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ାକଡ଼ି ଭାବେ ପଦକ୍ଷେପ ନିଆଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି । ସଭାପତି ଚିତ୍ତରଞ୍ଜନ ଭୋଇ, ସାଧାରଣ ସମ୍ପାଦକ ଜୁଗଳ କିଶୋର ଦୀପ, ଉପସଭାପତି ଗୋଳକ ପ୍ରଧାନ, ଯୁଗ୍ମ ସମ୍ପାଦକ ସଞ୍ଜିବ ସ୍ୱାଇଁ, କୋଷାଧକ୍ଷ ଶ୍ରୀକାନ୍ତ ପ୍ରଧାନ, କାର୍ଯ୍ୟକାରୀ ସଭ୍ୟ ହରି ତାଣ୍ଡି, ବୈକୁଣ୍ଠ ମହଲା, ଉଦିତ ପ୍ରଧାନ ଓ ଶମ୍ଭୁ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ'ଉଦ୍‌ଯାପିତ

**ଭବାନୀପାଟଣା, ୧୮ ।୯ (ସମିସ):** ଭବାନୀପାଟଣା ରିଜର୍ଭ ପୁଲିସ ପଡ଼ିଆରେ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ' ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଶିଶୁମଙ୍ଗଳ ସମିତି ଅଧକ୍ଷ ରୂପେଶ କୁମାର ହୋତା, ସଦସ୍ୟ ସଦସ୍ୟା ମଧରୁ ସଞ୍ଜୟ କୁମାର, ଭାରତ ଭୁଷଣ ପଣ୍ଡା, ବସନ୍ତ କୁମାରୀ ପଟ୍ଟନାୟକ ଓ ଅଶୋକ ରଞ୍ଜନ ଚୌଧୁରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସଭାକାର୍ଯ୍ୟ ପରିଚାଳନା କରିଥିଲେ ବାଲ ଗୋପାଲ ସେବା ନିକେତନ ଅନୁଷ୍ଠାନର ମୁଖ୍ୟ ହେମନ୍ତ ମୁଣ୍ଡ ଏବଂ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ । କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ଶାରିରୀକ ଶିକ୍ଷା ଶିକ୍ଷକ ବୃନ୍ଦ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଓ ଶିଶୁ ଯତ୍ନ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ତଥା ଭବାନୀପାଟଣା ସହର କ୍ୟାରମ ଓ ଚେସର ବିଶିଷ୍ଟ ବିଚାରକ ମଣ୍ଡଳୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଶିଶୁମାନଙ୍କ ମଧ୍ୟରେ ବାଳିକା ଓ ବାଳକ ବର୍ଗରେ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ୨୦୦ ଓ ୧୦୦ ମିଟର ଦୌଡ, ଫୁଟବଲ, କ୍ୟାରମ, ଚେସ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀ ତଥା ଦଳମାନେ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସାହ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଚୟନ ହୋଇଛନ୍ତି ।ସେମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବା ପାଇଁ ଆଶାବାଦୀ ଅଛନ୍ତି ।



# ଛାତ୍ରଙ୍କୁ ନିର୍ଯାତନା ଅଭିଯୋଗରେ ଟିମନପୁର ସେବାଶ୍ରମ ପ୍ରଧାନ ଶିକ୍ଷକ ନିଲମ୍ବିତ

**ନୂଆପଡ଼ା, ୧୮ ।୯ (ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଟିମନପୁର ସେବାଶ୍ରମ ସ୍କୁଲରେ ଏକ ଅଭାବନୀୟ ଘଟଣା ଲୋକଲୋଚନକୁ ଆସିଛି । ଦାୟିତ୍ୱରେ ଥିବା ଜଣେ ପ୍ରଧାନ ଶିକ୍ଷକ ଜଣେ ଷଷ୍ଠ ଶ୍ରେଣୀର ଆବାସିକ ଛାତ୍ରଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେଇଥିବା ଭିଡିଓ ଭାଇରାଲ ହୋଇଛି ।

ଏଠାରେବର୍ଷେ ହେବ ମନୋଜ ହୋତା ନାମକ ଜଣେ ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି । ପଡୋଶୀ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ନାୟକପଡ଼ା ଗ୍ରାମର ଜଣେ ଛାତ୍ର ନିକଟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଛନ୍ତି । ଗତ ୧୫ ତାରିଖ ବିଳମ୍ବିତ ରାତିରେ ପ୍ରଧାନ ଶିକ୍ଷକ ଏହି ଛାତ୍ର ଜଣଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡାକି ଅଶ୍ଳୀଳ ଭାଷାରେ ଧମକ ଚମକ ଦେଇ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାର ଏକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ପ୍ରଧାନ ଶିକ୍ଷକଙ୍କ ପ୍ରରୋଚନାରେ ଅନ୍ୟ କେତେକ ଛାତ୍ର ଏହି ଛାତ୍ର ଜଣକୁ ଧମକ ଚମକ ଦେଇ ଭିଡିଓ ସୁଟିଂ କରିଛନ୍ତି । କେତେକ ନିର୍ଦ୍ଦିଷ୍ଟ ଶିକ୍ଷକ ଏବଂ ମେଟ୍ରନଙ୍କ ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଏମାନେ ଚାପ ପକାଉଥିବା ଭିଡିଓରେ ରହିଛି । କିଛି ଛାତ୍ର ପ୍ରଧାନ ଶିକ୍ଷକଙ୍କ କାନ୍ଧ ମାଲିସ କରିବା ଦୃଶ୍ୟ ମଧ ଦୃଷ୍ଟି ଗୋଚର ହେଉଛି । ତେବେ ଏହି ଖବର ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ସୁରମି ସୋରେନଙ୍କ ନେତୃତ୍ୱରେ ଏକ ଦଳ ଗୁରୁବାର ସ୍କୁଲକୁ ଯାଇ ତଦନ୍ତ କରିଛନ୍ତି । ପ୍ରଧାନ ଶିକ୍ଷକ କିନ୍ତୁ ବର୍ତ୍ତମାନ ଫେରାର ଅଛନ୍ତି । ତଦନ୍ତ ରିପୋର୍ଟ ମୁତାବକ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୨୧୨୫ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟରୁ ନଲମ୍ବନ କରାଯାଇଛି । ସୂଚନାଯୋଗ୍ୟ, ପୂର୍ବରୁ ଗୋର୍ଲା ସେବାଶ୍ରମରେ ମଧ ମନୋଜ ହୋତାଙ୍କ ସମୟରେ ଜଣେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି ।


ଅଭିଯୁକ୍ତ ପ୍ରଧାନ ଶିକ୍ଷକ


ଅଭିଯୋଗ ପରେ ଗୁରୁବାର ଦତନ୍ତକାରୀ ଟିମ୍‌ରେ ସ୍କୁଲରେ ଘଟଣାର ତଦନ୍ତ କରୁଛନ୍ତି ।

# ଅଗ୍ରସେନ ଜୟନ୍ତୀ ପାଳନ ପାଇଁ ବୈଠକ

**କେସିଙ୍ଗା, ୧୮ ।୯ (ସମିସ)** ଆସନ୍ତା ୨୨ ତାରିଖ ଦିନ ଅଗ୍ରସେନ୍ ଜୟନ୍ତୀ ପାଳନ ପାଇଁ ସ୍ଥାନୀୟ ଅଗ୍ରସେନ୍ ଭବନରେ ଅଗ୍ରୱାଲ ସଭା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରାଯାଇଛି । ଜୟନ୍ତୀ ୨୨ ତାରିଖରେ ଥିଲେ ମଧ ଆୟୋଜନ ୯ ତାରିଖରୁ ଆରମ୍ଭ ହେଲାଣି । ଚଳିତ ବର୍ଷ ବିଭିନ୍ନ ଖେଳକୁଦ ସହ ସମୁଦାୟ ୪୬ଟି ପ୍ରତିଯୋଗିତା ରଖାଯାଇଛି ।ସାମ୍ବାଦିକ ସମ୍ମିଳନୀରେ ଅଗ୍ରୱାଲ ସଭାର ଆଡଭାଇଜର ରାମ କୁମାର ଜୈନ ଅଗ୍ରୱାଲ ସଭାର ଅବଦାନ ଓ ଅଗ୍ରସେନ୍ ଜୟନ୍ତିର ମୂଳଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଅଗ୍ରୱାଲ ସଭା ଅଞ୍ଚଳ ବାସୀଙ୍କ ଦୁଃଖ ରେ ଦୁଃଖୀ ଓ ସୁଖରେ ସୁଖୀରେ ସାମିଲ ହେବା ସହ ନାରୀ ଶକ୍ତିକୁ ଆଗକୁ ବଢ଼ାଇବା ଓ ନାରୀ ଶକ୍ତିକୁ ସମ୍ମାନ ଦେବା ଅଗ୍ରୱାଲ ସଭାର ମୂଳ ଲକ୍ଷ ବୋଲି ପ୍ରକାଶ କରିଥିଲେ ।୨୨ତାରିଖ ଭୋରୁ ପ୍ରଭାତ ଫେରି ସାଙ୍ଗକୁ ଅପରାହ୍ନ ୪ ଟା ବେଳେ ଅଗ୍ରସେନ ମହାରାଜଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି । ସେହିପରି ସନ୍ଧ୍ୟା ୭ ଘଣ୍ଟା ସମୟରେ ଅଗ୍ରସେନ୍ ମହାରାଜଙ୍କ ଭବ୍ୟ ପୂଜା ଅନୁଷ୍ଠିତ ହେବ ରାତ୍ର ୮ ଘଣ୍ଟା ସମୟରେ ମାଁ ଅମ୍ବେଜି ମନ୍ଦିର ପରିସରରେ ସାମୂହିକ ପ୍ରସାଦସେବନ ବ୍ୟବସ୍ଥା ଓ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ । ୨୨ ତାରିଖ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସଦର ବିଧାୟକ ସାଗର ଚରଣ ଦାସ, ସମ୍ମାନିତ ଅତିଥି ଭାବରେ ଅଖିଳ ଭାରତୀୟ ମହିଳା ସମ୍ମେଳନ ର ରାଜ୍ୟ ସଭାପତି ଅରୁଣା ଅଗ୍ରୱାଲ ଓ ମୁଖ୍ୟବକ୍ତା ଭାବରେ ବରଗଡ଼ର ମାରୱାଡ଼ି ଯୁବା ମଞ୍ଚର ଜାତୀୟ କନଭେନର ଅନୁରାଧା ଅଗ୍ରୱାଲ ଯୋଗଦେବାପାଇଁ ସହମତି ପ୍ରକାଶ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ କେସିଙ୍ଗା ଅଗ୍ରୱାଲ ସଭାର ସଭାପତି ପ୍ରବୀଣ ଅଗ୍ରୱାଲ, ସମ୍ପାଦକ ରୋହିତ କୁମାର ଅଗ୍ରୱାଲ, କୋଷାଧକ୍ଷ ବିନୋଦ କୁମାର ଅଗ୍ରୱାଲ ଓ ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



# ଘର ବିକିବାକୁ କହି ୩୬ ଲକ୍ଷ ଠକେଇ; ୨ ଗିରଫ

ରାଉରକେଲା, ୧୮।୯ (ସମିସ)



ସ୍ଥାନୀୟ ଛେଣ୍ଡ କଲୋନୀରେ ଏକ ଘର ବିକ୍ରି କରିବାକୁ କହି ଜଣେ ମହିଳାଙ୍କଠାରୁ ୩୬ ଲକ୍ଷ ଟଙ୍କା ଲୁଟି ନେବା ଘଟଣାରେ ଛେଣ୍ଡ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଛେଣ୍ଡ କଲୋନୀ ସିଏମ୍ - ୧୭୭ କ୍ୱାର୍ଟରରେ ରହୁଥିବା ଜଗତସିଂହପୁର ଜିଲ୍ଲା ନାଉଗାଁ ଅଞ୍ଚଳର ମୂଳବାସିନ୍ଦା ଅଜୟ କୁମାର ମହାନ୍ତି ଓରଫ ଗଙ୍ଗା (୫୮) ଏବଂ ଏଲ-୭୪, ଛେଣ୍ଡ, ଆର୍‌ଆର୍‌ଆଇଟି କଲୋନୀ ନିବାସୀ ତେଜ କୁମାର ଫ୍ରାନସିସ (୫୮)। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ମୁତାବକ ସ୍ଥାନୀୟ ଛେଣ୍ଡ କଲୋନୀ ଏଲ-୯୫ ଫେଜ୍-୧ରେ ବାସ କରୁଥିବା ଗୋପୀନାଥ ପାଢ଼ୀଙ୍କ ପତ୍ନୀ ସୁଦେଷ୍ଣା ପାଢ଼ୀ ଗତ ମଇ ମାସ ୨୦ ତାରିଖରେ ଛେଣ୍ଡ ଥାନାରେ ଅଭିଯୋଗ କରିଥିଲେ ଯେ, ୨୦୨୦ରେ ଗଙ୍ଗା ଓରଫ ଅଜୟ କୁମାର ମହାନ୍ତି ତାଙ୍କୁ ଏକ ଘର ବିକ୍ରି ହେଉଥିବା ନେଇ ସୂଚନା ଦେଇଥିଲେ। ତେଜ କୁମାର ଫ୍ରାନସିସ ନାମକ ଜଣେ ବ୍ୟକ୍ତି ଛେଣ୍ଡ କଲୋନୀ ଏଲ-୭୪ ଫେଜ୍-୧ରେ ଥିବା ତାଙ୍କ ଘରକୁ ୩୮ ଲକ୍ଷ ୭୧ ହଜାର ଟଙ୍କାରେ ବିକ୍ରି କରିବେ କହିବାରୁ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

ସୁଦେଷ୍ଣା ୨୦୨୦ ମାର୍ଚ୍ଚ ୪ ତାରିଖରେ ତେଜ କୁମାର ଫ୍ରାନସିସଙ୍କୁ ୧୦ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ଏହି ଟଙ୍କା ପାଇବା ପରେ ଉକ୍ତ ଘରର ପ୍ରକୃତ ମାଲିକ ସେ ନୁହେଁ ଇନ୍ଦୁମତି ମହାନ୍ତି ବୋଲି ତେଜ କୁମାର ଘର କ୍ରେତା ସୁଦେଷ୍ଣା ପାଢ଼ୀଙ୍କୁ କହିଥିଲା। ହେଲେ ଘର କିଣିବା ପରେ କୌଣସି ବିବାଦ ହେବ ନାହିଁ ବୋଲି ତେଜ କୁମାର ପ୍ରତିଶ୍ରୁତି ଦେଇଥିଲା। ଏହାପରେ ୨୦୨୧ ଫେବୃଆରୀ ୧୦ ତାରିଖରେ ଘର କ୍ରୟ ନେଇ ସ୍ୱଦେଷ୍ଣା ତାଙ୍କ ଝିଅ ପଦ୍ମାଳୟା ପାଢ଼ୀଙ୍କ ସହ ଇନ୍ଦୁମତି ମହାନ୍ତିଙ୍କର ଏକ ଚୁକ୍ତିପତ୍ର କରିଥିଲେ। ହେଲେ ଘର କ୍ରୟ ନେଇ ପଞ୍ଜୀକରଣ ପାଇଁ ତେଜ କୁମାର ଫ୍ରାନସିସ ଆଉ ଧରାଛୁଆଁ ଦେଇନଥିଲା। ତେବେ ଅଜୟ କୁମାର ମହାନ୍ତି ସ୍ୱଦେଷ୍ଣାଙ୍କ ଠାରୁ ପୁଣି ୧୬ ଲକ୍ଷ ଟଙ୍କା ବିଭିନ୍ନ ସମୟରେ ଅନଲାଇନ ଓ ୟୁପିଆଇରେ ନେଇଥିଲେ। ମାତ୍ର ଘର ତାଙ୍କ ନାମରେ ରେଜିଷ୍ଟ୍ରେସନ କରିବାକୁ ତେଜ କୁମାର ଫ୍ରାନସିସ କିମ୍ବା ଇନ୍ଦୁମତୀ କେହି ବି ଧରାଛୁଆଁ ନ ଦେବାରୁ ସେ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଅଜୟ କୁମାର ମହାନ୍ତି ଓ ତେଜ କୁମାର ଫ୍ରାନସିସ ଦୁହେଁ ମିଶି ତାଙ୍କୁ ଠକିଥିବା ସ୍ୱଦେଷ୍ଣା ସ୍ପଷ୍ଟ ହୋଇଥିଲେ। ଏହାପରେ ଟଙ୍କା ଫେରାଇବା ପାଇଁ ସ୍ୱଦେଷ୍ଣା ସେମାନଙ୍କ ପାଖକୁ ବାରମ୍ବାର ଦୌଡି ନୟାନ୍ତ ହେବା ସହ ଟଙ୍କା ମାଗିଲେ କି ପୁଲିସର ଆଶ୍ରୟ ନେଲେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଅଜୟ ଓ ଫ୍ରାନସିସ ଧମକଚମକ ଦେଇଥିଲେ। ଫଳରେ ବାଧ ହୋଇ ସ୍ୱଦେଷ୍ଣା ଗତ ମଇ ୨୦ ତାରିଖ ଦିନ

---

୭୯ ବର୍ଷରେ ବଣାଇଁ ଦୁର୍ଗାପୂଜା

# ତୋରଣରେ ଶୋଭା ବଢ଼ାଇବ ସାଞ୍ଚି ସ୍ତୂପ



**ବଣାଇଁ, ୧୮।୯ (ସମିସ):** ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବଣାଇଁରେ ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜା ସର୍ବ ପୁରାତନ ପୂଜା ଭାବେ ସ୍ୱତନ୍ତ୍ରତା ରହିଛି। ଏଥର ୭୯ ବର୍ଷରେ ପଦାର୍ପଣ କରିଛି ଏହି ବଣାଇଁ ସାର୍ବଜନୀନ ଦୁର୍ଗାପୂଜା। ଚଳିତ ଥର ତୋରଣରେ ଶୋଭା ପାଇବ ଆକର୍ଷଣୀୟ ସାଞ୍ଚି ସ୍ତୂପ। ଏହାର ଓସାର ୪୦ ଫୁଟ ଓ ଉଚ୍ଚତା ୫୦ ଫୁଟ ହେବ। ବଣାଇଁ ମହୁଲଡିହା ଗ୍ରାମର ଆର୍ତ୍ତତ୍ରାଣ ପ୍ରଧାନ ଏହି ତୋରଣ ତିଆରି କରିଛନ୍ତି। ପଶ୍ଚିମବଙ୍ଗର କାରିଗର ମାନେ ଏହି କାମରେ ନିୟୋଜିତ ଅଛନ୍ତି।

### ମଣ୍ଡପର ସ୍ୱତନ୍ତ୍ରତା

**ବଣାଇଁ ବସଷ୍ଟାଣ୍ଡ ସମ୍ମୁଖରେ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ହେଉଥିବା ଏହି ପୂଜା ବହୁ ପୁରାତନ। ବିଭିନ୍ନ ବର୍ଷ ଭିନ୍ନ ଭିନ୍ନ ଶୈଳୀରେ ତୋରଣ ପ୍ରସ୍ତୁତ କରିଥାଏ।**



ଚଳିତ ବର୍ଷ ସାଞ୍ଚି ସ୍ତୂପ ସଦୃଶ ତୋରଣ ତିଆରି ଚାଲିଛି। ଭକ୍ତଙ୍କ ପାଇଁ ବିଭିନ୍ନ ପ୍ରକାର ଭୋଗ ପ୍ରସ୍ତୁତ କରି ବଣାଇଁ ଅଞ୍ଚଳରେ ବଣ୍ଟାଯିବ। ବିଶେଷ କରି ସ୍ୱେଚ୍ଛାସେବୀଙ୍କ ସହଯୋଗ ଓ ବଣାଇଁଗଡ଼ର ସାଧାରଣ ଜନତାଙ୍କ ପରିଶ୍ରମ ଫଳରେ ଏହି କାର୍ଯ୍ୟ ପ୍ରତିବର୍ଷ ଭଳି ସମ୍ପନ୍ନ ହେଉଛି।

**-ରାହାସ ବିହାରୀ ପ୍ରଧାନ, ସଭାପତି**



ସାଞ୍ଚି ସ୍ତୂପ ତୋରଣ ସହିତ ଚଳିତବର୍ଷ ଆକର୍ଷଣୀୟ ମୂର୍ତ୍ତିକୁ ବି ଗୁରୁତ୍ୱ ଦିଆଯାଉଛି। ୧୫ ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ତିଆରି ଚାଲିଛି। ଏହାକୁ ପ୍ରସିଦ୍ଧ ଶିଳ୍ପୀ ବାବୁଲି ମହାରଣା ନିର୍ମାଣ କରୁଛନ୍ତି। ଏହା ସହିତ ଷଷ୍ଠୀରୁ ମହାଦଶମୀ ପର୍ଯ୍ୟନ୍ତ ମା'ଙ୍କ ପୂଜା ସମେତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାର ସମ୍ପୂର୍ଣ୍ଣ ରୂପ ରେଖ ଶୀଘ୍ର ପ୍ରସ୍ତୁତ ହେବ।

**-ତପନ କୁମାର ଦଣ୍ଡିଆ, ସାଧାରଣ ସମ୍ପାଦକ**

---

## ମାଓ ଦମନ ପାଇଁ ଫେରିଲା ସିଆର୍‌ପିଏଫ୍, ନିର୍ମାଣ ହେଉଛି ସ୍ଥାୟୀ କ୍ୟାମ୍ପ



**କୋଇଡ଼ା, ୧୮।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଟୋପାଡିହି ଅଞ୍ଚଳରେ ମାଓ ଗତିବିଧି ତୀବ୍ର ହେବା ପରେ ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ମାଓଦମନ ନୀତି ଓ ମାଓ ପ୍ରାଦୁର୍ଭାବ ଏବଂ ଲୋକଙ୍କ ଭୟକୁ କମ୍ କରିବା ପାଇଁ ଟୋପାଡିହିଠାରେ ସିଆର୍‌ପିଏଫ୍ ବାଟାଲିୟନ ୧୯ର ଏକ ସ୍ଥାୟୀ କ୍ୟାମ୍ପ ପୁଲିସ୍ ହାଉସିଂ ବୋର୍ଡ ପକ୍ଷରୁ ନିର୍ମାଣ କରାଯାଉଛି। ଏହି ଅବସରରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟଙ୍କ ସମେତ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ମହେଶ ବିଶ୍ୱକର୍ମା, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ସୋୟୋମ୍ବା ପଞ୍ଚାୟତ ସରପଞ୍ଚ ସରିତା ଓରାମ, ବିଭିନ୍ନ ଥାନାର ଅଧିକାରୀ ପ୍ରମୁଖ ଯୋଗଦେଇ ସର୍ବ ପ୍ରଥମେ ଲାଲ ଗଡ଼ରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ। ପରେ ଜନସମ୍ପର୍କ ଶିବିରରେ ମହିଳା, ପୁରୁଷଙ୍କୁ ବସ୍ତ୍ର, ଶାଢ଼ି, ଗାମୁଛା, ଖେଳ ସାମଗ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଖାତା, କଲମ, ମିଠା ବଣ୍ଟନ କରିଥିଲେ। ଅନ୍ୟପଟେ ଭୟରେ ବଞ୍ଚୁଥିବା ଅଞ୍ଚଳବାସୀଙ୍କ ପାଇଁ ଏ କ୍ୟାମ୍ପ ହେବା ଦ୍ୱାରା ଶାନ୍ତି ଫେରିବ ଓ ବିକାଶ ଧାରା ଆହୁରି ଆଗେଇ ପାରିବ ସେଥିପାଇଁ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ସରପଞ୍ଚ।

## ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟି ଗଠିତ



ରାଉରକେଲା, ୧୮।୯ (ସମିସ): ଷ୍ଟିଲ୍ ଟାଉନସିପ୍‌ର ମହିଳାମାନେ ସେକ୍ଟର -୭ କମ୍ୟୁନିଟି ସେଣ୍ଟରଠାରେ ଏକତ୍ରିତ ହୋଇ ଗଠନ କରିଛନ୍ତି ମାତୃଶକ୍ତି ରାଉରକେଲା ଲକ୍ଷ୍ମୀପୂଜା କମିଟି। ଏହି କମିଟି ଚଳିତବର୍ଷ ସେକ୍ଟର-୭ ଦୁର୍ଗାପୂଜା ପଡ଼ିଆରେ ଆୟୋଜନ କରିବେ ମା' ଲକ୍ଷ୍ମୀଙ୍କ ପୂଜା। ବଡ଼ ଧୂମଧାମରେ ପୂଜା ଆୟୋଜନ ପାଇଁ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ପୂଜା ଆୟୋଜନ ସହ ପ୍ରାୟ ୮ ଦିନ ପୂଜା ରଖି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଛୋଟ ପିଲା ଓ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରିବାକୁ ଯୋଜନା ରହିଛି। ପୂଜା ସମୟରେ ମେଳା, ମୀନାବଜାର ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଉଛି। ବୈଠକରେ ଏକ ୨୩ ଜଣିଆ କାର୍ଯ୍ୟକାରୀ କମିଟି ଚୟନ କରାଯାଇଛି। ଯେଉଁଥିରେ ସଭାପତି ଭାବେ କଳ୍ପନା ଭଞ୍ଜ, କାର୍ଯ୍ୟକାରୀ ସଭାପତି ସଙ୍ଗୀତା ନାୟକ, ଲକ୍ଷ୍ମୀପ୍ରିୟା ଦାସ, ସୁଭଦ୍ରା ନାୟକ ଉପସଭାପତି, ମଧୁସ୍ମିତା ମହନ୍ତ, ସଙ୍ଗୀତା ସିଂ, ଶୁଭଦର୍ଶନୀ ଦାସ, ସପନା ସ୍ୱାଇଁ, ପ୍ରୀତିରାଣୀ ରାଉତ, ସାଧାରଣ ସମ୍ପାଦକ ଲୀନା ନାୟକ, ଯୁଗ୍ମ ସମ୍ପାଦିକା ରଜନୀ ନାୟକ, ମମତା ମହାପାତ୍ର, ରୀତା ଦେବୀ, ମାନିନୀ ଜେନା, ସସ୍ମିତା ସାମଲ, କୋଷାଧ୍ୟକ୍ଷ ମମତା ଜେନା, ସଂଯୋଜିକା ଅନ୍ନପୂର୍ଣ୍ଣା ମହାନ୍ତି, ସାଂସ୍କୃତିକ ସମ୍ପାଦକ ସଂଯୁକ୍ତା ପାତ୍ର, ଯୁଗ୍ମ ସାଂସ୍କୃତିକ ସମ୍ପାଦକ ରାଜଶ୍ରୀ ପ୍ରଧାନ, ଲୋକସମ୍ପର୍କ ସଂଯୋଜିକା ନମିତା ସାହୁ ପ୍ରମୁଖ ରହିଛନ୍ତି। ଏହି କମିଟି ଆଗାମୀ ଦିନରେ ଧୂମ୍‌ଧାମରେ ପୂଜା ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛି।

## ପୁଣି ବାଣ ଜବତ, ଜଣେ ଗିରଫ

**ରାଉରକେଲା, ୧୮।୯ (ସମିସ):** ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ବସ୍ତିରୁ ପୁଲିସ ପୁଣି ବିପୁଳ ପରିମାଣରେ ବାଣ ଜବତ କରିବା ସହ ଏହି ଘଟଣାରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ଗିରଫ ଯୁବକ ହେଉଛି ପାନପୋଷ ବସ୍ତିର ଆଦିତ କୁମାର ସାହୁ (୫୯)। ସେ ତାର ଘରେ ବେଆଇନ ଭାବେ ବିପୁଳ ପରିମାଣର ବାଣ ଗଚ୍ଛିତ ରଖିଥିବା ସୂଚନା ପାଇ ପୁଲିସ ଚଢଉ କରିଥିଲା।



---

# ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର ଲାଭକଲା ବଲାଣି ଲୁହା ଖଣି




**ରାଉରକେଲା, ୧୮।୯ (ସମିସ):** ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍‌ଫ) ର ବଲାଣି ଲୌହ ଖଣି (ବିଓଏମ୍), ସିଏମ୍‌ଏଲ୍‌ଓକୁ ୨୦୨୪ -୨୫ ଆର୍ଥିକ ବର୍ଷରେ ଏହାର ଉଲ୍ଲେଖନୀୟ ପରିବେଶଗତ ପ୍ରଦର୍ଶନ ପାଇଁ ୪୨ତମ ପ୍ରତିଷ୍ଠା ଦିବସରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉତ୍ସବରେ ଯୋଗଦେଇ ଏହି ପୁରସ୍କାର ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏବଂ ସିଏମ୍‌ଏଲ୍‌ଓ ବଲାଣି ଇ ଆଣ୍ଡ ଏଲ୍ ବିଭାଗର ଏଜିଏମ୍ ତାପସ ରଞ୍ଜନ ସାହୁଙ୍କୁ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବଲାଣି ଲୌହ ଖଣିର ପରିବେଶ ଏବଂ ଲିଜ୍ ବିଭାଗ ଦ୍ୱାରା ବ୍ୟାପକ ପରିବେଶଗତ ପରିଚାଳନା ରଣନୀତି ଏବଂ ବୈଧାନିକ ଅନୁପାଳନର ସଫଳତା ଉପରେ ଆଲୋକପାତ କରି ଏକ ବିସ୍ତୃତ ବୈଷୟିକ ଉପସ୍ଥାପନା କରାଯାଇଥିଲା। ପରେ ଓଏସ୍‌ପିସିବିକୁ ଜିଓ-ଟ୍ୟାଗ୍ ହୋଇଥିବା ଫଟୋଗ୍ରାଫ୍ ଏବଂ ଭିଡିଓ ପ୍ରମାଣ ସମେତ ପରିପୂରକ ଡକ୍ୟୁମେଣ୍ଟେସନ୍ ଦାଖଲ କରାଯାଇଥିଲା। ଓଏସ୍‌ପିସିବିର ଆଞ୍ଚଳିକ ଅଧିକାରୀଙ୍କ ଦ୍ୱାରା ବାସ୍ତବ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ ଯାଞ୍ଚ କରିବା ପାଇଁ ଏକ ସାଇଟ ପରିଦର୍ଶନ ମଧ୍ୟ କରାଯାଇଥିଲା। ମୂଲ୍ୟାଙ୍କନ ପରେ ବିଓଏମ୍‌କୁ ସମଗ୍ର ଓଡ଼ିଶାରେ ବହୁ ସଂଖ୍ୟକ କାର୍ଯ୍ୟକ୍ଷମ ଖଣି ମଧ୍ୟରୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର ୨୦୨୫ ବିଜେତା ଭାବରେ ମନୋନୀତ କରାଯାଇଥିଲା।

ଏତଦ୍‌ବ୍ୟତୀତ ୨୫ ହଜାରରୁ ଅଧିକ ଦେଶୀୟ ଗଛ ସହିତ ବୃହତ ଧରଣର ବନୀକରଣ, ପୁନରୁଦ୍ଧାର କରାଯାଇଥିବା ଅଞ୍ଚଳରେ ଜୈବ ବିବିଧତା ବୃଦ୍ଧି ଏବଂ ଶୂନ୍ୟ ବନାଗ୍ନିକୁ ସୁନିଶ୍ଚିତ କରିବା ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିଥିଲା। କୟର ମ୍ୟାଟିଂ ଏବଂ ଗ୍ରାସ ମାଧ୍ୟମରେ ଓଭରବର୍ଡେନ ଡମ୍ପଗୁଡ଼ିକୁ ସ୍ଥିର କରାଯାଇଥିଲା ବେଳେ ଧାନବାଦସ୍ଥିତ ଆଇଆଇଟି (ଆଇଏସଏମ), ସହ ବୈଜ୍ଞାନିକ ସହଯୋଗରେ ସ୍ଲୋପ ସ୍ଥିରୀକରଣ ଏବଂ ଖଣି ଜଳ ପରିଚାଳନାକୁ ସହଜ କରଯାଇଥିଲା।

# ଏନ୍‌ଆଇଟି ରାଉରକେଲାରେ ହିନ୍ଦୀ ଦିବସ



**ରାଉରକେଲା, ୧୮।୯ (ସମିସ):** ଏନ୍‌ଆଇଟି ରାଉରକେଲାରେ ହିନ୍ଦୀ ପଖୱାଡ଼ା ଅବସରରେ ଏନ୍‌ଆଇଟି ରାଉରକେଲାର ସେନେଟ୍ ହଲ୍‌ରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ରାଜ୍ୟଭାଷା କାର୍ଯ୍ୟାନ୍ୱୟନ କମିଟିର ନିର୍ଦ୍ଦେଶକ ଏବଂ ଅଧ୍ୟକ୍ଷ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆବାହକ ରବି ଶଙ୍କର ସିଂହ ଉଦ୍‌ଘାଟନ କରି ହିନ୍ଦୀ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡକ୍ଟର କମଳପ୍ରଭା କପାନୀ ଏବଂ ଡକ୍ଟର ସଦନ କୁମାର ପାଉଲ ଯୋଗଦେଇଥିଲେ। ଡକ୍ଟର କପାନୀ ତାଙ୍କ କବିତା ପୁସ୍ତକ 'ତୋ ମେଁ ଭି ସୀତା ବନ ଜାତି'କୁ ପାଠ କରି ହିନ୍ଦୀକୁ ଦକ୍ଷତା ଏବଂ ବୃତ୍ତିଗତ ଯୋଗାଯୋଗର ଭାଷା ଭାବରେ ସ୍ୱୀକୃତି ଦିଆଯିବା ଉଚିତ ବୋଲି ଜୋର ଦେଇଥିଲେ। ଡକ୍ଟର ସଦନ କୁମାର ପଲ୍ କହିଥିଲେ ଯେ ବୈଜ୍ଞାନିକ, ବୈଷୟିକ ଏବଂ ଶିକ୍ଷାଗତ କ୍ଷେତ୍ରରେ ହିନ୍ଦୀକୁ ପ୍ରୋତ୍ସାହିତ କରିବା ଦ୍ୱାରା ଭାଷା ଆହୁରି ସମୃଦ୍ଧ ହେବ। ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଲେଖା, ଭାଷଣ ଏବଂ ସୃଜନଶୀଳ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ଏହାର ବିକାଶରେ ଯୋଗଦାନ ଦେବାକୁ ଉତ୍ସାହିତ ସେ କରିଥିଲେ। ନିର୍ଦ୍ଦେଶକ ପ୍ରଫେସର ରାଓ ହିନ୍ଦୀ ଦିବସ ପାଳନକୁ ଅର୍ଥପୂର୍ଣ୍ଣ ଏବଂ ସ୍ମରଣୀୟ କରିବା ପାଇଁ ସମସ୍ତ ସମ୍ମାନିତ କବି, ସାହିତ୍ୟିକ ଏବଂ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କୁଳସଚିବ ପ୍ରଫେସର ରୋହନ ଧିମାନ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କର୍ମଚାରୀ ଏବଂ ଛାତ୍ରମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ଏବଂ ପତ୍ରାଳାପରେ ହିନ୍ଦୀ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ।

ଏହି ଅବସରରେ ପ୍ରତିଷ୍ଠାନର 'ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର' ଅଧୀନରେ 'କଲାମ କ୍ଲବ'ର ଛାତ୍ର ସଦସ୍ୟ ସୃଜନଶୀଳ ପ୍ରଦର୍ଶନ କରିଥିଲେ। ଅନେକ ଛାତ୍ର ସେମାନଙ୍କର ନିଜସ୍ୱ ଶାୟରୀ ଉପସ୍ଥାପନ କରିଥିଲେ। ଏହା ସହିତ, ପ୍ରଫେସର କୁମୁଦକାନ୍ତ ମେହେଟା ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ ଏକ ରଚନା ଉପସ୍ଥାପନ କରିଥିଲେ, ଯାହା ସମସ୍ତ ଉପସ୍ଥିତ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ହିନ୍ଦୀ ଦିବସ ସହିତ, ପ୍ରତିଷ୍ଠାନ ହିନ୍ଦୀ ପଖୱାଡ଼ା (ପାକ୍ଷିକ) ମଧ୍ୟ ଆରମ୍ଭ କରିଥିଲା। ଛାତ୍ରଙ୍କ ପାଇଁ ଏକ ବିତର୍କ ପ୍ରତିଯୋଗିତା ଏବଂ କୁଇଜ୍ ଅନୁଷ୍ଠିତ ହୋଇଥିଲା।

---

## ଆନ୍ତର୍ଜାତିକ କ୍ରୀଡ଼ାବିତ ସୁଶୀଲ ଦାସଙ୍କ ପରଲୋକ



**ରାଉରକେଲା, ୧୮।୯ (ସମିସ):** ସାଇକଲିଂରେ ଆନ୍ତର୍ଜାତିକସ୍ତରରେ ନିଜର ପାରଦର୍ଶିତା ଦେଖାଇଥିବା କ୍ରୀଡ଼ାବିତ୍ ସୁଶୀଲ ଦାସଙ୍କ ପରଲୋକ ହୋଇଛି। ଫଳରେ ରାଉରକେଲା ମାଟି ଜଣେ ଆନ୍ତର୍ଜାତିକ କ୍ରୀଡ଼ାବିତ୍‌ଙ୍କୁ ହରାଇଲା ବୋଲି ଅଞ୍ଚଳବାସୀ କହିଛନ୍ତି। କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଛି। ଗତ ଚାରି ମାସ ପୂର୍ବରୁ ସେ ରାଉରକେଲା ଇସ୍ପାତ କାରଖାନା ସ୍ପୋର୍ଟସ ବିଭାଗରୁ ଅବସର ନେଇଥିଲେ। ସେ ରାଉରକେଲାର ଅନେକ ପ୍ରତିଭାବାନ ଯୁବ ସାଇକଲିଷ୍ଟଙ୍କୁ କୋଚିଂ ଦେଇ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇ ପାରିଛନ୍ତି। ତାଙ୍କର ପ୍ରଶିକ୍ଷଣରେ ଦୀନେଶ କୁମାର ଓ ସ୍ୱାତି ସିଂ ନିଜର ସ୍ୱତନ୍ତ୍ର ପରିଚୟ ପାଇ ପାରିଛନ୍ତି। ସେହିପରି ଆର୍ ଏଚ୍ ଉପାସନା ଓ ସାର୍ଥକ ପାତ୍ର ଏବେ ଇଣ୍ଡିଆ କ୍ୟାମ୍ପରେ ସ୍ଥାନିତ। ତାଙ୍କର ଅକାଳ ବିୟୋଗ ଖବର ପାଇ ଚନ୍ଦ୍ର ଶେଖର କ୍ରୀଡ଼ା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନା, ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ, ଏ ଆର୍ ବାସୁଦେବନ୍, ସୁବାସ ଦାସ, ଏସ୍‌ଆର୍ ସିଂ, ଶରତ ଚନ୍ଦ୍ର ଦାସ, ଏନ୍ ସି ସାହୁ, ଦେବାଶିଷ ଜେନା, ଆରତି ପତି, ଦେବଜାନୀ ଜେନା, ରାମଚନ୍ଦ୍ର ନାୟକ, ନିହାର ଜେନା, ପ୍ରଦୀପ କୁମାର ଦାସ ଓ ପଞ୍ଚାନନ ଗନ୍ତାୟତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ସେହିପରି ସୁନ୍ଦରଗଡ଼ ସାଇକ୍ଲିଂ ସଂଘ ଓ ରାଉରକେଲା ସାଇକ୍ଲିଂ କ୍ଲବ୍ ପକ୍ଷରୁ ଶୋକ ପ୍ରକଟ କରାଯାଇଛି। ବାସନ୍ତୀ କଲୋନୀରେ ଓଡ଼ିଶା ସାଇକ୍ଲିଂ ସଙ୍ଘର ଉପ ସଭାପତି ନରସିଂହ ସାହୁଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ସାଇକ୍ଲିଂ ସଂଘ ଓ ରାଉରକେଲା ସାଇକ୍ଲିଂ କ୍ଲବ୍ ପକ୍ଷରୁ ମିଳିତ ଭାବେ ଅଞ୍ଚଳର ଥିବା ସମସ୍ତ ସାଇକ୍ଲିଷ୍ଟଙ୍କୁ ନେଇ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା।

## ବିଶ୍ୱକର୍ମା ଜୟନ୍ତୀ ଉପଲକ୍ଷେ ବିଶାଳ ସଭା

ରାଉରକେଲା, ୧୮।୯ (ସମିସ): ବିଶ୍ୱକର୍ମା ଜୟନ୍ତୀ ଉପଲକ୍ଷେ ଆରଆଇକେକେଏସ କାର୍ଯ୍ୟାଳୟ ଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ମାହାନ୍ତ ବିଶ୍ୱକର୍ମାଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କଂସାରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ହିମାଂଶୁ ବଳ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ଘରୋଇକରଣ ନୀତିର ତୀବ୍ର ଭର୍ତ୍ସନା କରିଥିଲେ। ଯେଉଁ ଭଳି ଭାବେ ସ୍କୁଲ ଗୁଡିକର ଘରୋଇକରଣ କରାଯିବା ସହ ଆଇଜିଏଚର ଖାଦ୍ୟ ଯାହାକି ଚିକିତ୍ସାଧୀନ କର୍ମଚାରୀଙ୍କୁ ୫ ଟଙ୍କାରେ ମିଳୁଥିବା ଖାଦ୍ୟକୁ ୭୦ ଟଙ୍କାକୁ ବୃଦ୍ଧି କରାଯାଇଛି ଏହି ଘଟଣାକୁ ହିମାଂଶୁ ବଳ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଆରଆଇକେକେଏସ ତାର କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହେବ ନାହିଁ, ଅନ୍ୟାୟ ବିରୋଧରେ ଲଢିବ ବୋଲି ସେ ମତ ଦେଇଥିଲେ। ସଭାନେତ୍ରୀ ସମୀତା ମିଶ୍ର ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଆହତ

**ରାଉରକେଲା, ୧୮।୯ (ସମିସ):** ପ୍ଲାଣ୍ଟସାଇଟ୍ ଥାନା ସ' ମିଲ ଛକଠାରେ ଦୁଇ ବାଇକ୍ ମଧ୍ୟରେ ଗୁରୁବାର ସକାଳେ ଧକ୍କା ହୋଇଥିଲା। ଫଳରେ ଦୁଇଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାଳକ ଦ୍ୱୟ ଆହତ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲା। ରିଂ ରୋଡ ଦେଇ ବାଇକ୍ ବିଶ୍ରା ଛକ ଆଡ଼କୁ ଯାଉଥିଲା। ହଠାତ୍ ସ' ମିଲ ପଟୁ ସ୍କୁଟି ଆସି ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା।

---

# 'ବେଦବ୍ୟାସ-ବ୍ୟାସକ୍ଷେତ୍ର ପୁଣି ଉପେକ୍ଷିତ'

ରାଉରକେଲା, ୧୮।୯ (ସମିସ)






ପଶ୍ଚିମ ଓଡ଼ିଶା ତଥା ଛୋଟନାଗପୁର ଅଞ୍ଚଳର ପ୍ରସିଦ୍ଧ ଓ ପୁରାତନ ବେଦବ୍ୟାସ ଶୈବପୀଠକୁ ଏକ ଜାତୀୟ ପର୍ଯ୍ୟଟନସ୍ଥଳ ରୂପରେ ବିକାଶ କରିବା ପାଇଁ ଥିଙ୍କର୍ସ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ନିକଟରେ ସରକାର ମହାନଦୀ ତଟ ସମ୍ବଲପୁର ଓ ଭୁବନେଶ୍ୱର ଦୁଇଟି ସ୍ଥାନରେ ନଦୀତଟକୁ ବିକାଶ ପାଇଁ ୨୪୦ କୋଟି ମଞ୍ଜୁର କରିଛନ୍ତି। କିନ୍ତୁ ଅଧିକ ଗୁରୁତ୍ୱ ବହନ କରୁଥିବା ବେଦବ୍ୟାସର ବିକାଶକୁ ପୁଣି ଉପେକ୍ଷିତ କରିଛନ୍ତି।

ସୂଚନାଯୋଗ୍ୟ ଯେ ବେଦବ୍ୟାସ ବା ବ୍ୟାସକ୍ଷେତ୍ର ଏକାଧାରାରେ ଏକ ଧାର୍ମିକ, ଆଧ୍ୟାତ୍ମିକ, ଐତିହ୍ୟ ଓ ପର୍ଯ୍ୟଟନ କ୍ଷେତ୍ର ଭାବେ ଗୁରୁତ୍ୱ ବହନ କରୁଥିବା ପୀଠ। ଶଙ୍ଖ-କୋଏଲ ଓ ବ୍ରାହ୍ମଣୀର ସଂଗମସ୍ଥଳୀ ତଥା ପୂର୍ବ ଭାରତର ତ୍ରିବେଣୀ ଭାବରେ ପରିଚିତ। ଅନେକ ଅସ୍ଥି-ବିସର୍ଜନ ସହ ଧାର୍ମିକ କାର୍ଯ୍ୟ ମଧ୍ୟ ଏଠାରେ କରିଥାନ୍ତି।

ସେହିପରି ବାଲୁଘାଟ ଠାରୁ ଝିରପାଣି ପର୍ଯ୍ୟନ୍ତ ନଦୀତଟକୁ ବିକାଶ କଲେ ପର୍ଯ୍ୟଟନ ବିକାଶ ଓ ଅଧିକ କର୍ମ ନିଯୁକ୍ତି ସହ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜମିର ସହରାଞ୍ଚଳର ସାମଗ୍ରିକ ବିକାଶରେ ବିଶେଷ ସହାୟକ ହେବ। ଏହି ଯୋଜନାରେ ଆଧ୍ୟାତ୍ମିକ ଗବେଷଣାଗାର, ବୈଦିକ-ସଂସ୍କୃତ ଶିକ୍ଷାନୁଷ୍ଠାନ, ସଭାଗୃହ, କଲ୍ୟାଣ ମଣ୍ଡପ ପ୍ରଦର୍ଶନୀ ସ୍ଥଳ, ଆମୋଦ ପ୍ରମୋଦ ଓ ଉଦ୍ଭିଦ ଉଦ୍ୟାନ, ଥିମାଟିକ ପାର୍କ, ହାଟ, ମୁନିଋଷିମାନଙ୍କ ପାଇଁ ଆଶ୍ରୟ ସ୍ଥଳ ଇତ୍ୟାଦି ସ୍ଥାପନ କରାଯାଇପାରେ। ଦେବ୍ରିଗଡ଼ ଅଭୟାରଣ୍ୟ, ହୀରାକୁଦ ଡ୍ୟାମ୍, ସମ୍ବଲେଶ୍ୱରୀ ମନ୍ଦିର, ନୃସିଂହନାଥ-ହରିଶଙ୍କର, ଖଣ୍ଡାଧାର ଜଳ ପ୍ରପାତ ଇତ୍ୟାଦି ବେଦବ୍ୟାସର ବିକାଶ ପାଇଁ ଗୁରୁତ୍ୱ ବହନ କରେ। ଯାହାକି ପଶ୍ଚିମ ଓଡ଼ିଶାରେ ଏକ ପର୍ଯ୍ୟଟନ ସର୍କିଟ ଭାବରେ ଉଦୟ ହୋଇପାରିବ। ଭାରତରେ ସାବରମତି ବ୍ୟତୀତ ଦାମନଗଙ୍ଗ, ନଦୀକୂଳରେ ସିଲଭାସା, ଚମ୍ବଲ ନଦୀ କୂଳରେ କୋଟା ଇତ୍ୟାଦି ସହରରେ ନଦୀତଟ ବିକାଶ କରି ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁଛନ୍ତି। ବିଗତ ବଜେଟ୍ ତଥା ଅନ୍ୟାନ୍ୟ ସମୟରେ ପୁରୀ ଜଗନ୍ନାଥ ଧାମଠାରୁ ଆରମ୍ଭ କରି ଲିଙ୍ଗରାଜ, ସମଲେଶ୍ୱରୀ, ତାରିଣୀ, ଧବଳେଶ୍ୱର, ବୁଢ଼ୀ ଠାକୁରାଣୀ, ଯୋରନ୍ଦା, କଟକ ଚଣ୍ଡୀ ଆଦି ସମସ୍ତ ଧାର୍ମିକ କ୍ଷେତ୍ରର ବିକାଶ ପାଇଁ ପର୍ଯ୍ୟାପ୍ତ ଅନୁଦାନ ଦିଆ ଯାଇଥିଲେ ମଧ୍ୟ ଏକ ଜାତୀୟ ସ୍ତରରର ପର୍ଯ୍ୟଟନ ସ୍ଥଳ ଭାବେ ସମ୍ଭାବନା ରଖୁଥିବା ବ୍ୟାସକ୍ଷେତ୍ରକୁ ଆଶାନୁରୂପକ ସହାୟତା ପ୍ରଦାନ କରାନଯିବା ବିଡ଼ମ୍ବନାର ବିଷୟ। ବେଦବ୍ୟାସ ଶୈବ ପୀଠକୁ ସଂଯୋଗ ପାଇଁ ବ୍ରାହ୍ମଣୀନଦୀ ଉପରେ ଝୁଲାପୋଲ କାର୍ଯ୍ୟ ଆରମ୍ଭ ସହ ବେଦବ୍ୟାସର ବିକାଶ ପାଇଁ ଇଂ. ଭାରତ ଭୂଷଣ ମହାନ୍ତି, ପ୍ର. ଶଙ୍କର ପ୍ରସାଦ ତ୍ରିପାଠୀ, ଡ. ସୁମନ ଦତ୍ତ, ଇଂ ଅଶୋକ ପଟ୍ଟନାୟକ, ଓ ଇଂ. ନଳିନୀ କାନ୍ତ ଧର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରେରଣ କରିବା ସହ ସାଂସଦ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

ସକାଳ THE SAKALA



# ଗ୍ୟାସ୍ ପ୍ରକଳ୍ପ ନୁହେଁ ଗ୍ୟାସିଫିକେସନ୍ ପ୍ରକଳ୍ପ: ବିସିଜିସିଏଲ୍ ଏମ୍‌ଡି




ଇବଥର୍ମାଲ,୧୮।୯(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଅଧୀନ କୁଶ୍ରାଲୋଇ ପଞ୍ଚାୟତ କୁଶ୍ରାଲୋଇ ମୌଜାରେ ହାଇ ଆସ୍ କୋଇଲାରୁ ଆମୋନିୟମ ନାଇଟ୍ରେଟ୍ ପ୍ରକଳ୍ପ ହେବ। ଏସମ୍ପର୍କରେ ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ ଲିମିଟେଡ (ବିସିଜିସିଏଲ) ପକ୍ଷରୁ ଲଖନପୁର କୋଇଲା କ୍ଷେତ୍ର ତ୍ରିବେଣୀ ଗେଷ୍ଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିସିଜିସିଏଲ୍ ପରିଚାଳନା ନିର୍ଦ୍ଦେଶକ ଡ.ପିୟୁଷ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ଏହି ପ୍ରକଳ୍ପ ଏକ ଗ୍ୟାସ ପ୍ରକଳ୍ପ ବୋଲି ଧାରଣା ସୃଷ୍ଟି ହୋଇଛି। ମାତ୍ର ଏହା ଗ୍ୟାସ୍ ପ୍ରକଳ୍ପ ନୁହେଁ ବରଂ ଏକ ଗ୍ୟାସିଫିକେସନ ପ୍ରକଳ୍ପ ହେବାକୁ ଯାଉଛି। ଏହି ପ୍ରକଳ୍ପରୁ କୌଣସି ପ୍ରକାର କ୍ଷତିକାରକ ରସାୟନିକ ନିର୍ଗତ ହେବନାହିଁ। ହାଇଆସ୍ କୋଇଲାରୁ ଆମୋନିୟମ ନାଇଟ୍ରେଟ୍ ଓ ଏଥିରୁ ଚାଷ ପାଇଁ ବ୍ୟବହୃତ ହେଉଥିବା ୟୁରିଆ ପ୍ରସ୍ତୁତ କରାଯିବ। ସବୁଠାରୁ ବଡ କଥା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନ କୌଶଳରେ ନିର୍ମିତ ସର୍ବଭାରତୀୟ ସ୍ତରରେ ପ୍ରଥମ ପ୍ରକଳ୍ପ ହେବ। ପ୍ରକଳ୍ପ ନିର୍ମାଣ ନିମନ୍ତେ ଆବଶ୍ୟକ ୩୫୦ଏକର ଜମି ଏମସିଏଲ୍ ପକ୍ଷରୁ ନିଆ ଯାଇସାରିଛି। ପାଖାପାଖି ୨୪ ହଜାର କୋଟି ବ୍ୟୟ ଅଟକଳରେ ହେବାକୁଥିବା ପ୍ରକଳ୍ପକୁ ମେଲ୍ ଓ ଏଲଆଣ୍ଡଟି କମ୍ପାନୀ ଦ୍ୱାରା ନିର୍ମାଣ କରାଯିବ। ଏହି ପ୍ରକଳ୍ପ ଚଳାଇବାକୁ ଆବଶ୍ୟକ ବାର୍ଷିକ ୧.୨୬୭ ମିଲିୟନ ଟନ୍ କୋଇଲା ଏମ୍‌ସିଏଲ ଲଖନପୁର କୋଇଲା କ୍ଷେତ୍ରରୁ କନଭେୟର ବେଲ୍ଟ ଯୋଗେ ପରିବହନ କରାଯାଇ ବ୍ୟବହୃତ ହେବ। ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ଏମ୍‌ଡି ଶ୍ରୀ କହିଛନ୍ତି ଯେ ପ୍ରକଳ୍ପରୁ ପାଉଁଶ ନିର୍ଗତ ହେବ ମାତ୍ର ନିର୍ଗତ ପାଉଁଶ ସୁରକ୍ଷିତ ପରିବହନ ବ୍ୟବସ୍ଥା ମାଧ୍ୟମରେ ଲଖନପୁର କୋଇଲା କ୍ଷେତ୍ର ପରିତ୍ୟକ୍ତ ଖଣିରେ ଫିଲିଂ କରାଯିବ। ଏହି ଅବସରରେ ଭାରତ କୋଇଲା ଗ୍ୟାସିଫିକେସନ୍ ଏବଂ କେମିକାଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଡ.ପିୟୁଷଙ୍କ ସମେତ ଚିଫ୍ ମ୍ୟାନେଜର ଏଚ୍‌ଆର୍ ଶ୍ରୀତମ ଦାସ, ସିନିୟର୍ ମ୍ୟାନେଜର ସୁଜିତ୍, ଆସିଷ୍ଟାଣ୍ଟ ମ୍ୟାନେଜର ପୌଲମି ମୁସିଲ୍ ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ଏପିଏମ୍ ଏସ୍ ପ୍ରଦୀପ, ଏରିଆ ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ, ଷ୍ଟାଫ୍ ଅଫିସର ମାଇନିଙ୍ଗ ତରୁଣ ବେବରା, ଷ୍ଟାଫ୍ ଅଫିସର ପିଆଣ୍ଡପି ନିର୍ମଳ ଯୋଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର



ବରପାଲି,୧୮।୯(ସମିସ): ବରପାଲି ବ୍ଲକ୍ କଦଲିପାଲି ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୧୧୯ତମ 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁଶ୍ରୀର ସଭାପତି ମନୋରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅଧକ୍ଷ ପ୍ରଦୀପ ମେହେର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଓ ମୁଖ୍ୟ ବକ୍ତା ଭାବେ ଇଂରାଜୀ ବିଭାଗ ଶିକ୍ଷକ ତଥା ସାହିତ୍ୟିକ ସରୋଜ ଦାଶ ଯୋଗ ଦେଇଥିଲେ। ଅତିଥି ମାନେ ପୁସ୍ତକ ଚରିତ୍ରକୁ ନିର୍ମଳ କରିବା ସହ ଚିନ୍ତା ଓ ଚେତନାର ବିକାଶ କରି ମଣିଷକୁ ସମାଜର ଉଚ୍ଚସ୍ତରକୁ ପହଞ୍ଚାଇଥାଏ ବୋଲି ମତ ଦେଇଥିଲେ। ଆୟୋଜିତ ପୁସ୍ତକ ପ୍ରଦର୍ଶନୀରୁ ପସନ୍ଦ ମୁତାବକ ପୁସ୍ତକ ଚୟନ କରି ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ପ୍ରିତିମୟୀ ଦାଶ ପ୍ରଥମ, ପ୍ରିୟଙ୍କା ସାହୁ ଦ୍ୱିତୀୟ, ଚିତ୍ରରେଖା ବେହେରା ଓ ରାଖୀ ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ଓ ପୁସ୍ତକ ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆବାହକ ଡ.ବିନାରାୟଣ ସାହୁ ପରିଚାଳନା କରିଥିଲେ।

# ବିଶ୍ୱକର୍ମା ପୂଜା ପାଇଁ ଦୁଲୁକୁଛି କୋଇଲାନଗରୀ



ଇବଥର୍ମାଲ,୧୮।୯(ସମିସ): ବିଶ୍ୱକର୍ମା ପୂଜା ଉପଲକ୍ଷେ କୋଇଲା ନଗରୀ ଭାବେ ପରିଚିତ ଲଖନପୁର କୋଇଲା କ୍ଷେତ୍ର (ଏମସିଏଲ) ଆଇଏଲ୍‌ବିଏଲ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଭୁ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ପରେ ଭକ୍ତ ମାନଙ୍କର ଜନସମାଗମ ଦେଖିବାକୁ ମିଳିଛି। ଆଜି ଆଇଏଲବିଏଲ୍ ବିଶ୍ୱକର୍ମା ପୂଜା କର୍ମକର୍ତ୍ତାଙ୍କ ଆୟୋଜନରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଜେଡି ଶ୍ରୀନିବାସ୍ ପିଓ ଆଇଏଲବିଏଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମ୍ୟାନେଜର ଲକ୍ଷ୍ମଣ ଡାଙ୍ଗି, ଏପିଏମ୍‌ଏସ୍ ପ୍ରଦୀପ, ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ ଶ୍ରମିକ ସଂଗଠନର ବରିଷ୍ଠ ସଦସ୍ୟ ରବୀନ୍ଦ୍ର ପ୍ରସାଦ, ମୃତ୍ୟୁଞ୍ଜୟ ମୁଦୁଲୀ, ପି ସିଂ ପାଣ୍ଡେ, ରଞ୍ଜନ ସାହୁ, ରାମକୃଷ୍ଣ ତିୱାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ମାନେ ମାଁ ସମଲେଇଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କମିଟି ସଭାପତି ଲାଲ ବେହେରା, ସମ୍ପାଦକ ପ୍ରତାପ ସେଠୀ, କେଡି ଖଟେଇ ପ୍ରମୁଖ ସହଯୋଗ କରିଥିଲେ। ପ୍ରଦୀପ କରାଲୀ ମଞ୍ଚ ସଞ୍ଚାଳନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସୁନାମଧନ୍ୟା ଗାୟୀକା ଅର୍ଚ୍ଚନା ପାଢ଼ୀ ଓ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରବଳ ଜନସମାଗମକୁ ଦେଖି ବନହରପାଲି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରା ଯାଇଥିଲା।

**କୋଲାବିରା:** ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ପୂଜାତ୍ସବ କୋଲାବିରା ଓ ଏହାର ଆଖପାଖ ଅଞ୍ଚଳରେ ମହାସମାରୋହରେ ଆନୁଷ୍ଠିତ ହେଉଛି। ବିଶ୍ୱକର୍ମା ପୂଜା ଏମିତି ଏକ ଅବକାଶ



ଯାହା ନିଜର କର୍ମଶକ୍ତିର ପରିମାର୍ଜନା, କଳାକୌଶଳର ସମୃଦ୍ଧି ତଥା ଗୁଣାତ୍ମକ କାର୍ଯ୍ୟଶୈଳୀର ଉନ୍ନତିକରଣ ସମ୍ପର୍କରେ ଚିନ୍ତା କରିବାର ସୁଯୋଗ ସୃଷ୍ଟିକରେ। ଏ ଅଞ୍ଚଳରେ ଗଢ଼ିଉଠିଥିବା କଳକାରଖାନା ଗୁଡିକରେ ବିଶ୍ୱକର୍ମା ପୂଜା ଯାକଜମକରେ ପାଳିତ ହୋଇଯାଇଛି। ଟେଲିଫୋନ ଏକ୍ସଚେଞ୍ଜ, ବିଦ୍ୟୁତ୍ ବିଭାଗ ସହିତ ମୋଟର ଗ୍ୟାରେଜ, ଫେବ୍ରିକେସନ ୟୁନିଟ, ବ୍ରିକ୍ସ ପ୍ଲାଣ୍ଟ ଆଦି ଅନୁଷ୍ଠାନ ଗୁଡିକରେ ବିଶ୍ୱକର୍ମାଙ୍କ ବିଗ୍ରହ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଓ ହୋମଯଜ୍ଞ ରୀତିନୀତି ମଧ୍ୟରେ ଅନୁଷ୍ଠିତ ହୋଇଛି। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତିକୁ ଶୁଦ୍ଧପୂତ କରି ପୂଜା କରାଯାଇଛି। ଏହା ସହିତ ବିଶ୍ୱକର୍ମା ପୂଜା ଉପଲକ୍ଷେ ଯାନ୍ତ୍ରୀକ କାର୍ଯ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। କୋଲାବିରା ସ୍ଥିତ ରଘୁନାଥପାଲି ସେକ୍ସନ ବିଦ୍ୟୁତ୍ ବିଭାଗ ତଥା ଅବନବୀ ଇଂଜିନିୟରିଂ କୋ ପକ୍ଷରୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ବିଶ୍ୱକର୍ମା ପୂଜା ଅନ୍ୟ ବର୍ଷଠାରୁ ଅଧିକ ଉତ୍ସାହର ସହିତ ପାଳନ ହେଉଥିବା ଦେଖିବାକୁ ମିଳିଛି। କେତେକ ପୂଜାସ୍ଥଳରେ ସନ୍ଧ୍ୟାରେ ଭଜନ ସମାରୋହ, ମେଲୋଡି, ପାରାୟଣ ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା।

# ମନସ୍ତତ୍ତ୍ୱ ବିଭାଗର ପାଠଚକ୍ର



ବରଗଡ଼,୧୮।୯(ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ମନସ୍ତତ୍ତ୍ୱ ବିଭାଗ ଦ୍ୱାରା 'ଆତ୍ମହତ୍ୟା ନିବାରଣ' ଉପରେ ଏକ ସେମିନାର ଆୟୋଜିତ ହୋଇଯାଇଛି। ସେମିନାରକୁ ଅଧ୍ୟକ୍ଷ ଡ.ନକୁଳ ସେଠ ଉଦ୍‌ଘାଟନ କରିଥିଲେ। ସେମିନାରରେ ଡ.ଉମେଶ ମହାପାତ୍ର, ପ୍ରଶାସନିକ ବର୍ସର, ବିଭାଗମୁଖ୍ୟ ସୁନନ୍ଦିନୀ ଦାଶ, ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ମୋନାଲିଶା ପ୍ରଧାନ, ଟିଙ୍କୁ ଷଡଙ୍ଗୀ, ପୁନମ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୧୦ ଜଣ ଛାତ୍ରଛାତ୍ରୀ ସେମାନଙ୍କର ଭିତ୍ତି ପ୍ରବନ୍ଧ ପତ୍ର ଉପସ୍ଥାପନ କରିଥିଲେ। ଅଧ୍ୟାପକ ଟିଙ୍କୁ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଲାବିରାରେ ନିଶୁଳ୍କ ଚକ୍ଷୁ ପରୀକ୍ଷା

କୋଲାବିରା,୧୮।୯(ସମିସ): କୋଲାବିରା ଠାରେ ସମଲେଶ୍ୱରୀ ସାହିତ୍ୟ ସଂସଦ ଏବଂ ଝାରସୁଗୁଡା ତ୍ରିଲୋଚନ ନେତ୍ରାଳୟର ମିଳିତ ସହଯୋଗିତାରେ ରବିବାର ସେପ୍ଟେମ୍ବର ୨୧ ତାରିଖ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରାଯାଇଛି। ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ସକାଳ ୯ ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବ। ଶିବିରରେ ଚାଳିଶିଆ ଚଷମା ମାଗଣା ପ୍ରଦାନ ସହିତ ଯେଉଁମାନେ ମୋତିଆ ବିନ୍ଦୁ ଦ୍ୱାରା ଚିହ୍ନଟ ହେବେ ସେମାନଙ୍କୁ ସେହିଦିନ ହିଁ ତ୍ରିଲୋଚନ ନେତ୍ରାଳୟ, ସମ୍ବଲପୁର ନେବାର ବ୍ୟବସ୍ଥା ସହ ବିନାମୂଲ୍ୟରେ ମୋତିଆବିନ୍ଦୁ ଅପରେସନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ଶିବିରକୁ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ସାଙ୍ଗରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବା ଜିଜେଏୱାଇ କାର୍ଡ, ରାସନ କାର୍ଡ, ଆଧାର କାର୍ଡ ଏବଂ ମୋବାଇଲ ନମ୍ବର ନେଇ ଆସିବାକୁ ଅନୁରୋଧ କରାଯାଇଛି। ହସ୍ପିଟାଲରେ ଅପରେସନ ସମୟରେ ରହିବା, ଖାଇବା, ଯିବା ଆସିବା, ଔଷଧ, ଚଷମା ମାଗଣାରେ ଯୋଗାଇ ଦିଆଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବହୁ ସଂଖ୍ୟାରେ ଶିବିରରେ ଯୋଗଦେଇ ଚକ୍ଷୁ ଜନିତ ବିଭିନ୍ନ ସମସ୍ୟା ସମାଧାନର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଇଛି।

# ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ଉଦ୍‌ଘାଟିତ

ବରଗଡ଼,୧୮।୯(ସମିସ): ବରଗଡ଼ ଜିଲ୍ଲା ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପର୍ଯ୍ୟାୟ ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଡିଇଓ ସରୋଜ ଭୁଏ, ଏଡିଇଓ ବିନୟ ସୋଏ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଅମ୍ବାଭୋନା ବ୍ଲକ୍ ଓ ଅତାବିରା ବ୍ଲକ୍‌ର ସମସ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ଝାରବନ୍ଧ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ୍ ପତି, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଡିଆଇଇଟି ବରଗଡ଼ର ପ୍ରଶିକ୍ଷକ ବେଣୁଧର ବରିହା, ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ୍ ବିଶି ଯୋଗ ଦେଇ ତାଲିମ୍ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନେତୃତ୍ୱ ବିକାଶ ନିମନ୍ତେ ମାର୍ଗଦର୍ଶନ କରିଥିଲେ। ଶିବିରରେ ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାପନ ଅବଧାରଣ ବୃଦ୍ଧି, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇ ମାଧ୍ୟମିକ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କରାଯିବାର କାର୍ଯ୍ୟକ୍ରମ ରହିଛି। ଡିଆଇଇଟିର ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁରୁ ଭଗବାନ ସାହୁ ସ୍ମୃତିରେ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି

ବରଗଡ଼,୧୮।୯(ସମିସ): ଜନକଲ୍ୟାଣ କୁଳତା ସମାଜ ଏବଂ ଆଞ୍ଚଳିକ ସାହିତ୍ୟ ପରିଷଦ ଅତାବିରା ମିଳିତ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ, ନୂଆଁଖାଇ ପାଳନ ପଛର ମହାନାୟକ ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଆସନ୍ତା ଅକ୍ଟୋବର ୧୨ ତାରିଖ ରବିବାର ଦିନ ପାଳନ ସକାଶେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତାବିରା ରାମଚଣ୍ଡୀ ମନ୍ଦିର ଠାରେ ସୁବାଷ ପ୍ରଧାନଙ୍କ ଆବାହକତ୍ୱରେ ମନ୍ଦିରର କଲ୍ୟାଣ ମଣ୍ଡପ ଠାରେ ଏହି ଉତ୍ସବକୁ ମହାସମାରୋହରେ ପାଳିବାକୁ ଯୋଜନା କରାଯାଇଛି। ବୈଠକରେ ସୁରେନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଉଦ୍ୟୋକ୍ତା ସମାଜସେବୀ ଦିବାକର ପ୍ରଧାନ ସଂଯୋଜନା କରିଥିଲେ। ସଭାପତି ଦଶରଥ ଭୋଇ, ଦଖିଲ ପ୍ରଧାନ, ସମ୍ପାଦକ ସୁରେନ୍ଦ୍ର କଠାର, କବି ଧର୍ମରାଜ ପ୍ରଧାନ, ଋଷଭ ବିଶି, ସରୋଜ ରଥ, କିଶୋର ଚନ୍ଦ୍ର ପାତ୍ର, କେତନ ରଣା, ଦୁର୍ଲଭ ଗଡତିଆ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମତାମତ ପ୍ରଦାନ କରିଥିଲେ। ଶେଷରେ ଅମୃତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ହକି ଷ୍ଟାଡ଼ିୟମ ଆଷ୍ଟ୍ରୋଟର୍ଫ ନିର୍ମାଣ ଭିତ୍ତିପ୍ରସ୍ତର



ଝାରସୁଗୁଡ଼ା,୧୮।୯(ସମିସ): ଝାରସୁଗୁଡ଼ା ଜିଲ୍ଲାର ବହୁ ପ୍ରତିକ୍ଷୀତ ହକି ପଡିଆର ଆଷ୍ଟ୍ରୋଟର୍ଫ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ଏବଂ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ, ଆଇଏଏସ ପ୍ରବେସନର ପ୍ରଜ୍ଞାନନ୍ଦ ଗିରି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତଥା ଅନ୍ୟାନ୍ୟ ଅତିଥି ମାନେ ଜିଲ୍ଲାରେ ହକି ଖେଳର ବିକାଶ ପାଇଁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ହକି ଖେଳାଳି ସୁଭଦ୍ରା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଉନ୍ନୟନ ଅଧିକାରୀ ରୁଟ, ଓଡ଼ିଶା ହକି ସଙ୍ଘର କୋଷାଧକ୍ଷ ପ୍ରଦୀପ୍ତ ମହାନ୍ତି, ଯନ୍ତ୍ରୀ ଆଶିଷ ଲେଙ୍କା, ସତ୍ୟବାନ ପଟେଲ, ବିକ୍ରମ, ସମାଜସେବୀ ଜ୍ୟୋତି ଲାଠ, ପ୍ରଫୁଲ୍ଲ କୁଲ୍ଲୁ, ଡେଫୋର, ଜିଲ୍ଲାର ବିଭିନ୍ନ କ୍ରୀଡା ସଂଘର କର୍ମକର୍ତ୍ତା, କ୍ରୀଡାପ୍ରେମୀ, ସ୍ଥାନୀୟ ରତ୍ନାକର ଉଚ୍ଚ ବିଦ୍ୟାଳୟ ଏବଂ ପିକେଏସଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ତଥା ଓଡ଼ିଶା ହକି ସଂଘର ଉପସଭାପତି ଜୀବନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ହକି ସଂଘର କ୍ଲେମେଣ୍ଟରୋନାଲଡ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଜ୍ୱଳ ପଟେଲ, ସୁଶାନ୍ତ ବେହେରା, ରୀନାରଶ୍ମି ତିର୍କୀ ସହଯୋଗ କରିଥିଲେ। ପ୍ରକାଶ ଯେ, ଜିଲ୍ଲା ଖଣିଜ ପାଣ୍ଠିରୁ ୨୦୨୩ ମସିହାରେ ୧୦ କୋଟି ଟଙ୍କା ଜିଲ୍ଲା ପ୍ରଶାସନ ପକ୍ଷରୁ ହକି ପଡିଆ ଆଧୁନିକରଣ ପାଇଁ ଅନୁମୋଦିତ ହୋଇଥିଲା। ଏହି ପଡିଆର ଆଷ୍ଟ୍ରୋଟର୍ଫ ନିର୍ମାଣ ପାଇଁ ୮.୫ କୋଟି ବ୍ୟୟ ହେବ ଯାହା ଜିଲ୍ଲାର ହକି ଖେଳାଳି ମାନଙ୍କର ଅନେକ ଦିନର ସ୍ୱପ୍ନକୁ ସାକାର କରିବ। ଶେଷରେ ଜିଲ୍ଲାର ବରିଷ୍ଠ ଅଧ୍ୟାପକ ତପନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




# ରାଜବୋଡାସମ୍ବର୍ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ

ପଦ୍ମପୁର,୧୮।୯(ସମିସ): ପଦ୍ମପୁର ରାଜବୋଡାସମ୍ବର୍ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରୀତିରଶ୍ମି ସେଠ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଚନ୍ଦନ ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅଭିଳାଷ ସାହୁ ହିନ୍ଦୀ ଭାଷାର ମହନୀୟତା ପ୍ରତିପାଦନ କରି ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ପ୍ରଭାସିନୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ରୁଚିଦା ହାଇସ୍କୁଲରେ ବିଶ୍ୱ ଓଜୋନ ଦିବସ

ଅମ୍ବାଭୋନା,୧୮।୯(ସମିସ): ଓଜୋନ ସ୍ତରର ସୁରକ୍ଷା ଆମର ନୈତିକ ଦାୟିତ୍ୱ। ଏହାକୁ ଉପଲକ୍ଷି କରି ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ରୁଚିଦାରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ମେହେରଙ୍କ ନିର୍ଦ୍ଦେଶାନୁକ୍ରମେ ଆୟୋଜିତ ବୈଠକରେ ହିନ୍ଦୀ ଶିକ୍ଷକ ସୁବୋଧ ଭୋଇ ମଞ୍ଚ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଜୀବଜଗତ ପାଇଁ ଓଜୋନ ସ୍ତରର ଆବଶ୍ୟକତା ବୁଝାଇଥିଲେ। ଓଜୋନ ଦିବସ ଉପଲକ୍ଷେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଚଳିତ ମାସ ୧୨ ତାରିଖରେ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ବରଗଡ଼ ଜିଲ୍ଲାର ଦଶମ ଶ୍ରେଣୀର ଛାତ୍ର ଦେବଦତ୍ତ ମେହେର ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ହରବଲ୍ଲଭ ପଧାନ, ରୀନା ମେହେର, ତନୟା ଡନସନା, ପ୍ରଭାତ ନାୟକ, ମେନକା ମେହେର, ପୁଷ୍ପାଙ୍ଗିନୀ ଭୁଏ, ସବିତା ଦେହେରୀ, ବଳରାମ ରଣା ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ତନୟା ଡନସନା ଧନ୍ୟବାଦ ଅର୍ପଣ କରିଥିଲେ।

# ବନଦୁର୍ଗା ମନ୍ଦିରରେ ସାର୍ବଜନୀନ ଶାରଦୀୟ ନବରାତ୍ର ପୂଜା

ପଦ୍ମପୁର,୧୮।୯(ସମିସ): ପଦ୍ମପୁର ବଡବନ୍ଧ ସ୍ଥିତ ବନଦୁର୍ଗା ମନ୍ଦିରରେ ସାର୍ବଜନୀନ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆଗାମୀ ୨୨ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ସମାପନ ହେବ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତ୍ୟହ ଅନ୍ନଭୋଗର ବ୍ୟବସ୍ଥା ରହିଛି। ବନଦୁର୍ଗା ମନ୍ଦିର କମିଟିର ସଭାପତି ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ, ଅନିଲ ବେହେରା ସୂଚନା ଦେଇଛନ୍ତି।

# ମାଁ ଶ୍ରୀ ଉମା ମାହେଶ୍ୱରୀ ପୀଠରେ ଷୋହଳ ପୂଜା ଆରମ୍ଭ

ବରଗଡ଼,୧୮।୯(ସମିସ): ବରଗଡ଼ ଜିଲ୍ଲା ସର୍ବ ପୁରାତନ ଦେବୀ ମାଁ ଶ୍ରୀ ଶ୍ରୀ ଉମା ମାହେଶ୍ୱରୀ ଶକ୍ତି ପୀଠରେ ଷୋହଳ ପୂଜା ରବିବାର ଠୁଁ ଆରମ୍ଭ ହୋଇଯାଇଛି। ମାଁ ମାହେଶ୍ୱରୀ ସଂସ୍କୃତି ଆଧାରରେ ପୀଠରେ ରୀତିନୀତିରେ ପୂଜା କରି ମେଣ୍ଡଲୀଙ୍କୁ ବରୁଆ ପ୍ରବେଶ କରି ଜଗତଜନନୀ ମାଁ ଉମା ମାହେଶ୍ୱରୀଙ୍କ ସଙ୍ଗେ ପୀଠର ସମସ୍ତ ଦେବଦେବୀ ପାରମ୍ପରିକ ପଞ୍ଚ ବାଦ୍ୟ ହରିବୋଲ ହୁଳହୁଳି ଘଣ୍ଟ ଶଙ୍ଖ ନାଦେ ଗମ୍ଭୀରାରୁ ବାହାରିଥିଲେ। ଗାଁର ବୃଦ୍ଧ ବନିତା ଦର୍ଶନ ଲାଭ କରିଥିଲେ। ପୁଅ ଜିଉଁନ୍ତିଆ ପୂଜା ମାନଙ୍କର ମାଁ ବିଜେ କରି ଆଶୀର୍ବାଦ କରି କୁରୁଆଁ ଗାଁ ମାଁ ମାହେଶ୍ୱରୀ ସାଗରରେ ମାଁଙ୍କର ପାଟ ଖଣ୍ଡାକୁ ଧୋଇବା ପରେ ପୀଠରେ ଖଣ୍ଡା ବସେଇ ଥିଲେ। ଏହି ଷୋହଳ ପୂଜା ପର୍ବରେ ମୂଳାଷ୍ଟାମୀରୁ ଦଶମୀ ପର୍ଯ୍ୟନ୍ତ ମାଁ ପ୍ରତିଦିନ ବରୁଆ ରୂପରେ ଗମ୍ଭୀରାରୁ ବାହାରିଥାନ୍ତି। ପ୍ରତିଦିନ ମାଁଙ୍କର ଅନ୍ନ ପ୍ରସାଦ ଭକ୍ତଙ୍କୁ ଦିଆଯାଏ। ମହାଳୟା ବିଜୟା ଅଷ୍ଟମୀରେ ମାଁଙ୍କର ସନ୍ଧି ପୂଜା ଅନୁଷ୍ଠିତ ହୁଏ ଏବଂ ନବମୀରେ ନବାନ୍ନ ଭୋଗ ମାଁଙ୍କ ଠାରେ ଲାଗି ହୁଏ। ଦଶମୀରେ ମାଁଙ୍କର ରଞ୍ଜିତା ପର୍ବ ଅନୁଷ୍ଠିତ ହୁଏ। ଏହି ପର୍ବକୁ କୁରୁଆଁ ଗ୍ରାମବାସୀ, ମନ୍ଦିର ସେବାୟତ ମାନେ ପରିଚାଳନା କରିଥାନ୍ତି।

# ରେଙ୍ଗାଲପାଲି ଆଦିବାସୀ ପଡ଼ାବାସୀ ନ୍ୟାୟ ପାଇବାରୁ ବଞ୍ଚିତ

କୋଲାବିରା,୧୮।୯(ସମିସ): କୋଲାବିରା ବ୍ଲକ୍ ସୋଡ଼ାମାଲ ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ଆଦିବାସୀ(ଗଣ୍ଡ) ପଡାବାସୀ ବର୍ଷ ବର୍ଷ ଧରି ଅବହେଳିତ ହୋଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୨୦୨୩ ମସିହା ଜୁଲାଇ ମାସରେ ହୋଇଥିବା ଲଗାତାର ଝିପିଝିପି ବର୍ଷାରେ ଗାଁର ବିଭିନ୍ନ ଲୋକଙ୍କ ଘରଦ୍ୱାର, ବାରଣ୍ଡା ଗୁଡିକ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରେ ବିଶେଷ ଭାବେ ପଡାର ବିଦେଶୀ ଧୁରୁଆ, ଜେହେରୁ ପରେଖ, ହରିଶଙ୍କର କୁଅଁର, କ୍ଷମାଶୀଳ କୁଅଁର, ତିଲୋତମା ମରେଇଙ୍କ ଘର ଓ ବାରଣ୍ଡା ଭାଙ୍ଗି ଯାଇଥିଲା। ଏସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ତଥା ତହସିଲଦାରଙ୍କ ନିକଟରେ ଫେରାଦ ହୋଇଥିଲେ ମାତ୍ର କ୍ଷୟକ୍ଷତି ବାବଦକୁ କିଛି ମିଳିବା ପରିବର୍ତ୍ତେ ତାରପୋଲିନ ଖଣ୍ଡେ ଲେଖାଏଁ ମଧ ଏପର୍ଯ୍ୟନ୍ତ ମିଳିପାରି ନାହିଁ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହା ସହିତ ପରବର୍ତ୍ତୀ ସମୟରେ ୩ ମେ ୨୦୨୫ରେ ଏବଂ ୨୧ ମେ'ରେ କୋଲାବରା ବିଡିଓଙ୍କୁ ଲିଖିତ ଭାବେ ଜଣେଇବା ପରେ ୧୬ ଜୁନରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ମଧ ଅଭିଯୋଗ କରାଯାଇଥିଲା। ହେଲେ ମଧ କିଛି ସୁଫଳ ମିଳି ନଥିଲା। ପୁନଶ୍ଚ ୧୫ ସେପ୍ଟେମ୍ବରରେ କୋଲାବିରା ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପଡାବାସୀ ଓ ସମନ୍ୱିତ ଆଦିବାସୀ ସମାଜ ପକ୍ଷରୁ ଏସଂକ୍ରାନ୍ତରେ ଲିଖିତ ଅଭିଯୋଗ କରାଯାଇଛି।

# ଅଣଧାନ ଚାଷ ବିହନ ବଣ୍ଟନରେ ଅନିୟମିତତା

**ମେଲଛାମୁଣ୍ଡା, ୧୮।୯(ସମିସ):** ଅଣଧାନ ଚାଷ ବିହନ ବଣ୍ଟନରେ ମହାଶକ୍ତି ଫାଉଣ୍ଡେସନ ଏନ୍‌ଜିଓ ସଂସ୍ଥା ବ୍ୟାପକ ଦୁର୍ନୀତି କରିଥିବାର ଚାଷୀଙ୍କ ଅଭିଯୋଗ ପରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତ କମିଟି ଘେଁସ ଓ ଅଞ୍ଚଳରେ ତଦନ୍ତ ଆରମ୍ଭ କରିଛି। ସୋହେଲା ଏଡିଓ ଜ୍ଞାନେନ୍ଦ୍ର ଦଲେଇଙ୍କ ନେତୃତ୍ୱରେ ସହକାରୀ ଗୋଷ୍ଠୀ କୃଷି ଅଧିକାରୀ ଅଭିଷେକ ଅଗ୍ରୱାଲ ଓ ଆଦର୍ଶ ସାହୁ ଘେଁସ ଅଞ୍ଚଳର ଘେଁସ, ତିଲେଇମାଲ, ବଡମାଲ, ଚୁହାନପାଲି, ବନ୍ଧପାଲି, ତୁରୀମୁଣ୍ଡା ଏଭଳି ବିଭିନ୍ନ ଗାଁର ଚାଷୀଙ୍କ ପାଖକୁ ପହଞ୍ଚି ପଚାରି ବୁଝିଛନ୍ତି। ମହାଶକ୍ତି ଫାଉଣ୍ଡେସନ ଠାରୁ ଚାଷୀ କେତେ ପରିମାଣର ମୁଗ, ବିରି, ଚଣା, ସୋରିଷ ପ୍ରଭୃତି ବିହନ, କୀଟନାଶକ ଔଷଧ ଓ ତତ୍ ସମ୍ବନ୍ଧିତ ସହଯୋଗ ପାଇଛନ୍ତି ସେ ବିଷୟରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ଏହାପୂର୍ବରୁ ମଧ୍ୟ ପଦ୍ମପୁର ଏଡିଏମ୍ କୁନାଲ ମୋତିରାମ, ଜିଲ୍ଲା କୃଷି ଅଧିକାରୀ ଲୋଚନ ମାଝି ଓ ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଥିବା ବେଳେ ବର୍ତ୍ତମାନ ପୁଣି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ତଦନ୍ତ ଜାରି ରଖିଛନ୍ତି। ଗତ ୨୦୨୩-୨୪ ରବିଋତୁରେ ଅଣଧାନ ଚାଷ ପାଇଁ ଟେଣ୍ଡର ନେଇଥିବା ହାଇଦ୍ରାବାଦର ଆଇସିଆର୍‌ଆଇଏସ୍‌ଏଟି ସଂସ୍ଥା ପକ୍ଷରୁ ମହାଶକ୍ତି ଫାଉଣ୍ଡେସନକୁ ସୋହେଲା ବ୍ଲକ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ତେବେ ମହାଶକ୍ତି ଫାଉଣ୍ଡେସନ ନିଜର ଦାୟିତ୍ୱ ଠିକ୍ ଭାବେ ନକରି ରାତାରାତି ଅଧିକ ଉପାର୍ଜନ କରିବା ଆଶାରେ ଚାଷୀଙ୍କୁ ଜଣପ୍ରତି ୫ରୁ ୧୦ କେଜି ବିହନ ବଣ୍ଟନ କରିଥିଲା। ହେଲେ କାଗଜପତ୍ରରେ ଜଣପ୍ରତି ୮୦ ରୁ ୯୫ କେଜି ପର୍ଯ୍ୟନ୍ତ ଦିଆଯାଇଥିବା ପ୍ରକାଶ କରିଥିଲା। ମହାଶକ୍ତି ଫାଉଣ୍ଡେସନର ଏଭଳି କଳାକାରନାମା ବା ଦୁର୍ନୀତି ବିଷୟରେ ସୂଚନା ଚାଷୀ ମାନେ ଆର୍‌ଟିଆଇର ସହାୟତାକ୍ରମେ ଜାଣିବାକୁ ପାଇଥିଲେ। ଏନେଇ ଚାଷୀ ମହାଶକ୍ତି ଫାଉଣ୍ଡେସନ ନାମରେ ବରଗଡ଼ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତେବେ ଚାଷୀ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ ତଦନ୍ତ ଆଳ ଦେଖାଇ ବର୍ଷାଧିକ କାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନଥିଲା। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତଦନ୍ତକାରୀ ବିଭାଗୀୟ ଅଫିସର ମାନଙ୍କ ପ୍ରତି ବିଶ୍ୱାସ ନଥିବା ଚାଷୀ ପ୍ରକାଶ କରିଛନ୍ତି। ଏନେଇ ତଦନ୍ତକାରୀ ଟିମ୍ ସହିତ ଥିବା ସହକାରୀ କୃଷି ଅଧିକାରୀଙ୍କୁ ପଚାରିବାରୁ ମହାଶକ୍ତି ଫାଉଣ୍ଡେସନକୁ ସବିଶେଷ ତଥ୍ୟ ଜମାଦେବାକୁ ବାରମ୍ବାର ଚିଠି କରିଥିଲେ ମଧ୍ୟ ସେମାନେ କୌଣସି ତଥ୍ୟ କୃଷି ବିଭାଗକୁ ଦେଉନଥିବା ପ୍ରକାଶ କରିଥିଲେ। ତେବେ କୃଷି ବିଭାଗର ନିର୍ଦ୍ଦେଶକୁ ପାଳନ କରୁ ନଥିବା ଏକ ସଂସ୍ଥାକୁ କାହାସ୍ୱାର୍ଥରେ ପୁଣି ପରିଚାଳନା ଦାୟିତ୍ୱ ଦିଆଯାଉଛି ସେନେଇ ଚାଷୀ ମହଲ ପକ୍ଷରୁ ପ୍ରଶ୍ନ କରାଯାଇଛି। ପ୍ରଶାସନିକ ଅଧିକାରୀ ଓ ସମ୍ପୃକ୍ତ ଏନ୍‌ଜିଓ ସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ସନ୍ଦେହ ସୃଷ୍ଟି ହୋଇଛି।

# ଧନୁଯାତ୍ରା ତୋରଣ ନିର୍ମାଣକୁ ବିରୋଧ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବରଗଡ଼, ୧୮।୯(ସମିସ)**



ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ଉଦ୍ୟମରେ ଗୁରୁବାର ଥାନା ଛକ ଠାରେ ଛ'ନମ୍ବର୍ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ପୂର୍ବରୁ ଗାନ୍ଧୀ ଛକ, ସମ୍ବଲପୁର ପଟରୁ ଆସିବା ବେଳେ ଓଭରବ୍ରିଜ ପରେ ଗୋଟେ ତୋରଣ, ଭେଡେନ ରାସ୍ତାରେ, ହଳଦୀ ପାଲି ଛକରେ, ଅମ୍ବାପାଲି ଛକରେ ଗୋଟିଏ ଲେଖାଁ ତୋରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏବେ ଥାନା ଛକ ଠାରେ ଏକ ସୁଉଚ୍ଚ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ କିଛି ଅସାମାଜିକ ବ୍ୟକ୍ତି ଏହାର ବିରୋଧ କରିଥିବା ଜଣାପଡ଼ିଛି। ଏଣୁ ହାଟପଦା କମିଟି, ରାଜଦରବାର କମିଟି ଏବଂ ହାଟପଦା ଦୁର୍ଗା ମନ୍ଦିର ସଦସ୍ୟ ତଥା ହାଟପଦାର ବିଶିଷ୍ଟ ବ୍ୟକ୍ତି ମାନେ ବରଗଡ଼ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗୁରୁବାର ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହ ସାକ୍ଷାତ କରି ଏ ବିଷୟରେ ଆଲୋଚନା କରିଛନ୍ତି। ବରଗଡ଼ ରାଜୀବ ଗାନ୍ଧୀ ଛକ (ଥାନା ଛକ)ଠାରେ ଏକ ଧନୁଯାତ୍ରା ତୋରଣ ନିର୍ମାଣ କରାଯାଉଛି। କିଛି ଲୋକ ଏହାର ନିର୍ମାଣକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ତୋରଣ ନିର୍ମାଣ ଦ୍ୱାରା ବରଗଡ଼ ସହରର ସୌନ୍ଦର୍ଯ୍ୟକରଣ ହେବାସହ ହାଟପଦା ବାସୀ ଉପକୃତ ହେବେ ବୋଲି କୁହାଯାଇଛି। ଥାନା ଛକର ପୂର୍ବ ଦିଗକୁ ମାଁ ଶ୍ୟାମାକାଳୀ ମନ୍ଦିର, ପଶ୍ଚିମ ଦିଗକୁ ମାଁ ସମଲେଶ୍ୱରୀ ମନ୍ଦିର ଓ ଦକ୍ଷିଣ ଦିଗକୁ ହାଟପଦାରେ ଥିବା ମାଁ ଦୁର୍ଗାଙ୍କ ମନ୍ଦିରକୁ ରାସ୍ତା ଯାଇଛି। କୌଣସି ପର୍ଯ୍ୟଟକ ବରଗଡ଼କୁ ଆସିଲେ ଏହି ସ୍ଥାନରେ ମନରେ ଆଧ୍ୟାତ୍ମିକ ଭାବ ଜାଗ୍ରତ ହେବା ସହ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସ୍ମାରକୀ ତୋରଣକୁ ଦେଖି ଏହାର ଗୌରବକୁ ଅନୁଭବ କରି ପାରିବେ। ଆଇନଜୀବୀ ରାଜେନ୍ଦ୍ର ସିଂ, ଆଇନଜୀବୀ ବୀରେନ ହାତୀ, ଉଦ୍ଧବ ଡାଙ୍ଗ, ରାଜ ବିଶି, ରାଜୁରାଏ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଜି ଦାବିପତ୍ର ପ୍ରଦାନ କରିବା ସହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ ବୋଲି କହିଥିଲେ।

# ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ପାଇକମାଲ, ୧୮।୯(ସମିସ):** ସଂଯୁକ୍ତ କୃଷକ ସଂଗଠନ ତରଫରୁ ନୃସିଂହନାଥ ରାମଚଣ୍ଡୀ ମନ୍ଦିର ଠାରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପ୍ରଗତିଶୀଳ ୧୭ଟି କୃଷକ ସଂଗଠନର ୪୦୦ ପ୍ରତିନିଧି ଯୋଗ ଦେଇଥିଲେ। ସଭାରେ ୧୦୯ ବର୍ଷିଆନ ଶ୍ରୀପତି ପଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଧାନ ପଞ୍ଜୀକରଣକୁ ତୁରନ୍ତ ଆରମ୍ଭ କରାଯାଉ, ସୁଲଭ ମୂଲ୍ୟରେ ରାସାୟନିକ ସାର ଯୋଗାଇ ଦିଆଯାଉ, ମାଣ୍ଡିଆଡ଼ିପା ଠାରେ ପୂର୍ବ ସରକାରଙ୍କ ଦ୍ୱାରା ଘୋଷିତ ଆଡିବନ୍ଧଙ୍କୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ମତ ପ୍ରକାଶ ପାଇଥିଲା। ଖାଦ୍ୟର ଗୁଣବତ୍ତା ବଜାୟ ରଖିବା ପାଇଁ ସମସ୍ତେ ପ୍ରାକୃତିକ ବା ଜୈବିକ ଚାଷ କରିବା ନିଷ୍ପତ୍ତି ନିଆଯାଇଛି ଏବଂ ବରଗଡ଼ ଜିଲ୍ଲାକୁ କୃଷି ଜିଲ୍ଲା ଘୋଷଣା କରାଯାଉ, ପରେ ବକ୍ତାମାନେ ଚାଷୀଙ୍କୁ ସଂଘଟିତ ହୋଇ ଅଧିକାର ସଚେତନତା ପାଇଁ ଗାଁ ଗାଁରେ ସର୍ବ ସମ୍ମତ କ୍ରମେ ସଭାସମିତି କରିବା ପ୍ରସ୍ତାବ ପାରିତ କରାଗଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ରମେଶ ମହାପାତ୍ର, ଅଶୋକ ସାହୁ, ଅଜିତ ଶତପଥୀ, ଉତ୍ପନ୍ନ ଭୋଇ, ରାଜେନ୍ଦ୍ର ଦେହେରୀ, ଅଭିମନ୍ୟୁ ପଧାନ, ଥବିର ସାହୁ, ସୁବାସ ବିଶ୍ୱାଳ, ଟିକେଲାଲ ମିଶ୍ର, ସୁଦାମ ପାତ୍ର, କାରଣ ସାହୁ, ତପନ ମିଶ୍ର, ସୁବାସ ପଧାନ, ସାମନ୍ତ ସାହୁ, ମୁରଲୀ ଭୋଇ, ଅରବିନ୍ଦ ପଣ୍ଡା, ବୀରବଳ ମହାକୁଡ, ବୈଲୋଚନ ଭୋଇ, ବିଚିତ୍ରାଣନ୍ଦ ପାତ୍ର, ରୋହିତ ପଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭୋଜନ ବ୍ୟବସ୍ଥାରେ ଚିତ୍ତରଞ୍ଜନ ପଧାନ, ମନୋଜ ବାରିକ, ଦୀନବନ୍ଧୁ ବାରିକ ରହିଥିବା ବେଳେ ଲିଙ୍ଗରାଜ ପଧାନ ଧନ୍ୟବାଦ ଦେଇଥିଲେ।



# ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବେ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଛାତ୍ର ବିବାନ୍




**ବରଗଡ଼, ୧୮।୯(ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ପଞ୍ଚମ ଶ୍ରେଣୀର ଛାତ୍ର ବିବାନ୍ ପଟ୍ଟନାୟକ ଜାତୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ରୋହତକକୁ ଯାଇଛନ୍ତି। ଗତମାସ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଫାର୍ ଇଷ୍ଟ ଜୋନ୍ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପଶ୍ଚିମବଙ୍ଗ, ଛତିଶଗଡ଼, ମଣିପୁର, ଆସାମ ଆଦି ପଡୋଶୀ ରାଜ୍ୟରୁ ପ୍ରାୟ ୯୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିରେ ବିବାନ୍ ପଟ୍ଟନାୟକ ୧୧ ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଜାତୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଏହି ଜାତୀୟ ସନ୍ତରଣ ପ୍ରତିଯୋଗିତା ରୋହତକରେ ଆୟୋଜିତ ହେଉଛି। ଏଥିରେ ଭାଗ ନେବା ପାଇଁ ବିବାନ୍ ପଟ୍ଟନାୟକ ବୁଧବାର ଏଠାରୁ ଯାତ୍ରା କରିଛନ୍ତି। ବିଦ୍ୟାଳୟର ଚେୟାରମ୍ୟାନ୍ ସୁମନ ସାଓଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ୍ କରନ ସାହୁ ଏବଂ ସିଦ୍ଧାର୍ଥ ସାଓଡିଆଙ୍କ ସହିତ ପରିଚାଳନା ସମିତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ତାଙ୍କର ସଫଳତା କାମନା କରିଛନ୍ତି।

## ଶିକ୍ଷକ ମାମରାଜଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ଥୁଆପାଲି, ୧୮।୯(ସମିସ):** ପବିତ୍ର ବିଶ୍ୱକର୍ମା ପୂଜା ଓ ଶିକ୍ଷକ ମାମରାଜ ସାହୁଙ୍କ ସ୍ମୃତିରେ ଭେଡେନ ବ୍ଲକ ଅଧୀନ ତାଲମେଣ୍ଡା ଗାଁର କଲ୍ୟାଣ ମଣ୍ଡପ ଠାରେ ନିଷ୍ଠା ପରିବାର ଓ କଳା ପ୍ରତିଭା ଖୋଜ କୁଟୁମର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ୱତନ୍ତ୍ର ଅତିଥି ଭାବେ ଭୂମିସୂତା ଭୋଇ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କେଶବ ଚନ୍ଦ୍ର ସାହୁ, କଳା ପ୍ରତିଭା ଖୋଜ କୁଟୁମ୍ ସଭାପତି ଖଗେଶ୍ୱର ଭୋଇ, କମଳା କାନ୍ତ ସାହୁ, କ୍ଷେତ୍ରବାସୀ ପ୍ରଧାନ ପ୍ରମୁଖ ଶିବିରର ଶୁଭାରମ୍ଭ କରିଥିଲେ। ମୋଟ ୪୧ ୟୁନିଟ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶିବିରକୁ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ, ଉପସଭାପତି କ୍ଷିରୋଦ୍ର ସାହୁ, ଖଗେଶ୍ୱର ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ରାତ୍ର ପ୍ରଧାନ, ହେମାଞ୍ଚଳ ସାହୁ, ଜୟନ୍ତ ପ୍ରଧାନ, ମାନସ ମେହେର, ସରୋଜ ସାହୁ, ମାନି ଭୋଇ, ମାଧବ ସାହୁ ଓ ଅନ୍ୟ ସଦସ୍ୟ ସଦସ୍ୟା, କଳା ପ୍ରତିଭା ଖୋଜ କୁଟୁମ୍‌ର ସଦସ୍ୟ ଓ ତାଲମେଣ୍ଡା ଗ୍ରାମବାସୀ ପରିଚାଳନା କରିଥିଲେ। ଶେଷରେ ରକ୍ତଦାନ ଶିବିର ଆୟୋଜନ ପାଇଁ ଆୟୋଜକ ମାନଙ୍କୁ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତ ଦାତା, ସହଯୋଗୀ ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

**୪୧ ୟୁନିଟ୍ ରକ୍ତ ସଂଗ୍ରହ**

## ଜିଲ୍ଲାସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ଆଲୋଚନାଚକ୍ର

**ପଦ୍ମପୁର, ୧୮।୯(ସମିସ):** ମାନସିକ ଭାବେ ଅସୁସ୍ଥ ବ୍ୟକ୍ତିଙ୍କ ସାମଗ୍ରିକ ବିକାଶ ପାଇଁ ବେସିକ୍ ସିଡ୍ ଇଣ୍ଡିଆ ସହାୟତାରେ ପଲ୍ଲୀ ଆଲୋକ ପାଠାଗାର ପକ୍ଷରୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟର ସଭାଗୃହ ଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଅଧିକାରୀ ଡା.ଆଶୁତୋଷ ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଲୋକ ପାଠାଗାରର ସମ୍ପାଦକ ପ୍ରଶାନ୍ତ ନାୟକ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜଣାଇଥିଲେ। ପ୍ରୋଗ୍ରାମ ଅଫିସର ହୀରାଲାଲ ମିଶ୍ର ପ୍ରକଳ୍ପର ପ୍ରଗତି ବିଷୟରେ ଉପସ୍ଥାପନ କରିଥିଲେ। ବିଏନଆଇରୁ ରାଜ୍ୟ ସଂଯୋଜକ ରାଜୀବ କର୍ମୀ ମାନସିକ ସ୍ୱାସ୍ଥ୍ୟ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପିଏସ୍‌ଡବ୍ଲ୍ୟୁ ଫକୀରମୋହନ ବାଗ ଜିଲ୍ଲା ସ୍ତରରେ ଥିବା ମନସିକ ରୋଗର ଚିକିତ୍ସା ଓ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରିଥିଲେ। ପଦ୍ମପୁର ବ୍ଲକ ମଣ୍ଡଳ ଅଧିକାରିଣୀ ଗୋଲି ରାଉତ ପାଠାଗାର କର୍ମକର୍ତ୍ତା ବ୍ଲକ ମୁଖ୍ୟ କିରାଣୀ ରମେଶ ଚନ୍ଦ୍ର ବରିହା, ମାଣ୍ଡିଆ ଡିପା ଓ କରମେଲାବହାଲ ସରପଞ୍ଚ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ସମସ୍ତଙ୍କୁ ଶ୍ରୀରଞ୍ଜନ ପାଣ୍ଡେ ଧନ୍ୟବାଦ ଜଣାଇଥିଲେ।

## ମହିଳା ସ୍ନାତକ ମହାବିଦ୍ୟାଳୟରେ ପ୍ରାଥମିକ ସହାୟତା ପ୍ରଶିକ୍ଷଣ

**ପଦମପୁର, ୧୮।୯(ସମିସ):** ମହିଳା ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ସହାୟତା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନାରାଣୀ ନାଥ ତାଙ୍କର ସଭାପତିତ୍ୱ ଅଭିଭାଷଣରେ ପ୍ରାଥମିକ ସହାୟତାର ଆବଶ୍ୟକତା ଓ ଉପକାରିତା ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଝାରବନ୍ଧ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ତଥା ପ୍ରାଥମିକ ସହାୟତା ପ୍ରଶିକ୍ଷକ ଡ.ଖ୍ୟାତିମୟ ତ୍ରିପାଠୀ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଦୁର୍ଘଟଣା ତଥା ବିଭିନ୍ନ ଶାରୀରିକ ଅସୁସ୍ଥତା ଏବଂ ତାର ପ୍ରାଥମିକ ସହାୟତା ଓ ଉପଚାର ସମ୍ବନ୍ଧେ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳର ଯୁବ ରେଡକ୍ରସ କାଉନସିଲର ସଙ୍ଗୀତା ଗୌନ୍ତିଆ ପ୍ରାଥମିକ ସହାୟତାକୁ 'ଜୀବନ ବଞ୍ଚାଇବା କୌଶଳ' ଭାବେ ବର୍ଣ୍ଣନା କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅନ୍ୟତମ କାଉନସିଲର କାଦମ୍ବିନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ବାଳକ ବିଦ୍ୟାଳୟ କ୍ଲଷ୍ଟରରେ 'ଆସ ସ୍କୁଲ ଯିବା' ଅଭିଯାନ

**ବରଗଡ଼, ୧୮।୯(ସମିସ):** ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ବରଗଡ଼ ବ୍ଲକରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏଥିପାଇଁ ଓଡ଼ିଆ ବାଳକ ବିଦ୍ୟାଳୟ କ୍ଲଷ୍ଟରର ସିଆରସିସି ଅର୍ଚିତା ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ବର୍ତ୍ତମାନ ସୁଦ୍ଧା କ୍ଲଷ୍ଟରର ଅଧାରୁ ପାଠପଢ଼ା ଛାଡିଥିବା ୨୬ ଛାତ୍ରଛାତ୍ରୀ 'ଆସ ସ୍କୁଲ ଯିବା ଅଭିଯାନ'ରେ ସାମିଲ ହୋଇଛନ୍ତି। ଏହି ୨୬ ଜଣଙ୍କ ମଧ୍ୟରେ ୩ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମଧ୍ୟ ପାଠପଢ଼ାରୁ ବଞ୍ଚିତ ଥିଲେ। ସେଥିରେ ଶ୍ରିୟା ସିଂଙ୍କୁ ତାଙ୍କ ଅଭିଭାବକ ବିଦ୍ୟାଳୟରେ ନାମ ଲେଖାଇବାକୁ ମନା କରୁଥିବା ସତ୍ତ୍ୱେ ସିଆର୍‌ସିସି ଅର୍ଚିତା ପାଣିଗ୍ରାହୀ ବାରମ୍ବାର ତାଙ୍କ ଘରକୁ ଯାଇ ସୈରେନ୍ଦ୍ରୀ ଆଚାର୍ଯ୍ୟଙ୍କ ସହିତ ଅଭିଭାବକଙ୍କୁ ବୁଝାଇ ଥିଲେ। ଅମ୍ବାପାଲି ଅଞ୍ଚଳର ଡ୍ରପ୍‌ଆଉଟ ଛାତ୍ରଛାତ୍ରୀଙ୍କୁ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଗଲା। ସେଥିପାଇଁ ଭୁରସୁଙ୍ଘ ବନ୍ଧ, ବଳିଟିକରା ଇତ୍ୟାଦି ଅଞ୍ଚଳରୁ ମଧ୍ୟ ପାଠଛଡା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇଛି। ସେମାନଙ୍କ ମଧ୍ୟରେ ଟୁନା ରଣା, ବିକାଶ ବେହେରା, ଅରବାଜ୍ ଖାନ୍, ରାଜତ ବେହେରା, ରୁକ୍ମିଣୀ ନାୟକ, ଗୁଣମଣି ଆଣ୍ଡିଲ୍, ଅମନ୍ ସନ୍ଧା, ନିରନ୍ ପତ୍ର, ଅନିତା ଆଣ୍ଡିଲ୍, ଲଳିତା ରାୟନ୍ତିଆ ରହିଛନ୍ତି। ଏହି ସଫଳତା ପଛରେ ଶିକ୍ଷକ ସୁଦୀପ୍ତ ପାଣିଗ୍ରାହୀ, ଶିକ୍ଷକ ମନୋଜ ଦାଶ, ଶିକ୍ଷକ ପ୍ରଦୀପ ଶତପଥୀ, ତେଜରାଜ ହୋତା, ରଜନୀ ପାତ୍ର, ପ୍ରଧାନଶିକ୍ଷକ ସୁଦୀପ ରଥ, ଶିକ୍ଷୟିତ୍ରୀ ସୁନିତା ମିଶ୍ରଙ୍କ ସହିତ ଅନ୍ୟାନ୍ୟ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ ଦେଇଛନ୍ତି।

## କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପରଲୋକ

**ବରଗଡ଼, ୧୮।୯(ସମିସ):** ବରଗଡ଼ ଜିଲ୍ଲା ତୋରା ଗାଁର ସମାଜସେବୀ କୃଷ୍ଣଚନ୍ଦ୍ର ମହାପାତ୍ର(୭୬)ଙ୍କ ଗୁରୁବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘ ଦିନରୁ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଦୁଇ ପୁଅ ଓ ଗୋଟିଏ ଝିଅ ରହିଥିଲେ। ସେ ତୋରା ଯୁକ୍ତ ଦୁଇ ଓ ତିନି କଲେଜର ପ୍ରତିଷ୍ଠାତା ଥିଲେ। ସେ କଲେଜରେ ସଭାପତି ଓ ସମ୍ପାଦକ ପଦରେ ରହି କଲେଜ ପରିଚାଳନା କରୁଥିଲେ। ତୋରା ସମବାୟ ସମିତି ଲିଃରେ ମଧ୍ୟ ଡାଇରେକ୍ଟର ପଦରେ ଥିଲେ। ତାଙ୍କ ବିୟୋଗରେ ମନୋରଞ୍ଜନ ସାହୁ, ସୌଭାଗ୍ୟ ରଞ୍ଜନ ନାୟକ, ଲକ୍ଷ୍ମଣ ନନ୍ଦ, ପ୍ରଦୀପ ଷଡଙ୍ଗୀ, ମନୋଜ ମେହେର, ତୋରା ସୋସାଇଟି ସଭାପତି ଅନନ୍ତ ନାରାୟଣ ଭୋଇ, ଅଧ୍ୟାପକ ଶ୍ରୀରାମ କର, ଡ.ପ୍ରତୀଭା ଦାଶ, ଝୁଲିନା ପତି, ସୁନିଲ ଦାସ, ନନ୍ଦିଘୋଷ ଭୋଇ, ସୁରେଶ ପରିଡ଼ା, କୈଳାସ ନାୟକ, ତୋରା ସରପଞ୍ଚ ଦେବରାଜ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବଡ ପୁଅ ହିମାଂଶୁ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



■ ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ

# ତୃତୀୟ ଦିନରେ ସିମେଣ୍ଟ ନଗର ଓ ପତିକାରପାଲି ଦଳ ବିଜୟୀ

**ବରଗଡ଼, ୧୮।୯(ସମିସ):** ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ସିମେଣ୍ଟ ନଗର ଦଳ ଓ ପତିକାର ପାଲି ଦଳ ବିଜୟୀ ହୋଇଛନ୍ତି। ଆଜି ବିଆର୍ ଆମ୍ବେଦକର କ୍ଲବ୍, ସିମେଣ୍ଟ ନଗର ଦଳ ଓ ଜେୱାଇକେ ଜମୂର୍ଡା ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସିମେଣ୍ଟ ନଗର ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ କିରଣ ସିଂ ଏକ ମାତ୍ର ଗୋଲ ଦେଇଥିଲେ। ଏହି ମ୍ୟାଚ୍‌କୁ ଶ୍ରୀନିବାସ ରାଓ ପରିଚାଳନା କରିଥିବା ବେଳେ, ତାଙ୍କୁ ଲାଇନରେ ଶଙ୍କର୍ଷଣ ପ୍ରଧାନ, ସଚିନ ଭୁଏ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ରଞ୍ଜୁ ଛତ୍ରିଆ। ଦ୍ୱିତୀୟ ମ୍ୟାଚ୍ ଜେଜେଏସି ବାଗବାଡି ଓ ପାତୀକାର ପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପତିକାର ପାଲି ଦଳ ୨-୦ ଗୋଲରେ ମ୍ୟାଚ୍‌କୁ ଜିତି ଥିଲା। ଦଳ ପକ୍ଷରୁ ଭିକୁ ନାୟକ ଓ ରଞ୍ଜିତ ଗଡ଼ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦ୍ୱିତୀୟ ଖେଳକୁ ଗୋପାଳ ନାୟକ ପରିଚାଳନା କରିଥିବା ବେଳେ ସନ୍ତୋଷ ପ୍ରଧାନ, ସୁଦାମ ବାରିକ ଲାଇନରେ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ପଞ୍ଚାନନ ପାତ୍ର ଥିବା ବେଳେ ମ୍ୟାଚ୍ କମିସନର ସଚ୍ଚିଦାନନ୍ଦ ପଣ୍ଡା ରହିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପତିକାର ପାଲି ଦଳର ରଞ୍ଜିତ ଗଡ଼ଙ୍କୁ ଜିଲ୍ଲା କ୍ରୀଡା ସଂସଦ କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ ଓ ପ୍ରାକ୍ତନ ଫୁଟବଲ ଖେଳାଳି ଗଙ୍ଗା ମଲ୍ଲିକ ପୁରସ୍କୃତ କରିଥିଲେ। ଶୁକ୍ରବାର ଜେଜେଏଫ୍‌ଏ ଅମସ୍ତଲା ଓ ଜେଜେଏଫ୍‌ସି ଘନାମାଲ ଏବଂ ବିକାଶ ସ୍କୁଲ ବରଗଡ଼ ଓ ବିଆର ଆମ୍ବେଦକର କ୍ଲବ୍ ବିଶିପଡ଼ା ମଧ୍ୟରେ ଅନୁଷ୍ଠିତ ହେବ।



# ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ଧୁମ୍‌ଧାମ୍‌ରେ ପାଳିତ







## ଘେଁସ ଉତ୍ସବ ମୁଖର

**ମେଲଛାମୁଣ୍ଡା, ୧୮।୯(ସମିସ)**

ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଇଁ ଘେଁସ ଓ ଅଞ୍ଚଳର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। ଘେଁସ ତେଲିପଡ଼ା ଠାରେ ଅନୁଷ୍ଠିତ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଇଁ ଗାଁର ଶତାଧିକ ଭକ୍ତଗଣ ସ୍ଥାନୀୟ ପୁଡିବନ୍ଧରୁ ପବିତ୍ର ଜଳ ସଂଗ୍ରହ କରି ଏକ ଭବ୍ୟ କଳସ ଶୋଭାଯାତ୍ରାରେ ପୂଜାମଣ୍ଡପରେ ପହଞ୍ଚିଥିଲେ। ପଣ୍ଡିତ ଡୋଲାମଣି ସାବତଙ୍କ ପୌରୋହିତ୍ୟରେ ବିଧିମତେ ମନ୍ତ୍ରୋଚ୍ଚାରଣ ଓ ଶୁଦ୍ଧି ପରେ ପୂଜାମଣ୍ଡପରେ କଳସ ସ୍ଥାପନ ହୋଇ ପୂଜାରମ୍ଭ ହୋଇଥିଲା। ମୁକେଶ ସେଠ୍ ଓ ତାଙ୍କ ଧର୍ମପତ୍ନୀ ଲିଜା ସେଠ୍ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନୋରଞ୍ଜନ ସକାଶେ ଘଣ୍ଟବାଦ୍ୟ, ସଂକୀର୍ତ୍ତନ, କଲଙ୍ଗୀନାଚ, ଦଣ୍ଡନୃତ୍ୟ ପ୍ରଭୃତି କାର୍ଯ୍ୟକ୍ରମ ହୋଇଥିଲା। ଛୋଟଛୋଟ ପିଲାମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଖେଳକୁଦର ଆୟୋଜନ ହୋଇ କୃତୀ ପିଲାମାନଙ୍କୁ ନଗଦରାଶି ପ୍ରଦାନକରି ଉତ୍ସାହିତ କରାଯାଇଥିଲା। ସେହିପରି ଗାଡିମାଲିକ ଓ ଡ୍ରାଇଭର ମହାସଂଘ ପକ୍ଷରୁ ବସଷ୍ଟାଣ୍ଡରେ ଏବଂ ସ୍ଥାନୀୟ ବିଦ୍ୟୁତ ଅଫିସ (ଗ୍ରୀଡ) ଠାରେ ମଧ୍ୟ ବଡ ଧୁମଧାମରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ହୋଇଯାଇଛି।

## ପାଇକମାଲ ଗ୍ରୀଡ୍ ସବଷ୍ଟେସନ

**ପାଇକମାଲ:** ପାଇକମାଲ ଗ୍ରୀଡ୍ ସବଷ୍ଟେସନ ପରିସରରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ପାଇକମାଲ ସବଡିଭିଜନର ସମସ୍ତ ବିଦ୍ୟୁତ କର୍ମଚାରୀମାନେ ମିଳିମିଶି ଶୋଭାଯାତ୍ରାରେ ଶିବ ମନ୍ଦିର ଘାଟରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ବିଶ୍ୱଜିତ ପ୍ରଧାନ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ତୁଲାଇ ଥବା ବେଳେ ପ୍ରେମାନନ୍ଦ ଦେବତା ପୂଜାର୍ଚ୍ଚନା ରୀତିନୀତି ଅନୁସାରେ କରିଥିଲେ। ପାଇକମାଲ ଏସଡିଓ ମନୋରଞ୍ଜନ ନାୟକ, ଜେଇ ପ୍ରକାଶ ସିଂ, ଜେଇ ସତ୍ୟଜିତ ଘଡେଇ ଓ ସମସ୍ତ ୧୧୨ଜଣ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସୁନ୍ଦର ଭାବେ ପରିଚାଳିତ ହୋଇଛି। ଅପରାହ୍ଣ ଓ ରାତିରେ ଅନ୍ନଛତ୍ର ଭୋଜନ ଭୋଜନ ସହ ପ୍ରସାଦ ଜନସାଧାରଣଙ୍କୁ ବଣ୍ଟନ କରାଯାଇଥିଲା। ବରଗଡ଼ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଅନୁପମ ଦାସ, ଅଧିକ୍ଷଣ ଯନ୍ତ୍ରୀ ଦେବଦତ୍ତ ସବ୍ୟସାଚୀ ପ୍ରମୁଖ ପାଇକମାଲ ବିଶ୍ୱକର୍ମା ପୂଜା ଦର୍ଶନ କରିଥିଲେ। ସେହିପରି ଜାମସେଠ ଓ ମାଣ୍ଡୋସିଲ ମଧ୍ୟ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା।



## ଝେଙ୍ଗନାଡିହିରେ ନୃତ୍ୟ ପ୍ରତିଯୋଗିତା

**ପାଇକମାଲ:** ପାଇକମାଲ ବ୍ଲକର ଭେଙ୍ଗରାଜପୁର ପଞ୍ଚାୟତ ଝେଙ୍ଗନାଡିହି ଗାଁରେ ଗାଡି ମାଲିକ ସଂଘର ସଭାପତି ଧନୁରଣାଙ୍କ ଅଧ୍ୟକ୍ଷତାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି। ବିଶ୍ୱକର୍ମା ପୂଜାରେ ନୃତ୍ୟ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସୁରେନ୍ଦ୍ର ସିଂ ବରିହା ଓ ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ମିଶ୍ର, ପ୍ରିତି ମିର୍ଦ୍ଧା, ପ୍ରମୋଦ ବାରିକ ଓ ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ସୁନା ଯୋଗ ଦେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ସର୍ବମୋଟ ୩୫ଟି ନୃତ୍ୟ ପ୍ରତିଯୋଗୀ ଥିଲେ। ଏମାନଙ୍କ ମଧ୍ୟରୁ ଲକ୍ଷ୍ମପ୍ରିୟା ମିର୍ଦ୍ଧା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏମଏସ ଗ୍ରୁପ ବିଲାସପୁର ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଓ ରୋଶନୀ ଶେଠ ଓ ନିହା ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମଞ୍ଚକୁ କୈଳାସ ରଣା ପରିଚାଳନା କରି ଶେଷରେ ଧନ୍ୟବାଦ ଦେଇଥିଲେ।

## ଭେରୁଆମୁଣ୍ଡାରେ ନୃତ୍ୟ ପ୍ରତିଯୋଗିତା

**ପାଇକମାଲ:** ପାଇକମାଲ ବ୍ଲକ ଭେରୁଆମୁଣ୍ଡାରେ ବିଶ୍ୱକର୍ମା ପୂଜା ଅବସରରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅତିଥି ଭାବେ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ରଞ୍ଜନ ମାଝୀ, କେଶବ ସାହୁ, ବିପିନ୍ ବିହାରୀ ସାହୁ, ଯୁଧିଷ୍ଠିର ବେହେରା, ଧନୁ ବରିହା, ଦୟାନିଧି ବରିହା, ସୁରୁସିଂ ମାଝୀ, ପରମେଶ୍ୱର ମାଝୀ, ଗିରିଶ ବେହେରା, ରବୀନ୍ଦ୍ର ପସାୟତ, ମତିରାମ ମାଝୀ, କିର୍ତ୍ତି ପୁଝାରୀ, ହରିଶ୍ଚନ୍ଦ୍ର ବରିହା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରଜରାଜ ସାହୁ ସଭା ପରିଚାଳନା କରିଥିଲେ। ଗାଁର ବିଶ୍ୱକର୍ମା ଯୁବକ ସଂଘର କର୍ମକର୍ତ୍ତା ତଥା ଗାଁବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ପୁଣି ସମ୍ବଲପୁରକୁ ଜଣ୍ଡିସ ଆଶଙ୍କା

**ସମ୍ବଲପୁର, ୧୮।୯ (ସମିସ)**

ସମ୍ବଲପୁରକୁ ପୁଣି ଘାରିଛି ଜଣ୍ଡିସ ଭୟ। ମହାନଗର ନିଗମ ଅନ୍ତର୍ଗତ ମାନେଶ୍ୱରଠାର ପାଣି ନମୁନା ପରୀକ୍ଷା କରି ଏହା ବ୍ୟବହାରଯୋଗ୍ୟ ନୁହେଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୱାଟ୍‌କୋକୁ ପତ୍ର ଲେଖିବାପରେ ସବୁ ମହଲରେ ହଇଚଇ ହୋଇଥିଲା। ଆଗାମୀ ଦିନରେ ଜଣ୍ଡିସ, ଡାଇରିଆ ଭଳି ରୋଗ ବ୍ୟାପିବା ଏଡ଼ାଇବାକୁ ସତର୍କ କରିଥିବାବେଳେ ଅଶୋଧିତ ପାଣି (ର' ୱାଟର) ପରୀକ୍ଷା କରାଯାଇଥିଲା ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଥିଲା। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳ ବିଶୁଦ୍ଧ ଏବଂ କୌଣସି ସମସ୍ୟା ନାହିଁ ବୋଲି ଏକ ପତ୍ର ସାର୍ବଜନୀନ କରାଯାଇଥିଲା। ତେବେ, ସମ୍ବଲପୁର ସହରରେ ପ୍ରତିବର୍ଷ ଲୋକେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହେଉଥିବାବେଳେ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ଜଳଯୋଗାଣ ପାଇପ ପରିବର୍ତ୍ତନ ଏବଂ ଜଳ ବିଶୋଧନାଗାର ସକାଶେ ଦେଉଥିବା କୋଟି କୋଟି ଟଙ୍କା ଯାଉଛି କୁଆଡ଼େ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଏହାସହିତ ୱାଟ୍‌କୋ, ସ୍ୱାସ୍ଥ୍ୟ ବିଭାଗ, ମହାନଗର ନିଗମ, ପୂର୍ତ୍ତ ବିଭାଗ ଆଦି ବିଭାଗ ଗୁଡ଼ିକ ମଧ୍ୟରେ ସମନ୍ୱୟର ଅଭାବ ଦେଖାଦେଉଛି। ଏପରିସ୍ଥଳେ 'ବେଳ ହୁଁ ସାବଧାନ' ନୀତିରେ ଜିଲ୍ଲା ପ୍ରଶାସନ ସମ୍ବଲପୁରବାସୀଙ୍କ ହିତରେ ମହାନଗରର ୪୧ଟି ୱାର୍ଡରେ ପାନୀୟ ଜଳଯୋଗାଣ ଯାଞ୍ଚ ଓ ଆବଶ୍ୟକସ୍ଥଳେ ମରାମତି କରିବାକୁ ଦାବି ହେଉଛି।

ସମ୍ବଲପୁର ସହରର ବିଭିନ୍ନ ପଡ଼ା ଅଞ୍ଚଳରେ ଏବେ ବି ଜଳଯୋଗାଣ ପାଇପ୍ ନାଳ ଭିତରେ ଯାଇଛି। କେତେକ ସ୍ଥାନରେ ଉକ୍ତ ପାଇପ୍ କୌଣସି କାରଣ ଯୋଗୁଁ ଫାଟି ଦୂଷିତ ଜଳ ଘର ମାନଙ୍କୁ ଯୋଗାଣ ହୋଇଥିବା ନଜିର ରହିଛି। ନାଳ ଭିତରେ ଜଳଯୋଗାଣ ପାଇପ୍ ନନେଇ ତାହାକୁ ରାସ୍ତାର ଅନ୍ୟପଟେ ନେବା କିମ୍ବା କୌଣସି ବିକଳ୍ପ ବ୍ୟବସ୍ଥା କରିବାକୁ ବାରମ୍ବାର ପ୍ରସ୍ତାବ ଦିଆଯାଇଛି। ୨୦୧୪ ମସିହାରେ ସମ୍ବଲପୁର ସହରରେ କାମଳ (ଜଣ୍ଡିସ) ମହାମାରୀ ଭାବେ ବ୍ୟାପି ହଜାର ହଜାର ଲୋକ ଆକ୍ରାନ୍ତ ହୋଇଥିଲେ। ଏହାସହ ଜଣ୍ଡିସ ଆକ୍ରାନ୍ତଙ୍କ ମୃତ୍ୟୁସଂଖ୍ୟା ସରକାରୀ ଭାବେ ଏକ ଶହ ଭିତରେ ରହିଥିବାବେଳେ ବେସରକାରୀ ସଂଖ୍ୟା ବହୁତ ଅଧିକ ହୋଇଥିଲା। ସେହି ସମୟରେ ତତ୍କାଳୀନ ବିଜେଡି ସରକାର ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିଲେ। ଏଥିରେ ପାଇପ୍ ଜଳଯୋଗାଣ ବ୍ୟବସ୍ଥାକୁ ଅପ୍‌ଗ୍ରେଡ୍ କରିବାସହ ବିଶୋଧନାଗାରର ଆଧୁନିକୀକରଣ ତଥା ବଡ଼ ଓଭରହେଡ୍ ଟ୍ୟାଙ୍କ ଏବଂ ଟ୍ରାକ୍ଟର-ଟ୍ୟାଙ୍କର ଆଦି ସାମିଲ ଥିଲା। ଏହାପରେ ମଧ୍ୟ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଜଳଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ନୂତନ ପାଇପ ବିଛାଣ, ପୁରୁଣା ଓ ମରାମତି ମାଗୁଥିବା ପାଇପ୍‌କୁ ବଦଳାଇବା ଆଦି କାର୍ଯ୍ୟ ପାଇଁ ଟଙ୍କା ଅନୁମୋଦିତ ହୋଇ ଖର୍ଚ୍ଚ ହେଉଛି। କିନ୍ତୁ ଏହି ଅର୍ଥ କୁଆଡ଼େ ଯାଉଛି ଏବଂ କେଉଁଠି କାମ ହେଉଛି ତାହା କାହାରିକୁ ଜଣାନାହିଁ। ପାନୀୟ ଜଳଯୋଗାଣ ବ୍ୟବସ୍ଥା ସୁଧୁରିବାର ନାମ ନେଉନାହିଁ ବୋଲି ସହରବାସୀ ଅଭିଯୋଗ କରୁଛନ୍ତି।



ବରେଇପାଲି, ମାନେଶ୍ୱର ଓ ଅନ୍ୟ ସ୍ଥାନରେ ଜଳର ମାନ ପରୀକ୍ଷାକରି ମୁଖ୍ୟ ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୧୩ ତାରିଖ ଏକ ପତ୍ର ଜରିଆରେ ୱାଟ୍‌କୋକୁ ମାନେଶ୍ୱର ଅଞ୍ଚଳରେ ଏହା ପିଇବା ଯୋଗ୍ୟ ନୁହେଁ ବୋଲି ଅବଗତ କରାଯାଇଥିଲା। ଏହାସହ ମହାବୀରପଡ଼ା, ଧନୁପାଲି ଓ ମାନେଶ୍ୱର ଅଞ୍ଚଳରେ କାଦୁଆ ଓ ଗୋଳିଆ ପାଣି ଯୋଗାଣ ହେଉଥିବା ଜନସାଧାରଣଙ୍କ ଅଭିଯୋଗ ରହିଥିଲା। ଏହାସହ ଡାଇରିଆ, ଜଣ୍ଡିସ, ଚର୍ମରୋଗ ଆଦି ନବ୍ୟାପିବା ପାଇଁ ଆବଶ୍ୟକ କ୍ଲୋରିନେସନ କରିବାସହ ଫାଟିଯାଇଥିବା ପାଇପ୍ ଆଦି ମରାମତି କରିବାକୁ ପରାମର୍ଶ ଦିଆଯାଇଥିଲା। ତେବେ, ଏହି ପତ୍ର ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିଲା। ଏହାପରେ ତତ୍ପରତା ପ୍ରକାଶ କରି ୱାଟ୍‌କୋ ଓ ସିଡିଏମ୍‌ଓ କାର୍ଯ୍ୟାଳୟର ଏକ ଟିମ୍ ମାନେଶ୍ୱରରେ ପରୀକ୍ଷା କରି ମାନ ଠିକ୍ ରହିଛି ବୋଲି ୧୫ ତାରିଖ ରାତିରେ ସାର୍ବଜନୀନ କରିଥିଲେ। ୱାଟ୍‌କୋ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଇପ ଲାଇନ ଯାଞ୍ଚ ଏବଂ ବିଶୋଧନାଗାରରେ ପ୍ରକ୍ରିୟା ଯାଞ୍ଚ ନକରି କ୍ଲୋରିନେସନ ବଢ଼ାଇଦେଇଥିବା ସମ୍ବଲପୁରବାସୀ କହୁଛନ୍ତି। ସମ୍ବଲପୁର ମହାନଗର ନିଗମର କେତେକ ସ୍ଥାନରେ ଗୋଳିଆ ପାଣି ଆସୁଥିବା ଏବେ ମଧ୍ୟ ଅଭିଯୋଗ ହେଉଛି।

ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ପିଏଚ୍‌ଓ) ଡା. ପ୍ରଦୀପ କୁମାର ହୋତାଙ୍କ ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ୩ ଜଣ ଜଣ୍ଡିସ ଆକ୍ରାନ୍ତ ରୋଗୀ ଆସିଛନ୍ତି। ସେଭଳି କୌଣସି ସ୍ଥିତି ଉପୁଜିନାହିଁ। ବର୍ଷା ଋତୁରେ ଯେଭଳି ନିୟମିତ ପାଣି ଯାଞ୍ଚ କରାଯାଏ ତାହା ଚାଲିଛି। ଇଣ୍ଡିଆନ ପବ୍ଲିକ ହେଲ୍ଥ ଆସୋସିଏସନ, ଓଡ଼ିଶାର ସାଧାରଣ ସମ୍ପାଦକ ଡା. ସଞ୍ଜିବ ମିଶ୍ର କହିଛନ୍ତି, ପ୍ରକୃତରେ ଜଣ୍ଡିସ ଆକ୍ରାନ୍ତ ସଂଖ୍ୟା ଜାଣିବାକୁ ହେଲେ କମ୍ୟୁନିଟି-ବେସଡ୍ ସର୍ଭେ କରିବାକୁ ହେବ। ତାହାସହ ଘରୋଇ ଲ୍ୟାବ୍ ମାନଙ୍କରୁ ତଥ୍ୟ ସଂଗ୍ରହ କରାଗଲେ ସମ୍ପ୍ରତି ସମ୍ବଲପୁରରେ ଜଣ୍ଡିସ ରୋଗର ସ୍ଥିତି ବିଷୟରେ ଜଣାପଡ଼ିପାରିବ। ତଥାପି ଲୋକମାନେ ଫୁଟାପାଣି ଏବଂ କ୍ଲୋରିନେଟେଡ ପାଣି ପିଇଲେ କୌଣସି ଅସୁବିଧା ନାହିଁ। ୱାଟକୋ ମୁଖ୍ୟ ଇଂ ବ୍ରହ୍ମେଶ୍ୱର ଦାଶଙ୍କ ମତାମତ ମିଳିପାରି ନାହିଁ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ର ଆଚିଭର୍ ଆଭାଶ୍ରୀ

**ସମ୍ବଲପୁର, ୧୮।୯ (ସମିସ):** ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ 'ଆଇବିଆର୍ ଏଚିଭର୍' ହୋଇଛନ୍ତି ସମ୍ବଲପୁର ଗୋବିନ୍ଦତୋଲାର ୩ ବର୍ଷ ବୟସ୍କା ଆଭାଶ୍ରୀ ପ୍ରଧାନ। ସେ ୨୦ଟି ଶରୀରର ଅଙ୍ଗ, ୬ଟି ପକ୍ଷୀ, ୯ଟି ପଶୁ, ୧୧ଟି ଫଳ, ୬ଟି ଫୁଲ ଓ ୧୩ଟି ପରିବା ଚିହ୍ନଟ କରିଥିଲେ। ଏହାସହ ୭ଟି ଶ୍ଲୋକ ଆବୃତ୍ତି ଓ ଅଙ୍ଗଭଙ୍ଗୀ ସହ ୧୨ଟି ଇଂରାଜୀ ନର୍ସରୀ ରାଇମ୍ ଆବୃତ୍ତି କରିଥିଲେ। ସପ୍ତାହର ବିଭିନ୍ନ ଦିନ, ବର୍ଷର ବିଭିନ୍ନ ମାସ, ଇଂରାଜୀ ଆଲ୍‌ଫାବେଟ୍‌ରେ ଶବ୍ଦ, ୧୦ଟି ଜାତୀୟ ଚିହ୍ନ, ଜାତୀୟ ସଙ୍ଗୀତ ଗାନ, ୧ରୁ ୧୦ ପର୍ଯ୍ୟନ୍ତ ଗଣନା, ୧୫ଟି ସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତର, ୧୦ଟି ଆକୃତିକୁ ମ୍ୟାଚ୍ କରିବା ଆଦି ମାତ୍ର ୩ ବର୍ଷ ବୟସରେ କରି ଏହି ଏଚିଭର୍ ହେବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଭାଶ୍ରୀ ୪୦ ସେକେଣ୍ଡରେ ଜାତୀୟ ସଙ୍ଗୀତ ଗାଇ 'ଇଣ୍ଡିଆନ ଆଇକନ ଆୱାର୍ଡ' ମଧ୍ୟ ପାଇଛନ୍ତି। ସେ ବରଗଡ଼ ବଗେଇଗିରା ମୂଳନିବାସୀ ବର୍ତ୍ତମାନ ଗୋବିନ୍ଦତୋଲା ନିବାସୀ ଧର୍ମେନ୍ଦ୍ର ପ୍ରଧାନ ଓ ରୋଶନୀ ନାଏକଙ୍କ କନ୍ୟା।




## ଶିଶୁକନ୍ୟା ଜନ୍ମଦେଲେ ଦୁଷ୍କର୍ମ ପୀଡ଼ିତା, ନାବାଳକ ଅଟକ

**କୁଚିଣ୍ଡା, ୧୮।୯ (ସମିସ):** ସମ୍ବଲପୁର ଜିଲ୍ଲା ବାମରା ଅଞ୍ଚଳର ଜଣେ ଯୁବତୀ(୧୯) ଓ କୁଚିଣ୍ଡା ଅଞ୍ଚଳର ଜଣେ ନାବାଳକ(୧୭) ସହ ଗତ ପ୍ରାୟ ୨ ବର୍ଷ ହେବ ଉଭୟଙ୍କ ଘରକୁ ଯିବା ଆସିବା ପରେ ଚିହ୍ନା ପରିଚିତ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇ ଏକାଧିକ ଥର ସମ୍ପର୍କ ରଖିଥିଲେ। ଫଳ ସ୍ୱରୂପ ଯୁବତୀ ଜଣକ ଗର୍ଭବତୀ ହୋଇଥିବା ଜଣାପଡ଼ିଥିଲା। ଏ ନେଇ ଯୁବତୀ ଜଣକ ଗତ ୨ ଦିନ ତଳେ ଗୋବିନ୍ଦପୁର ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଗୋବିନ୍ଦପୁର ପୁଲିସ ଘଟଣାକୁ ଛାନଭିନ କଲାପରେ ପରେ ଘଟଣାରେ ସମ୍ପୃକ୍ତ ନାବାଳକକୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ପରେ ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କ ବୟାନ ରେକର୍ଡ କରି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ବିଏନଏସର ଧାରା ୬୪(୨)(ଏନ)/୨୯୬/୩୫୧(୨) ତଥା ୬ ପୋକସ ଆକ୍ଟ ଅନୁସାରେ ତଦନ୍ତ ଜାରି ରହିଛି। ଅଭିଯୁକ୍ତ ନାବାଳକକୁ ନିୟମ ଅନୁସାରେ ଗିରଫ କରିବା ପରେ ସମ୍ବଲପୁର ସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଉପସ୍ଥାପନ କରିଥିବା ତଦନ୍ତ ଅଧିକାରୀ ସବ ଇନ୍ସପେକ୍ଟର ଦେବଜାନୀ ଛତର ସୂଚନା ଦେଇଛନ୍ତି। ଅନ୍ୟପଟେ ଅଭିଯୁକ୍ତଙ୍କ ପରିବାର ଲୋକେ ମହୁଲପାଲି ଥାନାକୁ ଯାଇ ତାଙ୍କ ପୁଅକୁ ମିଥ୍ୟା ମକଦ୍ଦମା ରୁଜୁ କରି ଫସେଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କାଙ୍କୁ ପଚାରିବାରୁ, ଲିଖିତ ଅଭିଯୋଗ ପାଇ ନିୟମ ଅନୁସାରେ ଡାଏରି କରାଯାଇଛି ବୋଲି କହିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଗତ ମଙ୍ଗଳବାର ଦିନ ରାତିରେ ପୀଡ଼ିତା ଯୁବତୀଙ୍କ ପ୍ରସବ ବେଦନା ହେବାରୁ ନିକଟ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜ ହସ୍ପିଟାଲକୁ ରେଫର କରାଯାଇଥିଲା। ବୁଧବାର ଦିନ ପୂର୍ବାହ୍ନରେ ଉକ୍ତ ଯୁବତୀ ଜଣକ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିବା ଜଣାପଡ଼ିଛି।

## ଗାଈକୁ ନିର୍ଯାତନା, ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୧୮।୯ (ସମିସ):** ସମ୍ବଲପୁରର ଅଇଁଠାପାଲି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଗୋଟେ ଗାଈ ବନ୍ଧାଥିବା ଅବସ୍ଥାରେ ତା'ସହିତ ଯୌନ ସମ୍ପର୍କ କରୁଥିବା ଭିଡିଓରେ ଦେଖାଯାଉଛି। ଏହି ସମସ୍ତ ଘଟଣା ସିସିଟିଭିରେ କଏଦ ହୋଇଛି। ଏହି ଭିଡିଓ ଭାଇରାଲ ହେବାପରେ ସାଧାରଣରେ ତୀବ୍ର ଆଲୋଡ଼ନ ପ୍ରକାଶ ପାଇଛି। ପରେ ସେହି ବନ୍ଧାଥିବା ଥିବା ଅବସ୍ଥାରେ ଗାଈର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି। ଅଇଁଠାପାଲି ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଇଁଠାପାଲି ପୁଲିସ ଘଟଣାରେ ତତ୍ପରତା ଦେଖାଇ ଛାନଭିନ କରି ଅଭିଯୁକ୍ତ କୁଚିଣ୍ଡା ଥାନା ଠାକୁର ନିକ୍ତିମାଲର ସୁନୀଲ ନାଗ (୨୫)କୁ ଗିରଫ କରିଛି। ସମ୍ପୃକ୍ତ ଘର ମାଲିକ ହୀରାଲାଲ ଗୌଡ଼ଙ୍କ ଏତଲା ଆଧାରରେ ଅଇଁଠାପାଲି ଥାନାରେ କେସ ନଂ. ୩୧୨ / ୧୮ . ୦୯ . ୨୦୨୫ ରୁଜୁ ହୋଇଛି।

## ରେଳମଣ୍ଡଳରେ ସ୍ୱଚ୍ଛତା ଅଭିଯାନ



**ସମ୍ବଲପୁର, ୧୮।୯ (ସମିସ):** ପୂର୍ବତଟ ରେଳପଥର ସମ୍ବଲପୁର ରେଳମଣ୍ଡଳର ବିଭିନ୍ନ ସ୍ଥାନରେ 'ସଫାଇ ମିତ୍ର ସୁରକ୍ଷା ଶିବିର' ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଏଥିରେ ସଫାଇ ମିତ୍ର ଏବଂ ଫ୍ରଣ୍ଟଲାଇନ୍ ସଫେଇ କର୍ମୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ କଲ୍ୟାଣ ଉପରେ ଧ୍ୟାନ ଦେଇଥିଲା ଯେଉଁମାନେ ରେଳ ପରିସର, କଲୋନୀ ଏବଂ ଷ୍ଟେସନଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିବିର ସମୟରେ ରେଳଡାକ୍ତର ଏବଂ ପାରା-ମେଡିକାଲ୍ କର୍ମଚାରୀଙ୍କ ଦ୍ୱାରା ରକ୍ତଚାପ, ରକ୍ତ ଶର୍କରା, ଦୃଷ୍ଟିଶକ୍ତି ଏବଂ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସମେତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱଚ୍ଛତା, ସୁରକ୍ଷା ଉପକରଣ ବ୍ୟବହାର ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଉପରେ ସଚେତନତା ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅଳିଆ ପରିଚାଳନା ଏବଂ ପରିଚ୍ଛନ୍ନତା ବଜାୟ ରଖିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## କୋଦାଳ ଧରି ଅନ୍ୟକୁ ଉତ୍ସାହିତ କଲେ ଆୟୁକ୍ତ

### ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ସମ୍ବଲପୁର, ୧୮।୯ (ସମିସ):** ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା ପକ୍ଷ ଆରମ୍ଭ କରିବା ପ୍ରଥମ ଦିନରେ କୋଦାଳ ଧରି ସଫା କରିବାସହ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ। ଗୁରୁବାର ସକାଳେ ରିଜର୍ଭ ପୁଲିସ ଲାଇନ ଅଞ୍ଚଳରେ କାନ୍ଥକଡ଼ରେ ଅଳିଆ ଥିବା ଦେଖିବାପରେ ଆୟୁକ୍ତ ନିଜେ କୋଦାଳ ଧରି ସଫେଇ ଆରମ୍ଭ କରିଥିଲେ। ତାଙ୍କ ସହିତ ମହାନଗର ନିଗମ ଅଧିକାରୀ ତଥା ସଫେଇ କର୍ମଚାରୀମାନେ ଉପସ୍ଥିତ ଥିଲେ।



ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯାଇଛି। ଗୁରୁବାର ସକାଳେ ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ଏହି ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସମଲେଶ୍ୱରୀ ମନ୍ଦିର ସମ୍ମୁଖ ରାସ୍ତାକୁ ମହାନଗର ନିଗମ, ମନ୍ଦିର ଟ୍ରଷ୍ଟବୋର୍ଡ ଓ ସାଧାରଣ ଜନତା ଯୋଗ ଦେଇ ସଫା କରିଥିଲେ। ରାସ୍ତାକଡ଼ରେ ଥିବା ଦୋକାନ ଗୁଡ଼ିକୁ ପ୍ଲାଷ୍ଟିକ ବ୍ୟବହାର ନକରିବା ଏବଂ ପରିସର ସଫା ରଖିବାକୁ ଆହ୍ୱାନ ଦିଆଯାଇଥିଲା। ଜନସମାଗମ ହେଉଥିବା ବଜାର, ବସଷ୍ଟାଣ୍ଡ, ପର୍ଯ୍ୟଟନସ୍ଥଳ, ପାର୍କ ଆଦିକୁ ପର୍ଯ୍ୟାୟକ୍ରମେ ସଫା କରାଯିବ ବୋଲି ଆୟୁକ୍ତ ଶ୍ରୀ ଖତ୍ରୀ କହିଛନ୍ତି।

# ବିକାଶରେ ନବପଞ୍ଜିକୃତ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଶପଥ ଗ୍ରହଣ

**ସମ୍ବଲପୁର, ୧୮।୯ (ସମିସ)**

୧୯୬୯ ମସିହାରେ ଜାତିର ପିତା ମାହାତ୍ମା ଗାନ୍ଧିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନା ଯାହାର ମୁଳଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ ସମାଜ ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱ ବିକାଶ। ଏହି ମନ୍ତ୍ରରେ ମନ୍ତ୍ରିତ ହେବା ପାଇଁ ସମ୍ବଲପୁର ଶାସନସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବ ପଞ୍ଜୀକରଣ ହେଇଥିବା ଛାତ୍ରଛାତ୍ରୀ ନିଜର ପାଠପଢ଼ା ସହ ସମୟ ଅନୁସାରେ ଯଥାସାଧ୍ୟ ସାମାଜ ପାଇଁ ନିଜର ସେବା ଦେବା ପାଇଁ ଶପଥ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଜାତୀୟ ସେବା ଯୋଜନାର ସମ୍ବଲପୁର ଜିଲ୍ଲା ସଂଯୋଜକ ଶାନ୍ତନୁ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସମାଜ ପାଇଁ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ଭୂମିକା ତଥା ସମାଜକୁ ବୁଝିବା ଓ ସମାଜ ସହ ଜଡିତ ହେଇ ନାଗରିକ ଦାୟିତ୍ୱବୋଧ ବିକଶିତ କରିବା ପାଇଁ ପ୍ରେରଣା ଦେଇଥିଲେ। ବିଦ୍ୟାବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରାଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଥିଲେ ସ୍ୱବ୍ୟକ୍ତିତ୍ୱର ବିକାଶରେ ହିଁ ଦେଶ ବିକଶିତ ହେବ ଏବଂ ଏନ୍‌ଏସ୍‌ଏସ୍ ହିଁ ଏକ ଉପଯୁକ୍ତ ମାଧ୍ୟମ। ଏହି ଅବସରରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧକ୍ଷ ଡଃ ଦିବ୍ୟସିଂହ ମହନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ବିକାଶର ଏନ୍‌ଏସ୍‌ଏସ୍ ସଂଯୋଜକ ମନୋରଞ୍ଜନ ମିଶ୍ର ବିଗତବର୍ଷରେ ବିକାଶ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ଉକ୍ତ ଶିବିରରେ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ଜି ଭାସ୍କର ରାଓ, ବିକାଶ ଦ କନସେପ୍ଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ଡଃ ପୁଷ୍ପିତା ପଣ୍ଡା, ବିକାଶ ନର୍ସିଙ୍ଗ କଲେଜର ଅଧକ୍ଷ ପ୍ରଫେସର ଇଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂସ୍କୃତ ଅଧାପିକା ନନ୍ଦିନୀ କଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

## ଆଦିତ୍ୟ ଆଲୁମିନିୟମ୍

**ସମ୍ବଲପୁର, ୧୮।୯ (ସମିସ):** ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୟୁନିଟ୍ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ଓଡ଼ିଶା ସରକାରଙ୍କ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ସହିତ ମିଶି ଏକ ବୃହତ୍ ବୃକ୍ଷରୋପଣ ଅଭିଯାନ ସଫଳତାର ସହ ଆୟୋଜନ କରିଛି। ଏହି ପଦକ୍ଷେପ ଓଡ଼ିଶା ସାରା ୭୫ ଲକ୍ଷ ଚାରା ରୋପଣ କରିବା ପାଇଁ ରାଜ୍ୟବ୍ୟାପୀ ମିଶନର ଏକ ଅଂଶ, ଯାହା ସବୁଜ ଆବରଣର ପୁନରୁଦ୍ଧାର ଏବଂ ପରିବେଶ ସଚେତନ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ। ଆଦିତ୍ୟ ଆଲୁମିନିୟମ୍, କର୍ମଚାରୀ ଏବଂ ବିଭିନ୍ନ ହିତାଧିକାରୀମାନଙ୍କର ବରିଷ୍ଠ ଅଧିକାରୀମାନେ ଉତ୍ସାହର ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସ୍ଥିର ବିକାଶ ଏବଂ ପରିବେଶ ସୁରକ୍ଷା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏହି ଅବସରରେ, ଆଦିତ୍ୟ ଆଲୁମିନିୟମର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ପଦକ୍ଷେପ କେବଳ ଆମର ପରିବେଶଗତ ଦାୟିତ୍ୱକୁ ମଜବୁତ କରେ ନାହିଁ, ବରଂ ପ୍ରକୃତି ଏବଂ ସମାଜକୁ ଫେରାଇ ଦେବା ପାଇଁ ଆମର ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରେ। ସାମୂହିକ କାର୍ଯ୍ୟ ଏବଂ ଦୃଢ଼ ସହଭାଗିତା ମାଧ୍ୟମରେ, ଆମେ ଆଗାମୀ ପିଢ଼ି ପାଇଁ ଏକ ସବୁଜ ଭବିଷ୍ୟତ ଗଢ଼ିବାକୁ ଲକ୍ଷ୍ୟ ରଖିଛୁ। ଏହି ବୃକ୍ଷରୋପଣ ଅଭିଯାନ ପରିବେଶ ସ୍ଥିରତା ପ୍ରତି ଆଦିତ୍ୟ ଆଲୁମିନିୟମର ପ୍ରତିବଦ୍ଧତା ଏବଂ ସବୁଜ ପଦକ୍ଷେପକୁ ପ୍ରାଥମିକତା ଦେଉଥିବା ଦର୍ଶାଉଛି।



## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

**ସମ୍ବଲପୁର:** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ସମ୍ବଲପୁରସ୍ଥିତ ମୁଖ୍ୟାଳୟରେ ବୃକ୍ଷରୋପଣ ଅଭିଯାନ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ପରିବେଶଗତସ୍ଥିରତା ଏବଂ ସମାଜ କଲ୍ୟାଣ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଥିଲା। ବୃକ୍ଷରୋପଣ ଅଭିଯାନରେ ଓଏସଓୟୁର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, ରେଜିଷ୍ଟ୍ରାର ଡ. ଚିତ୍ତ ରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ଚାରା ରୋପଣ କରିଥିଲେ। ପୂର୍ବରୁ ଓଏସଓୟୁର 'ଇକୋ କ୍ୟାଶ୍ ଫରେଷ୍ଟ' ପଦକ୍ଷେପ ଅନ୍ତର୍ଗତ ୧୦୦ଟି ନଡିଆ ଗଛ, ୧୦୦ଟି ଆମ୍ବ ଗଛ, ୫୦ଟି ପିଜୁଳି ଗଛ, ୫୦ଟି ଅଁଳା ଗଛ ଏବଂ ୩୦ଟି ହରିଡ଼ା ଗଛ ଲଗା ଯାଇସାରିଛି। ଏହି ଅବସରରେ, ଓଏସଓୟୁ '୫ଦିନ-୫ କାର୍ଯ୍ୟକ୍ରମ-୫ ଗ୍ରାମ' ଶୀର୍ଷକ ଅନନ୍ୟ ପଦକ୍ଷେପ ଘୋଷଣା କରିଛି, ଯାହା ୨୦୨୫ ସେପ୍ଟେମ୍ବର ୨୨ ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହାର ପାଞ୍ଚଟି ପୋଷ୍ୟ ଗ୍ରାମ: ଚାଉଁରପୁର, ବଡ଼ସିଂହାରି, ସାନସିଂହାରି, କର୍ଡୋଲା ଏବଂ ସାହାଜବାହାଲରେ ପାଳନ କରାଯିବ। ଓଏସଓୟୁର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ କହିଥିଲେ ଯେ, ଏହି ସମନ୍ୱିତ ପଦକ୍ଷେପ ଶିକ୍ଷା ଏବଂ ସଚେତନତା ମାଧ୍ୟମରେ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ରାଷ୍ଟ୍ର ନିର୍ମାଣ ଏବଂ ସ୍ଥାୟୀ ଗ୍ରାମୀଣ ବିକାଶରେ ଯୋଗଦାନ ଦେବା ପାଇଁ ବିଶ୍ୱବିଦ୍ୟାଳୟର ଦୃଷ୍ଟିକୋଣକୁ ପ୍ରତିଫଳିତ କରିବ।



## ବୈଦିକ ଡିଗ୍ରୀ କଲେଜ

**ସମ୍ବଲପୁର:** ବୈଦିକ ଡିଗ୍ରୀ କଲେଜ ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୈଦିକ ଗ୍ରୁପ ଅଫ ସ୍କୁଲର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ପ୍ରଥମେ ଚାରାରୋପଣ କରିଥିଲେ। ପରେ ଡିଗ୍ରୀ କଲେଜର ଅଧକ୍ଷା ଡ. ଶ୍ୱେତା ମିଶ୍ରଙ୍କ ସହିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗଦାନ ଦେଇଥିଲେ। ସମସ୍ତେ ନିଜ ମା'ଙ୍କ ସମ୍ମାନରେ ବୃକ୍ଷ ରୋପଣ କରି, ମା'ଙ୍କ ପ୍ରତି କୃତଜ୍ଞତା ଏବଂ ପ୍ରକୃତି ସୁରକ୍ଷାର ପ୍ରେରଣାକୁ ପ୍ରକାଶ କରିଥିଲେ। ନିଜ ମା'ଙ୍କ ନାମରେ ଗଛରେ ପ୍ଲାକାର୍ଡ ଲଗାଇଥିଲେ, ଯାହାରେ ମା'ଙ୍କ ନାମ, ଗଛର ପ୍ରଜାତି ଓ ଲଗାଣି ତାରିଖ ଲେଖା ହୋଇଥିଲା। ମାତୃ ସମ୍ମାନ ସହିତ ପ୍ରକୃତି ସୁରକ୍ଷାରେ ଲୋକମାନଙ୍କୁ ସଜାଗ କରିବାର ଏକ ସ୍ୱଚ୍ଛ ଏବଂ ସୃଜନଶୀଳ ପଦକ୍ଷେପ ଭାବେ ବୈଦିକ ଡିଗ୍ରୀ କଲେଜ ଏହାକୁ ନିଜ କ୍ୟାମ୍ପସରେ ସଫଳଭାବେ ଆୟୋଜନ କରିଥିଲା। ଉଦ୍ଭିଦ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଜ୍ଞାନର୍ଜନ ପାଇଁ ଏକ ବଟନିକାଲ ଗାର୍ଡେନର ମଧ୍ୟ ଶୁଭାରମ୍ଭ ହୋଇଥିଲା।



## ବେଦାନ୍ତ ଆଲୁମିନିୟମ

**ଝାରସୁଗୁଡ଼ା:** ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ମେଗା ଚାରାରୋପଣ ଅଭିଯାନ ଆରମ୍ଭ କରିଛି। ଯାହା ଶହ ଶହ ସରକାରୀ ପ୍ରତିନିଧି, ସମ୍ପ୍ରଦାୟ ସଦସ୍ୟ ଏବଂ କର୍ମଚାରୀ ସ୍ୱେଚ୍ଛାସେବକଙ୍କୁ ଏକତ୍ରିତ କରି ସମଗ୍ର ଝାରସୁଗୁଡାରେ ୨ ଲକ୍ଷ ଚାରା ରୋପଣ କରିବାର ମିଳିତ ପ୍ରତିବଦ୍ଧତା ପ୍ରଦାନ କରିଛି। ଜିଲ୍ଲାର ସବୁଜ ଆଚ୍ଛାଦନକୁ ଆହୁରି ମଜବୁତ କରିବା ଏବଂ ଅଞ୍ଚଳର ଜୈବ ବିବିଧତାକୁ ବୃଦ୍ଧି କରିବା ପାଇଁ ସାମୂହିକ ପ୍ରୟାସକୁ ଆଗକୁ ବଢ଼ାଇବା ପାଇଁ ଏହି ପ୍ରୟାସରେ ଅନେକ ସମ୍ପ୍ରଦାୟ ସଦସ୍ୟ, ବେଦାନ୍ତ ଆଲୁମିନିୟମର କର୍ମଚାରୀ ଏବଂ ସ୍କୁଲ ଛାତ୍ରଛାତ୍ରୀମାନେ ସେମାନଙ୍କର ପ୍ରୟାସକୁ ଅବଦାନ ଦେଇଥିଲେ। ଚଳିତବର୍ଷ ଝାରସୁଗୁଡାର ଏଚ୍. କଟାପାଲିରେ ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଶାସନର ଅନେକ ସଦସ୍ୟ ଏବଂ ଜିଲ୍ଲା ଅଧିକାରୀ ଯୋଗ ଦେଇଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡାର ଜିଲ୍ଲାପାଳ ଚଉନ କୁନାଲ ମୋତିରାମ ଏବଂ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ର ପ୍ରମୁଖ ସାମିଲ ଥିଲେ।




ବେଦାନ୍ତ ଝାରସୁଗୁଡା ସିଇଓ ସି. ଚନ୍ଦ୍ରୁ, ସିଇଓ କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ପରିବେଶଗତ ପରିଚାଳନାକୁ ବଜାୟ ରଖିବା ଆମର କାର୍ଯ୍ୟଶୈଳୀର ମୁଖ୍ୟ କେନ୍ଦ୍ର। ବେଦାନ୍ତ ତୃଣମୂଳସ୍ତରରେ ବିକାଶକୁ ପ୍ରୋତ୍ସାହିତ କରିଚାଲିଛି, ଏକ ସ୍ଥାୟୀ ଭବିଷ୍ୟତକୁ ପୋଷଣ କରିବା ସହିତ ସ୍ଥାନୀୟ ସମ୍ପ୍ରଦାୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଛି। କମ୍ପାନୀ ଏହି ଅଞ୍ଚଳର ଜୈବ ବିବିଧତା ଏବଂ ପ୍ରାକୃତିକ ପରିବେଶକୁ ବୃଦ୍ଧି କରିବା ପାଇଁ ଆହୁରି ଅନେକ ପ୍ରୟାସ କରିଛି।

## ରେଙ୍ଗାଲି ଜିପି

**ସମ୍ବଲପୁର:** ରେଙ୍ଗାଲି ପଞ୍ଚାୟତ ପକ୍ଷରୁ ରାମାପଡ଼ା ଖେଳ ପଡ଼ିଆରେ ଚାରାରୋପଣ ଅନୁଷ୍ଠିତ ହୋଇଛି। ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ରେଙ୍ଗାଲି ଆସିଷ୍ଟାଣ୍ଟ ଇଂଜିନିୟର, ପଞ୍ଚାୟତ ନିର୍ବାହୀଅଧିକାରୀ ଅଗସ୍ତି ମହାପାତ୍ର, ୱାର୍ଡସଭ୍ୟ ରମାକାନ୍ତ ଓରାମ, ଜାମବାହାଲର ଶିକ୍ଷକ ପିତାମ୍ବର ପ୍ରଧାନ ଗଛ ଲଗାଇଛନ୍ତି। ସେହିପରି ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା ଉପସ୍ଥିତ ଥିଲେ।



## ମା'ଝାଡେଶ୍ୱରୀ କଲେଜ

**ସମ୍ବଲପୁର:** ମା' ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏନଏସ୍‌ଏସ୍ ୟୁନିଟ ପକ୍ଷରୁ ଚରାରୋପଣ କରାଯାଇଛି। ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ସମେତ ଅନ୍ୟାନ୍ୟ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକାମାନେ ଶହେରୁ ଅଧିକ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଭିତ୍ତିକରି ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ଲଳିତା ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ପରିବେଶ ସୁରକ୍ଷା ସହ ସୁସ୍ଥ ଜୀବନ ସକାଶେ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟିର ଗୁରୁତ୍ୱ ଉପରେ ଶିକ୍ଷାର୍ଥୀଙ୍କୁ ସଚେତନ କରିଥିଲେ। ସଭାରେ ପ୍ରତିଯୋଗିତା ଗୁଡ଼ିକର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସରପଞ୍ଚ ଛାତ୍ରଛାତ୍ରୀଙ୍କ ସହ ମିଶି ଚାରାରୋପଣରେ ଭାଗନେଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁର ସଭା ସଂଯୋଜନା କରିଥିବା ବେଳେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମା' ଶାରଳାଙ୍କ ଦିବ୍ୟ ସନ୍ଧ୍ୟା ବେଶ

# ବିଶ୍ୱକର୍ମା ପୂଜା ପାଇଁ ଉତ୍ସବମୁଖର ବନ୍ଦରନଗରୀ

ପାରାଦୀପ, ୧୮।୯ (ସମିସ):

ପାରାଦୀପ ବିଶ୍ୱକର୍ମା ପୂଜାର ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା। ଆଜି ପ୍ରାୟ ୩୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଏ ନେଇ ଚାରିଆଡେ

- ମନ କିଣୁଛି ମେଲୋଡି
- ଝଲସୁଛି ବନ୍ଦର ସହର
- ମଞ୍ଚସ୍ଥ ହେଉଛି ନାଟକ





ଖଚାଖଚ ଭିଡ ଦେଖିବାକୁ ମିଳିଥିଲା। ଏଥିସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ପୂଜା କମିଟି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଛନ୍ତି। ଲୋକପ୍ରିୟ ଚଳଚ୍ଚିତ୍ର ତାରକା ଓ କଣ୍ଠଶିଳ୍ପୀଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ। ବଡ଼ପଡିଆଠାରୁ ଏମ୍ପାୟାର୍ସ ହୋଟେଲ ପର୍ଯ୍ୟନ୍ତ ପସରା ମେଲିଥିବା ଶତାଧିକ ଉଠା ଦୋକାନୀରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ବିଶେଷକରି ଓଡିଶା ସାମୁଦ୍ରିକ ମତ୍ସ୍ୟ ବ୍ୟବସାୟୀ ସଂଘ ଓ ଟ୍ରେଲର ମାଲିକ ସଙ୍ଘ ପୂଜା ମଣ୍ଡପରେ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ଦର୍ଶକଙ୍କୁ ଆଜି ଚାରା ବଣ୍ଟନ କରାଯାଇଛି। ଟ୍ରେଲର ମାଲିକ ସଙ୍ଘ ପକ୍ଷରୁ ପୂଜା ବୁଲି ଆସୁଥିବା ଦର୍ଶକଙ୍କୁ ଥଣ୍ଡା ପାନୀୟଜଳ ଯୋଗାଇ ଦିଆଯାଉଛି। ବିଶେଷକରି ଫାଷ୍ଟଫୁଡ ଷ୍ଟଲରେ ଆଜି ବେଶ ଭିଡ ଦେଖିବାକୁ ମିଳିଥିଲା। ସହରର ବଡ଼ପଡିଆ, ହୋଟେଲ ଇଣ୍ଟରନ୍ୟାସନାଲ ଛକ, ନୂଆବଜାର, ବ୍ୟାଙ୍କ ଲାଇନ ଓ ଏମ୍ପାୟାର୍ସ ଛକ ଭଳି ସ୍ଥାନରେ ପୁଲିସ ବ୍ଲକିଂ କରିଥିବା ଦେଖିବାକୁ ମିଳିଛି। ଯେପରିକି କୌଣସି ଗାଡ଼ି ସହର ମଧ୍ୟରେ ପ୍ରବେଶ କରି ନ ପାରିବେ, ସେଥିପ୍ରତି ପୁଲିସ ବେଶ ଯତ୍ନବାନ ଥିବା ଦେଖିବାକୁ ମିଳିଛି। ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପୂଜାରେ ଭିଡ଼କୁ ଲକ୍ଷ୍ୟ ରଖି ପୁଲିସ କଡ଼ା ବ୍ୟବସ୍ଥା କରିଥିଲେ ମଧ୍ୟ ପକେଟ ମାର, ଛିନତାଇ ଓ ରୋଡ ରୋମିଓଙ୍କ ଭୟ ଲୋକଙ୍କୁ ଘାରିଛି। ସେଥିପ୍ରତି ଅଧିକ ଦୃଷ୍ଟି ଦିଆଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ବେଲ୍ଟଲାଇନ ତଳେ ଯଜ୍ଞସେନୀ ଗଣନାଟ୍ୟ ଆଜି ତା'ର ଦ୍ୱିତୀୟ ରାତ୍ରର ନାଟକ ମଞ୍ଚସ୍ଥ କରିଛି।

## ରାଜ୍ୟ ଜୁନିୟର ହକିରେ ଜିଲ୍ଲା ବାଳକ ଦଳର ସଫଳତା

ପାରାଦୀପ,୧୮।୯ (ସମିସ): ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡ଼ିୟମରେ ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ ଜୁନିୟର ହକି ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ବାଳକ ଦଳ ଇତିହାସ ରଚିଛି। ଏହି ପ୍ରଥମଥର କ୍ୱାର୍ଟରଫାଇନାଲ ଖେଳିବ। ଆଜି ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ନୟାଗଡ଼ ଜିଲ୍ଲା ଦଳକୁ ୪-୨ ଗୋଲ ବ୍ୟବଧାନରେ ପରାସ୍ତ କରି ଜଗତସିଂହପୁର ଜିଲ୍ଲା ଦଳ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ଲାଭ କରିଛି। ଜଗତସିଂହପୁର ଦଳ ପ୍ରଥମ ମ୍ୟାଚ୍‌ରେ ବାଲେଶ୍ୱରକୁ ୧୦-୦ ଗୋଲରେ ପରାସ୍ତ କରିଥିଲା। ୧୬ଜଣିଆ ଜଗତସିଂହପୁର ଦଳରେ ସୁମିତ୍ ଲାକ୍ରା କୋଚ୍ ଓ ଶାଶ୍ୱତ କୁମାର ଭାରତୀୟ ମ୍ୟାନେଜର ଭାବେ କାର୍ଯ୍ୟ ତୁଲାଉଛନ୍ତି। ପିପିଏଲସ୍ଥ ଡିଏଭି ପବ୍ଲିକ ସ୍କୁଲରେ ଗ୍ରାସରୁଟ ହକି ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ପରେ ଜଗତସିଂହପୁର ଜିଲ୍ଲା ଖେଳାଳି ଅଭୂତପୂର୍ବ ସଫଳତା ହାସଲ କରିଥିବା ଡିଏଭି ସ୍କୁଲର କ୍ରୀଡ଼ା ଶିକ୍ଷକ ଶାଶ୍ୱତ କୁମାର ପ୍ରକାଶ କରିଛନ୍ତି।

## ତେନ୍ତୁଳିବେଲାରୀ ବିଦ୍ୟାଳୟରେ ଫଳଚାରା ରୋପଣ

ଜଗତସିଂହପୁର,୧୮।୯ (ସମିସ): ଜୈବ ବିବିଧତାର ସୁରକ୍ଷା ପାଇଁ ଓଡ଼ିଶା ପରିବେଶ ସମିତି ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପାରାଦୀପ ଆଞ୍ଚଳିକ ଶାଖା ମିଳିତ ଆନୁକୂଲ୍ୟରେ ୨୦୨୨ରୁ ପ୍ରତିବର୍ଷ ଜିଲ୍ଲାର ବିଭିନ୍ନ ସ୍ଥାନରେ ଫଳଚାରା ରୋପଣ କରାଯାଇ ଏହାର ସୁରକ୍ଷା ଦାୟିତ୍ୱ ସଂପୃକ୍ତ ଅନୁଷ୍ଠାନ ଉପରେ ନ୍ୟସ୍ତ କରାଯାଇଛି। ଏହି କ୍ରମରେ ବାଲିକୁଦା ବ୍ଲକ ଅନ୍ତର୍ଗତ ତେନ୍ତୁଳିବେଲାରୀ କୁସୁପୁର ସରକାରୀ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଫଳଚାରା ରୋପଣ କରାଯିବା ସହ 'ଆମେ ଗଛ ଲଗାଇବା କାହିଁକି?' ଶୀର୍ଷକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସମିତିର ଆଜୀବନ ସଦସ୍ୟ ଉତ୍କଳ ରଞ୍ଜନ ମହାନ୍ତିଙ୍କ ମାର୍ଗଦର୍ଶନରେ ବାଲିକୁଦା ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଆଲୋକ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଫଳଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଇକୋ ଶିକ୍ଷକ କୈବଲ୍ୟ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ସତ୍ୟସୁନ୍ଦର ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଶ୍ରୀ ମହାନ୍ତି ଯୋଗଦେଇ ବୃକ୍ଷରାଜି ସୁରକ୍ଷାରେ ଜୀବଜଗତ ତିଷ୍ଠି ରହିବା ସମ୍ଭବ ବୋଲି କହିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ କବିତା ମଞ୍ଜରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ, ପ୍ରକୃତିପ୍ରେମୀ କନକଲତା ପରିଡା, ଯୁବ ସ୍ୱେଚ୍ଛାସେବୀ ମନୋଜ ନାୟକ, ଶିକ୍ଷକ ବସନ୍ତ ନାୟକ, ରମେଶ ମଲ୍ଲିକ, ଲକ୍ଷ୍ମୀଧର ନାଥ, ପ୍ରଶାନ୍ତ ସାସମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଛାତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ

କେନ୍ଦ୍ରାପଡ଼ା,୧୮।୯ (ସମିସ): ଜଣେ କଲେଜ ଛାତ୍ରୀଙ୍କୁ ଜୀଛନରୁ ମାରିଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଦୁଇ ସହପାଠୀ ଯୁବକ ଛାତ୍ରୀଙ୍କ ମୁଣ୍ଡକୁ ଛେଚିଦେବା ସହିତ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଦେଇଛନ୍ତି। ରକ୍ତାକ୍ତ ଅବସ୍ଥାରେ ନାବାଳିକା ଛାତ୍ରୀଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ଚାପିଦେବାକୁ ଚେଷ୍ଟା ହୋଇଥିଲା। ତେବେ ଛାତ୍ରୀଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥା ଫଟୋ ଓ ଭିଡିଓ ମିଳିବା ପରେ ଘଟଣା ଲୋକଲୋଚନକୁ ଆସିଛି। ଏ ନେଇ ଥାନାରେ ନାବାଳିକାଙ୍କ ଭିଣୋଇ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଭିଣୋଇଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ନାବାଳିକା ଶାଳୀ ଗରଦପୁର ବ୍ଲକ୍‌ର ଏକ ସଂସ୍କୃତ କଲେଜରେ ପଢୁଛନ୍ତି। ସେଠାରେ ଦୁଇ ଛାତ୍ରଙ୍କ ସହିତ ପାଠପଢ଼ାକୁ ନେଇ ତିକ୍ତତା ରହିଥିଲା। ଏଭଳି ସ୍ଥିତିରେ ଗତ ୧ ତାରିଖରେ ଶାଳୀ ସଦର ଥାନା ଅଞ୍ଚଳର ଭିଣୋଇ ଘରେ ଥିବାବେଳେ ଦୁଇ ଯୁବକ ତାଙ୍କ ଶାଳୀଙ୍କୁ ଡାକି ନେଇ ଇଟାରେ ମୁହଁକୁ ଛେଚି ଦେଇଥିଲେ। ଏଥିସହିତ ମାରଣାସ୍ତ୍ରରେ ଶରୀରର ବିଭିନ୍ନ ସ୍ଥାନକୁ ହାଣି ଲହୁଲୁହାଣ କରି ଦେଇଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ଶାଳୀକୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ ରେଫର୍ କରିଥିଲେ। ଅନ୍ୟପଟେ ଭିଣୋଇ ଏ ନେଇ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ କୁଦାନଗରୀ ଥାନା ସରସ୍ୱତୀପୁର ଅଞ୍ଚଳର ବିଶ୍ୱଜିତ୍ ଦାସ ଓ ଅନ୍ୟମାନଙ୍କ ନାଁରେ ମାମଲା ରୁଜୁ କରିଛି। ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯିବା ସହିତ ପୀଡ଼ିତାଙ୍କ ୧୬୪ରେ ବୟାନ ରେକର୍ଡ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

### ଅନୁକମ୍ପା ରାଶି ଉପରେ ସମ୍ପର୍କୀୟଙ୍କ ଆଖି

## ଏବେ ମାନସିକ ଭିନ୍ନକ୍ଷମ କବିତାଙ୍କୁ ନେବାକୁ ଆଗଭର

କୁଜଙ୍ଗ,୧୮।୯ (ସମିସ): ନିଜ ସମ୍ପର୍କୀୟଙ୍କ ନିକଟରେ ଅଲୋଡ଼ା ହୋଇପଡ଼ିଥିବା ଭିନ୍ନକ୍ଷମ କବିତାଙ୍କୁ ଅନୁକମ୍ପା ରାଶି ଦିଆଯିବାକୁ ସରକାରୀ ନିର୍ଦ୍ଦେଶ ପରେ ଏହି ରାଶି ହାତେଇବାକୁ ସମ୍ପର୍କୀୟ ଆଗଭର ହୋଇଥିବା ଜଣାପଡ଼ିଛି। ପରେ କବିତାଙ୍କ ପାଇଁ ବିପଦର କାରଣ ହେବା ଆଶଙ୍କା କରି କଟକସ୍ଥ ବସୁନ୍ଧରା ଛାଡ଼ିବାକୁ ରାଜି ହେଉ ନ ଥିବା ଜଣାପଡ଼ିଛି। ଏ ନେଇ ସମ୍ପର୍କୀୟ ଚାପ ପକାଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ୫ ବର୍ଷ ପୂର୍ବେ କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁର ଗ୍ରାମର ମାନସିକ ଭିନ୍ନକ୍ଷମ ଯୁବତୀ କବିତା ଦୁର୍ବୃତ୍ତଙ୍କ ଦୁଷ୍କର୍ମର ଶିକାର ହୋଇ ଗର୍ଭବତୀ ହୋଇଥିଲେ। ସେତେବେଳର ସରପଞ୍ଚ ଦିବଂଗତ ପୂର୍ଣ୍ଣିମା ତ୍ରିପାଠୀ ଓ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଉପସଭାପତି ରଶ୍ମିତା ନାୟକ ଓ ସଭ୍ୟ ବିପିନ ମାଝୀ କୁଜଙ୍ଗ ଥାନାରେ ଏତଲା ଦେଇ କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାବି କରିଥିଲେ। କୁଜଙ୍ଗ ପୁଲିସ ଅଭିଯୁକ୍ତ ବୃଦ୍ଧ କୃଷ୍ଣଚନ୍ଦ୍ର ତରାଇକୁ ଗିରଫ କରିଥିଲା। ଶ୍ରୀମତୀ ଆଚାର୍ଯ୍ୟ କବିତାଙ୍କୁ ଜଗତସିଂହପୁର ୱାନଷ୍ଟପ ସେଣ୍ଟରରେ ଅବସ୍ଥାପିତ କରାଇଥିଲେ। ଏକମାସ ପରେ କଟକ ବଡ଼ ମେଡିକାଲରେ କବିତା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। କିଛିଦିନ ପରେ ମାଆପୁଅଙ୍କୁ ଶ୍ରୀମତୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କଟକସ୍ଥ ବସୁନ୍ଧରାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଶିଶୁପୁତ୍ରକୁ ଜଣେ ଭଦ୍ର ବ୍ୟକ୍ତି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ତେବେ ରାଜ୍ୟ ବାହାରେ ରହୁଥିବା କବିତାଙ୍କ ପରିବାରକୁ ସ୍ଥାନୀୟ ଭଦ୍ରଲୋକ ଓ ଶ୍ରୀମତୀ ଆଚାର୍ଯ୍ୟ ପୁତ୍ର ସନ୍ତାନକୁ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ସେମାନେ ଏହାକୁ ସ୍ୱୀକାର କରି ନ ଥିଲେ। ବସୁନ୍ଧରାରେ କବିତା ଦୀର୍ଘବର୍ଷ ଧରି ରହୁଥିଲେ ମଧ୍ୟ ତାଙ୍କର ଆତ୍ମୀୟସ୍ୱଜନ ସାମୟିକ ସାହାଯ୍ୟ କିମ୍ବା ଦାୟିତ୍ୱ ନେଇ ନ ଥିଲେ। ଇତମଧ୍ୟରେ ସରକାରୀ ସ୍ତରରେ କବିତାଙ୍କୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ବ୍ୟବସ୍ଥିତ ହେବା ପରେ ତାଙ୍କୁ ଘରକୁ ନେବା ପାଇଁ ସମ୍ପର୍କୀୟ ଘରକୁ ନେବାକୁ ଜିଦ୍ ଧରିଛନ୍ତି। ଏ ନେଇ ରାଜନେତାଙ୍କ ସାହାଯ୍ୟରେ ବସୁନ୍ଧରା ଉପରେ ଚାପ ପକାଯାଉଛି। ଏହା କବିତାଙ୍କ ଅବଶିଷ୍ଟ ଜୀବନକୁ ବିପଦରେ ପକାଇବ ନାହିଁ ତ? ସରକାରୀ ସହାୟତା ହାତେଇବାକୁ ପ୍ରିୟଜନଙ୍କ ଏପରି ପ୍ରଚେଷ୍ଟା ମାନସିକ ଭିନ୍ନକ୍ଷମ କବିତା ପୁଣି ଆଉ କାହା ଦ୍ୱାରା ଶାରୀରିକ ନିର୍ଯାତନାର ଶିକାର ହୋଇ ପୁଣି ଗର୍ଭବତୀ ହେବନି ବୋଲି କିଏ କହିବ। ଗାଁରେ ମାନସିକ ଭିନ୍ନକ୍ଷମ ମାଆକୁ ଏକାକୀ ଛାଡ଼ି ଦୁଇଝିଅ ସ୍ୱାମୀ ସହ ସୁଦୂର ବାଙ୍ଗାଲୋରରେ ରହୁଛନ୍ତି। ସେମାନଙ୍କର କବିତା ପାଇଁ ସହୃଦୟତା ଦେଖାଇ ଘରକୁ ନେଇ ଅନୁକମ୍ପା ରାଶି ହାତେଇବାର ଏହା ଏକ ଚକ୍ରାନ୍ତ ନୁହେଁ ତ ବୋଲି ପ୍ରଶ୍ନ ଉଠିଛି। ତେଣୁ କବିତାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଉଚିତ ପଦକ୍ଷେପ ନେବାକୁ ଶ୍ରୀମତୀ ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ପ୍ରମୋଦ ବେହେରା, କବି ପୀତାମ୍ବର ତରାଇ, ରାଜନେତା ତପନ ତ୍ରିପାଠୀ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଅଭିଯୋଗକୁ ବୃନ୍ଦାବନ ଚନ୍ଦ୍ର କଲେଜ ଅଧ୍ୟକ୍ଷଙ୍କ ଖଣ୍ଡନ

ରଘୁନାଥପୁର,୧୮।୯ (ସମିସ): ନିକଟରେ ମହିଳା ସୁରକ୍ଷା ଦାବିରେ ବିଜେଡି ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ କଲେଜ ୟୁନିଫର୍ମ ଓ ଆଇକାର୍ଡ ପକାଇ ଯୋଗ ଦେଇଥିଲେ। ଏ ନେଇ ବିଜେପି ସମ୍ପାଦକ ସୁବାସ ଜେନା, ବିଜେପି ନେତା ସରୋଜ ସ୍ୱାଇଁ, ମଣ୍ଡଳ ସଭାପତି ସ୍ୱରାଜ ସାମଲ, ମଣ୍ଡଳ ସଭାପତି ବନୋଜ ନାୟକ, ପୂର୍ବତନ ସରପଞ୍ଚ ସରୋଜ ଦାସ, ଶେଷଦେବ ସେଠୀ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ କଲେଜର ଅଧ୍ୟକ୍ଷ ସରୋଜ ପଣ୍ଡାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଅଧ୍ୟକ୍ଷ ଶ୍ରୀ ପଣ୍ଡା ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କହିଛନ୍ତି, ବିଜେଡିର ମହିଳା ସୁରକ୍ଷା ଶୋଭାଯାତ୍ରାରେ ଛାତ୍ରଛାତ୍ରୀ କଲେଜକୁ ନ ଆସି ଯୋଗ ଦେଇଥିଲେ। ମୋର ସେଥିରେ କୌଣସି ଭୂମିକା ନାହିଁ ବୋଲି କହିଛନ୍ତି।

## ନେହରୁ ଟ୍ରଷ୍ଟ ପକ୍ଷରୁ ବିଶ୍ୱକର୍ମା ମଣ୍ଡପରେ ସଫେଇ



ପାରାଦୀପ,୧୮।୯ (ସମିସ): ବନ୍ଦର ସହର ପାରାଦୀପରେ ପାଳିତ ହେଉଛି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା। ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟକ ଦର୍ଶକ ବିଶ୍ୱକର୍ମାଙ୍କ ପୂଜା ଦେଖିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଛନ୍ତି। ସୁଉଚ୍ଚ ତୋରଣ ସାଙ୍ଗକୁ ଆକର୍ଷଣୀୟ ଆଲୋକ ସଜା ଦେଖି ଦର୍ଶକ ବିମୋହିତ ହେଉଛନ୍ତି। ଦର୍ଶକ ପୂଜା ବୁଲିବା ସମୟରେ ଅଳିଆ ଆବର୍ଜନା ଛାଡିଯା'ନ୍ତି। ଏହାକୁ ଦୃଷ୍ଟିରେ ରଖି ପାରାଦୀପର ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ଦିନ ସକାଳେ ପୂଜା ଅଞ୍ଚଳ ସଫେଇ କରାଯାଉଛି। ଟ୍ରଷ୍ଟର ଅଧ୍ୟକ୍ଷ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ସଦସ୍ୟ, ଉପଦେଷ୍ଟା ଓ କର୍ମକର୍ତ୍ତା ଏହି ସଫେଇ କାର୍ଯ୍ୟରେ ସାମିଲ ହୋଇ ପୂଜା ଅଞ୍ଚଳରୁ ଅଳିଆ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଏହି ସଫେଇ କାର୍ଯ୍ୟକ୍ରମରେ ଜ୍ୟୋତିରଞ୍ଜନ ଦାସ, ଧ୍ରୁବଚରଣ ମହାପାତ୍ର, ତ୍ରିନାଥ ମହାନ୍ତି, ବିଜୟ ସେଠୀ, କୌଶଲ୍ୟା ମହାନ୍ତି, ଧରିତ୍ରୀ ସାମଲ, ପୁଷ୍ପା ଦାସ, ସୁଶାନ୍ତ ବାରିକ ପ୍ରମୁଖ ସାମିଲ ହୋଇଛନ୍ତି। ଟ୍ରଷ୍ଟର ଉପଦେଷ୍ଟା ନିରଞ୍ଜନ ନାୟକ, ଟ୍ରଷ୍ଟି କେଦାରନାଥ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ସରିବା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## ବିଭିନ୍ନ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା



ମଣିଜଙ୍ଗା,୧୮।୯ (ସମିସ): ତିର୍ତ୍ତୋଲ ବ୍ଲକ୍‌ର ବିଭିନ୍ନ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ଗ୍ରାମ୍ୟ ଜଳଯୋଗାଣ, ପରିମଳ ବିଭାଗ ଅଫିସରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦାସ, କନିଷ୍ଠଯନ୍ତ୍ରୀ ଚିନ୍ମୟ ସାହୁଙ୍କ ପରିଚାଳନାରେ ପୂଜା ଅନୁଷ୍ଠିତ ହୋଇଥିଲା। କର୍ମଚାରୀ ନାରାୟଣ ଦାସ, ଜ୍ୟୋତିରଞ୍ଜନ ପରିଜା, ବିଭୂତି ଭୂଷଣ ନାୟନ, ରଣଜିତ୍ ଦାସ, ଅଜୟ ହାତୀ, ଜଟାଧାରୀ ଲେଙ୍କା, ସୁଦାମା ଜେନା, ସୁଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଦୋକାନରୁ ଚୋରି

ବାଲିକୁଦା,୧୮।୯ (ସମିସ): ତିହୁଡି-ମରିଚପୁର ରାସ୍ତା କଡ଼ରେ ଥିବା ଦଶବାଟିଆ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ଗତକାଲି ରାତିରେ ଚୋରି ହୋଇଛି। ଗ୍ରିଲ ତାଲା ଶାବଳ ଭାଙ୍ଗି ଦୁର୍ବୃତ୍ତ ୩୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ବହୁ ଦାମିକା ବିଦେଶୀ ମଦ ଚୋରି କରି ନେଇଛନ୍ତି। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଓ ହାର୍ଡ ଡିସ୍କ ମଧ୍ୟ ନେଇଯାଇଛନ୍ତି। ଏଥିସହ ଦୋକାନଠାରୁ ୧୦୦ ମିଟର ଦୂରରେ ଥିବା ଏକ କେବିନ ଭାଙ୍ଗି ଟଙ୍କା, ସିଗାରେଟ ଓ ଗୁଟଖା ଚୋରି କରି ନେଇଛନ୍ତି। ମଦ ଦୋକାନ କର୍ମଚାରୀ ଆଶିଷ ସ୍ୱାଇଁଙ୍କ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ଭାସତ ରଞ୍ଜନ ରାୟ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ଗତକାଲି ରାତି ପ୍ରାୟ ୧୦ଟା ୧୫ ମିନିଟରେ ୫ ଜଣ କର୍ମଚାରୀ ମଦ ଦୋକାନ ସଟର ତାଲା ପକାଇବା ସହ ସମ୍ମୁଖରେ ଥିବା ଗ୍ରିଲରେ ୨ଟି ତାଲା ପକାଇ ଘରକୁ ଯାଇଥିଲେ। ଆଜି ସକାଳ ପ୍ରାୟ ୬ଟା ସମୟରେ ଦୋକାନରେ କାର୍ଯ୍ୟ କରୁଥିବା ଆଶିଷ ଦଳାଇ ନିଜର କୌଣସି ଏକ କାର୍ଯ୍ୟରେ ଦଶବାଟିଆ ବଜାର ଯାଇଥିବାବେଳେ ଗ୍ରିଲ ତାଲା ଖୋଲାଥିବା ଦେଖି ଭିତରେ ସାଥୀ କର୍ମଚାରୀ ଥିବା ଭାବି ଡାକିଥିଲେ। କୌଣସି ଉତ୍ତର ପାଇ ନ ଥିଲେ। ପରେ ସାଥି କର୍ମଚାରୀଙ୍କୁ ଦୋକାନ ଚୋରି ସମ୍ପର୍କରେ ଅବଗତ କରାଇ ଫାଣ୍ଡିରେ ଜଣାଇବା ପରେ ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ କରି ସିଟିଟିଭି ହାର୍ଡ ଡିସ୍କ ଚୋରି ହୋଇଥିବା ଓ ଦୋକାନ ଭିତରେ ଥିବା ଏକ ଝରକା ଦେଇ ଭିତରେ ପ୍ରବେଶ କରିଥିବା ଜାଣିବାକୁ ପାଇଥିଲେ। ଅପରାହ୍ନରେ ସନ୍ଧାନୀ କୁକୁର ସହାୟତାରେ ଚୋର ଧରିବାକୁ ଉଦ୍ୟମ କରାଯାଇଥିବାବେଳେ ସନ୍ଧାନୀ କୁକୁର ମଦ ଦୋକାନଠାରୁ ଚୋରି ହୋଇଥିବା ଦୋକାନ ପର୍ଯ୍ୟନ୍ତ ଯାଇ ଶୋଇ ରହିଥିଲା। ଫଳରେ ଚୋର ଧରାପଡିବା ଆଶା ମଉଳି ଯାଇଥିଲା।

## ଧର୍ମପ୍ରାଣା ଗୀତାଞ୍ଜଳି ସ୍ୱାଇଁଙ୍କ ପରଲୋକ



ମଣିଜଙ୍ଗା,୧୮।୯ (ସମିସ): ତିର୍ତ୍ତୋଲ ବ୍ଲକ୍‌ର ବୋଧେଇ ପଞ୍ଚାୟତର ବୋଧେଇ ଗ୍ରାମର ଧର୍ମପ୍ରାଣା ମହିଳା ତଥା ଯଦୁମଣି ସ୍ୱାଇଁଙ୍କ ପତ୍ନୀ ଗୀତାଞ୍ଜଳି ସ୍ୱାଇଁ (୭୦)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ପୁତ୍ରରା ତୋଫାନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

### କେନ୍ଦ୍ରାଞ୍ଚଳ ରାଜସ୍ୱ କମିସନରଙ୍କ ଜଗତସିଂହପୁର ଜିଲ୍ଲା ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

ଜଗତସିଂହପୁର,୧୮।୯ (ସମିସ):



ଆଜି ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିସନର (କଟକ) ଗୁହା ପୁନମ ତାପସ କୁମାର ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ କାର୍ଯ୍ୟାଳୟର କାର୍ଯ୍ୟ ଧାରା ଓ ସମ୍ପୃକ୍ତ ବିଭାଗ ଅନ୍ତର୍ଗତ ଉନ୍ନୟନ ଯୋଜନା ଓ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି।

ରାଜସ୍ୱ କମିସନର ଶ୍ରୀମତୀ ଗୁହା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ, ରେଜିଷ୍ଟ୍ରାର,ଜିଲ୍ଲା ଅବକାରୀ ଅଧୀକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଉପବିଭାଗ କାର୍ଯ୍ୟାଳୟର କାର୍ଯ୍ୟ ଧାରା ନିରୀକ୍ଷଣ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ବିଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

ଜିଲ୍ଲାପାଳ ଜେ. ସୋନାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲପାଳ (ରାଜସ୍ୱ) ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଜଗତସିଂହପୁର ଓ ପାରାଦୀପ ପୌରପରିଷଦ ନିର୍ବାହୀ ଅଧିକାରୀ, ସମସ୍ତ ତହସିଲଦାର, ବିଡ଼ିଓ ଙ୍କ ସମେତ ସମସ୍ତ ଡେପୁଟି କଲେକ୍ଟର, ସମସ୍ତ ସହକାରୀ କଲେକ୍ଟର, ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। କମିଶନର ଶ୍ରୀମତୀ ପୁନମ ପ୍ରଥମେ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ଅଧ୍ୟକ୍ଷାଙ୍କ ସହିତ ଆଲୋଚନା କରିଥିଲେ। ପରେ ମୁଖ୍ୟ ଚିକିତ୍ସାଳୟରେ ମିଶନ ଶକ୍ତି କାଫେ ଓ ଆହାର କେନ୍ଦ୍ର ପରିଦର୍ଶନ କରି ସ୍ୱୟଂସହାୟକ ଗୋଷ୍ଠୀ ମାଆମାନଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ପଚାରି ବୁଝିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ 'ଆସ ସ୍କୁଲ ଯିବା' ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଏହି ଯୋଜନା ବିଷୟରେ ଆଲୋଚନା କରିବା ସହ ଡ୍ରପଆଉଟ୍‌ରୁ ଚିହ୍ନଟ ହୋଇ ପୁନଶ୍ଚ ବିଦ୍ୟାଳୟରେ ନାମ ଲେଖାଇଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରିଥିଲେ।

## ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ପଦଯାତ୍ରା



ଜଗତସିଂହପୁର,୧୮।୯ (ସମିସ): ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀମତୀ ଗୁହା ପୁନମ୍ ତାପସ୍ କୁମାର ଓ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସମଗ୍ର ଶିକ୍ଷା ଜଗତସିଂହପୁର ପକ୍ଷରୁ ଅତିଥିଙ୍କୁ ସାଗତ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ପାତ୍ର ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପିଲାଙ୍କ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ ରାଉତ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଜଗତସିଂହପୁର ମଣ୍ଡଳ ଶିକ୍ଷାଧିକାରିଣୀ ଶ୍ରୀମତୀ ମଧୁସ୍ମିତା ପତି, ବିରିଡ଼ି ମଣ୍ଡଳ ଶିକ୍ଷାଧିକାରୀ ମିହିର ପାଲ, ଜଗତସିଂହପୁର ମଣ୍ଡଳ ସହ ଶିକ୍ଷାଧିକାରିଣୀ ଅନୁସୂୟା ଭୋଇ ଓ କନକଲତା ଦାସ ଉପସ୍ଥିତ ଥିଲେ। ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପିଲାଙ୍କୁ ଉପହାର ପ୍ରଦାନ କରାଯିବା ପରେ ଅତିଥିମାନେ ପତାକା ଦେଖାଇ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଚାଟରା ଓ ପାଣିଶାଳିଆ ଗ୍ରାମ ପରିକ୍ରମା କରିଥିଲା।

# ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୧୮ ।୯ (ସମିସ)

ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ଅକ୍ଟୋବର ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ମା'ଙ୍କ ପୂଜା କରାଯାଇ ୧୫ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଉପସ୍ଥିତ ସମସ୍ତ ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇଥିଲେ । ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ରୁଦ୍ରନାରାୟଣ ତ୍ରିପାଠୀ ଚଳିତ ବର୍ଷ ଲକ୍ଷ୍ମୀପୂଜା ଯେପରି ଅଧିକ ସରସସୁନ୍ଦର ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ପୂଜା ଅବସରରେ ସହରରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ ସେବା, ରାସ୍ତାଘାଟ ମରାମତି, ପାର୍କିଂ ବ୍ୟବସ୍ଥା ଓ ଜନସାଧାରଣଙ୍କ ଗମନାଗମନ ନିମନ୍ତେ ଶୃଙ୍ଖଳିତ ବ୍ୟବସ୍ଥା କରିବା,



## ୩୮ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ

ଜାତୀୟ ରାଜପଥର ସହର ମଧ୍ୟକୁ ପ୍ରବେଶପଥ ମରାମତି, ଅଧିକ ଅସ୍ଥାୟୀ ଶୌଚାଳୟ କରିବା, ଆଶୁ ଚିକିତ୍ସା ବ୍ୟବସ୍ଥା, ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଖାଦ୍ୟପଦାର୍ଥ ଯାଞ୍ଚ, ନିଶା ସେବନକାରୀଙ୍କ ଉପରେ ନଜର ରଖି ପୂଜାକୁ ଶୃଙ୍ଖଳିତ କରିବାକୁ ବିଭିନ୍ନ ପୂଜା ଅନୁଷ୍ଠାନ କର୍ମକର୍ତ୍ତାମାନେ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା, ଗାଡ଼ି ପାର୍କିଂ ସହିତ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ଅଭିନବ ସୋନକର ପ୍ରକାଶ କରିଥିଲେ । ସମସ୍ତ ପୂଜାମଣ୍ଡପରେ ସୁରକ୍ଷା ପାଇଁ ନିରାପଦ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରାଇ ସିସିଟିଭି କ୍ୟାମେରା ଲଗାଇବା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାକୁ ସେ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ପୂଜା ଅନୁଷ୍ଠାନ ନିମନ୍ତେ ଆବଶ୍ୟକ ପ୍ରମାଣପତ୍ର ପାଇଁ ଆବେଦନ କରିବାକୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରାଯିବ । ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମମାନଙ୍କ ପାଇଁ ପୂଜାମଣ୍ଡପ ଦର୍ଶନ ନିମନ୍ତେ ୪ଟି ବ୍ୟାଟେରୀ ଚାଳିତ ଗାଡ଼ି ପୌରପାଳିକା ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରକାଶ କରିଥିଲେ । ସହର ରାସ୍ତା ମଧ୍ୟରୁ ସମସ୍ତ ଗୋରୁଗାଈଙ୍କୁ ଉଠାଇ ନିଆଯିବ ଏବଂ କୌଣସି ପ୍ରକାରେ ସେଗୁଡ଼ିକୁ ତାଙ୍କ ମାଲିକଙ୍କୁ ଫେରସ୍ତ କରାଯିବ ନାହିଁ ବୋଲି ସେ କହିଥିଲେ । ବୈଠକରେ ଆଇଏଏସ ପ୍ରୋବେସନର ଭଗତ ସାମଲ କଲ୍ୟାଣ ରାଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ୩୮ ପୂଜା ଅନୁଷ୍ଠାନ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଗାବଜାର ପୂଜା କମିଟିର ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ



ଢେଙ୍କାନାଳ,୧୮ ।୯ (ସମିସ): ଢେଙ୍କାନାଳ ଦୁର୍ଗାବଜାର ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଏବଂ ସାହିବାସିନ୍ଦା ଏକତ୍ରିତ ହୋଇ ଚଳିତବର୍ଷ ପ୍ରଥମ କରି ଲକ୍ଷ୍ମୀପୂଜା ଆୟୋଜନ କରୁଛନ୍ତି । ଏ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି । ସଭାପତି ପ୍ରକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଶାନ୍ତ ମହାନ୍ତି ଯୋଗଦେଇ ଚଳିତ ବର୍ଷ ପୂଜା କିପରି ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହେବ ସେ ବିଷୟରେ ଆଲୋଚନା କରିଥିଲେ । ବୈଠକରେ ସାହିବାସିନ୍ଦାଙ୍କ ସମେତ ବଜାରର ୩୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବଳଦେବଜୀଉ ଓନର୍ସ ଆସୋସିଏସନ ପକ୍ଷରୁ ବିଶ୍ୱକର୍ମା ପୂଜା



ଢେଙ୍କାନାଳ,୧୮ ।୯ (ସମିସ): ସ୍ଥାନୀୟ ଷ୍ଟେସନ ବଜାରରେ ଶ୍ରୀ ଶ୍ରୀ ବଳଦେବଜୀଉ ଓନର୍ସ ଓ ୱେଲଫେୟାର ଆସୋସିଏସନ ତରଫରୁ ୧୮ତମ ବିଶ୍ୱକର୍ମା ପୂଜା ପାଳିତ ହେଇଛି । ପୂଜାର ଦ୍ୱିତୀୟ ଦିନ ବିଶ୍ୱକର୍ମାଙ୍କ ପାଖରେ ଅନ୍ନଭୋଗ ଲାଗି କରାଯାଇଥିଲା । ୨୦୦ରୁ ଊର୍ଦ୍ଧ୍ୱ ଭକ୍ତ ଅନ୍ନ, ଡାଲମା, ଶାଗ, ଆମ୍ବୁଲ ଖଟା ପ୍ରସାଦ ସେବନ କରିଥିଲେ । ସଭାପତି ଗୋଲଖ ବିହାରୀ ମଲ୍ଲିକ, ସମ୍ପାଦକ ରମାକାନ୍ତ ମଲ୍ଲିକ, ଉପସଭାପତି ବ୍ରହ୍ମାନନ୍ଦ ବେହେରା, କୋଷାଧ୍ୟକ୍ଷ ଦିଲୀପ କୁମାର ବେହେରା, ଫିଲ୍ଡ ଅଫିସର ବିଜୟ କୁମାର ମଲ୍ଲିକ ଓ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସଙ୍ଖୁଡ଼ି ଭୋଗ ଲାଗି କରାଯାଇଥିଲା । ଶୁକ୍ରବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ।

## ଅହମଦିୟା ଯୁବ ସଙ୍ଗଠନ ଆନୁକୂଲ୍ୟରେ ଚାରାରୋପଣ



ଢେଙ୍କାନାଳ,୧୮ ।୯ (ସମିସ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ସମ୍ପ୍ରଦାୟର ଯୁବ ସଙ୍ଗଠନ ଉଦ୍ୟମରେ ଗ୍ରାମର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରକୃତି ସୁରକ୍ଷା ଓ ସବୁଜ ପରିବେଶ ଗଠନ ନେଇ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୌଲବୀ ମୁଜାଫର ଖାଁ, ଯୁବ ସଙ୍ଗଠନର ପୂର୍ବତନ ଅଧ୍ୟକ୍ଷ ମହମୁଦ ଖାଁ, ସଲିମ ଉଦ୍ଦିନ ଖାଁ, ଶେଖ ତନୱିରଙ୍କ ସମେତ ଯୁବକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବୃକ୍ଷ ପ୍ରକୃତିର ପ୍ରାଣ । ବୃକ୍ଷ ମାନବ ଜୀବନ ପାଇଁ ଶୁଦ୍ଧ ବାୟୁ ଦେଇଥାଏ । ପୃଥିବୀର ଉଷ୍ମତାକୁ କମାଇଥାଏ, ପଶୁପକ୍ଷୀମାନଙ୍କୁ ଆଶ୍ରୟ ପ୍ରଦାନ କରିଥାଏ । ବର୍ଷାକୁ ଆକର୍ଷିତ କରି ଜଳ ସଂରକ୍ଷଣରେ ସହାୟକ ହୋଇଥାଏ । ବୃକ୍ଷ ପ୍ରାଣୀଜଗତକୁ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ କରିଥାଏ । ପରିବେଶୀୟ ସଙ୍କଟର ଏହି ସମୟରେ ଅହମଦିୟା ଯୁବ ସଙ୍ଗଠନର ଏହି ପଦକ୍ଷେପ ସତ୍ୟ ପ୍ରତିଷ୍ଠା, ସମାଜସେବା ଓ ପରିବେଶପ୍ରେମର ଏକ ଅନୁପମ ଉଦାହରଣ । ସେମାନଙ୍କ ଏହି ଉଦ୍ୟମ ସମାଜ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟକ ବୋଲି ଅତିଥିମାନେ କହିଥିଲେ ।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା: ହାତରୁ ଖର୍ଚ୍ଚ କରିବାକୁ ଅକ୍ଷମ ଗରିବ ହିତାଧିକାରୀ

ଭୁବନ,୧୮ ।୯ (ସମିସ): ବିଜୁଳି ବିଲ୍ ହ୍ରାସ ତଥା ସ୍ୱଳ୍ପ ଖର୍ଚ୍ଚରେ ବିଜୁଳି ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାରେ ଲୋକଙ୍କୁ ସାମିଲ କରି ମାସିକ ୩ଶହ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି । ତେବେ ରାଜ୍ୟରେ ଏହି ଯୋଜନା ଆରମ୍ଭ ହେବାର ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ଭୁବନ ବ୍ଲକ ଅଞ୍ଚଳରେ ଏହା ଆଶାଅନୁରୂପ ସଫଳ ହୋଇ ନ ଥିବା ଦେଖାଯାଇଛି । ସାଧାରଣ ଗରିବ ଲୋକଟିଏ ହାତରୁ ଟଙ୍କା ଖର୍ଚ୍ଚ କରି ସୌର ପ୍ରକଳ୍ପ ସ୍ଥାପନ କରିପାରୁ ନାହିଁ । ବ୍ୟାଙ୍କ ମଧ୍ୟ ଗରିବ ଲୋକଙ୍କୁ ଋଣ ଦେବାକୁ ଅମଙ୍ଗ ହେଉଛି । ଏପରି ସ୍ଥିତିରେ ଏହି ଯୋଜନା କେବଳ ବଡ଼ବଡ଼ିଆଙ୍କ ପାଇଁ ବୋଲି ଚର୍ଚ୍ଚା ହେଉଛି ।

୨୦୨୪ ଫେବୃଆରୀରେ ଏହି ଯୋଜନ ଆରମ୍ଭ କରାଯାଇଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିରେ ସବ୍‌ସିଡି ବ୍ୟବସ୍ଥା ମଧ୍ୟ ରହିଛି । ସରକାରଙ୍କ ପକ୍ଷରୁ ସବ୍‌ସିଡି ଦିଆଯାଉଥିବା ସତ୍ତ୍ୱେ ବ୍ଲକରେ ଯୋଜନା ଆଗେଇ ପାରୁନାହିଁ । ଭୁବନ ବ୍ଲକ ଅଧୀନରେ ୧୮ ପଞ୍ଚାୟତ ଥିବାବେଳେ ଅଦ୍ୟାବଧି ସବୁ ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ । ବ୍ଲକ ଅଞ୍ଚଳରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବିଦ୍ୟୁତ ଗ୍ରାହକ ଥିବାବେଳେ ମାତ୍ର ୭୦/ ୮୦ଜଣ ଏହି ଯୋଜନାରେ ସାମିଲ ହୋଇଛନ୍ତି । ଏହି ଯୋଜନା ସାମିଲ ହେବା ପାଇଁ ଚାହୁଁଥିବା ଉପଭୋକ୍ତା ପ୍ରଥମେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ସୌର ପ୍ରକଳ୍ପ ସ୍ଥାପନ କରିବେ । ପରେ ସରକାର ତାଙ୍କୁ ସବ୍‌ସିଡି ରାଶି ଯୋଗାଇଦେବେ । ଆର୍ଥିକ ସ୍ୱଚ୍ଛଳ ଲୋକେ ଟଙ୍କା ଦେଇ ଏହାକୁ ସ୍ଥାପନ କରୁଥିବାବେଳେ ଗରିବ ଲୋକେ ଏତେ ଟଙ୍କା ହାତରୁ ଖର୍ଚ୍ଚ କରିବା ସମ୍ଭବ ହେଉନାହିଁ । ଫଳରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକେ ଆଗୁଆ ଟଙ୍କା ଖର୍ଚ୍ଚ କରି କିପରି ଏହାର ସୁବିଧା ହାସଲ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଗଜପତି କ୍ଲବ ପକ୍ଷରୁ ଗଣେଶ ଭସାଣି ଉତ୍ସବ



ଢେଙ୍କାନାଳ,୧୮ ।୯ (ସମିସ): ସଦର ବ୍ଲକ କାଙ୍କଡ଼ପାଳ ଗ୍ରାମ ଗଜପତି କ୍ଲବ ତରଫରୁ ୨୦ବର୍ଷ ଧରି ଗଣେଶ ପୂଜା ପାଳିତ ହୋଇ ଆସୁଥିବାବେଳେ ଚଳିତ ବର୍ଷ ପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ସମାଜସେବୀ ରାମଚନ୍ଦ୍ର ପାତ୍ର ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ପ୍ରତ୍ୟେକ ଦିନ ନୀତିକାନ୍ତି ଅନୁସାରେ ଚାଲିଥିଲା । କ୍ଲବର ପୂର୍ବତନ ସଭାପତି ତଥା ପୂଜକ ପ୍ରମୋଦ କୁମାର ପଣ୍ଡା ଓ କର୍ତ୍ତା ଅର୍ଜୁନ ଦାସ ଓ ସଭାପତି ପ୍ରିୟବ୍ରତ ପଣ୍ଡା, ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁଙ୍କ ଉପସ୍ଥିତିରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା । କଟକ ବିଡ଼ାନାସୀର ସାଇଲକ୍ଷ୍ମୀ ବ୍ୟାଣ୍ଡପାର୍ଟିର ସଙ୍ଗୀତରେ ଯୁବକମାନେ ଝୁମି ଉଠିଥିଲେ ।

## ଗଡ଼ଜାତ ଗାନ୍ଧୀ ସାରଙ୍ଗଧରଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଢେଙ୍କାନାଳ,୧୮ ।୯ (ସମିସ): ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ଲୋକସଭା ସାଂସଦ ସାରଙ୍ଗଧର ଦାସଙ୍କ ୬୮ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି । ଏହି ଅବସରରେ ଢେଙ୍କାନାଳ ଶ୍ରୀ ବଳରାମ ମନ୍ଦିର ଛକରେ ଅବସ୍ଥାପିତ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ହରେକୃଷ୍ଣପୁର ସାରଙ୍ଗଧର ସେବା ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ପରିଷଦ ସଭାପତି ଚିତ୍ତରଞ୍ଜନ ପୁହାଣ, ସମ୍ପାଦକ ସୁଜିତ ରାଜ, ପ୍ରକାଶ ଗୋଛାୟତ, ଲଳିତ ପୃଷ୍ଟି, ବିଶ୍ୱଜିତ ନାୟକ, ସୁବ୍ରତ, ଚନ୍ଦନ, କାଳିଆ, ସାନୁ, ମଧୁସୂଦନ, ବବଲୁ, ସୋନୁ ଓ ବିକ୍ରମ ପ୍ରମୁଖ ସାରଙ୍ଗଧରଙ୍କ ପୈତୃକ ଗ୍ରାମରୁ ଢେଙ୍କାନାଳ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ମୁଖ୍ୟଅତିଥି ଭାବେ ପରିଷଦର ମୁଖ୍ୟ ଉପଦେଷ୍ଟା ସମାଜସେବୀ ପ୍ରଦ୍ୟୁମ୍ନ ରଥ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅବନୀ ମିଶ୍ର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦେବୀପ୍ରସାଦ ମିଶ୍ର ଓ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଯୋଗଦେଇ ସାରଙ୍ଗଧରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ହରେକୃଷ୍ଣପୁର ଗ୍ରାମରେ ସାରଙ୍ଗଧର ଦାସ ଟ୍ରଷ୍ଟ ବୋର୍ଡ ସଭ୍ୟ ହରିଶଚନ୍ଦ୍ର ଦାସ ସାରଙ୍ଗଧରଙ୍କୁ ପିଣ୍ଡଦାନ କରିବା ସହ ଉପସ୍ଥିତ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ । ଟ୍ରଷ୍ଟ ବୋର୍ଡ ପକ୍ଷରୁ ସାରଙ୍ଗଧରଙ୍କ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା ।

## ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଖଜୁରିଆକଟା,୧୮ ।୯ (ସମିସ): ହିନ୍ଦୋଳ ଉପଖଣ୍ଡ ପାଟଲା ପଞ୍ଚାୟତ କୁଣ୍ଡେଶ୍ୱର ଗୁରୁକୁଳାଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ପବିତ୍ର ମୋହନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ମହୁର କୁମାର ବେହେରା, ମୁଖ୍ୟବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ଏବିଇଓ ଦ୍ୱିତୀକୃଷ୍ଣ ସାହୁ, ଓଷ୍ଟା ରାଜ୍ୟ ଉପାଧ୍ୟକ୍ଷ ପ୍ରମୋଦ କୁମାର ସ୍ୱାଇଁ, ସରପଞ୍ଚ ବିରଞ୍ଚି ନାରାୟଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୈଷ୍ଣବ ଚରଣ ଦାସ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନରେନ୍ଦ୍ର କୁମାର ଦେହୁରୀ ଓ ହିନ୍ଦୀ ଶିକ୍ଷକ ଶଶିଭୂଷଣ ନାଥଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ୨ ଶିକ୍ଷକଙ୍କୁ ଉପହାର ପ୍ରଦାନ କରିଥିଲେ । ଶିକ୍ଷକ ରାମଚନ୍ଦ୍ର ଦଳେଇ, ଗୋବିନ୍ଦ ବେହେରା, ଚିରଞ୍ଜୀବ ଶବର, ନରେନ କୁମାର ପଣ୍ଡା, ବେଣୁଧର ପ୍ରଧାନ, ଅଜିତ କୁମାର ଦାସ, ସରୋଜ କୁମାର ନାଥ, ଶିକ୍ଷୟିତ୍ରୀ ବନିତା ସାହୁ, ଅପର୍ଣ୍ଣା ସିଂହ ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ସୁବଳ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଇଆଇଏମ୍‌ସିରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ: ପ୍ଲାଷ୍ଟିକମୁକ୍ତ କ୍ୟାମ୍ପସ ଗଠନ ପାଇଁ ଆହ୍ୱାନ

ଢେଙ୍କାନାଳ,୧୮ ।୯ (ସମିସ): ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ପାଳିତ ହୋଇଛି । ଏଥିରେ ପ୍ରତିଷ୍ଠାନର ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗ ବିଦ୍ୟାର୍ଥୀ ସାମିଲ ହୋଇ ପ୍ରତିଷ୍ଠାନ ପରିସରକୁ ସଫେଇ କରିଥିଲେ । ବିଶେଷକରି କ୍ୟାମ୍ପସରୁ ସମସ୍ତ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରି ଆବର୍ଜନା କୁଣ୍ଡରେ ଜମା କରିଥିଲେ । ବୁଧବାର ପ୍ରତିଷ୍ଠାନର ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ଏକ ସଚେତନଧର୍ମୀ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ସାମିଲ ହୋଇ କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ । ଆ ଇ ଆ ଇ ଏ ମ ସି କ୍ୟାମ୍ପସକୁ ପ୍ଲାଷ୍ଟିକମୁକ୍ତ କରିବା ନିମନ୍ତେ ଆହ୍ୱାନ କରିଥିଲେ ।



# ଭିନ୍ନକ୍ଷମ ଚୟନ ଶିବିର ପାଲଟିଛି ପ୍ରହସନ

## ପ୍ରମାଣପତ୍ର ନ ପାଇ ନିରାଶରେ ଫେରିଲେ ହିତାଧିକାରୀ

କାମାକ୍ଷାନଗର,୧୮ ।୯ (ସମିସ):

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଆଳତୁମାଠାରେ ଆୟୋଜିତ ଭିନ୍ନକ୍ଷମ ଚୟନ ଶିବିର ପ୍ରହସନରେ ପରିଣତ ହୋଇଛି । ଚୟନ ଶିବିରକୁ ଆସୁଥିବା ହିତାଧିକାରୀମାନଙ୍କର ଉପଯୁକ୍ତ ପରୀକ୍ଷା ନିରୀକ୍ଷା ହୋଇ ନ ପାରିବା ଯୋଗୁଁ ନିରାଶରେ ଫେରୁଛନ୍ତି । ଏଥିରୁ ବାଦ୍ ପଡ଼ିନାହାନ୍ତି ଛୋଟ ତଥା କଅଁଳ ବୟସର ଶିଶୁମାନେ । ଦୁଇଜଣ ଶିଶୁଙ୍କୁ ଜନ୍ମରୁ ଭଲରେ ଶୁଣାଯାଉ ନ ଥିବା ବେଳେ ସେମାନେ କଥା ମଧ୍ୟ କହିପାରୁ ନାହାନ୍ତି । ଏହି ଶିଶୁ ଦ୍ୱୟ ଏହି ଚୟନ ଶିବିରକୁ ଆସିଥିଲେ ମଧ୍ୟ ନିରାଶ ହୋଇ ଫେରିବାକୁ ପଡ଼ିଛି ।




କାମାକ୍ଷାନଗର ମଡ଼ିସାହିର ତ୍ରିଲୋଚନ ବିଶ୍ୱାଳ (୮) ଜନ୍ମରୁ କଥା କହିପାରୁ ନାହାନ୍ତି କି ଶୁଣି ପାରୁନାହାନ୍ତି । ସମ୍ପର୍କୀୟମାନେ ତାଙ୍କୁ ନେଇ ଭିନ୍ନକ୍ଷମ ଚିହ୍ନଟ ଶିବିର ହେଉ କି ଢେଙ୍କାନାଳ ମେଡିକାଲକୁ ଧାଇଁ ଧାଇଁ ନୟାନ୍ତ ହେଲାପରେ ବି ତାଙ୍କ କଥା କେହି ଶୁଣିନାହାନ୍ତି । ସେହିପରି କଣ୍ଟାପାଳ ଶବର ସାହିର ଅଶ୍ୱିନୀ ଦେହୁରୀ (୯)ଙ୍କ ଅବସ୍ଥା ମଧ୍ୟ ସମାନ । ଏହି ଭିନ୍ନକ୍ଷମ ଶିଶୁମାନଙ୍କୁ ପରୀକ୍ଷା କରାଇ ପ୍ରମାଣପତ୍ର ଦେଲେ ସେମାନେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପାରିପାରିବେ ବୋଲି ଅଭିଭାବକମାନେ ଆଶା ବାନ୍ଧି ବସିଛନ୍ତି । କିନ୍ତୁ ଏହି ଚୟନ ଶିବିରକୁ ଆସୁଥିବା ବିଭାଗୀୟ ଡାକ୍ତରମାନେ ପରୀକ୍ଷା କରିବା ପାଇଁ ସରଞ୍ଜାମ ନେଇ ନ ଆସିବା ଦ୍ୱାରା ଶିଶୁମାନେ ନିରାଶ ହୋଇ ଫେରିବାକୁ ପଡୁଛି । ଶିବିରରେ ଉପସ୍ଥିତ ଡାକ୍ତରମାନେ ହିତାଧିକାରୀମାନଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଯାଇ ପରୀକ୍ଷା କରାଇବାକୁ ପରାମର୍ଶ ଦେଉଛନ୍ତି । ଢେଙ୍କାନାଳ ମେଡିକାଲକୁ ଗଲେ ମଧ୍ୟ ସେଠାରେ ବି ସମାନ ପରିସ୍ଥିତି ବୋଲି କହିଛନ୍ତି ଶିଶୁମାନଙ୍କ ଅଭିଭାବକ । ଏଭଳି ଘଟଣା ପ୍ରତ୍ୟେକ ଭିନ୍ନକ୍ଷମ ଚିହ୍ନଟ ଶିବିରରେ ଘଟୁଥିବା କହିଛନ୍ତି ଏଠାକୁ ଆସିଥିବା ସ୍ୱେଚ୍ଛାସେବୀ ଦିଲୀପ କୁମାର ସେଣ୍ଠ । ଏଭଳି ସ୍ଥିତିରେ କାହିଁକି ଚୟନ ଶିବିର କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶିବିରକୁ ଆସୁଥିବା ହିତାଧିକାରୀମାନେ କିଭଳି ଉପଯୁକ୍ତ ପ୍ରମାଣପତ୍ର ପାଇପାରିବେ ସେ ନେଇ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ସୂଚନାଯୋଗ୍ୟ ଆଜିର ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୭୫, ମାନସିକ ରୋଗ ବିଭାଗରେ ୭୪, ଦୃଷ୍ଟି ବିଭାଗରେ ୩୬, କର୍ଣ୍ଣ ବିଭାଗରେ ୪୪ ଓ ଭେଷଜ ବିଭାଗରେ ୧୮ ଜଣ ଉପସ୍ଥିତ ଥିଲେ ।

# ମହିମା ଟାକ୍ସି ମାଲିକ ସଂଘର ବାର୍ଷିକୋତ୍ସବ



ଯୋରନ୍ଦା,୧୮ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମା ଟାକ୍ସି ମାଲିକ କଲ୍ୟାଣ ସଂଘ ଆନୁକୂଲ୍ୟରେ ବିଶ୍ୱକର୍ମା ପୂଜା ଓ ୨ ଦିନ ବ୍ୟାପୀ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ବୁଧବାର ପୂର୍ବାହ୍ନ ୧୦ଟାରେ ପୂଜା ଆରମ୍ଭ ହୋଇ ପୁଷ୍ପାଞ୍ଜଳି ଦିଆଯାଇଥିଲା । ଅପରାହ୍ନ ୪ଟାରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୭ଟାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସଙ୍ଘ ସଭାପତି ବିଦ୍ୟାଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଯୋଗଦେଇ କହିଲେ, ଯୋରନ୍ଦା ଅଞ୍ଚଳର ମାଟି ପବିତ୍ର । ଏହି ଅଞ୍ଚଳର ବିକାଶ ପାଇଁ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ଯୁବ ସମାଜସେବୀ ସତ୍ୟବାନ ପାତ୍ର, ଦେବେନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ନିମାଇଁ ଚରଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ସଙ୍ଘ ସମ୍ପାଦକ ପ୍ରମୋଦ କୁମାର ରାଉତ ପ୍ରାରମ୍ଭିକ ସୂଚନା ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ସଙ୍ଘର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ସୁଶାନ୍ତ କୁମାର ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀ ଓ ଗ୍ରୁପକୁ ପୁରସ୍କୃତ କରିଥିଲେ । ଉପସଭାପତି ବେଣୁଧର ଷଣ୍ଢ, ବରିଷ୍ଠ ସଭ୍ୟ ଭୀମସେନ ଦାସ, ଅନିଲ ରାଉତ, ପ୍ରକାଶ ରାଉତ, ସନ୍ତୋଷ ବିଶ୍ୱାଳ, ସଞ୍ଜୟ ମହାନ୍ତି, ଲିଟୁ ପଟ୍ଟନାୟକ, ନିତ୍ୟାନନ୍ଦ ବେହେରା, ପ୍ରମୋଦ ବେହେରା ଓ ଦୁଃଶାସନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରିତା ପ୍ରସଙ୍ଗ

# ବିଧାନସଭାରେ ଭୋଗରାଇ ବିଧାୟକଙ୍କ ପ୍ରଶ୍ନ; ସରକାରଙ୍କ ଆଶ୍ୱାସନା

ବାଲେଶ୍ୱର(ଉତ୍ତର), ୧୮।୯ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ସମଗ୍ର କୃଷି କ୍ଷେତ୍ରରୁ ବର୍ଷା ଓ ବନ୍ୟା ଜଳ ନିଷ୍କାସନ ହୋଇ ନ ପାରିବା କାରଣକୁ ନେଇ ଦୀର୍ଘଦିନ ଧରି ଚାଷୀକୁଳ ଦୁର୍ଦ୍ଦଶା ଭୋଗି ଆସୁଛନ୍ତି। ସୁବର୍ଣ୍ଣରେଖା ନଦୀରେ ପ୍ରତିବର୍ଷ ଆସୁଥିବା ପ୍ରଳୟଙ୍କରୀ ବନ୍ୟା ପାଣି ସହିତ ପଶ୍ଚିମବଙ୍ଗରୁ ଆସୁଥିବା ଉଦବୃତ୍ତ ବର୍ଷା ପାଣି ସମୁଦ୍ରକୁ ନିଷ୍କାସିତ ହୋଇ ପାରୁ ନଥିବାରୁ ଉଭୟ ଉତ୍ତର ଓ ଦକ୍ଷିଣ ଭୋଗରାଇରେ ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେଉଛି। ଭୋଗରାଇବାସୀଙ୍କ ବାରମ୍ବାର ଦାବିକୁ ପୂରଣ କରିବା ପାଇଁ ତତ୍କାଳୀନ ନବୀନ ସରକାରଙ୍କ ସମୟରେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ନାମରେ ୧୦୦କୋଟି ଟଙ୍କା ମଞ୍ଜୁର କରାଯାଇ ଥିଲା। ମାତ୍ର ଗତ ସାଧାରଣ ନିର୍ବାଚନରେ ସରକାର ପରିବର୍ତ୍ତନ ହେବା ପରେ ଏହି ଯୋଜନାର କାର୍ଯ୍ୟକାରିତା ସମ୍ପୂର୍ଣ୍ଣ ଭାବେ ଶିଥିଳ ହୋଇଛି। ଫଳରେ ଚଳିତବର୍ଷ ସୁବର୍ଣ୍ଣରେଖାରେ ୬ଥର ବନ୍ୟା ଆସିବା ଯୋଗୁଁ ମାସ ମାସ ଧରି ଜଳ ନିଷ୍କାସନ ହୋଇ ନ ପାରି ଫସଲ ଧୋଇ ହୋଇଛି।

ଏ ନେଇ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏକ ଅଣତାରକା ପ୍ରଶ୍ନ ସଂଖ୍ୟା ୧୨୩ ଜରିଆରେ ଜାଣିବାକୁ ଚାହିଁଥିଲେ ଯେ ଉତ୍ତର ଭୋଗରାଇରୁ ଜଳ ନିଷ୍କାସନ ଲାଗି ଚିତେଇ ନଦୀ ଓ ତତ ସଂଲଗ୍ନ ନାଳ ଗୁଡ଼ିକର ଖନନ ପାଇଁ ସରକାର କେତେ ଅର୍ଥ ମଞ୍ଜୁର କରିଛନ୍ତି, ସେଥିମଧ୍ୟରୁ କେତେ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ହୋଇଛି ଓ କେତୋଟିର କାମ ଆଗେଇଛି, ଚଳିତ ବର୍ଷ ବଜେଟରେ ଏହି ଯୋଜନାରେ କେତେ ଅର୍ଥ ରଖାଯାଇଛି। ତେବେ ଏହାରି ଉତ୍ତରରେ ଏହି ବିଭାଗ ଦାୟିତ୍ୱରେ ଥିବା ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଉତ୍ତର ଭୋଗରାଇରୁ ଜଳ ନିଷ୍କାସନ ଲାଗି ଚିତେଇ ନଦୀ ଓ ତତ ସଂଲଗ୍ନ ନାଳ ଗୁଡ଼ିକ ଖନନ ପାଇଁ ୬.୪୫କୋଟି ଟଙ୍କା ବ୍ୟୟ ଅଟକଳରେ ଦୁଇଗୋଟି ପ୍ରକଳ୍ପ ହାତକୁ ନିଆଯାଇଛି ବଡ଼ ଚିତେଇ ଓ ସାନ ଚିତେଇ ନାଳ ଖନନ ପାଇଁ ୫.୫କୋଟି ତଥା ନାଳ ସହ ସଂଯୁକ୍ତ ଡ୍ରେନ ନିର୍ମାଣ ପାଇଁ ୯୫ ଲକ୍ଷ ଟଙ୍କା ରହିଥିବା ବେଳେ ଏହାର ଡିପିଆର ପ୍ରସ୍ତୁତ କରାଯାଉଛି, ବୈଷୟିକ କମିଟିର ଅନୁମୋଦନ ପ୍ରାପ୍ତି ପରେ କାର୍ଯ୍ୟ ହାତକୁ ନିଆଯିବ। ସେହିପରି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକର ଜଳ ନିଷ୍କାସନ ପାଇଁ ଦୁଇ ଗୋଟି ପ୍ରକଳ୍ପ ପ୍ରସ୍ତାବ ରହିଛି ଯଥା (୧) ୯୯ କୋଟି ଟଙ୍କା ବ୍ୟୟ ଅଟକଳରେ 'ପଥୁରେଶ୍ୱର ନାଳ, ଭଣ୍ଡାରିଆ ନାଳ ଏବଂ 'ରଣକୋଠା ନାଳର ସମ୍ପ୍ରସାରଣ ପ୍ରଶାସନିକ ଅନୁମୋଦନ ପ୍ରାପ୍ତ କରିଛି। ଏହାର ଟେଣ୍ଡର କରାଯାଇ ଶୀଘ୍ର କାର୍ଯ୍ୟ ହାତକୁ ନିଆଯିବ। (୨) ୯୬ କୋଟି ଟଙ୍କା ବ୍ୟୟ ଅଟକଳରେ 'ଭଣ୍ଡାରିଆ ନାଳ ଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ସିଧାସଳଖ ନାଳ ଖନନ' ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ପ୍ରକ୍ରିୟା ମଧ୍ୟ ଚାଲୁ ରହିଛି।



ଅନ୍ୟପକ୍ଷରେ ବିଧାୟକ ଶ୍ରୀ ଦାସ ଆଉ ଏକ ଅଣ ତାରକା ପ୍ରଶ୍ନ ସଂଖ୍ୟା-୧୪୮ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ କି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଅନ୍ତର୍ଗତ ୨୦୨୪ରେ ଭୋଗରାଇରେ ଜଳ ନିଷ୍କାସନ ଲାଗି ପ୍ରଶାସନିକ ଅନୁମୋଦନ ଲାଭ କରିଥିବା ୯୯ କୋଟି ୭୬ ଲକ୍ଷ ଟଙ୍କାର ପ୍ରକଳ୍ପ ପାଇଁ ସର୍ଭେ କାର୍ଯ୍ୟ କେତେଦୂର ଆଗେଇଛି। ଏହି ସର୍ଭେ କାର୍ଯ୍ୟ କେବେ ସୁଦ୍ଧା ଶେଷ ହେବ, କେବେ ସୁଦ୍ଧା ଜମି ଅଧିଗ୍ରହଣ ହେବ ଏବଂ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ? ତା ଛଡ଼ାକେଉଁ କାରଣରୁ ପ୍ରାୟ ଦେଢ ବର୍ଷ ହେଲା ସର୍ଭେ କାର୍ଯ୍ୟ ହୋଇପାରୁନାହିଁ? ଯାହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି କି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଅନ୍ତର୍ଗତ ୨୦୨୪ରେ ଭୋଗରାଇରେ ଜଳ ନିଷ୍କାସନ ଲାଗି ପ୍ରଶାସନିକ ଅନୁମୋଦନ ଲାଭ କରିଥିବା ୯୯.୭୬ କୋଟିଟଙ୍କାର ପ୍ରକଳ୍ପରେ ନୂତନ ନାଳ ଖନନ ପାଇଁ ପ୍ରାଥମିକ ସର୍ବେକ୍ଷଣ କାର୍ଯ୍ୟ ସମାପ୍ତ କରାଯାଇ ଆବଶ୍ୟକ ପଡୁଥିବା ୩୭.୭୭ ହେକ୍ଟର ଜମି ଅଧିଗ୍ରହଣ ନିମନ୍ତେ ଜମିର ଆର ଓ ଆର ସଂଗ୍ରହ କରାଯାଇ ଭୋଗରାଇ ତହସିଲଦାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜମିର ସଠିକ ଆକଳନ ଏବଂ ଆନୁସଙ୍ଗିକ ଜଳବିଜ୍ଞାନ ରୂପରେଖ ଓରସାକ ଦ୍ୱାରା ସର୍ଭେ ଅକ୍ଟୋବର ମାସରୁ ଆରମ୍ଭ କରାଯିବ। ଇତି ମଧ୍ୟରେ ଏହି ପ୍ରକଳ୍ପ ଅଧୀନରେ ଆବଶ୍ୟକୀୟ ୨୪ଟି ସରଞ୍ଜନା ର ନିର୍ମାଣ କରିବାକୁ ଭୂ-ପ୍ରଯୁକ୍ତି ବିଦ୍ୟା ସର୍ଭେ କରାଯାଇ ନକ୍ସା ପ୍ରସ୍ତୁତ କରାଯାଉଅଛି। ଏହି ସଂରଚନା ଗୁଡିକ ୪ଟି ପ୍ୟାକେଜରେ କରିବାକୁ ପଦକ୍ଷେପ ନିଆଯାଉଅଛି ଏବଂ ଏହାର ଟେଣ୍ଡର ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଆଗାମୀ ୩ ମାସ ମଧ୍ୟରେ ଶେଷ କରାଯିବ ଏବଂ ତାହା ପରେ କାର୍ଯ୍ୟ ହାତକୁ ନିଆଯିବ। ଏଠାରେ ଭୋଗରାଇ ର ବୁଦ୍ଧିଜୀବୀ ମାନଙ୍କ ମହଲରୁ ପ୍ରଶ୍ନ ଉଠୁଛି ଯେ ଭୋଗରାଇ ବାସୀ ବର୍ଷ ବର୍ଷ ଧରି ଆଉ କେତେ ପ୍ରତିଶ୍ରୁତିକୁ ପାଥେୟ କରି ଚାହିଁ ବସିବେ। ସରକାର ଚାହିଁଲେ ଅଞ୍ଚଳ ବାସୀଙ୍କ ଦୁର୍ଦ୍ଦଶାକୁ ଆଖି ଆଗରେ ରଖି ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିପାରିବେ ମାତ୍ର କେବଳ ସାମୟିକ ଆଶ୍ୱାସନା ଦେଇ ଆଉ କେତେଦିନ ଗଡ଼େଇ ଚାଲିବେ।

## ● ନାଗରିକଙ୍କ ସମସ୍ୟା ସମାଧାନ ବେଳେ କର୍ତ୍ତୃପକ୍ଷ ଔପନିବେଶିକ ଚିନ୍ତାଧାରାକୁ ତ୍ୟାଗ କରିବା ଉଚିତ

# ଆବେଦନକାରୀ ଶିକ୍ଷୟିତ୍ରୀଙ୍କୁ ୧୦ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୮।୯(ସମିସ): ବିନା ଦୋଷରେ ଚାକିରି ହରାଇଥିବା ଶିକ୍ଷୟିତ୍ରୀଙ୍କୁ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ସୁପାରିସ ପରେ ମଧ୍ୟ ନିଯୁକ୍ତି ପ୍ରଦାନ କରା ନ ଯିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ନାଗରିକଙ୍କ ସମସ୍ୟା ସମାଧାନ ବେଳେ କର୍ତ୍ତୃପକ୍ଷ ଔପନିବେଶିକ ଶିକ୍ଷାରୁ ସୃଷ୍ଟି ଚିନ୍ତାଧାରାକୁ ତ୍ୟାଗ କରିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ଜନକଲ୍ୟାଣ ରାଷ୍ଟ୍ରରେ ସରକାର ଓ ଏହାର କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ନିରପେକ୍ଷତା, ବିବେକକୁ ଗୁରୁତ୍ୱ ଦେବା କଥା ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ରାଜ୍ୟ ମାଧ୍ୟମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକଙ୍କ ୨୦୨୪, ସେପ୍ଟେମ୍ବର ୧୩ର ନିର୍ଦ୍ଦେଶକୁ ଖାରଜ କରିଛନ୍ତି। ଆବେଦନକାରୀ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଗ୍ରାଣ୍ଟ ଯୋଜନାରେ ୧୦ସପ୍ତାହ ଭିତରେ ନିଯୁକ୍ତି ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ବିନୋଦିନୀ ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲାର ଧୋବଶିଳାସ୍ଥିତ ଉଦୟନାରାୟଣ ବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ଆର.ସି.ପରିଡ଼ାଙ୍କ ଅନଧିକୃତ ଅନୁପସ୍ଥିତି କାରଣରୁ ୨୦୦୪, ଫେବୃଆରି ୨୭ରେ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ଏହାପରେ ଖାଲି ପଡ଼ିଥିବା ଏହି ପଦବିରେ ଚୟନ ପ୍ରକ୍ରିୟା ଦ୍ୱାରା ଆବେଦନକାରୀଙ୍କୁ ୨୦୦୫, ଜାନୁଆରି ୫ର ନିର୍ଦ୍ଦେଶ ଅନୁସାରେ ନିଯୁକ୍ତି ପ୍ରଦାନ କରାଯାଇ ୨୦୦୮, ଏପ୍ରିଲ ୧ରୁ ନିଯୁକ୍ତିକୁ ଅନୁମୋଦନ କରାଯାଇଥିଲା। ଅନ୍ୟପକ୍ଷରେ ବହିଷ୍କାର ନିର୍ଦ୍ଦେଶକୁ ଚାଲେଞ୍ଜ କରି ଶ୍ରୀ ପରିଡ଼ା ଦାୟର କରିଥିବା ରିଟ୍ ପିଟିସନ ହାଇକୋର୍ଟରେ ଏବଂ ପରେ ସୁପ୍ରିମକୋର୍ଟ ଶ୍ରୀ ପରିଡ଼ାଙ୍କୁ ପୁନର୍ବାର ଚାକିରିରେ ଅବସ୍ଥାପିତ କରିବାକୁ ୨୦୨୪, ଏପ୍ରିଲ ୨ରେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଶ୍ରୀ ପରିଡ଼ାଙ୍କୁ ପୂର୍ବ ପଦରେ ପୁନଃଅବସ୍ଥାପିତ କରାଯାଇଥିଲା। ଫଳରେ ୨୦ ବର୍ଷରୁ ଅଧିକ ସମୟ ଧରି ବିନା ଦାଗରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଥିବା ଆବେଦନକାରୀ ଚାକିରି ହରାଇଥିଲେ। ଜିଲ୍ଲାର ତିନୋଟି ସମାନ ଧରଣର ସ୍କୁଲରେ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ପାରିବ ବୋଲି ବାଲେଶ୍ୱର ଡିଇଓ ସୁପାରିସ କରି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ୨୦୨୪, ଅଗଷ୍ଟ ୨୩ରେ ଚିଠି ଲେଖିଥିଲେ। ଏଭଳି ସ୍ଥିତିରେ ଆବେଦନକାରୀଙ୍କୁ ଅନ୍ୟ ସ୍କୁଲରେ ନିଯୁକ୍ତି ପ୍ରଦାନ ସମ୍ପର୍କିତ ପ୍ରସ୍ତାବ ଖାରଜ ବେଆଇନ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଥିଲେ।

## ଦେଶୀମଦ ଜବତ, ଦୁଇ ଗିରଫ

ସୋର, ୧୮।୯(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୁଡପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ସିନ୍ଧୁଆ ଗ୍ରାମରେ ଚଢାଇ କରି ଭରତ ସିଂ ନିକଟରୁ ୬୦ ଲିଟର, ପୁରୁଷୋତ୍ତମପୁର ଗ୍ରାମର ବାସନ୍ତୀ ମଲିକ ନିକଟରୁ ୪୦ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ସେହିପରି ଏହି ଟିମ ବାଉଁଶପାଳ ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ବେଆଇନ ମଦରନ୍ଧା କାରଖାନା ଉପରେ ଚଢ଼ାଉ କରି ୨୬୫୦ ଲିଟର ଗୁଡପୋଚ ନଷ୍ଟ କରି ୧୪୦ ଲିଟର ଦେଶୀମଦ ଏବଂ ମଦରନ୍ଧା ସାମଗ୍ରୀକୁ ଜବତ କରିଥିଲେ। ଚଢ଼ାଉ ହେଉଥିବା ଜାଣିପାରି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

## ହାସିମପୁର ହାଇସ୍କୁଲରେ ହିନ୍ଦୀପକ୍ଷ ପାଳିତ

ବାଲିଆପାଳ, ୧୮।୯ (ସମିସ): ହିନ୍ଦୀ ଆମର ରାଷ୍ଟ୍ର ଭାଷା, ବର୍ତ୍ତମାନ ସମୟରେ ଆଞ୍ଚଳିକ ଦେଶ ତଥା ବିଶ୍ୱସ୍ତରରେ ହିନ୍ଦୀ ଭାଷାର ଗୁରୁତ୍ୱ ବଢୁଥିବାରୁ ଗ୍ରାମାଞ୍ଚଳରେ ହିନ୍ଦୀ ଭାଷାର ଅଧିକ ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଛାତ୍ର ଛାତ୍ରୀମାନଙ୍କୁ ହିନ୍ଦୀ ପଢ଼ିବା ଓ ଲେଖିବା ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି ଅତିଥି ମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟମାନଙ୍କରେ ୧୪ ସେପ୍ଟେମ୍ବରରୁ ୨୮ ସେପ୍ଟେମ୍ବର ପର୍ଯ୍ୟନ୍ତ ହିନ୍ଦୀ ପକ୍ଷ ପାଳନ ହେଉଥିବାରୁ ଗୁରୁବାର ଅପରାହ୍ନରେ ବାଲିଆପାଳ ବ୍ଲକର ହାସିମପୁରଠାରେ ଉଦୟ ନାରାୟଣ ସ୍କୁଲରେ ହିନ୍ଦୀ ପକ୍ଷ ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜରୋଶନ ବାଗ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ରାଉତ, ମୁଖ୍ୟବକ୍ତା ହିନ୍ଦୀ ଶିକ୍ଷକ ଅନନ୍ତ କୁମାର ରାଉଳ, ସମ୍ମାନିତ ଅତିଥି ଦେବାଶିଷ ଜେନା, କାହ୍ନୁଚରଣ ଚରଣ ହାସଦା, କଳ୍ପନା ମାଝୀ, ସ୍ୱାଗତିକା ସେଠି, ନୃସିଂହ ରାଉତ, ସଞ୍ଜୟ ଦଳାଇ, ଗୋପାଳ ରାଉତ, ପଦ୍ମଲୋଚନ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପରଲୋକରେ ନୀଳଗିରିର ଭିନ୍ନକ୍ଷମ ସମାଜସେବୀ

ନୀଳଗିରି, ୧୮।୯ (ସମିସ): ଆରପାରିରେ ନୀଳଗିରିର ଭିନ୍ନକ୍ଷମ ସମାଜସେବୀ ରାଜେନ୍ଦ୍ର ଜେନା। ଗତ ବୁଧବାର ରାତ୍ରି ୧୦ଟାରେ ନୀଳଗିରି ମେଡ଼ିକାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଥିଲା। ଭିନ୍ନକ୍ଷମ ହୋଇ ମଧ୍ୟ ନୀଳଗିରିକୁ ସବୁଜ ପରିବେଶ ପରିଣତରେ



ଅନେକ ଉଦାହରଣ ଛାଡି ଯାଇଛନ୍ତି। ଛାତ୍ର ଜୀବନରୁ ପରିବେଶ ପ୍ରତି ଆଗ୍ରହ ରହିଥିବା ବେଳେ ଗତ ୨୦୧୪ ମସିହା ନୀଳଗିରି ସହର କେସି ହାଇସ୍କୁଲ ସମ୍ମୁଖରେ ଏକ ବାଇକ ଦୁର୍ଘଟଣାରେ ଗୋଟିଏ ଗୋଡ ହରାଇବା ପରେ ମଧ୍ୟ ତାଙ୍କର ସବୁଜ ପରିବେଶ ପ୍ରତି ଆଗ୍ରହ ତ୍ରୁଟି ନଥିଲା। ସେ ଅନବରତ ନୀଳଗିରିର ସରକାରୀ ଓ ବେସରକାରୀ ବିଭିନ୍ନ ସ୍ଥାନରେ ଗଛକୁ ଭଲ ପାଇବା ସହ ଚାରାରୋପଣ କରିଚାଲିଥିଲେ। ସୂଚନା ଥାଉକି ନୀଳଗିରି ଏନ୍ଏସି ଅଧିନ ଘାଟଘରସାହି ଗ୍ରାମର ଭଗବାନ ଜେନାଙ୍କ ଜ୍ୟେଷ୍ଠ ପୁତ୍ର ରାଜେନ୍ଦ୍ର ଜେନା ସେପ୍ଟେମ୍ବର ମାସ ଗତ ଆଠ ତାରିଖ ଠାରୁ ପାରାଲିସିସ୍ ରୋଗରେ ଆକ୍ରାନ୍ତ ହେବା ପରେ ପ୍ରଥମେ ନୀଳଗିରି ମେଡିକାଲ ରେ ଚିକିତ୍ସାଧିନ ହେଉଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ପରେ ବାଲେଶ୍ୱର ମେଡିକାଲ ପୁଣି ନୀଳଗିରି ମେଡିକାଲକୁ ଫେରି ନୀଳଗିରିରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ଉକ୍ତ ଖବର ପ୍ରସାରିତ ହେବାପରେ ନୀଳଗିରି ରେ ଶୋକର ଛାୟା ଖେଳି ଯାଇଥିଲା। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ଅକ୍ଷୟ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଷଡ଼ଙ୍ଗୀ ସମେତ ଶିଶିର ରାଉତ, ସୁରଞ୍ଜନ ମହାପାତ୍ର, ଦିପ୍ତିକାନ୍ତ ପୃଷ୍ଟି, କଂଗ୍ରେସର ନେତୃ ମଣ୍ଡଳି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଡାକ୍ତରଙ୍କ ଉପରେ ଆକ୍ରମଣକୁ ତୀବ୍ର ନିନ୍ଦା



ଖଇରା, ୧୮।୯ (ସମିସ): ଖଇରା ଅଞ୍ଚଳର ସୁନାମଧନ୍ୟ ଶିଶୁ ରୋଗ ବିଶେଷଜ୍ଞ ଡା ବ୍ରଜ ସୁନ୍ଦର ସ୍ୱାଇଁଙ୍କୁ ୬ଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ ଘଟଣା ଖଇରା ଅଞ୍ଚଳରେ ତୀବ୍ର ଆଲୋଡନ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଭିନ୍ନ ସଙ୍ଗଠନ ତରଫରୁ ଏକ ମିଳିତ ବୈଠକ ଗୁରୁବାର ଅପରାହ୍ନରେ ଖଇରା ବ୍ଲକ ଛକରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇ ଆକ୍ରମଣକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଯଦି ପୁଲିସ ଆକ୍ରମଣକାରୀଙ୍କୁ ଗିରଫ କରିବାରେ ବିଫଳ ହୁଏ ତେବେ ସମସ୍ତ ସଙ୍ଗଠନ ଏସ୍‌ପିଙ୍କ ଅଫିସ ଆଗରେ ଧାରଣାରେ ବସିବାକୁ ଚେତାବନୀ ଦିଆଯାଇଥିଲା। ଉକ୍ତ ବୈଠକରେ ବିଭିନ୍ନ ସଙ୍ଗଠନରୁ ମୁକ୍ତିକାନ୍ତ ଶତପଥି, ମାନସ କୁମାର ମହାପାତ୍ର, ଜଗତାନନ୍ଦ ମହାପାତ୍ର, ଉପେନ୍ଦ୍ର ଦାସ, ପ୍ରଶାନ୍ତ କୁମାର ବେହେରା, ଜନ୍ମେଜୟ ଶତପଥି, ପୂର୍ଣ୍ଣଚନ୍ଦ୍ର ମୁଖି, ଅନାମ ଚରଣ ପଣ୍ଡା, ଅରୁଣ କୁମାର ସ୍ୱାଇଁ, ଅଭିରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ସଂଧ୍ୟାରେ ଡା ସ୍ୱାଇଁ ସୋର କ୍ଲିନିକରୁ କାମ ସାରି ଖଇରା ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ କଟୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ତେବେ ୨୪ଘଣ୍ଟା ପରେ ମଧ୍ୟ ପୁଲିସର ହାତ ଖାଲିଥିବାରୁ ସମଗ୍ର ଖଇରା ଓ ସୋର ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଡା ସ୍ୱାଇଁଙ୍କ ଘର ଖଇରା ଥାନା ବାଉଁଶଗଡ଼ିଆ ପଞ୍ଚାୟତ ଅଧୀନ ବଗେଇପୁର ଗ୍ରାମରେ।

## ହଟିଲା ଜବରଦଖଲ; ମାଟିରେ ମିଶିଲା କମ୍ୟୁନିଟି ସେଣ୍ଟର

ଜଳେଶ୍ୱର, ୧୮।୯ (ସମିସ): ଜଳେଶ୍ୱର ବ୍ଲକ ଅଧିନ ମହମ୍ମଦନଗରପାଟଣା ପଞ୍ଚାୟତର ପ୍ଲଟ ନଂ ୯୦୬ ଖାତା ନଂ ୪୨୪ ଗୋଚର ଜମି ଉପରେ ବେନିୟମଭାବେ କମ୍ୟୁନିଟି ସେଣ୍ଟର ନିର୍ମାଣ



ହୋଇଥିଲା। ଉକ୍ତ ଜମିରେ ଅନ୍ୟଏକ ପକ୍କା କ୍ଲବ ଘର ମଧ୍ୟ ନିର୍ମାଣ ହୋଇଥିଲା। ୨୦୨୪ ମସିହାରେ ୩.୫୦ ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ସେଣ୍ଟର ନିର୍ମାଣକୁ ଗ୍ରାମର କେତେକ ବ୍ୟକ୍ତି ବିରୋଧ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଦୁର୍ଗାଶଙ୍କର ସାହୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ପ୍ରାୟ ୫ମାସ ତଳେ ଏହି ସ୍ଥାନରୁ ଉଚ୍ଛେଦ ଲାଗି ପ୍ରଶାସନ ଯାଇ ପ୍ରବଳ ବିରୋଧ ସତ୍ତ୍ୱେ ଫେରିଆସିଥିଲେ। ପୁଣି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ୧୮ ତାରିଖ ସୁଦ୍ଧା ଉଚ୍ଛେଦ ହଟାଇବାକୁ ଜଳେଶ୍ୱର ତହସିଲଦାର ଆଭାସୀ ମାଧ୍ୟମରେ ହାଜର ହୋଇଥିଲେ। ଆଜି ୨ ପ୍ଲାଟୁନ ପୁଲିସ୍ ସହିତ ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି, ଅତିରିକ୍ତ ତହସିଲଦାର ନିଧି ବେହେରା, ଦୀପ୍ତିରଞ୍ଜନ ମିଶ୍ର, ବସ୍ତା ଏଡିସନାଲ ତହସିଲଦାର ପିଜୁସ ରଞ୍ଜନ ଦାସ, ଏସ୍‌ଡିପିଓ ସୁବ୍ରତ ବେହେରା, ଆଇଆଇସି ଜୟନ୍ତ ବେହେରା, ରାଜସ୍ୱ ସୁପରଭାଇଜର ଶରତ ବେହେରା, ସରୋଜ ଭଞ୍ଜ, ଗୋପାଳ ମାଝି, ନିଶିକାନ୍ତ ସିଂ, ଜଗନ୍ନାଥ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଜବରଦଖଲକୁ ଉଚ୍ଛେଦ କରିଥିଲେ। ସୂଚନାଯୋଗ୍ୟ ଜାଗା ଚିହ୍ନଟ ନ କରି ଅଧିକାରୀମାନେ ବେଆଇନ ଭାବେ ନିର୍ମାଣ କରୁଥିବାରୁ ଅଯଥା ସରକାରୀ ଅର୍ଥ ବରବାଦ ହେଉଥିବା ସାଧାରଣରେ ଆଲୋଚନା ହେଉଛି।

## ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ସହ କଂଗ୍ରେସ ନେତାଙ୍କ ଆଲୋଚନା



ରାଜଘାଟ, ୧୮।୯ (ସମିସ): ବସ୍ତା ବ୍ଲକର ବିଭିନ୍ନ ସମସ୍ୟାନେଇ ଆଜି ଜଳେଶ୍ୱର ର କଂଗ୍ରେସ ନେତା ସୁଦର୍ଶନ ଦାସଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ଦଳ ବିଡ଼ିଓ ଓ ତହସିଲଦାରଙ୍କୁ ଭେଟିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ, ଆବାସ ଯୋଜନାର ସଠିକ କାର୍ଯ୍ୟକାରିତା, ବସୁଧା ଯୋଜନାରେ ଦୁର୍ନୀତି, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, କଙ୍କୁଡ଼ି, ହାତୀମରା ଓ ପଳପଳା ନଦୀର ପୁନରୁଦ୍ଧାର, କୁଣ୍ଡଳୀ ଗୋଷ୍ଠୀ କେନ୍ଦ୍ରରେ ଦୁର୍ନୀତି ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବସୁଧା ଯୋଜନାରେ ନିର୍ମିତ ପାନୀୟ ଜଳ ପାଇଁ ନିର୍ମିତ ଭିତ୍ତିଭୂମିରେ ବ୍ୟାପକ ଅବ୍ୟବସ୍ଥା ଓ ଦୁର୍ନୀତିକୁ ନେଇ ଏକ ତଦନ୍ତ କରିବାକୁ ଦାବି କରାଯାଇଥିଲା। କଂଗ୍ରେସ ଦଳ ପକ୍ଷରୁ ଏକ କମିଟି ଗଠନ କରାଯାଇ ଏହାର ସର୍ଭେ କରିବା ପାଇଁ ବିଡ଼ିଓଙ୍କୁ ମଧ୍ୟ କୁହାଯାଇଛି। ବୈଠକରେ ଜଳେଶ୍ୱରରେ ନେତା ସୁଦର୍ଶନ ଦାସ, ବସ୍ତା ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲ୍ଲା ଉପସଭାପତି ମନୋଜ କୁମାର ମହାନ୍ତି, ତାଡଦା ପଞ୍ଚାୟତ ସରପଞ୍ଚ ପ୍ରଭାତ ଦାସ, ଗୌରୀଶଙ୍କର ଜେନା, କାର୍ତ୍ତିକ ପାତ୍ର, ଦାମୋଦର ଜେନା, ସଞ୍ଜୀବ ମହାନ୍ତି, ପ୍ରଦୀପ ପ୍ରଧାନ, କାର୍ତିକ ମହାନ୍ତି, ସତ୍ୟବ୍ରତ ଜେନା, ଭାଗବତ ଦାସ, ଅଦ୍ୱୈତ୍ୟ ଦାସ, ଏବଂ କଂଗ୍ରେସର ବହୁ କର୍ମୀ ଉପସ୍ଥିତ ଥିଲେ।

## ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ

ସୋର, ୧୮।୯ (ସମିସ): ଦିନ ଦ୍ୱିପ୍ରହରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ ଝାମ୍ପିନେଇଥିବା ନେଇ ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ ହୋଇଛି। ସୋର ଥାନା ପାଖର ଛକର ନିର୍ମଳା ମହାକୁଡ ଓ ତାଙ୍କ ବୋହୂ ଉର୍ମିଳା ମହାକୁଡ ସ୍କୁଟି ଯୋଗେ ସୋରରୁ ଘରକୁ ଫେରୁଥିବା ବେଳେ ସୋର ଅନନ୍ତପୁର ରାସ୍ତାର ମୁକ୍ତେଶ୍ୱର କଲ୍ୟାଣ ମଣ୍ଡପ ନିକଟରେ ଗୋଟିଏ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ପଛରୁ ଆସି ନିର୍ମଳା ବେକରେ ପିନ୍ଧିଥିବା ୧୨ ଗ୍ରାମର ସୁନା ଚେନଟିକୁ ଝାମ୍ପିନେଇ ଅନନ୍ତପୁର ଅଭିମୁଖେ ଫେରାର ହୋଇ ଯାଇଥିଲେ। ଏ ବାବଦରେ ନିର୍ମଳା ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରିବା ପରେ ସୋର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ କର୍ମଚାରୀ ଅଟକ

ରାଜଘାଟ, ୧୮।୯ (ସମିସ): ବସ୍ତା ଥାନା ଚୋରପଦା ଗ୍ରାମର ଶରତ କୁମାର ବେହେରା ବିଦ୍ୟୁତ ବିଭାଗରେ ମିଟର ରିଡର୍ ଭାବରେ କାର୍ଯ୍ୟ କରନ୍ତି, ସେ ନିଜ ଘରେ ଲାଗିଥିବା ମିଟରର ସିଲ୍ କାଟି ବିଦ୍ୟୁତ ଚୋରି କରୁଛନ୍ତି, ମାତ୍ର ନିଜ ଗ୍ରାମର ଅନ୍ୟାନ୍ୟ ଲୋକଙ୍କ ଭଲ ମିଟର ଖରାପ ଦର୍ଶାଇ ମୋଟା ଅଙ୍କର ଜରିମାନା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଗତ ଦୁଇ ମାସ ତଳେ ଗ୍ରାମର ବିଶ୍ୱନାଥ ରାଉଳ ନାମକ ଜଣେ ଉପଭୋକ୍ତାଙ୍କ ଘରେ ମିଟର ଖରାପ ଦର୍ଶାଇଥିଲେ, ପରବର୍ତ୍ତୀ ସମୟରେ ସେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତାହା ଭଲ ବୋଲି ଜଣା ପଡ଼ିଥିଲା, କିନ୍ତୁ ତାଙ୍କ ନାମରେ ଜରିମାନା ଟଙ୍କା ଫେରାଇ ନଥିଲେ। ଏ ନେଇ ବାରମ୍ବାର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଦୌଡିଥିଲେ ମଧ୍ୟ କେହି ଶୁଣି ନଥିଲେ। ଆଜି ବିଦ୍ୟୁତ ବିଭାଗ କର୍ମଚାରୀ ଗାଁକୁ ଆସିବାରୁ ତାଙ୍କୁ ଅଟକ ରଖିଥିଲେ, ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଘଟଣା ସ୍ଥଳରେ ବସ୍ତା ବିଦ୍ୟୁତ ନିର୍ବାହୀ ଅଧିକାରୀ ରୁଦ୍ର ପ୍ରସାଦ ରଥ ଘଟଣା ସ୍ଥଳରେ ପହଁଚି ବୁଝାସୁଝା କରିବା ସହିତ ମିଟର ରିଡର୍ ଶରତ ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ସ୍ୱର ବଦଳାଇଥିବା ନେତାଙ୍କୁ ବୈଠକରେ ସମାଲୋଚନା

ଖଇରା, ୧୮।୯ (ସମିସ): ଖଇରାକୁ ଏନଏସି ମାନ୍ୟତା ଦାବିରେ ଖଇରା ସ୍ୱାଭିମାନ ମଞ୍ଚ ପକ୍ଷରୁ ବ୍ଲକ ଗେଟ ସମ୍ମୁଖରେ ଚାଲିଥିବା ଧାରଣା ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ଏହି ଧାରଣାରେ ବକ୍ତା ମାନେ ଗୁରୁବାର ବିସ୍ଫୋରକ ବୟାନ ଦେଇଛନ୍ତି। ବର୍ତ୍ତମାନ ସମୁଳିଆରେ ଜନୈକ ନିର୍ବାଚିତ ପ୍ରତିନିଧିଙ୍କ ବର୍ଷେ ତଳର ଦାବି ଏବେକାର ମନ୍ତବ୍ୟକୁ ନେଇ ବୈଠକରେ ସମାଲୋଚନା କରାଯାଇଛି। ବର୍ଷେ ତଳର ନେତା ଜଣକ ବୈଠକରେ ଦେଇଥିବା ମନ୍ତବ୍ୟର ଭିଡିଓ ମଧ୍ୟ ଖୁବ ଭାଇରାଲ ହେବାରେ ଲାଗିଛି। ବିଜେଡି ସରକାର ସିମୁଳିଆକୁ ଘୋଷଣା କରି ଖଇରାକୁ ବାଦ ଦେବା ନେଇ ସେତେବେଳେ ବିରୋଧରେ ଥିବା ଏହି ନେତା ଜଣକ ଏହି ଭିଡିଓରେ ସମାଲୋଚନା କରିବା ସହ ଯଦି ସରକାର ଖଇରାରୁ ଏନଏସି ଘୋଷଣା ନ କରନ୍ତି ତେବେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଉଥିବା ନେଇ ଭିଡିଓରେ ଦେଖିବାକୁ ମିଳିଛି। ଏହି ଭିଡିଓକୁ ଆଧାର କରି ମଞ୍ଚର ସଦସ୍ୟ ମାନେ ପ୍ରଶ୍ନ ଉଠାଇଛନ୍ତି। ବିଜେପି ସରକାର କ୍ଷମତାକୁ ଆସିବା ପରେ ଏବେ ନେତାଙ୍କ ସ୍ୱର ବଦଳି ଯାଇଛି। ସ୍ୱାଭିମାନ ମଞ୍ଚର ସଦସ୍ୟ ମାନେ ନିକଟରେ ଉକ୍ତ ନେତାଙ୍କୁ ଭେଟିଥିବା ବେଳେ ଖଇରାରେ ବହୁତ ଲୋକ ଗରୀବ ସୀମାରେଖା ତଳେ ରହିଛନ୍ତି। ତାଙ୍କ ଉପରେ ଟ୍ୟାକ୍ସ ବୋଝ ପଡ଼ିବ ଏଣୁ ଖଇରାକୁ ଏନଏସିର କରିବାର ଆବଶ୍ୟକତା ନାହିଁ କହିବା ଦୁର୍ଭାଗ୍ୟଜନକ ବୋଲି ସଦସ୍ୟ ମାନେ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି।

## ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ନାଗରିକ ମଞ୍ଚର ଆଲୋଚନା

# ରେଳରୋକ ସ୍ଥଗିତ



ସୋର, ୧୮।୯(ସମିସ): ଆଜି ଅପରାହ୍ଣରେ ସୋର ଷ୍ଟେସନରେ ଖଡ଼ଗପୁର ଡିଭିଜନ ଆସିଷ୍ଟାଣ୍ଟ କମରସିଆଲ ମ୍ୟାନେଜର ଆଶୁତୋଷ କୁମାର ସିଂହଙ୍କ ସହିତ ସୋର ନାଗରିକ ମଞ୍ଚର ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ ତାରିଖରେ ସୋର ନାଗରିକ ମଞ୍ଚ ତରଫରୁ ଦିଆଯାଇଥିବା ରେଳରୋକ ଆହ୍ୱାନ ସମ୍ପର୍କରେ ଥିବା ଦାବିଗୁଡ଼ିକ ଉପରେ ଆଲୋଚିତ ହୋଇଥିଲା। ସୋର ଷ୍ଟେସନରେ ଅତ୍ୟାବଶ୍ୟକ ହୋଇପଡ଼ିଥିବା କୋଚ୍ ଇଣ୍ଡିକେଟର, ଅନୁସନ୍ଧାନ କାଉଣ୍ଟର, ଦ୍ୱିତୀୟ ଫୁଟ୍ ଓଭରବ୍ରିଜ୍ ସହିତ ଲିଫ୍ଟ, ଡିସ୍‌ପ୍ଲେବୋର୍ଡ, ପୂର୍ବପାଖ ୫ନମ୍ବର ପ୍ଲାଟଫର୍ମକୁ ଯାତାୟାତ ପାଇଁ ରାସ୍ତା ଏବଂ ନନ୍ଦନକାନନ ଏକ୍ସପ୍ରେସ, ଶାଲିମାର-ଚେନାଇ, ପୁରୁଲିଆ-ଭିଲୋପୁରମ୍, ଖଡ଼ଗପୁର- ଭିଲୋପୁରମ୍, ହାଓଡ଼ା-ମହୀଶୂର ଟ୍ରେନ ସୋରରେ ରହଣି ପାଇଁ ଆଲୋଚନା କରାଯାଇଥିଲା। ଦାବିଗୁଡ଼ିକ ଯଥାର୍ଥ ବୋଲି ଉପସ୍ଥିତ ଅଧିକାରୀମାନେ ଉପଲବ୍ଧି କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିସ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିବା ସହିତ ରେଳରୋକ ପ୍ରତ୍ୟାହାର କରିବାକୁ ଅନୁରୋଧ ଦେବାପରେ ନାଗରିକ ମଞ୍ଚ ତରଫରୁ ୨୩ ତାରିଖ ରୋଳରୋକକୁ ସ୍ଥଗିତ ରଖାଯାଇଥିବା ନେଇ ନାଗରିକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତ ସୂଚନା ଦେଇଛନ୍ତି। ଏହି ଆଲୋଚନାରେ ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ, ମାୟାଧର ନାୟକ, ନବ କିଶୋର ଦାସ, ରବିନାରାୟଣ ଉପାଧ୍ୟାୟ, ପଞ୍ଚାନନ ଶିଅଳ, ଅନାମ ଚରଣ ବାରିକ, ଶରତ ଚନ୍ଦ୍ର ମହାନ୍ତି, ବାସୁକୃଷ୍ଣ ମହାପାତ୍ର, ଦାମୋଦର ଦାଶ ମହାପାତ୍ର, ରାଜାରାଣୀ ଜେନା, ମନୋଜ ରାୟ, ପ୍ରଦୀପ ଦାଶ, କମରସିଆଲ ଇନସପେକ୍ଟର ସାହାବୁଦ୍ଦିନ ସାହା, ଷ୍ଟେସନ ମ୍ୟାନେଜର ବିଜୟ ମହାଳିକ ଓ କିଶୋର ଭୁୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ରାସ୍ତାରୋକ

ନୀଳଗିରି, ୧୮।୯ (ସମିସ)



ନୀଳଗିରି ବଉଳଗଡ଼ିଆ (ପି.ଡବ୍ଲ୍ୟୁ. ଡି) ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ପୀଠକୁ। ମାତ୍ର ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ। ତେଣୁ ଉକ୍ତ ରାସ୍ତା ମରାମତି ଓ କୁଳଡିହା ଅଭୟାରଣ୍ୟ ଇକୋ ସେନସିଟିଭ ଜୋନ କଟକଣା ଉଠାଇବା ଦାବୀରେ ଗୁରୁବାର ସକାଳଠାରୁ ନୀଳଗିରି ଉପଖଣ୍ଡ ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ନୀଳଗିରି ବଉଳଗଡ଼ିଆ ରାସ୍ତାର ବାଉଁଶବଣିଆ ଛକ ଏବଂ ସନ୍ତରାଗଡ଼ିଆ ବଜାରଠାରେ ରାସ୍ତା ରୋକ ଅନୁଷ୍ଠିତ ହୋଇଛି। ବାଉଁଶବଣିଆ ଛକରେ କୃଷକମଞ୍ଚର ସଭାପତି ରାମଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ନିରଞ୍ଜନ ବାରିକ, ବିଜୟ କୁମାର ସ, ପ୍ରକାଶ ଚନ୍ଦ୍ର ଚୌଧୁରୀ, ହରେକୃଷ୍ଣ ପଣ୍ଡିତ, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ ପ୍ରମୁଖ ସାଥି ନେତୃତ୍ୱ ନେଇଥିବା ବେଳେ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତ ରଞ୍ଜନ ଷଡ଼ଙ୍ଗୀ ଏହି ଆନ୍ଦୋଳନକୁ ସମର୍ଥକ ପୂର୍ବକ ଉଦବୋଧନ ଦେଇଛନ୍ତି। ସନ୍ତରାଗଡ଼ିଆ ବଜାରରେ ମଞ୍ଚର ଉପସଭାପତି ଉମାକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ସୈନିକ ଯୋଗେଶ୍ୱର ବେହେରା, ସୀତାରାମ ଦାସ, କମଳାକାନ୍ତ ବାରିକ, ଶୈଳେନ୍ଦ୍ର ପଣ୍ଡା, ଲେଲିନ ବାରିକ, ଶରତ ଚନ୍ଦ୍ର ଦାସ, ରାଧାଶ୍ୟାମ ମିଶ୍ର, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅରୁଣା ବାରିକ, ଗୀତାଞ୍ଜଳି ଦେଉରି ପ୍ରମୁଖ ନେତୃତ୍ୱରେ ସାଥି ମାନେ ରାସ୍ତାରୋକ କରିଥିଲେ। ତେବେ ସନ୍ଧ୍ୟା ୭ ଘଟିକା ସମୟରେ ଖବର ଲେଖିବା ବେଳକୁ ରାସ୍ତାରୋକ ଚାଲିଥିଲା।

## ଦୁର୍ଗାପୂଜାରେ ବିର୍ଲା ଟାୟାର୍ସ ଶ୍ରମିକଙ୍କ ଆନ୍ଦୋଳନ ନିଷ୍ପତ୍ତି



ବାଲେଶ୍ୱର, ୧୮।୯(ସମିସ): ବିର୍ଲା ଟାୟାର୍ସ କାରଖାନାରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିବା ଶ୍ରମିକ କର୍ମଚାରୀଙ୍କୁ ନୂତନ ମାଲିକ କାରଖାନାରେ ନିଯୁକ୍ତି ଦେଉ ନାହାନ୍ତି କିମ୍ବା ପ୍ରଚଳିତ ଆଇନ ଅନୁସାରେ ସେମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ମଧ ପ୍ରଦାନ କରୁନାହାନ୍ତି। ଶ୍ରମିକମାନଙ୍କର ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ପରେ ଓ ରାଜ୍ୟ ସ୍ତରରେ ଉଚ୍ଚ ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶକୁ ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ବିଭାଗ ସଠିକ ଭାବେ କାର୍ଯ୍ୟକାରୀ କରୁ ନାହାନ୍ତି। କାରଖାନାର ନୂତନ ଯୁଗ୍ମ ମାଲିକ ପ୍ରଚଳିତ ଆଇନ ଗୁଡିକୁ ଫାଙ୍କିଦେବାକୁ ଉଦ୍ୟମ କରୁଥିବାର ଅଭିଯୋଗ ହୋଇଛି। କାରଖାନାରେ ନିଯୁକ୍ତି କିମ୍ବା ବକେୟା ଟଙ୍କା ନ ପାଇବାରୁ ବହୁ ଶ୍ରମିକ ଦୁଃଖକଷ୍ଟରେ ଚଳୁଛନ୍ତି। ଏଣୁ ବାଲେଶ୍ୱରର ଶ୍ରମିକ କର୍ମଚାରୀମାନଙ୍କ ମିଳିତ ମଞ୍ଚ ଟିୟୁସିସି ପକ୍ଷରୁ ଏହି ଶ୍ରମିକମାନଙ୍କ ସମସ୍ୟାର ସମାଧାନ ପାଇଁ ଲଗାତାର ଉଦ୍ୟମ କରୁଛି। ଏ ନେଇ ଟ୍ରେୟୁସିସି ପକ୍ଷରୁ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ଭବନରେ ଏନେଇ ଏକ ବୈଠକ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଶ୍ରମମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଏଆଇଟିୟୁସି ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ଟିୟୁଏସିସି ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଓ ବିର୍ଲା ଶ୍ରମିକ ମିଳିତ ମଞ୍ଚର ଆବାହକ ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବିର୍ଲାଟାୟାର୍ସ ଶ୍ରମିକମାନଙ୍କ ଦାବି ଓ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ବିଧାନସଭା ଅଧିବେସନରେ ଦଳମତ ନିର୍ବିଶେଷରେ ବାଲେଶ୍ୱରର ବିଧାୟକମାନେ ଶ୍ରମିକମାନଙ୍କ ସମସ୍ୟା ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିବେଦନ କରାଯାଇଛି। ଆସନ୍ତା ଦୁର୍ଗାପୂଜା ପରେ ଭୁବନେଶ୍ୱରରେ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନେ ସପରିବାର ଗଣଧାରଣାରେ ବସିବାକୁ ନିଷ୍ପତ୍ତି ନିଆଯାଇଛି। ଏହାପୂର୍ବରୁ ବାଲେଶ୍ୱରସ୍ଥିତ ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରମିକସାଥିମାନେ ଅଧିକ ଏନେଇ ଅଧିକ ସଙ୍ଗଠିତ ହେବାକୁ ଶ୍ରମିକନେତାମାନେ ଆହ୍ୱାନ ଦେଇଛନ୍ତି। ଦୁକୁଲ ଘଡେଇ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାରେ କୃଷି ଓ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦାବି

### ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୧୮।୯(ସମିସ)

ଜିଲ୍ଲାରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ଦାବିରେ ଆଜି ବାଲେଶ୍ୱରର ବିଭିନ୍ନ ଗଣସଙ୍ଗଠନ, ସାମାଜିକ ସଙ୍ଗଠନ, ସ୍ୱେଚ୍ଛାସେବୀ ସଙ୍ଗଠନ, କୃଷକ ସଙ୍ଗଠନ, ଶ୍ରମିକ ସଙ୍ଗଠନ ଓ ଶତାଧିକ ବୁଦ୍ଧିଜୀବୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହଙ୍କୁ ସାକ୍ଷାତ କରି ନିଜସ୍ୱ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ୪ବର୍ଷ ଧରି ଲଗାତର ଭାବେ କୃଷି ଓ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀ ଦାବି କରିଆସିଛନ୍ତି।

ବାଲେଶ୍ୱର ଜିଲ୍ଲାରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସମସ୍ତ ଭିତିଭୂମି ରହିଥିବାରୁ ସମସ୍ତ ରାଜନୈତିକ ଦଳ ଏଥିପାଇଁ ସର୍ବସମ୍ମତ ଭାବେ ସହମତି ପ୍ରକାଶ କରି ସରକାରଙ୍କଠାରେ ଦାବି କରିଆସୁଛନ୍ତି। ଗତ ୪ବର୍ଷ ତଳେ ବିଭିନ୍ନ ବର୍ଗର ଜନଗଣଙ୍କୁ ନେଇ 'ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି' ନାମରେ ଏକ ସଙ୍ଗଠନ କାର୍ଯ୍ୟ କରୁଛି। ଆଜି ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ ବେଳେ ପଞ୍ଚାୟତ ଓ ବ୍ଲକ ସ୍ତରରୁ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲ୍ଲା କ୍ରିୟାନୁଷ୍ଠାନ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ଓ ସମ୍ପାଦକ ଅଭୟ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ସଙ୍ଗଠନର ପ୍ରମୁଖ କର୍ମକର୍ତ୍ତାମାନେ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରି ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ କୃଷକମାନେ ଉନ୍ନତ ଓ ଅତ୍ୟାଧୁନିକ ପ୍ରଣାଳୀରେ ବିଭିନ୍ନ କୃଷିସାମଗ୍ରୀ ଉତ୍ପାଦନ କରିପାରିବେ ବୋଲି ଜଣାଇଥିଲେ। ଜିଲ୍ଲାରେ ଥିବା କୃଷକ ପରିବାରର ଯୁବବର୍ଗ ଚାଷପ୍ରତି ଅଧିକ ଆଗ୍ରହ ପ୍ରକାଶ କରିବେ ବୋଲି ସେମାନେ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ଏହି ଆଲୋଚନା ବେଳେ ଉପସ୍ଥିତ ଥିଲେ। ଜିଲ୍ଲା କ୍ରିୟାନୁଷ୍ଠାନ ସମିତି ସମେତ ବାଲେଶ୍ୱର ସିଭିଲ ସୋସାଇଟି, ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ଏଆଇଟିୟୁସି, ସିଆଇଟିୟୁ, ଜିଲ୍ଲା ରକ୍ତଦାତା ସଂଘ, ବାଲେଶ୍ୱର ଓକିଲ ସଂଘ, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ଆମ୍ବେଦକର ବିକାଶ ପରିଷଦ, ରିକସା ଚାଳକ ସଂଘ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଉତ୍କଳ ମହିଳା ସମିତି, ରେମୁଣା କ୍ଷୀରଚୋରା ଗୋପୀନାଥ ଉନ୍ନୟନ ପରିଷଦ, ମାରାଂବୁରୁ ଆଦିବାସୀ ଓ ଦଳିତ ଲୋକମଞ୍ଚ, ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ, ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏସନ, ରୋଟାରୀ କ୍ଲବ, ଟିୟୁଏସିସି, ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟ, ରୟାଲ ଟ୍ରଷ୍ଟ, ବ୍ୟାସକବି ନଗର ବିକାଶ ପରିଷଦ, ବାଲେଶ୍ୱର କୃଷକ ସଂଘ, ବୃନ୍ଦାବତୀ ବିହାର ବିକାଶ ପରିଷଦ, ମୋହରିର ସଂଘ, ଇଞ୍ଜିନିୟର୍ସ ଫୋରମ, ଜଉକଣ୍ଢେଇ ବାହାଘର ଓ ଉତ୍ସବ କମିଟି, ସ୍ୱାଧୀନତା ସଂଗ୍ରାମୀ ଯୁବସଂଘ, ବିଧୁଭୂଷଣ ସ୍ମୃତି ପରିଷଦ, ରାଜଘାଟ ଗ୍ରାମାଂଚଳ ବିକାଶ ପରିଷଦ, ରେମୁଣା ସ୍ୱାଭିମାନ ମଞ୍ଚ, ଉଠା ଜଳସେଚନ କର୍ମଚାରୀ ସଂଘ, ଅରୁଣ ଦେ ସ୍ମୃତି ପରିଷଦ, ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ରସଂଘ, ସାଇ ନୃତ୍ୟସଙ୍ଗୀତ ମହାବିଦ୍ୟାଳୟ, ନିଖିଳ ଓଡ଼ିଶା ସମବାୟବ୍ୟାଙ୍କ କର୍ମଚାରୀ ସଂଘ, ସହାୟକ, ଜାଗ୍ରତ ନାରୀସଂଘ, ଇନଟାକ, ଚନ୍ଦ୍ରଭାଗା ଓ ନିଖିଳ ଓଡ଼ିଶା ମତ୍ସ୍ୟଖାଦ୍ୟ ବ୍ୟବସାୟୀ ଓ ରପ୍ତାନକାରୀ ସଂଘ ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ବିଧାନସଭା ଅଧିବେଶନ ସମୟରେ ଯଦି ରାଜ୍ୟ ସରକାର ବାଲେଶ୍ୱରବାସୀଙ୍କ ଦାବିପ୍ରତି ସୁବିଚାର ନ କରନ୍ତି ତେବେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମିତି ପକ୍ଷରୁ କୁହାଯାଇଛି।




## 'ଏକ୍ସ'ରେ ଅଭିଯୋଗ; ସମସ୍ୟା ସମାଧାନ ହେଉନାହିଁ

ବାଲେଶ୍ୱର, ୧୮।୯(ସମିସ): 'ଏକ୍ସ'ରେ ଅଭିଯୋଗ ତଥା ଟୁଇଟ୍ କରି ଦାବି ଜଣାଇବାର ୧୦ ମାସ ବିତିଯାଇଥିଲେ ବି ସମସ୍ୟାର୍ ସମାଧାନ ହୋଇପାରୁନି। ଥାନା ଅଧିକାରୀଙ୍କ 'ଏକ୍ସ' ରେ ଆକାଉଣ୍ଟ ଖୋଲିବା ପାଇଁ ଦାବି ହୋଇଥିଲେ ମଧ ତାହା ଏଯାଏଁ ହୋଇନାହିଁ। ବାଲିଆପାଳ ବ୍ଲକରେ ଥିବା ବିଭିନ୍ନ ଥାନା ଗୁଡ଼ିକରେ ଥାନା ଅଧିକାରୀଙ୍କ 'ଏକ୍ସ' ଟୁଇଟର ଆକାଉଣ୍ଟ ଖୋଲିବା ପାଇଁ ଆସୋସିଏସନ୍ ଅଫ୍ ଟୁଇଟର୍ ଆକ୍ଟିଭିଷ୍ଟର ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲା ସଂଯୋଜକ ତଥା ବାଲିଆପାଳ ବ୍ଲକ ସଂଯୋଗ ପୂର୍ଣ୍ଣଚନ୍ଦ୍ର ଜେନା ବାଲିଆପାଳ ବ୍ଲକରେ ୨୩ ଡିସେମ୍ବର ୨୦୨୪ ରେ ଅନୁଷ୍ଠିତ ହୋଇଥିବା ଯୁଗ୍ମ ଜନଶୁଣାଣିରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରି ଜଣାଇଥିଲେ। କିନ୍ତୁ ଦୁଃଖର ବିଷୟ ଯେ, ବର୍ତ୍ତମାନ ଯାଏଁ ଏହା ଉପରେ କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ କି ଟୁଇଟର ଆକାଉଣ୍ଟ ଖୋଲା ହୋଇନାହିଁ। ପୁର୍ନବାର ୧୩ ସେପ୍ଟେମ୍ବରରେ ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପୂର୍ଣ୍ଣଚନ୍ଦ୍ର ଜେନା ଓଡ଼ିଶା ପୁଲିସକୁ ଟୁଇଟରରେ ଟ୍ୟାଗ କରି ନିବେଦନ କରିଥିଲେ ମଧ ବର୍ତ୍ତମାନ ଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ ଯଥାଶୀଘ୍ର ବାଲିଆପାଳ ବ୍ଲକରେ ଥାନା ଅଧିକାରୀଙ୍କ ଟୁଇଟର ଆକାଉଣ୍ଟ ଖୋଲି ଲୋକଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଅତିରିକ୍ତ ଜିଲ୍ଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସହିତ ସ୍ଥାନୀୟ ବାସୀ ଦୃଢ଼ ଦାବି କରିଛନ୍ତି।

## ଧୀରେନ୍ଦ୍ର ନାରାୟଣ ଦାସଙ୍କ ସ୍ମୃତିସଭା

ବାଲେଶ୍ୱର, ୧୮।୯(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରତିଷ୍ଠାତା ଦିବଂଗତ ସମାଜସେବୀ ଧୀରେନ୍ଦ୍ର ନାରାୟଣ ଦାସଙ୍କ ସ୍ମୃତିସଭା ସ୍ଥାନୀୟ କଲ୍ୟାଣନଗରସ୍ଥିତ ଚିନ୍ମୟ ମିଶନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମିଶନର ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ସମ୍ପାଦକ ଦିବାକର ମହାପାତ୍ର, ଉପସଭାପତି ଅକ୍ଷୟ କୁମାର ତ୍ରିପାଠୀ, ବିଜୟ କୁମାର ଦାସଅଧିକାରୀ, କୋଷାଧ୍ୟକ୍ଷ ଗଙ୍ଗାଧର ପୃଷ୍ଟି, ପ୍ରଫୁଲ୍ଲ କୁମାର ଦାସ, ରଜନୀକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, କରୁଣାକର ପାତ୍ର ଓ ସୁବ୍ରତ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନ ଆଦର୍ଶ ଓ ସେବାମୂଳକ କାର୍ଯ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ସ୍ତ୍ରୀର ବେକ କାଟିଲା ସ୍ୱାମୀ

### ଗୁରୁତର ମହିଳା କଟକ ସ୍ଥାନାନ୍ତର



ବାଲେଶ୍ୱର, ୧୮।୯(ସମିସ): ସ୍ତ୍ରୀର ବେକ କାଟିଲା ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ପଠାଣ ମହଲ୍ଲା ଗ୍ରାମରେ। ଆଜି ଅପରାହ୍ନ ସାଢ଼େ ୪ଟାରେ କଟକ ବକ୍ସି ବଜାର ଅଞ୍ଚଳର ସେଖ ଆମଜାଦ ତାର ପତ୍ନୀଙ୍କ ସହ ରାସ୍ତା କଡରେ ଠିଆହୋଇ କୌଣସି କଥାକୁ ନେଇ ବୁଝାସୁଝା କରୁଥିବା ବେଳେ ସମ୍ଭବତଃ ତାର କଥାରେ ସ୍ତ୍ରୀ ରାଜି ନ ହେବାରୁ ସୈତାନ ସ୍ୱାମୀ ଚାକୁରେ ତା'ର ବେକ କାଟିଥିଲା। ପୀଡ଼ିତାଙ୍କୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଗ୍ରାମବାସୀ ଏବଂ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର କଟକ ଏସସିବିକୁ ସ୍ଥାନାନ୍ତର କରିଛନ୍ତି। ଗ୍ରାମବାସୀ ଅଭିଯୁକ୍ତ ସ୍ୱାମୀ ଆମଜାଦକୁ କାବୁ କରି ଟାଉନ ଥାନା ପୁଲିସ ଜିମା ଦେଇଛନ୍ତି। ମହିଳାଜଣକ ସ୍ଥାନୀୟ ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଚାଲିଥିବା ଟାଉନ ଥାନା ଅଧିକାରୀ ବିଜୟ ଦାସ କହିଛନ୍ତି।

**● ସାତ ଅଭିଯୁକ୍ତଙ୍କୁ ଗିରଫ ଦାବିକଲେ ମହିଳା**

## ନ୍ୟାୟ ନ ମିଳିଲେ ଏସ୍‌ପି ଅଫିସ ଆଗରେ ଆତ୍ମାହୁତି

ବାଲିଆପାଳ, ୧୮।୯ (ସମିସ): ସିଂଲା ଥାନା ଅନ୍ତର୍ଗତ କଷାଫଳ ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ବାଲିଆପାଳ ଥାନା ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତର ଚାଉଳତି ଗ୍ରାମର ସୁବାସ ମଣ୍ଡଳଙ୍କ ପୁଅ ସନ୍ତୋଷ ମଣ୍ଡଳ ବିବାହ ଏବଂ ପିଲା ମାନଙ୍କର ଭବିଷ୍ୟତ ଗଢିବା ପ୍ରତିଶ୍ରୁତି ଦେଇ ଶେରଗଡ଼କୁ ନେଇଯାଇଥିଲେ। ସେଠାରେ କିଛି ଦିନ ରଖିବା ପରେ ସନ୍ତୋଷ ଏବଂ ତାର ସାଥୀ ମାନେ ବିଭିନ୍ନ ସମୟରେ ସମ୍ପୃକ୍ତା ମହିଳାଙ୍କୁ ଗଣ ବଳାତ୍କାର କରିଆସୁଥିଲେ। ସେ ପ୍ରତିବାଦ କରିବାରୁ ଅକଥନୀୟ ନିର୍ଯାତନା ଦେବା ସହିତ ତାଙ୍କ ଦୁଇ ପିଲାକୁ ଜୀବନରୁ ମାରିଦେବାର ଧମକ ଦେଉଥିଲେ। ଏହା ସହିତ ବଳାତ୍କାରର ଭିଡିଓ ସୋସିଆଲ ମିଡ଼ିଆରେ ଛାଡ଼ିଦେବେ ବୋଲି ମଧ ଧମକ ଦେଉଥିଲେ। ଏଥିରେ ସମ୍ପୃକ୍ତ ଥିବା ନଅ ଜଣଙ୍କ ମଧରେ ବିବାଦ ଉପୁଜିବା ପରେ ପୀଡ଼ିତାଙ୍କ ଭାଇଙ୍କୁ ତାଙ୍କ ମଧରୁ ଜଣେ ବ୍ୟକ୍ତି ଘଟଣା ସମ୍ପର୍କରେ କହିବା ସହିତ ଭଉଣୀ ରହୁଥିବା ଜାଗାରେ ଠିକଣା ଦେଇଥିଲା। ପୀଡ଼ିତାଙ୍କ ଭାଇ ସେଠାରୁ ଭଉଣୀଙ୍କୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ପୀଡ଼ିତାଜଣକ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଉକ୍ତ ଅଭିଯୋଗକୁ ଗ୍ରହଣ କରି କେସ ନମ୍ବର ୧୫୦/୨୫ ରେ ମାମଲା ରୁଜୁ କରି ସେଥିରୁ ଦୁଇ ଅଭିଯୁକ୍ତ ସନ୍ତୋଷ ମଣ୍ଡଳ ଓ ବାବୁଧର ଗିରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ଘଟଣାକୁ ଦୀର୍ଘ ଦିନ ବିତିଯାଇଥିଲେ ମଧ ଅନ୍ୟ ସାତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ବିଫଳ ହୋଇଛି। ଉକ୍ତ ଅଭିଯୁକ୍ତ ମାନେ ପୀଡ଼ିତ ମହିଳାଙ୍କୁ ବିଭିନ୍ନ ଧମକଚମକ ଦେଉଛନ୍ତି। ଏ ନେଇ ପୀଡ଼ିତା ଜଣକ ଭାଇଙ୍କ ଘରେ ଗୁରୁବାର ସନ୍ଧ୍ୟାରେ ନ୍ୟାୟ ଏବଂ ସୁରକ୍ଷା ଦାବି ନେଇ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଆଗାମୀ ୧୫ ଦିନ ମଧରେ ସାତ ଜଣ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ବାଲେଶ୍ୱର ଏସ୍‌ପି ଅଫିସ ଆଗରେ ନିଜକୁ ଆତ୍ମାହୁତି ଦେବେ ବୋଲି ପୀଡ଼ିତ ଜଣକ ଚେତାବନୀ ଦେଇଛନ୍ତି।

**ଇଣ୍ଟିଗ୍ରେଟେଡ଼ ଟିଚର୍ସ ଏଜୁକେସନ ପ୍ରୋଗ୍ରାମକୁ ବିରୋଧ**

## ଏଆଇଡିଏସଓ ପକ୍ଷରୁ ପ୍ରତିବାଦ ଦିବସ

ବାଲେଶ୍ୱର, ୧୮।୯ (ସମିସ): ଗତ ୧୩ ସେପ୍ଟେମ୍ବର ଦିନ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷାନୁଷ୍ଠାନ ଓ ଡିଗ୍ରୀ ମହାବିଦ୍ୟାଳୟ ମାନଙ୍କୁ ଜାରି କରାଯାଇଥିବା ନୋଟିସ ଅନୁଯାୟୀ ଯେଉଁ ଶିକ୍ଷାନୁଷ୍ଠାନମାନେ ୪ ବର୍ଷିଆ ଆଇଟିଇପି (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ) ପାଇଁ ଆବେଦନ କରୁଛନ୍ତି ସେମାନେ ଚୁକ୍ତିଭିତ୍ତିକ ଅତିଥି ଅଧ୍ୟାପକ ନିଯୁକ୍ତି କରିବେ ଏବଂ ଛାତ୍ରଛାତ୍ରୀଙ୍କ ଠାରୁ ଆଦାୟ ହୋଇଥିବା କୋର୍ସ ଫି'ରୁ ହିଁ ସେମାନଙ୍କୁ ଦରମା ଦେବେ। ସେଥିପାଇଁ ଛାତ୍ରଛାତ୍ରୀଙ୍କଠାରୁ ବାର୍ଷିକ ମୁଣ୍ଡପିଛା କୋର୍ସ ଫି ୪୫, ୦୦୦.୦୦ ଟଙ୍କା ଆଦାୟ କରିବେ। ଏହି ନୋଟିସକୁ ତୀବ୍ର ନିନ୍ଦା କରି ଏଆଇଡିଏସଓ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆଜି ସାରା ଓଡ଼ିଶା ପ୍ରତିବାଦ ଦିବସ ଡାକରା ଦିଆଯାଇଛି। ଏହା ଦ୍ୱାରା ଶିକ୍ଷକ ଶିକ୍ଷାର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ, ଛାତ୍ରଛାତ୍ରୀ ତୀବ୍ର ଆର୍ଥିକ ଶୋଷଣର ଶିକାର ହେବେ, ଶିକ୍ଷାନୁଷ୍ଠାନଗୁଡିକ ଡିଗ୍ରୀ ବିକ୍ରୟ କେନ୍ଦ୍ରରେ ପରିଣତ ହେବେ, ପ୍ରିୟାପ୍ରୀତି ତୋଷଣ ଓ ଦୁର୍ନୀତି ବ୍ୟାପକ ରୂପ ନେବ ଏବଂ ଚୁକ୍ତିଭିତ୍ତିକ ଅତିଥି ଅଧ୍ୟାପକମାନେ ନ୍ୟାଯ୍ୟ ପ୍ରାପ୍ୟ ତଥା ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହେବେ।

ସଂଗଠନ ପକ୍ଷରୁ ଆହୁରି କୁହାଯାଇଛି ଯେ, ସରକାରଙ୍କ ଏହି ପଦକ୍ଷେପ ହେଉଛି ଜାତୀୟ ଶିକ୍ଷାନୀତି ୨୦୨୦ର ଅନ୍ୟତମ କାର୍ଯ୍ୟକାରୀ ରୂପ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନର ପ୍ରଥମ ଦିନରୁ ହିଁ ଏ ଆ ଇ ଡି ଏ ସ ଓ ଏହାକୁ ବିରୋଧ କରି କହିଥିଲା ଯେ, ଏହି ଶିକ୍ଷାନୀତି ଦେଶର ସମସ୍ତ ସ୍ତରର ଶିକ୍ଷାର ଘରୋଇକରଣ - ବ୍ୟବସାୟୀକରଣ ପାଇଁ ଉଦ୍ଦିଷ୍ଟ ଯାହାକି ଦିବାଲୋକ ଭଳି ସ୍ପଷ୍ଟ ପ୍ରମାଣିତ ହେବାରେ ଲାଗିଛି। ଏଣୁ ଶିକ୍ଷକ ଶିକ୍ଷାର ଘରୋଇକରଣ - ବ୍ୟବସାୟୀକରଣ ବନ୍ଦ, ଛାତ୍ରଛାତ୍ରୀଙ୍କ ଠାରୁ ୪୫, ୦୦୦ ଟଙ୍କା କୋର୍ସ ଫି ଆଦାୟ ସମ୍ପୂର୍ଣ୍ଣ ଭାବେ ବନ୍ଦ, ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେବା, ଶିକ୍ଷକ ଶିକ୍ଷାର ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ଏବଂ ଜାତୀୟ ଶିକ୍ଷାନୀତି ୨୦୨୦ କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ଏ ଆଇ ଡି ଏସ ଓ ବାଲେଶ୍ୱର ଜିଲ୍ଲା କମିଟି ଉଦ୍ୟଗରେ ଆଜି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ସଂଗଠନ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ଜିଲ୍ଲା ଉପସଭାପତି ମନୋଜ ପାତ୍ର, ମନୀଷ କୁମାର ସାହୁ, ମୃତ୍ୟୁଞ୍ଜୟ ସେନାପତି ଓ ଦୀନବନ୍ଧୁ ପ୍ରଧାନ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରେ ଉପସଭାପତି ମନୋଜ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।




**ଆସୁଛନ୍ତି ମା' ଦୁର୍ଗା**

## ଭାଇଚାରାର ବାର୍ତ୍ତା ଦିଏ ଅରଡ଼ବଜାର ସାର୍ବଜନୀନ ଦୁର୍ଗାପୂଜା

ବାଲେଶ୍ୱର, ୧୮।୯(ସମିସ)

ଭାଇଚାରାର ବାର୍ତ୍ତା ଦିଏ କମିଟି। ଯେଉଁଠି ସଭାପତି ହିନ୍ଦୁ ଏବଂ ସମ୍ପାଦକ ମୁସଲମାନ ରହିଛନ୍ତି। ଅରଡବବଜାର ଅଞ୍ଚଳରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ସେଥିପାଇଁ ଉଭୟ ସମ୍ପ୍ରଦାୟର ଲୋକ ଦୀର୍ଘବର୍ଷ ଧରି ମାଆ ଦୁର୍ଗାଙ୍କୁ ପୂଜା କରି ଆସୁଛନ୍ତି। ଏମିତି ଏକ କମିଟି ଯାହା ସମାଜକୁ ଭାଇଚାରାର ପରିଚୟ ଦିଏ। ହିନ୍ଦୁ ଏବଂ ମୁସଲମାନ ମିଶି ଏଠାରେ ପ୍ରତିବର୍ଷ ଦୁର୍ଗାପୂଜା କରି ଆସୁଛନ୍ତି। ଚଳିତବର୍ଷ ୪୮ ବର୍ଷର ପୂଜା ପାଳନ କରିବ ଅରଡବଜାର ସାର୍ବଜନୀନ ଦୁର୍ଗାପୂଜା କମିଟି। ଏହାବ୍ୟତୀତ କମିଟି ପକ୍ଷରୁ ଭିନ୍ନ ଧରଣର ତୋରଣ ନିର୍ମାଣ ପାଇଁ ଯୋଜନା ରହିଛି। ଦୁର୍ଗାପୂଜା ମଣ୍ଡପଟି ପାରମ୍ପରିକ ବଙ୍ଗାଳୀ ଗ୍ରାମ କୁଟୀର କିମ୍ବା 'ଚାଳ ଘର' ଶୈଳୀରେ ଡିଜାଇନ୍, ଯେଉଁଥିରେ ପ୍ରାୟତଃ ଲୋକକଳା ଏବଂ ଗ୍ରାମୀଣ ସୌନ୍ଦର୍ଯ୍ୟର ଉପାଦାନ ସାମିଲ ରହିଛି। ଯାହାର ଉଚ୍ଚତା ପ୍ରାୟ ୪୦ ଫୁଟ୍ ରହିବ। ୧୯୭୮ ମସିହାରୁ ଅରଡବଜାର ମଣ୍ଡପରେ ଦୁର୍ଗା ପୂଜା ହୋଇଆସୁଛି। ଏବର୍ଷ ୪୮ ବର୍ଷରେ ପଦାର୍ପଣ କରୁଛି ଏହି କମିଟି। ପୂଜା ପାଇଁ ଏଥର ୬ ଲକ୍ଷ ବଜେଟ ରହିଛି। କମିଟି ପକ୍ଷରୁ ପ୍ରତିବର୍ଷ ତୋରଣ, ସାଜସଜ୍ଜା ଓ ମାଆଙ୍କ ମୂର୍ତ୍ତିର ସୁନ୍ଦର ଓ ଭିନ୍ନ କରାଯାଇଥାଏ। ସେହିପରି ଏବର୍ଷ ବଙ୍ଗୀୟ ଶୈଳୀରେ ନିର୍ମିତ ମାଆ ଦୁର୍ଗାଙ୍କ ମୂର୍ତ୍ତି ଦେଖିବାକୁ ମିଳିବ। ୧୬ ଫୁଟ୍ ଉଚ୍ଚତାର ନିର୍ମାଣ ହେଉଛି ମାଆଙ୍କ ମୂର୍ତ୍ତି। ଏହାକୁ ବଙ୍ଗୀୟ କାରିଗରମାନେ ନିର୍ମାଣ କରୁଛନ୍ତି। ଏଥିସହିତ ବଙ୍ଗୀୟ ଶୈଳୀରେ ତୋରଣ ମଧ ନିର୍ମାଣ ହେବ। ଷଷ୍ଠୀରୁ ପୂଜା ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ଚାଲିବ। ପ୍ରତିବର୍ଷ ଏହି ମଣ୍ଡପରେ ଆଖପାଖର ପ୍ରାୟ ୫୦୦ ଡାଲା ପୂଜାରେ ଲାଗିଥାଏ। ଏହାବ୍ୟତୀତ ତୋରଣ ମଧ ଏକ ଭିନ୍ନ ଧରଣର ନିର୍ମାଣର ଯୋଜନା କରିଛି କମିଟି। ଏହାବ୍ୟତୀତ ସବୁଠୁ ବଡ଼ କଥା ହେଉଛି ପୂଜା ଆରମ୍ଭରୁ ହେବା ଦିନରୁ କମିଟି ମଧରେ ଭାଇଚାରା ରହିଆସିଛି। ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ଏକାଠି ହୋଇ ପୂଜା ସମ୍ପନ୍ନ କରିଥାନ୍ତି। କମିଟିର ୬୦ ଜଣ ସଦସ୍ୟଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୋଇଥାଏ।





ଆମର ପ୍ରଥମତଃ ମୂର୍ତ୍ତି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି। ତାପରେ ତୋରଣ ଓ ସାଜସଜ୍ଜାକୁ ଗୁରୁତ୍ୱ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ନବମୀ ଦିନ ସ୍କୁଲ ପିଲାମାନଙ୍କ ମଧ୍ୟରେ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମର ଯୋଜନା ରହିଛି।

**ଜମାଲ ଖାନ**, ସମ୍ପାଦକ



୫୦ ବର୍ଷ ପୂରଣ ବେଳେ ଅଧିକ କିଛି ପାଇଁ ଯୋଜନା କରିବୁ। ଏଥର ବଙ୍ଗୀୟ ଶୈଳୀରେ ନିର୍ମିତ ମାଆ ମୂର୍ତ୍ତି। ପ୍ରତିବର୍ଷ ପରି ଏଥର ମଧ ମୂର୍ତ୍ତି, ସାଜସଜ୍ଜା, ପୂଜାକୁ ଗୁରୁତ୍ୱ ଦିଆଯାଉଛି। ଆମ କମିଟିରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ସଦସ୍ୟ ମିଶି ପୂଜା କରିଥାଉ।

**ଦୀପକ ମହାପାତ୍ର**, ସଭାପତି

## ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ



ବାଲେଶ୍ୱର, ୧୮।୯(ସମିସ): ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ସ୍କୁଲ ରୋଡରେ ଥିବା ମହାକାଳ ଜିମ୍ ପରିସରରେ ବିଶ୍ୱକର୍ମାଙ୍କ ପୂଜା ସହ ସନ୍ଧ୍ୟାରେ ଦୀର୍ଘ ୪୫ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ଅତିଥି ଭାବେ ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ, କାଉନସିଲର ସତ୍ୟ ଶିବ ଦାସ, ମହାକାଳ ଫିଟନେସ ଜିମର ମୁଖ୍ୟ ଗୋପାଳ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହାଛଡା ବାଲେଶ୍ୱର ବିଘ୍ନରାଜ ଗଣେଶ ପୂଜା କମିଟିର କୁଶଳୀ କାରିଗର ମୂର୍ତ୍ତି ଶିଳ୍ପୀ ଅବିନାଶ ବଢେଇ, ମେଢ଼ କାରିଗର ଶୁଭମ ବେହେରା, ପୁଷ୍ପସଜା କାରିଗର ସୁଜିତ ସାହା, ସାମ୍ବାଦିକ ସୋମନାଥ ସାହୁ, ଅଜିତ କୁମାର ମହାନ୍ତି ଏବଂ ଅଭୟ କୁମାର ଦାସଙ୍କ ସମେତ ପୂଜାରେ ସହଯୋଗ କରିଥିବା ମନୋଜ କୁମାର ଜେନା, ବିଶ୍ୱନାଥ ପାଲ, ବିକାଶ ମହାନ୍ତି, ସବ୍ୟସାଚୀ ସାହୁ, ସୁଜିତ ବିଶ୍ୱାଳଙ୍କ ସମେତ ବିଘ୍ନରାଜ ଗଣେଶ ପୂଜା କମିଟିର ସଦସ୍ୟ ସୁଶାନ୍ତ କୁମାର ରଣା, ରିତମ କର ମହାପାତ୍ର, ଚିରଞ୍ଜୀବ ସେନାପତି, ସତ୍ୟ ଶ୍ରୀଧର ସେନାପତି, ଧ୍ୱନିତ ରଣା, ଗଣେଶଚନ୍ଦ୍ର ପରିଡ଼ା, ଶିବାଶିଷ ସାହୁ, ଜୟନ୍ତ ମହାନ୍ତି, ଆକାଶ ମଣ୍ଡଳ ଏବଂ ସଦସ୍ୟା ସୁଚିସ୍ମିତା ଦାସ ପ୍ରମୁଖଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଭୁବନେଶ୍ୱର ସିଟି

## ପୂଜା ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ

# ଦୁର୍ଗାପୂଜାରେ ଝଲସିବ ୧୭୨ ମେଢ଼

ଭୁବନେଶ୍ୱର, ୧୮।୯ (ସମିସ): ଚଳିତ ବର୍ଷ ଦୁର୍ଗା ପୂଜା ଓ ଭସାଣି ପାଇଁ ବିଏମ୍‌ସି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁ ପୂଜା ପଣ୍ଡାଲ ସମସ୍ତ ସ୍ୱଚ୍ଛତା ନିୟମ ମାନିବେ ସେମାନଙ୍କ ମଧ୍ୟରୁ ଗୋଟିଏ ମଣ୍ଡପକୁ ଶ୍ରେଷ୍ଠ ସ୍ୱଚ୍ଛ ପେଣ୍ଡାଲ ଭାବେ ପୁରସ୍କୃତ କରାଯିବ ବୋଲି ମେୟର କହିଛନ୍ତି। ଚଳିତ ବର୍ଷ ବିଏମ୍‌ସି ଅଞ୍ଚଳରେ ପ୍ରାୟ ୧୭୨ ମଣ୍ଡପରେ ପୂଜା ପାଇବେ ଜଗତଜ୍ଜନନୀ ମା ଦୁର୍ଗା। ପୂଜାକୁ ସରସ, ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ବିଏମ୍‌ସି ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ତେବେ ଯଦି କେଉଁଠାରେ କିଛି ଅସୁବିଧା ରହିଛି, ସେ ସମ୍ପର୍କରେ ପୂଜା କମିଟିର କର୍ମକର୍ତ୍ତା ଅବଗତ କରାଇବା ପାଇଁ ମେୟର ଓ କମିସନର ଅନୁରୋଧ କରିଥିଲେ। ରାସ୍ତା ମରାମତି, ଗଛ ଡାଳ କାଟିବା, ବିଦ୍ୟୁତ୍ ତାର ଓ ଖୁଣ୍ଟ ମରାମତି କାମ କରିବା, ଖାଲା ଥିବା ଡ୍ରେନ ଉପରେ ସ୍ଲାବ ପକାଇବା ଆଦି କାମ ପ୍ରାୟ ଶେଷ ହୋଇଯାଇଛି। ପୂଜା ପୂର୍ବରୁ ରାସ୍ତାରେ ଥିବା ଖାଲଖମାଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଉଛି। ପୂଜା କମିଟିଙ୍କ ଅନୁରୋଧ କ୍ରମେ କେତେକ ସ୍ଥାନରେ ମୁକୁଳା ଡ୍ରେନ ଉପରେ ସ୍ଲାବ ପକାଇବା, ବିଦ୍ୟୁତ୍ ଆଲୋକ ଏବଂ ଆବଶ୍ୟକସ୍ଥଳେ ଗଛ କାଟିବା ଆଦି ବ୍ୟବସ୍ଥା କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏହି କାମ ତୁରନ୍ତ ସାରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ସମୟରେ ଯେପରି କୌଣସି ମଣ୍ଡପରେ ଅଘଟଣ ନ ଘଟେ, ସେଥିପାଇଁ ସତର୍କତା ଅବଲମ୍ବନ କରିବାକୁ ସମସ୍ତ ପୂଜା କମିଟିକୁ କୁହାଯାଇଛି। ପୂଜା କମିଟିଗୁଡିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ସହ ମଣ୍ଡପ ନିକଟରେ ବାଲି ବସ୍ତା ମହଜୁଦ୍ ରଖିବେ। ସମସ୍ତ ପୂଜା କମିଟି ଏକକ ପ୍ଲାଷ୍ଟିକ ବ୍ୟବହାରକୁ ବର୍ଜନ କରିବା ସହ ସେଥିପାଇଁ ଜନ ସଚେତନତା ସୃଷ୍ଟି କରିବେ। ପ୍ରମୁଖ ରାସ୍ତା ଏବଂ ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ କୌଣସି ବିଜ୍ଞାପନ ହୋର୍ଡିଂ ନ ମାରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।



**■ ସ୍ୱଚ୍ଛତା ନିୟମ ମାନିଲେ ପୂଜା ମଣ୍ଡପକୁ ପୁରସ୍କାର**
**■ ରାସ୍ତାରେ ବିଜ୍ଞାପନ ହୋର୍ଡିଂ ମାରିବା ମନା**

ବଡ ବଡ ପୂଜା ମଣ୍ଡପରେ ୨ରୁ ୩ ଜଣ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ପୂଜା କମିଟିଗୁଡ଼ିକ ମାଆଙ୍କ ନିକଟରେ ଲାଗିହେଉଥିବା ପୂଜାଫୁଲଗୁଡିକୁ ଅଲଗା କରି ଏଥିପାଇଁ ନିୟୋଜିତ ସ୍ୱତନ୍ତ୍ର ଗାଡିରେ ଦେବେ। ଓଦା ଓ ସୁଖିଲା ବର୍ଜ୍ୟ ପୂର୍ବପରି ଅଲଗା ଅଲଗା କରି ଦେବେ। ଯେଉଁ ପୂଜା ମଣ୍ଡପ ଆଗରେ ଧୂଳି ଉଡୁଥିବ, ସେଠାରେ ଜଳ ସିଚନ ବ୍ୟବସ୍ଥା କରିବେ। ଯେଉଁଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି, ସେଠାରେ ପୁଲିସ ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିୟୋଜନ ପୂର୍ବକ ଆମ୍ବୁଲାନ୍ସ, ଫାୟାର ତଥା ସର୍ବସାଧାରଣଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ଧ୍ୟାନ ଦେବେ। ସମସ୍ତେ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବେ। ପୂଜା କମିଟିଗୁଡ଼ିକ ଗାଡି ପାର୍କିଂ ପାଇଁ ବ୍ୟବସ୍ଥା କରିବେ।

ଏହା ବ୍ୟତୀତ ମା ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ହେବା ପରେ ପ୍ରତ୍ୟେକ ପୂଜା ପଣ୍ଡାଲ ଅଞ୍ଚଳରେ ଟିମ୍ ବିଏମ୍‌ସି ସହ କମିଟିର ସଦସ୍ୟ ଓ ସ୍ଥାନୀୟ ଲୋକେ ମିଳିତ ଭାବେ ଗଣ ସଫେଇ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଅପରପକ୍ଷେ କିଛି ପୂଜା କମିଟି ପକ୍ଷରୁ ରାସ୍ତା ମରାମତି, ଗଛ ଡାଳ କାଟିବା ଓ ବିଦ୍ୟୁତ୍ ତାର ସଜାଡିବା ପାଇଁ ଅନୁରୋଧ କରାଯାଇଥିଲା। ସେ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କମିସନର ନିର୍ଦ୍ଦେଶ ଦେଇଛନ୍ତି। ୨୫ ତାରିଖ ପୂର୍ବରୁ ସମସ୍ତ ସମସ୍ୟାର ସମାଧାନ କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ।

ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିସନର ଚଞ୍ଚଳ ରାଣା, ଅତିରିକ୍ତ କମିସନର ରତ୍ନାକର ସାହୁ, ସିଟି ଇଞ୍ଜିନିୟର ନାରଦ ଚନ୍ଦ୍ର ରଥ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ କର୍ପୋରେଟର, ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା, ବିଭିନ୍ନ ସଂଯୁକ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସ୍କୁଲ୍ ଡଷ୍ଟବିନ୍‌ରୁ ନବଜାତକ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୮।୯ (ସମିସ): ସହିଦନଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲ ଡଷ୍ଟବିନ୍‌ରୁ ଏକ ନବଜାତକ ଶିଶୁପୁତ୍ରର ମୃତଦେହକୁ ପୁଲିସ ଜବତ କରିଛି। ସକାଳୁ ବିଏମ୍‌ସିର ଅଳିଆ ସଫା କରୁଥିବା କର୍ମଚାରୀ ଉକ୍ତ ଡଷ୍ଟବିନ୍ ସଫା କରିବା ସମୟରେ ନବଜାତ ଶିଶୁର ମୃତଦେହ ଦେଖି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଥିଲା। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସ୍କୁଲ ପରିସରରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ମଧ୍ୟ ପୁଲିସ ଛାନ୍‌ଭିନ୍ କରୁଛି। କିଏ ଏବଂ କାହିଁକି ସେଠାରେ ନବଜାତ ଶିଶୁର ମୃତଦେହ ଫିଙ୍ଗିଲା ବୋଲି କୁହାଯାଉଛି।

## ଧକ୍କାମାରି ନେଇଯାଇଥିଲେ ୩୬ ହଜାର ଟଙ୍କା; ଜଣେ ଗିରଫ

ଭୁବନେଶ୍ୱର, ୧୮।୯ (ସମିସ): ଟଙ୍କା ଲୁଟ୍ କରିବା ଅଭିଯୋଗରେ ମୈତ୍ରୀବିହାର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା କାର୍ତ୍ତିକ ଜେନା। ଏନେଇ ଥାନାରେ ଦେବକୀ ମାରାଣ୍ଡିଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ ଯେ, ଦେବକୀ ସାଲିଆସାହି ଅଞ୍ଚଳରେ ରୁହନ୍ତି। ଗତ ୨୦୨୪ ଜୁନ୍ ୧୨ ତାରିଖ ଦିନ ସେ ପୋଖରିପୁଟ ଅଞ୍ଚଳରେ ଥିବା ଏକ ବ୍ୟାଙ୍କରୁ ଗ୍ରୁପ ଲୋନ ଟଙ୍କା ଉଠାଇ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ କାର୍ତ୍ତିକ ଏବଂ ତାଙ୍କର ଜଣେ ସହଯୋଗୀ ଅନ୍ୟ ଏକ ମୋଟରସାଇକେଲ ଯୋଗେ ରେଣ୍ଟାଲ୍ ଛକ ନିକଟରୁ ତାଙ୍କର ପିଛା କରି ଆସି ଭିଲ୍ଲା ଛକ ନିକଟରେ ତାଙ୍କୁ ଧକା ଦେବା ସହ ସ୍କୁଟିରେ ଟଙ୍ଗା ଯାଇଥିବା ଭ୍ୟାନିଟି ବ୍ୟାଗକୁ ଜୋରଜବରଦସ୍ତ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ୩୬ ହଜାର ଟଙ୍କା, ୨ ଟି ଏଟିଏମ କାର୍ଡ, ଗୋଟିଏ ପ୍ୟାନ କାର୍ଡ, ଗୋଟିଏ ଆଧାର କାର୍ଡ ଏବଂ ଏକ ମୋବାଇଲ ଫୋନ୍ ଥିଲା। ପରେ ଉଭୟ ଅଭିଯୁକ୍ତ ଲୁଟ ଟଙ୍କାକୁ ନିଜନିଜ ମଧ୍ୟରେ ବାଣ୍ଟି ନେଇଥିବା ବେଳେ ଅନ୍ୟ ଜିନିଷ ସବୁକୁ ପଲ୍ଲାସପଲ୍ଲୀ ନିକଟରେ ଫିଙ୍ଗିଦେଇଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅଭିଯୁକ୍ତ କାର୍ତ୍ତିକ ଜେନାଙ୍କୁ ଗତକାଲି ବାଲିଅନ୍ତା ଅଞ୍ଚଳରୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ୧୨୦୦ ଟଙ୍କା ଏବଂ ଘଟଣାରେ ବ୍ୟବହୃତ ମୋଟୋରସାଇକେଲକୁ ଜବତ କରାଯାଇଛି। କାର୍ତ୍ତିକଙ୍କ ନାମରେ ପୂର୍ବରୁ ମଧ୍ୟ ଭୁବନେଶ୍ୱରର ବିଭିନ୍ନ ଥାନାରେ ମୋଟ ୯ ଗୋଟି ଅପରାଧିକ ମାମଲା ରହିଥିବା, ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି।

## ପ୍ରେମିକାର ଅଶ୍ଳୀଳ ଫଟୋ ଭାଇରାଲ୍; ପ୍ରେମିକ ଗିରଫ

ଭୁବନେଶ୍ୱର, ୧୮।୯ (ସମିସ): ପ୍ରେମିକାର ଅଶ୍ଳୀଳ ଫଟୋ ଏବଂ ଭିଡ଼ିଓ ଭାଇରାଲ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କଳାପଥରର ଅଜୟ ବେହେରା। ସୂଚନାଯୋଗ୍ୟ ଯେ, ଯୁବତୀଙ୍କ ସହ ଅଜୟ ବେହେରାଙ୍କ ସହ ଗତ ପାଞ୍ଚ ବର୍ଷ ହେବ ଉତ୍ତମ ବନ୍ଧୁତା ଥିଲା। କ୍ରମେ ଉଭୟଙ୍କ ମଧ୍ୟରେ ବାଦବିବାଦ ଦେଖା ଦେବାରୁ ଅଭିଯୋଗକାରିଣୀ ଅଭିଯୁକ୍ତଙ୍କ ନିକଟରୁ ଦୂରେଇ ଯାଇଥିଲେ। ଏଥିରେ ରାଗ ରଖି ଅଜୟ ଅଭିଯୋଗକାରିଣୀଙ୍କ ଫଟୋ ଓ ନାମ ବ୍ୟବହାର କରି ଇନଷ୍ଟାଗ୍ରାମ ଏବଂ ଫେସବୁକରେ ଫେକ ଆଇଡି ମାନ ଖୋଲି ଅଭିଯୋଗକାରିଣୀଙ୍କର କିଛି ଫଟୋ ଅପଲୋଡ କରିବା ସହ ସେଥିରେ ଆପତ୍ତିଜନକ ଭାଷା ପ୍ରୟୋଗ କରିଥିଲେ। ଫଳରେ ଅଭିଯୋଗକାରିଣୀଙ୍କ ସାମାଜିକ ପ୍ରତିଷ୍ଠା ପ୍ରତି ଆଞ୍ଚ ଆସିଥିଲା। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ଅଜୟ ବେହେରା ଓରଫ କାହ୍ନାଙ୍କୁ ଆଜି ଗିରଫ ହୋଇଥିଲା। ଅଭିଯୁକ୍ତ ଅଜୟ ପୂର୍ବରୁ ଖଣ୍ଡଗିରି ଥାନାର ଅନ୍ୟ ଏକ ମାମଲାରେ କୋର୍ଟ ଚାଲାଣ ହୋଇଥିବା ବେଳେ, ଗତ କିଛିଦିନ ତଳେ ବେଲରେ ମୁକୁଳିଥିବା ଜଣାପଡ଼ିଛି।

## ଭୁବନେଶ୍ୱର ଭସାଣ ଉତ୍ସବ ସମିତିର ମିଳିତ ବୈଠକ

ଭୁବନେଶ୍ୱର, ୧୮।୯ (ସମିସ): ଭୁବନେଶ୍ୱର ଭସାଣ ସମିତିର ଏକ ସ୍ୱତନ୍ତ୍ର ବୈଠକ ବୁଧବାର ସହିଦନଗର ଦୁର୍ଗା ପୂଜା ସମିତିରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭୁବନେଶ୍ୱର ସ୍ଥିତ ପ୍ରାୟ ୨୪ଟି ସମିତିର କର୍ମକର୍ତ୍ତା ଯୋଗଦେଇ ଦୁର୍ଗାପୂଜା ସହ ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଆଡସିନାଲ ଡିସିପି କିଶୋର ଚନ୍ଦ୍ର ମୁଣ୍ଡ, ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି, ସହିଦନଗର ଥାନା ଭାରପ୍ରାପ୍ତ ଅଧିକାରୀ ସୁଚିତ୍ରା ବୀଜ ଦାସଙ୍କ ସମେତ ୟୁନିଟ୍-୯ ମହାବୀର ପୂଜା କମିଟି, ବାଣୀବିହାର ଟ୍ରାଫିକ ଛକ ଦୁର୍ଗାପୂଜା କମିଟି, ବାଣୀବିହାର ଦୁର୍ଗାପୂଜା ସମିତି, ଗଜପତି ନଗର, ନହରକଣ୍ଟା, ବାଲିଅନ୍ତା, କେଶୁରା, ବାଙ୍କୁଆଳ, ବମିଖାଲ, ଝାରପଡ଼ା, କଟକ ରୋଡ ବ୍ୟବସାୟୀ ସଂଘ, ବରମଉର୍‌ହା, ପୁରୁଣା ବସଷ୍ଟାଣ୍ଡ, ସତ୍ୟନଗର, ଶାସ୍ତ୍ରୀନଗର ଆଦି ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଶେଷରେ ଦିଲୀପ ଦାଶଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

**● ମୁଖ୍ୟ ଶାସନ ସଚିବଙ୍କୁ ପତ୍ର**

## ପୁନଃବିଚାର ହେଉ କ୍ୟାପିଟାଲ ପୁନଃବିକାଶ ପ୍ରକଳ୍ପ

ଭୁବନେଶ୍ୱର, ୧୮।୯ (ସମିସ): ପ୍ରସ୍ତାବିତ ରାଜଧାନୀ ପୁନଃର୍ବିକାଶ ପ୍ରକଳ୍ପ(କ୍ୟାପିଟାଲ ରିଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ) ହେଲେ ଭୁବନେଶ୍ୱର ସବୁଜ ପରିବେଶ ପାଇଁ ବିପଦ ପାଲଟିଛି। ଏଥିପାଇଁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୟୁନିଟ୍-୨ରେ ୪୧୦ ସରକାରୀ କ୍ୱାର୍ଟର୍ସକୁ ଭାଙ୍ଗିବାକୁ ପଡ଼ିବ ଏବଂ ଭୁବନେଶ୍ୱର ସହରରୁ ୫୦ ବର୍ଷର ପୁରୁଣା ଗଛ ବଳି ପଡ଼ିଯିବ। ତେବେ ଏହି ପ୍ରକଳ୍ପ ନିର୍ମାଣରେ ପୁନଃବିଚାର କରାଯାଉ ଏବଂ ଏହା ଉପରେ ରୋକ ଲଗାଯାଉ ବୋଲି ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଟ୍ଟ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଛନ୍ତି। ପତ୍ରରେ ଉଲ୍ଲେଖ ରହିଛି ଯେ, ପୁନଃବିକାଶର ଆବଶ୍ୟକତା ବୁଝୁଛୁ। କିନ୍ତୁ ଏହା ପରିବେଶର କ୍ଷତି କରି ହେବା ଉଚିତ୍ ନୁହେଁ। ପ୍ରସ୍ତାବିତ ଗଛ କାଟିବା ସହରର ପରିବେଶ ଉପରେ ଗଭୀର ପ୍ରଭାବ ପକାଇବ। ଏହି ପ୍ରକଳ୍ପକୁ ପୁନର୍ବିଚାର କରି ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିବା ବିକଳ୍ପ ସମାଧାନ ଖୋଜିବାକୁ ଅନୁରୋଧ କରାଯାଇଛି। ଏଣୁ ନିର୍ମାଣ ଏବଂ ଗଛ କାଟିବା କାର୍ଯ୍ୟକୁ ବନ୍ଦ କରାଯାଉ। ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିବା ବିକଳ୍ପ ସମାଧାନ ଖୋଜି ପ୍ରକଳ୍ପକୁ ପୁନଃର୍ବିଚାର କରାଯାଉ ଓ ପୁନଃର୍ବିକାଶ ଯୋଜନାରେ ସବୁଜ ସ୍ଥାନ ଅନ୍ତର୍ଭୁକ୍ତ କରି ବର୍ତ୍ତମାନର ଗଛଗୁଡ଼ିକୁ ସଂରକ୍ଷଣ କରାଯାଉ ବୋଲି ପରିଷଦ ପକ୍ଷରୁ ଦାବି କରାଯାଇଛି।

## ଗୀତିଗଙ୍ଗୋତ୍ରୀର ସପ୍ତଦଶତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୮।୯ (ସମିସ): ଗୀତି ଭାରତୀ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ଓଡ଼ିଆ ତ୍ରୈମାସିକ ଗୀତି କବିତା ପତ୍ରିକା ଗୀତିଗଙ୍ଗୋତ୍ରୀର ସପ୍ତଦଶତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରସ୍ତରୀୟ ଓଡ଼ିଆ ଗୀତିକବି ସମ୍ମିଳନୀ ଓ ଗୀତିକବିତା ପାଠଉତ୍ସବ ବରିଷ୍ଠ ଗୀତିକବି ଡ଼. ଲିଙ୍ଗରାଜ ରଥଙ୍କ ସଭାପତିତ୍ୱ ତଥା ଗୀତିକବି ଗୋଲକ ବିହାରୀ ନାୟକ, ଗୀତିକବି ଚମକଚାନ୍ଦିନୀ ଦାଶ ଓ ନିରୂପମା କରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ବାଉରିବନ୍ଧୁ ସାହୁ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ ଡ. ରବି ନାରାୟଣ ସେନାପତି, ମୁଖ୍ୟବକ୍ତା ଭାବେ ଗୀତିକବି ଡ. କୀର୍ତ୍ତନ ନାରାୟଣ ପାଢ଼ୀ ଓ ଅନ୍ୟତମ ଅତିଥି ଭାବେ ଭାରତୀୟ ସୂଚନା ସେବାର ଅବସରପ୍ରାପ୍ତ ବରିଷ୍ଠ ପଦାଧିକାରୀ ଗୋପାଳକୃଷ୍ଣ ମହାପାତ୍ର, କିମ୍ସର ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ପ୍ରଫେସର ଡ. ପଞ୍ଚାନନ ସାହୁଙ୍କ ଗହଣରେ ଶୀର୍ଷାନନ୍ଦ ଦାସ କାନୁନଗୋ, ମାଳତୀ ପଣ୍ଡା, ପ୍ରସନ୍ନ କୁମାର ଦାଶ, ମନୋରମା ମିଶ୍ର, ବୈକୁଣ୍ଠ ନାଥ ପତି, ପ୍ରଫୁଲ୍ଲ କୁମାର ତ୍ରିପାଠୀ, କଣ୍ଠଶିଳ୍ପୀ କେଶବ ଚନ୍ଦ୍ର ରାଉତଙ୍କୁ ସମ୍ମାନିତ କରାଯାଇଥିଲା।

## ଦର୍ଶକେ ଖୋଜିଲେ ଅହଲ୍ୟାଙ୍କ ଦୋଷ କେଉଁଠି?

ଭୁବନେଶ୍ୱର, ୧୮।୯ (ସମିସ): ସତୀ, ଅସତୀ ନାରୀର ସଂଜ୍ଞା, କଠିନ ମାର୍ଗଦର୍ଶିକା ମଧ୍ୟରେ ଆବାହମାନ କାଳରୁ ଯୁଗ ଯୁଗ ଧରି ନାରୀର ଜୀବନ ଡୋରି ବନ୍ଧା। କିନ୍ତୁ ଏହି ସାମାଜିକ ନିୟମର ପ୍ରଣେତା, ପ୍ରବକ୍ତା ପୁରୁଷମାନେ ନାରୀର ସତିତ୍ୱ ଲୁଣ୍ଠନ କରିବାରେ ତିଳେ ମାତ୍ର ପାପ, ପୁଣ୍ୟର ଭାରା ମୁଣ୍ଡାଇବାକୁ ନାରାଜ। ଅପରପକ୍ଷରେ ପୁରୁଷ ପ୍ରଣୋଦିତ ନାରୀର ସାମାନ୍ୟ ଚାରିତ୍ରିକ ତ୍ରୁଟି ପାଇଁ ତାକୁ ନିନ୍ଦା, ଅପବାଦ ମୁଣ୍ଡେଇବା ସହ ବହୁ କଷ୍ଟ, ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ। ନାରୀର ଶରୀର ବି ପୁରୁଷ ପରି ଯୌନ, ଜୈବିକ ଉପାଦାନରେ ଗଢ଼ା। ସେ କାଷ୍ଠ ପାଷାଣ ନିର୍ମିତ ଏକ ଜଡ଼, ନିର୍ଜୀବ ମୂର୍ତ୍ତି କି ପ୍ରତିମା ନୁହେଁ। ନାରୀର ପବିତ୍ରତା, ଚାରିତ୍ରିକ ସୁରକ୍ଷାର ଦାୟିତ୍ୱ କେବଳ ନାରୀର ନୁହେଁ; ସମାନ ରୂପରେ ପୁରୁଷର ମଧ୍ୟ ରହିଛି। ଏହି ପୁରୁଷ ପ୍ରାଧାନ୍ୟ ସ୍ୱାମୀପଣ ମାନସିକତା ତଥା ନାରୀ ପ୍ରତି ଥିବା କାମୁକ ପୁରୁଷମାନଙ୍କର ଶ୍ୱନେ ଦୃଷ୍ଟିର ଛକାପଞ୍ଝା ଭିତରେ ଗୋଟିଏ ପତିବ୍ରତା ନାରୀର ଜୀବନ କେମିତି ସନ୍ତୁଳିତ ହୋଇଯାଏ; ତାହାର ବଳିଷ୍ଠ ନିଦର୍ଶନ ହେଉଛି ଗୌତମ ଓ ଅହଲ୍ୟାଙ୍କ ପୌରାଣିକ ଆଖ୍ୟାନ। ଛଦ୍ମବେଶୀ ଇନ୍ଦ୍ର ଅହଲ୍ୟାଙ୍କ ସତିତ୍ୱ ଅପହରଣ କରିବାରେ ଅହଲ୍ୟାଙ୍କ ଦୋଷ ରହିଲା କେଉଁଠି? ତଥାପି ସେ କାହିଁକି ହେଲେ ଦଣ୍ଡିତା, ଅଭିଶପ୍ତା ? ପୁଣି ସେ ପାଇଲେ କେମିତି ମହାସତୀର ମାନ୍ୟତା ? ପ୍ରଭୁ ଶ୍ରୀରାମଙ୍କ କେଉଁ ବିଚାରରେ ? ଋଷି ଗୌତମ କ'ଣ ସମ୍ପୂର୍ଣ ଦୋଷମୁକ୍ତ, ଜଣେ ନିର୍ଦ୍ଦୋଷ ସ୍ୱାମୀ ? ଆଜି ସନ୍ଧ୍ୟାରେ ଭଞ୍ଜକଳା ମଣ୍ଡପରେ ଏହି ପୌରାଣିକ ନାଟ୍ୟ ରୂପାନ୍ତର ଦର୍ଶକଙ୍କୁ ବିଭୋର କରିଥିଲା। ବିଦ୍ୟା କନକ ସୃଜନୁଷ୍ଠାନ ପକ୍ଷରୁ ଚାଲିଥିବା ନାଟ୍ୟ ଉତ୍ସବ 'ନାଟ୍ୟ ଲହରୀ'ର ଚତୁର୍ଥ ସନ୍ଧ୍ୟାରେ ପଞ୍ଚଧ୍ୱନି ନାଟ୍ୟ ପରିଷଦର ନାଟକ 'ଗୌତମସ୍ୟ ଅହଲ୍ୟା' ଦର୍ଶକଙ୍କୁ ପୌରାଣିକ ଅନୁଭୂତି ଦେଇଥିଲା। ନାଟକର ନିର୍ଦ୍ଦେଶନା ପ୍ରକାଶ ମହାରଣା, ମୁଖ୍ୟ ସହ ନିର୍ଦ୍ଦେଶକ କରୁଣାକର ସାମଲ, ଗୀତ ରଚନା କବି ସମ୍ରାଟ



ଉପେନ୍ଦ୍ର ଭଞ୍ଜ ଓ ପଞ୍ଚାନନ ଦାଶ କରିଥିଲେ। ବିରଞ୍ଚି, ରାଜେଶ, ସନ୍ତୋଷ, ମଳୟ, ରଘୁନାଥ, ଜ୍ୟୋତି, ଲକ୍ଷ୍ମୀପ୍ରିୟା ଆଦିଙ୍କ ଅଭିନୟ ନାଟକକୁ ଜୀବନ୍ତ କରିଥିଲା। ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଲଲାଟେନ୍ଦୁ ରଥ, ବିଶିଷ୍ଟ ନାଟ୍ୟକାର ପଞ୍ଚାନନ ଦାଶ, ଓଡ଼ିଶା ନାଟ୍ୟ ସଂଘ, ଯୁଗ୍ମ-ସମ୍ପାଦକ ଆଶୀଷ ବର୍ଦ୍ଧନ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ରାଉତ, ସଭାପତି ସୁଧାକର ପତ୍ରୀ, ସମ୍ପାଦକ ଶୁଭକାନ୍ତ ପାଢ଼ୀ ଉପସ୍ଥିତ ରହିଥିଲେ।

## ବୃଦ୍ଧାଶ୍ରମରେ ନିଶୁଳ୍କ ସ୍ୱାସ୍ଥ୍ୟଶିବିର

ଭୁବନେଶ୍ୱର, ୧୮।୯ (ସମିସ): ଓଡ଼ିଆ ସିନେ ଅଭିନେତା, କୋରେଇ ବିଧାୟକ ତଥା ଉତ୍ତ୍ର ଚାରିଟେବୁଲ୍ ଟ୍ରଷ୍ଟର ଉପଦେଷ୍ଟା ଆକାଶ ଦାସନାୟକ ତାଙ୍କ ଜନ୍ମଦିନ ଉତରାସ୍ଥିତ ଶ୍ରୀକ୍ରୀଷ୍ଣା ଆନନ୍ଦ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ଗହଣରେ ପାଳନ କରିଛନ୍ତି। ଏହି ଅବସରରେ ଅନ୍ତେବାସୀଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲେ। ଡ. ପ୍ରିୟବ୍ରତ ଧୀରଙ୍କ ତତ୍ତ୍ୱାବଧାନରେ ହସ୍ପିଟାଲର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଅନ୍ତେବାସୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୮।୯ (ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଛାତ୍ର ଏବଂ ସାଧାରଣ ଜନତାଙ୍କ ପାଇଁ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ୩୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ସୃଜନଶୀଳ ବିଜ୍ଞାନ କର୍ମଶାଳା' ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୨୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ 'ଚିତ୍ତାକର୍ଷକ ରସାୟନ ବିଜ୍ଞାନ' ଉପରେ ଆଧାରିତ ଏକ ଜନପ୍ରିୟ ବିଜ୍ଞାନ ଅଭିଭାଷଣ ମହାରଥା ସରକାରୀ ଉଚ୍ଚ ବିଦ୍ୟାଳୟ, ନହରକଣ୍ଟାଠାରେ ଏକ ରସାୟନ ବିଜ୍ଞାନ ପ୍ରଦର୍ଶନ ପ୍ରସାର କାର୍ଯ୍ୟକ୍ରମ ଏବଂ ବିଜ୍ଞାନ କୁଇଜ୍ ଆୟୋଜନ କରାଯାଇଥିଲା। ସଫଳ ପ୍ରତିଭାଗୀଙ୍କୁ ମଧ୍ୟ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା।

## ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ୨୨ ଶହ ଚାରାରୋପଣ

ଭୁବନେଶ୍ୱର, ୧୮।୯ (ସମିସ): ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପରିସରରେ ୨୨୦୦ ରୁ ଅଧିକ ଫୁଲ ଗଛର ଚାରା ରୋପଣ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଖୋରା ଏବଂ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ ଯୋଗ ଦେଇଥିଲେ।

## ରୋଷେଇଶାଳାରୁ ସବୁଜିମା ସୃଷ୍ଟିର ପ୍ରୟାସ

ଭୁବନେଶ୍ୱର, ୧୮।୯ (ସମିସ): ପ୍ରତ୍ୟେକ ଘରୁ ଏବଂ ରୋଷେଇ ଶାଳାରୁ କିଭଳି ଜଙ୍ଗଲ ସୃଷ୍ଟି ହୋଇପାରିବ ସେଥିପାଇଁ ଲୋକଙ୍କୁ ସଚେତନ କରାଯିବ ଏବଂ ଏଥିରେ ମହିଳାମାନଙ୍କର କିଭଳି ପ୍ରମୁଖ ଭୂମିକା ରହିବ ତାହାକୁ ଗୁରୁତ୍ୱ ଦେଇ ରାଜଧାନୀର ମହିଳାମାନଙ୍କୁ ଏକାଠି କରାଇଛି ଚିନ୍ମୟୀ ଫାଉଣ୍ଡେସନ୍। ବିଭିନ୍ନ ପାର୍କ ସମେତ ଚନ୍ଦକାସ୍ଥିତ ବିଭିନ୍ନ ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ଏକାଠି କରି ସାପ୍ତାହିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯିବା ସହ ସିଡ୍ ବଲ୍ ପ୍ରସ୍ତୁତିର ପ୍ରକ୍ରିୟା ଶିଖୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୧୦ହଜାରରୁ ଊର୍ଦ୍ଧ୍ୱ ସିଡବଲ୍ ପ୍ରସ୍ତୁତି ହୋଇଥିବା ବେଳେ ଚଳିତ ବର୍ଷ ୧୦୦ରୁ ଊର୍ଦ୍ଧ୍ୱ ମହିଳା ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଘରୋଇ ମହିଳା, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ସମେତ ମାରୱାଡି ମହିଳା ମଞ୍ଚର ସଦସ୍ୟା, ବ୍ରହ୍ମକୁମାରୀ ଭଉଣୀମାନେ ମଧ୍ୟ ସିଡବଲ୍ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ତେବେ ବିନା ଖର୍ଚ୍ଚରେ ମହିଳାଙ୍କ ହାତ ପାହାନ୍ତାରେ ସୁବକିଛି ଉପଲବ୍ଧ ରହିଥିବା ବେଳେ କେବଳ ଇଚ୍ଛାଶକ୍ତି ଦ୍ୱାରା ଏହା ସମ୍ଭବ ହୋଇପାରିବ ବୋଲି ମହିଳାମାନେ କହିଛନ୍ତି।



ଜଙ୍ଗଲ ସୃଷ୍ଟିରେ ମହିଳାଙ୍କ ଭାଗିଦାରୀ

# ଭୁବନେଶ୍ୱରରେ କୁକୁର ଗଣିଲା ବିଏମ୍‌ସି

## ପ୍ରଥମ ଦିନରେ ଏକ-ଚତୁର୍ଥାଂଶ ଅଞ୍ଚଳରେ ହେଲା ଗଣନା କାର୍ଯ୍ୟ

ଭୁବନେଶ୍ୱର, ୧୮।୯ (ସମିସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଆରମ୍ଭ ହୋଇଛି ବୁଲା କୁକୁରଗଣନା କାର୍ଯ୍ୟକ୍ରମ। ଗୁରୁବାର ଭୋର ୫ଟାରୁ ସମଗ୍ର ୬୭ ୱାର୍ଡରେ ସମୁଦାୟ ୪୧୦ଟି ଟିମ୍ ବିଭିନ୍ନ ଗଳିକନ୍ଦିରେ ବୁଲା କୁକୁର ଗଣନା କରିଥିଲେ। ଖୋଦ କମିସନର ୩୭ ନମ୍ବର ୱାର୍ଡକୁ ଯାଇ ଗଣନା କାର୍ଯ୍ୟ ତଦାରଖ କରିଥିଲେ। ଗଣନାରେ ବିଏମ୍‌ସି ଟିମ୍ ଏବଂ ଲୋକପ୍ରତିନିଧି ମଧ୍ୟ ସାମିଲ ହୋଇଛନ୍ତି।

ଟିମ୍ ବିଏମ୍‌ସି ବିଭିନ୍ନ ସ୍ଥାନରେ କୁକୁର ଗଣନା କାର୍ଯ୍ୟ ଆରମ୍ଭ କରିବା ପରେ ସହର ଆବାସିକ ସଂଗଠନ, ବିଭିନ୍ନ ସାହି, ବସ୍ତି, ସଂଗଠନ ଆଦି ସ୍ୱାଗତ କରିବା ସହ ଫୋନ୍ ଯୋଗେ ସେମାନଙ୍କ ଅଞ୍ଚଳରେ ବୁଲା କୁକୁର ଗଣନା କରିବା ପାଇଁ ଅନୁରୋଧ କରୁଛନ୍ତି। ୧୮ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଏହି ଗଣନା କର୍ଯ୍ୟ ହେବ। ବୁଲା କୁକୁର ଗଣନା ରାଜ୍ୟରେ ପ୍ରଥମ ଥର ପାଇଁ ହେଉଥିବାରୁ ଭୁବନେଶ୍ୱରବାସୀ ଏହି କାର୍ଯ୍ୟରେ ସହାୟତା କରିବା ପାଇଁ ମେୟର ସୁଲୋଚନା ଦାସ ଓ କମିସନର ଚଞ୍ଚଳ ରାଣା ଅନୁରୋଧ କରିଛନ୍ତି। ଏହାଦ୍ୱାରା ସହରରେ ବୁଲା କୁକୁରଙ୍କର ସଠିକ ଆକଳନ କରାଯିବା ସହ ସେମାନଙ୍କୁ ବନ୍ଧ୍ୟାକରଣ, ଟିକାଦାନ ଓ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେବା ସହଜ ହୋଇପାରି। ପ୍ରଥମ ଦିନରେ ସହରର ପ୍ରାୟ ଏକ-ଚତୁର୍ଥାଂଶ ଅଞ୍ଚଳରେ କୁକୁର ଗଣନା



କାର୍ଯ୍ୟ କରାଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଭୋରରୁ କୁକର ଗଣନା କାର୍ଯ୍ୟକୁ ନେଇ ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି। କୁକୁର ଗଣିବାର ପ୍ରକୃତ ସମୟ ରାତି ୨ଟାରୁ ୩ଟା ୩୦ ମଧ୍ୟରେ ରହିଥାଏ। କାରଣ ଏହି ସମୟ ମଧ୍ୟରେ କୁକୁରମାନେ ଏକତ୍ର ରାସ୍ତର ଗୋଟିଏ ସ୍ଥାନରେ ରହିଥାନ୍ତି। ଗଣିବାକୁ ସୁବିଧା ହୁଏ। ହେଲେ ଭୋରୁ ଗଳିଗଳିକୁ ଯାଇ ଗୋଟି କରି କୁକର ଗଣିବାକୁ ପଡୁଛି। କିଛି କୁକୁର ଘର କିମ୍ବା ଗୁପ୍ତ ସ୍ଥାନରେ ଲୁଚିଯାଉଛନ୍ତି। ଫଳରେ ପ୍ରକୃତ କୁକର ସଂଖ୍ୟା ନିର୍ଦ୍ଧାରଣ କରିବା କଷ୍ଟ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ଭୁବନେଶ୍ୱର ସିଟି



ଆସୁଛନ୍ତି ମା'



ସାର୍ବଜନୀନ ଦୁର୍ଗାପୂଜା କମିଟି, ବଡ଼ଗଡ଼

## ଆକର୍ଷଣ ବୃନ୍ଦାବନ ପ୍ରେମ ମନ୍ଦିର



ଭୁବନେଶ୍ୱର, ୧୮।୯ (ସମିସ): ଆଉ ମାତ୍ର ଅଳ୍ପ ଦିନ ପରେ ଧରାପୃଷ୍ଠରେ ଅବତାରଣା କରିବେ ମହିଷାମର୍ଦ୍ଦିନୀ ମା' ଦୁର୍ଗା। ବଡ଼ଗଡ଼ର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପ୍ଲାଷ୍ଟିକ ମୁକ୍ତ, ନିଶା ମୁକ୍ତ ଓ ଡିଜେ ମୁକ୍ତ ପୂଜା ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥର ଆକର୍ଷଣ ପାଲଟିବ ବୃନ୍ଦାବନର ପ୍ରେମ ମନ୍ଦିର। ଯାହାର ଉଚ୍ଚତା ରହିଛି ୮୦ଫୁଟ ଚଉଡ଼ା ୬୦ ଫୁଟ। ତୋରଣ ନିର୍ମାଣ କାର୍ଯ୍ୟରେ ୨୫ରୁ ଊର୍ଦ୍ଧ୍ୱ କାରିଗର ନିୟୋଜିତ ହୋଇଛନ୍ତି। ସେହିପରି ମା'ଙ୍କ ମୂର୍ତ୍ତି କାମ ମଧ୍ୟ ଆରମ୍ଭ ହୋଇଛି। ତେବେ ଚଳିତ ବର୍ଷ କମିଟିର ନିଷ୍ପତ୍ତିକ୍ରମେ ମା' ଦୁର୍ଗାଙ୍କୁ ରୂପା ମୁକୁଟ ସହ ଅଳଙ୍କାରରେ ସଜ୍ଜିତ କରାଯିବ। ଏହାସହ ପାର୍ଶ୍ୱ ଦେବାଦେବୀ ଓ ମହିଷାଶୂର ମଧ୍ୟ ରୁପା ଅଳଙ୍କାରରେ ସଜ୍ଜିତ ହେବେ। ଯାହା ଭକ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ। ପୂଜା ବିଧି ଅନୁସାରେ, ଷଷ୍ଠୀରେ ବେଲ୍ୱବରଣୀ, ସପ୍ତମୀରେ ଚକ୍ଷୁଦାନ କରାଯାଇ ପୂବାବିଧି ଆରମ୍ଭ ହେବ। ଅଷ୍ଟମୀରେ ମହିଳାମାନେ ଶାଢ଼ି ପୂଜା କରିବା ସହ ନବମୀରେ ଶଙ୍ଖୁଡ଼ି ଭୋଗ ଏବଂ ଦଶମୀରେ ଖେଚୁଡ଼ି ଭୋଗ ମା'ଙ୍କୁ ଅର୍ପଣ କରାଯିବ। ସପ୍ତମୀ ଠାରୁ ଦର୍ଶମୀ ପର୍ଯ୍ୟନ୍ତ ପ୍ରତିଦିନ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ସନ୍ଧ୍ୟା ଆଳତିରେ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ।

**୪ ଜଣ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯିବ**

କମିଟି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ ଓ ଉତ୍ସାହିତ କରିବାକୁ ପ୍ରତିବର୍ଷ ପରି ଏଥର ମଧ୍ୟ ହାଇସ୍କୁଲ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ୪ଜଣ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯିବ। ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ପୂଜା ୪୧ ବର୍ଷରେ ପହଞ୍ଚିଥିବା ବେଳେ ଏଥରର ପୂଜା ବଜେଟ୍ ୫୦ ଲକ୍ଷ ଟଙ୍କା ରହିଥିବା କମିଟି ପକ୍ଷରୁ କୁହାଯାଇଛି।



ପ୍ରତିଥର ଭଳି ଏଥର ମଧ୍ୟ ଭକ୍ତଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ଧାଡ଼ି କରାଯିବ। ପୂଜା ପରିସରରେ ସିସିଟିଭି, ଅଗ୍ନିନିରାପତ୍ତା ବ୍ୟବସ୍ଥା, ଫାଷ୍ଟଏଡ୍ ବ୍ୟବସ୍ଥା ସହ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ରହିବ। କମିଟି ପକ୍ଷରୁ ୫୦ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ପୂଜା ଉପରେ ନଜର ରଖିବେ। ଶାନ୍ତିଶୃଙ୍ଖଳାରେ କିପରି ପୂଜା ହୋଇପାରିବ ଏଥିପ୍ରତି ଦୃଷ୍ଟି ଦିଆଯିବା ସହ ପୁଲିସ୍ ସହ ସହଯୋଗ କରାଯିବ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ।

- ପ୍ରତାପ ଜେନା, ସଭାପତି



ବଡ଼ଗଡ଼ ସାର୍ବଜନୀନ ପୂଜା କମିଟି ପକ୍ଷରୁ କାହାରି ଉପରେ ବାଧ୍ୟତାମୂଳକ ଚାନ୍ଦା ବ୍ୟବସ୍ଥା ନାହିଁ। ସ୍ୱଇଚ୍ଛାରେ ମା'ଙ୍କ ପାଇଁ ଯିଏ ଯାହା ଦେଉଛନ୍ତି ତାହା ଗ୍ରହଣୀୟ। ସବୁଠାରୁ ବଡ଼କଥା ହେଉଛି ଚଳିତ ଏହି ମଣ୍ଡପରେ ପ୍ରତିବର୍ଷ ପ୍ଲାଷ୍ଟିକମୁକ୍ତ, ନିଶାମୁକ୍ତ ପୂଜା ସହ ଡିଜେମୁକ୍ତ ଭସାଣି କରାଯାଉଥିବା ବେଳେ କମିସନରେଟ୍ ପୁଲିସର ଡିଜେମୁକ୍ତ ନିଷ୍ପତ୍ତିକୁ କମିଟି ସ୍ୱାଗତ କରିଛି। ସମ୍ବଲପୁରୀ ବାଜା, ଭାଙ୍ଗଡ଼ା, ଶିଙ୍ଗ ବାଜା, ଘଣ୍ଟ, ଶଙ୍ଖ, ଢୋଲ ବାଜା, ଘୋଡା ନାଚ ଆଦି ପାରମ୍ପରିକ ଭାବେ ମା'ଙ୍କ ଭସାଣୀ ଶୋଭାଯାତ୍ରା ଆରମ୍ଭ କରାଯାଇ ବଡ଼ଗଡ଼ ବ୍ରିଟ୍ କଲୋନୀ ପରିଭ୍ରମଣ କରିବା ପରେ କୁଆଖାଇ ନଦୀରେ ମା'ଙ୍କୁ ମେଲାଣି ଦିଆଯିବ।

-ଅଶୋକ ପାତ୍ର, ସମ୍ପାଦକ

## ବିଏସ୍ଏବିଟିର ୧୧୨ ଦୋକାନ ଗୃହକୁ ଆବଣ୍ଟନ ପାଇଁ ଲଟେରି କଲା ବିଡିଏ

ଭୁବନେଶ୍ୱର, ୧୮।୯ (ସମିସ): ଓଡ଼ିଶାର ସବୁଠାରୁ ବଡ଼ ପରିବହନ କେନ୍ଦ୍ର ଭାବେ ପରିଚିତ ବାବାସାହେବ ଭୀମ୍ ରାଓ ଆମ୍ବେଦକର ବସ୍ ଟର୍ମିନାଲ (ବିଏସଏବିଟି)ର ୧୧୨ ଦୋକାନ ଗୃହକୁ ଆବଣ୍ଟନ ପାଇଁ ଗୁରୁବାର ଏକ ଲଟେରି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଏ ପକ୍ଷରୁ କେ-୭ କଳିଙ୍ଗ ବିହାରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀଙ୍କ ଉପସ୍ଥିତିରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଲଟେରି ଜରିଆରେ ଚୟନ କରାଯାଇଛି। ମାସିକ ଭଡା ଭିତ୍ତିରେ ପ୍ରାୟ ୧୧୨ଟି ଦୋକାନ ଆବଣ୍ଟନ ପାଇଁ ଲଟେରି ପ୍ରକ୍ରିୟା କରାଯାଇଥିଲା। ବିଏସଏବିଟିର ନିର୍ମାଣ ପୂର୍ବରୁ ପୁରୁଣା ବରମୁଣ୍ଡା ବସ୍ ଟର୍ମିନାଲ ପରିଚାଳନା କରୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି) ଦ୍ୱାରା କରାଯାଇଥିବା ଏକ ବିସ୍ତୃତ ସର୍ଭେ ଆଧାରରେ ହିତାଧିକାରୀମାନଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା। ହିତାଧିକାରୀମାନଙ୍କୁ ସେମାନଙ୍କର ବ୍ୟବସାୟିକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଡିଏ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ପଡ଼ିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

## ରାଜଭବନରେ ରକ୍ତଦାନ ଶିବିର



ଭୁବନେଶ୍ୱର, ୧୮।୯ (ସମିସ): ରକ୍ତଦାତାମାନଙ୍କ ଦ୍ୱାରା ଅନ୍ୟର ଜୀବନ ରକ୍ଷା ପାଇଁ ପ୍ରଦର୍ଶିତ କରୁଣା ଓ ନିଷ୍ଠା ଅତ୍ୟନ୍ତ ପ୍ରେରଣାଦାୟୀ ଏବଂ ଆଶ୍ୱାସଜନକ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମତବ୍ୟକ୍ତ କରିଛନ୍ତି। ଗୁରୁବାର ରାଜଭାବନର ନ୍ୟୁ ଅଭିଷେକ ହଲ୍‌ରେ ରାଜଭବନ ଓ କ୍ୟାପିଟାଲ ହସ୍ପିଟାଲର ବ୍ଲଡ ବ୍ୟାଙ୍କର ମିଳିତ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ କରି ରାଜ୍ୟପାଳ ଏହା କହିଛନ୍ତି। ଶିବିରରେ ମୋଟ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାମାଜିକ ସଂଗଠନର ସଦସ୍ୟ/ସଦସ୍ୟା ଏବଂ ରାଜଭବନର କର୍ମଚାରୀ ଓ ଅଧିକାରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ଉପଲକ୍ଷେ ରାଜ୍ୟପାଳ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଏବଂ ଟି-ସର୍ଟ ପ୍ରଦାନ କରିଥିଲେ। ଶିବିରକୁ ରାଜଭବନ ଡିସପେନସାରୀର ଡ. ବି.କେ. ମେହେର ଏବଂ କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାର ଅଧିକାରୀ ଡ. ଦେବାଶିଷ ମିଶ୍ର ପରିଚାଳନା କରିଥିଲେ।

## କଳିଙ୍ଗ ନଗର କେ -୮ରେ ଜିଏସ୍‌ଟି ସଂକ୍ରାନ୍ତ ଆଲୋଚନାଚକ୍ର

ଭୁବନେଶ୍ୱର, ୧୮।୯ (ସମିସ): କଳିଙ୍ଗନଗର ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ଜିଏସ୍‌ଟି ସଂକ୍ରାନ୍ତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦାଶରଥି ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଭାପତି ବୃନ୍ଦାବନ ବସ୍ତିଆ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ଜିଏସ୍‌ଟିର ପୂର୍ବତନ ଆଡିସନାଲ କମିସନର ସହଦେବ ସାହୁ, ଗିରିଜା ପ୍ରସାଦ ମହାପାତ୍ର, ଶିବବ୍ରତ ଦାଶ, ବିଜୟ ଶଙ୍କର ନାୟକ, ଗୋଲକ ବିହାରୀ ନାଥ ଓ ପ୍ରଦୋଶ କୁମାରୀ ଦେବୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ପିଏସଏନ ପାତ୍ର, ଉମେଶ ସାହୁ, ଭୀମସେନ ମୁଳିଆ, ଆର୍ତ୍ତତ୍ରାଣ ବସ୍ତିଆ, ବିଜୟ କୁମାର ଦତ୍ତ, ନିରଞ୍ଜନ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ପ୍ରହଲ୍ଲାଦ ପଣ୍ଡା, ବିରଞ୍ଚି ନାରାୟଣ ଧଳ, ସୁଶାନ୍ତ କୁମାର ପଟ୍ଟନାୟକ ଓ ସରୋଜ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସହସମ୍ପାଦକ ଚନ୍ଦ୍ରକାନ୍ତ ଦାସ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କିମ୍ସରେ ବାର୍ଷିକ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୧୮।୯ (ସମିସ): କିମ୍ସ ମେଡିକାଲ୍ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ କାର୍ଡେ ବ୍ଲାଞ୍ଚେର ୧୪ ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦଘାଟନ କରି ଭବିଷ୍ୟତର ଡାକ୍ତରମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, କିମ୍ସ ମେଡିକାଲ୍ କଲେଜ ଅଧକ୍ଷ ଡ. ଆର.ସି. ଦାସ, କିମ୍ସ ଉପକୁଳପତି ପ୍ରଫେସର ସି. ବି. କେ. ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରତଜିତ ସିଂହ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍ସ ହସ୍‌ପିଟାଲ୍ ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ଡେଣ୍ଟାଲ୍ କଲେଜର ଅଧକ୍ଷ ଡ. ଅଶ୍ୱିନୀ କରଙ୍କ ସମେତ ମେଡିକାଲ୍ କଲେଜର ବିଭିନ୍ନ ବିଭାଗର ମୁଖ୍ୟ ଓ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବାଲିପାଟଣାରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ



ବାଲିପାଟଣା, ୧୮।୯ (ସମିସ): ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ସହିତ ସମସ୍ତ ବିଦ୍ୟାଳୟରେ ବୃକ୍ଷ ଚାରାରୋପଣ କରାଯିବା ସହ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶ୍ରୀ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ୍ ପ୍ରଭାତ କୁମାର ରଥ ଶୁଭାରମ୍ଭ କରିଥିଲେ। ଏଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମହାପାତ୍ରଙ୍କ ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀ ଧାନହରା ଉଚ୍ଚ ବିଦ୍ୟାଳୟଠାରେ ବୃକ୍ଷରୋପଣ ସହିତ 'ଆସ ସ୍କୁଲ୍ ଯିବା' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଠାରେ ଛାତ୍ରଛାତ୍ରୀମାନେ ପଥପ୍ରାନ୍ତ ନାଟକ ଓ ନୃତ୍ୟ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ସହ ଶିକ୍ଷା ଅଧିକାରୀ ଯଶୋଦା ସାହୁ, ବିଜୟ ବେହେରା, ବିପିନ୍ ବିହାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ତପନ କୁମାର ରାଉତ, ସିଆରସିସି ଝୁନି ଦେଇ ପ୍ରମୁଖ ଯୋଗ ଦେଇଥିଲେ। ଆଦର୍ଶ ବିଦ୍ୟା ନିକେତନ ଠାରେ ସମ୍ପାଦକ ସୁରେନ୍ଦ୍ରନାଥ ସାହୁଙ୍କ ତତ୍ତ୍ୱାବଧାନରେ ବୃକ୍ଷ ଚାରାରୋପଣ ସହିତ ଏକ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଗୀତିନାଟ୍ୟରେ କୀଚକ ବଧ



ଭୁବନେଶ୍ୱର, ୧୮।୯ (ସମିସ): କଟକ ସଂସ୍କୃତି ବିହାର ପକ୍ଷରୁ ଗୁରୁ ନାରାୟଣ ସିଂହଙ୍କ ସ୍ମୃତିରେ ଆୟୋଜିତ କାର୍ଯ୍ୟକ୍ରମ 'ଗୁରୁ ସ୍ମରଣେ'ରେ କୀଚକ ବଧ ଗୀତିନାଟ୍ୟ ବୁଧବାର ରବୀନ୍ଦ୍ର ମଣ୍ଡପରେ ପରିବେଷଣ କରାଯାଇଥିଲା। ସଂସ୍କୃତି ବିହାର ପକ୍ଷରୁ ପରିବେଷିତ ଏହି ନାଟକର ରଚନା କରିଥିଲେ ସାହିତ୍ୟିକା ଡ. ବୈଜୟନ୍ତୀ ମିଶ୍ର। ସଙ୍ଗୀତ ଓ ନିର୍ଦ୍ଦେଶନା ଦେଇଥିଲେ ଚୈଧୁରୀ ଭାରତୀକୃଷ୍ଣ ଦାଶ। ଗିରିଜା, ଶଙ୍କର ପଣ୍ଡା, ପ୍ରେମାନନ୍ଦ ସ୍ୱାଇଁ, ଶ୍ରୀଧର ରାଉତ, ବିଶ୍ୱଜିତ ଦାସ, ଚିତ୍ତରଞ୍ଜନ ପାତ୍ର, ତପନ ଓଝା, ଅକ୍ଷୟ ସାହୁ, ମହେନ୍ଦ୍ର ପଲାଇ, ସତ୍ୟଜିତ ବଳ, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଅର୍ପିତା ସାହୁ, ଶ୍ୱେତାଶ୍ରୀ ପାଢ଼ୀ, ମାନସୀ ପାତ୍ର, ସୁପ୍ରିତା ସାହୁ ପ୍ରମୁଖଙ୍କ ନିଖୁଣ ଅଭିନୟ ଗୀତିନାଟ୍ୟକୁ ଆକର୍ଷଣୀୟ କରିଥିଲା। ଆଜିର ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ନ୍ୟାୟମୂର୍ତ୍ତୀ ମନୋରଞ୍ଜନ ମହାନ୍ତି, ଭାରତ ମସଲା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଅଭିନେତ୍ରୀ ନମ୍ରତା ଦାସ, ସଂସ୍କୃତି ବିହାର ସଭାପତି ସରୋଜ କୁମାର ସିଂହ, ସମ୍ପାଦକ ସତ୍ୟନାରାୟଣ ଦାସ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଓ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୧୮।୯ (ସମିସ): ଶ୍ରୀଅରବିନ୍ଦ ଯେଉଁ ପୃଥିବୀର ସ୍ୱପ୍ନ ଦେଖିଥିଲେ, ତାହା ସମସ୍ତଙ୍କ ସହଯୋଗରେ ହିଁ ସମ୍ଭବ ହେବ। ବିଶେଷ କରି ଏ ଦିଗରେ ଯୁବସମାଜ ସକ୍ରିୟ ଅଂଶଗ୍ରହଣ ଜରୁରୀ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଶ୍ରୀଅରବିନ୍ଦ ନଗର ଠାରେ ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ଆୟୋଜିତ ବାର୍ଷିକ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଓ ସ୍ମାରକୀର ବକ୍ତୃତାରେ ମାତୃସେବକ ସୂର୍ଯ୍ୟକାନ୍ତ ମହରଣା, ବିକାଶ ରଞ୍ଜନ ପରିଡ଼ା 'ବିନତାଶ୍ୱ ମଲ୍ଲିକ ସ୍ମାରକୀ ବକ୍ତୃତା' ପ୍ରଦାନ କରି ଏହା କହିଛନ୍ତି। 'ସମାଜ-ରାଜନୈତିକ ନୈରାଜ୍ୟ ବନାମ ବୌଦ୍ଧିକ ଉଦାସୀନତା ଓ ଶ୍ରୀଅରବିନ୍ଦ' ଶୀର୍ଷକରେ ବକ୍ତାମାନେ



ସମାଜର ଜ୍ୱଳମାନ ସମସ୍ୟା ଠାରୁ ବୁଦ୍ଧିଜିବୀ ମାନେ ଦୂରେଇ ଗଲେ ସମାଜର ପରିବର୍ତ୍ତନ ବିଳମ୍ବିତ ହେବ ବୋଲି କହିବା ସହ ସତ୍ୟ ସପକ୍ଷରେ ମୁଖର ନହେବା ହେଉଛି କାପୁରୁଷତା। ନିଷ୍କ୍ରିୟ ବୌଦ୍ଧିକତା ଭବିଷ୍ୟତରେ ବିଶ୍ୱ ନିର୍ମାଣରେ କେଉଁ କାମକୁ ନୁହେଁ ବୋଲି ଶ୍ରୀ ଅରବିନ୍ଦ ମନେ କରୁଥିଲେ ବୋଲି ବକ୍ତବାମାନେ ମତବ୍ୟକ୍ତ କରିଛନ୍ତି। ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କ ସଂସ୍କୃତରେ ତାଙ୍କ ଅଭିଭାଷଣ ଦେଇ କହିଥିଲେ ଯେ ପରମ୍ପରାର ଯଥାଯଥ ସଂସ୍କାର ସହ ସହ ମାନବଜାତିକୁ ଉତ୍ତରଣମୁଖୀ କରାଇବା ଯୁବପିଢ଼ିଙ୍କର ଦାୟିତ୍ୱ। ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପାଠଚକ୍ରରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ନ୍ୟାସର ସଭାପତି ଡ. ହୃଷିକେଶ ମଲ୍ଲିକ ସ୍ୱାଗତ ଭାଷଣ ଦେଇ ବିଶ୍ୱ ପ୍ରେକ୍ଷାପଟରେ ସମାଜ ଓ ରାଜନୀତିର ଯେଉଁ ନୂଆ ସମୀକରଣ ଦାନା ବାନ୍ଧୁଛି, ତାହା ଶୁଭ ସୂଚକ ବୋଲି କହିଥିଲେ। ଏହି ଅବସରରେ ନ୍ୟାସର ମୁଖପତ୍ର 'ଅରୋକିରଣ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପାଠଚକ୍ରକୁ ପ୍ରଭଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ଇଂ ରୋହିତାଶ୍ୱ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ହେଲ୍‌ଥଭିଲେ ପକ୍ଷରୁ ପ୍ରାକୃତିକ ଚିକିତ୍ସା ସେମିନାର୍ ଓ ଚାରାରୋପଣ




ଭୁବନେଶ୍ୱର, ୧୮।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ବାରଙ୍ଗରେ ଭାଲୁଙ୍କାସ୍ଥିତ ଯୋଗ ଓ ପ୍ରାକୃତିକ ଚିକିତ୍ସାଳୟ ହେଲ୍‌ଥଭିଲେ ପକ୍ଷରୁ ପ୍ରାକୃତିକ ଚିକିତ୍ସା ସେମିନାର୍ ଓ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଣ୍ଟରନ୍ୟାସ୍‌ନାଲ୍ ନେଚରପାଥ୍ ଅର୍ଗାନାଇଜେସନ୍ ଓଡ଼ିଶା ଟାପୁରର ମୁଖ୍ୟ ପୃଷ୍ଠପୋଷକ ତଥା ମିଶନ ଡ଼ାଇବେଟିସ୍ ଫ୍ରି ଓଡ଼ିଶା -୨୦୩୦ର ସ୍ଥାପକ ଡ. ସତ୍ୟବ୍ରତ ମୀନକେତନ ଏହି କାର୍ଯ୍ୟକ୍ରମକୁ ପ୍ରାକୃତିକ ଚିକିତ୍ସାର ପ୍ରଚାରକମାନଙ୍କୁ ସମର୍ପିତ କରିଛନ୍ତି। ସେ କହିଛନ୍ତି ଯେ, ମିଶନ ଡ଼ାଇବେଟିସ୍ ଫ୍ରି ଓଡ଼ିଶା-୨୦୩୦ ହେଉଛି ଏକ ସାହସିକ ସାମାଜିକ ଅଭିଯାନ, ଯାହାର ଲକ୍ଷ୍ୟ ହେଲା ପ୍ରାକୃତିକ ଚିକିତ୍ସା ପଦ୍ଧତି, ପ୍ରାକୃତିକ ଓ ସାତ୍ତ୍ୱିକ ଖାଦ୍ୟ, ଯୋଗ, ପ୍ରାଣାୟାମ ଓ ସୁସ୍ଥକର ସକରାତ୍ମକ ଜୀବନଶୈଳୀ ମାଧ୍ୟମରେ ଡାଇବେଟିସ୍‌କୁ ଦୂର କରି ଓଡ଼ିଶାକୁ ୨୦୩୦ ସୁଦ୍ଧା ସମଗ୍ର ଓଡ଼ିଶାକୁ ମଧୁମେହ ମୁକ୍ତ ପ୍ରଦେଶ କରିବା ବୋଲି କହିଛନ୍ତି।

## ସ୍ମୃତିବନରେ 'ସ୍ମୃତି' ପାଇଁ ଜାଗା ନାହିଁ

ଭୁବନେଶ୍ୱର, ୧୮।୯ (ସମିସ): ଅଭିନବ ଉପାୟରେ ବୃକ୍ଷ ଚାରାରୋପଣ କରି ନିଜ ପ୍ରିୟ ଜନଙ୍କ ସ୍ମୃତି ରକ୍ଷା କରିବାକୁ ଭୁବନେଶ୍ୱର ପାତ୍ରପଡ଼ାଠାରେ ନିର୍ମାଣ କରାଯାଇଥିଲା ସ୍ମୃତିବନ। କିନ୍ତୁ ଇତି ମଧ୍ୟରେ ସ୍ମୃତିବନରେ ଗଛ ଲଗାଇବାକୁ ଆଉ ଜାଗା ନ ଥିବାରୁ ଗତ ୨ ମାସ ହେଲା ଏଠାରେ ଚାରାରୋପଣ କରାଯାଇପାରୁ ନାହିଁ। ଭୁବନେଶ୍ୱର-ଖୋର୍ଦ୍ଧା ଜାତୀୟ ରାଜପଥ କଡ଼ରେ ୨୦୧୨ ମସିହାରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରତିଷ୍ଠା କରାଯାଥିଲା ସ୍ମୃତିବନ। ଆପଣାର ଲୋକଙ୍କ ସ୍ମୃତିରେ ତଥା ଜନ୍ମଦିନ, ବିବାହ ବାର୍ଷିକକୁ ମନେ ରଖିବା ପାଇଁ ଏଠାରେ ବୃକ୍ଷ ଚାରାରୋପଣ ବ୍ୟବସ୍ଥା କରାଯାଇଥିଲା। ସ୍ମୃତିବନକୁ ସ୍ମୃତି ବାଟିକା ଓ ଶ୍ରଦ୍ଧା ବାଟିକା ନାମରେ ଦୁଇ ଭାଗ କରାଯାଇଥିଲା। ପରଲୋକଗତ ପ୍ରିୟଜନଙ୍କ ସ୍ମୃତିରେ ସ୍ମୃତି ବାଟିକାରେ ଗଛ ଲଗାଇବାର ବ୍ୟବସ୍ଥା କରାଯାଇଥିବା ବେଳେ ଶ୍ରଦ୍ଧାବାଟିକା ବା ଶୁଭବାଟିକାରେ ଜନ୍ମଦିନ, ବିବାହ ବାର୍ଷିକୀ ତଥା କାର୍ଯ୍ୟାଳୟ ପ୍ରତିଷ୍ଠା ଦିବସକୁ ମନେ ରଖିବା ପାଇଁ ବୃକ୍ଷ ଚାରାରୋପଣ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସ୍ମୃତିବନ କାର୍ଯ୍ୟାଳୟରେ ଉପଲବ୍ଧ ଫର୍ମ ପୂରଣ କରି ୮ ହଜାର ଟଙ୍କାର ଡ୍ରାଫ୍ଟ ଦାଖଲ କରିବାକୁ ପଡ଼ିଥାଏ। ସ୍ମୃତିବନର ସୌନ୍ଦର୍ଯ୍ୟ ରକ୍ଷା ତଥା ସନ୍ତୁଳନ ରକ୍ଷା କରିବାକୁ ୪ ପ୍ରକାର ଯଥା ଅଶୋକ, ନିମ୍ବ, ରକ୍ତଚନ୍ଦନ ଓ ବଉଳ ଗଛ ଲଗାଇବାକୁ ଅନୁମତି ଦିଆଯାଉଛି। ଏହି ୪ ପ୍ରକାର ଗଛ ମଧ୍ୟରୁ କେଉଁ ଗଛଟି ଲଗାଇବାକୁ ଚାହୁଛନ୍ତି ଏବଂ ସ୍ମୃତି ଫଳକରେ କ'ଣ ଲେଖିବାକୁ ଚାହୁଁଛନ୍ତି ସେ ସମସ୍ତ ତଥ୍ୟ ଫର୍ମରେ ପୂରଣ କରିବେ। ସ୍ମୃତିବନ କର୍ତ୍ତୃପକ୍ଷ ଗଛ ଓ ଲିଖିତ ସ୍ମୃତି ଫଳକ ଯୋଗାଇଦେବେ। ଯେଉଁଦିନ ଏହି ଫଳକ ଲଗାଇବାକୁ ଚାହୁଁଛନ୍ତି ଏହାର ୮ ରୁ ୧୦ ଦିନ ପୂର୍ବରୁ ଡିମାଣ୍ଡ ଡ୍ରାଫ୍ଟ ଆବେଦନ କରିପାରିବେ। ତେବେ



- ୧୨ ଶହ ବଦଳରେ ଲାଗିଲାଗି ୧୫୭୪ ଗଛ
- ଦୁଇମାସ ହେଲା ଲାଗିପାରୁନି ଗଛ; ଫେରୁଛନ୍ତି ବୃକ୍ଷପ୍ରେମୀ

ଏଠାରେ ସର୍ବାଧିକ ୧୨ଶହ ବୃକ୍ଷ ଚାରାରୋପଣ ପାଇଁ ବ୍ୟବସ୍ଥା ରହିଥିଲା। ଏପର୍ଯ୍ୟନ୍ତ ସ୍ମୃତିବନରେ ୧୫୭୪ ଟି ନିମ୍ବ, ରକ୍ତଚନ୍ଦନ, ଆଶୋକ, ବଉଳ ଗଛ ଲଗାଯାଇଛି। ଯାହା ନିର୍ଦ୍ଧାରିତ ବୃକ୍ଷସଂଖ୍ୟାଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ଏବେ ଆଉ ଅଧିକ ଗଛ ଲାଗିପାରୁ ନାହିଁ। ଫଳରେ ଗତ ଦୁଇମାସ ହେଲା ସ୍ମୃତିବନରୁ ବୃକ୍ଷ ରୋପଣ ପାଇଁ ଆସୁଥିବା ଲୋକେ ଫେରି ଯାଉଛନ୍ତି। ଗଛ ଲଗାଇବା ପାଇଁ ପର୍ଯ୍ୟପ୍ତ ସ୍ଥାନ ନାହିଁ। ଗୋଟିଏ ଦିନରେ ପ୍ରାୟ ୫ରୁ ଜଣ ଲୋକ ମୋବାଇଲ ଯୋଗେ ସ୍ମୃତିବନରେ ଗଛ ଲଗାଇବା ବିଷୟରେ ବୁଝୁଥିବା ବେଳେ ୨ ରୁ ୩ଜଣ ଫେରି ଯାଉଛନ୍ତି। ଏ ନେଇ ଲୋକଙ୍କ ମଧ୍ୟରେ ଚାରାରୋପଣ ପାଇଁ ଆଗ୍ରହକୁ ଦୃଷ୍ଟିରେ ରଖି ଘାଟିକିଆ କିମ୍ବା ଚନ୍ଦ୍ରଶେଖରପୁର ଅଞ୍ଚଳରେ ନୂଆ ସ୍ମୃତିବନ ପାଇଁ ବିଭାଗ ପକ୍ଷରୁ ଯୋଜନା କରାଯାଉଛି ବୋଲି ଫରେଷ୍ଟର ରେଞ୍ଜର ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି। ଅପରପକ୍ଷେ ଯେଉଁ କିଛି ଅଞ୍ଚଳରେ ଖାଲୁଆ ଜାଗା ରହିଥିଲା ସେଥିରେ ଗତ ଦୁଇମାସ ହେଲା କିଛି କିଛି ଗଛ ଲଗାଯାଉଛି ବୋଲି କହିଛନ୍ତି ସ୍ମୃତିବନ ଦାୟିତ୍ୱରେ ଥିବା ଛବିରାଣୀ ବେହେରା କହିଛନ୍ତି।

# କଟକ ସିଟି







# ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା



କଟକ ଚଣ୍ଡୀଙ୍କ ଜୟଦୁର୍ଗା ବେଶ



ଗଡ଼ଚଣ୍ଡୀଙ୍କ ତାରା ବେଶ



ଝାଞ୍ଜିରୀମଙ୍ଗଳାଙ୍କ କମଳା ବେଶ



ବାସନ୍ତୀ ଦୁର୍ଗାଙ୍କ ଉଗ୍ରତାରା ବେଶ



ଧାକୁଲେଇଙ୍କ ରୁଦ୍ରାଣୀ ବେଶ

### ଭସାଣିରେ 'ପାରମ୍ପରିକ ବାଦ୍ୟ' ବଜାଇବାକୁ ଆହ୍ୱାନ

# 'ଡିଜେ ମୁକ୍ତ ରୋଶଣି: ନିଶା ମୁକ୍ତ ଭସାଣି'

କଟକ,୧୮ ।୯ (ସମିସ):

ଆଗାମୀ ଦୁର୍ଗାପୂଜା ଭସାଣିରେ ଡିଜେ ବଜାଇବା, ବାଣ ଫୁଟେଇବା ଏବଂ ମାଦକ ଦ୍ରବ୍ୟ ସେବନ ନକରିବା ଉପରେ କମିଶନରେଟ୍ ପୁଲିସ ପକ୍ଷରୁ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ୍‌ରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଆଜି ଖ୍ରୀଷ୍ଟ କଲେଜ, ୪୨ମୌଜାସ୍ଥିତ ସୁଦର୍ଶନ କଲେଜ, ଜେକେବିକେ କଲେଜ, କମଳାକାନ୍ତ ବିଦ୍ୟାପୀଠ, କାଜିବଜାର ହାଇସ୍କୁଲ ଏବଂ ସିଏନ୍‌ବିଟି ବସ୍ ଟର୍ମିନାଲ୍‌ରେ ଏ ସମ୍ପର୍କରେ ଜନସଚେତନତା କରାଯାଇଥିଲା । ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଥାନାର ଆଇଆଇସିମାନେ ଛାତ୍ରଛାତ୍ରୀ, ପୂଜା କମିଟିର କର୍ମକର୍ତ୍ତାଙ୍କୁ ଭସାଣୀ ସମ୍ପର୍କିତ ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ମୁଖ୍ୟତଃ ପାର୍ବଣରେ ଏବଂ ଶୋଭାଯାତ୍ରା ସମୟରେ କୌଣସି ବ୍ୟକ୍ତି ମାଦକଦ୍ରବ୍ୟ ସେବନ ନକରିବାକୁ କୁହାଯାଇଥିଲା । ପୂଜା ସମୟରେ ସର୍ବସାଧାରଣରେ ଆଦୌ ଆତସବାଜି ନକରିବାକୁ କୁହାଯାଇଥିଲା । ଶାରଦୀୟ ପୂଜା ଅବସରରେ ନାରୀମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବାକୁ ନିବେଦନ କରାଯାଇଥିଲା । ପୁଲିସ ଦ୍ୱାରା ସ୍ଥିରୀକୃତ ପାର୍କିଂରେ ଯାନବାହାନ ପାର୍କିଂ କରିବା ବାଧ୍ୟତାମୂଳକ ବୋଲି କମିଶନରେଟ୍



ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ପୂଜା ମଣ୍ଡପ କିମ୍ବା ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ପୂଜା ଦେଖିବା ପାଇଁ ଆସୁଥିଲେ, ସାଙ୍ଗରେ ସୁନା ଅଳଙ୍କାର, ମୋବାଇଲ ଓ ଟଙ୍କା ନଆଣିବାକୁ ପରାମର୍ଶ ଦିଆଯାଇଛି । ଭସାଣୀରେ କେବଳ ପାରମ୍ପରିକ ବାଦ୍ୟ ପରିବେଷଣ କରିବାକୁ ପୁଲିସ ପୂଜା କମିଟିଗୁଡ଼ିକୁ ପରାମର୍ଶ ଦେଇଛି ।

ମୁଖ୍ୟତଃ ଭସାଣିରେ ଡିଜେ, ଏଲିଇଡି ଲାଇଟ୍ ଓ ଫାୟାର୍ ଗନ୍‌କୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । ମଞ୍ଚ ଫିଟନେସ୍ ସାର୍ଟିଫିକେଟ୍ ଓ ସାଉଣ୍ଡ ଉପରେ ପୁଲିସ ଗୁରୁତ୍ୱ ଦେଇଛି । କୌଣସି ପୂଜା କମିଟି ୬୫ଡେସିବୁଲ୍‌ରୁ ଅଧିକ ସାଉଣ୍ଡ ବଜାଇ ପାରିବେ ନାହିଁ ବୋଲି କୁହାଯାଇଛି । ଉଭୟ ଭସାଣୀ ଶୋଭାଯାତ୍ରା ଓ ମେଲୋଡିରେ ବ୍ୟବହାର ହେଉଥିବା ସାଉଣ୍ଡ ବ୍ୟବସ୍ଥାକୁ ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଯାଞ୍ଚ କରିବେ । ପାର୍ବଣରେ ଶବ୍ଦ ପ୍ରଦୂଷଣ ରୋକିବାକୁ

**ପୁଲିସ ସହାୟତା କେନ୍ଦ୍ର, ଥାନା କିମ୍ବା ୧୧୨କୁ ଯୋଗାଯୋଗ କରିବାକୁ ସୂଚନା**

**ଆଇନ ଅବମାନନା କଲେ ପୂଜା କମିଟି କର୍ମକର୍ତ୍ତା ହେବେ ଗିରଫ**

**ଭସାଣିରେ ଟଙ୍କା, ସୁନା ଅଳଙ୍କାର ଓ ମୋବାଇଲ୍ ନ ଆଣିବାକୁ ପରାମର୍ଶ**

ପଲ୍ୟୁସନ୍ କଣ୍ଟ୍ରୋଲ୍ ବୋର୍ଡର ସଦସ୍ୟ ଏବଂ ସ୍ଥାନୀୟ ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାର୍ଡ ଯାଞ୍ଚ ପ୍ରକ୍ରିୟାରେ ସାମିଲ୍ ହେବେ । ପୂଜା କମିଟି ସଦସ୍ୟମାନେ ଉଭୟ ଶୋଭାଯାତ୍ରା ଓ ମେଲୋଡି କାର୍ଯ୍ୟକ୍ରମରେ ୧୨ଶହ ୱାଟ୍ ବିଶିଷ୍ଟ ୪ଟି ଟପ୍ ବକ୍ସ ଓ ୨ଟି ବେସ୍ ବକ୍ସକୁ ମିଶାଇ ସମୁଦାୟ ୬ଟି ସାଉଣ୍ଡ ବକ୍ସ ବ୍ୟବହାର କରି ପାରିବେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡିଜେକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯାଇଛି ବୋଲି ସଚେତନତା କାର୍ଯ୍ୟକ୍ରମରେ ଚେତାଇ ଦିଆଯାଇଛି । ଅନ୍ୟପଟେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମାନି ସହରର ସମସ୍ତ ପୂଜା କମିଟି ୬୫ଡେସିବୁଲ୍‌ରୁ ଅଧିକ ସାଉଣ୍ଡ ନବଜାଇବାକୁ ପୁଲିସ ନିବେଦନ କରିଛି । ମୋଟାମୋଟି ଭାବେ ଡିଜେକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯାଇଛି । ଯଦି କୌଣସି କମିଟି ସଦସ୍ୟ ଏହାକୁ ନମାନନ୍ତି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ସମ୍ପୃକ୍ତ କର୍ମକର୍ତ୍ତା ଓ ଡିଜେ ମାଲିକଙ୍କୁ ଗିରଫ କରିବାକୁ ପୁଲିସ ଚେତାଇ ଦେଇଛି । ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ୨୦୦୩ର ଧାରା ୩୨ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ପୁଲିସକୁ ଦିଆଯାଇଛି । ସେହିପରି କେନ୍ଦ୍ର ସରକାରଙ୍କ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଓ କଟକଣା ନିୟମ ୨୦୦୦ ଅନୁସାରେ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ଏସବୁ ଘଟଣାକୁ ଦୃଷ୍ଟିରେ ରଖି ଚଳିତ ଭସାଣୀରେ ଆଦୌ ଶବ୍ଦ ପ୍ରଦୂଷଣ ନକରିବାକୁ ପୁଲିସ ପ୍ରଶାସନ କ୍ଲବ୍ ଓ ପୂଜା କମିଟିକୁ ଚେତାବନୀ ଚେତାଇ ଦିଆଯାଇଛି । ଏସବୁ ନିୟମକୁ ଯଦି କେହି ଉଲ୍ଲଙ୍ଘନ କରନ୍ତି, ତେବେ ନିକଟସ୍ଥ ପୁଲିସ ସହାୟତା କେନ୍ଦ୍ର, ନିକଟସ୍ଥ ଥାନା କିମ୍ବା ୧୧୨ରେ କଲ୍ କରିବାକୁ ପୁଲିସ ପକ୍ଷରୁ କୁହାଯାଇଛି ।

# ମଙ୍ଗଳାବାଗ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

କଟକ,୧୮ ।୯ (ସମିସ): ବୁଢ଼ା ଗଣେଶ ଭସାଣି ଏବଂ ପରବର୍ତ୍ତୀ ଦୁର୍ଗା ପୂଜାକୁ ନେଇ ମଙ୍ଗଳାବାଗ ଥାନା ପକ୍ଷରୁ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି । ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଥାନାର ସମସ୍ତ ଏସଆଇ, ଏଏସଆଇ ଓ ଅନ୍ୟ କର୍ମଚାରୀମାନେ ଅଞ୍ଚଳରେ ପଇଁତରା ମାରିଥିଲେ । ମଙ୍ଗଳାବାଗ ଛକ ହୋଇ ବଣିଆ ସାହି, ଥୋରିଆ ସାହି, ମାଛୁଆ ବଜାର ଆଦି ଅଞ୍ଚଳ ବୁଲିଥିଲେ । ଗଣେଶ ପୂଜା ଭଳି ଦଶହରାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଏଭଳି ଫ୍ଲାଗମାର୍ଚ୍ଚ କରାଯାଇଛି । ଅନ୍ୟପଟେ, ମଙ୍ଗଳାବାଗ ପୁଲିସ ବିଭିନ୍ନ ମାମଲାରେ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ମାଛୁଆ ବଜାରର ଲକ୍ଷ୍ମୀଧର ଲେଙ୍କା ଓ ରାଣୀହାଟ ଶଗଡିଆସାହିର ଦେବେନ୍ଦ୍ର କୁମାର ଦାସ । ଅଭିଯୁକ୍ତ ଲକ୍ଷ୍ମୀଧର ଜଣେ ପେସାଦାର ନିଶା ବେପାରୀ । ସେହିପରି ଦେବେନ୍ଦ୍ର ବିରୋଧରେ ଏକ ଚୋରି ମାମଲା ରହିଥିଲା । ଏହି ୨ ମାମଲାରେ ଅଭିଯୁକ୍ତ ଦ୍ୱୟ ଫେରାର ଥିଲେ । କୋର୍ଟଙ୍କ ୱାରେଣ୍ଟ ବଳରେ ପୋଲିସ ଗୁରୁବାର ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ହିନ୍ଦୀ ଦିବସ



କଟକ,୧୮ ।୯ (ସମିସ): ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ଏବଂ ବ୍ୟାଙ୍କ୍ ଅଫ୍ ବରୋଦାର ମିଳିତ ଆନୁକୂଲ୍ୟରେ ହିନ୍ଦୀ ଦିବସ ସମାରୋହ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସମ୍ବାଦର ପୂର୍ବତନ ସମ୍ପାଦକ ତଥା ପ୍ରାକ୍ତନ ରାଜ୍ୟସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶ୍ୱଭାରତୀ ଶାନ୍ତି ନିକେତନର ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ଡଃ ରବିନ୍ଦ୍ରନାଥ ମିଶ୍ର ଯୋଗଦେଇ, ହିନ୍ଦୀ ଭାଷାର ଉତ୍ପତ୍ତି ଓ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଆଗ୍ରାର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଭରତସିଂହ ପରମାର୍ ଏଥିରେ ଯୋଗଦେଇ ଓଡ଼ିଶା ଭାଷାକୁ ମା' ଏବଂ ହିନ୍ଦୀ ଭାଷାକୁ ମାଉସୀ ବୋଲି ସମ୍ବୋଧନ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଦିତ୍ୟ ଭାରତ ପ୍ରକାଶନର ପ୍ରକାଶକ ଦେବାଶିଷ ସାମନ୍ତରାୟ ଯୋଗ ଦେଇଥିଲେ । ସଂସ୍ଥାନର ଅଧ୍ୟକ୍ଷ ଶ୍ରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ପ୍ରାଧ୍ୟାପିକା ଡଃ ଲୋପାମୁଦ୍ରା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଦ୍ୱିତୀୟ ବର୍ଷର ଛାତ୍ରୀ ତପସ୍ୱିନୀ ପାଣୀଗ୍ରାହୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ସଂସ୍ଥାନର ଡଃ ଅର୍ଜ୍ଜୁନ ନାଏକ, ଡକ୍ଟର ଜାନକୀ ଝା, ଡକ୍ଟର ଶତାବ୍ଦୀ ବେହେରା, ଡକ୍ଟର ପ୍ରିୟଙ୍କା ସ୍ୱାଇଁ, ରାଜୀବଲୋଚନ ସାହୁ, ଡଃ ସୁନିତା ଆଚାର୍ଯ୍ୟ, ରଶ୍ମୀରଞ୍ଜନ ଦାସ, ଡଃ ପ୍ରାଚୀ ପଟ୍ଟନାୟକ, ଡଃ ପ୍ରଶାନ୍ତ କୁମାର ନନ୍ଦ, ହେମନ୍ତ କୁମାର ମଲ୍ଲିକ, ଡଃ ନିରଞ୍ଜନ ବେହେରା, ସ୍ୱଦେଶ କ୍ୟୁରି, ଅମନ୍ କୁମାର ଏବଂ ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସଂସ୍ଥାନର ଅଣଶିକ୍ଷକ କର୍ମଚାରୀ ତେଜସ୍ୱିନୀ ଆଚାର୍ଯ୍ୟ, ରଘୁନାଥ ଦାସ, ବି ଚନ୍ଦ୍ରମା ପ୍ରଭାକର ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ସହକାରୀ ପ୍ରାଧ୍ୟାପିକା ଡଃ ପ୍ରୀତିପ୍ରଜ୍ଞା ଧନ୍ୟବାଦ ଦେଇଥିଲେ ।

# ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ମିଳିଲା ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମର ମାନ୍ୟତା

କଟକ,୧୮ ।୯ (ସମିସ): ନୂତନ ଶିକ୍ଷା ନୀତି-୨୦୨୦ ଅନୁଯାୟୀ, ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଚାରି ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ଆଇଟିଇପି) ପାଇଁ ଏନ୍‌ସିଟିଇ (ଏନସିଟିଇ)ରୁ ମାନ୍ୟତା ମିଳିଛି । ଏହି ମାନ୍ୟତା ମିଳିବା ପରେ ପୂର୍ବରୁ ଚାଲିଥିବା ପାରମ୍ପରିକ ଚାରି ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏବିଏଡ୍/ ବିଏସସି ବିଏଡ ସ୍ଥାନରେ ଆଗାମୀ ଶିକ୍ଷା ବର୍ଷ ୨୦୨୬-୨୭ରେ ନୂତନ ଚାରି ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ବିଏ-ବିଏଡ୍ / ବିଏସ୍‌ସି-ବିଏଡ୍) ଆରମ୍ଭ ହେବ । ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ କରାଯାଉଥିବା ନ୍ୟାସନାଲ୍ କମନ୍ ଏଣ୍ଟ୍ରାନ୍ସ ଟେଷ୍ଟରେ ଯୋଗ୍ୟ ବିବେଚିତ ହେଲେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ । ଚାରି ବର୍ଷର ପାଠ୍ୟକ୍ରମ ସରିବା ପରେ ଛାତ୍ରଛାତ୍ରୀ ମାନେ ଦୁଇଟି ଡିଗ୍ରୀ ହାସଲ କରି କେନ୍ଦ୍ରୀୟ ତଥା ରାଜ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିବେ । ଗତ ବର୍ଷ ରେଭେନ୍ସା ଶିକ୍ଷା ବିଭାଗ ପକ୍ଷରୁ ଏହି ପାଠ୍ୟକ୍ରମ ପାଇଁ ଆବେଦନ କରାଯାଇଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟର 'ନାକ୍' (ଏନଏଏସି) ଗ୍ରେଡ 'ଏ ପ୍ଲସ୍ ପ୍ଲସ୍' ଥିବାରୁ ସର୍ବୋଚ୍ଚ ପଏଣ୍ଟ ଲାଭ କରିଥିଲା । ଏହାପରେ ଏନ୍‌ସିଟିଇ ପକ୍ଷରୁ ଆଭାସି ମାଧ୍ୟମରେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ସୁବିଧାଗୁଡ଼ିକର ନିରୀକ୍ଷଣ କରାଯାଇଥିଲା । ଶିକ୍ଷା ବିଭାଗ ପକ୍ଷରୁ ସଂପୂର୍ଣ୍ଣ ଷ୍ଟାଫ୍ ତାଲିକା ପ୍ରଦାନ କରାଯିବା ପରେ ଏନ୍‌ସିଟିଇ ଏହାକୁ ଅନୁମୋଦନ କରି ମାନ୍ୟତା ପ୍ରଦାନ କରିଛି ।

# ସହରର ରାସ୍ତା ନବୀକରଣ ପାଇଁ ୬ କୋଟି ମଞ୍ଜୁର

କଟକ,୧୮ ।୯ (ସମିସ): ପୂର୍ତ୍ତ ଡିଭିଜନ ରାସ୍ତାର ନବୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ୫ କୋଟି ୭୭ ଲକ୍ଷ ଟଙ୍କା ମଂଜୁର କରାଯାଇଛି । ଏହି ଅର୍ଥ ବିନିଯୋଗରେ ଆସନ୍ତା ୧ ମାସ ମଧ୍ୟରେ ଟେଣ୍ଡର ଭିତ୍ତିରେ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପାର୍ବଣ ପାଇଁ ଏବେ ଜରୁରୀକାଳୀନ ଭିତ୍ତିରେ ରାସ୍ତା ମରାମତି ଚାଲିଛି । ଖାନନଗର-ଶିଖରପୁର ରାସ୍ତା, ଶିଶୁଭବନର ୬ ମହଲା ବିଶିଷ୍ଟ କୋଠା ସମ୍ମୁଖରେ ପୁଷ୍କରଣୀ, ଦୋଳମୁଣ୍ଡାଇ-ସେମିନାରୀ ଛକ- ଜେଲ ରୋଡ଼ ରାସ୍ତା, ବେଲଭିୟୁ ଛକ, -ବୋଷ ଗଡ଼ା ଆଦି ରାସ୍ତାର ନବୀକରଣ କରାଯିବ । ସେହିପରି ଡିଭିଜନ-୨ ଅନ୍ତର୍ଗତ କୁଷ୍ଠାଶ୍ରମରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ମଙ୍ଗଳା ମନ୍ଦିର ରାସ୍ତା ପାଇଁ ବିଭାଗ ଅର୍ଥ ମଂଜୁର କରାଯାଇଛି । ଆସନ୍ତା ଏକ ମାସ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି ।

# ଭସାଣିରେ ବାଜିବ ପାରମ୍ପରିକ 'ଘଣ୍ଟବାଦ୍ୟ'



**ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି । ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ । ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି । ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ । ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା । ଆଉ କିଛି ଦିନ ପରେ ଦଶହରା । ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....**

କଟକ,୧୮ ।୯ (ସମିସ):

ଏଠାରେ ପୂଜା ମଣ୍ଡପ କର୍ମକର୍ତ୍ତାମାନେ ପୂଜା ପାଇ ସମସ୍ତ ପ୍ରସ୍ତୁତି ଚଳାଇଥିବା ବେଳେ ଏହି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସହରରେ ଚାଲଇଥିବା ପାରମ୍ପରିକ ପୂଜା ଦୌଡରେ ସାମିଲ ହୋଇଛି ରେଲୱେ ସେଟଲ୍‌ମେଣ୍ଟ ପୂଜା କମିଟି । କମିଟିରେ ୨୦ ଜଣ ସଦସ୍ୟ ରହିଛନ୍ତି । ବେଙ୍ଗଲୀ ସମ୍ପ୍ରଦାୟର ଲୋକେ ୧୯୪୦ ମସିହାରେ ଦୂର୍ଗା ପୂଜା ଆରମ୍ଭ କରିଥିଲେ । ଚଳିତବର୍ଷ ପୂଜା ପାଇଁ ପୂଜା କମିଟି ପକ୍ଷରୁ ୨ ଲକ୍ଷ ଟଙ୍କା ବଜେଟ୍ କରାଯାଇଛି । ୭ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ରହିବ ଓ ୧୪ ଫୁଟ୍ ଉଚ୍ଚତା ବିଶିଷ୍ଟ ଜରି ମେଢ଼ କରାଯାଇଛି । ମା' ଦୂର୍ଗାଙ୍କର ଚାନ୍ଦିର ମୁକୁଟ କରାଯାଇଛି । ରେଳଷ୍ଟେସନ କାର୍ଯ୍ୟ ଜାରି ରହିଥିବା ଯୋଗୁ କମିଟି ପକ୍ଷରୁ କୌଣସି ତୋରଣ କିମ୍ବା ଲାଇଟ ଗେଟ କରାଯିବ ନାହିଁ । ସମଗ୍ର ଅଞ୍ଚଳକୁ ଆଲୋକମାଳାରେ ସଜାଯିବ । ମହାଷଷ୍ଠୀରେ ବିଲ୍ୱବରଣୀ କରାଯିବ । ମହାଅଷ୍ଟମୀରୁ ଦଶମୀ ଯାଏ ପ୍ରସାଦ ଭୋଗ କରାଯିବ । ଦଶମୀର ସନ୍ଧ୍ୟା ସମୟରେ ମହିଳା ମାନେ ମା'ଙ୍କୁ ସିନ୍ଦୂର ଲାଗି କରି ପରସ୍ପର ମଧ୍ୟରେ ସିନ୍ଦୁର ଖେଳି ମା'ଙ୍କୁ ବିଦାୟ ଦେବେ । ଭସାଣି ଯାତ୍ରାରେ ଘଣ୍ଟା ବାଦ୍ୟ ପରିବେଷଣ କରାଯିବ ।

**ରେଲୱେ ସେଟଲ୍‌ମେଣ୍ଟ ପୂଜା କମିଟି କମିଟି**



ଏଠାରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯାଉଛି । ଭସାଣିକୁ ଶୃଙ୍ଖଳିତ ଭାବେ ସମାପନ କରିବା ନେଇ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପ୍ରଶାସନର ନିୟମକୁ ଯେପରି ପାଳନ କରାଯିବ ସେନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି । କମିଟିର ସଦସ୍ୟ କର୍ମକର୍ତ୍ତାଙ୍କୁ ଶୃଙ୍ଖଳିତ ଭସାଣି ଯାତ୍ରା ସମାପନ କରିବା ନେଇ ଦାୟିତ୍ୱ ଦିଆଯାଇଛି ।



ସାରଦା ପ୍ରସନ୍ନ ସ୍ୱାଇଁ, ସମ୍ପାଦକ

ଏଠାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ମହାଅଷ୍ଟମୀରୁ ଦଶମୀ ଯାଏ ୩ ଦିନ ଧରି ପ୍ରସାଦ ମା'ଙ୍କ ନିକଟରେ ଲାଗି କରାଯିବ ଏବଂ ୪ସହ ଶ୍ରଦ୍ଧାଳୁଙ୍କୁ ପ୍ରତ୍ୟେକ ଦିନ ବଣ୍ଟାଯିବ । ଏହାସହ ଭସାଣିରେ ପାରମ୍ପରିକ ବାଦ୍ୟ ବା କେବଳ ଘଣ୍ଟ ବାଦ୍ୟରେ ଯାତ୍ରା ଅନୁଷ୍ଠିତ ହେବ । ଏବଂ ଭସାଣିରେ ପ୍ରଥମ ମେଢ଼ ଭାବେ ମା' ମେଲାଣି ନେବେ ।



ବାୟା ପ୍ରସାଦ ସାହୁ, କୋଷାଧ୍ୟକ୍ଷ

## ଭଡ଼ା ନେଇ ଫେରିଲା ବେଳେ ଅଘଟଣ
# କେନାଲରେ ବୁଡ଼ି ବୃଦ୍ଧ ମୃତ

**କନ୍ଦରପୁର,୧୮।୯(ସମିସ):** କଟକ ସଦର ଅନ୍ତର୍ଗତ ତଥା କନ୍ଦରପୁର ଥାନା ଅନ୍ତର୍ଗତ ବ୍ରାହ୍ମଣବାଡ କୋଚିଲେଇ କୂଳଠାରେ ପାଇକା ନଦୀ ଭିତରେ ଖୋଳାଯାଇଥିବା ପାଇକା କେନାଲ ପାଣିରେ ବୁଡ଼ି ଜଣେ ୭୦ ବର୍ଷ ବୟସ୍କ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ବ୍ରାହ୍ମଣବାଡ ଦେହୁରୀ ସାହିର ଜାପାନୀ ଦେହୁରୀ (୭୦) ଆଜି ଆୟତପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ନେଇ ଘରକୁ ଫେରୁଥିବାବେଳେ ପାଇକା ନାଳର କୋଚିଲେଇ କୂଳରେ ପଶି ନାଳ ପାରି ହେଉଥିବା ସମୟରେ ବୁଡିଯାଇଥିଲେ। ଏହା ଜଣାପଡ଼ିବା ପରେ ଲୋକେ ଜାଲ ପକାଇ ମୃତକଙ୍କୁ ଉଦ୍ଧାର କରିଥିବା ବେଳେ ସରପଞ୍ଚ ରାକେଶ ବେହେରାଙ୍କ ସହଯୋଗରେ ମୃତ ଶରୀରକୁ ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି। ବୃଦ୍ଧ/ବୃଦ୍ଧାଙ୍କୁ ଘର ପାଖରେ ଭତ୍ତା ଦିଆ ନ ଯିବା ଯୋଗୁଁ ତାଙ୍କ ମୃତ୍ୟୁ ହେଲା ବୋଲି ମତ ପ୍ରକାଶ ପାଇଛି। ଗରିବ ମୃତକଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି

**ସାଲେପୁର,୧୮।୯(ସମିସ):** ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ୨ଦିନ ତଳେ କେହି ଦୁର୍ବୃତ୍ତ କମ୍ପ୍ୟୁଟର ଓ ବହୁ ଆବଶ୍ୟକ ସରଞ୍ଜାମ ଚୋରି କରିନେଇଥିବାର ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ୩ ଦିନ ତଳେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞ ଡାକ୍ତରଙ୍କ ଚାମ୍ବର ଭିତରେ ଥିବା କମ୍ପ୍ୟୁଟର, ମନିଟର, ପ୍ରିଣ୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବାର ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ତାଲା ଭଙ୍ଗାଯାଇନାହିଁ କି ଝରକା ଭଙ୍ଗା ନ ଯାଇ ଏହିସବୁ ଚୋରି ହୋଇଥିବାବେଳେ ମେଡ଼ିକାଲ କର୍ମଚାରୀ ଏଥିରେ ସଂପୃକ୍ତ ଥାଇପାରନ୍ତି ବୋଲି ଏହା ଏକ ପ୍ରକାର ସ୍ପଷ୍ଟ ଅନୁମାନ କରାଯାଉଛି। କିଛି ଦିନ ତଳେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସ୍ଥାନରେ ଲାଗିଥିବା ପାଣି ଟ୍ୟାପ୍ ଚୋରି ହୋଇଥିବା ଜଣାଯାଇଛି। ମେଡ଼ିକାଲ କର୍ମଚାରୀ ଓ ଦାୟିତ୍ୱରେ ରହିଥିବା ସିକ୍ୟୁରିଟିମାନଙ୍କର ଖାମଖିଆଲ ଓ ଦାୟିତ୍ୱହୀନତା ଯୋଗୁ ଏହିଭଳି ଚୋରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବଢ଼ିବାରେ ଲାଗିଛି।

## ଗଞ୍ଜେଇ ଚାଲାଣ ମାମଲାରେ ୱାରେଣ୍ଟି ଗିରଫ

**ଟିଗିରିଆ,୧୮।୯(ସମିସ):** ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ପ୍ରତାପ କୁମାର ସେଠୀକୁ କୋର୍ଟଙ୍କ ପ୍ରଦତ୍ତ ୱାରେଣ୍ଟ ବଳରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଟିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଅଭିଯୁକ୍ତ ପ୍ରତାପଙ୍କ ନାମରେ ବେଆଇନ ଗଞ୍ଜେଇ ଚାଲାଣ ନେଇ ୨୦୧୯ ମସିହାରେ କନ୍ଧମାଳ ଜିଲ୍ଲା ଏଏସଜେଙ୍କ କୋର୍ଟରେ ମାମଲା ବିଚାରାଧୀନ ରହିଛି।

## ୪ ୱାରେଣ୍ଟି ଗିରଫ

**ଟିଗିରିଆ,୧୮।୯(ସମିସ):** ଟିଗିରିଆ ଥାନା ବିନ୍ଧାଣିମା ଗ୍ରାମରେ ୨୦୨୪ ମସିହାରେ ହୋଇଥିବା ଗଣ୍ଡଗୋଳ ମାମଲାରେ କୋର୍ଟଙ୍କ ଦ୍ୱାରା ଜାରି ୱାରେଣ୍ଟ ବଳରେ ଆଜି ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଟିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ୪ ଜଣ ଅଭିଯୁକ୍ତ ବିନ୍ଧାଣିମା ଗ୍ରାମର ଯୁଗଳ କିଶୋର ସାହୁ, ଗଗନ ସାହୁ, ରଞ୍ଜନ ସାହୁ, ତପନ ସାହୁ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## ବେଣ୍ଟକାର ସ୍କୁଲରେ ଛାତ୍ରଛାତ୍ରୀଙ୍କୁ କାନ ଧରି ଆଣ୍ଠେଇବା ଘଟଣା
# ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

**ଫୁଲନଖରା,୧୮।୯(ସମିସ):** ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଦଣ୍ଡଦେବା ଘଟଣା ପ୍ରଧାନଶିକ୍ଷୟିତ୍ରୀଙ୍କ ପାଇଁ ମହଙ୍ଗା ପଡ଼ିଛି। କଟକ ସଦର ବ୍ଲକ ୪୨ମୌଜା ଅନ୍ତର୍ଗତ ବେଣ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାସିନୀ ଖଣ୍ଡେଇ ଛାତ୍ରଛାତ୍ରୀଙ୍କୁ କାନଧରି ଆଣ୍ଠେଇବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି ନଂ ୨୪୪୮୨ ତା୧୭.୦୯.୨୦୨୫ରିଖରେ ଶ୍ରୀମତୀ ଖଣ୍ଡେଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ନିଲମ୍ବନ ଆଦେଶ ନିର୍ଦ୍ଦେଶକଙ୍କ ପକ୍ଷରୁ ଜାରି କରାଯାଇଛି।

ଅଭିଯୋଗରୁ ପ୍ରକାଶ ଯେ ଗତ ଅଗଷ୍ଟ ୨୪ ତାରିଖ ଶନିବାର ଦିନ ବେଣ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କେତେକ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲେ। ମାତ୍ର ଛାତ୍ରଛାତ୍ରୀମାନେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସେମାନଙ୍କୁ ବହୁ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ କାନଧରି ଆଣ୍ଠେଇ ଦେଇଥିଲେ। ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବିଭିନ୍ନ ଗଣମାଧ୍ୟମରେ ଏ ସଙ୍ଗୀନ ଖବର ପ୍ରକାଶ ପାଇବା ପରେ ଗଣମାଧ୍ୟମ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ସାମ୍ବାଦିକଙ୍କୁ ଧମକ ଦେଇଥିଲେ। ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କୁ ଦଣ୍ଡ ଦିଆଯିବା ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି କଟକ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତ ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଭିଜିତା ଭାସ୍କରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପରିଚାଳନା କମିଟି, ଅଭିଭାବକ ଓ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ଏହି ଘଟଣାର ସତ୍ୟତା ରହିଛି ବୋଲି ତଦନ୍ତ ରିପୋର୍ଟରେ ଦର୍ଶାଯାଇଥିଲା। ଏହି ଆଧାରରେ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତାଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଥାଉକି ଗତ ମାସ ୨୪ ତାରିଖରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ଦଣ୍ଡ ଦିଆଯିବା ଘଟଣାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିଦ୍ୟାଳୟକୁ ଯାଇ ଅଭିଭାବକ, ପରିଚାଳନା କମିଟି, ଛାତ୍ରଛାତ୍ରୀ ଓ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଲିଖିତ ଅଭିଯୋଗକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ। ଏ ବିଷୟରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜଣାଇବା ପରେ ଘଟଣାର ସତ୍ୟାସତ୍ୟକୁ ଉପଲବ୍ଧି କରି ଶ୍ରୀମତୀ ଖଣ୍ଡେଇଙ୍କୁ ନିଲମ୍ବିତ କରାଯାଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ କରିଥିଲେ।

## ବସ୍ତିରୁ ଜଳ ନିଷ୍କାସନ ପାଇଁ ଏନ୍ଏଚ୍ଆଇ ଓ ପୌରପାଳିକାର ତତ୍ପରତା

**ଚୌଦ୍ୱାର,୧୮।୯(ସମିସ):** ଗତ ସୋମବାର ଦିନ ଲଘୁଚାପଜନିତ ଲଗାଣ ବର୍ଷାରେ ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ସୁଇପର କଲୋନୀରେ ବର୍ଷାପାଣି ଓ ଡ୍ରେନ୍‌ପାଣି ପଶି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲା। ବସ୍ତି ବାସିନ୍ଦାମାନେ ସୋମବାର ଘରୁ ବାହାରି ନ ପାରି ପିଲା ଛୁଆଙ୍କ ସହିତ ସାରାରାତି ଘର ଭିତରେ ବନ୍ଦି ହୋଇ ରହିଥିଲେ। ଫଳରେ ବସ୍ତିରୁ ଜଳ ନିଷ୍କାସନ, ଡ୍ରେନ୍ ନିର୍ମାଣ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପ୍ରଦାନ ଦାବିରେ ବସ୍ତି ବାସିନ୍ଦାମାନେ ଗତ ମଙ୍ଗଳବାର ଦିନ ରାଜରାସ୍ତା ଅବରୋଧ କରିଥିଲେ। ବସ୍ତିର ଡ୍ରେନ, ରାସ୍ତା ଓ ପରିମଳ ବ୍ୟବସ୍ଥାର ସୁଧାର ପାଇଁ ପୌରପାଳିକା ତରଫରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏବେ ପୌର ପରିମଳ ବିଭାଗ ଦ୍ୱାରା ବସ୍ତିରେ ଥିବା ଡ୍ରେନ ଗୁଡିକର ସଫେଇ କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ କରାଯାଇଛି। ଜାତୀୟ ରାଜପଥ କଡରେ ଡ୍ରେନ ନିର୍ମାଣ କାର୍ଯ୍ୟ ହେଉ ନ ଥିବାରୁ ବର୍ଷା ପାଣି ସହିତ ଡ୍ରେନର ବର୍ଜ୍ୟପାଣି ବସ୍ତିରେ ପଶି ଅଭାବନୀୟ ପରିସ୍ଥିତି ସୃଷ୍ଟି କରୁଥିବା ଲୋକମାନେ ଅଭିଯୋଗ କରିଥିଲେ।



ଲୋକଙ୍କ ସମସ୍ୟାକୁ ଦେଖି ଗୁରୁବାର ଦିନ ପୌରଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀ ସୁଦୀପ୍ତ ପାଉଲ, ଡ୍ରେନ ନିର୍ମାଣକାରୀ ସଂସ୍ଥାର ଠିକାଦାର ପ୍ରତିନିଧି ଦିବ୍ୟଜ୍ୟୋତି ପ୍ରଭାସ, ଡି.କେ. ସିଂ ପ୍ରମୁଖ ବସ୍ତି ପରିଦର୍ଶନ କରି ଅଧାପାନ୍ତରିଆ ପଡିରହିଥିବା ଡ୍ରେନର ସ୍ଥିତି ତଦାରଖ କରିବା ସହିତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ପାଇଁ ବ୍ୟବସ୍ଥା କରିଥିଲେ। ଡ୍ରେନ ନିର୍ମାଣ କାର୍ଯ୍ୟ ଖୁବଶିଘ୍ର ଶେଷ କରିବା ପାଇଁ ଉପସ୍ଥିତ ଅଧିକାରୀମାନେ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ।

## ବିଧାନସଭାରେ ଟାଙ୍ଗୀ-ଚୌଦ୍ୱାର ତହସିଲ ଓ ସାମ୍ବାଦିକ କଲ୍ୟାଣ ପ୍ରସଙ୍ଗ

**ଟାଙ୍ଗୀ/ସାଲେପୁର, ୧୮।୯(ସମିସ):** କଟକ ମହାନଗର ନିଗମ ଅଧୀନସ୍ଥ ଜଗତପୁରଠାରେ କାର୍ଯ୍ୟ କରୁଥିବା ଟାଙ୍ଗୀ-ଚୌଦ୍ୱାର ତହସିଲ କାର୍ଯ୍ୟାଳୟ ବ୍ଲକ ମୁଖ୍ୟାଳୟ ଟାଙ୍ଗୀକୁ ସ୍ଥାନାନ୍ତର ଓ କାର୍ଯ୍ୟରତ ସାମ୍ବାଦିକଙ୍କ ଚିହ୍ନଟ ଏବଂ କଲ୍ୟାଣ ସଂକ୍ରାନ୍ତ ପ୍ରଶ୍ନ ବିଧାନସଭାରେ ଉଠାଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ବୁଧବାର ଚର୍ଚ୍ଚାରେ ରହିଛନ୍ତି। ତହସିଲ ପ୍ରସଙ୍ଗରେ ମାମଲା ବିଚାରଧୀନ ରହିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ତର ରଖିଛନ୍ତି। ସେହିପରି ସାଲେପୁରକୁ ଉପଖଣ୍ଡ ବା ସବଡିଭିଜନ ଘୋଷଣା ନିୟମ ତଥା ସମୟ ଅନୁଯାୟୀ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ବିଶେଷ କରି ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କ କଲ୍ୟାଣ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାର ପ୍ରଣୟନ କରିଥିବା ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା ଓ ଦୁର୍ଘଟଣାଜନିତ ବିକଳାଙ୍ଗ ବା ମୃତ୍ୟୁଜନିତ ଅର୍ଥରାଶି ବିଷୟରେ ତଥ୍ୟ ରଖିଥିଲେ। ଫଳରେ ନୂତନ ସରକାର ସାମ୍ବାଦିକଙ୍କ କଲ୍ୟାଣ ନିମନ୍ତେ ସେମିତି କୌଣସି ପଦକ୍ଷେପ ନେଇ ନ ଥିବା ସ୍ପଷ୍ଟ ହୋଇଥିଲା।

ତେବେ ଟାଙ୍ଗୀ ଚୌଦ୍ୱାର ତହସିଲ ପ୍ରସଙ୍ଗରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିକୁ ବିଧାୟକ ଶ୍ରୀ ବେହେରା ପୁନର୍ବାର ବିଧାନସଭାରେ ଉପସ୍ଥାପନ କରିଥିବାରୁ ଅଞ୍ଚଳବାସୀ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି।

## ଆର୍ଏମ୍ସି ପକ୍ଷରୁ ଚାରାରୋପଣ

**ନିଶ୍ଚିନ୍ତକୋଇଲି,୧୮।୯ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆଠାରେ ଥିବା କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି (ଆରଏମ୍ସି) ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଛି। କର୍ମଚାରୀ ସେକ୍ ମହମ୍ମଦ ଇଦ୍ରିସ୍‌ଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ଆରଏମ୍ସି ସେକ୍ରେଟାରୀ ନିରଞ୍ଜନ ସାମଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁଗ୍ମନ୍ତ ମହାପାତ୍ର, ଭଗବାନ ଦାସ, ଧୀରେନ୍ଦ୍ର ନନ୍ଦ, ବ୍ରଜମୋହନ ପଣ୍ଡା, ସଞ୍ଜୟ ପରିଡା, ଜୟଦେବ ବିଶ୍ୱାଳ, ସସ୍ମିତା ରାଉତ, ଜ୍ୟୋତିରଂଜନ ନାୟକ, ସଞ୍ଜୟ ଦାସ, ବିକାଶ ବେହେରା, ସୁବୋଧ ସାମଲ, ଦୁର୍ଗାଚରଣ ଜେନା, ବଳରାମ ସେଠୀ ପରିଚାଳନା କରିବା ସହ ଗଛ ଲଗାଇ ତାହାକୁ ବଞ୍ଚାଇ ରଖିବା ପାଇଁ ଶପଥ ନେଇଥିଲେ।



## ଇଙ୍ଗା ତରଫରୁ ଚାରାରୋପଣ ଅଭିଯାନ

**ଚୌଦ୍ୱାର,୧୮।୯(ସମିସ):** ଇଙ୍ଗା ଶିଳ୍ପଗୋଷ୍ଠୀ ତରଫରୁ 'ଏକ୍ ପେଡ଼୍ ମା କେ ନାମ ଅଭିଯାନ' କାର୍ଯ୍ୟକ୍ରମ ମାଧ୍ୟମରେ ଶଙ୍କରପୁର ଓ ଶାଳଗାଁ ପଞ୍ଚାୟତରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶଙ୍କରପୁରସ୍ଥିତ ଗୋଖଲେ ଆଦର୍ଶ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀ, କଲେଜ ଅଧକ୍ଷା ଗୀତାଞ୍ଜଳି ରାଉତ, କଲେଜର ଅଧ୍ୟାପନାମଣ୍ଡଳୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ନାଗରିକମାନେ ଯୋଗ ଦେଇଥିଲେ। ଇଙ୍ଗାର ବରିଷ୍ଠ ଅଧିକାରୀ ସୁଜିତ ମିଶ୍ର, ଲଲାଟ କିଶୋର ମହାପାତ୍ର, ବବିତା ନନ୍ଦ, ମାନସ ପଣ୍ଡା, ଦେବାଶିଷ ତ୍ରିପାଠୀ, ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ଘୋଷ, ମାନସ ପ୍ରଧାନ, ସ୍ଥିତିପ୍ରଜ୍ଞା ଦାସ, ବିଶ୍ୱଜିତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା











**ସାଲେପୁର,୧୮।୯(ସମିସ):** ସାଲେପୁର ବ୍ଲକର ବିଭିନ୍ନ ସ୍ଥାନରେ ଦେବ ଶିଳ୍ପୀ ପ୍ରଭୁ ବିଶ୍ୱକର୍ମା ଦେବଙ୍କ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିବଶକ୍ତି ଫୁଡ଼ ପ୍ରଡ଼କ୍ଟସ ଆଣ୍ଡ ଟେଡର୍ସ କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠାତା ଲଲାଟ ଚନ୍ଦ୍ର ସାହୁ ଓ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ, ସାଲେପୁର ଅଟୋ ରିକ୍ସା ସଂଘ, ସାଲେପୁର ଟାଟା ଏସି ସଂଘ, ଟ୍ୟାକ୍ସି ସଂଘ, ନବପ୍ରଭାତ ଆଇଟିଆଇ ଅନୁଷ୍ଠାନ ସମେତ ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ଦେବଙ୍କ ପୂଜା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି।

### କଣ୍ଟାପଡ଼ା

କଣ୍ଟାପଡା ବ୍ଲକ ଏସ୍‌ଭି ନିରତାର ଯାନ୍ତ୍ରୀକ ବିଭାଗ, ବ୍ଲକ ଯାନ୍ତ୍ରିକ ବିଭାଗ, ଆରୟନ ପଲିଟେକନିକ, ଦଧିଚି ଶିଳ୍ପ ତାଲିମ କେନ୍ଦ୍ର ଏବଂ ଅଡଶପୁର ଓ ଗୋବିନ୍ଦପୁର ବିଦ୍ୟୁତ କାର୍ଯ୍ୟାଳୟ ପ୍ରଭୃତିରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

### ଶ୍ରୀଦୁର୍ଗା କଣ୍ଡେଭ୍ ୱାର୍କସପ୍

କଟକ: ଟାଙ୍ଗୀ-ବଇଁଚୁଆଠାରେ ଥିବା ପ୍ରତିଷ୍ଠିତ ନିର୍ମାଣକାରୀ ସଂସ୍ଥା 'ଶ୍ରୀ ଦୁର୍ଗା କଣ୍ଡେଭ୍' ୱାର୍କସପ୍‌ରେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପରିସରରେ ସୁସଜ୍ଜିତ ମଣ୍ଡପରେ ବିଶ୍ୱକର୍ମାଙ୍କ ମୃଣ୍ମୟ ପ୍ରତିମାଙ୍କ ପୂଜାର୍ଚ୍ଚନା ଓ ପ୍ରତିଷ୍ଠା ହୋମ ପଣ୍ଡିତ ପ୍ରଭାତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସଂସ୍ଥାର ମୁଖ୍ୟ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଦୀପ୍ତ ଚନ୍ଦ୍ର ରଥ, ଇଂ ଦୁର୍ଗାପ୍ରସାଦ ରଥ, ଇଂ ଶିବ ପ୍ରସାଦ ରଥ, ମନୋଜ ଦାଶ, ଜଗମୋହନ ରଥ, ଅଶୋକ ତ୍ରିପାଠୀ, ଭାଗ୍ୟଧର ରାଉତ, ଶିବପ୍ରସାଦ ରାଉତ, ଅବିନାଶ ମହାପାତ୍ରଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

### ନିଶ୍ଚିନ୍ତକୋଇଲି

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ବୈଷୟିକ ଶିଳ୍ପକେନ୍ଦ୍ର ଏବଂ ଯାନ୍ତ୍ରୀକ ଅନୁଷ୍ଠାନ ଗୁଡିକ ଉତ୍ସବମୁଖର ହୋଇଉଠିଛି। ନିଶ୍ଚିନ୍ତକୋଇଲି ବିଦ୍ୟୁତ (ଟିପିସିଓଡିଏଲ୍) କାର୍ଯ୍ୟାଳୟରେ ମହାପ୍ରଭୁ ବିଶ୍ୱକର୍ମାଙ୍କର ପୂଜାର୍ଚ୍ଚନା କରାଯାଇଛି। ପୂଜକ କିଶୋରଚନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ଜୟନ୍ତ ମଲ୍ଲିକ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ହୋମଯଜ୍ଞ ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ପ୍ରଧାନ ଓ ବାଣିଜ୍ୟିକ ଯନ୍ତ୍ରୀ ନୀଳମଣି ମଳିକ, ମୁକେଶ ରାଉତ, ସନ୍ତୋଷ ବେହେରା, ଭରତ ଚନ୍ଦ୍ର ମଳିକ, ନୀଳାଦ୍ରିନାଥ ମହାନ୍ତି, ଚନ୍ଦନ ଦାଶ, ରବିନାରାୟଣ ଲେଙ୍କା, ତ୍ରିଲୋଚନ ସ୍ୱାଇଁ, ତପନ ମିଶ୍ର, ଜୟନ୍ତ ମଲ୍ଲିକ, ସାନ୍ତନୁ ବିଶ୍ୱାଳଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀ ପ୍ରଭୁ ବିଶ୍ୱକର୍ମାଙ୍କୁ ପୂଜାର୍ଚ୍ଚନା କରି କୃପାଲାଭ କରିଥିଲେ।

### ଚୌଦ୍ୱାର

କଳିଙ୍ଗ ଛକ ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଏସ୍‌ଡିଓ ଶମ୍ଭୁନାଥ ସେଠୀ ହୋମରେ କର୍ତ୍ତା ଭାବେ ବିଶ୍ୱକର୍ମାଙ୍କୁ ଆହୁତି ପ୍ରଦାନ କରିଥିଲେ। ଜେଇ ପ୍ରିୟଦର୍ଶିନୀ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଜଳଯୋଗାଣ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଆରଆଣ୍ଡବି କାର୍ଯ୍ୟାଳୟରେ ଏସଡିଓ ନିର୍ମାଳ ପଣ୍ଡା, ୟୁଏମଏସଏଲ କମ୍ପାନୀରେ ଶାଖା ମୁଖ୍ୟ ଭାଗବତ ସାହୁ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ ଇଙ୍ଗା କାରଖାନା, ଚୌଦ୍ୱାର ପୌର କାର୍ଯ୍ୟାଳୟ, ଟିପିଡିଓସିଏଲ, ଥର୍ମାଲ, ଗାନ୍ଧୀ ଛକସ୍ଥିତ ଆଟିଆଇ, ଏମଆଇଟିଆଇ ସହିତ ଗୋପାଳପୁର ଶିଳ୍ପାଞ୍ଚଳରେ ଥିବା ବିଭିନ୍ନ କ୍ଷୁଦ୍ରଶିଳ୍ପ ଓ ଲଘୁ ଉଦ୍ୟୋଗରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମୀନାବଜାର ଅନୁଷ୍ଠିତ ହୋଇଥିଲା।

### ନିଆଳି

ବିଭିନ୍ନ ଡ୍ରାଇଭର ସଂଘ,ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ଅନୁଷ୍ଠାନରେ ଏହି ପୂଜା ମହାସମାରୋହରେ ପାଳିତ ହୋଇଥିବା ବେଳେ ନିଆଳି ଅପୂଜାସ୍ଥିତ ଆର.କେ ବୈଷୟିକ ଶିକ୍ଷାନୁଷ୍ଠାନରେ ୧୬ ତମ ବାର୍ଷିକ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଶରତଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଛବି ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ସମିତିସଭ୍ୟ ଶଶିକାନ୍ତ ଲେଙ୍କାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ଓରୀକଣ୍ଟା ବିଦ୍ୟୁତ୍ ସେକ୍ସନରେ ପ୍ରଭୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାରେ କର୍ତ୍ତା ରମାକାନ୍ତ ମହାନ୍ତି, ଜେଇ ରଘୁନାଥ ନାୟକ, ସୁପରଭାଇଜର ଅଜିତ ନାୟକ, ସଚ୍ଚିଦାନନ୍ଦ ନାୟକ, ଯୁଧିଷ୍ଠିର ରାଉତ, ଦୁର୍ଯ୍ୟୋଧନ ସ୍ୱାଇଁ, ଅଶୋକ ମିଶ୍ର, ଶୁଭକାନ୍ତ ରାଉତ, ଜ୍ଞାନରଞ୍ଜନ ପଣ୍ଡା, ନିର୍ମଳ ସେଠୀ, ସୁବାସ ଦାସଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କଳିଙ୍ଗା ଘାଟିରେ ଭୂ-ସ୍ଖଳନକୁ ବିତିଲା ୩ ଦିନ

# ସ୍ୱାଭାବିକ ହୋଇନି ଯାତାୟାତ; ବର୍ଷା ସାଜୁଛି ବାଧକ





■ ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

■ ଆସୁଛି ପାର୍ବଣ, ଚିନ୍ତାରେ ବ୍ୟବସାୟୀ

ଜି.ଉଦୟଗିରି,୧୮।୯(ସମିସ): ଗଞ୍ଜାମ ଓ କନ୍ଧମାଳକୁ ସଂଯୋଗ କରୁଥିବା କଳିଙ୍ଗା ଘାଟିରେ ମଙ୍ଗଳବାର ହୋଇଥିବା ବଡ଼ ଧରଣର ଭୂ-ସ୍ଖଳନରେ ୧୫୭ ଜାତୀୟ ରାଜପଥର ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଆଜି ପର୍ଯ୍ୟନ୍ତ ସ୍ଥିତି ସ୍ୱାଭାବିକ ହୋଇପାରିନି। ଲଗାଣ ବର୍ଷାରେ ୩୦ ଫୁଟ ରାସ୍ତା ୫୦ ଫୁଟ ତଳକୁ ଧସିଯିବା ଫଳରେ ଜି.ଉଦୟଗିରିରୁ ବ୍ରହ୍ମପୁର, ଭୁବନେଶ୍ୱର ରାସ୍ତାରେ ଶତାଧିକ ଯାତ୍ରୀବାହୀ ବସ୍ ସହିତ ମାଲ ପରିବହନ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଆଗକୁ ପାର୍ବଣ ଆସୁଥିବା ଏବଂ ଏହି ଘାଟି ରାସ୍ତା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସ୍ଥିତି ସ୍ୱାଭାବିକ ହେବାକୁ ଚାହିଁ ବସିଛନ୍ତି ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ। ଘାଟିରେ ବଡ଼ କ୍ଷୟକ୍ଷତି ବିଭାଗ ପାଇଁ ଚାଲେଞ୍ଜ ହୋଇଥିବା ବେଳେ ସ୍ୱତନ୍ତ୍ର ଟିମ୍ ଅନୁଧ୍ୟାନ କରିଛି। ଦୁଇଦିନ ଧରି ରାସ୍ତା ଉପରେ ପଡ଼ିଥିବା ବଡ଼ ବଡ଼ ପଥରକୁ ସଫା କରାଯାଉଥିବା ବେଳେ ଅସ୍ଥାୟୀ ରାସ୍ତା ବାହାର କରିବାକୁ ଚାଲିଛି ଉଦ୍ୟମ। କିନ୍ତୁ ବର୍ଷା ମରାମତି କାମରେ ବାଧକ ସାଜିଛି। ପାଗ ଅନୁକୂଳ ରହିଲେ ସହଜ ହେବ ନିର୍ମାଣ କାର୍ଯ୍ୟ। ଏଭଳି ପରିସ୍ଥିତିରେ ଆଜି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଘଟଣାସ୍ଥଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଯେତେଶୀଘ୍ର ସମ୍ଭବ ଯାତାୟାତ ସ୍ୱାଭାବିକ କରିବାକୁ ପରାମର୍ଶ ଦେଇଛନ୍ତି।

## ଅଟୋ-ବାଇକ ମୁହାଁମୁହିଁ; ୯ ଆହତ

ମୋହନା,୧୮।୯(ସମିସ): ରାସନ ଚାଉଳ ନେଇ ପି. ଗୋବିନ୍ଦପୁରରୁ କେଶରା ଆସିବା ବେଳେ ଅଟୋ ସହ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ ଆରୋହୀଙ୍କ ସମେତ ଅଟୋରେ ବସିଥିବା ୭ ଜଣ ଆହତ ହୋଇଛନ୍ତି। ସୂଚନା ପ୍ରକାରେ ରାସନ ଚାଉଳ ଆଣିବୁ କେଶରା ଗ୍ରାମରୁ କିଛି ହିତାଧିକାରୀ ଅଟୋରେ ପି. ଗୋବିନ୍ଦପୁର ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ଚାଉଳ ନେଇ ଫେରିବା ବେଳେ ଗ୍ରାମ ଠାରୁ କିଛି ଦୂରରେ ଟିଣିମିଣି ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକକୁ ଅଟୋ ମୁହାଁମୁହିଁ ଧକ୍କା ଦେଇଥିଲା। ଭାରସାମ୍ୟ ହରାଇ ଅଟୋ ରାସ୍ତା କଡ଼କୁ ଓଲଟି ଯିବା ଯୋଗୁଁ ଅଟୋରେ ବସିଥିବା ସମସ୍ତ ୭ ଜଣ ଯାତ୍ରୀଙ୍କ ସହ ଦୁଇ ଜଣ ବାଇକ ଆରୋହୀ ଆହତ ହୋଇଥିଲେ। ଆହତ ମାନେ ହେଲେ କେଶରା ଗ୍ରାମର ଲକ୍ଷ୍ମୀ ବିଷୋୟୀ (୫୯), କୃଷ୍ଣ ଯାନୀ (୫୩), ଶ୍ରୀମତୀ ନାୟକ (୬୦), ମାଳତୀ ନାୟକ (୫୫), ଲକ୍ଷ୍ମୀ ଗୌଡ଼ (୪୫), ଘନ ଦଳାଇ (୬୦), ରଘୁ ଯାନୀ (୬୨), ମେରାମା ଗ୍ରାମର ବାଇକ ଚାଳକ ପ୍ରଦୀପ ମଲିକ ଏବଂ ତାଙ୍କ ସ୍ତ୍ରୀ ରାଜେନ୍ଦ୍ରୀ ମଲିକ। ସମସ୍ତ ଆହତଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଗୁରୁତର ଦୁଇ ବାଇକ ଆରୋହୀଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



## ପିକ୍‌ଅପ୍ ଭ୍ୟାନ୍-ବାଇକ ମୁହାଁମୁହିଁ; ଦୁଇ ଗୁରୁତର

ମୋହନା,୧୮।୯(ସମିସ): ଦମାଦୁଆ ଗାଁ ବୁଲାଣି ରାସ୍ତାରେ ପିକ୍‌ଅପ ଭ୍ୟାନ୍ ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଗୁରୁତର ଆହତ ହୋଇ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ଅପରାହ୍ନ ଚାରିଟାରେ ଅଡବା ଥାନା ଅନ୍ତର୍ଗତ ଦମାଦୁଆ ଗ୍ରାମ ନିକଟସ୍ଥ ବୁଲାଣି ରାସ୍ତାରେ ବାଇକ ଓ ପିକଅପ୍ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକରେ ଥିବା ଦୁଇଜଣ ଭାଗ୍ୟବତୀ ମଲିକ ଓ ସନ୍ତୋଷ ମଲିକ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସନ୍ତୋଷ ମଲିକଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ବିଦ୍ୟାବତୀଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବା ଡା. କିରଣ କୁମାର ସାହୁ ସୂଚନା ଦେଇଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ମାଲ୍ଲ ପିକ୍‌ଅପ ଗାଡି ଡ୍ରାଇଭରକୁ ଅଡ଼ବା ପୁଲିସ ଅଟକ ରଖି ଘଟଣାର ଅଧିକ ତଦନ୍ତ କରୁଛି।



## ଜାତୀୟ ଅଣ୍ଡର-୧୯ କ୍ରିକେଟ୍ ଟିମ୍‌ରେ ଗଜପତିର ରୋହନ

ପାରଳାଖେମୁଣ୍ଡି,୧୮।୯(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ବକ୍ସିସାହିରେ ରହୁଥିବା ଡ.ଶଙ୍କର ପ୍ରସାଦ ବକ୍ସିଙ୍କ ପୌତ୍ର ରୋହନ ବକ୍ସି ଭାରତୀୟ ଅଣ୍ଡର-୧୯ କ୍ରିକେଟ୍ ଟିମରେ ସ୍ଥାନ ପାଇଛନ୍ତି। ସେ ଆସନ୍ତା ମାସ ଜାତୀୟ ସ୍କୁଲସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଶିବଦତ୍ତ ବକ୍ସି ଓ ଅର୍ଚ୍ଚନା ବକ୍ସିଙ୍କ ପୁଅ ରୋହନ



ଭୁବନେଶ୍ୱରସ୍ଥିତ ଲୟଲା ସ୍କୁଲରୁ କୃତିତ୍ୱର ସହ ଦଶମ ଆଇସିଏସ୍‌ଇ ପରୀକ୍ଷାରେ ୯୩.୬% ମାର୍କ ରଖି ପାସ ହୋଇଥିଲେ। ଏକାଧାରାରେ ମେଧାବୀ ଛାତ୍ର ହିସାବରେ ନିଜର ଗୌରବ ରଖି କ୍ରିକେଟ ପ୍ରତି ତାଙ୍କର ଆଗ୍ରହ ରହିଛି। ଗତବର୍ଷ ଅଣ୍ଡର-୧୭ରେ ଓଡ଼ିଶା ସ୍କୁଲ ଟିମ୍ ତରଫରୁ ଭୋପାଳରେ ଭାଗ ନେଇଥିଲେ। ରୋହନଙ୍କ ଜେଜେବାପା ତଥା ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ଶଙ୍କର ପ୍ରସାଦ ବକ୍ସି ମଧ୍ୟ ନିଜ କଲେଜ ଜୀବନରେ କ୍ରିକେଟ ଖେଳାଳି ଥିଲେ ଏବଂ ସେ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରରେ ଖେଳିଛନ୍ତି। ରୋହନଙ୍କ କକା ଦେବଦତ୍ତ ବକ୍ସି ମଧ୍ୟ ଦୁଇଥର ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରରେ ଭାଗ ନେଇଛନ୍ତି। ଭବିଷ୍ୟତରେ ରୋହନ ସାମରିକ ବାହିନୀରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ରୋହନଙ୍କ ସଫଳତା ପାଇଁ ଚାରିଆଡୁ ପ୍ରଶଂସାର ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## କନ୍ଧମାଳରେ ଆଦି ସେବାକେନ୍ଦ୍ର ଉଦ୍‌ଘାଟିତ




ଫୁଲବାଣୀ,୧୮।୯(ସମିସ): କନ୍ଧମାଳ ଜିଲ୍ଲାରେ ପ୍ରତି ବ୍ଲକରେ ଆଦି ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିରିଙ୍ଗିଆ ବ୍ଲକଠାର ଆଦି ସେବା କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ସେହିପରି ଜିଲ୍ଲାର ଅନ୍ୟ ସେବା କେନ୍ଦ୍ର ଗୁଡ଼ିକ ମଧ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଆଦି କର୍ମଯୋଗୀ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମଗୁଡ଼ିକରେ ଆଦି କର୍ମଯୋଗୀ ଚୟନ କରାଯାଇ ସରକାରଙ୍କ ଯୋଜନା ଗୁଡିକ ଗ୍ରାମସ୍ତରେ ସମସ୍ତ ବିଭାଗର ସହଭାଗିତା ଆଧାରରେ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବେ। ଏହାସହିତ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ପରିକଳ୍ପନା ପାତ୍ର ପ୍ରସ୍ତୁତ କରିବେ। ଏଥିପାଇଁ ଜିଲ୍ଲାର ୧୨ ଗୋଟି ବ୍ଲକରେ ୩୯୫ ଗୋଟି ଗ୍ରାମରେ ଆଦି ସେବାକେନ୍ଦ୍ର ଖୋଲାଯାଇଛି। ପ୍ରତି ଗ୍ରାମରୁ ୨୦ ଜଣ ଆଦି କର୍ମଯୋଗୀ ଚୟନ କରାଯାଇଛି। ସେମାନେ ସେବା କେନ୍ଦ୍ରରେ ବସି ନିଜ ଗ୍ରାମର ପରିକଳ୍ପନା ପତ୍ର ସେପ୍ଟେମ୍ବର ୧୭ରୁ ସେପ୍ଟେମ୍ବର ୩୦ ତାରିଖରେ ଶେଷ କରିବେ ଏବଂ ଏହି ପତ୍ର ଅକ୍ଟୋବର ୨ରେ ଗାନ୍ଧୀ ଜୟନ୍ତୀ ଅବସରରେ ଗ୍ରାମ ସଭାରେ ପାରିତ ହେବ। ଏହି ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ବେଦଭୂଷଣଙ୍କ ତତ୍ତ୍ୱାବଧାନରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର, ଜିଲ୍ଲା ନୋଡାଲ ଅଧିକାରୀ ଭାବେ ଏହି ଯୋଜନାକୁ ପରିଚାଳନା କରୁଥିବା ବେଳେ ବ୍ଲକସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଏହି ଦାୟିତ୍ୱ ତୁଲାଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ପରିକଳ୍ପନା ପତ୍ର ତିଆରି କରି ବିକାଶର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ପହଞ୍ଚି ସରକାରୀ ଯୋଜନାର ଲାଭ ପହଞ୍ଚାଇବା ପାଇଁ ଆଦି କର୍ମଯୋଗୀ ଅଭିଯାନ କାମ କରିବ।

## ଗୋଷାଣି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

ଗୋଷାଣି,୧୮।୯(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦରମହକୁମା ସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମ୍ମାନିତ ଅତିଥି ଭାବେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ବଡଗୋଷାଣି ସରପଞ୍ଚ ବି.ମୋହନ ରାଓ ଓ ଏସଏମସି ସଭାପତି ବିଷ୍ଣୁଚରଣ ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ସ୍ତରରେ ଓ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ଉପରେ ପର୍ଯ୍ୟବେଶିତ ନୃତ୍ୟଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଗୋଷାଣି ସିଆରସି ରଶ୍ମିତା ସାମଲ ସଂଯୋଜନା କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାରଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।




## ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଜି.ଉଦୟଗିରି,୧୮।୯(ସମିସ): ଜି.ଉଦୟଗିରି ହବାକ୍ ହାଇସ୍କୁଲରେ ଚାଲିଥିବା ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଘୁ.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ମଲିକ, ଏସ୍‌ଡିପିଓ ବିଜୟ କୁମାର ବିଶି, ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ହବାକ୍ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ସଭାପତି ଏନ୍.ରାଜା ରାଓ, ସଭାପତି ଭାବେ ଜିଲ୍ଲା ଶିକ୍ଷାଅଧିକାରୀ ରାଜେଶ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସମ୍ପାଦକ ଭାବେ ହବାକ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ ପାଟମାଝି ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳକ ଖୋଖୋରେ ଜି.ଉଦୟଗିରି ବ୍ଲକ୍, ୧୭ ବର୍ଷରୁ କମ ବାଳିକା ଖୋଖୋରେ ରାଇକିଆ, ୧୪ ବର୍ଷରୁ କମ୍ ବାଳକ ଖୋଖୋରେ ଦାରିଙ୍ଗବାଡି ବ୍ଲକ୍, ୧୪ ବର୍ଷରୁ କମ୍ ବାଳିକା ଖୋଖୋରେ ରାଇକିଆ ବ୍ଲକ୍ ,୧୭ ବର୍ଷରୁ କମ୍ ବାଳକ ହକିରେ ଫୁଲବାଣୀ ବ୍ଲକ୍, ୧୭ ବର୍ଷରୁ କମ ବାଳିକା ହକିରେ ରାଇକିଆ ବ୍ଲକ୍, ୧୭ ବର୍ଷରୁ କମ୍ ବାଳକ ବାସ୍କେଟବଲ୍‌ରେ ରାଇକିଆ ବ୍ଲକ୍, ୧୭ ବର୍ଷରୁ କମ୍ ବାଳିକା ବାସ୍କେଟବଲରେ ନୂଆପଦର ବ୍ଲକ୍ ଚାମ୍ପିଅନ ହୋଇଛି। ଏହାସହ ଚେସ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଫୁଲବାଣୀ ଏଜେ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାକେଶ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ନିବେଶ ସଚେତନତା କାର୍ଯ୍ୟକ୍ରମ

ଚକାପାଦ,୧୮।୯(ସମିସ): ଚକାପାଦ ବ୍ଲକ ଶଙ୍କରାଖୋଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଦିବସୀୟ ଅନ୍ତର୍ନିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଣ୍ଡିଗୁଡ଼ା ସିଆରସିସି ମୋତିଲାଲ ବେହେରା ଯୋଗ ଦେଇଥିବା ବେଳେ ସାଧନକର୍ମୀ ବିକ୍ରମ ଦିଗାଲ, ବ୍ଲକ ସାଧନ କର୍ମୀ ପି.ଜଗଦୀଶ ପାତ୍ର, ଧିରେନ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଏଥିରେ ୫୦ ଜଣ ଦିବ୍ୟାଙ୍ଗ ପିଲାଙ୍କ ଅଭିଭାବକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପିଲାମାନଙ୍କର ଶିକ୍ଷା ବୃତ୍ତି, ସହାୟକ ଉପକରଣ, ଶିକ୍ଷା ବା ଚାକିରୀ କ୍ଷେତ୍ରରେ ସଂରକ୍ଷଣ, ଭିନ୍ନକ୍ଷମ ପ୍ରମାଣପତ୍ର, ଶିକ୍ଷା ଅଧିକାର ଆଇନ, ଜାତୀୟ ଶିକ୍ଷା ନୀତି ୨୦୨୦ ବିଷୟରେରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଏଥିରେ ସହକାରୀ ଶିକ୍ଷକ ସୁରେଶନ ମଲ୍ଲିକ, କୁମାର କହଁର ସହଯୋଗ କରିଥିଲେ।

## ବାଇକ୍ ସହ ୧୨ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ

ଫିରିଙ୍ଗିଆ,୧୮।୯(ସମିସ): କନ୍ଧମାଳ ଜିଲ୍ଲାରେ ଜାରି ରହିଛି ଅପରେସନ ପ୍ରହାର। ଫିରିଙ୍ଗିଆ ପୁଲିସ ଏକ ବାଇକ ସହ ୧୨ କିଲୋ ୨ଶହ ଗ୍ରାମ ଗଞ୍ଜେଇ ଜବତ କରି ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ଏକ ବାଇକରେ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସ ଖବର ପାଇବା ପରେ ଏକ ଟିମ୍ ଫିରିଙ୍ଗିଆ ଥାନା ଫୁଲବାଣୀ-ବାଲିଗୁଡ଼ା ମୁଖ୍ୟ ରାସ୍ତାର କାଳିଆସାହି ନିକଟବର୍ତ୍ତୀ ଶନିମନ୍ଦିର ନିକଟରେ ଜଗି ରହି ଗଞ୍ଜେଇ ବୋଝେଇ ହୋଇ ଆସୁଥିବା ବାଇକକୁ ଧରିବାରେ ସଫଳ ହୋଇଥିଲେ। ଏହି ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତି ଜଣକ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଲାଇନପଡା ଗାଁର ନରେଶ କୁମାର ମୁଖି ବୋଲି ଜଣାପଡିଛି। ଗୁରୁବାର ଏସମ୍ପର୍କରେ ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ୩୦ କେଜି ଗୋ-ମାଂସ ଜବତ; ଜଣେ ଅଟକ

ମୋହନା,୧୮।୯(ସମିସ): ଏକ ସ୍କୁଟରରେ ଗୋ-ମାଂସ ଚାଲାଣ ବେଳେ ୩୦ କେଜି ମାଂସ ସହ ଜଣେ ଚାଲାଣକାରୀଙ୍କୁ ଅଟକ ରଖିଛି ପୁଲିସ। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଗ୍ରାମରେ। ଆଜି ସକାଳେ ସନ୍ଦେହରେ ଗ୍ରାମବାସୀ ଏକ ସ୍କୁଟରକୁ ଅଟକାଇ ଯାଞ୍ଚ କଲାବେଳେ ସେଥିରେ ଗୋ-ମାଂସ ଥିବା ଦେଖିବାକୁ ପାଇଥିଲେ। ମାଂସ ଜବତ କରି ପୁଲିସ ଜିମା ଦେଇଥିଲେ ସ୍ଥାନୀୟ ଲୋକେ। ଚାନ୍ଦିପୁଟରୁ ଜିରାଙ୍ଗ ତିବ୍ବତ କଲୋନୀକୁ ଉକ୍ତ ଗୋ-ମାଂସ ଚାଲାଣ ହେଉଥିଲା। ଚାଲାଣକାରୀ ଚାନ୍ଦିପୁଟର ଜଣେ ଯୁବକକୁ ଅଟକ ରଖି ପୁଲିସ ତଦନ୍ତ ଜାରି ରଖିଛି।

■ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

## ଗଜପତିରୁ ୭୨ଜଣ ଗଲେ ଅଯୋଧ୍ୟା




ପାରଳାଖେମୁଣ୍ଡି,୧୮।୯(ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଗଜପତି ଜିଲ୍ଲାର ୭୨ ଜଣ ଅଯୋଧ୍ୟା-ବାରଣାସୀ ଯାତ୍ରା କରିଛନ୍ତି। ଆଜି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ତୀର୍ଥଯାତ୍ରାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଜି. ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହନଗା, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, କ୍ରୀଡ଼ା ଅଧିକାରୀ ଲାବଣେନ୍ଦୁ ମହାନ୍ତି ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜଙ୍କ ଉପସ୍ଥିତିରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଦୁଇଟି ବସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ସୂଚନା ପ୍ରକାରେ ଏହି ତୀର୍ଥ ଯାତ୍ରା ଶନିବାର ବ୍ରହ୍ମପୁରରୁ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହେବ। ଏହି ଯାତ୍ରାରେ ଗୋଷାଣି ବ୍ଲକରୁ ୧୬, ରାୟଗଡ଼, ନୁଆଗଡ଼, ରା.ଉଦୟଗିରି, ମୋହନା, ଗୁମ୍ମା ବ୍ଲକର ୫ଜଣ ଲେଖାଏଁ, କାଶୀନଗର ବ୍ଲକରୁ ୯, ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିରୁ ୧୪ ଜଣ ଏବଂ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫ ଜଣ ବରିଷ୍ଠ ନାଗରିକ ରହିଛନ୍ତି। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତାଙ୍କ ସମେତ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।

## କନ୍ଧମାଳରୁ ଗଲେ ୯୧ ବରିଷ୍ଠ ନାଗରିକ

ଫୁଲବାଣୀ,୧୮।୯(ସମିସ): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ର ଯୋଜନାରେ ଆଜି କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୯୧ ଜଣ ବରିଷ୍ଠ ନାଗରିକ ଦୁଇଟି ବସ୍ ଯୋଗେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ବସ୍ ଯୋଗେ ବ୍ରହ୍ମପୁର ଏବଂ ବ୍ରହ୍ମପୁର ରେଳ ଷ୍ଟେସନଠାରୁ ଟ୍ରେନରେ ଅଯୋଧ୍ୟା ଓ ବାରଣାସୀ ଯିବେ। କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କୁମୁଦିନୀ ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ କନ୍ଧମାଳ କୁଶଳ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହ ଅଧିକାରୀ, ଜିଲ୍ଲାପରିଷଦ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ଡେପୁଟି କଲେକ୍ଟର ଅନୁପମ ଆଚାର୍ଯ୍ୟ, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ପର୍ଯ୍ୟଟନ କାର୍ଯ୍ୟାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ।



### ମାଳିକାରେ ବର୍ଣ୍ଣିତ ବିପୁଳିଙ୍ଗୀର ମା' ବିରସିଂହୀ

# ହାତ କାଟିଥିଲା କଳାପାହାଡ଼, ଗୋଟିଏ ହାତରେ ପୂଜା ପାଉଛନ୍ତି ମା'

ଛତ୍ରପୁର,୧୮ ।୯ (ସମିସ)



ମା'ଙ୍କ କରୁଣା, ମହିମା ଅବର୍ଣ୍ଣନୀୟ। ମା' ବିପଦରୁ ଉଦ୍ଧାର କରନ୍ତି। ସମସ୍ତ ଦୁଃଖକୁ ହରଣ କରି ସନ୍ତାନକୁ ସୁରକ୍ଷା ଦିଅନ୍ତି। ଏହି ବିଶ୍ୱାସରେ ଜଗତ ଚାଲିଛି। ପ୍ରତିଟି ପୀଠର ମା'ଙ୍କ ମହିମା ଓ କରୁଣା ଭିନ୍ନ ଭିନ୍ନ। କିମ୍ବଦନ୍ତୀ ଓ ଐତିହ୍ୟ ମଧ୍ୟ ଅନନ୍ୟ। ସେହିପରି ଏକ ଶକ୍ତିପୀଠ ହେଉଛି ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ବ୍ଲକଠାରୁ ୬ କିଲୋମିଟର ଦୂରରେ ଥିବା ମା' ବୀରସିଂହୀଙ୍କ ଶକ୍ତି ପୀଠ। କାହିଁକେଉଁ ଅନାଦି କାଳରୁ ମା' ଏଠାରେ ପୂଜା ପାଉଛନ୍ତି। ମା'ଙ୍କ ଆଗମନ ପ୍ରତିଷ୍ଠା ଆଦି ସମ୍ପର୍କରେ ଅନେକ ଆଜି ବି ଜାଣନ୍ତିନାହିଁ। ଏଠାକାର ବହୁ ଇତିହାସ ଅସ୍ପଷ୍ଟ ମଧ୍ୟ। କିମ୍ବଦନ୍ତୀକୁ ଯାହା ଜଣାପଡ଼େ କଳାପାହାଡ଼ ଏଠାରେ ମା'ଙ୍କ ଦୁଇ ହାତକୁ କାଟିଦେଇ ମା'ଙ୍କୁ ଛାଡି ଚାଲିଯାଇଥିଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ମା' ବିନା ହାତରେ ଏଠାରେ ପୂଜା ପାଉଛନ୍ତି। ଏହାସହ ମାଳିକାରେ ମଧ୍ୟ ଏହି ପୀଠର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଥିବା କେହି କେହି ଦାବି କରନ୍ତି।

ପାଲୁରୁଗଡ଼ ରାଜାଙ୍କ ଘର ଇଷ୍ଟ ହେଉଛନ୍ତି ମା' ବୀରସିଂହୀ। ଗଞ୍ଜାମ ଜିଲ୍ଲା ନୁହେଁ ଗଜପତି ଜିଲ୍ଲାର ବହୁ ଅଞ୍ଚଳରୁ ଶ୍ରଦ୍ଧାଳୁ ମା'ଙ୍କୁ ସେମାନଙ୍କ ଘର ଇଷ୍ଟ ଭାବେ ପୂଜା କରନ୍ତି। ଚୈତ୍ର ମାସର ପ୍ରତି ମଙ୍ଗଳବାର ଏଠି ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୁଏ। ସେହିଭଳି ଦଶହରା ସମୟରେ ମା'ଙ୍କ ତ୍ରିଦିବସୀୟ ପୂଜା ଓ ବାସନ୍ତିକ ଦୁର୍ଗୋତ୍ସବ ଓ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ପ୍ରତି ସଂକ୍ରାନ୍ତିରେ ମଧ୍ୟ ବହୁ ଶ୍ରଦ୍ଧାଳୁ ମା'ଙ୍କ ପୀଠକୁ ଦର୍ଶନ ଲାଗି ଛୁଟି ଆସିଥାନ୍ତି। ପୂର୍ବରୁ ନିମ୍ବ ଓ କରଞ୍ଜ ଗଛ ମୂଳେ ମା'ଙ୍କ ଏକ ପଥର ମୂର୍ତ୍ତି ପୂଜା ପାଉଥିଲା।

୨୦୦୦ମସିହାରେ ମା'ଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ୪୫ବର୍ଷ ପୂର୍ବରୁ ବିପୁଳିଙ୍ଗୀ ଗ୍ରାମର ସୀମାଞ୍ଚଳ ଆଚାର୍ଯ୍ୟଙ୍କ ପ୍ରଚେଷ୍ଟାରେ ମା'ଙ୍କ ମନ୍ଦିରର ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ ହୋଇଥିଲା। ମା'ଙ୍କ ମନ୍ଦିର ସୌନ୍ଦର୍ଯ୍ୟରେ ଭରପୂର। ପୀଠକୁ ଯିବାକୁ ରାସ୍ତା ଓ ଆଲୋକୀକରଣ ସହ କିଛି ଆନୁସାଙ୍ଗିକ ବ୍ୟବସ୍ଥାର ଅଭାବ ରହିଛି। ଯାହା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରେ। ପାହାଡ଼ ଉପରେ ମା' ବୀରସିଂହୀ ବିଜେ କରି ଭକ୍ତଙ୍କ ଦୁଃଖ ହରଣ କରୁଛନ୍ତି। ମା'ଙ୍କ ପ୍ରତିମୂର୍ତ୍ତି ସହିତ ମନ୍ଦିର ଖନନ ବେଳେ ବାହାରିଥିବା ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ମଧ୍ୟ ପୂଜା ପାଉଛି। ପାହାଡ଼ ଉପରେ ମା'ଙ୍କ ମନ୍ଦିରକୁ ଲାଗି ରହିଛି ଜଗନ୍ନାଥ ମନ୍ଦିର। ତା' ସାଙ୍ଗକୁ ରହିଛି ଅମରେଶ୍ୱର, ଲକ୍ଷ୍ମୀ ଓ ମଙ୍ଗଳାଙ୍କ ମନ୍ଦିର। ପୁରୀ ଜଗନ୍ନାଥ ମନ୍ଦିରର ରିତୀନିତୀକୁ ଆଧାର କରି ଏଠି ମଧ୍ୟ ଜଗନ୍ନାଥଙ୍କ ବିଭିନ୍ନ ପୂଜା ପର୍ବ ହୋଇଥାଏ।

## ଛାତ୍ରୀକୁ ଅପହରଣ ପରେ ଦୁଷ୍କର୍ମ ଘଟଣା; ଯୁବକ ଗିରଫ

ରଙ୍ଗେଇଲୁଣ୍ଡା,୧୮।୯ (ସମିସ): ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ବିଭିନ୍ନ ପ୍ରୋଲାଭନ ଦେଖାଇ ଅପହରଣ କରି ବାହାର ରାଜ୍ୟକୁ ନେଇ ଦୁଷ୍କର୍ମ ଘଟଣାରେ ଗୋଳନ୍ଥରା ପୁଲିସ ଆଜି ଅଭିଯୁକ୍ତକୁ ଗିରଫ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କୋଳଥିଗାଁର ଦିବାକର ଦାସ (୧୯) ବୋଲି ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

ଖବର ଅନୁସାରେ, ଦିବାକର ନିକଟସ୍ଥ ଗ୍ରାମର ନାବାଳିକା ଛାତ୍ରୀ ଘରେ ଏକୁଟିଆ ଥିବାବେଳେ ପ୍ରୋଲାଭନ ଦେଖାଇ ଗତ ୪ ତାରିଖରେ ଘରୁ ନେଇ ଯାଇଥିଲା। ଛାତ୍ରୀଙ୍କ ପରିବାର ଲୋକେ ଘରକୁ ଫେରି ଝିଅକୁ ପାଇନଥିଲେ। ଛାତ୍ରୀଙ୍କ ମା' ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଅପହରଣ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀକୁ ନେଇ ଦିବାକର ତାମିଲନାଡୁ ଯାଇଥିବା ସୂଚନା ପାଇ ବୁଧବାର ଗୋଳନ୍ଥରା ଥାନାର ଏକ ଟିମ୍ ସେଠାକୁ ଯାଇଥିଲା। ସେଠାରୁ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଦିବାକରକୁ ଧରିଥିଲା। ଏହାପରେ ନାବାଳିକା ଜଣକ ଦିବାକର ତାଙ୍କୁ ଦୁଷ୍କର୍ମ କରିଥିବା ପୁଲିସ ନିକଟରେ କହିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ଛାତ୍ରୀର ଡାକ୍ତରୀ ମାଇନା ପରେ ଦିବାକରକୁ ପୁଲିସ ଗିରଫ କରିଥିଲା। ବିଏନଏସଏସ ୧୮୩ ଧାରା ଅନୁସାରେ ନାବାଳିକା ଛାତ୍ରୀଙ୍କ ବୟାନ୍ ବିଚାରପତିଙ୍କ ନିକଟରେ ରେକର୍ଡ କରାଯାଇଛି। ଆଜି ସନ୍ଧ୍ୟାରେ ଦିବାକରକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ କହିଛି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଚିକିଟି,୧୮ ।୯ (ସମିସ): ଚିକିଟି ବ୍ଲକରେ ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଭାରପ୍ରାପ୍ତ ବିଡିଓ ବିଶ୍ୱରଞ୍ଜନ କହଁର ଓ ବ୍ଲକ ଚେୟାରମ୍ୟାନ ଆପନ୍ନା ସେଠୀଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ପ୍ରାୟ ୧୪ ଓ ୧୭ ବର୍ଷ କମ୍ ୧୩୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବ୍ଲକ ଶିକ୍ଷାଧିକାରୀ ପଙ୍କଜ ମାଝି, କାର୍ଯ୍ୟନିର୍ବାହୀ ଅଧିକାରୀ ନିଗମା ନନ୍ଦ ପଣ୍ଡା, ଏବିଇଓ ତ୍ରିନାଥ ମଲିକ ଓ ହରିଚନ୍ଦ୍ର ବେହେରା ପ୍ରମୁଖଙ୍କ ଉପସ୍ଥିତ ଥିଲେ।

## ଜାତୀୟ କିକ୍‌ବକ୍ସିଂରେ ଗଞ୍ଜାମର ୪ ଜଣ

ଗଞ୍ଜାମ,୧୮ ।୯ (ସମିସ): ଆସନ୍ତା ୨୨ ରୁ ୨୬ ପର୍ଯ୍ୟନ୍ତ ହିମାଞ୍ଚଳ ପ୍ରଦେଶରେ ହେବାକୁ ଥିବା ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମର ୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିପାଇଁ ଶୁକ୍ରବାର ୱାକ୍ ଓଡିଶା ପ୍ରେସିଡେଣ୍ଟ କାର୍ତ୍ତିକ ଡାକୁଆ, ଗଞ୍ଜାମ ଜିଲ୍ଲା କୋଚ୍ ପ୍ରମୋଦ କୁମାର ଅପାତ, ଦୁର୍ଗା ପ୍ରସାଦ ଦାସ ଏବଂ ଶିବାଜୀ କୁମାର ବେଜଙ୍କ ନେତୃତ୍ୱରେ ଜିଲ୍ଲାର ଚାରିଜଣ ପ୍ରତିଯୋଗୀ ପ୍ରତୀକ ନାହାକ, ଦେବାଶିଷ ସାହୁ, ବିକାଶ ବେହେରା ଏବଂ ଲକ୍ଷ୍ମଣ ଆଚାର୍ଯ୍ୟ ପ୍ରମୁଖ ଶୁକ୍ରବାର ହିମାଞ୍ଚଳ ପ୍ରଦେଶ ଗସ୍ତ କରିବେ। ଉପରୋକ୍ତ ପ୍ରତିଯୋଗୀ ମାନେ ଜୁନିଅର କିକ ବକ୍ସିଂ ପ୍ରତିଯୋଗିତାରେ ଖେଳିବେ। ବର୍ତ୍ତମାନ ଓଡିଶା କିକ ବକ୍ସିଂ ହେଡ୍‌କ୍ୱାଟର ଅନୁଗୁଳ କ୍ୟାମ୍ପରେ ସେମାନେ ଟ୍ରେନିଂ ନେଉଛନ୍ତି। ସେଠାରୁ ମନୋନୀତ ହେବା ପରେ ଏସିଆନ କିକ ବକ୍ସିଂ ପ୍ରତିଯୋଗିତାରେ ଖେଳିବେ ବୋଲି କୋଚ ଅପାତ କହିଛନ୍ତି।



## କର୍ମସ୍ଥଳୀରେ ଯୌନ ନିର୍ଯାତନା ସଚେତନତା



ଛତ୍ରପୁର,୧୮ ।୯ (ସମିସ): କର୍ମସ୍ଥଳୀରେ ମହିଳାମାନଙ୍କ ଯୌନ ନିର୍ଯାତନା ବିଷୟରେ ସଚେତନତା ପାଇଁ ଛତପୁର ସରକାରୀ ଆଇଟିଆଇରେ କର୍ମଶାଳା ଆୟୋଜନ କରାଯାଇଥିଲା। ରଶ୍ମିତା ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯେଗଦେଇଥିଲେ। ମନ୍ଦାକିନୀ ବେହାରାଇ (ସଂଯୋଜକ), ଦୀପାଶ୍ରୀ ରେଡ୍ଡୀ ଏବଂ ନିରୁପମା ବାରିକଙ୍କ ପ୍ରଭାବଶାଳୀ ବକ୍ତବ୍ୟ ଦ୍ୱାରା ଅଧିବେଶନଟି ଆହୁରି ସମୃଦ୍ଧ ହୋଇଥିଲା। ଯେଉଁମାନେ ସଚେତନତାର ଗୁରୁତ୍ୱ ଏବଂ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ସମ୍ମାନଜନକ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ବିଶ୍ୱକର୍ମା ସମାଜର ସାଂଗଠନିକ ବୈଠକ



ରମ୍ଭା,୧୮ ।୯ (ସମିସ): ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନ ପରିସରରେ ବିରୁଳି ତାଲୁକା ବିଶ୍ୱକର୍ମା ସମାଜ(ବଢ଼େଇ କୂଳ) ପକ୍ଷରୁ ସଭାପତି ଯୋଗୀନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁବିଧ କାର୍ଯ୍ୟକ୍ରମ ସମ୍ପର୍କରେ ୩୪ତାଲୁକାର ପଦାଧିକାରୀଙ୍କ ଉପସ୍ଥିତିରେ ପ୍ରସ୍ତାବ ଗୃହୀତ ହୋଇଥିଲା।

କାର୍ଯ୍ୟକ୍ରମରେ ୩୪ ତାଲୁକାର ସଭାପତି ସନ୍ତୋଷ କୁମାର ମହାରଣା ସମ୍ପାଦକ ହାଡୁବନ୍ଧୁ ମହାରଣା, ପୂର୍ବଖଣ୍ଡ ତାଲୁକା ଯାଞ୍ଚ କମିଟି ଅଧ୍ୟକ୍ଷ ନିରଞ୍ଜନ ମହାରଣା, ଉପଦେଷ୍ଟା ତଥା ୩୪ତାଲୁକା ଉପସଭାପତି ବାବୁଲା ମହାରଣା, ବିରୁଳି ତାଲୁକା ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ସମ୍ପାଦକ ଦଣ୍ଡପାଣି ମହାରଣା, ଉପସଭାପତି ଗୋପାଳକୃଷ୍ଣ ମହାରଣା, ସହ ସମ୍ପାଦକ କିଶୋର ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମହାରଣା, ଉପଦେଷ୍ଟା କାଶୀନାଥ ମହାରଣା, ସୁଦର୍ଶନ ମହାରଣା, ଲଡୁ କିଶୋର ମହାରଣା,ସଭ୍ୟ ହରିହର ମହାରଣା, ନିରଞ୍ଜନ ମହାରଣା, ପିଣ୍ଟୁ ମହାରଣା, ଦୁର୍ଯ୍ୟୋଧନ ମହାରଣା, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାରଣା, କବିରାଜ ମହାରଣା, କେଦାର ମହାରଣା , ପୂର୍ବତନ ଉପଦେଷ୍ଟା ଦିବାକର ମହାରଣା ସମେତ ରମ୍ଭାବାସୀ ଓ କାର୍ଯ୍ୟକାରୀ କମିଟି ଉପସ୍ଥିତି ରହିଥିଲେ।

## ରାସ୍ତା ନିର୍ମାଣ ଦାବିରେ ରାସ୍ତା ଅବରୋଧ

ସାନଖେମୁଣ୍ଡି,୧୮ ।୯ (ସମିସ): ଆସିକା-ଦିଗପହଣ୍ଡି ୩୨୬ ନଂ. ଜାତୀୟ ରାଜପଥ ପଳାଶପୁର ଛକ ନିକଟରେ ଗୁରୁବାର ପଳାଶପୁର ବଣିକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ରାସ୍ତା ଅବରୋଧ କରିଥିଲେ। ସୂଚନା ମୁତାବକ ଆସିକା - ଦିଗପହଣ୍ଡି ମୁଖ୍ୟ ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଗାଡି ମୋଟର ସହ ଛାତ୍ରଛାତ୍ରୀ ମାନେ ସ୍କୁଲ କଲେଜକୁ ଯିବା ଆସିବା କରିଥାନ୍ତି। କିନ୍ତୁ ପଳାଶପୁର ଛକରେ ରାସ୍ତା ସଂପୂର୍ଣ୍ଣ ଭାବେ ଖାଲ ହୋଇଯାଇଥିବା ବେଳେ ଘୋଡ଼ାହାଡ଼ ନଦୀରେ ଥିବା ବହୁ ପୁରାତନ ପୋଲଟି ମଧ୍ୟ ଖରାପ ହୋଇଯାଇଛି। ଫଳରେ ଉକ୍ତ ରାସ୍ତାରେ ଛୋଟ ବଡ ଦୁର୍ଘଟଣା ଘଟୁଛି।



ଏନେଇ ବାରମ୍ବାର ଜାତୀୟ ରାଜପଥ ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା ମରାମତି ହେଉନି। ଫଳରେ ବଣିକ ସଂଘ ଓ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ପାଟପୁର ଥାନା ଏସଆଇ ଶୁଭଲକ୍ଷ୍ମି କହଁର, ଶ୍ରୀନିବାସ ଦାସ, ଏଏସଆଇ ସନ୍ତୋଷ କୁମାର ମିଶ୍ର, ସୁଧୀର ନାୟକ, ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ଖୁବ ଶୀଘ୍ର ରାସ୍ତା ନିର୍ମାଣ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଆଗାମୀ ଦିନରେ ଯଦି ରାସ୍ତା ମରାମତି କରା ନ ଯାଏ ତେବେ ପୁଣି ଜାତୀୟ ରାଜପଥ ଅବରୋଧ କରାଯିବା ନେଇ ଚେତାବନୀ ଦେଇଛନ୍ତି।

## ଗର୍ଭବତୀଙ୍କୁ ପଚାଅଣ୍ଡା ପ୍ରଦାନ ନେଇ ଅସନ୍ତୋଷ

ପାତ୍ରପୁର,୧୮ ।୯ (ସମିସ): ତଣ୍ଡିପୁର ପଞ୍ଚାୟତ ଅନ୍ତର୍ଗତ ପୋଲରାଜପୁର ଅଙ୍ଗନବାଡି କେନ୍ଦ୍ରରେ କିଶୋରୀ ଓ ଗର୍ଭବତୀଙ୍କୁ ପଚାଅଣ୍ଡା ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଉକ୍ତ ଗ୍ରାମର ଦୀପା କୁଣ୍ଡ ଓ ରୂପାଲି କୁଣ୍ଡଙ୍କୁ କିଶୋରୀ ବାଳିକା ଭାବେ ୧୦ଟି ଅଣ୍ଡା ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ପ୍ରଦାନ କରିଥିଲେ। ଉଭୟ ଅଣ୍ଡା ନେଇ ଘରେ ଦେଖିବା ବେଳେ ୨/୩ଟି ପଚି ଯାଇଥିଲା। ଏନେଇ ସେମାନେ ଅଭିଯୋଗ କରିଥିଲେ।

ସେହିଭଳି ଉକ୍ତ ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କୁ ମଧ୍ୟ ଅଣ୍ଡା ପ୍ରଦାନ କରାଯାଇଥିବା ବେଳେ ସେଥିରୁ ମଧ୍ୟ ପଚା ଅଣ୍ଡା ବାହାରିଥିବା ଅଭିଯୋଗ ହୋଇଛି। ଗର୍ଭବତୀଙ୍କୁ ପ୍ରତି ସପ୍ତାହରେ ୩ଟି ହିସାବରେ ମାସକୁ ୧୨ଟି ଅଣ୍ଡା ପ୍ରଦାନ କରିବାକୁ ନିୟମ ରହିଥିବା ବେଳେ କିଶୋରୀ ବାଳିକାଙ୍କୁ ସପ୍ତାହରେ ୪ଟି ହିସାବରେ ମାସକୁ ୧୬ଟି ଅଣ୍ଡା ପ୍ରଦାନ ପାଇଁ ନିୟମ ରହିଛି। ଘଟଣା ସମ୍ପର୍କରେ ସ୍ଥାନୀୟ ସୁପରଭାଇଜରଙ୍କ ସହ ଯୋଗାଯୋଗ କରିବାରୁ ସିଡିପିଓ ଗ୍ରାମକୁ ଯାଇ ତଦନ୍ତ କରି ଫେରିଛନ୍ତି ସେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ପାତ୍ରପୁର ସିଡିପିଓଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇନାହିଁ। ଗ୍ରାମରେ ସିଡିପିଓ ଅଭିଯୋଗକାରୀଙ୍କୁ ଭେଟି ଘଟଣାକୁ ଚପାଇଲା ଭଳି ଅଣ୍ଡା ସିଝାଇ ଖାଇବା ପାଇଁ ପ୍ରଦାନ କରାଯାଇଛି। ପଠାଇବା ପାଇଁ କିଏ କହିଲା ବୋଲି ପ୍ରଶ୍ନ କରିଥିବା ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ଯାହାକୁ ନେଇ ଅଙ୍ଗନବାଡିଙ୍କ ଭୁଲକୁ ଘଣ୍ଟ ଘୋଡ଼ାଇବା ପାଇଁ ବିଭାଗ ଚେଷ୍ଟା କରୁଛି ବୋଲି ଚର୍ଚ୍ଚା ହେଉଛି।

## ବିଶ୍ୱ ବାଉଁଶ ଦିବସ ପାଳିତ



ଛତ୍ରପୁର,୧୮ ।୯ (ସମିସ): ବାଉଁଶ ମଣିଷର ଏନ୍ତୁଡିଶାଳରୁ ମଶାଣି ଯାଏଁ ବ୍ୟବହାର ହୋଇଥାଏ। କିନ୍ତୁ ଏବେ ଆଗଭଳି ଆଉ ବାଉଁଶ ମିଳୁନାହିଁ। ଯାହାଫଳରେ ଏହାଉପରେ ନିର୍ଭର କରି ନିଜ ଜୀବିକା ଅର୍ଜନ କରୁଥିବା ମଦାରିମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଏହି ବିଶ୍ୱ ବାଉଁଶ ଦିବସ ଛତ୍ରପୁର ରିକାପଲ୍ଲୀ ଠାରେ ମଦାରି ସମ୍ପ୍ରଦାୟ ପକ୍ଷରୁ ପାଳନ କରାଯାଇଛି। ଅନ୍ତଃରାଷ୍ଟ୍ରୀୟ ମଦାରି ସଙ୍ଗମ ପକ୍ଷରୁ ଏହି ଦିବସ ପାଳନ କରାଯିବା ସହ ୭ ଦଫା ଦାବି ଜିଲ୍ଲା ପ୍ରଶାସନ ନିକଟରେ ରଖିଛନ୍ତି। ପ୍ରାରମ୍ଭରେ ଏକ ବିରାଟ ପଟୁଆରରେ ଛତ୍ରପୁର ମେଦିରି ସାହିରୁ ବାହାରି ରିକାପଲ୍ଲୀ ନିକଟରେ ପହଂଚିଥିଲେ। ସେଠାରେ ଏକ ସଭାରେ ସେମାନଙ୍କ କୌଳିକ ବୃତ୍ତିକୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅନ୍ତଃରାଷ୍ଟ୍ରୀୟ ମଦାରି ସଙ୍ଗମର ସଭାପତି ଟି.ଧର୍ମା ରାଓ, ସଂପାଦକ ଟି.ଭେଙ୍କେଟ କ୍ରିଷ୍ଣା, କୋଷାଧ୍ୟକ୍ଷ ଡ.କେ.କ୍ରିଷ୍ଣା କୁମାର, ଛତ୍ରପୁର ଏନଏସି ଉପାଧ୍ୟକ୍ଷା ଜି.ପାପା ରାଓ, ୧୨ ନଂ ୱାର୍ଡ କାଉନସିଲର ବି.ନିଶ୍ଚଳା ସ୍ୱାମୀ. କେ.ଚନ୍ଦ୍ରଶେଖର ରେଡ୍ଡୀ, ଡି.ସୁରେଶ ରେଡ୍ଡି, ପୂର୍ବତନ କାଉନସିଲର ବି.ରାଜି ବାବୁ, ଛତ୍ରପୁର ମଦାରି ସଂଘର ସଭାପତି କେ.ଦିଲି ରାଓ, ସମ୍ପାଦକ ଟି. ଭେନୁ ଗୋପାଳ ପ୍ରମୁଖ ମଞ୍ଚାସୀନ ରହି ଏହି ଦିବସ ଉପରେ ମତପୋଷଣ କରିଥିଲେ। ସରକାରଙ୍କ ନିକଟରେ ୭ ଦଫା ଦାବି କରାଯାଇଛି। ଦାବି ମଧ୍ୟରେ ବାଉଁଶ କରିଗରଙ୍କୁ ଫରେଷ୍ଟ ଏସଡିଏମ ଓ ଡିଏମ ଅଫିସରୁ ଆବଶ୍ୟକ ମୁତାବକ କଞ୍ଚା ଶାଳିମ୍ବ ବାଉଁଶ ଉଚିତ ମୂଲ୍ୟରେ ଯୋଗାଇବା, ସରକାରଙ୍କ ପକ୍ଷରୁ ବିଭିନ୍ନ ବ୍ଲକରେ ଉକ୍ତ ବାଉଁଶ କାରିଗରମାନଙ୍କୁ ବୁଣାକାର ତାଲିମ ପ୍ରଦାନ ଭଳି ଦାବି କରାଯାଇଛି।

କାର୍ଯ୍ୟକ୍ରମକୁ ସିଏଚ୍.ଲଛମନ ରାଓ ମଞ୍ଚ ପରିଚାଳନା କରିଥିବା ବେଳେ କେ.କାମେଶ୍ୱରରାଓସହଯୋଗକରିଥିଲେ।

## ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ନଷ୍ଟ କଲା ପୁଲିସ

ଛତ୍ରପୁର,୧୮ ।୯ (ସମିସ): ଛତ୍ରପୁର ଥାନା ପକ୍ଷରୁ ବୁଧବାର ସୁନ୍ଦରପୁର ଗ୍ରାମରୁ ୧୦ ଲକ୍ଷରୁ ଅଧିକ ଟଙ୍କାର ବାଣ ଜବତ କରିଥିବା ବେଳେ ଗୁରୁବାର ତାହାକୁ ନଷ୍ଟ କରିଦିଆଯାଇଛି। କୋର୍ଟଙ୍କ ଠାରୁ ଆବଶ୍ୟକୀୟ ନିର୍ଦ୍ଦେଶ ପାଇବା ପରେ, ବୋମା ସ୍କ୍ୱାର୍ଡ, ମାଜିଷ୍ଟ୍ରେଟ, ଫାୟାର କର୍ମଚାରୀ, ଡାକ୍ତର ଏବଂ ପୁଲିସ କର୍ମଚାରୀଙ୍କ ଉପସ୍ଥିତରେ ପାଲୁର ନିକଟ ଫାୟାର ରେଞ୍ଜ ଜଙ୍ଗଲରେ ଜବତ ବାଣକୁ ପୋଡି ତାହା ଉପରେ ପାଣି ପକାଇ ପୋତି ନଷ୍ଟ କରି ଦିଆଯାଇଛି ବୋଲି ଛତ୍ରପୁର ଥାନାଧିକାରୀ କହିଛନ୍ତି। ଏଥିରେ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ, ଅତିରିକ୍ତ ତହସିଲଦାର ଏନ. ରବି ପ୍ରଧାନଙ୍କ ସମେତ ବହୁ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ବୁଧବାର ଛତ୍ରପୁର ଥାନା ପୁଲିସ ଓ ମାଜିଷ୍ଟ୍ରେଟ ମିଳିତ ଚଢ଼ଉ କରି ସୁନ୍ଦରପୁର ଗ୍ରାମ ଟାୱାର ସାହିର ତିନୋଟି ଘରୁ ବେଆଇନ ବାଣକୁ ଜବତ କରିଥିଲେ। ଗୋଟିଏ ଘରର ତାଲା ମଧ୍ୟ ଭଙ୍ଗାଯାଇଥିଲା। ଜବତ ବାଣର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ।

# ସାର ପାଇଁ ଚାଷୀଙ୍କ ଚିତ୍କାର; ନିଦାବିଷ୍ଟ ସରକାର

କୋଦଳା,୧୮ ।୯ (ସମିସ)



ହଳଦିଆ ଦିଶିଲାଣି ଚାଷ ଜମି, ଆଉ କିଛିଦିନ ମଧ୍ୟରେ ଯଦି ଆବଶ୍ୟକ ମୁତାବକ ସାର ନ ମିଳେ ତାହାହେଲେ ଧାନ ଅମଳ କରିବା ଚାଷୀଙ୍କ ପାଇଁ ସାତ ସପନ ହୋଇ ରହିଯିବ। ବର୍ତ୍ତମାନ କେବଳ କୃଷକଙ୍କ ଆକୁଳ ନିବେଦନ ମୋତେ ଆବଶ୍ୟକୀୟ ସାର ମିଳୁ, ସରକାରୀ ଦୋକାନ ହେଉ କିମ୍ବା ବାହାର ଦୋକାନ ଯେଉଁଠାରୁ ମିଳୁ କିନ୍ତୁ ତୁରନ୍ତ ସାର ଆବଶ୍ୟକ। ନଚେତ ଆମ୍ଭେ ସାହୁକାରର ଋଣଗ୍ରସ୍ତ ଚାଷୀ ହୋଇଯିବୁ। ଏଣୁ ତୁରନ୍ତ ଆମକୁ ଆବଶ୍ୟକୀୟ ସାର ଯୋଗାନ୍ତୁ ସରକାର। ଅପରପକ୍ଷରେ କୋଦଳା ନିକଟରେ ଥିବା ସମସ୍ତ ସମବାୟ ସମିତିକୁ ୟୁରିଆ ସାର ପହଞ୍ଚି ଚାଷୀ କିଛି ମାତ୍ରା ଉପକୃତ ହୋଇଥିବା ବେଳେ କୃଷି ବିଭାଗ କିମ୍ବା ସମ୍ପାଦକଙ୍କ ଅପାରଗତାରୁ କୋଦଳା ସମବାୟ ସମିତି ସେଥିରୁ ବାଦ ପଡିଥିଲା ଯାହା ଫଳରେ ଅଞ୍ଚଳରେ ସାରର ଘୋର ଅଭାବ ଦେଖାଦେଇଛି। ବାହାର ଦୋକାନରେ ଯାହା ବି ଥିଲା ସେମାନେ ଏହାର ସୁଯୋଗ ନେଇ ମନଇଚ୍ଛା ଦରରେ ବିକ୍ରି କରିଦେଇ ରହିଗଲେ। ଏ ବିଷୟରେ 'ସକାଳ' ପ୍ରତିନିଧି ସମବାୟ ସମିତି ସମ୍ପାଦକ ଅରୁଣ ସାହୁ ଓ କୃଷି ଅଧିକାରୀ ରାମଲାଲ ସମଦଙ୍କୁ ସାର ନ ଆସିବାର କାରଣ ପଚାରିବାରୁ ଦୁଇ ଅଧିକାରୀ ଭିନ୍ନ ଭିନ୍ନ କଥା କହିଥିଲେ, ସଠିକ ତଥ୍ୟ ମଧ୍ୟ ଦେଇପାରି ନଥିଲେ। ସାର ନ ଆସିବା ନେଇ କାହାର ଭୁଲ ବି ଜଣାପଡିଲା ନାହିଁ। କିନ୍ତୁ ଯେମିତି ବି ହେଉ କୋଦଳା ପାକ୍ସ ନହେଲେ ବି ନିକଟସ୍ଥ ପାକ୍ସ ଆଇଡିରେ କୋଦଳାକୁ ସାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ କୃଷି ଅଧିକାରୀ। ବାରମ୍ବାର ଖବର ପ୍ରସାରଣ ପରେ ଏନ୍‌ଏସି ପାକ୍ସକୁ ଅନ୍ୟ ଆଇଡିରେ ମାତ୍ର ୪୫୦ କ୍ୱିଣ୍ଟାଲ ସାର ପହଞ୍ଚିଥିଲା, ଯାହା କି ସମୁଦ୍ର କୁ ଶଙ୍ଖେ। ତାହା ପୁଣି ଗାଇଡ୍ ଲାଇନ ଭିତ୍ତିରେ ପ୍ରଦାନ କରାଯିବ। ପ୍ରଥମେ ଲୋନ କରିଥିବା ଏବଂ ମଣ୍ଡିରେ ନାମ ଲେଖାଇଥିବା ଚାଷୀଙ୍କୁ ଗୋଟିଏ ଗୋଟିଏ ଏବଂ ଅବଶିଷ୍ଟ ଅନ୍ୟମାନଙ୍କୁ ବଣ୍ଟନ କରାଯିବ। ପ୍ରଥମ ଦିନ ନିୟମ ମୁତାବକ ଚାଷୀଙ୍କୁ ଗୋଟିଏ ଗୋଟିଏ ସାର ଦିଆଯାଇଥିବା ବେଳେ ଦ୍ୱିତୀୟ ଦିନରେ ସେଥିରେ ବ୍ୟତିକ୍ରମ ଦେଖାଦେଇଥିବା ଜଣାପଡ଼ିଛି। ଯିଏ ଯେମିତି ସମ୍ପର୍କ ଦେଖି ସାର ନେଇଗଲେ। ବହୁ ଉପଯୁକ୍ତ ହିତାଧିକାରୀ ସେଥିରୁ ବଞ୍ଚିତ ହେଲେ। ଯାହାକୁ ୫ ବସ୍ତା ଦରକାର ତାକୁ ଗୋଟିଏ ମିଳିଲା ବର୍ତ୍ତମାନ ଆଉ ସାର ନାହିଁ।

ନିକଟସ୍ଥ ସମସ୍ତ ପାକ୍ସରେ ସମଦଶା। ଦିନସାରା ଲମ୍ବା ଧାଡି, ମିଳୁନି ଆବଶ୍ୟକୀୟ ସାର, ଦିନସାରା ଧାଡ଼ରେ ଠିଆହୋଇ ସନ୍ଧ୍ୟାରେ ଘରକୁ ଫେରୁଛି ଚାଷୀ। ଚାଷୀଙ୍କ ଗୁହାରି ଶୁଣିବାକୁ କେହି ନାହିଁ। ଗୁରୁବାର କୃଷି ଅଧିକାରୀଙ୍କୁ ଯୋଗାଯୋଗ ପରେ ସେ କହିଥିଲେ ଯେ ପୁଣି ଦୁଇଗାଡ଼ି କୋଦଳାକୁ ଆସିବ ଏବଂ ଯଦି କିଛି ସାର ଯୋଗାଣରେ ବ୍ୟତିକ୍ରମ ହୋଇଛି ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେ ଯାହା ବି ହେଉ ବର୍ତ୍ତମାନ ପ୍ରଥମ ସାରର ସମୟ, ଆହୁରି ଗୋଟିଏ ଥର ୟୁରିଆ ସାର ଆବଶ୍ୟକ ଏଣୁ ଯଥାଶୀଘ୍ର ଆବଶ୍ୟକୀୟ ସାର ଯୋଗାଇ ଦିଅନ୍ତୁ ସରକାର ବୋଲି କୃଷକ ମାନେ ଦାବି କରିଛନ୍ତି।

### କୋଷ୍ଟ କେନାଲରୁ ନିଖୋଜ ନାବାଳିକାର ଗଳିତ ଶବ ଉଦ୍ଧାର

# ଗଣଦୁଷ୍କର୍ମ ପରେ ହତ୍ୟା ସନ୍ଦେହ



**ଭଦ୍ରକ/ବାସୁଦେବପୁର, ୧୮ ।୯ (ସମିସ)**

ଜଣେ ନାବାଳିକା ଅପହରଣର ହେବାର ୫ ଦିନ ପରେ ଗଳିତ ଶବ ମିଳିଛି। କୋଷ୍ଟ କେନାଲରୁ ଅପହୃତା ନାବାଳିକାର ମୃତଦେହକୁ ଓଡ୍ରାଫ ଓ ଦମକଳବାହିନୀ ଉଦ୍ଧାର କରିଛି। ସକାଳେ ଆରମ୍ଭ କରିଥିଲେ ସର୍ଚ୍ଚ ଅପରେସନ; ହେଲେ ଘାସ ବୁଦାରେ ଲୁଚି ରହିଥିଲା ଶବ। ପରେ ବହୁ ଖୋଜାଖୋଜି କରିବା ପରେ ନାବାଳିକାର ମୃତଦେହ ଠାବ କରିଥିଲେ। ଶହ ଶହ ଲୋକଙ୍କ ଆଗରେ ଚାଲିଥିଲା ସର୍ଚ୍ଚ ଅପରେସନ। ଦୀର୍ଘ ୫ଦିନ ଧରି ପୁଲିସ ଛାନ୍‌ଭିନ୍ କରି ନିରାଶ ହୋଇଥିଲା। ଓଡ୍ରାଫ ଓ ଫାୟାର ମ୍ୟାନଙ୍କ ହାତରେ ଲାଗିଥିଲା ଶବ। ବାସୁଦେବପୁର ପୌରପାଳିକାର ଏକ ନମ୍ବର ୱାର୍ଡ ରାଧାନାଥପୁର ଆଡିଆ ୯ବର୍ଷର (୪ର୍ଥ ଶ୍ରେଣୀ) ନାବାଳିକାକୁ ଅପହରଣ କରାଯାଇ ଥିଲା। ସନ୍ଧ୍ୟାରେ ଘରକୁ ଲାଗି ରାସ୍ତା ପାଖରେ ଶୌଚ କରିବାକୁ ଯାଇଥିବାବେଳେ ନାବାଳିକା ଅପହରଣର ଶିକାର ହୋଇଥିଲା। ଅନ୍ଧାରରେ ଅପହରଣ କରିନେଇଥିଲେ ଦୁର୍ବୃତ୍ତ। ପରେ ଏ ନେଇ ଚୂଡ଼ାମଣୀ ସାମୁଦ୍ରିକ ଥାନାର ଅଭିଯୋଗ ହୋଇଥିଲା। ସେଦିନ ରାତିତମାମ ଗ୍ରାମବାସୀ ଓ ପୁଲିସ ଖୋଜିଥିଲେ ମଧ୍ୟ କୌଣସି ପତ୍ତା ପାଇନଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ତାପରଦିନରୁ କେହି ସନ୍ଧ୍ୟା ହେଲେ ଘରୁ ବାହାରିଲେନାହିଁ। ଘଟଣାର ତଦନ୍ତ କରିବାକୁ ଭଦ୍ରକ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ ପହଞ୍ଚି ତଦନ୍ତ କରି ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ଗତକାଲି ପୂର୍ବାଞ୍ଚଳର ଡିଆଇଜି ପିନାକ ମିଶ୍ର ରାଧାନାଥପୁର ଆଡିଆରେ ପହଞ୍ଚି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ। ବିଭିନ୍ନ ଜଳାଶ୍ରୟରେ ଖୋଜାଖୋଜି କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ମୃତ୍ୟୁର କାରଣ

## ଓଡ୍ରାଫ୍ ଓ ଦମକଳବାହିନୀ ଠାବ କଲେ ମୃତଦେହ

ଜଣାପଡ଼ି ନ ଥିଲେ ମଧ୍ୟ ଏକ ପରିତ୍ୟକ୍ତ ମୋଟରସାଇକେଲକୁ ନେଇ ଅପହରଣ ହୋଇଥାଇପାରେ ବୋଲି କହିଥିଲେ ଅପହୃତ ନାବାଳିକାର ଅଜା। ଆଜି ସକାଳେ ରାଧାନାଥପୁର ଆଡିଆ କୋଷ୍ଟକେନାଲ ନାଳୀରେ ଓଡ୍ରାଫ ଓ ଫାୟାର ମ୍ୟାନ ମିଳିତ ଭାବେ ସର୍ଚ୍ଚ କରୁଥିବା ବେଳେ ଶବକୁ ଠାବ କରିଥିଲେ। ୫ଦିନ ଧରି ଚାଲିଥିବା ତଦନ୍ତ ଶେଷ ହୋଇଛି। ଓଡ୍ରାଫ ଓ ଫାୟାର ମ୍ୟାନ ମିଳିତ ଉଦ୍ୟମ ଶବ ଠାବ କରିବାରେ ସଫଳ ହୋଇଛନ୍ତି। କୋଷ୍ଟକେନାଲରୁ ନାବାଳିକାର ମୃତଦେହକୁ ଉଦ୍ଧାର କଲେ ଓଡ୍ରାଫ ଓ ଫାୟାର ମ୍ୟାନ ଟିମ। ଖବର ପାଇ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ବାସୁଦେବପୁର ତହସିଲଦାର ତଥା ମାଜିଷ୍ଟ୍ରେଟ ସତ୍ୟବ୍ରତ ଦାସଙ୍କ ଉପସ୍ଥିତରେ ଶବ ଉଦ୍ଧାର କରି କଟକ ବଡ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ରାଧାନାଥପୁରରେ ଡିଆଇଜି ପିନାକ ମିଶ୍ର ପହଞ୍ଚି ଘଟଣା ସ୍ଥଳକୁ ଲାଗି ଚିଙ୍ଗୁଡି ଘେରିରେ ଥିବା ଘର ମଧ୍ୟ ବୁଲି ଦେଖିଥିଲେ। ନାବାଳିକାର ମୃତ୍ୟୁର ସଠିକ କାରଣ ପୁଲିସ ସ୍ପଷ୍ଟ ଭାବେ କହିନଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ସମସ୍ତ ଘଟଣା ପଦାକୁ ଆସିବ। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସପି ଓ ଡିଆଇଜି କହିଛନ୍ତି। ଅପହୃତ ନାବାଳିକାର ଗଳିତ ଶବ ସଢି ଯାଇଥିବାରୁ କିଛି କହିବା ସମ୍ଭବ ନୁହେଁ ବୋଲି ପୁଲିସ ଅଧିକାରୀ କହିଛନ୍ତି। ତେବେ ନାବାଳିକାକୁ ଗଣ ଦୁଷ୍କର୍ମ କରି ହତ୍ୟା କରାଯାଇ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ।



ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଜୟଦୁର୍ଗାଙ୍କ ଷୋଡଶ ଦିବସୀୟ ପୂଜାରେ ମା'ଙ୍କ ଭବାନୀ ବେଶ

### 'ଆମ ମାତୃଭାଷା ପରିଷଦର କନ୍ୟା ସଂକ୍ରାନ୍ତି ଆସର'

# ପୁସ୍ତକ 'ଗୀତି କବିତାର ସୁରେ' ଉନ୍ମୋଚିତ




**ଭଦ୍ରକ, ୧୮।୯ (ସମିସ):** 'ଆମ ମାତୃଭାଷା ପରିଷଦ'ର କନ୍ୟା ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀ ନଗର ସ୍ଥିତ ଗୁରୁ କୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଆସରକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ପ୍ରାକ୍ତନ ଜିଲ୍ଲା ଆୟୁ ଚିକିତ୍ସାଧିକାରୀ ଡାକ୍ତର ଅନିଲ କୁମାର ଦାଶଙ୍କ ଲିଖିତ ପୁସ୍ତକ ଗୀତିକବିତାର ଆଭିମୁଖ୍ୟ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଡ. ଗୋଲକ ବିହାରୀ ସାହୁ, ମୁଖ୍ୟବକ୍ତା ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗୀତିକାର ଅରୁଣ କୁମାର ପାତ୍ର, ସମ୍ମାନିତ ଅତିଥି ଅଧ୍ୟକ୍ଷ ନୀହାର ରଞ୍ଜନ କର, ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ଶିକ୍ଷାବିତ୍ ଗୟାଧର ପଣ୍ଡା, ଉମେଶ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର, ସତ୍ୟ ସେଠୀ, ନାଟ୍ୟଶ୍ରୀ ନିର୍ମଳ ରାଉତ, ପାର୍ଥସାରଥି ମହାନ୍ତି ପ୍ରମୁଖ ଯୋଗଦେଇ ଗୀତି କବିତା ହୃଦୟର ଭାବକୁ ଗୀତ ବା ସଙ୍ଗୀତରେ ଉପସ୍ଥାପନ କରିବାର ପ୍ରଣାଳୀ ଯତିପାତ ଓ ସୁଲଳିତ ମାର୍ମିକ ସୁରରେ ମନକୁ ଛୁଇଁବାର ଲିଖନ ମାତ୍ର। ଗୀତି କବିତାର ପ୍ରକୃତ ସ୍ୱରୂପ ହେଲା ଏହା ପୁରାତନ କାଳରୁ ସଙ୍ଗୀତଧାରା ମାତ୍ର ଜୀବନଚର୍ଯ୍ୟାରେ ଗୀତି କବିତା ହୃଦୟ ଓ ମନର ସ୍ୱରୂପକୁ ପ୍ରତିପାଦନ କରେ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ତଥା ନ୍ୟାସନାଲ ହ୍ୟୁମାନ୍ ରାଇଟସ୍ ସଦସ୍ୟ ଶିକ୍ଷାବିତ୍ ଜଗନ୍ନାଥ ନାୟକ ଓ ପ୍ରାକ୍ତନ ଅଧ୍ୟକ୍ଷ ଅବନୀ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବିପ୍ଳବ କୁମାର ହୋତା, ରମେଶ ଚନ୍ଦ୍ର ଦାସ, ଅରୁପାନନ୍ଦ ନାୟକ, ଅଂଶୁମାନ ସ୍ୱାଇଁ, କୈଳାସ ଦାସ, ସୁବାସ ଚନ୍ଦ୍ର ବଳ, ଶଶାଙ୍କ ଶେଖର ପଣ୍ଡା, ବଳରାମ ପାଢ଼ୀ, ସନ୍ତୋଷ କୁମାର ମିଶ୍ର, ଉପେନ୍ଦ୍ର କୁମାର ବାରିକ, ପୀତାମ୍ବର ଦାଶ, ଦୀପ୍ତିମୟୀ ସାହୁ, ନାରାୟଣ ଚନ୍ଦ୍ର ପାଢ଼ୀ, ସୁଶ୍ରୀ ସଙ୍ଗିତା ମହାପାତ୍ର, ବିଜୟ କୁମାର ବହଳୀ, ହରିଶଚନ୍ଦ୍ର ଦାସ, ସରୋଜିନୀ ନାୟକ, ସୁରେଶ ସାହୁ, ନରେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ବହୁକବି ସ୍ୱରଚିତ କବିତା ପାଠ କରିଥିଲେ। ବେଦ ପାଠ, ପ୍ରାରମ୍ଭିକ ଭଜନ ଓ ସମ୍ପାଦକୀୟ ପାଠ ସହସମ୍ପାଦିକା ମମତା ରାଣୀ ଦାଶ ମିଶ୍ର, ମଞ୍ଚ ଆହ୍ୱାନ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ମଞ୍ଚ ପରିଚାଳନା ଇଂ. ଦେବୀ କିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ ଓ ଶେଷରେ ବୈକୁଣ୍ଠନାଥ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ

**ଧାମନଗର, ୧୮ ।୯ (ସମିସ):** ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ପୂଜା ବିଭିନ୍ନ ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ ଏବଂ ସଂଗଠନରେ ଶ୍ରଦ୍ଧା ଓ ଭକ୍ତିର ସହ ପୂଜା ପାଳନ ହୋଇଛି। ଧାମନଗର ଏନଏସି ଅନ୍ତର୍ଗତ ନିତ୍ୟାନନ୍ଦ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଡାଇରେକ୍ଟର ଜୟନ୍ତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମା ପୂଜା ମହାଆଡ଼ମ୍ବରରେ ପାଳନ ହୋଇଥିଲା। ସେହିପରି ପଳିକିରି ଛକ ମା' ରାଇସ ମିଲ କାର୍ଯ୍ୟାଳୟଠାରେ ଅନୁଷ୍ଠାନର ମୁଖ୍ୟ କୈଳାସ ଚନ୍ଦ୍ର ମହାପାତ୍ର, ଧାମନଗର ଏନ୍‌ଏସିକାର୍ଯ୍ୟାଳୟ ପରିସରରେ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମାଙ୍କ ପୂଜା ପାଳନ କରିଛନ୍ତି। ସେହିପରି ଠିକାଦାର ସଂଘ ପକ୍ଷରୁ ଓ ଧାମନଗର ଟ୍ରେକର ଷ୍ଟାଣ୍ଡଠାରେ ଡ୍ରାଇଭର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ଧୁମଧାମରେ ପାଳନ କରିଛନ୍ତି। ଧାମନଗର ବିଦ୍ୟୁତ ବିଭାଗ ପକ୍ଷରୁ ପାୱାର ହାଉସ୍ ଠାରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି। ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳର ବିଭିନ୍ନ ଯାନ୍ତ୍ରିକ, ଗ୍ୟାରେଜ ଏବଂ କାରିଗରୀ ଦୋକାନ ତଥା ଅନୁଷ୍ଠାନ ପକ୍ଷରୁ ନିର୍ମାଣ ଓ କାରିଗରୀ ଜ୍ଞାନର ଦେବତା ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପ ଓ ମେଢ ଆଲୋକରେ ସୁସଜ୍ଜିତ ହୋଇ ବେଶ ଆକର୍ଷଣୀୟ ଦେଖିବାକୁ ମିଳିଛି।



### ବଡ଼ ସରକାର ବାବାଙ୍କ ୧୧ତମ ଉର୍ଷ ଉତ୍ସବ

# ବଜମେ ହବିବ କମିଟିର ପ୍ରସ୍ତୁତି ବୈଠକ

**ଭଦ୍ରକ, ୧୮ ।୯ (ସମିସ):** ଭଦ୍ରକ ପୁରୁଣା ବଜାର ସ୍ଥିତ ମୁଲ୍ଲା ସାହିରେ ବଜମେ ହବିବ କମିଟି ଆନୁକୂଲ୍ୟରେ କମିଟି କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବଜମେ ହବିବ କମିଟିର ସଭାପତି ଅସରଫ ଅଲି ଖାନଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଇମତିୟାଜ଼ ଖାନଙ୍କ ସଂଯୋଜନାରେ ଆରମ୍ଭ ହୋଇ ସର୍ବସମ୍ମତି ଭାବେ ସିଦ୍ଧାନ୍ତ ହେଲା ଯେ ହଜରତ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ବଡ଼ ସରକାର ବାବାଙ୍କ ୧୧ତମ ବାର୍ଷିକ ଉତ୍ସବରେ ଆସନ୍ତା ୨୩ ଓ ୨୪ ତାରିଖ (ମଙ୍ଗଳବାର ଓ ବୁଧବାର)୨ ଦିନ ଧରି ପାଳନ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବାବାଙ୍କ ଭକ୍ତମାନେ ହଜାର ହଜାର ସଂଖ୍ୟାରେ ଯୋଗଦାନ କରିବେ। ୨୩ ତାରିଖ ମଙ୍ଗଳବାର ଅପରାହ୍ନ ୪ଟାରେ ବଜ୍‌ମେ ହବିବ କମିଟି ଆନୁକୂଲ୍ୟରୁ ଖାନକାହାଠାରେ ସାନ ସରକାର ଓ ବଡ ସରକାର ବାବାଙ୍କ ମଜାରରେ ଚାଦର ଚଢ଼ାଇବେ ଓ ସନ୍ଧ୍ୟା ୫ ଘଟିକାଠାରୁ ବାବାଙ୍କ ଭକ୍ତଙ୍କୁ ଜଳଖିଆ ଓ ଚା'ର ବ୍ୟବସ୍ଥା କରାଯିବ। ସେହିପରି ୨୪ ତାରିଖ ବୁଧବାର ସକାଳ ଖାନକାହାରେ ଫାତେହା କାର୍ଯ୍ୟକ୍ରମ ସରିବା ପରେ ଦିନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତଙ୍କୁ ଖାଇବାର (ଲଙ୍ଗର) ବ୍ୟବସ୍ଥା ଖାନକାହା ପରିସର ବାହାରେ ମିର୍ଜା ଏକ୍ରାମଙ୍କ ବାସଭବନ ସାମ୍ନାରେ ରଖାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଭକ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ସୁବ୍ୟବସ୍ଥା ସେବା ଯୋଗାଇ ଦିଆଯିବ। ଭଦ୍ରକ ଏକ ଭାଇଚାରା ସହରରେ ବଡ ସରକାର ବାବାଙ୍କ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହିତ ଭକ୍ତମାନଙ୍କ ସେବା ପ୍ରଦାନ ପାଳନ କରିବାକୁ ସିଦ୍ଧାନ୍ତ ହୋଇଛି। ବୈଠକରେ ବଜମେ ହବିବ କମିଟିର ଉପ ସଭାପତି ମିର୍ଜା ଜାକିର ବେଗ, ଉପଦେଷ୍ଟା ମିର୍ଜା ଏକ୍ରାମ ବେଗ, ସେକ ଆସିଫ, ସେକ ଗୋଲାବ, ସେକ ମୁନ୍ନା, ସେକ ଗୁଲଜାର, ସେକ କୌଶର, ସେକ ଲାଲୋ, ସେକ ହମିଦୁଲ୍ଲା, ସେକ ଅଜିଜୁଲ୍ଲା, ମିର୍ଜା ରାଜୁ, ସେକ ଅବଦୁଲ ମୁସଲିମ ପ୍ରମୁଖ ଉପସ୍ଥିତ ଥିଲେ।

# ମାଳଦା ଗଜଲକ୍ଷ୍ମୀ ପୂଜା ଓ ମହୋତ୍ସବ ପ୍ରସ୍ତୁତି

**ବାରିକପୁର ୧୮ ।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାରରେ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବଣିକ ସଂଘ ସମ୍ପାଦକ ରାଜେନ୍ଦ୍ର କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବେଶ ଧୁମଧାମରେ ପୂଜା ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ଏହାଛଡା ବଣିକ ସଂଘ ଓ ରାଜ୍ୟ ମହୋତ୍ସବ କମିଟି ମିଳିତ ଆନୁକୂଲ୍ୟରେ ବୈତରଣୀ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ପରବର୍ତ୍ତୀ ବୈଠକରେ ମହୋତ୍ସବ ସମ୍ପର୍କରେ ଚୂଡାନ୍ତ ରୂପରେଖ ଆଲୋଚନା ହେବ। ପ୍ରସ୍ତୁତି ବୈଠକରେ ରାଜ୍ୟ ମହୋତ୍ସବ କମିଟି ସଭାପତି ସାମ୍ବାଦିକ ରବି ନାରାୟଣ ଖିଲାର, ୱଜାର କମିଟି ସଭାପତି ଚନ୍ଦ୍ରଶେଖର ମହାନ୍ତି, କମଳାକାନ୍ତ ସାମଲ, ଅଜୟ ବାରିକ, ନିଶିକାନ୍ତ ସୁତାର, ନିରାକାର ବେଉରିଆ, ଅଦ୍ୱୈତ ପରିଡ଼ା, ଦେବାଶିଷ ପଣ୍ଡା, ସୁଦାମ ଦାସ, ଶ୍ୟାମସୁନ୍ଦର ଦାସ, ନିରଞ୍ଜନ ବେଉରିଆ, ଲଳିତ ନାୟକ, ଧିରେନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ଦାସ, ଗୋପାଳ କୁଅଁର, ମ ୁନୀବର ଧଳ, କୁନା ସାହୁ, ଗଣେଶ ସାମଲ, ଚନ୍ଦ୍ର ଶେଖର ଦତ୍ତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବ ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।




# ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଆଲୋଚନାଚକ୍ର




**ଦୋବଲ, ୧୮ ।୯ (ସମିସ):** ଧାମନଗର ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଖଡ଼ିପଦା ପଞ୍ଚାୟତ କାବେଶ୍ୱର ମହାଦେବ ମନ୍ଦିର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଖଡ଼ିପଦା ସ୍ଥିତ ଧୀରେନ୍ଦ୍ର ନାରାୟଣ ଲାଇବ୍ରେରୀ ପରିସରରେ ପରିଷଦ ପକ୍ଷରୁ ପରିବେଶ ସୁରକ୍ଷା ଓ ଆମ ଦାୟିତ୍ୱ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦ ଉପସଭାପତି ହୃଦାନନ୍ଦ କରଙ୍କ ସଂଯୋଜନାରେ ଏବିଇଓ ମନୋଜ ଜେନା, ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ବେଜ, ପୂର୍ବତନ ଏବିଇଓ ଭୋଳାନାଥ ସାହୁ, ଶିକ୍ଷାବିତ କୃତିବାସ ତ୍ରିପାଠୀ, କାନ୍ତ ସାହିତ୍ୟ ପରିଷଦ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଶିକ୍ଷାବିତ୍ ଅଭୀମନ୍ୟୁ ମଲିକ, ପ୍ରିୟରଞ୍ଜନ ସାମଲ, ଦାମୋଦର ନନ୍ଦ, ଅରୂପ ନନ୍ଦ, ପ୍ରଭାତ ତ୍ରିପାଠୀ, ବିଶ୍ୱନାଥ ଦାସ, ବାସୁଦେବ ପରିଡ଼ା, ବିଜୟ ଶଙ୍କର ନାୟକ, ସୁବାସ ନନ୍ଦ, କୁଳମଣି ବେହେରା, ରତ୍ନାକର ପୃଷ୍ଟି, ରାକେଶ ନନ୍ଦ ପ୍ରମୁଖ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ଆମର ଦାୟିତ୍ୱ ଅନେକ। ପ୍ରତ୍ୟେକ ବ୍ୟକ୍ତି ଜୀବନ କାଳ ମଧ୍ୟରେ ଗଛଟିଏ ଲଗାଇବା ସହ ସେହି ଗଛକୁ ବଞ୍ଚାଇ ରଖିବା ଦାୟିତ୍ୱ ରହିଛି ବୋଲି କହିଥିଲେ। ଏହି ଅବସରରେ ସମାଜସେବୀ ଡାକ୍ତର ବିକାଶ ନାରାୟଣ ନନ୍ଦ କୁ ସେବା ପାଇଁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ର ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶାନ୍ତ ସାହୁ, ବିଶ୍ୱଜିତି ପଲାଇ, ସରୋଜ ଖୁଣ୍ଟିଆ, ଭଗବାନ ଦାସ, ଅନିଲ ଘଡ଼େଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଶେଷରେ ପରିଷଦର ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁର୍ନଗଠନ ବାତିଲ ପାଇଁ ମିଶନଶକ୍ତି ମହାସଂଘର ସମାବେଶ

**ଭଣ୍ଡାରିପୋଖରୀ, ୧୮।୯ (ସମିସ)**



ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ବାବା ଶନିଶ୍ଚର ମିଶନଶକ୍ତି ମହାସଂଘ (ବ୍ଲକ ଲେବଲ ଫେଡେରେସନ) ପକ୍ଷରୁ ଗୁରୁବାର ବ୍ଲକସ୍ତରୀୟସମାବେଶ କରାଯାଇ ନ୍ୟାୟାଳୟ ଆଦେଶକୁ ଅବମାନନା କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ବ୍ଲକ ଲେବଲ ଫେଡେରେସନ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଡବ୍ଲୁ.ପି.ସି. ୨୫୩୮୪ନଂ ମାମଲା ମୂଳେ ପ୍ରାପ୍ତ ଆଦେଶକୁ ଦାବିପତ୍ର ସହ ସଂଲଗ୍ନ କରି ଗତ ମଙ୍ଗଳବାର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ମିଶନଶକ୍ତି ସଂଯୋଜକ, ବ୍ଲକ ମିଶନଶକ୍ତି ସଂଯୋଜକ, ବିଡିଓଙ୍କୁ ପ୍ରଦାନ କରି ନ୍ୟାୟାଳୟ ଆଦେଶ କାର୍ଯ୍ୟକାରି କରିବାକୁ ଅନୁରୋଧ କରିଥିଲେ। ମିଶନଶକ୍ତି କାର୍ଯ୍ୟକାରିଣୀ ପରିବର୍ତ୍ତନକୁ ଆଗାମୀ ୧୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ କରିବାକୁ ଅନୁରୋଧ କରିଥିଲେ। ବିଭିନ୍ନସ୍ତରର କାର୍ଯ୍ୟକାରିଣୀ ସଭ୍ୟା ଭାବେ ସ୍କୁଟି ଋଣ ହାସଲ କରିଥିବା ଓ ଏହାର ଋଣ ପୈଠ ସମୟସୀମା ସମାପ୍ତ ହୋଇନାହିଁ। କାର୍ଯ୍ୟକାରିଣୀ ପରିବର୍ତ୍ତନ ଦ୍ୱାରା ଗୋଷ୍ଠୀମାନେ କ୍ଷତିଗ୍ରସ୍ତ ହେବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଉଚ୍ଚ ନ୍ୟାୟାଳୟ ଆଦେଶ ଅନୁଯାୟୀ କାର୍ଯ୍ୟକାରିଣୀ କମିଟି ପୁର୍ନଗଠନ ପ୍ରକ୍ରିୟା ବାତିଲ କରିବାକୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ମିଶନଶକ୍ତି ବି.ପି.ଏମ. ଓ ବି.ଏଲ.ସି. ନ୍ୟାୟାଳୟ ଆଦେଶକୁ ଅବମାନନା କରି ଏମ.ବି.କେ. ଓ ସି.ଆର.ପି.ଙ୍କ ମାଧ୍ୟମରେ ସରକାରୀ ଆଦେଶକୁ ପାଳନ ନକଲେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ କରିବାକୁ ଧମକ ଚମକ ଦେଉଥିବା ଅଭିଯୋଗ କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୨୨ଟି ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଂଘ (ଜିପିଏଲ୍‌ଏଫ୍)କୁ ନେଇ ଗଠିତ ବିଏଲ୍‌ଏଫ୍ ପକ୍ଷରୁ ସମାବେଶ କରାଯାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମଞ୍ଚ, ସଂଘ ଓ ମହାସଂଘ ଇ.ସି.ଙ୍କୁ ପରିବର୍ତ୍ତନ କାର୍ଯ୍ୟକଳାପକୁ ବାତିଲ କରାଯିବାକୁ ଦାବି କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଗ୍ରାମ୍ୟସ୍ତରରେ ୧୦ଟି ସ୍ୱୟଂସହାୟିକା ଗୋଷ୍ଠୀକୁ ନେଇ ମଞ୍ଚ, ସମସ୍ତ ମଞ୍ଚକୁ ନେଇ ପଞ୍ଚାୟତସ୍ତରୀୟ ସଂଘ (ଜିପିଏଲ୍‌ଏଫ୍) ଓ (ଜିପିଏଲ୍‌ଏଫ୍)କୁ ନେଇ ବ୍ଲକସ୍ତରୀୟ ମହାସଂଘ (ବ୍ଲକ ଲେବଲ ଫେଡେରେସନ) ଗଠନ କରାଯାଇଛି। ୧୦ ବର୍ଷ ପୂର୍ବେ ଗଠନ ଇ.ସି. ପରିବର୍ତ୍ତନ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିପାଇଁ ଆଜି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।